# ବୈଦିକ ସାହିତ୍ୟର ଇତିହାସ

ପଣ୍ଡିତ ଶ୍ରୀ ପ୍ରମୋଦ କୁମାର ମିଶ୍ର

# ବୈଦିକ ସାହିତ୍ୟର ଇତିହାସ

**B. A., B. A. (Hons) M. A.** ଓ

ସଂସ୍କୃତ ସାହିତ୍ୟରେ Ph. D. କରୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁ


ରଚନା

ଆର୍ଯ୍ୟକଣ୍ଠ ପଣ୍ଡିତ **ପ୍ରମୋଦ କୁମାର ମିଶ୍ର**

ସଦସ୍ୟ, ଦିଲ୍ଲୀ ସଂସ୍କୃତ ଗବେଷଣା ସଂସ୍ଥାନ

ବୈଦିକ ସାହିତ୍ୟର ଇତିହାସ—ଲେଖକ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର, ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, ୭୫୩୦୦୨ ପ୍ରଥମ ସଂସ୍କରଣ—୧୯୮୩, ମୁଦ୍ରଣ : ଗାୟତ୍ରୀ ପ୍ରିଣ୍ଟିଂ ପ୍ରେସ୍, ରାଜାବଗିଚା ଲେବର କଲୋନୀ କଟକ-୯

VAIDIK SAIHTYAR ITIHAS (History of Vedic Literature) Author : Aryakabi Pandit [Pramod Kumar Mishra, Publisher : Sahabev Pradhan, Friends' Publishers, Binod-behari, Cuttack-753002, Orissa (India), First Edition : 1983, Printers, Gayatri Printing Press, Rajabagicha Labour Colony, Cuttack. **Price : Rs. 20**

# କାହାକୁ ଉତ୍ସର୍ଗ କରନ୍ତି

ମୋ ଜୀବନକୁ ଦୁଃଖଦଗ୍ଧ ମରୁଭୂମିରୁ ଟାଣିଆଣି ବାଣୀ ଉପାସନାପାଇଁ ତୁମେ ସଜାଇଛ । ଅନ୍ୟ ଯାହାକୁ ବିଶ୍ୱାସ କରିଛି ସେ ମୋତେ ସଜାଇ ଦେଇଛି ଯନ୍ତ୍ରଣା, ଅବିଶ୍ୱାସ, ଭକ୍ତତାର ଫାଶୀକାଠରେ । ତୁମେ ଦେହ ଯନ୍ତ୍ରଣାର ରକ୍ତସ୍ରାବକୁ ପୋଛିଦେଇଛ ସାନ୍ତ୍ୱନା ଫୁଲଚନ୍ଦନର ପ୍ରଲେପରେ । ତୁମକୁ ମୁଁ କାହିଁ କିଛି ଦେଇନି, କି ଥରୁଟିଏ ଜୀବନ ମରୁର ଇତିହାସ ତୁମ ପାଖରେ ବସି ପାଠ କରିନି । ସେହି ସହନଶୀଳା ଅଧ୍ୟାପିକା ଡକ୍ଟର ପ୍ରଶାନ୍ତ ନନ୍ଦ ମୋ ଜୀବନର ଶୁଭସ୍ତମ୍ଭ । ତୁମକୁ 'ବୈଦିକ ସାହିତ୍ୟର ଇତିହାସ' ପୁସ୍ତକ ଉତ୍ସର୍ଗ କଲି ।

|| ଲେଖକ ||

ଫୋନ—୫୨୦୦୨
ଡକ୍ଟର ହରେକୃଷ୍ଣ ମହତାବ୍
ଏକାମ୍ର ନିବାସ
ଭୁବନେଶ୍ୱର-୭୫୧୦୦୨
୧-୪-୮୪

# ବୈଦିକ ସାହିତ୍ୟର ଇତିହାସ

ବୈଦିକ ସାହିତ୍ୟ ପୃଥିବୀରେ କେବଳ ପ୍ରାଚୀନତମ ସାହିତ୍ୟ ନୁହେଁ, ଏହାର ବ୍ୟାପ୍ତି ମଧ୍ୟ ଅଦ୍ୱିତୀୟ । ଯେତେ ପଣ୍ଡିତ ଓ ଆଚାର୍ଯ୍ୟ ଏହାର ଅଧ୍ୟୟନ କରି ବିସ୍ତାରିତ ଗ୍ରନ୍ଥ ଲେଖିଛନ୍ତି ତାହା ଶାସ୍ତ୍ର ସାଗର ମଧ୍ୟରେ କେତେ ବିନ୍ଦୁ ମାତ୍ର......ତେଣୁ ବୈଦିକ ସାହିତ୍ୟର ଇତିହାସ ସମ୍ବନ୍ଧରେ ମୋଟାମୋଟି ଧାରଣା ଦେବା ପାଇଁ ଯେଉଁ ପୁସ୍ତକ ପ୍ରକାଶିତ ହେବାକୁ ଯାଉଛି, ତାହା ଅଭିନନ୍ଦନୀୟ । ଆଜିର ଶିକ୍ଷିତ ଯୁବକମାନେ ବୈଦିକ ସାହିତ୍ୟ ସମ୍ବନ୍ଧରେ ଏଥିରୁ କିଛି ଧାରଣା ପୋଷଣ କରିପାରିବେ । ବେଦମାନଙ୍କ ମଧ୍ୟରୁ ଅଥର୍ବ ବେଦର ଛନ୍ଦାଂଶମାନ ଆଜିକାଲି ବୈଷୟିକ ଏବଂ ରାଜନୈତିକ ବ୍ୟାପାରରେ ମଧ୍ୟ ପ୍ରଯୁକ୍ତ । କୌଣସି କାରଣରୁ ଏ ବେଦ ପରିତ୍ୟକ୍ତ ହୋଇଛି । ଏହାର କାରଣ ବୋଧହୁଏ ଏହା ଆଧ୍ୟାତ୍ମିକ ଦର୍ଶନ ସ୍ତରରେ ଅନ୍ୟ ବେଦମାନଙ୍କ ତୁଳନାରେ ଗୌଣ । କିନ୍ତୁ ଏକ ସମୟରେ ଅଥର୍ବ ବେଦ ବହୁଳ ପ୍ରଚଳିତ ଥିଲା । ବ୍ରାହ୍ମଣ ଧର୍ମର ପୁନରୁତ୍ଥାନ ଯୁଗରେ ଏହାର ପ୍ରଚାର ହ୍ରାସ ପାଇଲା । ଏପରିକି ବହୁ ଅଥର୍ବ ବେଦୀମାନେ ନିଜକୁ ଯଜୁର୍ବେଦୀ ବୋଲି ପ୍ରମାଣ କରିବାକୁ ଲାଗିଲେ । ଅଥର୍ବ ବେଦର ପୈପ୍ପଳାଦ ସୂକ୍ତ ଆଜି ପ୍ରଧାନ ଗବେଷଣାର ବିଷୟବସ୍ତୁ ହୋଇଛି । ଓଡ଼ିଶାମଠରେ ଅନେକ ଅଥର୍ବ ବେଦରୁ ଛନ୍ଦାଂଶମାନ ଉଦ୍ଧାର କରାହୋଇଛି । ସେ ଯାହା ହେଉ ପୁସ୍ତକର ସମସ୍ତ ବେଦ ସମ୍ବନ୍ଧରେ ସାଧାରଣ ଧାରଣା ଜନ୍ମାଇବା ପାଇଁ ଲେଖକ ଉଦ୍ୟମ କରିଛନ୍ତି । ଲେଖକଙ୍କ ପାଣ୍ଡିତ୍ୟ ଅସାମାନ୍ୟ । ବାସ୍ତବିକ୍ ଏକ ପାଣ୍ଡିତ୍ୟପୂର୍ଣ୍ଣ ପୁସ୍ତକ ସମ୍ବନ୍ଧରେ ଦୀର୍ଘ ଭୂମିକା ଲେଖିବାପାଇଁ ଯେଉଁ ଯୋଗ୍ୟତା ଆବଶ୍ୟକ ତାହା ନାହିଁ; କେବଳ ଜଣେ ଅନୁସନ୍ଧିତ୍ସୁ ହିସାବରେ ଏହି କ୍ଷୁଦ୍ର ଭୂମିକା ଲେଖି ଆଶା କରେ ଏହା ଆଜିର ଇଂରେଜୀ ଶିକ୍ଷିତ ଯୁବକମାନଙ୍କୁ ଆକର୍ଷଣ କରିବ ଏବଂ ଏହାଦ୍ୱାରା ସେମାନେ ପ୍ରାଚୀନ ପରମ୍ପରା ସମ୍ବନ୍ଧରେ ଅବହିତ ହୋଇ ବର୍ତ୍ତମାନ ଓ ଭବିଷ୍ୟତର ଚିନ୍ତା କରିବାକୁ ସମର୍ଥ ହେବେ ।

ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

ତା ୬ । ୭ । ୮୯

ଆର୍ଷିକଵି ପଣ୍ଡିତ ପ୍ରମୋଦ କୁମାର ମିଶ୍ରଙ୍କର "ବୈଦିକ ସାହିତ୍ୟର ଇତିହାସ" ପୁସ୍ତକ ପାଠକରି ପ୍ରୀତହେଲି । ବେଦପରି ପ୍ରାଚୀନ ଗ୍ରନ୍ଥର ବୟସ ଓ ତାର ଇତିହାସ ରଚନା କରିବା କେତେ ଯେ କଷ୍ଟ ତାହା ଅନୁଭବୀ ଛଡ଼ା ଅନ୍ୟକେହି ବ୍ୟକ୍ତ କରିବା ଅସମ୍ଭବ । ବୈଦେଶିକ ସଂସ୍କୃତପଣ୍ଡିତ **Maxmuller,** ଅଧ୍ୟାପକ **Jacobi, Bloomfield Keith, Materlink, A. Macdonell, Adolf Kaeya,** ଅଧ୍ୟାପକ **N. B. Pavgee, Wheeler Willoy** ଇତ୍ୟାଦି ବିଦ୍ୱାନ ବୈଦିକ ସାହିତ୍ୟ ଓ ଏହାର ରଚନା ସମୟ ଉପରେ ଯେଉଁ ଆନୁମାନିକ ମତ ଦେଇଛନ୍ତି ପଣ୍ଡିତ ମିଶ୍ର ସେମାନଙ୍କୁ ଅନୁସରଣ ନକରି ବଳିଷ୍ଠ ଯୁକ୍ତିରେ ଯାହା ଅସ୍ୱୀକାର କରିଛନ୍ତି । ତାହା ପ୍ରୋକ୍ତ ପୁସ୍ତକର ଚିତ୍ତାକର୍ଷକ ବିଷୟ-ବସ୍ତୁ । ସୁନ୍ଦରଭାବରେ ସେ ପ୍ରମାଣ କରିଦେଇଛନ୍ତି ଯେ ବେଦ ବିଶ୍ୱର ସର୍ବପ୍ରଥମ ପୁସ୍ତକ ଓ ଆଧୁନିକ ବିଜ୍ଞାନ ଠାରୁ ବହୁ ଉନ୍ନତ ସମୃଦ୍ଧିଶାଳୀ ବିଜ୍ଞାନସ୍ରୋତ ଅନାଦି କାଳରୁ ବେଦଜ୍ଞାନରୁ ନିସୃତ ହୋଇଛି । "ଆର୍ଯ୍ୟ" ଶବ୍ଦଟି ଉପରେ ସେ ଯେଉଁ ମତ ବ୍ୟକ୍ତ କରିଛନ୍ତି ତାହା କେହି ଅସ୍ୱୀକାର କରି ନ ପାରେ । ପଣ୍ଡିତଜୀଙ୍କର ସଂସ୍କୃତ ସାହିତ୍ୟ ଇତିହାସକୁ ମୁଁ ପାଠ କରିଥିଲେ ମଧ୍ୟ ବୈଦିକ ସାହିତ୍ୟ ଉପରେ ଯେଉଁ ଐତିହାସିକ ତଥ୍ୟ ପରିବେଷଣ କରିଛନ୍ତି ସେଥିପାଇଁ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ବୈଦିକ ସାହିତ୍ୟର ଇତିହାସ ଓଡ଼ିଆ ଭାଷାରେ ଅଦ୍ୟାବଧି କୌଣସି ଅଧ୍ୟାପକ ରଚନା କରି ନାହାନ୍ତି । ହିନ୍ଦିସାହିତ୍ୟରେ ପଣ୍ଡିତ ବଳଦେବ ଉପାଧ୍ୟାୟଙ୍କର 'ବୈଦିକ ସାହିତ୍ୟର ରୂପରେଖ' ଅନୁଧ୍ୟାନଯୋଗ୍ୟ । ଓଡ଼ିଆ ଭାଷାରେ ଏହି ଗବେଷଣାତ୍ମକ ପୁସ୍ତକ ନ ଥିବାରୁ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏଥିପାଇଁ ପଣ୍ଡିତ ମିଶ୍ରଙ୍କ ଉଦ୍ୟମ ପ୍ରଶଂସାଯୋଗ୍ୟ । ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସଂସ୍କୃତ **B. A.** ଅନର୍ସ, **M. A.** ଓ ସଂସ୍କୃତ ସାହିତ୍ୟରେ **Ph.D.** କରୁଥିବା ଗବେଷକମାନେ ପ୍ରୋକ୍ତ ପୁସ୍ତକଟି ପଢ଼ି ବହୁ ତଥ୍ୟମୂଳକ ଘଟଣା ସହିତ ପରିଚିତ

ହୋଇପାରିବେ । ଯେହେତୁ ଏହା ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀଙ୍କ ପାଠ୍ୟପୁସ୍ତକ ଅନ୍ତର୍ଭୁକ୍ତ ବିଷୟବସ୍ତୁ, ମୁଁ ବୈଦିକ ସାହିତ୍ୟର ଇତିହାସ ପୁସ୍ତକ ଓଡ଼ିଆ ଭାଷାରେ ରଚନା କରିବାକୁ ପ୍ରଥମେ ଚିନ୍ତା କରିଥିଲି । ସୁବିଧା ଓ ସମୟ ଅଭାବରୁ ତାହା ମୋ ଦ୍ୱାରା ସମ୍ଭବ ହୋଇପାରି ନ ଥିଲା । ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଅଳ୍ପ ବୟସରେ ଯେଉଁ ଗବେଷଣାତ୍ମକ "ବୈଦିକ ସାହିତ୍ୟର ଇତିହାସ" ପୁସ୍ତକ ବହୁ ପରିଶ୍ରମ କରି ରଚନା କଲେ ସେଥିପାଇଁ ମୁଁ ତାଙ୍କର ଦୀର୍ଘଜୀବନ କାମନା କରୁଛି ଜଗତପତି ଜଗନ୍ନାଥଙ୍କ ପାଦପଦ୍ମରେ । ସଂସ୍କୃତ ଅଧାପକ ଓ ବିଦ୍ୟାର୍ଥୀମାନେ ଏହାର ସ୍ୱାଦ ଅନୁଭବ କରନ୍ତୁ, ଏତିକି ମୋର ପ୍ରାର୍ଥନା ।


ଡକ୍ଟର ପ୍ରହ୍ଲାଦ ପ୍ରଧାନ
କୁଳପତି
ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ
ପୁରୀ

ଆର୍ଯ୍ୟକବି ପଣ୍ଡିତ ପ୍ରମୋଦକୁମାର ମିଶ୍ରଙ୍କର ହିନ୍ଦି ଅନୁବାଦ ବୈଦିକ ସାହିତ୍ୟର ଇତିହାସ ପାଠକରି ଆନନ୍ଦିତ ହେଲି । ପଣ୍ଡିତ ମିଶ୍ରଙ୍କର ମୂଳ ଓଡ଼ିଆ ଲିପିରୁ ପଞ୍ଜାବର ବରିଷ୍ଠ ସଂସ୍କୃତବିତ୍ ଓ ଡକ୍ଟର ହରିଦତ୍ତ ଶାସ୍ତ୍ରୀଙ୍କ କୃତଶିଷ୍ୟ ଅଧ୍ୟାପକ ତ୍ରିବିକ୍ରମ ଶାସ୍ତ୍ରୀ ଏହାର ହିନ୍ଦି ଅନୁବାଦକରି ବେଦବିଦ୍ୱାନ ପଣ୍ଡିତ ମିଶ୍ରଙ୍କର ପ୍ରତିଭାକୁ ସର୍ବଭାରତୀୟ କ୍ଷେତ୍ରରେ ବିକାଶମୁଖୀ କରାଇଥିବାରୁ ସେ ଅଭିନନ୍ଦନୀୟ । ଏଥିପୂର୍ବରୁ ପଣ୍ଡିତ ମିଶ୍ରଙ୍କର ବାଜଗୀତ, ବସନ୍ତଦୂତମ୍, ଉତ୍କଳ-ଦେଶୋଦୟଃ ଇତ୍ୟାଦି ବିଶିଷ୍ଟ ସଂସ୍କୃତ ଗ୍ରନ୍ଥ ମୁଁ ପାଠକରିଛି । ଏହା ନିଃସନ୍ଦେହ ଭାବରେ କୁହାଯାଇପାରେ ଯେ ବୈଦିକ ସାହିତ୍ୟର ଇତିହାସ ପୁସ୍ତକ ଏକ ବହୁମୁଖୀ ଗବେଷଣାର ଆଧାର, ଯାହାକି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ, ଗବେଷକ ଓ ଅଧ୍ୟାପକମାନଙ୍କର ମାନସିକ ଖାଦ୍ୟ ହୋଇପାରିବ । ପରିଶେଷରେ ପଣ୍ଡିତ ମିଶ୍ରଙ୍କର ଦୀର୍ଘଜୀବନ କାମନା କରୁଛି ତାଙ୍କ କବିପ୍ରତିଭାର ଜଣେ ଗ୍ରାହକ ରୂପେ ।

ବିଦୁଷାମ୍ ଅନୁଚରଃ

**ଡକ୍ଟର ହଂସରାଜ ଅଗ୍ରୱାଲ**

ପୂର୍ବତନ ମୁଖ୍ୟ ସଂସ୍କୃତ ଅଧ୍ୟାପକ

ପଞ୍ଜାବ ବିଶ୍ୱବିଦ୍ୟାଳୟ

(ହିନ୍ଦିପତ୍ରର ଅନୁବାଦ)

ବିରଳାଭବନ

ବମ୍ବେ

ମୁଁ ପଣ୍ଡିତ ପ୍ରମୋଦ କୁମାର ମିଶ୍ରଙ୍କ ବୈଦିକ ସାହିତ୍ୟର ଇତିହାସ ହିନ୍ଦି ପୁସ୍ତକ ସ୍ୱାଧ୍ୟାୟକରି ପ୍ରୀତହେଲି । ପଣ୍ଡିତ ମିଶ୍ର ବୈଦିକ ସାହିତ୍ୟର ଇତିହାସ ରଚନାକରି ଯେଉଁ ପ୍ରଶଂସା ସର୍ବଭାରତୀୟ କ୍ଷେତ୍ରରେ ଅର୍ଜନ କରିଛନ୍ତି ତାହା ଓଡ଼ିଶା ପକ୍ଷରେ ଏକ ଗୌରବର ବିଷୟବସ୍ତୁ । ଏପରି ବୃହତ ତଥ୍ୟସମ୍ବଳିତ ପୁସ୍ତକର ଅଭାବ ଥିଲା । ଏହା ପ୍ରକାଶ ପାଇବାପରେ ବିଶ୍ୱବିଦ୍ୟାଳୟର **B.A., M. A.** ଓ ସଂସ୍କୃତରେ **Fh.D.** କରୁଥିବା ବିଦ୍ୟାର୍ଥୀମାନଙ୍କୁ ବହୁ ମାନସିକ ଖାଦ୍ୟଯୋଗାଉଛି । ବେଦ ବେଦାନ୍ତର ସଂକ୍ଷିପ୍ତ ପରିଚୟ ପ୍ରୋକ୍ତ ପୁସ୍ତକର ବିଷୟ-ବସ୍ତୁ । ପଣ୍ଡିତ ମିଶ୍ର ଦିଲ୍ଲୀ ସଂସ୍କୃତ ଗବେଷଣା ସଂସ୍ଥାନ ଓ ଆନ୍ତର୍ଜାତିକ ଜର୍ମାନ ସଂସ୍କୃତ ଆନ୍ଦୋଳନର ପ୍ରତିନିଧି ଥିବାରୁ ମୁଁ ତାଙ୍କର ବୈଦିକ ସାହିତ୍ୟ ଉପରେ ଯେଉଁ ଦକ୍ଷତା ତାହା ଜାଣିଛି ଓ ଏଭଳି ପ୍ରତିଭାର ଉତ୍ତରୋତ୍ତର ବିକାଶପାଇଁ ଆଶୀର୍ବାଦ କରୁଛି । ଏହି ପୁସ୍ତକ ଓଡ଼ିଆ ଭାଷାର ପ୍ରକାଶ ହେବାର ଜାଣି ମୋର ଆନ୍ତରିକ ପ୍ରାର୍ଥନା ବିଶ୍ୱବିଦ୍ୟାଳୟରେ ସ୍ୱାଧ୍ୟାୟ କରୁଥିବା ସଂସ୍କୃତ ବିଦ୍ୟାର୍ଥୀମାନଙ୍କୁ ସେମାନେ ଏହି ପୁସ୍ତକକୁ ଗବେଷଣା ଦୃଷ୍ଟିରୁ ବିଚାରକରି ଉପରସ୍ଥକଲେ କୃତିତ୍ୱ ଅର୍ଜନକରି ପାରିବେ । ଶେଷରେ ପଣ୍ଡିତ ମିଶ୍ରଙ୍କର "ବେଦର ବାସ୍ତବ ରୂପରେଖା" ପୁସ୍ତକର ଶୁଭପ୍ରକାଶକୁ ଅପେକ୍ଷାକରି ରହିଲି ।

ଶୁଭଚିନ୍ତକ

**ପଣ୍ଡିତ ସାତବେଲ କର**

ଆନ୍ତର୍ଜାତିକ ସଂସ୍କୃତ ପ୍ରତିଷ୍ଠାନ

ବମ୍ବେ

(ହିନ୍ଦିପତ୍ରର ଅନୁବାଦ)

OM

15-3-83

# FOREWORD

I extend a heartly welcome to Aryakabi Pandit Pramod kumar Mishra Member of German Sanskrit Rescarch Society and Rescarch Member of All india oriental Sanskrit study for Book on History of Vedic Literture which is the Result of Life-long work on the Subject by this most devoted vedic scholar.

My language is only a more convyance of admiration for the work and my congratulation to you us its author.

Dr. K. V. Molodene
German sanskrit study
and veda congress
German.

# କାହିଁକି ଲେଖିଲି

ବେଦପର ଗ୍ରନ୍ଥର କୌଣସି ଆଲୋଚନାମୂଳକ ପୁସ୍ତକ ଓଡ଼ିଆ ଭାଷାରେ ନଥିବା ବଡ଼ ଦୁଃଖର ବିଷୟ । ଯେଉଁ କେତେକେ ସଂସ୍କୃତ ଜାଣନ୍ତି ସେମାନେ ସମସ୍ତେ ପ୍ରାୟ ପୌରାଣିକ, ବିଦ୍ୱାନ । ସେମାନେ ପାଶ୍ଚାତ୍ୟ ପଣ୍ଡିତମାନଙ୍କର ମତକୁ ସ୍ୱୀକାର କରି ବେଦର ବୟସ ସାବ୍ୟସ୍ତ କରିଆନ୍ତି, କିନ୍ତୁ ପାଶ୍ଚାତ୍ୟ ପଣ୍ଡିତ-ମାନଙ୍କର କେତେକ ଭ୍ରମାତ୍ମକ ମତକୁ ସ୍ୱୀକାରକରି ବେଦମନ୍ତ୍ରରେ ମାଂସ ଭକ୍ଷଣ, ପଶୁବଳୀ ଇତ୍ୟାଦି ବହୁ ପାଟେର୍ଣ୍ଣି ମତ ରହିଛି ବୋଲି ଯେଉଁମାନେ ସ୍ୱୀକାର କରନ୍ତି ସେହିମାନଙ୍କ ପାଇଁ ଏହି ପୁସ୍ତକଟି ମୁଁ ଲେଖିଲି । ବେଦ ସତ୍ୟବିଦ୍ୟାର ପୁସ୍ତକ ଅଟେ । କୌଣସି ଅବାଂଛିତ ଘଟଣା ବେଦରେ ନାହିଁ । ଯେଉଁମାନେ ବେଦ ସ୍ୱାଧ୍ୟାୟ ପାଇଁ ଇଂରାଜୀଗ୍ରନ୍ଥର ସହାୟତା ନେଇଆନ୍ତି ସେମାନେ ବେଦର ଅର୍ଥକୁ ବୁଝିପାରନ୍ତି ନାହିଁ । ବେଦର ଅର୍ଥ ବୁଝିବାକୁ ହେଲେ ଭଗବତ୍‌କୃପା ସହିତ ବୈଦିକ ଶବ୍ଦ ବ୍ୟୁତ୍ପତ୍ତି, ନିରୁକ୍ତ, ନିର୍ଘଣ୍ଟ, ବ୍ରାହ୍ମଣ ଓ ପବିତ୍ର ଉପନିଷଦର ରହସ୍ୟ ଜାଣିବା ଏକାନ୍ତ ଆବଶ୍ୟକ । ବୈଦିକ ଭାଷା, ବୈଦିକ ଧାତୁ ଓ ତାହାର ପ୍ରୟୋଗ ନ ଜାଣିଲେ ବେଦମନ୍ତ୍ର ବୁଝିହୁଏ ନାହିଁ । ବୈଦିକ ସାହିତ୍ୟର ଇତିହାସ ବିଶ୍ୱବିଦ୍ୟାଳୟରେ ସ୍ୱାଧ୍ୟାୟ କରୁଥିବା ସଂସ୍କୃତ B. A. ଓ M. A ଛାତ୍ରଛାତ୍ରୀଙ୍କର ପାଠ୍ୟ । ଅଦ୍ୟାବଧି ଓଡ଼ିଆଭାଷାରେ ଏସମ୍ପର୍କରେ କୌଣସି ପୁସ୍ତକ ନାହିଁ । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ତୀବ୍ର ଅସୁବିଧା ଦୂର କରିବାପାଇଁ ମୁଁ ବହୁ ବିଦ୍ୱାନମାନଙ୍କର ମତକୁ ପ୍ରୋକ୍ତ ପୁସ୍ତକରେ ଉଦ୍ଧାର କରି ଏହାର ପୂର୍ଣ୍ଣାହୁତି କରିଛି । ସଂସ୍କୃତ B. A. ଓ M. A. ବିଦ୍ୟାର୍ଥୀଙ୍କ ବ୍ୟତୀତ ଏହି ପୁସ୍ତକଟି ସଂସ୍କୃତରେ Ph.D. କରୁଥିବା ପଣ୍ଡିତମାନଙ୍କୁ ଅବଶ୍ୟ ଆହାର ଯୋଗାଇବ । ମୁଁ ଏସମ୍ପର୍କରେ ସଂସ୍କୃତ ସାହିତ୍ୟର ଇତିହାସରେ କିଛି ଲେଖିଥିଲି । ତାହା ଯଥେଷ୍ଟ ନୁହେଁ ବୋଲି ଭାବି ଏହି ପୁସ୍ତକ ରଚନା କରିବାପାଇଁ ମୋର ଉତ୍ସାହ ଜନ୍ମିଲା । ବେଦର ବାସ୍ତବ ରୂପରେଖ ଦେବାପାଇଁ ମୁଁ ଚେଷ୍ଟା କରିଛି । ଯଦି କେଉଁଠାରେ ଲିପିପ୍ରମାଦ ବା ତ୍ରୁଟି ଅଛି ବୋଲି ପଣ୍ଡିତମାନେ ମୋତେ ସଚେତନ କରି କ୍ଷମା ଦିଅନ୍ତି, ମୁଁ ଦ୍ୱିତୀୟ ସଂସ୍କରଣକୁ ତାହା ସୁଧାରିବାପାଇଁ ଚେଷ୍ଟା କରିବି । ଏହି ପୁସ୍ତକଟି ଲେଖିବାପାଇଁ ପୂଜ୍ୟପାଦ ପ୍ରକାଣ୍ଡ ବେଦବିଦ୍ୱାନ ଡକ୍ଟର ହରିଦତ୍ତ ଶାସ୍ତ୍ରୀ, ପଣ୍ଡିତ ଧର୍ମଦେବ ବିଦ୍ୟାମାର୍ତ୍ତଣ୍ଡ, ପଞ୍ଜାବ ବିଶ୍ୱବିଦ୍ୟାଳୟର ସଂସ୍କୃତ ମୁଖ୍ୟ

ଅଧ୍ୟାପକ ହଂସରାଜ ଅଗ୍ରୱାଲ୍ ଓ ପଣ୍ଡିତ ବଳଦେବ ଉପାଧ୍ୟାୟଙ୍କର ସାହାଯ୍ୟ ଓ ସଦୁପଦେଶ ପାଇଁ ମୁଁ କୃତଜ୍ଞତା ଜ୍ଞାପନ କରୁଛି । ଏତଦ୍ବ୍ୟତୀତ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡକ୍ଟର ପ୍ରତାପଚନ୍ଦ୍ର ଚନ୍ଦ୍ର ଏହାର ହିନ୍ଦୀ ଅନୁବାଦ ପାଇଁ ମୋତେ ଉତ୍ସାହ ଦେଇଥିବାରୁ ଓ ପଣ୍ଡିତ ସଙ୍କର୍ଷଣ ମିଶ୍ର ଓ ମୟୂରଭଞ୍ଜ କୃଷ୍ଣଚନ୍ଦ୍ର ହାଇସ୍କୁଲର ସଂସ୍କୃତ ବିଦ୍ୱାନ ପଣ୍ଡିତ ଶଶାଙ୍କଶେଖର ଆଚାର୍ଯ୍ୟ, ଗପସାଇଜ ସମ୍ପାଦକ, ଚିତ୍ତରଞ୍ଜନ କରଙ୍କ ସଦିଚ୍ଛା ଯୋଗୁ ଏହା ଓଡ଼ିଆ ଭାଷାରେ ସମ୍ଭବ ହୋଇଥିବାରୁ ମୁଁ ସେମାନଙ୍କ ନିକଟରେ ଚିରଋଣୀ ।

ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ସଂସ୍କୃତରେ Ph. D. କରୁଥିବା ସଂସ୍କୃତ ବିଦ୍ୟାର୍ଥୀମାନେ ପ୍ରୋକ୍ତ ପୁସ୍ତକଟିକୁ ଥରୁଟିଏ ପାଠକଲେ ମୋ ପରିଶ୍ରମ ସାର୍ଥକ ହେବ । ଶେଷରେ ପ୍ରଭୁଙ୍କ ପାଦରେ ପୁସ୍ତକଟିକୁ ସମର୍ପଣକରି ରହିଲି ।

ବିଦୂଷାମ୍ ଅନୁଚରଃ

ପଣ୍ଡିତ ପ୍ରମୋଦ କୁମାର ମିଶ୍ର



# ବିଷୟ ସୂଚୀ


(୧) ବେଦର ମହତ୍ତ୍ୱ ପ୍ରତିପାଦନ

(୨) ୟୁରୋପରେ ସଂସ୍କୃତ ଅଧ୍ୟୟନ ଇତିହାସ, ସଂସ୍କୃତଭାଷା ସବୁଭାଷାର ଜନନୀ, ସଂସ୍କୃତ କଥିତ ଭାଷା ଥିଲା କି ? ବୈଦିକ ସାହିତ୍ୟରେ ଇତିହାସର ପ୍ରଭାବ ଓ ଶିଳାଲେଖ ଅନ୍ୱେଷଣ ।

(୩) ବେଦ ସକଳ ବିଦ୍ୟାର ଆଦିସ୍ରୋତ (ବିମାନ, ଜାହାଜ, ଚିକିତ୍ସା, ଭୂଗର୍ଭବିଦ୍ୟା, ରସାୟନ ଶାସ୍ତ୍ର, ବେତାରଯନ୍ତ୍ର, ଭୌତିକବିଜ୍ଞାନ ଓ ପ୍ରାଣୀବିଜ୍ଞାନର ବର୍ଣ୍ଣନା ।

(୪) ବେଦର ବିଭାଗୀକରଣ, ବେଦର ବିଭେଦ, ବେଦମନ୍ତ୍ରରେ ପ୍ରକ୍ଷେପ ଅଛି କି ?

(୫) ବେଦରେ ମାଂସଭକ୍ଷଣ ନିଷେଧ, ବେଦରେ ହିଂସା ଅର୍ଥ ଯେ ସମ୍ପ୍ରଦାୟ ବାଳକ ବୁଝନ୍ତି ।

(୬) ଋକ୍, ସାମ, ଯଜୁର୍ବେଦ (ଶତପଥ ବ୍ରାହ୍ମଣଗ୍ରନ୍ଥରେ ବଶିଷ୍ଠାଦି ଶବ୍ଦ) ଓ ଅଥର୍ବ ବେଦର ସଂକ୍ଷିପ୍ତ ପରିଚୟ ।

(୭) ବେଦର ଭାଷ୍ୟକାର ବେଦରେ ହ୍ରାସଂରହ, ଦୁହିବଟ ଅନ୍ନ ଓ ବେଦର ବୟସ-ନିରୂପଣ, ବେଦରେ ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ରସାୟନ ଶାସ୍ତ୍ର, ଯଜ୍ଞୋପବୀତ, ଶିଖା ଓ ବିଜ୍ଞାନର ସୂଚନା

(୮) ବେଦର ସମସ୍ତ ନିରୂପଣ ଓ ବିଭିନ୍ନ ବିଦ୍ୱାନ୍‌ମାନଙ୍କର ପରସ୍ପର ମତବାଦ ।

(୯) ଋକ୍‌ବେଦର ଦଶମ ମଣ୍ଡଳ ପ୍ରକ୍ଷେପ କି ? ବାଳଖିଲ୍ୟ ସୂକ୍ତ ପ୍ରକ୍ଷେପ କି ? ଓ ବୈଦିକ୍ ଏଜ୍ (Vedic Age) ଲେଖକଙ୍କ ଭ୍ରମ ।

(୧୦) ବେଦାଙ୍ଗ ସାହିତ୍ୟ, ଗୋମେଧ, ଅଶ୍ୱମେଧ, ନରମେଧ, ଶ୍ରାଦ୍ଧତର୍ପଣର ମୀମାଂସା

(୧୧) ବେଦରେ ଗୋମେଧ ନିଷେଧ, Maxmuller ଙ୍କ ଭ୍ରମ ଓ ବେଦରେ ବହୁବିବାହର ସୂଚନା ନାହିଁ ।

(୧୨) ବେଦର ଚତୁର୍ମୁଖ ବିଭାଜନ, ଆରଣ୍ୟକ ସଂହିତା ।

(୧୩) ବେଦ ଏକେଶ୍ୱରବାଦ ଉପରେ ଆଧାରିତ, ବେଦ ଅଦ୍ୱୈତବାଦର ପ୍ରତିପାଦକ କି ? ଓ ନାସଦୀୟ ସୂକ୍ତ

(୧୪) ପୁନର୍ଜନ୍ମ ସିଦ୍ଧାନ୍ତ ବେଦରେ ଅଛି କି ?

(୧୫) ଉପନିଷଦ୍ ରଚନାକାଳ ନିରୂପଣ ।

(୧୬) ଦର୍ଶନ ଶାସ୍ତ୍ରର ରଚନା କାଳ ନିରୂପଣ ।

(ସାଂଖ୍ୟ, ନ୍ୟାୟ, ବୈଶେଷିକ, ବେଦାନ୍ତ, ମୀମାଂସା, ଯୋଗଦର୍ଶନ)

(୧୭) ଅନ୍ୟ ଦର୍ଶନଗୁଡ଼ିକ ବୈଦିକ ଯୁଗର ପରବର୍ତ୍ତୀକାଳୀନ ।

(୧୮) ଦର୍ଶନ ଉପନିଷଦ୍‌ରେ ବେଦ ବିରୁଦ୍ଧ ମତବାଦ ଅଛି କି ?

(୧୯) ବେଦ ସମ୍ବନ୍ଧରେ ମହର୍ଷି ଦୟାନନ୍ଦସରସ୍ୱତୀଙ୍କ ଦୃଷ୍ଟିକୋଣ ।

# ସହାୟକ ଗ୍ରନ୍ଥ

| ଗ୍ରନ୍ଥ ସୂଚୀ | ଲେଖକଙ୍କ ନାମ |
|---|---|
| ୧—ସଂସ୍କୃତ ସାହିତ୍ୟର ଇତିହାସ...... | ପଣ୍ଡିତ ବଳଦେବ ଉପାଧ୍ୟାୟ (ହିନ୍ଦି) |
| ୨—ସଂସ୍କୃତ ସାହିତ୍ୟର ଇତିହାସ...... | ପଣ୍ଡିତ ହଂସରାଜ ଅଗ୍ରୱାଲ (ହିନ୍ଦି) |
| ୩—ବେଦୋଁକା ଯଥାର୍ଥ ସ୍ୱରୂପ...... | ପଣ୍ଡିତ ଧର୍ମଦେବ ବିଦ୍ୟାମାର୍ତ୍ତଣ୍ଡ |
| ୪—ବୈଦିକ ସାହିତ୍ୟ...... | ଡକ୍ଟର ରାମଗୋବିନ୍ଦ ତ୍ରିବେଦୀ |
| ୫—ଭାରତୀୟ ଦର୍ଶନ...... | ସର୍ବପଲ୍ଲୀ ଡକ୍ଟର ରାଧାକୃଷ୍ଣନ୍ |
| ୬—ଭାରତ ଇତିହାସ...... | ପଣ୍ଡିତ କେ. ଭି. ଶାଣ୍ଡିଲ୍ୟ |
| ୭—ବେଦ ମେ ରସାୟନଶାସ୍ତ୍ର...... | ପଣ୍ଡିତ ସୂର୍ଯ୍ୟକାନ୍ତ ଶାସ୍ତ୍ରୀ (ଲାହୋର) |
| ୮—ଭାରତ ଦର୍ଶନର ଇତିହାସ...... | ଦାସଗୁପ୍ତ |
| ୯—ବ୍ରାହ୍ମଣ ସର୍ବସ୍ୱ...... | ହଲାୟୁଧ |
| ୧୦—ସଂସ୍କୃତ ସାହିତ୍ୟର ଇତିହାସ...... | ଗୌରଚନ୍ଦ୍ର ଶାସ୍ତ୍ରୀ |
| ୧୧—ବେଦ.. ......... | ସାୟଣାଚାର୍ଯ୍ୟ, ମହୀଧର ଓ ସ୍ୱାମୀ ଦୟାନନ୍ଦ |
| ୧୨—ଋଗ୍ବେଦାଦି ଭାଷ୍ୟଭୂମିକା··· | ସ୍ୱାମୀ ଦୟାନନ୍ଦ ସରସ୍ୱତୀ |
| ୧୩—ଦର୍ଶନଶାସ୍ତ୍ର (ଛଅଗୋଟି) ······ | ସ୍ୱାମୀ ଦର୍ଶନାନନ୍ଦ ସରସ୍ୱତୀ |
| ୧୪—ବେଦାଙ୍ଗ ସାହିତ୍ୟ କା ରୂପରେଖ······ | ଡକ୍ଟର ସୂର୍ଯ୍ୟକାନ୍ତ ଶାସ୍ତ୍ରୀ (ଲାହୋର) |
| ୧୫—ବେଦ················· | ଭାଷ୍ୟକାର ଅଧ୍ୟାପକ Maxmuller |
| ୧୬—ବୈଦିକ ସାହିତ୍ୟର ରୂପରେଖ······ | ଅଧ୍ୟାପକ ବଳଦେବ ଉପାଧ୍ୟାୟ |
| ୧୭—ଉପନିଷଦ··········· | ନାରାୟଣ ସ୍ୱାମୀ |
| ୧୮—ବୈଦିକ ସମ୍ପତ୍ତି ········ | ପଣ୍ଡିତ ରଘୁନନ୍ଦନ ଶାସ୍ତ୍ରୀ |
| ୧୯—ବୈଦିକ ସାହିତ୍ୟ ଔର ସଂସ୍କୃତି··· | ପଣ୍ଡିତ ବଳଦେବ ଉପାଧ୍ୟାୟ |
| ୨୦—ସତ୍ୟାର୍ଥ ପ୍ରକାଶ ଓ ସଂସ୍କାରବିଧି··· | ସ୍ୱାମୀ ଦୟାନନ୍ଦ ସରସ୍ୱତୀ |
| ୨୧—ବୈଦିକ ଚିନ୍ତା ଔର ସଂସ୍କୃତି······ | ଡକ୍ଟର ଆର୍ତ୍ତବନ୍ଧୁ ମିଶ୍ର |
| ୨୨—ବ୍ରହ୍ମସୂତ୍ର······················ | ଶଙ୍କରାଚାର୍ଯ୍ୟ |
| ୨୩—ବେଦାନ୍ତ କା ସମୀକ୍ଷା··············· | ଡକ୍ଟର ଯଜ୍ଞଦତ୍ତ ଚତୁର୍ବେଦୀ |
| ୨୪—ଷଡଦର୍ଶନ ସମନ୍ୱୟ······...······ | ସ୍ୱାମୀ ଓମାନନ୍ଦ ତୀର୍ଥଜୀ ମହାରାଜ |

## ସହାୟକ ଗ୍ରନ୍ଥ

| କ୍ର: ନଂ | ଗ୍ରନ୍ଥ ସୂଚୀ | ଲେଖକଙ୍କ ନାମ |
|---|---|---|
| ୧୫ | ଶତପଥ, ଗୋପଥ ବ୍ରାହ୍ମଣଗ୍ରନ୍ଥ······ | |
| ୧୬ | ସମାନତନ୍ତ୍ର······ | ମହର୍ଷି ଯାଜ୍ଞବଲ୍କ୍ୟ। |
| ୧୭ | The Out line History··· | Dr. H. G. Wells. |
| ୧୮ | Human Destiny······ | Dr. Lecomte Dunouy. |
| ୧୯ | History of Sanskrit Literature······ | Maxmuller |
| ୨୦ | A History of Indian Literature······ | Prof. Winternit |
| ୨୧ | Great Secret······ | Dr. Materlink |
| ୨୨ | Vedic Concordance······ | ଡକ୍ଟର ମୋରିସ୍ ବ୍ଲୁମଫିଲ୍ଡ |
| ୨୩ | The Rigveda and Vedic Religion······ | Prof. Bloomfield |
| ୨୪ | History of Sanskrit Literature······ | Prof. Keith and Prof. Jacobi. |
| ୨୫ | Rigvedic India······ | ଡେବେଦ୍ରାନ ଅବିନାଶେ |
| ୨୬ | Vedic Age······ | Braratiya Beedyabhavan |
| ୨୭ | History of Sanskrit Literture······ | A. Macdonell |
| ୨୮ | Life in Ancient India··· | Adolf Kaeys |
| ୨୯ | Lectures on Rigvada··· | Ghate |
| ୩୦ | Vedic Reader······ | A. Macdonell |
| ୩୧ | The Wonder that was India······ | A. L. Basham |
| ୩୨ | The Bible in India······ | Jacolliot |
| ୩୩ | Arctic Home in Vedas... | Bal Gangadhar Tilak |
| ୩୪ | A History of Indian Literature······ | A. Weber |
| ୩୫ | Veda and Dayananda··· | ଅରବିନ୍ଦ |
| ୩୬ | The Call of the Vedas··· | Dr. A. C. Bose |

## ସହାୟକ ଗ୍ରନ୍ଥ

ଗ୍ରନ୍ଥସୂଚୀ — ଲେଖକଙ୍କ ନାମ

Philosophy of Zoroastrianism and comparative study of Religion······Dr. Dadachanji

୪୮—Historical Researches······Prof. Hearen

୪୯—Superiority of the Vedic Religion···Prof. W. D. Brown

୫୦—Social Environment and Moral Progress · Dr. Alfred Russel

୫୧—Vedic India······ Ragozin

୫୨—Himalayas of the soul ·····Prof. J. Mascaro

୫୩—Myhtology of the Hindus Charles Coleman

୫୪—The Vedic Father's of of Geology·······Prof. N. B. Pavgee

୫୫—Education in Ancient India......ଡକ୍ଟର ରାଧାକୁମୁଦ ମୁଖାର୍ଜୀ

୫୬—The Vedic Gods as figures of Biology...... Dr. Rele

୫୭—What is Veda...... Mrs. Wheeler Willoy.

୫୮—Pee pin to the early History of India......Bhandar Kar. R. G. (ଇସ୍ୱେଷଂ Vol X, 1900)

୫୯—The Vedic Fundamentals R. N. Sarma

୬୦—The Essence of Vedic Religion......ପଣ୍ଡିତ ଧର୍ମଦେବ ବିଦ୍ୟାମର୍ତ୍ତଣ୍ଡ ।

୬୧—ପଞ୍ଜାବ ବିଶ୍ୱବିଦ୍ୟାଳୟ, ଭାରତୀୟ ବିଦ୍ୟାଭବନ, କାଙ୍ଗେରୀ ବିଶ୍ୱବିଦ୍ୟାଳୟ (ହରିଦ୍ୱାର), ଯୋଧପୁର ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ଓ ଜବାହରଲାଲ ବିଶ୍ୱବିଦ୍ୟାଳୟ, ହିନ୍ଦୁ ବିଶ୍ୱବିଦ୍ୟାଳୟ, ଦୟାନନ୍ଦ ସଂସ୍ଥାନ (ଦିଲ୍ଲୀ), ବରୋଦା ବିଶ୍ୱବିଦ୍ୟାଳୟ, ବିଶ୍ୱେଶ୍ୱରାନନ୍ଦ ବୈଦିକ ଶୋଧସଂସ୍ଥାନ, ସ୍ୱାଧ୍ୟାୟମଣ୍ଡଳ (ପାରଡୀ), ପ୍ରାଚ୍ୟସଂସ୍ଥାନ (ବରୋଦା), ମିଥିଳାସଂସ୍ଥାନ (ଦରଭଙ୍ଗା), ଭଣ୍ଡାରକର ପ୍ରାଚ୍ୟ ଶୋଧ ସଂସ୍ଥାନ (ପୁନା), Oriental Institute ଆନୁକୂଲ୍ୟରୁ ମିଳିଥିବା କେତେକ ତଥ୍ୟ ।


●

# ବୈଦିକ ସାହିତ୍ୟର ଇତିହାସ

ବେଦ ବିଶ୍ୱସଂସ୍କୃତିର ମୂଳ ଆଧାର ଓ ସର୍ବାପେକ୍ଷା ପ୍ରାଚୀନ ଧର୍ମଗ୍ରନ୍ଥ । ବେଦଶବ୍ଦ ବିଦ୍ ଧାତୁରୁ ନିଷ୍ପନ୍ନ । କର୍ମ, ଜ୍ଞାନ, ଉପାସନା ଏହି ବିଦ୍ ଧାତୁରୁ ଜନ୍ମ । ଏହି ତିନୋଟି ପର୍ଯ୍ୟାୟ ଏକତ୍ର ହେଲେ ବିଦ୍ ଶବ୍ଦର ମୂଳ ଅର୍ଥକୁ ପ୍ରକାଶ କରିଥାଏ । ବେଦ ଜ୍ଞାନ ଓ ଧର୍ମର ଦ୍ୟୋତକ । ଯେ ଧର୍ମଜ୍ଞାନ ଅର୍ଜନ କରିବାକୁ ଚାହେଁ ତାହାପାଇଁ ବେଦ ଏକ ଅମୃତର ପରିବେଶ । ମହର୍ଷି ଅତ୍ରି ଏହି ମତକୁ ସ୍ୱୀକାର କରି ତାଙ୍କ ସ୍ମୃତି ଶାସ୍ତ୍ରରେ "ଲେଖିଛନ୍ତି ବେଦ ଠାରୁ ବଳି ଉତ୍ତମ ଶାସ୍ତ୍ର ନାହିଁ ଓ ମାତାଠାରୁ ବଳି ଉତ୍ତମ ଗୁରୁ ନାହିଁ ।" ମହର୍ଷି ଯାଜ୍ଞବଲ୍କ୍ୟଙ୍କ ମତରେ ବେଦ ସମସ୍ତ ଶାସ୍ତ୍ରଠାରୁ ଶ୍ରେଷ୍ଠ ଅଟେ । ଅନ୍ୟ ସବୁ ଶାସ୍ତ୍ର ବେଦଠାରୁ ହିଁ ଜନ୍ମ । 'ନ ବେଦଶାସ୍ତ୍ରାଦନ୍ୟତ୍ତୁ କିଞ୍ଚିତ୍ ଶାସ୍ତ୍ରଂହି ବିଦ୍ୟତେ" । ଏଣୁ ବେଦର ସ୍ୱରୂପ ଅତି ଗମ୍ଭୀର । ଆରଣ୍ୟକ, ସଂହିତା, ବ୍ରାହ୍ମଣ, ଓ ଉପନିଷଦ୍ ଏହି ଚାରୋଟି ବେଦର ସଂଜ୍ଞା । ବେଦ ପ୍ରକୃତରେ ଏକ, କିନ୍ତୁ ମନ୍ତ୍ର ସ୍ୱରୂପ ଭେଦରେ ଏହା ତିନିଭାଗରେ ବିଭକ୍ତ । ସେଥିପାଇଁ ବେଦ ତ୍ରୟୀ ବୋଲି ଅନେକ ବେଦବିତ୍ ମାନଙ୍କର ମତ । ବେଦରେ କର୍ମ, ଜ୍ଞାନ, ଉପାସନା ଏହି ତିନୋଟି ବିଦ୍ୟା ଥିବାରୁ ଏହାକୁ ତ୍ରୟୀ ବୋଲି କହନ୍ତି । ଅନ୍ୟ କେତେକ ବେଦପଣ୍ଡିତ ଗଦ୍ୟ, ପଦ୍ୟ ଓ ଗାନ ଥିବାରୁ ଏହାକୁ ତ୍ରୟୀ ବୋଲି ସ୍ୱୀକାର କରନ୍ତି । ଋକ୍, ସାମ, ଯଜୁଃ ଏହିପରି ମନ୍ତ୍ରର ଗୁଣାତ୍ମକ ତ୍ରିଯୁକ୍ତିକୁ ନେଇ ଏହା ତ୍ରିବିଧ । ପାଦଯୁକ୍ତ ଅର୍ଥ ସମନ୍ୱିତ ଛନ୍ଦୋବଦ୍ଧ ମନ୍ତ୍ରକୁ ଋକ୍

ବା ଋକ୍ କୁହାଯାଏ । ଏହି ଋକ୍ ବା ଋକ୍ସ ଯେଉଁଥିରେ ସଂକଳିତ ହୋଇଛି ସେହି ଋକ୍‌ଗୁଡ଼ିକର ନାନା ପ୍ରକାର ସ୍ୱର ଲହରୀ ଗାନକୁ "ସାମ" କୁହାଯାଏ । ଏଥିରୁ ସାମ ବେଦର ନାମ କରଣ କରାଯାଇଛି । ସାମ ଓ ଋକ୍‌ର ବ୍ୟତିରେକେ ମନ୍ତ୍ରକୁ 'ଯଜୁଷ' କୁହାଯାଏ । ଯେଉଁଥିରେ ଯଜୁଷ ମନ୍ତ୍ର ସଙ୍କଳିତ ହୋଇଛି ତାହାକୁ ଯଜୁର୍ବେଦ କୁହାଯାଏ ।

ବେଦ ସତ୍ୟ ବିଦ୍ୟାର ପୁସ୍ତକ ଅଟେ । ବେଦ ଅପୌରୁଷେୟ ଅର୍ଥାତ୍ ବେଦକୁ କେହି ରଚନା କରି ନାହାନ୍ତି । ମନ୍ତ୍ରଦ୍ରଷ୍ଟା ଋଷିମାନେ ଋତମ୍ଭରା ଅବସ୍ଥାରେ ବେଦ ମନ୍ତ୍ରକୁ ସ୍ୱ-ଚକ୍ଷୁରେ ଦେଖିଛନ୍ତି । ଋତଂଭରା ପ୍ରଜ୍ଞା ଦ୍ୱାରା ଋଷିମାନେ ବେଦକୁ କଣ୍ଠସ୍ଥ କରି ଶିଷ୍ୟ ପରମ୍ପରାଙ୍କୁ ଶିକ୍ଷା ଦେଇଛନ୍ତି । ଏହା ଏକେଶ୍ୱର-ବାଦ ଉପରେ ଆଧାରିତ । ବେଦ କାଳାତୀତ, ଅନାଦି ଓ ସତ୍ୟ ଅଟେ । ସର୍ବଶକ୍ତିମାନ୍ ପରମାତ୍ମାଙ୍କର ସର୍ବବ୍ୟାପକତା ଅଜର ଅମରତ୍ୱକୁ ବେଦ ସ୍ୱୀକାର କରେ । ବାକ୍, ମନ, ନିଃଶ୍ୱାସ ସହିତ ତିନି ବେଦର ଅଭିନ୍ନତା ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ପ୍ରତିପାଦିତ ହୋଇଛି । ଶିକ୍ଷା, ଛନ୍ଦ, ନିରୁକ୍ତ, ବ୍ୟାକରଣ, ଜ୍ୟୋତିଷ ଓ କଳ୍ପସୂତ୍ର ଏହି ଛଅଗୋଟି ହେଉଛି ବେଦାଙ୍ଗ । ଏହି ଗ୍ରନ୍ଥଗୁଡ଼ିକ ବୈଦିକ ଚେତନାର ଦ୍ୟୋତକ । ବେଦର ଉପଦେଶ ସରଳ, ସାର୍ବଭୌମ ଓ ଈଶ୍ୱରୋପାସନାର ଆଦି ସ୍ରୋତ । ବେଦ ମନ୍ତ୍ରକୁ ଛନ୍ଦୋ-ବଦ୍ଧରେ ଗାନ ନକରିଲେ ଏହାର ଅର୍ଥକୁ ଲାଭ କରିବା ଅସମ୍ଭବ । କାରଣ ବେଦର ଶବ୍ଦ ମନ୍ତ୍ରଗୁଡ଼ିକୁ ପୃଥକ କରିଦିଏ । ଛନ୍ଦ ବେଦର ପାଦ ସ୍ୱରୂପ, ବେଦ ମନ୍ତ୍ର ଛନ୍ଦ ସାହାଯ୍ୟରେ ଗତିକରେ । ବେଦର ପଦ୍ୟ ଓ ଗଦ୍ୟ ଉଭୟ ଛନ୍ଦୋବଦ୍ଧ । ବୈଦିକ ଛନ୍ଦ ଅତି ସୁନ୍ଦର ଓ ସୁଶ୍ରାବ୍ୟ । ହୃଦୟର କମନୀୟତା ସତ୍ୟତା, ମୌଳିକତା ଓ ଚିନ୍ତାକୁ ପ୍ରକାଶ କରିବା ନିମନ୍ତେ ଛନ୍ଦ ହେଉଛି ଉପଯୁକ୍ତ ମାଧ୍ୟମ । ବେଦରେ ଏକପାଦ, ଦୁଇପାଦ ଓ ତିନିପାଦ ବିଶିଷ୍ଟ ଛନ୍ଦ ଦେଖାଯାଏ, କିନ୍ତୁ ତିନିପାଦ ବିଶିଷ୍ଟ ଛନ୍ଦର ବ୍ୟବହାର ବହୁ ପରି-ମାଣରେ ବେଦରେ ଦେଖିବାକୁ ମିଳିଥାଏ । ବେଦର ମନ୍ତ୍ରଗୁଡ଼ିକ ଜ୍ଞାନକାଣ୍ଡ ଉପରେ ଆଧାରିତ ।

ଆର୍ଯ୍ୟମାନଙ୍କର ସଭ୍ୟତା ଓ ସଂସ୍କୃତି, ସମାଜ ତଥା ଧର୍ମକୁ ଜାଣିବାର ଏକମାତ୍ର ସାଧନ ଏହି ବେଦ । ଆର୍ଯ୍ୟଭାଷାର ମୂଳ ସ୍ୱରୂପ ଏହି ବେଦରେ ହିଁ ନିହିତ ଅଛି । ଏଣୁ ବୈଦେଶୀକ ବିଦ୍ୱାନମାନେ ବେଦ ବିଶ୍ୱର ପ୍ରାଚୀନତମ ଗ୍ରନ୍ଥ ବୋଲି ସ୍ୱୀକାର କରି ବେଦର ମହିମାଗାନ କରିଛନ୍ତି । ସୁପ୍ରସିଦ୍ଧ ପାରସୀ ବିଦ୍ୱାନ **Dadachanji** ତାଙ୍କ **Philosophy of**

Zoroastrianism and comparative study of Religions" ( P. 100 ) ନାମକ ପୁସ୍ତକରେ ବେଦର ପ୍ରଶଂସା କରି ଲେଖିଛନ୍ତି :—

"The veda is a Book of knowledge and wisdom comprising the Book of Nature, the Book of Religion, the Book of Prayers, the Book of morals and so on. The word "Veda" means wit, wisdom, knowledge and truly the veda is condensed wit, wisdom and knowledge."

ପ୍ରଫେସର Heeren ସଂସ୍କୃତର ପ୍ରାଚୀନତା ଓ ବେଦର ପ୍ରଶଂସା କରି ତାଙ୍କ Historical Researches ପୁସ୍ତକରେ ଲେଖିଛନ୍ତି :— "they (the Vedas) are without doubt the oldest works composed in sanskrit. Even the most ancient sanskrit writings allude to the Vedas as already existing. The Vedas stand alone in their solitary splendour standing as beacon of Divine light for the onward march of Humanity."

ଆମେରିକାର ସୁପ୍ରସିଦ୍ଧ ବିଦ୍ୱାନ୍ ଡକ୍ଟର ଥୋରିୟୋ ବେଦର ମହିମା ଗାନକରି Mother America ପୁସ୍ତକରେ ଲେଖିଛନ୍ତି :— "What extracts from the Veda I have read, fall on me like the light of a higher and purer luminary which describes a loftier course through a purer stratum - free from particulars, simple, universal; the Vedas contain a sensible account of God". ନୋବେଲ ପୁରସ୍କାରପ୍ରାପ୍ତ ମହା ବିଦ୍ୱାନ୍ Maeterlinck ତାଙ୍କ the Great Secret ପୁସ୍ତକରେ ଈଶ୍ୱର ସର୍ବ ପ୍ରାଚୀନ ଗ୍ରନ୍ଥ ବେଦର ଭୂୟସୀ ପ୍ରଶଂସା କରି ଲେଖିଛନ୍ତି :—

"Only the gaze of the clairvoyant, directed upon the mysteries of the post, may reveal un-

uttered wisdom which lies hidden behind these writings (the Vedas). P, I. "Whence did our pre-historic ancestors in their suposed terrible state of ignorance and abandonment, derive these extra-ordinary intuitions-that knowledge and assurance which we ourselves are re-conquering.

Sacred Books of the East series ର Russian Edition ର ସମ୍ପାଦକ Mr. Boulanger ବେଦ ଉପରେ ନିଜର ପୁସ୍ତକରେ ବେଦର ପବିତ୍ରତା ବିଷୟରେ ଆଲୋଚନା କରି କହନ୍ତି :—

What struck me in Maxmuller's translation was lot of absurdities, obscene passages and a lot of what is not lucid.'

"As far as I can grasp the teaching of the Vedas, it is so sublime that I would look upon it as a crime on my part, if the Russian public become acquainted with it, through the medium of a confused and distorted translation, thus not deriving for its soul that benefit which this teaching should give to the people.

ଅଧ୍ୟାପକ W. D. Brown ନାମକ ଜଣେ ଇଂରାଜୀ ବିଦ୍ୱାନ, ବୈଦିକ ଧର୍ମ ବିଷୟରେ ତାଙ୍କ ପୁସ୍ତକ superiority of the Vedic Religionରେ ଲେଖିଛନ୍ତି :—It (Vedic Religion) recognises but one God. It is a thoroughly scientific religion where religion and science meet hand in hand. Here theology is based upon science and phiosophy.

ଫ୍ରାନ୍ସ ଦେଶର ବିଦ୍ୱାନ ଲୁଇସ୍ Jacolliot ବେଦର ପ୍ରଶସ୍ତି ଗାନକରି ତାଙ୍କର the Bible in India ପୁସ୍ତକରେ ଲେଖିଛନ୍ତି :— Astonishing fact ! the Hindu Revelation (veda)

is of all revelations the only one whose ideas are in perfect harmony with modern science, as it proclaims the slow and gradual formation of the world

ବେଦ ଏକ ବୈଜ୍ଞାନିକ ଗ୍ରନ୍ଥ । ବିଜ୍ଞାନ ଦୃଷ୍ଟିକୋଣରୁ ବେଦକୁ ବିଚାର କରି ବୈଜ୍ଞାନିକ ତଥା ଆମେରିକାର ବିଦୁଷୀ ମହିଳା Mrs. Wheeler Willox ମତବ୍ୟକ୍ତ କରି କହନ୍ତି 'We have all heard and read about the ancient religion of India, it is the land of the great Vedas, the most remarkable works containing not only religious ideas for a perfect life, but also facts which all the science has since proved true. Electricity, Radium, Electrons, Airships all seem to be known to the Seers who found the Vedas.

ବେଦକୁ ପ୍ରଶଂସା କରି ପାଶ୍ଚାତ୍ୟ ବିଦ୍ୱାନ Dr Alfred Russel Wallace ଙ୍କ Social Environment and Moral Progressରେ ଏହି କଥା ସ୍ପଷ୍ଟ ଭାବରେ ଲେଖିଛନ୍ତି :—

We must admit that the mind which conceived and expressed in appropriate language. Such ideas as are every where persent in those vedic hymns, could not have been inferior to those of the best of our religious teachers and poet, to our Milton, Shakespeare and Tennyson.

ଏହି ମତଗୁଡ଼ିକ ସ୍ୱାଧ୍ୟାୟ କଲେ ବେଦର ପ୍ରାଚୀନତା ଓ ଗୌରବ ବିଷୟରେ ସହଜରେ ଜଣାଯାଇଥାଏ । ଜର୍ମାନୀର ବେଦ-ବିଦ୍ୱାନ ତଥା ଶ୍ରେଷ୍ଠ ଦାର୍ଶନିକ ଶୋପନାହାର "ବେଦ ଗୋଟିଏ ଜ୍ୟୋତିପୂର୍ଣ୍ଣ ପ୍ରକାଶ ବୋଲି" ସ୍ୱୀକାର କରି ନିଜର ମତବ୍ୟକ୍ତ କରି କହନ୍ତି :—"ବେଦରେ ଉତ୍କୃଷ୍ଟ ମାର୍ଗ ବର୍ଣ୍ଣନା କରାଯାଇଛି ।"ବେଦର ଉପଦେଶ ସରଳ ସାର୍ବଭୌମ ଓ ଈଶ୍ୱରୋପାସନାର ଆଦିସ୍ରୋତ, ଅଟେ । ଯଜୁର୍ବେଦର ଚାଳିଶ ଅଧ୍ୟାୟ ଈଶୋପନିଷଦ ହୋଇଥିବାରୁ ଏହା

ଏତେ ତତ୍ତ୍ୱପୂର୍ଣ୍ଣ ଯେ ତାହା ଭାଷାରେ ବ୍ୟକ୍ତ କରିବା କଷ୍ଟସାଧ୍ୟ । ବେଦର ଗୋଟିଏ ମନ୍ତ୍ରକୁ ପାଳନ କରାଗଲେ ରାଷ୍ଟ୍ର ଜୀବନ ଓ ମନୁଷ୍ୟର ଜୀବନ ମଧୁର ହୋଇଉଠେ ।

"In the whole world, there is no study so beneficial and elevating as the Upanishad. It has been the solace of my life, it will be the solace at my death"

ପାଶ୍ଚାତ୍ୟ ବେଦ ବିଦ୍ୱାନ Ragozine ବେଦର ବିଶୁଦ୍ଧତା ଓ ଆଗ୍ରହ ବର୍ଣ୍ଣନା କରିବାକୁ ଯାଇ ତାଙ୍କ vedic India (p. 374) ରେ ଲେଖିଛନ୍ତି :—

"Vedic hymns greatly confirm us in the impression that the Aryan Moral code, as mirrored in the Rigveda, bore on the whole, a singularly pure and elevated character. So nothing can be more nobly beauitful in feeling and wording than the following on alms giving or rather on the duty of giving, or helping generally.

ବେଦ ଧର୍ମୀକ ଚିନ୍ତାର ମୂଳ ଆଧାର ଓ ମୁକ୍ତିର ପ୍ରତୀକ । ଏହି ଯୁକ୍ତିକୁ ପ୍ରମାଣ କରିବାକୁ ଯାଇ ପାରସୀ ବିଦ୍ୱାନ ଲେଖିଛନ୍ତି :—

"Readers of the Vedas who do not know this wonderful characteristic feature of the vada in determining the physical as well as the spiritual by means of the self same worlds, are apt to be misled by the false idea that the Veda looks upon fire, air, dawn, the sun and the other agent forces. Phenomena or objects of nature as divine beings to whom the Vedic Rishis. prayed for strength, health, wealth, long life, brave sons, rich possessions and so on. But the Vedas teach

nothing but mono-theism of the purest kind, the belief that this universe manifests the love, might, wisdom and glory of God who etenally evolves and dissolves alternately inumerable systems of world, for the benefit, discipline and well being of Jeevatmas, according to the eternal laws of nature (called Rita in the Vedas) and also accor ding to the law of karma (as implied in it) e.t.c-" (P.10)

ଅଧ୍ୟାପକ J. Mascaro ଭାରତୀୟ ସଂସ୍କୃତି ଓ ପ୍ରାଚୀନ ଧର୍ମଗ୍ରନ୍ଥ ବେଦର ପ୍ରଶଂସା କରି ତାଙ୍କ Himalayas of the soul ନାମକ ସଂଗ୍ରହାତ୍ମକ ପୁସ୍ତକରେ ଲେଖିଛନ୍ତି :—

"If a Bible of India were compiled, if sanskrit could find a group of translators with the same feeling for beauty of language and the same love for the sacred texts in the original as the Bible has found in England, eternal treasures of old wisdom and poetry would enrich the times of to-day."

"Among those compositions, some of them living words before writing was introduced, the Vedas, the Upanishads and the Bhagavad Gita would rise above the rest like Himalayas of the spirit of man.'

## ବୈଦିକ ସାହିତ୍ୟ ଓ ଧର୍ମ :

ଧର୍ମ ହିଁ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର । ଧର୍ମ ଶବ୍ଦଟି ଇଂରାଜୀ ଭାଷାରେ **Religion** କହିବା ଅର୍ଥହୀନ । କାରଣ ଧର୍ମ ଶବ୍ଦର ପ୍ରତିଶବ୍ଦ **Religion** ନୁହେଁ । ଧର୍ମ ଶବ୍ଦଟି 'ଧୃ, ଧାତୁରୁ ନିଷ୍ପନ୍ନ । କିନ୍ତୁ **Religion** ଶବ୍ଦର ଅର୍ଥ

ଧାର୍ମିକ ସମ୍ପ୍ରଦାୟ । ଏହା ଏକ କ୍ଷୁଦ୍ର ଧାର୍ମିକ ପରିବେଶର ଧାର୍ମିକ ଚିନ୍ତାକୁ ବୁଝାଏ । କିନ୍ତୁ ଧର୍ମର ଅର୍ଥ ବ୍ୟାପକ । ଧର୍ମ, ଅର୍ଥ, କାମ-ଏହି ପୁରୁଷାର୍ଥ ତ୍ରୟ ମଧ୍ୟରୁ ଧର୍ମ ହିଁ ଅଧିକ ମହତ୍ତ୍ୱପୂର୍ଣ୍ଣ । ସେଥିପାଇଁ ବେଦରେ ନିର୍ଦ୍ଦେଶ ଅଛି "ବେଦୋଽଖିଳ ଧର୍ମମୂଳମ୍"। ବୈଦିକ ସାହିତ୍ୟ ଧର୍ମର ଦ୍ୟୋତକ । **Man and his Religion** ପୁସ୍ତକରେ ଏଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ବୈଜ୍ଞାନିକ ଡକ୍ଟର ସତ୍ୟପ୍ରକାଶ ଧର୍ମର ସଂଜ୍ଞା ନିରୂପଣ କରିବାକୁ ଯାଇ ଲେଖିଛନ୍ତି :—

"Dharma is the only pure religion, love and brotherhood is the spirit of Dharma. Dharma is an universal principle out side the sphere of all conv-ntions and artificial restraints, truth and love all the foundation of Dharma."

ଧୈର୍ଯ୍ୟ, କ୍ଷମା, ଦମ, ଅସ୍ତେୟ, ଶୌଚ, ଇନ୍ଦ୍ରିୟନିଗ୍ରହ, ଧୀ, ବିଦ୍ୟା, ସତ୍ୟ, ଅକ୍ରୋଧ-ଏହି ଦଶଗୋଟି ଧର୍ମର ଲକ୍ଷଣ । ଏହି ପବିତ୍ର ଉପଦେଶଗୁଡ଼ିକ ବେଦ ଓ ବୈଦିକ ସାହିତ୍ୟର ପ୍ରତ୍ୟେକ ସ୍ଥାନରେ ଲିପିବଦ୍ଧ ହୋଇ ରହିଅଛି । ଧର୍ମ ବିନା ବେଦ ନିଷ୍ଫଳ । ଏହି ବିଶ୍ୱ ସର୍ବଶକ୍ତିମାନ ଈଶ୍ୱରଙ୍କର । କାହାର ଧନପ୍ରତି ଆସକ୍ତି ନରଖି ଜୀବନକୁ କର୍ମମୟ କରିବା ମନୁଷ୍ୟମାନଙ୍କର ପରମ କର୍ତ୍ତବ୍ୟ । ତୁମ୍ଭେ ତ୍ୟାଗ-କର, ଆସକ୍ତି ରହିତ ହୁଅ । ପରମତ୍ୟାଗୀ ହୋଇ ବିଭୁଙ୍କର ସନ୍ନିଧି ହୁଅ । ଏହି ଅମୃତ ବାଣୀଗୁଡ଼ିକ ବେଦ ମନ୍ତ୍ରରେ ନିହିତ । ନିଷ୍କାମ କର୍ମ କରି ମନୁଷ୍ୟ ଅମରତ୍ୱ ପ୍ରାପ୍ତ ହେଉ । ତ୍ୟାଗୀ, କର୍ତ୍ତବ୍ୟନିଷ୍ଠ ମନୁଷ୍ୟଠାରେ ଆସକ୍ତି ସୃଷ୍ଟି ହୁଏ ନାହିଁ । ସତ୍ୟ ଓ ପବିତ୍ର କର୍ମ କରି ମନୁଷ୍ୟ ଏକଶତ ବର୍ଷ ବଞ୍ଚିରହୁ । ଈଶ୍ୱର ମନଠାରୁ ବେଗବାନ, ଇନ୍ଦ୍ରିୟମାନେ ତାଙ୍କୁ ସ୍ପର୍ଶ କରିପାରନ୍ତି ନାହିଁ । ଈଶ୍ୱର ଚଳମାନ ଓ ସେ ପୁଣି ସ୍ଥିର । ସେ ସମସ୍ତ ପଦାର୍ଥର ବାହାରେ ଓ ଭିତରେ ସୂକ୍ଷ୍ମାତିସୂକ୍ଷ୍ମ ଅବସ୍ଥାରେ ବିଦ୍ୟମାନ । ଅଧ୍ୟାପକ Maxmuller ଙ୍କ ଭାଷାରେ—

"It 'moves and moves not. It is far, and It is very near. It is within all this, and it is also out-side all this."

ବୈଦିକ ସାହିତ୍ୟରେ ଅଗ୍ନିଙ୍କର ସ୍ଥାନ ଅତି ଉଚ୍ଚରେ । ଋକ୍‌ବେଦର ପ୍ରଥମ ମନ୍ତ୍ରରେ ଅଗ୍ନିଙ୍କୁ ପରମାତ୍ମାରୂପରେ ଗ୍ରହଣ କରାଯାଇଛି; ଯଥା :—**ଅଗ୍ନିମିଢ଼େ**

**ପୁରୋହିତମ୍** । ଅଗ୍ନିଙ୍କୁ ପ୍ରାର୍ଥନା ବହୁବାର କରାଯାଇଛି କେବଳ ପବିତ୍ର ଧର୍ମଭାବନା ଓ ପବିତ୍ର କର୍ମଭାବନାର ସୃଷ୍ଟି ପାଇଁ । ଯଜୁର୍ବେଦର ଶୁକ୍ଳଶ-ଅଧ୍ୟାୟର ଶେଷ ମନ୍ତ୍ରରେ କୁହାଯାଇଛି—ହେ ଅଗ୍ନି, ଅମ୍ଭମାନଙ୍କୁ ଆତ୍ମିକ ଚେତନା-ଦାନକର ଓ ମନ, ବାକ୍ୟ, ଇନ୍ଦ୍ରିୟମାନଙ୍କୁ ପବିତ୍ରକରି ଇଶ୍ୱରମୂର୍ତ୍ତୀକରାଅ । ଅଗ୍ନି, ବରୁଣ, ବାୟୁଙ୍କୁ ବେଦର ପ୍ରତ୍ୟେକ ମନ୍ତ୍ରରେ ଉପାସନା କରିବାକୁ ନିର୍ଦ୍ଦେଶ ଦିଆ-ଯାଇଅଛି । ଅଧ୍ୟାପକ Maxmuller ଏହି କଥାକୁ ସୁନ୍ଦର ଭାବରେ ଉପସ୍ଥାପିତ କରି ଲେଖିଛନ୍ତି :—

"O Agni, Lead us by the fair path, that we may reap the good we have sown, thou knowest all our deeds lard, destroy all crooked going sin in us. We so lute true with our words again and again."

## ୟୁରୋପରେ ସଂସ୍କୃତ ଅଧ୍ୟୟନର ଇତିହାସ :

ୟୁରୋପ ମହାଦେଶରେ ସଂସ୍କୃତସାହିତ୍ୟର ପ୍ରଚାର ସତର ଶତାବ୍ଦୀରେ ହୋଇଥିଲା ବୋଲି ଅନୁମାନ କରାଯାଏ । ଭାରତର ଧର୍ମପ୍ରଚାରକ ଓ ଯାତ୍ରୀମାନଙ୍କ ଦ୍ୱାରା ୟୁରୋପର ଲୋକମାନେ ଭାରତୀୟଭାଷା ସହିତ ପରିଚିତ ହୋଇଥିଲେ । ଆବ୍ରାହମ୍ ଲାଜର କବି ଭର୍ତ୍ତୃହରିଙ୍କ କାବ୍ୟକୁ ପର୍ତ୍ତୁଗାଲି ଭାଷାରେ ଅନୁବାଦ କଲେ । ଜେସୁଇଟ୍ ଫାଦର ଜୋହାନ୍ ଅରଷ୍ଟ ହେକସେମ୍ଡେନ ଖ୍ରୀ୧୬୯୯ରେ ଭାରତକୁ ଆସି ସଂସ୍କୃତବ୍ୟାକରଣକୁ ୟୁରୋପ ଭାଷାରେ ଅନୁବାଦ କଲେ; କିନ୍ତୁ ପରେ ପାର୍ଥଲୋମିଲ୍ ଭାରତୀୟ ସଂସ୍କୃତ ଉପରେ ଗବେଷଣା ଆରମ୍ଭ କରି ଦୁଇଖଣ୍ଡ ବ୍ୟାକରଣ ପୁସ୍ତକ ଲେଖିଲେ । ଚାର୍ଲସ ବିଲକିନ୍ସ୍ ଭଗବତଗୀତାକୁ ଓ ମହାଭାରତର ଶକୁନ୍ତଳା ଆଖ୍ୟାନକୁ ଇଂରାଜୀଭାଷାରେ ଅନୁବାଦକରି ୟୁରୋପରେ ସଂସ୍କୃତ ସାହିତ୍ୟର ପ୍ରଚାର ଚଳାଇଲେ । ଉଇଲିୟମ ଜୋନସ୍ ଖ୍ରୀ ୧୭୮୯ରେ କାଳିଦାସକୃତ ଶକୁନ୍ତଳା ନାଟକକୁ ଇଂରାଜୀଭାଷାରେ ଅନୁବାଦ କଲେ । ଜାର୍ଜଫାଷ୍ଟର ଏହି ଶକୁନ୍ତଳା ନାଟ-କକୁ ଖ୍ରୀ ୧୭୯୧ରେ ଜର୍ମାନ୍ ଭାଷାରେ ଅନୁବାଦ କରି ଭାରତୀୟ ସାହିତ୍ୟ ଓ ସଂସ୍କୃତର ଗଭୀର ତଥ୍ୟକୁ ସମଗ୍ର ୟୁରୋପ ଓ ଜର୍ମାନରେ ପ୍ରଚାର କଲେ । ଫଳରେ କାଳିଦାସ-ଙ୍କର ଅନ୍ୟ କାବ୍ୟଗୁଡ଼ିକୁ ୟୁରୋପର ବହୁ ବିଦ୍ୱାନ ପଢିବାକୁ ଖୋଜିବୁଲିଲେ । ଖ୍ରୀ ୧୭୯୨ ରେ କାଳିଦାସଙ୍କର ଋତୁସଂହାର ଜୋନସ୍ଙ୍କ ଦ୍ୱାରା ଅନୁବାଦ ହେଲା । ତାପରେ ଅମରକୋଷ, ନିରୁକ୍ତ, ନିଘଣ୍ଟୁ ଓ କେତେକ ବୈଦିକଗ୍ରନ୍ଥ ସହ ଅଷ୍ଟା-ଧ୍ୟାୟୀ ମଧ୍ୟ ଜର୍ମାନୀ ଓ ଇଂରାଜୀ ଭାଷାରେ ପ୍ରକାଶିତ ହେଲା । ଊନବିଂଶ ଶତାବ୍ଦୀରେ

ଦଶଗୋଟି ଉପନିଷଦ, ଲାଟିନ ଓ ଇଂରାଜୀ ଭାଷାରେ ପ୍ରକାଶିତ ହୋଇ ଲୋକପ୍ରିୟ ହେଲା । ଖ୍ରୀ ୧୮୪୯ ଠାରୁ ୧୮୭୫ ମଧ୍ୟରେ ଋକ୍‌ବେଦ (ସାୟଣଭାଷ୍ୟ) ବେଦ ବିଦ୍ୱାନ Muxmullerଙ୍କ ଦ୍ୱାରା ଅନୁବାଦ କରାଯାଇ ପ୍ରକାଶ ପାଇଲା । ସେ ଓଲ୍ଡଶିଷ୍ଟୋ ପ୍ରିନ୍‌ସେପସ୍ ନାମକ ଏକ ବୈଦିକ ସଙ୍କଳନ ପୁସ୍ତକ ମଧ୍ୟ ପ୍ରକାଶ କରିଥିଲେ । ଏହାପରେ ପାଶ୍ଚାତ୍ୟ ବିଦ୍ୱାନମାନଙ୍କର ବେଦ ଉପରେ ଦୃଷ୍ଟି ପଡ଼ିଲା । ଅଧ୍ୟାପକ **Winternitz**, ଅଧ୍ୟାପକ **Keith**, ଅଧ୍ୟାପକ **Macdonell** ବେଦ ଉପରେ ବହୁ ଉପାଦେୟ ପୁସ୍ତକ ଓ ଏହାର ଇତିହାସ ରଚନା କରି ପ୍ରକାଶ କଲେ । ଖ୍ରୀ: ୧୮୫୨ରେ **History of Indian literature** ପ୍ରକାଶ ପାଇଲା । ଖ୍ରୀ: ୧୮୫୮ରେ ପଣ୍ଡିତ **Maxmuller** ଆଉ ଏକ ଅମରଗ୍ରନ୍ଥ ଲେଖି ପ୍ରକାଶ କଲେ; ତାହା **History of Ancient Sanskrit literature** । କ୍ରମେ ୟୁରୋପରେ ବେଦ, ଉପନିଷଦ ଓ ବେଦାଙ୍ଗ ସାହିତ୍ୟର ପ୍ରଚାର ବହୁଳ ଭାବରେ ଘଟିଥିଲା ।

## ସଂସ୍କୃତ ଭାଷା ସବୁଭାଷାର ଜନନୀ :

ସଂସ୍କୃତଭାଷା ବିଶ୍ୱର ସର୍ବପ୍ରାଚୀନ ଭାଷା । ଏଣୁ ସଂସ୍କୃତଭାଷାର ପ୍ରଭାବ ବିଶ୍ୱର ସମସ୍ତ ଭାଷାରେ ଦେଖାଯାଏ । ଭାଷାତତ୍ତ୍ୱବିଶାରଦ ତଥା ପାଶ୍ଚାତ୍ୟ ବିଦ୍ୱାନମାନେ ସଂସ୍କୃତଭାଷାର ପ୍ରାଚୀନତା ଓ ଏହି ଭାଷା ସବୁଭାଷାର ଜନନୀ ବୋଲି ସ୍ୱୀକାର କରିଛନ୍ତି । **Baron Cuvier** ପାଶ୍ଚାତ୍ୟ ଦେଶର ଜଣେ ଜଣାଶୁଣା ଭାଷାବିତ୍ । ସେ ଭାଷାର ପ୍ରାଚୀନତା ଉପରେ ଗବେଷଣା କରି ଲେଖିଛନ୍ତି :—

"It (Sanskrit) is the most regular language known and is espicially remarkable, as containing the roots of the various languages of Europe and the Greek, Latin, German or Selavonic."

ଅଧ୍ୟାପକ ଏଡ୍‌ଲିଙ୍ଗ ସଂସ୍କୃତର ପ୍ରାଚୀନତାକୁ ସ୍ୱୀକାର କରି ନିଜ ପୁସ୍ତକରେ ଲେଖିଛନ୍ତି :—

"The great number of languages which are said to be their origin or bear a close affinity to

the Sanskrit, is truly astonishing and is another proof of its high antiquity. A German writer-Rudiger has asserted it to be the parent of upwards of a hundred language and dialects among which he enumerates twelve Indian, Seven Median Persic, two Arnautic Albanian, Seven Greek, eighteen Latin, fourteen Sclavonian and Six celtic-Gallic. The various vocabularies which we now posses, and the result of laborious and learned investigations render it pretty evident that the Sanskrit has not only furnished words for all the languages of Europe, but forms main feature in almost all those of the East. A host of writers have made it the immediate parent of the Greek and Latin and German families of language.

ସଂସ୍କୃତ ଭାଷାର ପ୍ରାଚୀନତାକୁ ସ୍ୱୀକାର କରି ଅଧ୍ୟାପକ Bopp ତାଙ୍କ Bopp in Edinburgh Review (Vol. 33. P. 43.) ରେ ଲେଖିଛନ୍ତି :—

"At one time, Sanskrit was the one language spoken all over the world".

**ସଂସ୍କୃତ କଥିତ ଭାଷା ଥିଲା କି ? :**

୧—କେଉଁ ସମୟ ପର୍ଯ୍ୟନ୍ତ ସଂସ୍କୃତ କଥିତ ଭାଷା ଥିଲା ସେ ବିଷୟରେ ଆଲୋଚନା କରିବା ଦରକାର । ବୈଦିକ ଯୁଗରେ ସଂସ୍କୃତ କଥିତ ଭାଷା ଥିଲା, କାରଣ ବେଦର ଯେଉଁ ସଂସ୍କାରଗୁଡ଼ିକ ଲେଖାଅଛି ତାହା ଯଜମାନ ଓ ପୁରୋହିତ ବୁଝିପାରୁଥିଲେ ଓ ସେମାନେ ସଂସ୍କୃତ ସହିତ ଏତେ ସଂପୃକ୍ତ ଥିଲେ ଯେ ସଂସ୍କାର ବିଧି ବିଧାନ ଉପରେ ସଂସ୍କୃତର ପ୍ରଭାବ ପଡ଼ିଥିଲା । ଯଦି ସଂସ୍କୃତ ପ୍ରଚଳିତ ଭାଷା

ନ ଥାନ୍ତା ତାହେଲେ ସଂସ୍କାର-ବିଧାନ ସଂସ୍କୃତଭାଷାରେ ଲେଖାଯାଇ ନ ଥାନ୍ତା ।

୨—ଯାସ୍କଙ୍କ ବ୍ୟାକରଣ ଭାଷାରେ ଶ୍ରେଣୀ ସଂସ୍କୃତର ପ୍ରଭାବ ଦେଖାଯାଏ ।

୩—ପାଣିନିଙ୍କର ଅନେକ ନିୟମ ସଂସ୍କୃତର ବ୍ୟାପକତା ଉପରେ ଆଲୋକପାତ କରେ ।

୪—ପାତଞ୍ଜଳିଙ୍କ ଯୋଗ ଦର୍ଶନ ସମ୍ବନ୍ଧରେ ସଂସ୍କୃତର ପ୍ରଚାର ଓ ପ୍ରସାର ଅଧିକ ସାଧାରଣସ୍ତରରେ ଥିଲା ବୋଲି ଜଣାଯାଏ ।

୫—ଏହା ସିଦ୍ଧ ଅଟେ ଯେ ସଂସ୍କୃତରେ ବିଭିନ୍ନ ସ୍ଥାନ ଦେଶମୂଳକ ଭିନ୍ନତା ଥିଲା । ଯାସ୍କ ଓ ପାଣିନି "ପ୍ରାଚ୍ୟୋ" ଏବଂ "ଉଦୀଚ୍ୟୋ" ଶବ୍ଦର ବ୍ୟବହାର କରିଛନ୍ତି । କାତ୍ୟାୟନ ଏହି ଶବ୍ଦଗୁଡ଼ିକ ଦେଶମୂଳକ ଭିନ୍ନତା ବୋଲି ସ୍ୱୀକାର କରିଛନ୍ତି ।

୬—କାବ୍ୟଗୁଡ଼ିକରେ ସଂସ୍କୃତର ପ୍ରଭାବ ଦେଖାଯାଏ । ସଂସ୍କୃତ କଥିତ-ଭାଷା ହୋଇ ନ ଥିଲେ କାହାଣୀଗୁଡ଼ିକ ସଂସ୍କୃତରେ ରଚନା କରାଯାଇ ନଥାନ୍ତା କିମ୍ବା ଏଗୁଡ଼ିକ ସର୍ବସାଧାରଣ ବୋଧଗମ୍ୟ ହୋଇନଥାନ୍ତା ।

୭—ପ୍ରସିଦ୍ଧ ବୌଦ୍ଧ-କବି ଅଶ୍ୱଘୋଷ ବୌଦ୍ଧସିଦ୍ଧାନ୍ତକୁ ସଂସ୍କୃତରେ ଲେଖିଥିଲେ । ଏଥିରୁ ଜଣାଯାଏ ଯେ ପ୍ରାକୃତ ଅପେକ୍ଷା ସଂସ୍କୃତ ଅଧିକ ଲୋକପ୍ରିୟ ଥିଲା । ସାଧାରଣଲୋକ ସଂସ୍କୃତ ବୁଝିପାରୁଥିଲେ । ଯଦି ସାଧାରଣଲୋକ ସଂସ୍କୃତ ବୁଝିପାରୁ ନ ଥାନ୍ତେ ଅଶ୍ୱଘୋଷ ବୌଦ୍ଧସିଦ୍ଧାନ୍ତକୁ ସଂସ୍କୃତରେ ଲେଖି ନ ଥାନ୍ତେ ।

୮—ଦ୍ୱିତୀୟ ଶତାବ୍ଦୀଠାରୁ ଯେଉଁ ଶିଳାଲେଖ ମିଳେ ତାହାସବୁ ପ୍ରାୟ ସଂସ୍କୃତଭାଷାରେ ଲିଖିତ । ଏଥିରୁ ଜଣାଯାଏ, ସଂସ୍କୃତ ସାଧାରଣ ବୋଧଗମ୍ୟ ଥିଲା ବୋଲି ଏହି ଶିଳାଲେଖ ଗୁଡ଼ିକ ସଂସ୍କୃତରେ ଲେଖା ଯାଇଛି ।

୯—ଉତ୍ତର ଭାରତରେ ବୌଦ୍ଧଗ୍ରନ୍ଥଗୁଡ଼ିକ ସଂସ୍କୃତରେ ଦେଖାଯାଏ । ଏଥିରୁ ଜଣାଯାଏ ବୌଦ୍ଧମାନେ ସଂସ୍କୃତର ବିରୋଧୀ ହୋଇ ମଧ୍ୟ ଅସଫଳ ହୋଇଥିଲେ, କାରଣ ସଂସ୍କୃତ କଥିତ ଭାଷା ରୂପେ ଥିଲା ।

୧୦—ହୁଏନ୍ ସାଂ ତାଙ୍କ ବିବରଣୀରେ ଲେଖିଛନ୍ତି ବୌଦ୍ଧ ଯୁଗରେ ବୌଦ୍ଧ-ପଣ୍ଡିତମାନେ ଶାସ୍ତ୍ରାର୍ଥ କେବଳ ସଂସ୍କୃତ ଭାଷାରେ କରୁଥିଲେ। ଜୈନ-ମାନେ ପ୍ରାକୃତ ଓ ସଂସ୍କୃତର ବ୍ୟବହାର କରୁଥିଲେ। ନାଟକଗୁଡ଼ିକରେ ସଂସ୍କୃତ ପ୍ରଚଳିତ ଭାଷା ଥିଲାପରି ଜଣାଯାଏ।

୧୧—ରାମାୟଣ, ମହାଭାରତର ଶ୍ଳୋକଗୁଡ଼ିକୁ ସାଧାରଣଲୋକ ବୁଝି-ପାରୁଥିଲେ, କାରଣ ମହାଭାରତ ସମୟ ଯାଏ ସଂସ୍କୃତ କଥିତ ଭାଷା ରୂପେ ଥିଲା କିନ୍ତୁ ପରେ ଏହାର ପରିବର୍ତ୍ତନ ଲକ୍ଷ୍ୟ କରାଗଲା।

**ବୈଦିକ ସାହିତ୍ୟରେ ଇତିହାସର ପ୍ରଶ୍ନ :**

ବେଦ କିମ୍ବା ବୈଦିକ ସାହିତ୍ୟରେ ଇତିହାସର ସୂଚନା ଦେଖାଯାଏ ନାହିଁ। ବେଦରେ ଯେଉଁ ବଶିଷ୍ଠ, ବରୁଣ, ପୁରୁରବା ଶବ୍ଦ ଆସେ ଏହି ଶବ୍ଦ-ଗୁଡ଼ିକର ଅର୍ଥ ସ୍ୱତନ୍ତ୍ର। ଆମ୍ଭେ ବଶିଷ୍ଠଙ୍କୁ ଜଣେ ଋଷି ବୋଲି ସ୍ୱୀକାର କରିଥାଉଁ। ଏହି ଋଷିରୂପୀ ବଶିଷ୍ଠ, ବେଦର ବଶିଷ୍ଠ, ନୁହଁନ୍ତି। ବେଦର ବଶିଷ୍ଠ, ବରୁଣ, ଇତ୍ୟାଦି ଶବ୍ଦଗୁଡ଼ିକ ପରମାତ୍ମାବାଚକ। ବେଦ ଈଶ୍ୱର ପ୍ରାଚୀନଗ୍ରନ୍ଥ ହୋଇ-ଥିବାରୁ ଏଥିରେ ଇତିହାସର ସୂଚନା ପରିଦୃଷ୍ଟ ହୁଏ ନାହିଁ।

**ଶିଳାଲେଖ ସଂମ୍ବନ୍ଧୀ ଅନ୍ୱେଷଣ :**

ଏହା ପ୍ରମାଣସିଦ୍ଧ ଯେ ସଂସ୍କୃତ ବିନା ଆମ୍ଭେ ପ୍ରାଚୀନ ଭାରତର କୌଣସି ସଭ୍ୟତା ଓ ଶିଳାଲେଖ ବିଷୟରେ ଜାଣିବା ଅସମ୍ଭବ। ଶିଳାଲେଖ ପଢିବା-ପାଇଁ କିମ୍ବା ବୁଝିବା ପାଇଁ ସଂସ୍କୃତଭାଷାର ଆବଶ୍ୟକତା ଦରକାର। ପ୍ରାଚୀନ କାଳରେ ସଂସ୍କୃତଭାଷା କଥିତ ଭାଷାରୂପେ ବ୍ୟବହାର କରାଯାଉଥିଲା। ଅନେକ ଶିଳାଲେଖ ପାଲିଭାଷାରେ ଦେଖିବାକୁ ମିଳେ। ପାଲିଭାଷା ସଂସ୍କୃତ ଭାଷାରୁ ଜନ୍ମ; ଏଣୁ ସଂସ୍କୃତ ଭାଷା ସମସ୍ତ ଭାଷାର ଜନନୀ ଅଟେ।

୧—ପାଣିନିଙ୍କ ଅଷ୍ଟାଧ୍ୟାୟୀ ବ୍ୟାକରଣକୁ ସ୍ୱାଧ୍ୟାୟ କରି ୟୁରୋପର ବିଦ୍ୱାନ ଓ ବୁଦ୍ଧିଜୀବୀମାନେ ନିଜର ଭାଷାକୁ ବ୍ୟାକରଣ ଦ୍ୱାରା ଯଥାସମ୍ଭବ ପୂର୍ଣ୍ଣ କରିଥିଲେ। ସେମାନେ ମଧ୍ୟ ସେମାନଙ୍କ ଭାଷାରେ ବେଦରବ୍ୟାକରଣ 'ନିରୁକ୍ତ' ଶାସ୍ତ୍ର ଅନୁଯାୟୀ କେତେକ ସ୍ଥଳରେ ନିଜ ଭାଷାର ସଂସ୍କାର କରିଛନ୍ତି। ଏଣୁ ଏହା ପ୍ରମାଣସିଦ୍ଧ ଯେ ପାଣିନିଙ୍କ ବ୍ୟାକରଣ ଓ ବେଦ ବ୍ୟାକରଣ ନିରୁକ୍ତର ପ୍ରଭାବ ୟୁରୋପୀୟ ଭାଷାରେ ରହିଛି।

୨—ଜର୍ମାନୀରୁ ମିଳିଥିବା ଶିଳାଲେଖରେ ବେଦଜ୍ଞାନ ଓ ବେଦ ଧର୍ମର ସୂଚନା ମିଳିଥାଏ । ମହାକବି କାଳିଦାସଙ୍କର ସଂସ୍କୃତନାଟକ "ଅଭିଜ୍ଞାନ ଶାକୁନ୍ତଳମ୍" ୟୁରୋପୀୟ ଭାଷାରେ ଓ ଜର୍ମାନ ଭାଷାରେ ଅନୁବାଦିତ ହୋଇଥିଲା । ଏଣୁ ଜର୍ମାନ ଓ ୟୁରୋପୀୟ ଭାଷାରେ ସଂସ୍କୃତ ଭାଷାର ପ୍ରଭାବ ଦେଖାଯାଏ । ଅଧ୍ୟାପକ ଏଫ୍ ଶ୍ଳେଗଲ ସଂସ୍କୃତକବିତା ଓ ସାମବେଦର କେତେକ ଉପପାଦ ଛନ୍ଦ ବିଶିଷ୍ଟ ମନ୍ତ୍ରକୁ ଜର୍ମାନଭାଷାର ପଦ୍ୟଖଣ୍ଡରେ ପ୍ରକାଶ କରିଥିଲେ ।

୩—ମହାଜନ ସଂପ୍ରଦାୟମାନଙ୍କର ପ୍ରାମାଣିକଗ୍ରନ୍ଥ ସଂସ୍କୃତ ଥିଲା । ଏହାଙ୍କର ଧର୍ମଗୀତ ୟୁରୋପୀୟ ଭାଷାରେ ଅନୁବାଦ ହେବାକୁ ଲାଗିଲା । ଯାହା-ଫଳରେ ୟୁରୋପରେ ବୁଦ୍ଧଦେବ ଓ ବୌଦ୍ଧଧର୍ମର ପ୍ରଭାବ ପଡ଼ିଥିଲା । ଯଦି ଏମାନଙ୍କ ଗ୍ରନ୍ଥ ସଂସ୍କୃତ ହୋଇ ନ ଥାନ୍ତା ତାହେଲେ ୟୁରୋପରେ ସେମାନଙ୍କ ପ୍ରଭାବ ପ୍ରାୟ ପଡ଼ି ନ ଥାନ୍ତା ।

୪—ବେଦ ବ୍ରାହ୍ମଣଗ୍ରନ୍ଥ, ଉପନିଷଦ, ଦର୍ଶନ, ରାମାୟଣ, ମହାଭାରତ, ପୁରାଣ ଗୀତିକାବ୍ୟ ୟୁରୋପର ପ୍ରଚଳିତଭାଷାରେ ଅନୁବାଦ ହେବାଦ୍ୱାରା ପାଶ୍ଚାତ୍ୟ ଦେଶରେ ଏକ ଭାରତୀୟ ଚିନ୍ତାର ତରଙ୍ଗ ଖେଳି ବୁଲିଲା । ସେମାନେ ଭାରତୀୟ ସଂସ୍କୃତି ଓ ସଂସ୍କୃତକୁ ମାନ୍ୟତା ଦେଇ ବହୁ ଉପାଦେୟ ପୁସ୍ତକ ରଚନା କଲେ । ଭାରତୀୟସଂସ୍କୃତି ଅତି ଉଚ୍ଚସଂସ୍କୃତି ବୋଲି ସେମାନେ ସ୍ୱୀକାର କଲେ ।

## ସଂସ୍କୃତ ଓ ଆଧୁନିକ ଭାଷାସମୂହ :

୧—ବୈଦିକ କାଳରେ ଆର୍ଯ୍ୟଭାଷାର ନାମ ସଂସ୍କୃତ ଥିଲା । ଏହା ସମାଜର ପ୍ରଚଳିତ ଭାଷା ଥିଲା । ସଂସ୍କୃତ ଭାଷାର ପ୍ରଭାବ ସେ ସମୟରେ ଏତେ ପ୍ରଖର ଥିଲା ଯାହାଫଳରେ ବିଶ୍ୱର ପ୍ରାୟ ପ୍ରତ୍ୟେକଭାଷାରେ ସଂସ୍କୃତଭାଷାର ପ୍ରଭାବ ପରିଦୃଷ୍ଟ ହୁଏ ।

୨—ବହୁକାଳପୂର୍ବେ ସଂସ୍କୃତ ଓ ଶ୍ରେଣ୍ୟସଂସ୍କୃତ ଯେ କି ବୈଦିକ ଭାଷାର ବଂଶଜ ଅଟେ, ଏହି ଭାଷାକୁ କଥିତଭାଷାରୂପେ ବ୍ୟବହାର କରା-ଯାଉଥିଲା, ଯାହାଫଳରେ ପାଲି ଓ ନାଟକ ଉପରେ ଏହାର ପ୍ରଭାବ ଦେଖାଯାଏ ।

୩—ଋକ୍‌ବେଦ ଠାରୁ ପୁରାଣ ପର୍ଯ୍ୟନ୍ତ ଗବେଷଣା କଲେ ସଂସ୍କୃତ ଭାଷାର ପ୍ରାଧାନ୍ୟ ପରିଦୃଷ୍ଟ ହୁଏ । ଏଣୁ ଜଣାଯାଏ ପୁରାଣଯୁଗ ଯାଏ ସଂସ୍କୃତ ପ୍ରଚଳିତ ଭାଷାରୂପେ ବ୍ୟବହୃତ ହେଉଥିଲା । ଏହି ଯୁକ୍ତିକୁ ସ୍ୱୀକାର କରି ଅଧ୍ୟାପକ

Bopp ତାଙ୍କ ପୁସ୍ତକରେ ଲେଖିଛନ୍ତି—"**At one time, sanskrit was the one langauge spoken all over the world.**"

୪—ପୁରାଣଗୁଡ଼ିକରେ କ୍ରମେ ବହୁ ପ୍ରକ୍ଷିପ୍ତ (ଅବାଞ୍ଛିତ ଘଟଣା) ପରବର୍ତ୍ତୀ ସମୟରେ ସ୍ଥାନ ପାଇଲା । ବୈଦିକ ଯୁଗରେ **ପୁରାଣ ଗ୍ରନ୍ଥ, ବ୍ରାହ୍ମଣ ଗ୍ରନ୍ଥ, ଶତପଥ ଗ୍ରନ୍ଥ, ଏତରେୟ ଗ୍ରନ୍ଥ**ଗୁଡ଼ିକୁ ପୁରାଣ କୁହାଯାଉଥିଲା; କିନ୍ତୁ ପରେ **ରାମାୟଣ, ମହାଭାରତ ଓ ଅଷ୍ଟାଦଶ ପୁରାଣ**କୁ ପରବର୍ତ୍ତୀ ପୁରାଣ ନାମରେ ନାମିତ କରାଗଲା । ଅଷ୍ଟ୍ରେଲିଆ ଓ ଜର୍ମାନ୍‌ରୁ ମିଳିଥିବା ଶିଳାଲେଖ ବୈଦିକଯୁଗର ଶିଳାଲେଖ ବୋଲି ଅନୁମାନ କରାଯାଏ । ସେଥିରେ ସଂସ୍କୃତର ପ୍ରଭାବ ଦେଖାଯାଏ ।


**ଶିଶୁବେଦ ବା ତତ୍ତ୍ୱବେଦ :**

ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦର କେତେକ ସାର ମନ୍ତ୍ରକୁନେଇ ଏହି ବେଦର ସୃଷ୍ଟି, ଯେପରି ଅଥର୍ବବେଦ, ଋଗ୍‌ବେଦ, ସାମବେଦ ଓ ଯଜୁର୍ବେଦର କେତେକ ମନ୍ତ୍ରକୁ ନେଇ ସଂକଳିତ ହୋଇଛି ସେହିପରି ଏହି ଶିଶୁବେଦ ବା ତତ୍ତ୍ୱବେଦ । ଅଦ୍ୟାବଧିଯାଏ ଅଥର୍ବବେଦର ପିପଲାଦ-ଶାଖା ମିଳିନ ଥିଲା । ଏହା ୧୯୭୧ ମସିହାରେ ମୟୂରଭଞ୍ଜ ଜିଲ୍ଲା, ବୈଣିଙ୍ଗା ଗ୍ରାମରୁ ଉଦ୍ଧାର କରାଗଲା । ଶିଶୁବେଦର ପ୍ରକୃତ ଭାରତରେ ସର୍ବତ୍ର ଦେଖାଯାଏ ଏହି ବେଦ ବିଷୟରେ କିଛି ନ ଜାଣି ତାକୁ ଅବିଶ୍ୱାସ କରିବା ଠିକ୍‌ନୁହେଁ । ଏହାର ଅନ୍ୟନାମ "ବ୍ରହ୍ମବେଦ ବା ତତ୍ତ୍ୱବେଦ ।" ଜର୍ମାନ ଓ ଆମେରିକାର ବୈଦିକପଣ୍ଡିତମାନେ ଏହି ବେଦକୁ ବହୁତ ଖୋଜି ହରାଣ ହୋଇଥିବାରୁ ସେମାନେ ସେମାନଙ୍କ ପୁସ୍ତକଗୁଡ଼ିକରେ ଏହି ବେଦ ବିଷୟରେ ନୀରବ । ବିହାର ସିଂହଭୂମି ଜିଲ୍ଲା ବଂଧାଗ୍ରାମରୁ ଏହି ଶିଶୁବେଦ ତାଳପତ୍ରପୋଥି ଉଦ୍ଧାର କରାଯାଇଛି । ଏହା ୨୫ଗୋଟି ମଣ୍ଡଳରେ ବିଭକ୍ତ । ଏଥିରେ ଛଅଶହ ମନ୍ତ୍ରଅଛି, ଯାହା ଅନ୍ୟାନ୍ୟ ବେଦଗୁଡ଼ିକରେ ଦେଖାଯାଏ । ବୋଧହୁଏ ଋଷିମାନେ ଆଧ୍ୟାତ୍ମିକଜ୍ଞାନ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱକୁ ଶିଷ୍ୟ ପରଂପରାକୁ ବୁଝାଇବାପାଇଁ ଏହି ସଂକଳନ କରିଥିଲେ । ଏହି ପୋଥିଲେଖକଙ୍କଦ୍ୱାରା ଉଦ୍ଧାର କରାଯାଇ ତାଙ୍କ ନିକଟରେ ରହିଛି । ବ୍ରହ୍ମସାକ୍ଷାତକାର, କୁଳକୁଣ୍ଡଳିନୀଜାଗ୍ରତ, ମନ୍ତ୍ରସୃଷ୍ଟି, ଧ୍ୱନିବିଜ୍ଞାନ, ପ୍ରାଣାୟାମଯୋଗ, ଆତ୍ମବିଜ୍ଞାନଯୋଗ, ବ୍ରହ୍ମବିଜ୍ଞାନ-ବିଷୟରେ ଏହି ବେଦରେ ଲେଖାଅଛି । ଶିଶୁବେଦର ପ୍ରଥମ ମନ୍ତ୍ରଟି ଅକାରତତ୍ତ୍ୱ ତାରକବ୍ରହ୍ମଯୋଗ ଉପରେ ଆଧାରିତ । ଇନ୍ଦ୍ରିୟମାନଙ୍କୁ ଧ୍ୟାନସ୍ଥ ଅବସ୍ଥାରେ ଆୟତ୍ତକରି ପରଂବ୍ରହ୍ମ ପରମାତ୍ମାଙ୍କୁ ଦର୍ଶନ, ସ୍ପର୍ଶନ ଓ ଅନୁଭବକରି ବ୍ରହ୍ମଲୋକରେ ପ୍ରବେଶ କରିବାର ପ୍ରଣାଳୀ ଶିଶୁବେଦର ମୁଖ୍ୟ ବିଷୟବସ୍ତୁ । ଏହିବେଦରେ ଛଅଶ ଗୋଟି ସୁକ୍ତ ଅଛି ।

# ଆର୍ଯ୍ୟଭାଷା ବିକାଶର ସୂଚୀପତ୍ର

| | | |
|---|---|---|
| | | —ବେଦ (ବୈଦିକ) ଯୁଗର ପ୍ରଚଳିତ ସଂସ୍କୃତ ଭାଷା |
| ଋଗବେଦ | | |
| ସଂହିତା | | —ପାଲି |
| ବ୍ରାହ୍ମଣ ଗ୍ରନ୍ଥ ଓ ଯାସ୍କ | ଲିଖିତ ପାଲି— | |
| ମଧ୍ୟକାଳୀନ ସଂସ୍କୃତ | | —ଅଶୋକଙ୍କ ଦ୍ୱାରା ଲିଖିତ ପାଲି (ଶାସନ) |
| ରାମାୟଣ, ମହାଭାରତ ଓ ପାଣିନି | ଲିଖିତ ପ୍ରାକୃତଭାଷା | —ନାଟକର ପ୍ରାକୃତ ଭାଷା |
| ଅନ୍ୟ ପୁରାଣ | ଲିଖିତ ଅପଭ୍ରଂଶ ଭାଷା | —ଅପଭ୍ରଂଶ ଭାଷା |
| କାତ୍ୟାୟନ ଏବଂ ପତଞ୍ଜଳୀ | | —ବର୍ତ୍ତମାନ ଭାଷା |

# "ଆର୍ଯ୍ୟଭାଷା ବିକାଶର ଏକ ସୂଚୀପତ୍ର"




( ଦିଲ୍ଲୀ ମିୟୁଜିଅମ୍ ରୁ ସଂଗୃହୀତ )

**ବେଦ ସକଳବିଦ୍ୟାର ଆଦିସ୍ରୋତ :**

ବେଦ ସକଳବିଦ୍ୟାର ଆଦିସ୍ରୋତ ଓ ଦିବ୍ୟମାନବ ଜୀବନର ପ୍ରାଣକେନ୍ଦ୍ର, ଅଧ୍ୟାପକ Maxmuller ଙ୍କ ଭାଷାରେ **the vedas are the oldest holy books in the library of man kind.** ବେଦରେ କେବଳ ଧର୍ମଶାସ୍ତ୍ର ବିଷୟରେ ଆଲୋଚନା ହୋଇଛି ତାହା ନୁହେଁ, ବୈଜ୍ଞାନିକତଥ୍ୟ; ଗଣିତବିଦ୍ୟା ଓ ଜ୍ୟୋତିଷବିଦ୍ୟା ସନ୍ନିହିତ । ଭିନ୍ନଭିନ୍ନ ବିମାନର ବର୍ଣ୍ଣନା ଓ ଏହାର ଗଠନ ପ୍ରଣାଳୀ ବେଦରେ ବର୍ଣ୍ଣନା କରାଯାଇଛି । ମହର୍ଷି ଭରଦ୍ୱାଜ "ଯନ୍ତ୍ରସର୍ବସ୍ୱ" ଗ୍ରନ୍ଥରେ ଭିନ୍ନ ଭିନ୍ନ ବିମାନର ବିଚିତ୍ରତା ବିଷୟରେ ଉଲ୍ଲେଖ କରି ଅଛନ୍ତି । ଏହି 'ଯନ୍ତ୍ର ସର୍ବସ୍ୱ'ରେ ବିଦ୍ୟୁତ୍ ବିମାନ ଓ ସୌରରଶ୍ମିରେ ଗତିଶୀଳ ହେଉଥିବା ବିମାନ ନିର୍ମାଣ ପ୍ରଣାଳୀ ବର୍ଣ୍ଣନା କରାଯାଇ ଅଛି । ଅଗସ୍ତ୍ୟ କୃତ,—'ଶକ୍ତିସୂତ୍ର,' ଭରଦ୍ୱାଜକୃତ—'ଅଂଶମତନ୍ତ୍ର,' 'ଆକାଶଶାସ୍ତ୍ର,' 'ଯନ୍ତ୍ରସର୍ବସ୍ୱ,' ମହର୍ଷିନାରଦଙ୍କକୃତ,—'ବୈଶାନରତନ୍ତ୍ର,' 'ଧୂମପ୍ରକରଣ,' ଏତଦ୍‌ବ୍ୟତୀତ, ଶୌନକ, ଗର୍ଗ, ବାଚସ୍ପତି, ଚୈରାୟଣି, ଢୁଣ୍ଡିନାଥ ଏହି ଛଅ ଜଣଙ୍କର ବିମାନ ଶାସ୍ତ୍ର ଅତିଶ୍ରେଷ୍ଠ ଅଟେ । ଏହି ଛଅ ଜଣ ବିମାନଶାସ୍ତ୍ରକାର । ଏମାନଙ୍କ ଶ୍ରେଷ୍ଠ ପୁସ୍ତକ ହେଲା—'ବିମାନଚନ୍ଦ୍ରିକା' 'ବ୍ୟୋମଯାନତନ୍ତ୍ର' 'ଯନ୍ତ୍ରକଳ୍ପ ଯାନ,' 'ବିନ୍ଦୁ କେତୁଯାନପ୍ରଦୀପିକା' ଓ 'ବ୍ୟୋମଯାନାର୍କ ପ୍ରକାଶ' ଏଥିରେ ନିର୍ଦ୍ଦେଶ ଅଛି—

ସମୁଦ୍ରଂ ଗଚ୍ଛ ସ୍ୱାହାଽନ୍ତରିକ୍ଷଂ ଗଚ୍ଛ ସ୍ୱାହା । ଯଜୁର୍ବେଦ

ଅର୍ଥାତ୍—ଶକ୍ତିଶାଳୀ ଯାନଦ୍ୱାରା ଭୂମି ସମୁଦ୍ରରେ ଯାତ୍ରାକର ଏବଂ ଆକାଶରେ ଶକ୍ତିଶାଳୀବିମାନ ଦ୍ୱାରା ଯାତ୍ରାକର । ଋଗ୍‌ବେଦରେ ଲେଖା ଅଛି ଯଥା :—

"ସୋମା ପୂଷଣୋ ରଜସୋ ବିମାନଂ
ସପ୍ତଚକ୍ରଂ ରଥମବିଶ୍ୱମିନ୍ୱମ୍ ।।" ୨ । ୪୦ । ୩
"ଅନଶ୍ୱୋ ଜାତୋ ଅନଭୀଶୁରୁ କଥ୍ୟୋ
ରଥସ୍ତ୍ରିଚକ୍ରଃ ପରିବର୍ତ୍ତତେ ରଜ ।।" ଋ ୪।୩୬।୧

ଏହିପରି ବହୁ ଉଦାହରଣ ବେଦରେ ରହିଛି । ଯାହାକୁ ଗବେଷଣାକରି ଅଧୁନା ପକ୍ଷୀପରି ବିମାନ ସାହାଯ୍ୟରେ ବୁଦ୍ଧିଜିବୀ ବିଦ୍ୱାନମାନେ ଆକାଶମାର୍ଗରେ

ଭ୍ରମଣ କରୁଥିଲେ । ଏହାର ବିସ୍ତୃତ ବିବରଣୀ ଲେଖକଙ୍କର "ସଂସ୍କୃତିର ଆଦିସ୍ରୋତ ବେଦ" ପୁସ୍ତକରେ ମିଳିପାରିବ ।

## ବେଦରେ ସମୁଦ୍ର ଜାହାଜର ବର୍ଣ୍ଣନା :

ଆକାଶରେ ବିମାନ ଯୋଗେ ଗତିକଲାପରେ ସମୁଦ୍ରରେ ସମୁଦ୍ରୀଯାନରେ ଗତିକରିବା ପାଇଁ ବେଦରେ ନିର୍ଦ୍ଦେଶ ଅଛି । ଋଗ୍‌ବେଦରେ ସମୁଦ୍ର ଜାହାଜକଥା ଓ ଏହାର ନିର୍ମାଣ ପ୍ରଣାଳୀ ବିଷୟରେ ବର୍ଣ୍ଣନା କରାଯାଇଛି—

"ବେଦାଯୋବୀନା ପଦମନ୍ତରୀକ୍ଷେଣ ପତତାମ୍
ବେଦନାବଃ ସମୁଦ୍ରିୟଃ ।" ଋ ୧।୨୫।୭

ଆକାଶରେ ପକ୍ଷୀପରି ବିମାନ ଦ୍ୱାରା ଗତିକରିବାପାଇଁ ଓ ସମୁଦ୍ରରେ ଆନନ୍ଦରେ ଭ୍ରମଣକରିବାପାଇଁ ସାମୁଦ୍ରିକ ନାବ (ଜାହାଜ)ର ବର୍ଣ୍ଣନା ବେଦରେ ପରିଦୃଷ୍ଟ ହୁଏ ।

"ସୁତ୍ରାମାଣଂ ପୃଥିବୀଂ ଦ୍ୟାମନେହସଂ ।।" ଋଗ୍
"ପରିପ୍ରାସିଷ୍ୟଦତ୍ କବିଃ ସିନ୍ଧୋରୁର୍ମାବଧି ଶ୍ରିତଃ
କାରଂ ବିଭ୍ରତ୍ ପୁରୁସ୍ପୃହମ ।।" ଋ ୮ । ୧୪ । ୧ ।

ହେ ଶିଳ୍ପୀ ତୁମ୍ଭେ ସମୁଦ୍ରଲହରୀ ଉପରେ (କାରଂ) ସମୁଦ୍ର ଜାହାଜ ନିର୍ମାଣ କରି ଆନନ୍ଦରେ ଭ୍ରମଣକର । ଇଂରାଜୀ ଭାଷାରେ ପ୍ରଚଳିତ କାର (Car) ଶବ୍ଦ ବୈଦିକ ଶବ୍ଦ ଅଟେ । ଏହା ବେଦର ପ୍ରଭାବ ଯୋଗୁ ଇଂରାଜୀ ଭାଷାରେ ପ୍ରଚଳନ ହୋଇଛି । ( ବେଦୋକାଯଥାର୍ଥ ସ୍ୱରୂପ; ପୃ ୭୪ )

## ବେଦରେ ଗଣିତ ଜ୍ୟୋତିଷ ଶାସ୍ତ୍ର :

ଜ୍ୟୋତିଷଶାସ୍ତ୍ର ବେଦର ଚକ୍ଷୁ ସ୍ୱରୂପ । ଏହି ଶାସ୍ତ୍ର ଦ୍ୱାରା ସୂର୍ଯ୍ୟ, ନକ୍ଷତ୍ର ଓ ପୃଥିବୀର ଗତି ନିର୍ଣ୍ଣୟ କରାଯାଏ । ଏହାର ବିଶଦ ବିବରଣୀ ଜ୍ୟୋତିଷ ଅଧ୍ୟାୟରେ ବିଶଦଭାବରେ ବର୍ଣ୍ଣନା କରାଯିବ । ଜ୍ୟୋତିଷ ବେଦର ଅନ୍ୟତମ ଅଙ୍ଗ । ତିଥି, ଲଗ୍ନ, ନିରୂପଣ କରିବା ଗଣିତ ଜ୍ୟୋତିଷର ଆଭିମୁଖ୍ୟ । ଲଗଧ ଏହି ଜ୍ୟୋତିଷର ରଚୟିତା ଅଟନ୍ତି । ବେଦର ଷୋଳଗୋଟି ସୂତ୍ର ପୃଥିବୀର ସମସ୍ତ ଗଣିତ ସମସ୍ୟା ସମାଧାନ କରିପାରିବ । ପୁରୀ-ଗୋବର୍ଦ୍ଧନ ମଠ ଶଙ୍କରାଚାର୍ଯ୍ୟ

ଭାରତୀକୃଷ୍ଣଙ୍କର **Vedic Mathematic** ବେଦର ଗଣିତ ବିଦ୍ୟା ବିଷୟରେ ଗମ୍ଭୀର ଭାବରେ ସୂଚନା ଦିଏ ।

**ବେଦରେ ଆୟୁର୍ବେଦ ଓ ଚିକିତ୍ସା ବିଜ୍ଞାନ :**

ଅଥର୍ବ ବେଦରେ ମୁଖ୍ୟତଃ ଚିକିତ୍ସାବିଜ୍ଞାନର ସୂଚନା ମିଳିଥାଏ ଆୟୁର୍ବେଦ ଅଥର୍ବ ବେଦର ଉପବେଦ । ପ୍ରାକୃତିକ ଚିକିତ୍ସା, ଔଷଧୀଚିକିତ୍ସା ବା ଦ୍ରବ୍ୟଚିକିତ୍ସା ଇତ୍ୟାଦି ବହୁପ୍ରକାର ଚିକିତ୍ସା ପ୍ରଣାଳୀ ଅଥର୍ବ ବେଦରେ ସନ୍ନିହିତ ଋଗ୍‌ବେଦର ନବମ ମଣ୍ଡଳ, ସାମବେଦର ଅନେକ ସୂକ୍ତରେ ଔଷଧର ବର୍ଣ୍ଣନା ଦେଖାଯାଏ । ଏହି ଔଷଧ ସେବନ ଦ୍ୱାରା ରୋଗର ବିନାଶ ଘଟେ ବୋଲି ବେଦରେ ସୂଚିତ କରାଯାଇଛି ।

**ବେଦରେ ଭୂଗର୍ଭ ବିଦ୍ୟା :**

ଅନ୍ୟ ବିଦ୍ୟାପରି ବେଦରେ ଭୂଗର୍ଭବିଦ୍ୟା (Geology) ର ସୂଚନା ଦେଖାଯାଏ । **the Vedic Father's of Geology** ପୁସ୍ତକରେ ଋଗ୍ ବେଦର ମନ୍ତ୍ରକୁ ଉଦ୍ଧାର କରି ଅଧ୍ୟାପକ **N. B. Pavgee** ବହୁ ଯୁକ୍ତି ଦେଖାଇ ଭୂଗର୍ଭ ବିଦ୍ୟା ବିଷୟରେ ଗଭୀର ଆଲୋକପାତ କରିଛନ୍ତି :—

"I may take this opportunity to remind the reader, without fear of contradiction, that the Vedas contain manythings not yet known to anybody, as they form a mine of inexhausrible literary wealth, that has still remained unexplored."

The veda is the fountain-head of knowledge, the "Prime source of inspiration, may the grand repository of Divine wisdom and even eternal truths."

**ବେଦରେ ଜୀବବିଜ୍ଞାନର ସୂଚନା :**

ବିମାନ, ନୌବିମାନ, ଚିକିତ୍ସାଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ପରେ ବେଦରେ

ଜୀବ ବିଜ୍ଞାନ (Biology) ର ବର୍ଣ୍ଣନା ଦେଖାଯାଏ । Medicine, ଶରୀର ବିଜ୍ଞାନ (Physiology) ସ୍ୱସ୍ଥବୃତ୍ତ (Hygiene) ଶଲ୍ୟକ୍ରିୟା Surgery, ପ୍ରତ୍ୟକ୍ଷ ଶାରୀର (Anotomy) ରସାୟନ ଶାସ୍ତ୍ର "Chemistry" ବର୍ଣ୍ଣନା ବହୁ ସ୍ଥାନରେ ପରିଦୃଷ୍ଟ ହୁଏ । ଅଧ୍ୟାପକ Dr. Rele ତାଙ୍କର "the Vedic Gods—as figures of Biology ନାମକ ପ୍ରସିଦ୍ଧ ଗ୍ରନ୍ଥରେ ଲେଖିଛନ୍ତି ଯଥା :—

"Our present anatomical knowledge of the nervous system tallies so accurately with the literal description of the world given in the Rigveda that a question arises in the mind whether the vedas are really religious books or whether they are book on anatomy and physiology of the nevous system, without the thorough knowledge of which psychological deductions and philosophical speculations can not be collectly made."

## ବେଦରେ ଭୌତିକଶାସ୍ତ୍ର ଓ ରସାୟନ ଶାସ୍ତ୍ର :

ବେଦରେ ଭୌତିକ ଓ ରସାୟନବିଜ୍ଞାନର ସୂଚନା ବହୁଳ ଭାବରେ ଦେଖାଯାଏ । Positive sciences of the Hindus ପୁସ୍ତକରେ ଏହାର ବର୍ଣ୍ଣନା ବିଶଦ ଭାବରେ ଦିଆଯାଇଛି । ଋକ୍ ବେଦରେ ନିମ୍ନମନ୍ତ୍ରଗୁଡ଼ିକ ଏହି ବିଷୟରେ ଆଧାରିତ ।

"ମିତ୍ରଂ ହୁବେ ପୂତଦକ୍ଷଂ ବରୁଣଂ ଚ ରିଶାଦସମ୍" ॥ ଋ୧ । ୨ । ୭
"ଉତାସି ମୈତ୍ରା ବରୁଣୋ ବଶିଷ୍ଠା ।" ଋ ୭ । ୩୩ । ୧୧

ବେଦରେ ଜଳର ସୃଷ୍ଟି ବ୍ୟତୀତ ବହୁ ଗ୍ୟାସିୟ ପଦାର୍ଥ ଓ ଶରୀର ତତ୍ତ୍ୱର ବର୍ଣ୍ଣନା ଦେଖାଯାଏ । ଜଣେ ଫରାସୀ ବିଦ୍ୱାନଙ୍କ ଭାଷାରେ :—

"Containing a new method for the systematic interpretation of the vedas and experimenatal data

Proving that the vedas are treatise on the Exact Sciences."

ଋଗବେଦ ଓ ଯଜୁର୍ବେଦର ବୈଜ୍ଞାନିକ ସିଦ୍ଧାନ୍ତକୁ ସ୍ୱୀକାରକାରୀ ବୈଜ୍ଞାନିକମାନେ କହନ୍ତି :—

"The Rigveda deals with theorems and experiments, while the Process of preparing the reagent and apparatus is recorded in the yajur which is in effect, a labaratory guide."

ଏହା ବ୍ୟତୀତ ଯଜୁର୍ବେଦର ପ୍ରତ୍ୟେକମନ୍ତ୍ର ବୈଜ୍ଞାନିକ ସିଦ୍ଧାନ୍ତ ଉପରେ ଆଧାରିତ । ଯୋଗୀ ଅରବିନ୍ଦଙ୍କ ଭାଷାରେ :—

"I will add my own conviction that veda contains other truths of Science which the modern world does not possess at all."

**ବେଦରେ ତାରାଖ୍ୟ ଯନ୍ତ୍ର,** (ବେତାର ଯନ୍ତ୍ରର ବର୍ଣ୍ଣନା)

ଋଗ୍ ବେଦାଦି ଭାଷ୍ୟ ଭୂମିକା ପୁସ୍ତକରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯୁକ୍ତି ଦ୍ୱାରା ପ୍ରମାଣକରି ଅଛନ୍ତି ଯେ ଋଗ୍‌ବେଦ ଓ ଯଜୁର୍ବେଦର ବହୁ ମନ୍ତ୍ରରେ ବେତାର ଯନ୍ତ୍ରର ବର୍ଣ୍ଣନା ଦେଖାଯାଏ । ଦୂର ସ୍ଥାନରେ ରହି ସମ୍ବାଦ ପରିବେଷଣ ଏହି ଯନ୍ତ୍ର ଦ୍ୱାରା କରାଯାଇଥାଏ । ଏହି ତାରରେ ବିଦ୍ୟୁତ ସଂଯୋଗକରି ରାଷ୍ଟ୍ରର ଉପକାର ଦିଗରେ ବ୍ୟବହାର କରିବାପାଇଁ ନିର୍ଦ୍ଦେଶ ଦିଆଯାଇଅଛି ଓ ସମ୍ବାଦ ପରିବେଷଣ କରିବାପାଇଁ ସୂଚିତ ହୋଇଛି । ଶ୍ରେଷ୍ଠ ପୁରୁଷଙ୍କର ବିଜୟ ନିମନ୍ତେ ଏହି ତାରଯନ୍ତ୍ର ଅତି ଦରକାରୀ ଅଟେ । (ଯୁବଂଦୂ ବନ୍ଧ୍ୟଥଃ) ଏହି ତାରଯନ୍ତ୍ର ଅଶ୍ୱପରି କ୍ଷିପ୍ର ଅଟେ । ଋଗ୍‌ବେଦରେ ପ୍ରମାଣ ଅଛି :—

"ଓଁ ଯୁବଂପେଦବେ ପୁରୁବାର ମଶ୍ୱିନା
ସ୍ପୃଧାଂ ଶ୍ୱେତଂ ତରୁତାରଂ ଦୁବସ୍ୟଥଃ
ଶର୍ଯ୍ୟୈରଭିଦ୍ୟୁଂ ପୃତନାସୁ ଦୁଷ୍ଟରଂ
ଚର୍କୃତ୍ୟମିନ୍ଦ୍ରମିବ ଚର୍ଷଣୀସହମ୍ ।।" ଋଗ୍‌ବେଦ

ଏହି ବିଜ୍ଞାନତତ୍ତ୍ୱକୁ ଅନୁଧ୍ୟାନକରି ଆମେରିକାର ସୁନାମଧନ୍ୟ ବୈଜ୍ଞାନିକ Mrs Wheelar willoy ମତ ବ୍ୟକ୍ତ କରି କହନ୍ତି :—

"We have all heard and read about the ancient religion of India. It is the land of the great Vedas, the most remarkable works containing not only religious ideas on a perfect life, but also fact which all the science has since proved true. Electricity, Redium. Electrons, Airships, all seem to be known to the sires who found the vedas."

## ବେଦର ବିଭାଗ କରଣ

ଆର୍ଯ୍ୟଋଷିମାନେ ଯେଉଁ ଦାର୍ଶନିକତଥ୍ୟ ଆବିଷ୍କାର କରିଥିଲେ ତାର ମୂଳକାରଣହିଁ ବେଦ । ସେମାନେ ବେଦର ଅନନ୍ତ ଗର୍ଭରୁ ଆୟୁର୍ବେଦ ବା ଔଷଧି ବିଜ୍ଞାନ (Medicine) ଶରୀର ବିଜ୍ଞାନ (Physiology) ସୁସ୍ଥବୃତ୍ତ (Hygiene) ଶଲ୍ୟଚିକିତ୍ସା (Surgery) ପ୍ରତ୍ୟେକ୍ଷଶାରୀର (Anotomy) ରସାୟନଶାସ୍ତ୍ର "Chemistry" ଇତ୍ୟାଦି ବହୁ ଅଦ୍ଭୁତ ବିଜ୍ଞାନ ଆବିଷ୍କାର କରିଥିଲେ କେବଳ ମନୁଷ୍ୟମାନଙ୍କର କଲ୍ୟାଣ ସାଧନପାଇଁ ।

**ଅଥର୍ବବେଦ ବା ଶିଳ୍ପ ଶାସ୍ତ୍ର :—**

ଏଥିରେ ଶିଳ୍ପ Crafts and Machinery ଓ କଳା Art ର ବର୍ଣ୍ଣନା ବିଶଦଭାବରେ କରାଯାଇଛି । ଏହାବ୍ୟତୀତ ଆତ୍ମା, ପରମାତ୍ମାଙ୍କ ସ୍ଥିତି, ଦ୍ରବ୍ୟ ଗୁଣର ସୂଚନା ଦେଖାଯାଏ ।

## ଗାନ୍ଧର୍ବବେଦ

ସଙ୍ଗୀତ କଳା, ନାଟ୍ୟକଳା, ନୃତ୍ୟକଳା ଏହାର ବିଷୟବସ୍ତୁ ।

**ଧନୁର୍ବେଦ :—**ଏହି ଉପବେଦରେ ଯୁଦ୍ଧବିଦ୍ୟା, ଅସ୍ତ୍ରଶସ୍ତ୍ର, ଅଣୁପରମାଣୁ ବିଦ୍ୟା ଓ ଭୁଷଣ୍ଡି ବା ବନ୍ଧୁକ ନିର୍ମାଣ ବିଷୟରେ ବର୍ଣ୍ଣନା କରାଯାଇଛି ।

**ଶିକ୍ଷା** :—ବେଦାଙ୍ଗ ବର୍ଣ୍ଣୋଚ୍ଚାରଣଶିକ୍ଷା (Science of Phonetice) ର ମୀମାଂସା କରାଯାଇଛି ।

**କଳ୍ପ** :— ଏଥିରେ ଗୁଣଗୋଟି ବିଭାଗ ଅଛି :—

(୧) ଧର୍ମସୂତ୍ର (Principles of Religion)
(୨) ଶ୍ରୌତସୂତ୍ର (Rules of Vedic ceremonics)
(୩) ଗୃହ୍ୟସୂତ୍ର (Rules of domestic ceremonies)
(୪) ଶୁଲ୍ବସୂତ୍ର (Principles to geometry)
ବ୍ୟାକରଣ—Grammer
ନିଘଣ୍ଟୁ ଓ ନିରୁକ୍ତ :—Philology

**ଛନ୍ଦ** :—Prosody

ଜ୍ୟୋତିଷ (Astronomy and Mathematics)

# ବେଦର ଉପବେଦ

ଋଗ୍‌ବେଦର ଉପବେଦ ଅର୍ଥବେଦ, ଯଜୁର୍ବେଦର ଉପବେଦ ଧନୁର୍ବେଦ, ସାମବେଦର ଉପବେଦ ଗାନ୍ଧର୍ବବେଦ ଓ ଅଥର୍ବ ବେଦର ଉପବେଦ ଆୟୁର୍ବେଦ । ଜ୍ୟୋତିବେଦ, ତନ୍ତ୍ରବେଦ ଏହାର ଅଧୀନ ।

**ବେଦ ମନ୍ତ୍ରରେ ପ୍ରକ୍ଷେପ ଅଛି କି ?**

ବେଦମନ୍ତ୍ର ଗୁଡ଼ିକ ଆଧୁନିକ ସଂସ୍କୃତଠାରୁ ସ୍ୱତନ୍ତ୍ର । ଏହାର ବ୍ୟାକରଣ ଓ ଶବ୍ଦ କୋଷ ସ୍ୱତନ୍ତ୍ର । ଅମରକୋଷ ଓ ପାଣିନି ବ୍ୟାକରଣ ସହିତ ବେଦମନ୍ତ୍ରର ସମ୍ପର୍କ ନାହିଁ । ବେଦର ବ୍ୟାକରଣ ନିରୁକ୍ତ ଓ ଶବ୍ଦକୋଷ ନିଘଣ୍ଟୁ । ବେଦମନ୍ତ୍ର-ଗୁଡ଼ିକରେ ଆର୍ଷ ପ୍ରୟୋଗ ହୋଇଥିବାରୁ ଏହା ନିତ୍ୟଅଟେ । ବେଦରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକ୍ଷେପମନ୍ତ୍ର ଦେଖାଯାଏ ନାହିଁ ।

**ବେଦରେ ମାଂସ ଭକ୍ଷଣ ନିଷେଧ**

ଆର୍ଯ୍ୟମାନେ ବୈଦିକ ଯୁଗରେ ମାଂସ ଭକ୍ଷଣ କରୁଥିଲେ ଓ ବେଦରେ ମାଂସ ଭକ୍ଷଣପାଇଁ ନିର୍ଦ୍ଦେଶ ଅଛିବୋଲି ଯେଉଁ ପଣ୍ଡିତମାନେ ମତବ୍ୟକ୍ତ କରିଛନ୍ତି ତାହା ଭ୍ରମପୂର୍ଣ୍ଣ । ବେଦର କୌଣସି ମନ୍ତ୍ରରେ ପଶୁହିଂସା ଓ ମାଂସଭକ୍ଷଣରେ ଦୃଷ୍ଟାନ୍ତନାହିଁ ।

ମାଂସଭକ୍ଷଣକୁ ଆର୍ଯ୍ୟମାନେ ଅସ୍ୱୀକାରକରୁଥିଲେ ବୋଲି ମହର୍ଷିମନୁ ତାଙ୍କ ସଂହିତାରେ ଉଲ୍ଲେଖ କରିଛନ୍ତି ।

ନାକୃତ୍ୱାପ୍ରାଣିନାଂହିସାଂ, ମାଂସମୁତ୍ପଦ୍ୟତେ କ୍ୱଚିତ୍
ନଚ ପ୍ରାଣିବଧଃ ସ୍ୱର୍ଗଃ, ତସ୍ମାନ୍ମାଂସଂ ବିବର୍ଜୟେତ୍ ।। ୫ । ୪୯

**ପୁଣି ମହାଭାରତରେ ଲେଖା ଅଛି :—**

ସୁରାମସ୍ତ୍ୟାଃ ପଶୋର୍ମାଂସଂ ଦ୍ୱିଜାତୀନାଂ ବଳିସ୍ତଥା

ଧୂର୍ତ୍ତୈଃ ପ୍ରବର୍ତ୍ତିତଂ ଯଜ୍ଞେ ନୈତଦ୍ ବେଦେଷୁ କଥ୍ୟତେ ।। ଶାନ୍ତିପର୍ବ ମଦ୍ୟ, ମତ୍ସ୍ୟ ଓ ପଶୁମାନଙ୍କର ମାଂସ ତଥା ଦ୍ୱିଜାତିପକ୍ଷୀ ପ୍ରଭୃତି ମନୁଷ୍ୟମାନଙ୍କ ବଳିଦାନ ଧୂର୍ତ୍ତଦ୍ୱାରା ଯଜ୍ଞରେ ପ୍ରବର୍ତ୍ତିତ ହୋଇଛି-ଅର୍ଥାତ୍ ଦୁଷ୍ଟରାକ୍ଷସ ମାଂସାହାରୀମାନେ ଯଜ୍ଞରେ ପ୍ରଚଳନ କରାଇଛନ୍ତି । ବେଦରେ ମାଂସର ବିଧାନ ନାହିଁ ।

## ବେଦରେଥିବା ଆର୍ଯ୍ୟଶବ୍ଦ ସଂପ୍ରଦାୟ ବାଚକ ନୁହେଁ

କେତେକ ଇତିହାସ ପଣ୍ଡିତ କହନ୍ତି ବେଦରେଥିବା ଆର୍ଯ୍ୟଶବ୍ଦ ସଂପ୍ରଦାୟବାଚକ ଓ ଏହି ଆର୍ଯ୍ୟଦଳ କାସ୍ପିଆନ୍ ଇତ୍ୟାଦି ନଦୀକୂଳରୁ ଭାରତକୁ ଆସି ବସତି ସ୍ଥାପନକଲେ ଓ ଏହି ଆର୍ଯ୍ୟମାନଙ୍କ ମଧ୍ୟରେ ବେଦରଚନା କରାଯାଇଥିଲା କିନ୍ତୁ ଏହା ଭ୍ରମାତ୍ମକ । ବେଦରେ ପବିତ୍ର ଋଷିପ୍ରତମ ବ୍ୟକ୍ତିଙ୍କୁ ଆର୍ଯ୍ୟବୋଲି ସମ୍ବୋଧନ କରାଯାଇଥାଏ କିନ୍ତୁ ଆର୍ଯ୍ୟ ସମ୍ପ୍ରଦାୟମାନଙ୍କୁ ନୁହେଁ । ଆର୍ଯ୍ୟ ସମ୍ପ୍ରଦାୟମାନେ ଆସିବାର ବହୁପୂର୍ବରୁ ଭାରତରେ ବେଦରଚନାକାର୍ଯ୍ୟ ସରିଥିଲା । ଆର୍ଯ୍ୟଶବ୍ଦ "ଋ" ଧାତୁରୁ ନିଷ୍ପନ୍ନ ହୋଇଛି । ଯାହାର ଅର୍ଥ (ଗତି ପ୍ରାପଣୟୋଃ) ଅର୍ଥାତ୍ :—ସତ୍ୟ, ଅହିଂସା, ପବିତ୍ରତା ପରୋପକାର, ତ୍ୟାଗୀ, ଓ କର୍ମଯୋଗୀକୁ ଆର୍ଯ୍ୟ କୁହାଯାଏ । ଆର୍ଯ୍ୟଶବ୍ଦ ବେଦରେ 'ଗୁଣବାଚକ ଶବ୍ଦ'ରୂପେ ସର୍ବତ୍ର ବ୍ୟବହାର ହୋଇଛି । ବେଦର ଆର୍ଯ୍ୟଶବ୍ଦକୁ କାସ୍ପିଆନ ଓ ନୀଳନଦୀ ସଭ୍ୟତାର ଆର୍ଯ୍ୟଦଳ କହିବା ଭ୍ରମାତ୍ମକ । **'ଭାରତ ଇତିହାସ ମେ ଭୟଙ୍କରୀ ଭୂଲ'** ପୁସ୍ତକରେ ଏକଥା ଲେଖାଅଛି । ମହର୍ଷିମନୁ ଆର୍ଯ୍ୟଶବ୍ଦର ସଂଜ୍ଞାନିରୂପଣ କରିବାକୁ ଯାଇ ଲେଖିଛନ୍ତି :—

କର୍ତ୍ତବ୍ୟମାଚରନ୍ କାର୍ଯ୍ୟମ୍, ଅକର୍ତ୍ତବ୍ୟମନାଚରନ୍
ତିଷ୍ଠତି ପ୍ରକୃତାଚାରେ, ସତୁଆର୍ଯ୍ୟମିତିସ୍ମୃତଃ ।।

ବେଦରେ ଥିବା 'ଆର୍ଯ୍ୟଶବ୍ଦର ସଂଜ୍ଞା'ନିରୂପଣ କରିବାକୁ ଯାଇ ସୁପ୍ରସିଦ୍ଧ ଜଗତ ବିଖ୍ୟାତ ଯୋଗୀ ଅରବିନ୍ଦ ମତବ୍ୟକ୍ତ କରି କହନ୍ତି :—

"The word Arya expresses a particular ethical and Social order of well-governed life, candour, courtesy, nobility, straight dealing, courage, gentleness, Purity, humanity, compassion. Protection of the weak, liberality observance of social duties, eagerness for knowledge, respect for the wise and the learned and the social accomplishments there is no word in human speech that has a nobler history. The Arya is he who strives and overcomes all out side him and within him that stands opposed to human advance. Self-conquest is the first lew of his nature. He over-comes mind and its habits and he does not in a shell of ignorance, inherited prejudices, customary ideas pleasant opinion, but knows how to seek and choose, to be large and flexible in intelligence even as he is firm and strong in his will. For in everything he seeks truth, in everything right, in everything height and freedom."

"The Arya is a worker and a warrior, Always he fights for the coming of the kingdom of God within himself and the world.. (Arya Vol. I. P. 63)"

ଆର୍ଯ୍ୟଶବ୍ଦ ଉପରେ ବିଶଦଭାବେ ଲେଖକଙ୍କର "ବେଦର ବାସ୍ତବ ରୂପ-ରେଖା" ପୁସ୍ତକରେ ଆଲୋଚନା କରାଯାଇଛି । ଅଧିକ ଜାଣିବାକୁ ଚାହିଁଲେ 'ବେଦର ବାସ୍ତବରୂପରେଖା' ପୁସ୍ତକ ଅନୁଧ୍ୟାନଯୋଗ୍ୟ ।

# ବେଦ ନାଟ୍ୟସାହିତ୍ୟର ଆଦିସ୍ରୋତ

ବେଦରେ ନାଟ୍ୟସାହିତ୍ୟର ସୂଚନା ଦେଖାଯାଏ । ଏହାକୁ ଦୃଶ୍ୟକାବ୍ୟ କହନ୍ତି । ବେଦର ତତ୍ତ୍ୱକୁ କେବଳ ଜ୍ଞାନୀମାନେ ବୁଝିପାରନ୍ତି କିନ୍ତୁ ନାଟକକୁ ପ୍ରାୟ ସମସ୍ତେ ଦେଖି ଓ ତାର ବିଷୟକୁ ଶୁଣି ବୁଝିପାରନ୍ତି । ସେଥିପାଇଁ କୁହାଯାଇଛି "ସର୍ବବର୍ଣ୍ଣିକୋବେଦଃ" ପୁରାଣ ସାହିତ୍ୟରେ କୁହାଯାଇଛି—"ବ୍ରହ୍ମାଙ୍କ ପାଖକୁ ଦୈତ୍ୟ ଓ ଦେବତାମାନେ ଯାଇ ବେଦଶାସ୍ତ୍ରକୁ ଭିକ୍ଷାକଲେ । ବ୍ରହ୍ମା ଧ୍ୟାନସ୍ଥ ହୋଇ "ନାଟ୍ୟବେଦ" ପ୍ରକଟକଲେ ଓ ସେମାନଙ୍କପାଇଁ ଗୂଢବେଦର ତତ୍ତ୍ୱକୁ ଏକତ୍ରୀତ-କରି ଦେବତା ଓ ଦୈତ୍ୟମାନଙ୍କୁ ଦେଇଥିଲେ ।" ଋଗ୍‌ବେଦରୁ ନୃତ୍ୟ, ସାମବେଦରୁ ସଙ୍ଗୀତ, ଯଜୁର୍ବେଦରୁ ଅଭିନୟ ଓ ଅଥର୍ବବେଦରୁ ରସ ବାହାରକରି ସେମାନଙ୍କୁ ସମର୍ପଣକଲେ । ସେହି ରସକୁ ପାଇ ଶିବଙ୍କର 'ତାଣ୍ଡବ ନୃତ୍ୟ,' ପାର୍ବତୀ-ଙ୍କର "ଲାସ୍ୟନୃତ୍ୟ" ସୃଷ୍ଟି ହେଲା । ନୃତ୍ୟ, ସଙ୍ଗୀତ, ଅଭିନୟ, ରସ, ସୃଷ୍ଟି ହେବାରୁ ପରେ ନାନାସ୍ୱାଦର ନାଟକ ଆତ୍ମପ୍ରକାଶ କଲା । କେତେକ ପାଶ୍ଚାତ୍ୟ-ପଣ୍ଡିତ କହନ୍ତି ବେଦରେ ନାଟକର ସୂଚନା ନାହିଁ ଏହି ମତଟି ଗ୍ରହଣଯୋଗ୍ୟ-ନୁହେଁ । "ବେଦ ସକଳ ବିଦ୍ୟାର ଆଧାର" ।

୧—ଋଗ୍‌ବେଦର ସହଯୋଗରେ ନାଟକ ସୃଷ୍ଟି ହୋଇଛି ।

୨—ପ୍ରାଚୀନତମ ନାଟକ ଧାର୍ମିକ ଚିନ୍ତାଧାରାରେ ରଚିତ ।

୩—ଏଥିରେ ନର, ନାରୀ ଦୁଇଜଣଯାକ ଭାଗନେଇପାରିବେ ।

**ରୂପକର ପୂର୍ବବାଦ**—କେତେକ ଗବେଷକ କହନ୍ତି ଇନ୍ଦ୍ରଧ୍ୱଜଉତ୍ସବରୁ ଏହି 'ରୂପକ'ର ଉତ୍ପତ୍ତି । ଏହାକୁ ପାଶ୍ଚାତ୍ୟ ଦେଶରେ "Mya Pote ଉତ୍ସବ" ସହିତ ତୁଳନା କରାଯାଏ ।

## ଋଗ୍ ବେଦରେ ନାଟକର ଉତ୍ପତ୍ତି :

ଋଗ୍‌ବେଦ ସୂକ୍ତରୁ ଜଣାଯାଏ, ସୋମଯଜ୍ଞ କାଳରେ ଏକପ୍ରକାର ଅଭିନୟ ପ୍ରଚଳନଥିଲା । "ମହାବ୍ରତସ୍ତୋମ" କୁମାରୀମାନେ ଅଗ୍ନି ପରିକ୍ରମାକରି ନୃତ୍ୟଗୀତରେ ମାତିରହୁଥିଲେ । ବେଦରେ ନଟ ଶବ୍ଦ ଦେଖିବାକୁ ମିଳେନାହିଁ । ସମ୍ବାଦସୂକ୍ତ ଗୁଡ଼ିକ ରୂପକ ଉତ୍ପତ୍ତିର ପରିଚୟଦିଏ । ଋଗ୍‌ବେଦର ୧୫ ଠାରୁ ଅଧିକ ସୂକ୍ତ 'ସମ୍ବାଦସୂକ୍ତ' ନାମରେ ଖ୍ୟାତ । ଏହା କିଷ୍ଟିଭାବେ ଧର୍ମନିରପେକ୍ଷ,

ଲୋକବ୍ୟବହାର ସରଳ Secular ଅଟେ । ବୈଦିକ ସୂକ୍ତଗୁଡ଼ିକ ଧର୍ମଚେତନାରେ ପୂର୍ଣ୍ଣ । ଅଧ୍ୟାପକ Vonschroeder ଏହି ପ୍ରସ୍ତାବ ଉପରେ ବିଚାର କରି କହିଥିଲେ ଏଗୁଡ଼ିକରେ ରହସ୍ୟପୂର୍ଣ୍ଣ ନାଟକ Mystery Playsର ସୂଚନା ମିଳେ । ଡକ୍ଟର ହର୍ଟେଲଙ୍କ ମତରେ ବୈଦିକନାଟକର ମୂଳ ସୁପର୍ଣ୍ଣାଧ୍ୟାୟ, ଋଗ୍‌ବେଦର କେତେକସୂକ୍ତ କାଥୋପକଥନଯୁକ୍ତ ଅଟେ । ସରମା, ପଣିଲୋକ, ବ୍ୟାଖ୍ୟା, ନାଟକର ଦୃଶ୍ୟବାଦ ଉପରେ ଆଧାରିତ । ଉପଲଭ୍ୟମାନ ପ୍ରମାଣଦ୍ୱାରା ପ୍ରମାଣିତ କରିହୁଏ ଯେ ରୂପକର ସମସ୍ତ ଉପାଦାନ-ତତ୍ତ୍ୱ ବୈଦିକ ଅନୁଷ୍ଠାନମାନଙ୍କରେ ଦେଖାଯାଏ । ନୃତ୍ୟର ଉଲ୍ଲେଖ ଋଗ୍‌ବେଦରେ ଦେଖାଯାଏ । ବିବାହ ସୂକ୍ତରେ ପୁରୋହିତ ନବଦମ୍ପତିଙ୍କୁ ହାତଉଠାଇ କଲ୍ୟାଣକରେ, ଯେ'କି ନୃତ୍ୟର ଅନୁରୂପଭଙ୍ଗୀ । ବୈଦିକ ଅନୁଷ୍ଠାନଗୁଡ଼ିକ ଛୋଟ ଛୋଟ ଅନେକ କ୍ରିୟାରେ ପୂର୍ଣ୍ଣ । ଏହି ବୈଦିକକର୍ମରେ ମଧ୍ୟ କେତେକ ନାଟକୀୟ ତଥ୍ୟ ରହିଛି । ଅଭିନେତା ଏହି କ୍ରିୟାନୁଷ୍ଠାନଦ୍ୱାରା କେବଳ ଧାର୍ମିକଫଳ କାମନାକରେ ।

ଯଜ୍ଞୋପବୀତ ଯଜ୍ଞମଣ୍ଡପରେ ବସି ଯଜମାନ ଓ ପୁରୋହିତ ମନବିନୋଦନପାଇଁ କାଥୋପକଥନଯୁକ୍ତ ସୂକ୍ତ ପାଠ କରୁଥିଲେ । ପରେ ରୂପକକ୍ଷେତ୍ରରେ ଗ୍ରୀକ୍ ଓ ଅନ୍ୟାନ୍ୟ ପ୍ରଭାବ ଦେଖାଦେଲା । ନାଟ୍ୟକାର ଭରତ ତାଙ୍କ "ନାଟ୍ୟଶାସ୍ତ୍ର"ରେ ନାଟକକୁ ବେଦରୁ ସୃଷ୍ଟି ବୋଲି ସ୍ୱୀକାର କରିଛନ୍ତି । ଛାୟାନାଟକର ସୂଚନା ଋଗ୍‌ବେଦ ଓ ଯଜୁର୍ବେଦରେ ଦେଖାଯାଏ । ଛାୟାନାଟକ ବର୍ତ୍ତମାନ ସିନେମା ନାମରେ ଲୋକାଦୃତ । ଋଗ୍‌ବେଦର କାଥୋପକଥନଯୁକ୍ତ ଯଜୁର୍ବେଦର ଅଧିକାଂଶମନ୍ତ୍ର, ସାମ ଓ ଅଥର୍ବବେଦରେ ଏହି ଦୃଶ୍ୟକାବ୍ୟ ଓ ଛାୟାକାବ୍ୟର ସୂଚନା ରହିଛି । ଆମର ଇତିହାସ ତଥା ସଂସ୍କୃତ ପଣ୍ଡିତମାନେ ବହୁ ପରିମାଣରେ ବିଦେଶୀମୁଖୀ ହୋଇଯାଇଥିବାରୁ ବେଦର ବ୍ୟାପକତାକୁ ଅଟକଳ କରିପାରୁନାହାନ୍ତି ।

# ଭାରତୀୟ ବର୍ଣ୍ଣମାଳାର ଉଦ୍ଭବ

କେତେକ ୟୁରୋପୀୟ ପଣ୍ଡିତ ମତ ଦିଅନ୍ତି ଯେ ସର୍ବପ୍ରଥମେ ଆର୍ଯ୍ୟମାନେ ଲେଖିବାର କଳା ଜାଣିନଥିଲେ, ସେମାନେ ବିଦେଶୀମାନଙ୍କଠାରୁ ଏହା ପରବର୍ତ୍ତୀ ଯୁଗରେ ଶିଖିଥିଲେ । ୟୁରୋପରେ ସଂସ୍କୃତଅଧ୍ୟୟନର ପ୍ରାରମ୍ଭିକ କାଳରେ ଏହି ଧାରଣା ଅନୁସାରେ ବୁହ୍ଲର କହିଛନ୍ତି ଯେ "ପ୍ରତିକୂଳ ପରିସ୍ଥିତିର ତାଡ଼ନାରେ ଉପେକ୍ଷିତ ଭାରତୀୟ ଶିଳାଲେଖ ପ୍ରଭୃତିର ବିଶେଷ ଅଧ୍ୟୟନ ଉପରେ ଏତେ ଗୁରୁତ୍ୱ ଦିଆ ଯାଉନଥିଲା, ଯେତେ ପରିମାଣରେ ଗୋଟିଏ ସାମାନ୍ୟ ବିଷୟକୁ

ଅଧାରକର ଭାରତୀୟ ଲିପିର କେତେକବର୍ଣ୍ଣ ସେମିଟିକ୍ ବର୍ଗର ଲିପି ଗୁଡ଼ିକର ବର୍ଣ୍ଣ ସହିତ ଅତ୍ୟନ୍ତ ସାମଞ୍ଜସ୍ୟ ରହିଛି । ଅନ୍ୟମାନେ ଏହି ବିଶ୍ୱାସକୁ କୌଣସି ନିର୍ଦ୍ଦିଷ୍ଟ ପରିସ୍ଥିତିରେ କେତେକ ସ୍ପଷ୍ଟ ପ୍ରମାଣ ଯୋଗୁଁ ଗ୍ରହଣ କରିଥାନ୍ତି । ଯଥା :—ଭାରତୀୟ ଆର୍ଯ୍ୟସଭ୍ୟତାର ନିର୍ମାଣ ଅନେକ ସଂସ୍କୃତି ଓ ଉପାଦାନ ଦ୍ୱାରା ହୋଇଥିଲେ ମଧ୍ୟ ବିଶେଷତଃ ସେମିଟିକ୍ ବର୍ଗୀୟ, ଇରାନୀ ଓ ୟୁନାନୀ ଏହି ତିନୋଟି ପଶ୍ଚିମୀୟ ଜାତିଙ୍କ ଉପରେ ନିର୍ଭର କରିଛି ।" 'ଏହି ନିର୍ଭର କିପରି ଭାବରେ ହୋଇଛି' ଏହାକୁ ସ୍ପଷ୍ଟ କରିବାପାଇଁ କେତେକ ଯୁକ୍ତି କଳ୍ପନା କରାଯାଇଛି * । କିନ୍ତୁ ଏସବୁ ମଧ୍ୟରେ ବୁହ୍ଲରଙ୍କ ଯୁକ୍ତି ଅଧିକ ପ୍ରସିଦ୍ଧଅଟେ ।

* ୧—ପ୍ରଫେସର ୱେବର (Weber) ଙ୍କର ମତ ଅନୁସାରେ ଭାରତୀୟ ବର୍ଣ୍ଣମାଳା ସିଧାସଳଖ ଭାବରେ ପ୍ରାଚୀନତମ ଫୀନିସିଆ ବର୍ଣ୍ଣମାଳାରୁ ଗ୍ରହଣ କରାଯାଇଛି ।

୨—ଡ଼ଃ ଡ଼ୀକ୍ (Deecke) କହନ୍ତି ଯେ ଏହି ବର୍ଣ୍ଣମାଳାର ଜନ୍ମ ଅସୀରୀୟାର ଫଣାକାର (Cuneiform) ବର୍ଣ୍ଣ ସମୂହରୁ ସୃଷ୍ଟି ହୋଇଥିବା ପ୍ରାଚୀନ ଦକ୍ଷିଣୀ ସେମିଟିକ ବର୍ଣ୍ଣସହ ସମ୍ପୃକ୍ତ ହିମ୍ୟାରାଇଟ୍ ବର୍ଣ୍ଣମାଳାଦ୍ୱାରା ସମ୍ଭବ ହୋଇପାରିଛି ।

୩—ଡ଼ଃ ଆଇଜାକ୍ ଟେଲର (Issac Taylor)ଙ୍କ ମତରେ ଏହା ଦକ୍ଷିଣ ଆରବୀୟ ଦେଶର ଏପରି ଏକ ବର୍ଣ୍ଣମାଳାରୁ ଭାରତୀୟବର୍ଣ୍ଣମାଳା ସୃଷ୍ଟି ହୋଇଛି, ଯେଉଁ ବର୍ଣ୍ଣମାଳା ହିମ୍ୟାରାଇଟ୍ ବର୍ଣ୍ଣମାଳାର ଜନନୀ ଅଟେ ।

୪—ଏମ୍: ଜେ: ହେଲେ ବି (M. J. Halevy)ଙ୍କ କହିବା ଅନୁସାରେ ଏହି ବର୍ଣ୍ଣମାଳା ବର୍ଣ୍ଣସଙ୍କର ଅଟେ । ଅର୍ଥାତ କେତେକବର୍ଣ୍ଣ ଖ୍ରୀ: ପୂ: ଚତୁର୍ଥ ଶତାବ୍ଦୀର ଉତ୍ତର ସେମିଟିକ୍ ବର୍ଗର ବର୍ଣ୍ଣମାଳାରୁ ଆସିଛନ୍ତି । ଅନ୍ୟ କେତେକ ଖରୋଷ୍ଠୀ ଓ ଅବଶିଷ୍ଟ ୟୁନାନୀ ବର୍ଣ୍ଣମାଳାରୁ ଗୃହୀତ ହୋଇଛି । ଏଠାରେ କୁହାଯାଇ ପାରେ ଯେ ଭାରତୀୟ ବର୍ଣ୍ଣମାଳାର ଏହି ମିଶ୍ରିତ ରୂପ ଖ୍ରୀ:ପୂ: (ପାଞ୍ଚଶହ ପଚିଶ) ୫୨୫ର ନିକଟବର୍ତ୍ତୀ ସମୟ ଭିତରେ ପ୍ରସ୍ତୁତ ହୋଇଥିଲା ।

ଅନ୍ୟ ପକ୍ଷରେ ସାର୍ ଏ. କନିଙ୍ଗହାମ୍ (Sir A. Cunningham) କହନ୍ତି ଯେ ଭାରତୀୟବର୍ଣ୍ଣମାଳା (ଯାହା ପାଲି ଓ ବ୍ରାହ୍ମୀନାମରେ ଅଭିହିତ) ଭାରତୀୟମାନଙ୍କର ଜ୍ଞାନରୁ ପ୍ରସୂତ ଅଟେ ଏବଂ ଏହା ପ୍ରାଚ୍ୟ ଚିତ୍ରାକାର ଲିପି

ବିଜ୍ଞାନ (Heiroglyphics) ଉପରେ ଆଧାରିତ ଅଟେ । ଭାରତୀୟ ଲିପି-ବିଜ୍ଞାନ ବିଷୟରେ କୌଣସି ସଠିକ ଯୁକ୍ତି ବୈଦେଶୀକ ଇତିହାସ ପଣ୍ଡିତମାନେ ବ୍ୟକ୍ତକରିବାରେ ସମର୍ଥ ହୋଇନାହାଁନ୍ତି । ସେମାନେ ରେଖାଚିତ୍ର ଲିପିଦେଖି ଯାହା-ପ୍ରାୟ ଶବ୍ଦଲଗାଇ ପ୍ରକାଶ କରିଥାନ୍ତି ତାହାବି ସତ୍ୟନୁହେଁ କାରଣ ବହୁସଭ୍ୟତା ଏଯାଏ ଆବିଷ୍କାର ହୋଇନାହିଁ । ଇତିହାସର ପାରିପାର୍ଶ୍ୱିକ ଅବସ୍ଥାରୁ ଯାହା ଅନୁ-ମାନ କରିଯାଏ ଭାରତୀୟ ଲିପିତତ୍ତ୍ୱ ଅନ୍ୟକାହାର ପ୍ରଭାବରେ ସୃଷ୍ଟି ହୋଇନାହିଁ ଏହା ଭାରତୀୟଙ୍କ ସ୍ୱପ୍ରତୀଭାରୁ ସୃଷ୍ଟି ।

ବୁହ୍ଲର (Buhler)ଙ୍କ ଯୁକ୍ତି :—ତାଙ୍କର ଅଭିମତ ଅନୁଯାରେ ଭାରତୀୟ ବର୍ଣ୍ଣମାଳାର ଜନ୍ମ ଉତ୍ତର ସେମାଇଟ୍ ବର୍ଣ୍ଣମାଳାରୁ ଅର୍ଥାତ୍ ଫିନିଶିୟନ ବର୍ଣ୍ଣମାଳାରୁ ହୋଇଥିଲା ଏବଂ ଏହାର ବ୍ୟୁତ୍ପତ୍ତି ସେମାଇଟ୍ ବର୍ଣ୍ଣମାଳାର ଉର୍ଦ୍ଧ୍ୱକାଳୀନ କୌଣସି ଏକ ନମୁନାରୁ ସମ୍ଭବ ହୋଇଥିଲା । ସେ ନିମ୍ନଲିଖିତ ଅନୁମାନ ମୂଳକ ସିଦ୍ଧାନ୍ତରୁ ଏପରି ମତପ୍ରକାଶ କରିଛନ୍ତି । ଯଥା—(୧) ମିଶର ଦେଶର ଚିତ୍ରାକାର ଲିପିରୁ (Heiroglyphics) ଗୋଟିଏ ବର୍ଣ୍ଣମାଳ ର ଉତ୍ପତ୍ତି ହୋଇଥିଲା ।

(୨) ବ୍ରାହ୍ମୀଲିପିର ପ୍ରାରମ୍ଭରେ ସବୁବେଳେ ଡ଼ାହାଣରୁ ବାମଆଡ଼କୁ ଲେଖା ଯାଇଥିଲା ବୋଲି ଏରନ୍ (Eran)ର ଏକ ମୁଦ୍ରାରୁ ପ୍ରମାଣିତ ହୋଇଛି ।

ଏହି ଧାରଣାଗୁଡ଼ିକର ସମର୍ଥନପାଇଁ ସେ ନିମ୍ନୋକ୍ତ ଯୁକ୍ତି ଉପସ୍ଥାପିତ କରିଅଛନ୍ତି । ଯଥା—(୧) ଜାତକ ଓ ମହାବଗ୍ଗ ଇତ୍ୟାଦି ଗ୍ରନ୍ଥରେ ଲିଖନ କଳାର ଉଲ୍ଲେଖ ରହିଛି । (୨) ଅଶୋକଙ୍କର ଅନୁଶାସନ ଗୁଡ଼ିକରେ ପ୍ରାଚୀନ କାଳର ଅଭିଲେଖ ସମ୍ବନ୍ଧୀୟ ତଥ୍ୟ ମିଳିଥାଏ । (୩) ଇରାନୀ ମୁଦ୍ରାଗୁଡ଼ିକ ଉପରେ ଭାରତୀୟ ବର୍ଣ୍ଣମାଳାର ପ୍ରଭାବ ଅନସ୍ୱୀକାର୍ଯ୍ୟ । (୪) ଏରନ୍ (Eran)ର ମୁଦ୍ରା-ଗୁଡ଼ିକ ବିଷୟରେ ପ୍ରଚଳିତ ଉପାଖ୍ୟାନ ଗୁଡ଼ିକ ଭାରତୀୟ ବର୍ଣ୍ଣମାଳାର ଉତ୍ପତ୍ତି ବିଷୟରେ ଅନୁକୂଳ ମତ ପ୍ରଦାନ କରନ୍ତି । (୫) ଭଟ୍ଟିପ୍ରୋଲୁ (Bhattiprolu) ର ଶିଳାଲେଖରେ ଉଲ୍ଲିଖିତ ତଥ୍ୟ ମଧ୍ୟ ଏଥିପାଇଁ ଗ୍ରହଣ ଯୋଗ୍ୟ ଅଟେ ।

ଏହିସବୁ ପ୍ରମାଣକୁ ଭିତ୍ତିକରି ଡଃ ବୁହ୍ଲର ମତଦିଅନ୍ତି ଯେ ଭାରତୀୟ ବର୍ଣ୍ଣମାଳାର ମୌଳିକ ସୃଷ୍ଟିପ୍ରକ୍ରିୟା ଖ୍ରୀ: ପୂ: ଚତୁର୍ଥ ଶତାବ୍ଦୀ ପୂର୍ବରୁ ଆରମ୍ଭ ହୋଇଥିଲା । (ମେକ୍ସମୂଲର ମଧ୍ୟ ଏହାପୂର୍ବରୁ ଏହିମତ ପ୍ରତିପାଦନ କରିଥିଲେ) ସମ୍ଭବତଃ ଏହିକାଳ ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀ ଭିତରେ ସୀମିତଥିଲା । ଏହି

ପଣ୍ଡପ୍ରେକ୍ଷୀରେ ଭାରତୀୟ ବର୍ଣ୍ଣମାଳାର ଜନନୀ ବ୍ରାହ୍ମୀଲିପି ନିଜର ସ୍ୱରୂପକୁ ଗଠନ କରିସାରିଥିଲା ।

ଫିନଶୀୟାର ବର୍ଣ୍ଣମାଳା ଖ୍ରୀ: ପୂ: ୮୫୦ ମସିହା ପୂର୍ବରୁ ବିଦ୍ୟମାନଥିଲା । ଏହି ସିଦ୍ଧାନ୍ତ ସିଞ୍ଜିର୍ଲି (Sinjirli) ଶିଳାଲେଖ ଓ ଅସିରୀୟାର ବାଟଁ (Weights) ପ୍ରସ୍ତର ଗାତ୍ରରେ ଖୋଳାଯାଇଥିବା ଅକ୍ଷର ଗୁଡ଼ିକରୁ ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି । ଡେଭ୍ରୁ ବୁହ୍ଲର ଫିନଶିୟନ ଓ ବ୍ରାହ୍ମୀ ଦୁଇଟି ବର୍ଣ୍ଣମାଳାକୁ ତୁଳନାକରି କହନ୍ତି ଯେ ବ୍ରାହ୍ମୀ ବର୍ଣ୍ଣମାଳା ଫିନଶିୟନ୍ (Phoenician) ବର୍ଣ୍ଣମାଳାର ପରବର୍ତ୍ତୀ ହୋଇଥିବା ଯୋଗୁ ଏହା ଫିନଶିୟନ ବର୍ଣ୍ଣମାଳାରୁ ଜନ୍ମଲାଭ କରିଛି । ବର୍ଣ୍ଣଗୁଡ଼ିକର ରୂପ ପରିବର୍ତ୍ତନ ହେବାରେ ଯେଉଁ ନିୟମ ଗୁଡ଼ିକୁ ଅନୁସରଣ କରାଯାଏ ବୁହ୍ଲର ତାହାକୁ ପ୍ରମାଣ କରିବାପାଇଁ ଯତ୍ନକରିଛନ୍ତି । ବ୍ରାହ୍ମୀ ବର୍ଣ୍ଣମାଳା ବିଦେଶୀ ପ୍ରଭାବରେ ପ୍ରଭାବିତ ଅଟେ ବା ଭାରତୀୟ ପଣ୍ଡିତମାନଙ୍କର ପ୍ରତିଭାର୍ ଏହାର ଉତ୍ପତ୍ତି ସମ୍ଭବ ହୋଇନପାରେ । ଏହାକୁ ପ୍ରମାଣ କରିବାପାଇଁ ବୁହ୍ଲର ଯତ୍ନ କରିନାହାନ୍ତି । କିନ୍ତୁ ଭାରତୀୟ ବର୍ଣ୍ଣମାଳାର ଜନ୍ମପ୍ରାପ୍ତି ବିଦେଶୀ ପ୍ରଭାବରୁ ହୋଇଥିବା ସମ୍ଭବ ବୋଲି ଧାରଣାକରି ସେ ତାହାକୁ ବୁଝାଇବାପାଇଁ ଚେଷ୍ଟା କରିଛନ୍ତି । ସେଥିପାଇଁ ସେ ଏହାର ଉତ୍ପତ୍ତି ସମ୍ପର୍କରେ ଦୃଢମତ ପ୍ରତିପାଦନ ନକରି ସବୁବେଳେ ପ୍ରାୟ ଶବ୍ଦର ପ୍ରୟୋଗ କରିଛନ୍ତି ।

ଉଦାହରଣ ସ୍ୱରୂପ ବର୍ଣ୍ଣଗୁଡ଼ିକର ଉପର ଭାଗକୁ ତଳଆଡ଼କୁ କରିଦିଆ ଯାଇଛି । ଡାହାଣରୁ ବାମକୁ ଲେଖିବାର ପ୍ରଣାଳୀକୁ ବଦଳାଇ ବାମରୁ ଡାହାଣକୁ ଲେଖିବାର ରୀତି ପ୍ରଚଳନ କରାଯାଇଛି । ବର୍ଣ୍ଣଗୁଡ଼ିକର ଉପରଭାଗର ଅଙ୍କ ବକ୍ରତାକୁ ସମ୍ପୂର୍ଣ୍ଣଭାବେ ଏଡ଼ାଇ ଦିଆଯାଇଛି ।

ପ୍ରଥମେ ପ୍ରଥମେ ବୁହ୍ଲରଙ୍କର ମତ ଯଥେଷ୍ଟ ସମ୍ଭବବୋଲି ଅନୁମିତ ହେଉଥିଲା । ପଣ୍ଡିତମାନଙ୍କର ଦୃଷ୍ଟି ଏହିଆଡ଼କୁ ଆକୃଷ୍ଟହେବା ଫଳରେ ସେମାନେ ଏହି ମତପ୍ରତି ଗଭୀର ସମର୍ଥନ ଜଣାଇଲେ । ମାତ୍ର ଖୁବ୍ ଶୀଘ୍ର ପରବର୍ତ୍ତୀ କାଳୀନ ଗବେଷଣା ଦ୍ୱାରା ଏହିମତ ଅଗ୍ରାହ୍ୟ ତଥା ପ୍ରତ୍ୟାଖ୍ୟାତ ହୋଇଥିଲା ।

ବୁହ୍ଲରଙ୍କ ମତର ପ୍ରତିବାଦ—(କ) ଯେଉଁ ଧାରଣା ଗୁଡ଼ିକୁ ଆଧାରକରି ବୁହ୍ଲର ନିଜର ମତ ପ୍ରତିପାଦନ କରିଥିଲେ, ଏବେ ଲିପି ବିଜ୍ଞାନୀମାନେ ତାହାକୁ ଦୃଢଭାବରେ ବିରୋଧ କରିଛନ୍ତି । ଫ୍ଲିଣ୍ଡର୍ସପେଟ୍ରି (Flinderspetrie) ନିଜର "ବର୍ଣ୍ଣମାଳାର ନିର୍ମାଣ" ନାମକ ଗ୍ରନ୍ଥରେ ପ୍ରମାଣ କରିଛନ୍ତି ଯେ ବର୍ଣ୍ଣମାଳା-

ଗୁଡ଼ିକର ମୂଳ ଉତ୍ପତ୍ତି ଚିତ୍ରାକାର (Heiroglyphics) ଲିପି ରୂପରେ ହୋଇ-ନଥିଲା। ବରଂ ଏହା ପ୍ରତୀକ ଚିହ୍ନ (Symbols) ରୂପରେ ସମ୍ଭବହୋଇ ପାରିଥିଲା। ଆମ୍ଭମାନଙ୍କୁ ଏହା ସ୍ୱୀକାର କରିବାକୁ ହେବ ଯେ ପ୍ରାଚୀନ କାଳର ମନୁଷ୍ୟ ନିଜର ବୁଦ୍ଧି ଓ ନିପୁଣତା ଦ୍ୱାରା ବିଭିନ୍ନ ଚିତ୍ର ମାଧ୍ୟମରେ ମନର ଭାବଧାରା ପ୍ରକାଶ କରୁଥିଲା। ଏହା ଅବଶ୍ୟ ମଣିଷର ଉନ୍ନତ ସାମାଜିକ ଅବସ୍ଥାବେଳକୁ ସମ୍ଭବ ହୋଇଥିଲା। ମାତ୍ର ପ୍ରାରମ୍ଭିକମନୁଷ୍ୟ ବିଷୟରେ ଆମ୍ଭେମାନେ କେବଳ ଏହା ସ୍ୱୀକାର କରୁ ଯେ ସେତେବେଳେ ସେ କୌଣସି ଚିତ୍ର ଆଙ୍କିବାପାଇଁ ସମର୍ଥ ନଥିଲା। ଏଥିପାଇଁ ଉପଯୁକ୍ତ ବୁଦ୍ଧି ଓ ବିଗ୍ରହର ବିକାଶ ଦ୍ୱାରା ଚିତ୍ରଆଙ୍କିବା ତା ପକ୍ଷେ ସମ୍ଭବ ନଥିଲା। ଅପରନ୍ତୁ ସେ ପତିତ, ଉତ୍ଥିତ, ସରଳ, ବକ୍ର ଇତ୍ୟାଦି ରେଖାଟାଣି ଏହି ସଙ୍କେତ ମାଧ୍ୟମରେ ଭାବ ବିନିମୟ କରୁଥିଲା।

(ଖ) ଅନ୍ୟ ବୈକଳ୍ପିକ ଧାରଣା ଅନୁସାରେ କୌଣସି ଏକ ମୁଦ୍ରାରୁ ମିଳିଥିବା ପ୍ରମାଣ ଏଥିପାଇଁ ଯଥେଷ୍ଟ ନୁହେଁ ଯେ ଭାରତୀୟ ବର୍ଣ୍ଣମାଳା ସର୍ବପ୍ରଥମେ ଡାହାଣରୁ ବାମକୁ ଲେଖା ଯାଉଥିଲା। ଊନବିଂଶ ଶତାବ୍ଦୀର "ହୋଲ୍‌କର୍" ତଥା ଆନ୍ଧ୍ରବଂଶର ଶିଳାଲେଖ ଦ୍ୱାରା ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଯେଉଁ ମୁଦ୍ରାଗୁଡ଼ିକ ଉପରେ ଏପରି ବ୍ରାହ୍ମୀଲିପି ଡାହାଣରୁ ବାମକୁ ଲେଖାଯାଇଛି ତାହା ମୁଦ୍ରାନୁହେଁ ବରଂ ଶିଳା ଲେଖାକୁ ଅଙ୍କିତ କରିବାପାଇଁ ଏହା ଏକପ୍ରକାର ଉତ୍କିଷ୍ଟ ମୁଦ୍ରା (Stamps) ଯାହା ଉପରେ ବର୍ଣ୍ଣଗୁଡ଼ିକ ଓଲଟା ଭାବରେ ବିପରୀତ ରୂପେ ଖୋଦିତ ହୋଇଛି।

* ଇନ୍ଦୋରରୁ ପ୍ରାପ୍ତ ଏକ ମୁଦ୍ରା ଉପରେ ବିକ୍ରମ ସଂବତ୍ ୧୯୪୩ ଲେଖା ଯାଇଛି ଓ "ଏକପାଓ୍ୱ ଆନା ଇନ୍ଦୋର" ଏହିଶବ୍ଦ ଗୁଡ଼ିକ ଓଲଟା ଭାବରେ ଖୋଦିତ ହୋଇଛି। ଅନ୍ୟ ଏକ ପୁରାତନ ମୁଦ୍ରାଉପରେ "ଶ୍ରୀ ସପ୍‌ପକୁଲ" ଏହି ଶବ୍ଦ ଦୁଇଟିରେ ଶ୍ରୀ ତଥା ପ ଓଲଟା ଲେଖା ଯାଇଛି। ଏହିପରି ଭାବରେ ଅନ୍ୟ କେତେକ ମୁଦ୍ରାରେ ମଧ୍ୟ ବିପରୀତରୂପେ ଖୋଦିତ ହୋଇଥିବା ବର୍ଣ୍ଣ ଗୁଡ଼ିକ ଦୃଷ୍ଟି ଗୋଚର ହୁଏ।

(ଗ) ଏକଥା ମନେରଖିବା ଉଚିତ୍ ଯେ ଏରଣ (Eran)ରୁ ମିଳିଥିବା ମୁଦ୍ରାରୁ ପ୍ରାଚୀନତର ଭଟ୍ଟିପ୍ରୋଲୁ ଶିଳାଲେଖରେ ଲିପି ଗୁଡ଼ିକ ବାମରୁ ଡାହାଣକୁ ଲେଖାଯାଇଛି।

(ଘ) ଡ଼ଃ ବୁହ୍ଲର ପୂର୍ବୋକ୍ତ ଧାରଣା ଗୁଡ଼ିକୁ * ନିଜର ଇଚ୍ଛା ଅନୁସାରେ

ଲଘୁ ପ୍ରମାଣ ଗୁଡ଼ିକର ଅନୁକୂଳ କରିଛନ୍ତି । ଏହି ଧାରଣାସବୁ ପୂର୍ବୋକ୍ତ ବର୍ଣ୍ଣମାଳା ସହିତ ସମାନ ହୋଇପାରୁନାହିଁ କି ସେଗୁଡ଼ିକ ସହିତ ନିଜର ଅନ୍ୟୋନ୍ୟ ଅଭେଦ (Mutual Identity) ପ୍ରକାଶ କରିପାରୁ ନାହିଁ । ସେ ନିଜେମଧ୍ୟ ସ୍ୱୀକାର କରିଥିବା ସିଦ୍ଧାନ୍ତ ଗୁଡ଼ିକ ଉପରେ ସବୁ ପରିସ୍ଥିତିରେ ଦୃଢ ରହିପାରୁନାହାଁନ୍ତି ଯେପରିକି ଜଣେ ବିଖ୍ୟାତ ଲେଖକ ଇଂରାଜୀ ବିଶ୍ୱକୋଷରେ ଲେଖିଛନ୍ତି ଯେ କୌଣସି ଏକ ବର୍ଣ୍ଣମାଳାକୁ ଅନ୍ୟଏକ ବର୍ଣ୍ଣମାଳାରୁ ସୃଷ୍ଟି କରାଯାଇପାରେ ।

❋ ଡ଼ଃ ବୁହ୍ଲର ଭଟ୍ଟିପ୍ରୋଲୁ ଶିଳାଲେଖରେ ଏରଣ (Eran)ର ମୁଦ୍ରା ଓ ଅଶୋକଙ୍କ ଅନୁଶାସନରୁ ପ୍ରାପ୍ତ ପ୍ରାଚୀନତମ ଭାରତୀୟ ଲିପିର ଅକ୍ଷର ମଧ୍ୟରେ ଯେଉଁ ତୁଳନା କରିଛନ୍ତି ତାହା ପ୍ରାଚୀନତମ ସେମେଟିକ୍ ଖୋଦିତ ଶିଳାଲେଖରେ ତଥା ଅସୀରିୟନ୍ ବାଟ୍ (Weights)ରେ ଉପଲବ୍ଧ ଚିହ୍ନ ଗୁଡ଼ିକ ମଧ୍ୟରେ ହୋଇଥିବା ତୁଳନାର ଅନୁରୂପ ଅଟେ । ଏହି ତୁଳନା ପରେ ସେ ଏହା ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି ଯେ ପ୍ରାଚୀନ ବ୍ରାହ୍ମୀ ଲିପିର ୪୯ଟି ଅକ୍ଷର ସେମେଟିକ୍ ଚିହ୍ନ ଗୁଡ଼ିକ ସହିତ ପ୍ରାୟ ମିଳିଯାନ୍ତି ଏବଂ ସେମେଟିକ୍ ଲିପିର ସମୁଦାୟ ୨୨ଟି ଅକ୍ଷରର ପ୍ରତିନିଧି ବା ଦାୟାଦ ରୂପେ ଏହି ଲିପିରେ ଅକ୍ଷର ଗୁଡ଼ିକ ସୃଷ୍ଟି ହୋଇଛନ୍ତି । ଏହି ଲିପିର ପ୍ରସ୍ତୁତକାରୀ ବ୍ୟକ୍ତିମାନେ ନିଜର ନିର୍ମାଣ କୌଶଳରେ ଏକ ନିର୍ଦ୍ଦିଷ୍ଟ ନିୟମକୁ ପ୍ରୟୋଗକରି ସିଧା ଅଙ୍କିତ ହେଉଥିବା ରେଖାର ଅନୁକୂଳ ଚିହ୍ନ କଳ୍ପନାକରିବା ଇଚ୍ଛାରୁ ନିହିତ ହୋଇ ଏବଂ ସମସ୍ତ ମହାଶିରସ୍କ ଅକ୍ଷର ଗୁଡ଼ିକପାଇଁ କେତେକ ଅସୁବିଧା ହେଉଥିବା ଯୋଗୁ ଅନେକ ସେମେଟିକ୍ ଅକ୍ଷର ଗୁଡ଼ିକୁ ଓଲଟାକରି ଦେଇଛନ୍ତି କିମ୍ବା ସେଗୁଡ଼ିକର ପାର୍ଶ୍ୱ ବଦଳେଇ ଦେଇଛନ୍ତି । ତା ସଙ୍ଗେ ସଙ୍ଗେ ଶିରୋଭାଗରୁ ତ୍ରିକୋଣ ତଥା ଦ୍ୱିକୋଣକୁ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିହ୍ନ କରି ଦେଇଛନ୍ତି । ବ୍ରାହ୍ମୀଲିପିର ଲିଖନ ଢଙ୍ଗ ପ୍ରକୃତରେ ଡାହାଣରୁ ବାମ ଆଡ଼କୁଥିଲା । ସେପରି ଡ଼ଃ ବୁହ୍ଲର ଏରଣ (Eran)ରୁ ପ୍ରାପ୍ତ ମୁଦ୍ରାର ସହାୟତାରେ ପ୍ରମାଣ କରିଛନ୍ତି ଯେ ପରବର୍ତ୍ତି ଯୁଗରେ ଯେତେବେଳେ ଢଙ୍ଗ ବଦଳିଗଲା ସେତେବେଳେ ଅକ୍ଷର ମଧ୍ୟ ଡାହାଣରୁ ବାମକୁ ପରିବର୍ତ୍ତିତ ହେଲା । ବ୍ୟୁତ୍ପତ୍ତିର ଏହି ନିୟମକୁ ନିଶ୍ଚିତକରି ଉକ୍ତ ମହୋଦୟ ଗୋଟିଏ ଗୋଟିଏ ସେମେଟିକ୍ ଅକ୍ଷର ନେଇଛନ୍ତି ଓ ଏହା ସହିତ ସାଦୃଶ୍ୟଥିବା ବ୍ରାହ୍ମୀ ଅକ୍ଷର ସହିତ ଏହା ତୁଳନା କରିଛନ୍ତି । ତାପରେ ସେ ପ୍ରତିପାଦନ କରିଛନ୍ତି ଯେକୌଣସି ପ୍ରକାରେ ପ୍ରକୃତ ଅକ୍ଷରଗୁଡ଼ିକୁ ଏପାଖ ସେପାଖ କରି ନକଲ ରୂପରେ ପ୍ରକାଶ କରିଛନ୍ତି । ଏହା ସପକ୍ଷରେ ନିମ୍ନୋକ୍ତ ଉଦାହରଣ ଗୁଡ଼ିକ ବିଶ୍ଲେଷଣ ଯୋଗ୍ୟ ।

୧—ସେମେଟିକ 'ସ୍ୱଦେ' (Tsade)କୁ ପ୍ରଥମେ ଓଲଟା କରିଦିଆଗଲା ତାହାଣ ପାଖର ଶ୍ଳେଟ ରେଖାକୁ ସରଳ ଦଣ୍ଡାୟ-ମାନ ରେଖା ଆଡ଼କୁ ମୁହଁକରି ଘୂରାଇ ଦିଆଗଲା । ପରେ ଏହି ସରଳ ଦଣ୍ଡାୟମାନ ରେଖାକୁ ବାମଆଡ଼କୁ ଘୂରାଇଦେବା ଫଳରେ ଏହାର ଧର ବଦଳି ଗଲା । ଫଳତଃ ଏହା ବ(ଦେବନାଗରୀ ବର୍ଗୀୟ ବ)ରେ ଏହା ପରିଣତ ହେଲା । ଏହି'ବ'କୁ ଭଟ୍ଟିପ୍ରୋଲୁ ଶିଳାଲେଖରେ 'ଚ' ପଢ଼ାଯାଏ । ଅର୍ଥାତ ଭଟ୍ଟିପ୍ରୋଲୁରେ ଏହି 'ଚ'ର ସ୍ୱରୂପ ପୂର୍ବୋକ୍ତ 'ବ'ର ରୂପାନ୍ତର ମାତ୍ର ।

ପୁଣି ଡଃ ବୁହ୍ଲରଙ୍କର ବ୍ୟୁତ୍ପତ୍ତି ନୀୟମର କେତେକ ତଥ୍ୟ ଅସମାହିତ ରହିଯାଇଛି । ସେଗୁଡ଼ିକ ମଧ୍ୟରୁ ଏଠାରେ କେତେକ ଦୃଷ୍ଟାନ୍ତ ଦିଆଯାଉଛି ।

୨—ଟା 'Ո', ଜ 'E' ଏବଂ କ'T'ର ଉପରିଭାଗର ବିଶାଳତା ଅନୁଶୀଳନ ଯୋଗ୍ୟ ।

୨—ବ୍ରାହ୍ମୀଲିପିର କ'T'ର ସେମେଟିକ ତା (Taw) ସହିତ ଅଭେଦ ପ୍ରତିପାଦିତ ହୁଏ ।

ଯଦି ସେମେଟିକ ବର୍ଣ୍ଣମାଳାର 'Y' ଏହି ଅକ୍ଷରକୁ ଭାରତୀୟ ଲୋକମାନେ 'କ' ବୋଲି ସ୍ୱୀକାର କରନ୍ତି ତେବେ ସେମାନେ ସେହି ସେମେଟିକର ତା (Taw) 'T'କୁ ନିଜର ବ୍ରାହ୍ମୀଲିପିରେ 'X' ରୂପରେ କାହିଁକି ବିକୃତ କରିଛନ୍ତି ? ବ୍ରାହ୍ମୀ ଲିପିର 'T' ଏହି ଅକ୍ଷରକୁ ସେମେଟିକର ତା (Taw) 'T' ସହିତ ସମରୂପ ରହିବାକୁ କାହିଁକି ଦିଆଗଲା ନାହିଁ ? ଏବଂ ତା ସଙ୍ଗେ ସଙ୍ଗେ ସେମେଟିକର ଆହୁରି 'X' ଅକ୍ଷରକୁ ବ୍ରାହ୍ମୀ ଲିପିରେ 'କ' ରୂପେ କାହିଁକି ସ୍ୱୀକୃତ ଦିଆ-ଗଲାନାହିଁ ? ❊

୨—ସେମେଟିକ୍ 'ନନ୍' (Nun) କୁ ପ୍ରଥମେ ଓଲଟା କରିଦିଆଗଲା । ପରେ ଅକ୍ଷରକୁ ଶୀଘ୍ର ଲେଖିବାପାଇଁ ପ୍ରୟୋଜନ ହେବାରୁ ସରଳ ଦଣ୍ଡାୟମାନ ରେଖାର ତଳଆଡ଼କୁ ଦୁଇ ପାର୍ଶ୍ୱରେ ଯାଇଥିବା ଏକ ପତିତ ରେଖା ଟାଣି-ଦିଆଗଲା । ଏହିଭଳି ଭାବରେ ବ୍ରାହ୍ମୀ ଲିପିର 'ନ' ବର୍ଣ୍ଣର ରୂପ ସୃଷ୍ଟି ହେଲା ।

ଏହି ନିୟମ ଅନୁସାରେ ଡଃ ବୁହ୍ଲର ପ୍ରଥମେ ସମସ୍ତ ୨୨ଟି ସେମେଟିକ୍ ଅକ୍ଷରର ପ୍ରତିନିଧି ଭାବରେ ୨୨ଟି ବ୍ରାହ୍ମୀ ଅକ୍ଷରକୁ ଖୋଜି ବାହାର କଲେ । ପୁଣି

ଏହି ୨୨ଟି ଭିତରୁ କେତେକ ଅକ୍ଷରକୁ ପରିବର୍ତ୍ତିତକରି, କେତେକକୁ କାଟ୍‌ଛାଟ୍ କରି କିମ୍ବା କେତେକରେ ବକ୍ର ତଥା ବୃତ୍ତାକାର ରେଖା ଯୋଡ଼ିଦେଇ ବ୍ରାହ୍ମୀଲିପିରେ ପରିଗୃହୀତ ହୋଇଥିବା ଅକ୍ଷର ଗୁଡ଼ିକର ବିକାଶ ପ୍ରଣାଳୀ ସମ୍ବନ୍ଧରେ ନିଜର ମତ ପ୍ରତିପାଦନ କରିଛନ୍ତି । ଏହାର ତାତ୍ପର୍ଯ୍ୟ ଏହି ଯେ ସେ ବ୍ରାହ୍ମୀ ଲିପିର ୪୬ଟି ଅକ୍ଷର ସହିତ ସେମେଟିକ ଲିପିର ୨୨ଟି ଅକ୍ଷରର ସମ୍ବନ୍ଧକୁ କୌଣସି ପ୍ରକାରେ ଟାଣିଓଟାରି ପ୍ରମାଣିତ କରିଛନ୍ତି ।

ବର୍ତ୍ତମାନ ପ୍ରଶ୍ନ ହେଉଛି ଯେ, ଭାରତୀୟମାନଙ୍କ ଦ୍ୱାରା ଏହାକେବେଠାରୁ ସ୍ୱୀକୃତ ହେଲା ? ସେମେଟିକର ଉତ୍କୀର୍ଣ୍ଣ ଲେଖ, ମେଶା (Messa)ର ପ୍ରସ୍ତର ତଥା ଅସିରୀୟନ (Assyrian) ବାଟ୍ (Weights) ଲେଖା ଗୁଡ଼ିକର ସମୟ ଯଦି ନିର୍ଣ୍ଣୟ କରାଯାଏ ତେବେ ଭାରତୀୟମାନଙ୍କର ଏହାକୁ ଗ୍ରହଣକରି ନେବାର ସମୟ ଖ୍ରୀ: ପୂ: ୮୯୦ ଏବଂ ଖ୍ରୀ: ପୂ: ୭୫୦ ମଧ୍ୟରେ ହୋଇଥିବା ଅନୁମାନ କରାଯାଏ । ସମ୍ଭବତଃ ଖ୍ରୀ: ପୂ: ୭୫୦ ବେଳକୁ ଏହା ହୋଇଥିବବୋଲି ବିଶ୍ୱାସ କରାଯାଏ । ଏହା ପରେ ଉକ୍ତ ମହୋଦୟ ଏ ସମ୍ପର୍କରେ ପୁରାତନ କାଳର ନିର୍ଦ୍ଦିଷ୍ଟ ଅବଧି ପ୍ରଦାନ କରିବାପାଇଁ ଯତ୍ନ କରିଛନ୍ତି । ତାଙ୍କର ମତ ଅନୁସାରେ, ଭାରତୀୟ ଲୋକମାନେ ବାଣିଜ୍ୟ କରିବାପାଇଁ ଜଳ ପଥରେ ପ୍ୟାରସ୍ ମହାସାଗର ପର୍ଯ୍ୟନ୍ତ ଯାଉଥିଲେ । କାରଣ ଉକ୍ତ ଆଲେଚକଙ୍କର ଅନୁମାନ ଯେ ସେମେଟିକ 'ଲିପି ଭାରତରେ ମେସୋପାଟାମିଆଁ ମାର୍ଗଦେଇ ପହଞ୍ଚିଥିବ । ଏହିଧାରଣାରେ ବଶବର୍ତ୍ତୀ ହୋଇ ସେ କହିଛନ୍ତି ଯେ ସେମେଟିକ୍ ଲିପିର ଅକ୍ଷର ଗୁଡ଼ିକ ମୂଳ ରୂପ ସହିତ ବା ଟିକେ ଅଳ୍ପ ପରିବର୍ତ୍ତିତ ହୋଇ ବଣିକମାନଙ୍କ ମଧ୍ୟରେ କେବଳ ସୀମିତଥିଲା । ପରେ ସେମାନେ ବ୍ରାହ୍ମଣମାନଙ୍କୁ ଏହା ଶିଖାଇଦେଲେ । ବ୍ରାହ୍ମଣମାନେ ଏହାର ବିକାଶ ସାଧନକରି ବ୍ରାହ୍ମ ଲିପିର ଆବିଷ୍କାର କଲେ । ମାତ୍ର ଏହି ଅବସରରେ ଅକ୍ଷର ଗୁଡ଼ିକୁ ବିକଶିତ ରୂପ ସହ ପରିବର୍ତ୍ତନ କରିବାରେ କିଛି ସମୟ ଲାଗିଥିବ । ଭଟ୍ଟି ପ୍ରୋଲୁ ଶିଳାଲେଖରୁ ଅନୁମିତ ହୁଏ ଯେ କେତେକ ଅକ୍ଷରର ରୂପ କମାନ୍ୱୟରେ କେତେଥର ପରିବର୍ତ୍ତିତ ହୋଇଛି ।

(ଗ) ସମଗ୍ର ବିକାଶଧାରା ଅବଶ୍ୟ ଏକ କ୍ରମରେ ଏହି ସିଦ୍ଧାନ୍ତରେ ଏକଥା ମଧ୍ୟ ସ୍ପଷ୍ଟ ପ୍ରମାଣିତ ହୋଇନାହିଁ ଯେ ବ୍ରାହ୍ମୀ ଲିପିର ବିକାଶଧାରା ପ୍ରଥମ ଅବସ୍ଥାରେ ପରିବର୍ତ୍ତିତ ନହୋଇ ପରବର୍ତ୍ତୀ କାଳରେ କାହିଁକି ହୋଇଥିଲା ? ବର୍ଣ୍ଣମାଳାର ପ୍ରକୃତିରୁ ଏହା ଅନୁଭୂତ ହୋଇଛି ଯେ ଏହାର ଉତ୍ପତ୍ତି ବା ଆବିଷ୍କାର କାଳରେ ଯେଉଁଆଡୁ ଯେଉଁଆଡ଼କୁ ଲେଖା-ଯାଉଥିଲା , ପରବର୍ତ୍ତୀ ସମୟରେ ମଧ୍ୟ ସେହିଆଡୁ ସେହିଆଡ଼କୁ ଲେଖାଗଲା ।

ଲିଖନ ଶୈଳୀର ଦିଗ ବା ପାର୍ଶ୍ୱ ପରିବର୍ତ୍ତନ ନୂତନ ଲିପିର ଆବିଷ୍କାରର ପ୍ରଣାଳୀଠାରୁ କମ୍ କଠିନ କାମ ନୁହେଁ । ଉଦାହରଣ ସ୍ୱରୂପ ଦଶମ-ଲବ ପ୍ରୟୋଗର ରୀତି ଭାରତରେ ଆବିଷ୍କୃତ ହୋଇଥିଲା । ପ୍ରାରମ୍ଭିକ କାଳରେ ଏହା ବାମରୁ ଦକ୍ଷିଣକୁ ଲେଖାଯାଉଥିଲା । ଯେତେବେଳେ ଏହାକୁ ସେମାଇଟ୍ ବର୍ଗର ଲିପି ପ୍ରଚଳିତ ଦେଶଗୁଡ଼ିକ ଗ୍ରହଣକରିନେଲେ ସେତେବେଳେ ମଧ୍ୟ ଏହାର ଲିଖନରୀତି ବାମରୁ ଡାହାଣକୁ ଥିଲା । ଏହିଭଳି ଭାବରେ ଖରୋଷ୍ଠୀ ଲିପିର ଲିଖନଶୈଳୀ ଅଦ୍ୟାବଧି ବଦଳିନାହିଁ । ବର୍ତ୍ତମାନ ସୁଦ୍ଧା ଏହା ଡାହାଣରୁ ବାମକୁ ଲେଖା ଯାଉଛି ।

(୪) ଡଃ ବୁହ୍ଲର ସନ୍ଦେହଯୁକ୍ତ ପ୍ରମାଣ ଗୁଡ଼ିକୁ ଉପଯୋଗ କରି ନିଜର ମତର ସର୍ବସାଧାରଣଙ୍କ ଦ୍ୱାରା ସ୍ୱୀକୃତ ଲାଭପାଇଁ ଯତ୍ନବାନ୍ ହୋଇଛନ୍ତି । ସେ ଏହା ସ୍ୱୀକାର କରିଥିଲେ ଯେ ଗ୍ରୀକଲିପି ଫିନିଶିୟନ୍ Phoenician) ଲିପିରୁ ଜନ୍ମଲାଭ କରିଛି । କିନ୍ତୁ ଆଜି ମଧ୍ୟ ଲିପି-ବିଜ୍ଞାନୀମାନେ ଏଥିରେ ସନ୍ଦେହ ଆରୋପଣ କରନ୍ତି ।

ହୋଇଥିବ , ଯେଉଁଥିପାଇଁ ଆମ୍ଭେମାନେ ଏହା ପୂର୍ଣ୍ଣାଙ୍ଗ ରୂପର ପରି-ପ୍ରକାଶପାଇଁ ଏକ ଲମ୍ବା ସମୟସୀମାର କଳ୍ପନା କରିଥାଉଁ । ଏହିପରି ଭାବରେ ଉକ୍ତ ଲିପିର ବିକାଶର ପରିସମାପ୍ତି ଖ୍ରୀ: ପୂ: ୫୦୦ ପୂର୍ବରୁ ହୋଇସାରିଥିବ ।

❊ (୧) ବ୍ରାହ୍ମୀ ଲିପିର ଉତ୍ପତ୍ତି ସେମେଟିକ୍ ବର୍ଣ୍ଣମାଳାରୁ ହୋଇନାହିଁ । ଏହା ସପକ୍ଷରେ ନିମ୍ନୋକ୍ତ ଯୁକ୍ତି ଗୁଡ଼ିକୁ ବିଶ୍ଳେଷଣ କରାଯାଇପାରେ ।

(କ) ଗୋଟିଏ ଧ୍ୱନିର ବ୍ୟଞ୍ଜକ ବ୍ୟର୍ଣ୍ଣ ଦୋଷଗୁଡ଼ିକ ବର୍ଣ୍ଣ-ଲିପି ମଧ୍ୟରେ ପରସ୍ପର ସହ ଅନୁରୂପ ହୁଏ ନାହିଁ । (ଖ) ଭିନ୍ନ ଭିନ୍ନ ବର୍ଣ୍ଣଗୁଡ଼ିକର ପ୍ରତିନିଧିଭୂତ ଧ୍ୱନି ଗୁଡ଼ିକରେ ପାରସ୍ପରିକ ଭେଦ ଦେଖାଯାଏ । ଯଥା ବ୍ରାହ୍ମୀଲିପିର 'ଗ' ଓ ସେମେଟିକ ଗିମେଁଲ୍ (Gimel) ମଧ୍ୟରେ ସାଦୃଶ୍ୟ ନାହିଁ (ଗ) ସେମେଟିକ ବର୍ଣ୍ଣମାଳାର ମଧ୍ୟବର୍ତ୍ତୀ (Medial) ସ୍ୱର ଗୁଡ଼ିକପାଇଁ କୌଣସି ଚିହ୍ନନାହିଁ ଏବଂ ସେଥିରେ ହ୍ରସ୍ୱଦୀର୍ଘର ଭେଦ ମଧ୍ୟ ପରିଦୃଷ୍ଟ ହୁଏନାହିଁ ।

(୫) ଯଦି ଏହା ସ୍ୱୀକାରକରିବାକୁ ହୁଏ ଯେ ଗୋଟିଏଜାତିର ମାନବ-ଗୋଷ୍ଠୀ ନିଜର ବର୍ଣ୍ଣମାଳାକୁ ଅନ୍ୟ ଏକଜାତିର ଲୋକମାନଙ୍କର ବର୍ଣ୍ଣମାଳାରୁ ଗ୍ରହଣ କରିଛନ୍ତି ତେବେ ତା'ପୂର୍ବରୁ ଏହା ମାନିବାକୁହେବ ଯେ ସେହି ଦୁଇ ଜାତିର ଜନଗଣଙ୍କ ମଧ୍ୟରେ ମିଳାମିଶା, ଗମନାଗମନ ଓ ସଂସ୍କୃତିର ଆଦାନ-

ପ୍ରଦାନ କରିଛି ଉଭୟରେ ହେଉଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର ପ୍ରମାଣ ମିଳିପାରିନାହିଁ । ସମ୍ଭବତଃ ଏପ୍ରକାର ସାଂସ୍କୃତିକମିଶ୍ରଣ ଯଦି ହୋଇଥିବ ତେବେ ସମୁଦ୍ରତଟରେ ବାସକରୁଥିବା ଲୋକମାନଙ୍କ ମଧ୍ୟରେ ହୋଇଥିବ । ଏଣୁ ଯଦି ଭାରତୀୟଲିପି କେବେ କୌଣସି ଅନ୍ୟଲିପିରୁ ଉତ୍ପତ୍ତିଲାଭ କରିଥାଏ ତେବେ ଦକ୍ଷିଣ ସେମିମେଟିକ୍‌ଜାତିର ଲୋକଙ୍କ ଲିପିରୁ ସୃଷ୍ଟି ହୋଇଥିବା ସମ୍ଭବ । ମାତ୍ର ଡଃ ବୁହ୍ଲର ଏହି ମତକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

(୬) ହାଇଦ୍ରାବାଦର ପ୍ରାଗୈତିହାସିକଯୁଗର ଗିରିଦନ୍ଧ ଖନନ ସ୍ଥଳରେ ବର୍ଣ୍ଣମାଳା ଉଦ୍‌ଭବର ମୌଳିକକାଳ ସେହି ପ୍ରାଗୈତିହାସିକକାଳରେ ପହଞ୍ଚି-ଯାଇଛି । ବାସ୍ତବିକ୍ ଏପରି ହୋଇଥିବା ସମ୍ଭବଅଟେ । କେତେକ ଯୁକ୍ତିଅନୁସାରେ ବିଶ୍ୱାସକରିବାକୁ ହୁଏ ଯେ ବର୍ଣ୍ଣମାଳାର ଜନ୍ମ ପ୍ରାରମ୍ଭିକମନୁଷ୍ୟର ଜୀବନକାଳରେ ଏବଂ ଏହାର ଅଙ୍ଗପ୍ରତ୍ୟଙ୍ଗ ପରବର୍ତ୍ତୀଯୁଗରେ ବିକାଶଲାଭ କରିଅଛି । ଏହି ପରିପ୍ରେକ୍ଷୀରେ ଉଲ୍ଲିଖିତ ସିଦ୍ଧାନ୍ତକୁ ଅନୁଶୀଳନ କରାଯାଇପାରେ ।

(କ) ହାଇଦ୍ରାବାଦ ନିକଟବର୍ତ୍ତୀ ଗିରିଖନନରୁ ବାହାରିଥିବା ମାଟିପାତ୍ର ଗୁଡ଼ିକର ନିର୍ମାଣକାଳ ଖ୍ରୀ: ପୂ: ୧୫୦୦ ପୂର୍ବରୁ ହୋଇଥିବା ସ୍ୱାଭାବିକ ।

(ଖ) ମାନ୍ଦ୍ରାଜ ମ୍ୟୁଜିୟମରେ (ଯେଉଁଠାରେ ପ୍ରାଚୀନ ବସ୍ତୁଗୁଡ଼ିକ ସଂରକ୍ଷିତ ହୋଇ ରହିଥାଏ) ରଖାଯାଇଥିବା ମାଟିପାତ୍ର ଉତ୍ତରପାଷାଣଯୁଗର ଅଟେ ଯାହା କି ଖ୍ରୀ: ପୂ: ୩୦୦୦ ପୂର୍ବର ସୃଷ୍ଟି ଅଟେ ।

(ଗ) ମାନ୍ଦ୍ରାଜରେ ଥିବା ମାଟିପାତ୍ରଗୁଡ଼ିକ ଉପରେ କେତେକ ଲିପିସମୂ-ହୀୟ ଚିହ୍ନ ସହିତ ମଧ୍ୟବର୍ତ୍ତୀ ସ୍ୱରର ଅତିକ୍ରମ୍‌ରେ ୫ଟି ବର୍ଣ୍ଣଗତଚିହ୍ନ ଦୃଷ୍ଟି-ଗୋଚରହୁଏ । ଏଗୁଡ଼ିକ ପ୍ରାଚୀନତମ ବ୍ରାହ୍ମୀଲିପିର ବର୍ଣ୍ଣସହିତ ସମ୍ପୂର୍ଣ୍ଣଭାବରେ ମିଶିଯାଆନ୍ତି ।

ଏଣୁ ଆମ୍ଭେଯଦି ଭାରତର ପ୍ରାଗୈତିହାସିକ ମୃଣ୍ମୟପାତ୍ର ଉପରେ ଅଙ୍କିତ ସଙ୍କେତକୁ ବ୍ରାହ୍ମୀଲିପିସ୍ଥ ଅକ୍ଷରଗୁଡ଼ିକର ପୂର୍ବରୂପ ବୋଲି ସ୍ୱୀକାର କରୁଁ ତେବେ ଏହା ବାସ୍ତବ ଓ ଯୁକ୍ତିସଙ୍ଗତ ହେବ ।

(୭) ଏହି ପାତ୍ରଗୁଡ଼ିକ ଉପରେ ନିର୍ମାଣକର୍ତ୍ତାଙ୍କ ନାମରେ ପ୍ରାଥମିକ ବର୍ଣ୍ଣଗୁଡ଼ିକୁ ପ୍ରକଟ କରୁଥିବା ଗୋଟିଏ ଗୋଟିଏ ଅକ୍ଷର ମଧ୍ୟ ଦେଖାଯାଏ । ଏହି

ଭାବରେ ପ୍ରକଟ କରୁଥିବା ଗୋଟିଏ ଗୋଟିଏ ଅକ୍ଷର ମଧ୍ୟ ଦେଖାଯାଏ । ଏହି ଭାବରେ ଲିଖନରୀତି ମିଶର ଓ ୟୁରୋପରେ ମଧ୍ୟ ପ୍ରଚଳିତଥିଲା ଏବଂ ଏହା ଭାରତୀୟଙ୍କୁ ମଧ୍ୟ ଅବିଦିତ ନଥିଲା । ଏହି ପ୍ରମାଣଦ୍ୱାରା ବ୍ରାହ୍ମୀଲିପି ଇତିହାସର ପୂର୍ବବର୍ତ୍ତୀ ସମୟରେ ବିଦ୍ୟମାନଥିଲା ବୋଲି ପ୍ରତିପାଦିତ ହେଉଛି ।

(୮) ଭାରତୀୟ ମ୍ୟୁଜିୟମ (Indian Museum)ର ପ୍ରାଗୈତିହାସିକ ପ୍ରାଚୀନ ପଦାର୍ଥଗୁଡ଼ିକର ସଂଗ୍ରହ ଭିତରେ ଉତ୍ତରପାଷାଣଯୁଗରେ ଦୁଇଟି ପାଷାଣଖଣ୍ଡ ରହିଅଛି । ସେଗୁଡ଼ିକୁ ଉତ୍ତରପାଷାଣଯୁଗୀୟ ପ୍ରସ୍ତର ବୋଲି ଗ୍ରହଣ କରିବାରେ ଦ୍ୱିମତର ଅବକାଶ ନାହିଁ । ସେହି ଦୁଇଟି ପ୍ରସ୍ତରଖଣ୍ଡ ଉପରେ ଅନେକ ଅକ୍ଷର-ଚିହ୍ନ ଅଙ୍କିତ ହୋଇଛି । ସେଥିମଧ୍ୟରୁ ଗୋଟିକ ଉପରେ ମ୍, ଆ, ଲ୍, ଏହି ତିନୋଟି ଅକ୍ଷର ଏକସଙ୍ଗରେ ଅଙ୍କିତହୋଇଛି । ଅନ୍ୟ ପ୍ରସ୍ତରଖଣ୍ଡ ଉପରେ ଚାରିଟି ଅକ୍ଷର ରହିଛି । ଏହି ଅକ୍ଷରଗୁଡ଼ିକ ବ୍ରାହ୍ମୀଲିପିର ବର୍ଣ୍ଣମାଳାସହ ସମ୍ପୂର୍ଣ୍ଣରୂପେ ମିଶିଯାଉଛି ।

(୯) ବିଭିନ୍ନ ସାହିତ୍ୟିକଦୃଷ୍ଟାନ୍ତ ମଧ୍ୟ ଉପର୍ଯ୍ୟୁକ୍ତ ସିଦ୍ଧାନ୍ତକୁ ସମର୍ଥନ କରିଥାଏ ।

(କ) ଇକାର, ଉକାର ଇତ୍ୟାଦିର ବର୍ଣ୍ଣନା 'ଛାନ୍ଦୋଗ୍ୟ ଉପନିଷଦ୍'ରେ ଦୃଷ୍ଟିପଥାରୂଢ଼ ହୁଏ । ଯଥା—ଅଗ୍ନି ଈକାରଃ ।

(ଖ) 'ଐତରେୟ-ଆରଣ୍ୟକ'ରେ ଣତ୍ୱଗତ ସନ୍ଧିର ନିୟମ ଲିଖିତ ହୋଇଛି ।

(ଗ) 'ଶତପଥ-ବ୍ରାହ୍ମଣରେ' ଭିନ୍ନଭିନ୍ନ ବେଦର ପଦଗୁଡ଼ିକର ସଙ୍କଳିତ ସଂଖ୍ୟା ଓ କାଳର ଲଘୁତମଭାଗ (ଏକ ସେକେଣ୍ଡର ସପ୍ତଦଶଭାଗ) ନିରୂପିତ ହୋଇଛି । ଏହି କାର୍ଯ୍ୟ ଲିପିକଳାର ଜ୍ଞାନ ବିନା ସମ୍ଭବ ହୋଇପାରେନାହିଁ ।

(ଘ) ଋଗ୍‌ବେଦରେ ଅଷ୍ଟକର୍ଣ୍ଣୀ ଗୋରୁ (ଯାହା କାନରେ "ଆଠ" ଅଙ୍କ ନିର୍ଦ୍ଦିଷ୍ଟ ରୂପେ ଅଙ୍କିତ ହୋଇଛି) ପ୍ରଭୃତିଙ୍କ ବର୍ଣ୍ଣନା ରହିଛି ।

(ଙ) ଆର୍. ରଥ (R. Roth) ମୁକ୍ତଯୁକ୍ତ ଭାବେ କହିଛନ୍ତି ଯେ ବେଦସମୂହର ଲିଖିତରୂପ ବ୍ୟତୀତ କୌଣସି ବ୍ୟକ୍ତି ପ୍ରତିଶାଖ୍ୟ ଗ୍ରନ୍ଥଗୁଡ଼ିକର ନିର୍ମାଣ କରିପାରିବ ନାହିଁ ।

(ଚ) ବୈଦିକଯୁଗରେ ଅତ୍ୟନ୍ତ ଉଚ୍ଚ ସଂଖ୍ୟା ଗୁଡ଼ିକର ବ୍ୟବହାର କରାଯାଉଥିଲା । ବ୍ୟାକରଣଶାସ୍ତ୍ରର ଯଥେଷ୍ଟ ବିକାଶ ବହୁ ପ୍ରାଚୀନ କାଳରେ ମଧ୍ୟ ସମ୍ଭବ ହୋଇଥିଲା । ଏହି ପ୍ରକ୍ରିୟା ଲିପିକଳା ଆବିଷ୍କୃତ ହେବାର ବହୁପରେ ହେଉଥିବା କିନ୍ତୁ ତା'—ପୂର୍ବରୁ ଏହା କେବେ ହୋଇଥିବାର ପ୍ରମାଣ ନାହିଁ । ଜୁଆ, ପଣ ତଥା ପଶୁମାନଙ୍କ ଉପରେ ସଂଖ୍ୟାବାଚକ ଅଙ୍କ ଲେଖାଯାଇଥିବାର ଦୃଷ୍ଟାନ୍ତ ଅନସ୍ୱୀକାର୍ଯ୍ୟ । ଏହିସବୁ ଯୁକ୍ତିତଥା ସାକ୍ଷୀରୁ ପ୍ରମାଣିତ ହେଉଛି ଯେ ବହୁ ପ୍ରାଚୀନକାଳରୁ ଲିପିକଳା ସମ୍ପର୍କରେ ଭାରତୀୟମାନେ ଅବହିତ ହେବା-ସଙ୍ଗେସଙ୍ଗେ ଅଭିଜ୍ଞମଧ୍ୟ ଥିଲେ ।

ବେଦର ମୌଖିକ ଅଧ୍ୟାପନା ରୀତିଦ୍ୱାରା ଏହି ମତ କଦାପି ପ୍ରତ୍ୟାଖ୍ୟାତ ହୋଇନପାରେ । କାରଣ ବୈଦିକମନ୍ତ୍ର ଗୁଡ଼ିକର ଶୁଦ୍ଧ ଉଚ୍ଚାରଣପାଇଁ ମୌଖିକ ଅଧ୍ୟାପନା ନିତାନ୍ତ ଅପରିହାର୍ଯ୍ୟ ମାଧ୍ୟମ ଅଟେ ।

## ଭାରତୀୟ ଲିପିବିଜ୍ଞାନ ଉପରେ ସ୍ୱାମୀ ଦୟାନନ୍ଦଙ୍କ ମତ :

ଭାରତୀୟଲିପି ବୈଦିକଯୁଗ ପୂର୍ବରୁ ରଚନା କରାଯାଇଥିଲା । ବିଶ୍ୱର ସର୍ବପ୍ରଥମଲିପି ବେଦଲିପି କାରଣ ବେଦ ସର୍ବାପେକ୍ଷା ପ୍ରାଚୀନଗ୍ରନ୍ଥ । ସଂସ୍କୃତ ଦିନେ ସମଗ୍ରବିଶ୍ୱରେ କଥିତ ଭାଷାଥିଲା ସେଥିପାଇଁ ସଂସ୍କୃତ ଭାଷାର ପ୍ରଭାବ ସମସ୍ତ ଭାଷାରେ ଦେଖାଯାଏ । ବେଦର ଲିପି ଭାରତରେ ସୃଷ୍ଟି ହୋଇଛି । ଏହି ଗୃତ୍ସମଦ ଋଷିଙ୍କ ଦ୍ୱାରା ପ୍ରଥମେ ସୃଷ୍ଟି ହୋଇଥିଲା । ଭାରତୀୟ ଲିପି ଅନ୍ୟ କୌଣସି ଲିପିରୁ ଜନ୍ମହୋଇଛି କହିବା ଭ୍ରମ ।

## ଭାରତୀୟ ଲିପିବିଜ୍ଞାନ ଉପରେ ମୋର ମତ :

(୧) ଭାରତୀୟ ଲିପିବିଜ୍ଞାନ ଉପରେ ବୈଦେଶିକ ପଣ୍ଡିତମାନେ ପ୍ରାୟ ଶବ୍ଦ ବ୍ୟବହାରକରି ଯେଉଁ କେତୋଟି ମତବ୍ୟକ୍ତ କରିଛନ୍ତି ତାହା ସତ୍ୟବୋଲି ସ୍ୱୀକାର କରିବା ଅସମ୍ଭବ । ମାନ୍ଦ୍ରାଜରୁ ମିଳିଥିବା ମାଟିପାତ୍ର ପାଞ୍ଚଗୋଟି ବର୍ଣ୍ଣଗତ ଚିହ୍ନର ସୂଚନାଦିଏ । ବ୍ରାହ୍ମୀଲିପି ସହିତ ଏହାର ସମାନତା ପରିଲକ୍ଷିତ ହେବା ସଙ୍ଗେ ସଙ୍ଗେ ବ୍ରାହ୍ମୀ ଲିପିର ପ୍ରଭାବ ଏହି ଲିପିରେ ପରିଦୃଷ୍ଟ ହୁଏ । ଏଣୁ ଏହି ସଙ୍କେତ ଲିପିଠାରୁ ବ୍ରାହ୍ମୀଲିପି ପ୍ରାଚୀନ। **ହାଇଦ୍ରାବାଦର ଗିରିକନ୍ଦ ଖନନରୁ** ମିଳିଥିବା କେତେକ ବର୍ଣ୍ଣଲିପି ଅନୁଧ୍ୟାନକଲେ ଜଣାଯାଏ ବର୍ଣ୍ଣମାଳାର ଜନ୍ମ ପ୍ରାରମ୍ଭିକ ମନୁଷ୍ୟର ଜୀବନ କାଳରେ ସୃଷ୍ଟି ହୋଇଥିଲା । ଉତ୍ତର ପାଷାଣ

ଯୁଗର ଦୁଇଟି ପଥରଖଣ୍ଡରୁ ଯେଉଁ ବର୍ଣ୍ଣ ସଙ୍କେତ ମିଳିଛି ତାହା ଯଦି ପ୍ରାଚୀନ ତଥାପି ବେଦଠାରୁ ନୁହେଁ । ଶତପଥ ବ୍ରାହ୍ମଣଗ୍ରନ୍ଥ, ଐତରେୟ ଆରଣ୍ୟକରେ ଯେଉଁ ଶବ୍ଦଗତ ସନ୍ଧିଗତ ସୂଚନା ଦିଆଯାଇଛି ତାକୁ ଅନୁଧ୍ୟାନକଲେ ଜଣାଯାଏ ଯେ ଖରୋଷ୍ଠୀ ଲିପିର ଲିଖନ ଶୈଳୀପରି ବାଧରୁ ଡାହାଣଯାଏ ଅକ୍ଷରଗୁଡ଼ିକ ସଜାହୋଇ ଲେଖାଯାଏ । ଖରୋଷ୍ଠୀ ଲିପିବେଦର ପୂର୍ବବର୍ତ୍ତୀ ନୁହେଁ । ଏହା ଖ୍ରୀ: ପୂ: ୩୦୦୦ ବର୍ଷ ତଳେ ରଚନା କରାଯାଇଥିଲବୋଲି ଅନୁମେୟ । ବୁହଲରଙ୍କ ମତରେ ଗ୍ରୀକ୍‌ଲିପି ଫିନିସିୟନ Phoenician ଲିପିରୁ ଜନ୍ମଲାଭ କରିଛି । କିନ୍ତୁ Phoenician ଲିପିତତ୍ତ୍ୱ ଅନୁଧ୍ୟାନକଲେ ଗ୍ରୀକ୍‌ଲିପିର ଭାଷାଗତ ଯୌଜନ୍ୟତା ସହ ଫିନିଶିୟନ୍ ଲିପିର ଭାଷାଗତ ଯୌଜନ୍ୟତା-ସମ୍ପର୍କଥିଲାପରି ପ୍ରତୀୟମାନ ହୁଏ ନାହିଁ ଏଣୁ ଡକ୍‌ଟର ବୁହଲରଙ୍କ ମତଟି ଗ୍ରହଣଯୋଗ୍ୟ ନୁହେଁ । କାହ୍ନିଧ୍ୟାନର ବର୍ତ୍ତିମେଣ୍ଟ୍ ଶିଳାଲେଖ ଅନୁଧ୍ୟାନକଲେ ଜଣାଯାଏ ସର୍ବପ୍ରଥମେ ଭାରତୀୟ ଲିପିଗୁଡ଼ିକ ସ୍ୱତଃ ଭାରତୀୟଙ୍କ ଦ୍ୱାରା ସୃଷ୍ଟି ହୋଇଛି । ଏଥିରେ ଗ୍ରୀକ୍ ଓ ଅନ୍ୟ ଲିପିର ପ୍ରଭାବ-ନାହିଁ । ଏହା କୁହାଯାଇପାରେ ଯେ ଭାରତୀୟ ଲିପି, ଶବ୍ଦ ବର୍ଣ୍ଣର ସମସ୍ତ ଭାଷାକୁ ପ୍ରଭାବିତ କରିଛି ।

ପ୍ରଫେସର (Weber)ଙ୍କ ମତ ଅନୁଯାୟୀ ଫିନିସିଆ ବର୍ଣ୍ଣମାଳାରୁ ଭାରତୀୟ ବର୍ଣ୍ଣମାଳା ଜନ୍ମ । ଡକ୍‌ଟର Deecke କହନ୍ତି ଏହି ବର୍ଣ୍ଣମାଳା ଏସୀରିୟାର ସଣାକାର Cuneiform ବର୍ଣ୍ଣ ସମୂହରୁ ସୃଷ୍ଟି ହୋଇଥିବା ପ୍ରାଚୀନ ଦକ୍ଷିଣୀ ସେମାଇଟ ବର୍ଣ୍ଣସହ ସଂମ୍ପୃକ୍ତ ହିମ୍ୟାରାଇଟ୍ ବର୍ଣ୍ଣମାଳା ଦ୍ୱାରା ସମ୍ଭବ ହୋଇପାରିଛି । ଅନ୍ୟପକ୍ଷରେ ଯାର୍ ଓ କଲିଙ୍ଗହମ୍ କହନ୍ତି ଭାରତୀୟ ବର୍ଣ୍ଣମାଳା ଭାରତୀୟମାନଙ୍କ ଜ୍ଞାନରୁପ୍ରସୂତ । ଇରାନୀମୁଦ୍ରା ଗୁଡ଼ିକୁ ଦେଖିଲେ ଭାରତୀୟ ବର୍ଣ୍ଣମାଳା ସେଥିରୁ ଜନ୍ମ ବୋଲି କହିବା ଭ୍ରମାତ୍ମକ କାରଣ ମୁଦ୍ରାଗୁଡ଼ିକ ବର୍ଣ୍ଣମାଳାର ବହୁପରେ ସୃଷ୍ଟି ଏଣୁ ଭଟ୍ଟିପ୍ରୋଲୁ ଶିଳାଲେଖରେ ଉଲ୍ଲେଖିତ ତଥ୍ୟ ଏଥିପାଇଁ ଆଗ୍ରହଣୀୟ । Mexmuller. ଭାରତୀୟ ଲିପି ଖ୍ରୀ: ପୂର୍ବ ଚତୁର୍ଥ-ଶତାବ୍ଦୀ ପୂର୍ବରୁ ଆରମ୍ଭ ହୋଇଥିଲା । ସ୍ୱା’ମାନେ ଏହା ନୁହେଁ ଯେ ଭାରତୀୟ ଲିପି-ତତ୍ତ୍ୱରର ସୃଷ୍ଟି ତୃତୀୟ ଶତାବ୍ଦୀ । ଡକ୍‌ଟର ମିଦୁଲର୍ ତୃତୀୟ ଶତାବ୍ଦୀରେ ଭାରତୀୟଲିପି ସୃଷ୍ଟି ବୋଲି ଯେଉଁମତ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ରୂପେ ଭ୍ରମପୂର୍ଣ୍ଣ । କାରଣ ଖ୍ରୀ: ପୂର୍ବ ପ୍ରଥମ ଶତାବ୍ଦୀ ବେଳକୁ ସଂସ୍କୃତସାହିତ୍ୟର ପୁନର୍ଜାଗରଣ ହୋଇ ଯାଇଥିଲା । ଫ୍ଲିଣ୍ଡର୍ସ ପେଟ୍ରି କହନ୍ତି ବର୍ଣ୍ଣମାଳାଗୁଡ଼ିକର ମୂଳଉତ୍ପତ୍ତି ଚିତ୍ରାକାର Heiroglyphies ଲିପି ଉପରେ ହୋଇନଥିଲା ବରଂ ଏହା Symbols ରୂପରେ ସଂମ୍ଭବ ହୋଇ ପାରିଥିଲା । ପ୍ରାଚୀନକାଳର ଲେଖକ-

ମାନେ ନିଜର ଭାବକୁ ଶବ୍ଦ ମାଧ୍ୟମରେ ପ୍ରକାଶ କରୁଥିଲେ ଏହା ଅବଶ୍ୟ ମନୁଷ୍ୟର ଉନ୍ନତ ସାମାଜିକ ଅବସ୍ଥା କିନ୍ତୁ କୌଣସି ଏକ ମୁଦ୍ରାରୁ ମିଳିଥିବା ପ୍ରମାଣ ଏହାପାଇଁ ଯୁକ୍ତିଯୁକ୍ତ ନୁହେଁ । ବେଦର ମୂଳ-ଲିପିସ୍ରଷ୍ଟା ଅଗ୍ନି, ଆଙ୍ଗିରା, ବାୟୁ, ଆଦିତ୍ୟ-ପ୍ରଭୃତି ଗୁରୁଜଣଙ୍କୁ ପ୍ରଥମେ ଶବ୍ଦାକଲେ ଶ୍ରୁତି ବା ବେଦକୁ ଯଦଲିପି ମାଧ୍ୟମରେ ଲେଖାନଯାଏ ଏହାକୁ ପରବର୍ତ୍ତୀ ସମାଜର ଲୋକେ ମନେରଖିବା ଅସମ୍ଭବ । ଏଣୁ ଏହି ଋଷିମାନେ ବେଦର ଲିପିସୃଷ୍ଟି କଲେ । ସେ ଲିପିଗୁଡ଼ିକର ଗଢ ଓ ଲେଖିବା ପ୍ରଣାଳୀ ପ୍ରଥମେ ଆରମ୍ଭ କରିଥିଲେ ।

ବେଦ ରଚନାକାଳ ବିଷୟ ନେଇ ନାନାପ୍ରକାର ମତ ଦେଖାଯାଏ । କିନ୍ତୁ ସମସ୍ତେ ବେଦର ସୃଷ୍ଟି ସର୍ବପ୍ରାଚୀନ ବୋଲିମତ ଦେଇଛନ୍ତି । କାର୍ଣ୍ଣିୟାନ୍, ନୀଳନଦୀର ସଭ୍ୟତା ଓ ମେସୋପଟାମିଆଁ ସଭ୍ୟତା ସମୟରେ ଆର୍ଯ୍ୟମାନଙ୍କ ଦ୍ୱାରା 'ବେଦ'ରଚନା କରାଯାଇଥିଲା ଓ ଏମାନେ ମାଂସ ଭକ୍ଷଣ କରୁଥିଲେ ବୋଲି ବୈଦେଶିକ ପଣ୍ଡିତ ପ୍ରଭାବରେ ପ୍ରଭାବିତ ହୋଇ ଯେଉଁମାନେ ମତବ୍ୟକ୍ତ କରିଛନ୍ତି ତାହାର ସତ୍ୟତା ନିରୂପିତ ହୋଇନାହିଁ ।

ପ୍ରଥମ ମନୁଷ୍ୟ ସୃଷ୍ଟି ସମୟରେ ବେଦ ରଚନା କରାଯାଇଥିଲା । ଯେତେ-ବେଳେ ବେଦ ରଚନା କରାଗଲା ବୁଦ୍ଧିମନ୍ତ ଋଷି ଧ୍ୟାନସ୍ଥହୋଇ ଯାହା ସମାଧିସ୍ଥ ଅବସ୍ଥାରେ ପାଇଲେ ତାହା ରଚନା କଲେ । ବେଦ ଯେଉଁମାନେ ରଚନାକଲେ ସେମାନେ ଆଦିମଅଧିବାସୀ କିମ୍ବା ମାଂସ ଭକ୍ଷଣ କାରୀନଥିଲେ । ବିଶାଳ ବେଦ ଗ୍ରନ୍ଥରେ ଯେଉଁ ସଭ୍ୟତା ଓ ବିଜ୍ଞାନର ବର୍ଣ୍ଣନାମିଳେ ତାହା ଆଜିର ସଭ୍ୟତାଠାରୁ ବହୁଉନ୍ନତରେ । ବେଦର ଦେବନାଗରୀ ଲିପିଗୁଡ଼ିକୁ ଅନୁଧ୍ୟାନକଲେ ବେଦକପର ଜ୍ଞାନସମ୍ପୂର୍ଣ୍ଣ ଋଷିଙ୍କଠାରୁ ଲିପିମାଧ୍ୟମରେ ପ୍ରକାଶପାଇଥିଲା ତାହାକେବଳ ତତ୍ତ୍ୱଦର୍ଶୀ ନ ହେଲେ ଅଟକଳ କରିବା ଅସମ୍ଭବ, ଇତିହାସ ପୋଥିରେ ଖାଲି ଲିପ୍ତ ରହିଲେ ବୈଦିକ ଜ୍ଞାନରୁ ବଞ୍ଚିତ ହେବାକୁ ପଡ଼ିଥାଏ । ବେଦମନ୍ତ୍ରର ଉଦାତ୍ତ, ଅନୁଦାତ୍ତ, ସ୍ୱରିତକୁ ଅନୁଧ୍ୟାନକଲେ ଜଣାଯାଏ ବ୍ରାହ୍ମୀଲିପିରେ ତଦନୁରୂପ ପ୍ରଭାବ ରହିଛି । ଏଣୁ ବ୍ରାହ୍ମିଲିପିରୁ ବେଦର ଲିପି ଜନ୍ମ କିମ୍ବା ବହୁ ବିବର୍ତ୍ତନ ବାଦପରେ ବ୍ରାହ୍ମୀଲିପି ସୃଷ୍ଟି ହୋଇଛି ତାହା ପ୍ରକାଶକରିବାକୁ ଇତିହାସ ପଣ୍ଡିତମାନେ ନାରାଜ । ତଥାପି ଏହା ସତ୍ୟଯେ ଭାରତୀୟମାନଙ୍କ ଦ୍ରୁତଭିତ୍ତି ଫଳରେ ଭାରତୀୟ ବର୍ଣ୍ଣମାଳାର ଜନ୍ମ ସମ୍ଭବହୋଇ ପାରିଛି । ବେଦର ଲିପିଗୁଡ଼ିକ ଭାରତୀୟ ବର୍ଣ୍ଣମାଳାର ପ୍ରାଚୀନତାକୁ ପ୍ରତିପାଦିତ କରିଥାଏ । ବେଦର ଲିପି ସୃଷ୍ଟିହେବା ପୂର୍ବରୁ ଏହାକୁ ଶୁଣି ଶୁଣି

ମନେରଖୁଥିଲେ ଏଣୁ ଏହାର ନାମ ଶ୍ରୁତି ଥିଲା । ଲିପିପ୍ରଚଳନ ହେବା ସମୟରେ ଏହାକୁ ବେଦବୋଲି ନାମିତ କରାଗଲା । ଏହି ସମୟରେ କୌଣସି ଲିପି ନ ଥିଲା । ଏଣୁ ବେଦର ଲିପି ସର୍ବପ୍ରଥମ ଲିପି ବୋଲି କେତେକ ପଣ୍ଡିତ କହିଥାନ୍ତି । ଏହା କ୍ରମେ ବିକାଶହୋଇଛି ତାହା ନୁହେଁ । ଈଶ୍ବର ଶକ୍ତିର ପ୍ରଭାବରେ ବହୁଅସମ୍ଭବ ଘଟଣା ସମ୍ଭବ ହୋଇଥାଏ । ବେଦଭଳି ଗ୍ରନ୍ଥକୁ ଯେଉଁ ଋତୁମ୍ଭରା ଋଷିଙ୍କ ଦ୍ୱାରା ମନେରଖିବା ସମ୍ଭବ ହୋଇଥିଲା ଓ ଏଭଳି ସମୃଦ୍ଧିଶାଳୀ ଗ୍ରନ୍ଥ ଧାରାବାହିକ କ୍ରମାନୁଯାଇ ସୃଷ୍ଟି ହେବା ସମ୍ଭବ ହୋଇଥିଲା । ତାଙ୍କପକ୍ଷରେ ବେଦର ଦେବନାଗରୀଲିପି ସୃଷ୍ଟି କରିବା ସହଜ, ଏହି କଥାକୁ ଅବିଶ୍ୱାସ କରିବା ଆମ୍ଭର କ୍ଷୁଦ୍ର ଜ୍ଞାନର ପରିଚୟ ଛଡା ଅନ୍ୟକିଛି ନୁହେଁ । ରେଖା ଚିହ୍ନଲିପିର ବିକାଶରେ କମ୍ବା ସେମେଟିକ୍ ବର୍ଣ୍ଣମାଳାରୁ, ପାଲ୍ଲୀ ଭାଷାରୁ, ଖୋରଷ୍ଠି ଭାଷାରୁ, ଫେନସିଆ ବର୍ଣ୍ଣମାଳାରୁ, ଭାରତୀୟ ବର୍ଣ୍ଣମାଳାର ଜନ୍ମ କହିବା ଭ୍ରମପୂର୍ଣ୍ଣ ବିଚାର । ବର୍ତ୍ତମାନ-ସୁଦ୍ଧା ଯେତେ ଶିଳାଲେଖ, ମାଟିପାତ୍ର, ରେଖାପାତ୍ର, ଚିତ୍ରପାତ୍ର ମଣିଷର କଙ୍କାଳ, ମୁଦ୍ରା ହରପ୍ପା, ମହେଞ୍ଜୋଦାରୋ ଓ ଅନାନ୍ୟ ସ୍ଥାନରୁ ଉଦ୍ଧାର କରାଯାଇଛି ସେସବୁ ବେଦର ପରବର୍ତ୍ତି । କାରଣ ବେଦରେ ଯେଉଁପରି କଳା, ଚିତ୍ରକଳା ସ୍ଥାପତ୍ୟ, ଭୂଗର୍ଭ ବିଦ୍ୟା, ଆକାଶବିଦ୍ୟା, ବ୍ୟୋମଯାନ, ଜାହାଜ, ଶକଟ ନିର୍ମାଣ ପ୍ରଣାଳୀ, ତାରଯନ୍ତ୍ର (ବା ଟେଲିଫୋନ୍); ଶଲ୍ୟଚିକିତ୍ସା, ଜଳ ଚିକିତ୍ସା, ସୌର ଚିକିତ୍ସା, ଶରୀରତତ୍ତ୍ୱ, ସୂଚୀଚିକିତ୍ସା, ପ୍ରାକୃତିକଚିକିତ୍ସା, ମନସ୍ତତ୍ତ୍ୱ ଚିକିତ୍ସା, ଗଣିତ, ରେଖାଗଣିତ, ଜ୍ୟୋତିଷ, ଅସ୍ତ୍ରବିଦ୍ୟା, ଭୁଷଣ୍ଡୀ ବା ବନ୍ଧୁକ ନିର୍ମାଣ ପ୍ରଣାଳୀ, ସଂଗୀତ ଚିକିତ୍ସା, ଅର୍ଥାତ୍ ସଂଗୀତ ପରିବେଷଣଦ୍ୱାରା ବୃକ୍ଷ, ପଶୁ, ଓ ମନର ଅଭିବୃଦ୍ଧି ବିଷୟରେ ନିର୍ଭୁଲ ଭାବରେ ବର୍ଣ୍ଣନା କରାଯାଇଛି ତାକୁ ଅନୁଧ୍ୟାନକଲେ, ଜଣାଯାଏ ବେଦ ମାଂସ ଭୋଜୀ ଆର୍ଯ୍ୟମାନଙ୍କ ଦ୍ୱାରା ରଚନା କରାଯାଇନାହିଁ ଭାରତୀୟ ବର୍ଣ୍ଣମାଳା ଭାରତୀୟଙ୍କ ଅନ୍ତଃଜ୍ଞାନ ପ୍ରତିଭାରୁ ଜନ୍ମ ଲାଭକରିଛି । କାସ୍ପିଆନ କୂଳ ଆର୍ଯ୍ୟମାନେ ବେଦ ରଚନା କରିନଥିଲେ । ଏଭଳି କେତେ ସଭ୍ୟତା ମାଟି ତଳେ ପୋତିହୋଇ ଅଦ୍ୟାବଧି ଅନାବିଷ୍କୃତ ହୋଇରହିଛି । ଏହି ସମସ୍ତ ସଭ୍ୟତା ମଣିଷର ଦୃଷ୍ଟିଗୋଚର ନହେଲାଯାଏ କୌଣିସିମାଟିପାତ୍ରକୁ ଦେଖି ବର୍ଣ୍ଣମାଳା ଓ ବେଦର ବୟସ ନିର୍ଣ୍ଣୟ କରିବା ଠିକ୍ନୁହେଁ । **ଭାରତ ଇତିହାସ ମେ ଭୟଙ୍କରୀଭୂଲ** ପୁସ୍ତକରେ ଏକଥା ପ୍ରତିପାଦିତ ହୋଇଛି । ଋଗ୍‌ବେଦରେ ଅଷ୍ଟକର୍ଣ୍ଣୀ ଗୋରୁ (ଯାହାକାନରେ ଆଠଅଙ୍କ ଚିହ୍ନିଷ୍ଟରୂପେ ଅଙ୍କିତ ହୋଇଛି) । ବେଦରେ ବିଭିସଂଖ୍ୟାଗୁଡ଼ିକର ବ୍ୟବହାର ବହୁଳଭାବରେ ଦେଖାଯାଏ ଏହା ଲିପିକଲା ଅଟେ । 'ଇ' କାର, 'ଉ' କାରର ବର୍ଣ୍ଣନା ତଥା ବ୍ୟବହାର ଦେଖି-ବାକୁମିଳେ । ସ୍ୱାମୀ ଦୟାନନ୍ଦଙ୍କଭାଷ୍ୟକୁ ସମ୍ମାନ ଦେଇ ପାରସ୍ୟବାସୀନ ଉକ୍ଟର

କିଲହ୍ ମତବ୍ୟକ୍ତକର କହିଛନ୍ତି ବିଶ୍ୱର ପ୍ରଥମପ୍ରାଚୀନ 'ବେଦ' ଯାହାକି ଦେବନାଗରୀ ଲିପିରେ ରଚିତ ହୋଇଛି । ଏହାପୂର୍ବରୁ କୌଣସି ଲିପିନଥିଲା । ଏହି ବିରାଟ ଜ୍ଞାନସାଗର ଗ୍ରନ୍ଥକୁ ଶୁଣି ଶୁଣି ଗୁରୁପରମ୍ପରା କ୍ରମେ ମନେ ରଖୁଥିଲେ ଏଣୁ ଏହାକୁ ଶ୍ରୁତି କୁହାଯାଉଥିଲା । ପ୍ରଥମ ଲିପି ବେଦର ଲିପି ଯାହା ଭାରତୀୟ ଋଷିଙ୍କଦ୍ୱାରା ରଚିତ ହୋଇଛି । ମୋଟପରେ କହିବାକୁ ଗଲେ ଭାରତୀୟ-ବର୍ଣ୍ଣମାଳା ଅନ୍ୟ-କେଉଁଲିପିରୁ ଜନ୍ମଲାଭ କରିନାହିଁ ଏହା ଭାରତୀୟମାନଙ୍କ ଦ୍ୱାରା ସୃଷ୍ଟି ।

କେତେକ ଇତିହାସ ପଣ୍ଡିତ ଯୁକ୍ତି କରିପାରନ୍ତି ବେଦର ପ୍ରଥମ ସ୍ରୋତ ଯଦି ମହାଶୂନ୍ୟରୁ ତୁରୀୟାତୀତ ଅବସ୍ଥାରେ ଅଗ୍ନିଋଷି, ଅଙ୍ଗିରାଋଷି, ବାୟୁଋଷି ଓ ଆଦିତ୍ୟନାମକ ଋଷିଙ୍କ ଅତିମାନସ ଯୁକ୍ତ ମାନସରେ ଅବତାରଣ କଲା ତାହେଲେ ସେ ଯାହାପାଇଲେ ତାକୁ କହିବାକୁ ଲାଗିଲେ । ସେହି ମହାଶୂନ୍ୟର ସନାତନବାଣୀ କ୍ରମେ ପ୍ରଚୁରହେଲା ଶିଷ୍ୟ ପରଂପରା ମଧ୍ୟରେ । ଏହି ସମୟରେ ଏହାକୁ ଶୁଣିଶୁଣି ମନେରଖୁଥିଲେ ବୋଲି ବେଦର ଅନ୍ୟନାମ 'ଶ୍ରୁତି' । ଯେତେବେଳେ ଲିପି ସୃଷ୍ଟି ହେଲା ସେତେବେଳେ କ'ଣ ଏହି ଋଷିମାନେ ବଞ୍ଚିଥିଲେ—

ଉତ୍ତର—ହଁ ବଞ୍ଚିଥିଲେ; ଋଷିମାନେ ସହସ୍ର ବର୍ଷପର୍ଯ୍ୟନ୍ତ ଯୋଗାବସ୍ଥାରେ ବଞ୍ଚିବାକଥା ବେଦାଦି ସତ୍ୟଶାସ୍ତ୍ରରେ ଉଲ୍ଲେଖ ଅଛି । ଏହା କେବଳ ପ୍ରାଣାୟାମ ଯୋଗଦ୍ୱାରା ସମ୍ଭବ । ବେଦ 'ଅ' ଶବ୍ଦଠାରୁ ଆରମ୍ଭ ତା'ମାନେ ପ୍ରଥମେ ମହାଶୂନ୍ୟରୁ ଅକାର + ଉକାର + ମକାର ଧ୍ୱନିର ନାଦ ଶୁଣାଯାଇଥିଲା । ଋକ୍‌ବେଦର ପ୍ରଥମମନ୍ତ୍ର 'ଅଗ୍ନିମି ଢେଗୁରୋହିତମ୍' । ଅ + ଉ + ମ ଶବ୍ଦ ଆବିଷ୍କାର ହେବାପରେ ଯେତେବେଳେ ଲିପିର ସୃଷ୍ଟି ହୋଇଥିଲା ସେତେବେଳ-ଯାଏ ଅଗ୍ନି, ଅଙ୍ଗିରା, ବାୟୁ ଆଦିତ୍ୟ ଋଷି ଶରୀର ତ୍ୟାଗ କରିନଥିଲେ କାରଣ ସେମାନଙ୍କର ଇଚ୍ଛା ମୃତ୍ୟୁଥିଲା—ଏହିମାନେ ପ୍ରଥମ ଲିପିରଦ୍ରଷ୍ଟା, ମନ୍ତ୍ରଦ୍ରଷ୍ଟା ଓ ସାକ୍ଷାତକାର ପୁରୁଷ । ଯେଉଁ ମନ୍ତ୍ରକୁଦେଖିଲେ ସେହିମନ୍ତ୍ରର ଲିପିକୁ ମଧ୍ୟ ଜ୍ଞାନ ଚକ୍ଷୁରେ ଦେଖିଥିଲେ । କିନ୍ତୁ ଅଷ୍ଟମଶତାବ୍ଦୀ ଓ ଷଷ୍ଠଶତାବ୍ଦୀରେ ଓ ଏହାପୂର୍ବରୁ ରାମାୟଣ, ମହାଭାରତ ଆଦି ସମୟରେ କେତେକ ଋଷିଙ୍କ ନାମ· ଅଗ୍ନି, ଅଙ୍ଗିରା, ବାୟୁ, ଆଦିତ୍ୟ ବୋଲି ମିଳିଥାଏ । ବୈଦେଶିକ ପଣ୍ଡିତମାନେ ଏହିମାନଙ୍କର ନାମକୁ ଦେଖି ବେଦରଚନାକାଳ ନିର୍ଣ୍ଣୟ କରିଥାନ୍ତି । ବେଦମନ୍ତ୍ରକୁ ସ୍ୱଚକ୍ଷୁରେ ପ୍ରଥମେ ଏମାନେ ଦେଖିନଥିଲେ କାରଣ ଏମାନଙ୍କ ଜନ୍ମପୂର୍ବରୁ ବେଦର ବ୍ୟାପକତା ସର୍ବତ୍ର ପ୍ରସାର ଲାଭ କରିଥିଲା । ପରେ ବେଦର ପ୍ରସାର ସର୍ବତ୍ର ଦେଖାଗଲା—

ପ୍ରଶ୍ନ—ଆଚ୍ଛା, ଶବ୍ଦକୁ ଦେଖିହୁଏନାହିଁ, ବେଦରେ "ଋଷୟଃମନ୍ତ୍ରଦ୍ରଷ୍ଟାରଃ" ଲେଖାଯାଇଛି ଏହାର ସତ୍ୟତା କ'ଣ, ପ୍ରଥମ ଏହି ଗୃତ୍ସମଦଋଷି ମନ୍ତ୍ରକୁ ଦେଖିଲେ କିପରି—

ଉତ୍ତର—ଶୁଣନ୍ତୁ ! ଏ ଯୁକ୍ତିର କଥା ନୁହେଁ । ବ୍ରହ୍ମଲୀନ ଯୋଗୀର ଅନୁଭୂତି ଏହାହିଁ ସନାତନ । ଆଲୋକଠାରୁ ଶବ୍ଦରଗତି କମ୍ । ଆଲୋକର ଗତି ଅଧିକ ହୋଇଥିବାରୁ ବିଜୁଳି ମାରିବାର କିଛିସମୟ ପରେ ଘଡ଼ଘଡ଼ି ଶବ୍ଦ ଶୁଣାଯାଏ । ଏହି ଗୃତ୍ସମଦ ଋଷି ପ୍ରଥମେ ବ୍ରହ୍ମଙ୍କର ଜ୍ୟୋତିର୍ମୟ ଅପ୍ରାକୃତ ରୂପ ଓମ୍‌କାର-ବ୍ରହ୍ମଙ୍କୁ ପ୍ରଜ୍ଞାଚକ୍ଷୁରେ ଦର୍ଶନକରି ଅଧୀର ହୋଇପଡ଼ିଥିଲେ । ସେମାନେ ଏହି ଓମ୍‌କାର—ବ୍ରହ୍ମଜ୍ୟୋତିରେ ସକଳ ସୃଷ୍ଟିକ୍ରିୟାକୁ ଦେଖି ଜାଣିପାରିଥିଲେ । ମହାଶୂନ୍ୟରୁ ପ୍ରଥମେ ଯେଉଁ ଆଲୋକପୁଞ୍ଜି 'ଶବ୍ଦବ୍ରହ୍ମ ଓମ୍‌କାର'କୁ ଦର୍ଶନ କଲେ । ଏହି ଓମ୍‌କାର ନିର୍ଗୁଣ ଜଗତର ସର୍ବପ୍ରଥମ ସାକାରଲିପି । ବହୁକାଳ ବହୁବାର ଏହି ମୂଳଲିପି ଓମ୍‌କାରକୁ ଦର୍ଶନ କଲାପରେ ଏହାର ଉଚ୍ଚାରଣ ଶୁଣିବାକୁ ପାଇଥିଲେ । ହିରଣ୍ୟ ଗର୍ଭରେ ଯେଉଁ ଜୈବିକ ନିନାଦ ସୃଷ୍ଟିହେଲା ତାହାର ଆଲୋକକୁ ପ୍ରଥମେ ଋଷିମାନେ ଦେଖିଥିଲେ ଓ ପରେ ବ୍ରହ୍ମଲୀନ ଅବସ୍ଥାରେ ଶୁଣି-ପାରିଥିଲେ, ଯେପରି ବିଜୁଳିର ଆଲୋକ ପ୍ରଥମେ ଦେଖାଯାଏ ତାପରେ ଘଡ଼ଘଡ଼ି ଶବ୍ଦ ଶୁଭେ ।

ପ୍ରଶ୍ନ—ତାହେଲେ ବେଦର ସମସ୍ତ ମନ୍ତ୍ରକୁ ଦେଖିଥିବା ଏହି ଋଷି ଗୃତ୍ସମଦ କ'ଣ ପ୍ରଥମ ଲିପିର ସ୍ରଷ୍ଟା ?

ଉତ୍ତର—ସ୍ରଷ୍ଟା ନୁହେଁ ଦ୍ରଷ୍ଟା ଏହା ଦେବନାଗରୀ, ବେଦରଲିପି; ଏଣୁ ବେଦ ବିଶ୍ୱର ସର୍ବାପେକ୍ଷାପ୍ରାଚୀନ ଗ୍ରନ୍ଥ ।

ପ୍ରଶ୍ନ—ଗ୍ରୀକ୍, ଖରୋଷ୍ଟି, ଯୁନାନୀ ଭାଷାଗୁଡ଼ିକ ଲିପିର ବିବର୍ତ୍ତନବାଦ ନେଇ କ୍ରମେ ସୃଷ୍ଟିହୋଇଛି କିନ୍ତୁ ଭାରତୀୟ ଲିପି ନୁହେଁ ।

କେତେକ ପଣ୍ଡିତ କହନ୍ତି ବେଦର ମନ୍ତ୍ରଗୁଡ଼ିକ ଏକ ସମୟରେ ରଚନା-କରାଯାଇନାହିଁ । ତାହେଲେ ଋଷିମାନେ ଏହି ଲିପିକୁ ଏକ ସମୟରେ ଦେଖିଲେ କିପରି ?

ଉତ୍ତର—ବେଦମନ୍ତ୍ର ଏକସମୟରେ ଏହି ଗୃତ୍ସମଦ ଋଷିଙ୍କଦ୍ୱାରା ସୃଷ୍ଟି । ଯଦି ବିଭିନ୍ନ ସମୟରେ ଏହା ରଚନା କରାଯାଇଥାନ୍ତା ତାହେଲେ ବେଦରେ ନାନା

ସଭ୍ୟତା, ଓ ପୁରାଣର ବର୍ଣ୍ଣିତ ନାଥାନ୍ତି । ବେଦରେ ଯେଉଁ ଋଷିମାନଙ୍କ ନାମ-ଦେଖାଯାଏ ତାହା ବ୍ୟକ୍ତିବିଶେଷ ନୁହେଁ, ଏହାର ଅର୍ଥ ସ୍ୱତନ୍ତ୍ର ଯାହାକ ସଂକ୍ଷିପ୍ତ ଭାବରେ ଆଲୋଚନା ହୋଇଛି ।

(୧) ବେଦର ପ୍ରଥମଲିପି 'ଓମ୍‌କାର' ଅଟେ ଏଣୁ ପ୍ରଥମବେଦ ଋଗ୍‌ବେଦରେ "ଅଗ୍ନିମିଳେ ପୁରୋହିତମ୍" ଆକାର ଶବ୍ଦକୁ ମୂଳ ମନ୍ତ୍ରରେ ଲେଖାଯାଇଛି । ଯେତେବେଳେ ଶବ୍ଦଦ୍ୱାରା ଲିପିକୁ ଓ ଉଚ୍ଚାରଣ ବ୍ରହ୍ମଜ୍ଞାନ ଋଷି ଜାଣିପାରିଲେ ତା'ପରେ କ୍ରମେ ତାହାଦେଖି ସମସ୍ତ ମନ୍ତ୍ରକୁ ଲେଖିଥିଲେ । ଯେଉଁଲିପି ଓ ଶବ୍ଦ ମହାଶୂନ୍ୟରୁ ପାଇଲେ ତାହା ଲିପିମାଧ୍ୟମରେ ଲେଖାଗଲା ।

(୨) ପ୍ରଥମେ ଋଷିମାନେ ବ୍ରାହ୍ମୀଲିପି ଓ ରେଖା, ଚନ୍ଦ୍ରରେଖାକୁ କେନ୍ଦ୍ର-କରି ଏହି ଲିପିକୁ ଆବିଷ୍କାର କରି ନ ଥିଲେ—

(୩) କେତେକ ପଣ୍ଡିତ କହନ୍ତି ବ୍ରାହ୍ମୀଲିପି ସୃଷ୍ଟି ହୋଇଥିଲା ବେଦର-ପରେ । ଏହାର ପ୍ରଚାର ଶିଳାଲେଖରେ ଦେଖାଯାଏ । ତାଳପତ୍ର, କିମ୍ବା ଭୋଜପତ୍ରରେ ବ୍ରାହ୍ମୀଲିପିର ସୂଚନା ଏଯାଏ ଦେଖାଯାଇ ନାହିଁ । ମାଡ୍ରାଜରେ ଥିବା ମାଟିପାତ୍ର ଗୁଡ଼ିକ ଉପରେ କେତେକ ଲିପି ସମ୍ବନ୍ଧୀୟ ଚିହ୍ନ ଦେଖାଯାଏ ଏଗୁଡ଼ିକ ବ୍ରାହ୍ମୀଲିପି ସହିତ ମିଶିଯାନ୍ତି । ଏଣୁ ଏହା ବ୍ରାହ୍ମୀଲିପିର ସମସାମୟିକ । ଏଗୁଡ଼ିକ ମାଟିତଳୁ ବାହାରିଲାପରେ ଏହିଲିପିର ପ୍ରାଚୀନତା ଜଣାପଡ଼ୁଛି । ଏଯାଏ ବହୁ ସଂସ୍କୃତି ମାଟିତଳେ ଅନାବିଷ୍କୃତ ହୋଇ ରହିଛି । ଏଣୁ କୌଣସି ସିଦ୍ଧାନ୍ତ ସତ୍ୟବୋଲି ଗ୍ରହଣକରିବା ଠିକ୍‌ନୁହେଁ ।

(୪) ବେଦ ଲିପିର ପୂର୍ବରୁ ଯଦି ବ୍ରାହ୍ମୀଲିପିର ସୃଷ୍ଟି ତା'ହେଲେ ବେଦଠାରୁ ଏହା ପ୍ରାଚୀନ । ଅଦ୍ୟାବଧିଯାଏ କୌଣସି ବେଦମନ୍ତ୍ର ବ୍ରାହ୍ମୀଲିପିରେ, ଶିଳାଲେଖରୁ ମିଳୁନାହିଁ ।

(୫) ବ୍ରାହ୍ମୀଲିପିର ପ୍ରଭାବ ବେଦ ମନ୍ତ୍ରରେ ଦେଖାଯାଏ ନାହିଁ ।

(୬) ବେଦଲିପି ପୂର୍ବରୁ ଯଦି ବ୍ରାହ୍ମୀଲିପି ସୃଷ୍ଟି ତାହେଲେ ବେଦକୁ ବ୍ରାହ୍ମୀଲିପିରେ ରଚନା କରାଯାଇଥାନ୍ତା । ବେଦରେ ମନ୍ତ୍ରଗୁଡ଼ିକ ବ୍ରାହ୍ମୀଲିପିରେ ରଚନା କରାଯାଇନାହିଁ ।

(୭) ବେଦରଚନା ପୂର୍ବରୁ କୌଣସି ଲିପି ନଥିଲା ଏଣୁ ଏହାକୁ ଶୁଣିଶୁଣି

ମନେ ରଖୁଥିଲେ । ବେଦଲିପିର ପୂର୍ବରୁ ଯଦି ବ୍ରାହ୍ମୀଲିପି ଥାନ୍ତା ବେଦରନାମ ଶ୍ରୁତି ହୋଇନଥାନ୍ତା କିମ୍ବା ଏହାକୁ ଶୁଣିଶୁଣି କେହି ମନେ ରଖୁନଥାନ୍ତେ ।

(୮) କେତେକ ପଣ୍ଡିତ ବହୁ ଅନୁଧ୍ୟାନପରେ କହିଛନ୍ତି ସର୍ବ ପ୍ରଥମେ ବେଦରଚନା କରାଯାଇଥିଲା । ଅର୍ବାଚୀନ କାଳର କ୍ରମବିକାଶରେ ବେଦରଚନା କରାଯାଇନାହିଁ । ବେଦ ପ୍ରଥମ ମଣିଷର ପ୍ରଥମ ଆବିଷ୍କାର ।

(୯) ମନେହୁଏ ବେଦ ଲିପିର ପରେ ବ୍ରାହ୍ମୀଲିପି କୌଣସି ଆର୍ଯ୍ୟସଭ୍ୟତାର ବିକାଶରେ ସୃଷ୍ଟି ହୋଇଥିବ । ଏହିଯୁକ୍ତିକୁ କେତେକ ଇତିହାସ ପଣ୍ଡିତ ଅସ୍ୱୀକାର କରିପାରନ୍ତି । କିନ୍ତୁ ଯେଉଁମାନେ ଅସ୍ୱୀକାର କରନ୍ତି ସେମାନେ ନିର୍ଦ୍ଦିଷ୍ଟ ଭାବେ ଉପର ଲିଖିତ ଯୁକ୍ତିଗୁଡ଼ିକୁ ସମାଧାନ କରିପାରନ୍ତି ନାହିଁ ।

(୧୦) ବେଦର ସୃଷ୍ଟି ପୂର୍ବରୁ ଯଦି ବ୍ରାହ୍ମୀଲିପି ଥିଲା ତାହେଲେ ନିରୁକ୍ତ ଓ ନିଘଣ୍ଟୁରେ ତାର ସୂଚନାନାହିଁ । କାରଣ ବ୍ରାହ୍ମୀ ଲିପିର ବହୁପରେ ଏହି ବେଦାଙ୍ଗ ଗୁଡ଼ିକ ସୃଷ୍ଟି ।

(୧୧) ବେଦର ଉପଦେଶ ମିଳିଥିବା ଶିଳାଲେଖରେ ଦେଖାଯାଏ ଯଦି ଏହାପୂର୍ବରୁ ବେଦସୃଷ୍ଟି ହୋଇନଥାନ୍ତା ତେବେ ଏହି ଶିଳା ଲେଖରେ ବେଦର ଉପଦେଶ ନଥାନ୍ତା ।

(୧୩) ପାଲ୍ଲୀ, ଅଶୋକ ଲିଖିତ ପାଲ୍ଲୀରେ ବେଦର ପ୍ରଭାବ ଦେଖାଯାଏ ।

(୧୪) ଯଦି ବ୍ରାହ୍ମୀଭାଷା ବେଦର ପୂର୍ବରୁ ସୃଷ୍ଟି ହୋଇଛି ତା'ହେଲେ ବେଦରେ କିମ୍ବା ବୈଦିକ ଯୁଗ ବା କାଶ୍ମିଆନ ସଭ୍ୟତାରେ ବେଦର ଉପାଦେୟ ଉପଦେଶ ଗୁଡ଼ିକ ବ୍ରାହ୍ମୀଭାଷାରେ ଲେଖାଯାଇଥାନ୍ତା । ହରପ୍ପା ମହେଞ୍ଜୋଦାର ଓ ନୀଲନଦୀ ସଭ୍ୟତା, ମେସପଟାମିଆଁ ସଭ୍ୟତାରୁ ମିଳିଥିବା ଶିଳାଲେଖ ଗୁଡ଼ିକରେ ବେଦର କୌଣସି ମନ୍ତ୍ର କି ବେଦବୋଲି ଗୋଟିଏ ଶବ୍ଦ ଏଯାଏ ବ୍ରାହ୍ମୀ ଭାଷାରେ ମିଳିନାହିଁ ଏଣୁ ବ୍ରାହ୍ମୀଲିପି ବେଦର ପରବର୍ତ୍ତିକାଳୀନ । ଅଧିକ କିଛି ଜାଣିବାକୁ ଚାହୁଁଥିଲେ ଲେଖକଙ୍କର 'ଭାରତୀୟ ଲିପି ବିଜ୍ଞାନର ଇତିହାସ' ପୁସ୍ତକ ଦେଖନ୍ତୁ ।

# ଋଗ୍‌ବେଦର ସଂକ୍ଷିପ୍ତ ପରିଚୟ

ଋଗ୍‌ବେଦର ବୟସ ନିରୂପଣ ସଠିକ ଭାବରେ କେହି କରି ପାରିନାହାନ୍ତି । କେତୋଟି ପ୍ରମାଣ ଇତିହାସପଣ୍ଡିତମାନେ ଦିଅନ୍ତି ତାହା ପରସ୍ପର ବିରୁଧମୁଖୀ ଏଣୁ ସେମାନେ 'ପ୍ରାୟ ଶବ୍ଦ ବ୍ୟବହାରକରି ବେଦର ବୟସ ନିରୂପଣ କରିଥାନ୍ତି ।' ଏଣୁ ଏହି ମତଗୁଡ଼ିକ ଭ୍ରମାତ୍ମକ । ଏହାର ବିଶଦ ବିବରଣୀ "ବେଦରବୟସ" ନିରୂପଣ ଅଧ୍ୟାୟରେ ଦିଆଯିବ ।

'ଋଗ୍‌ବେଦ' ଜ୍ଞାନ, କର୍ମ, ଓ ଉପାସନାର ଦ୍ୟୋତକ । ଋଗ୍‌ବେଦକୁ ସ୍ୱାଧ୍ୟାୟକରି ବୈଦେଶୀକ ବିଦ୍ୱାନ୍‌ମାନେ ଆଶ୍ଚର୍ଯ୍ୟ ହୋଇ କହନ୍ତି :—

"the Rigveds is the most Sublime conception of the great highways of humanity."

ଋଗ୍‌ବେଦର ବହୁମନ୍ତ୍ର ପ୍ରକୃତି ଉପରେ ଆଧାରିତ । ବହୁ ବୈଜ୍ଞାନିକତଥ୍ୟ-ସହ ଯୁଦ୍ଧ, ଔଷଧି, ପ୍ରାକୃତିକ ଚିକିତ୍ସା, ଜପ, ଯଜ୍ଞବ୍ରହ୍ମଚର୍ଯ୍ୟାଦି ଚତୁରାଶ୍ରମ, ବ୍ରହ୍ମଜ୍ଞାନ ବିଷୟକ ଜ୍ଞାନ ଏହି ବେଦରେ ମୁଖ୍ୟତଃ ଦେଖାଯାଏ । ସାମବେଦ, ଯଜୁର୍ବେଦ ଓ ଅଥର୍ବବେଦର ମନ୍ତ୍ର ଋଗ୍‌ବେଦରେ ଦେଖିବାକୁମିଳେ । ଋଗ୍‌ବେଦର ଋଷିମାନଙ୍କ ମତରେ ବିଶ୍ୱ ତିନିଭାଗରେ ବିଭକ୍ତ ଯଥା:—ସ୍ୱର୍ଗ, ଅନ୍ତରୀକ୍ଷ,ଓ ପୃଥିବୀ । ଦେବତା (ବ୍ରହ୍ମ) ଏହି ତିନିଗୋଟି ମଣ୍ଡଳ ବା (Spheres) ମଧ୍ୟରେବ୍ୟାପ୍ତ । ଋଗ୍‌ବେଦରେ ମିଳୁଥିବା ଅଗ୍ନି, ସୂର୍ଯ୍ୟ, ଇନ୍ଦ୍ର, ମରୁତ, ଉଷସ୍, ବରୁଣ, ବଶିଷ୍ଠ; ବିଶ୍ୱାମିତ୍ର, ଉର୍ବଶି, ଏହି ନାମଗୁଡ଼ିକ ପରମାତ୍ମା ବାଚକ । ଏହି ଶବ୍ଦଗୁଡ଼ିକ ବ୍ୟକ୍ତିବାଚକ କରି କେତେକ ବିଦ୍ୱାନ ବେଦରେ ବିଶ୍ୱାମିତ୍ର, ବଶିଷ୍ଠ ଋଷିଙ୍କର ନାମ ଅଛି ଏଣୁ 'ବେଦ'ମହର୍ଷି ବଶିଷ୍ଠଙ୍କର ପରବର୍ତ୍ତୀ କାଳୀନ । ନହେଲେ ଏମାନଙ୍କ ନାମ ବେଦରେ ରହିଲା କିପରି ? ବଶିଷ୍ଠ ବିଶ୍ୱାମିତ୍ର ଇତ୍ୟାଦି ଋଷିମାନେ ବେଦପାଠ କରୁଥିଲେ ଏହି ଋଷିମାନଙ୍କର ଜନ୍ମ ପୂର୍ବରୁ ବେଦରଚନା କରାଯାଇଥିଲା ଏଣୁ କୌଣସି ଋଷିଙ୍କର ନାମ ବେଦରେ ନାହିଁ ଏଗୁଡ଼ିକ ସବୁ ବ୍ରହ୍ମବାଚକଶବ୍ଦ । ଏହାର ଆଲୋଚନା ଆଗରେ କରାଯିବ । ସ୍ୱାମୀଦୟାନନ୍ଦ ସରସ୍ୱତୀଙ୍କର "ସତ୍ୟାର୍ଥପ୍ରକାଶ, ଋଗ୍‌ବେଦାଦିଭାଷ୍ୟଭୂମିକା ଓ ଋଗ୍‌ବେଦଭାଷ୍ୟ" ସ୍ୱାଧ୍ୟାୟକଲେ ଏହା ଉପଲବ୍ଧି ହୁଏ

ଋଗ୍‌ବେଦର ଦଶମ ମଣ୍ଡଳ ଉପରେ ବିଭିନ୍ନ ପଣ୍ଡିତମାନଙ୍କର ବିଭିନ୍ନମତ ପରିଦୃଷ୍ଟହୁଏ । କେଉଁମାନେ ଏହା ପରବର୍ତ୍ତୀ କାଳୀନ ଓ ଅନ୍ୟକେଉଁମାନେ ଏହି-

ମତକୁ ଅସ୍ୱୀକାରକରି ବେଦର ଅଟଶ୍ରୁତାକୁ ସ୍ୱୀକାରକରିଥାନ୍ତି । ସେମାନଙ୍କ ମତରେ ଋଗ୍‌ବେଦର ଦଶମ ମଣ୍ଡଳ ବ୍ୟତୀତ ଅନ୍ୟାନ୍ୟ ମଣ୍ଡଳ ଗୁଡ଼ିକରେ ଧର୍ମସମ୍ବନ୍ଧୀୟ ମନ୍ତ୍ରର ଉଲ୍ଲେଖ ବହୁଳଭାବରେ ଦେଖାଯାଏ । ଦଶମ ମଣ୍ଡଳରେ ବିଶେଷତଃ ଧର୍ମନିରପେକ୍ଷ ମତ ସ୍ଥାନ ପାଇଛି ବୋଲି ସ୍ୱୀକାର କରିଥାନ୍ତି । ସଂସ୍କୃତ ସାହିତ୍ୟର ଆଦ୍ୟଗବେଷଣା କାଳରେ ଋଗ୍‌ବେଦକୁ ଏକ ଅସଂସ୍କୃତ ଆଦିମ କାବ୍ୟବୋଲି ମନେକରାଯାଉଥିଲା । କିନ୍ତୁ ପରେ ଏହି ଅବାଚୀନମତକୁ ବୈଦିକ ପଣ୍ଡିତମାନେ ଅସ୍ୱୀକାରକଲେ । ସେମାନେ ଋଗ୍‌ବେଦକୁ ସୁସଂସ୍କୃତ ଧର୍ମମୂଳକ ପଦ୍ୟସଂଗ୍ରହ ବୋଲି ମାନିନେଲେ । ଋଗ୍‌ବେଦରେ ବ୍ୟବହୃତ "ଋତ" ଶବ୍ଦର ଅର୍ଥ 'ନିୟମ' ବା ଅନୁଶାସନକୁ ବୁଝିକରି ପ୍ରଥମ ଯଜ୍ଞବିଧିର ନିୟମ ଓ ପରେ ନୀତିମାର୍ଗର ନିୟମମାନ ସୂଚୀତ ହୋଇଛି । 'ଅବେସ୍ତା'ରେ "**Avesta**"ବର୍ଣ୍ଣିତ ଓ ଋଗ୍‌ବେଦରେ ବର୍ଣ୍ଣିତ କେତେକ ଦେବତାଙ୍କର ଏକାତ୍ମକତା ହେତୁ ପାରସିକ ଓ ଇଣ୍ଡୋ-ଇଉରୋପୀୟଗଣ (ବୈଦିକଯୁଗରେ ଭାରତୀୟ) ଏକଜାତିଥିଲେ ଓ ଏକଦେବତା ବିଶ୍ୱାସ କରୁଥିଲେ-ବୋଲି ମତବ୍ୟକ୍ତ କରନ୍ତି । ବେଦରେଥିବା ଯମ, ଅବେସ୍ତାର ଓ ମିତ୍ର ଏଗୁଡ଼ିକ ସବୁ ଈଶ୍ୱରବାଚକ ଶବ୍ଦ ଅଟେ । ଋଗ୍‌ବେଦର ମତଅନୁସାରେ ମୃତ-ବ୍ୟକ୍ତିର ଆତ୍ମା ନିଜର ଶୁଭାଶୁଭ କର୍ମଫଳଦ୍ୱାରା ସ୍ୱର୍ଗକୁ ଯାତ୍ରାକରେ ଯଥା :—

"ପ୍ରେହି ପ୍ରେହି ପଥିଭିଃ ପୂର୍ବ୍ୟେଭିର୍
ଯତ୍ରାନଃ ପୂର୍ବେ ପିତରଃ ପରେୟୁଃ ।
ଉଭା ରାଜାନା ସ୍ୱଧୟା ମଦନ୍ତା
ଯମଂ ପଶ୍ୟସି ବରୁଣଂ ଚ ଦେବମ୍ ।"୧

ଋଗ୍‌ବେଦରେ ସମାଜକୁ ବିଶ୍ଳେଷ କରିବାକୁଯାଇ ଗୁଣ, କର୍ମ, ଅନୁସାରେ ଚାରିଗୋଟି ଜାତିର ବର୍ଣ୍ଣନା କରାଯାଇଛି । କେତେକ ଏହିମତକୁ ଅର୍ଥକରି ବ୍ରାହ୍ମଣ ପରଂବ୍ରହ୍ମଙ୍କର ମୁଖରୁ, କ୍ଷତ୍ରୀୟ ବାହୁରୁ, ବୈଶ୍ୟ ଉରରୁ ଓ ଶୂଦ୍ର ପାଦରୁ ଜାତ ହୋଇଛିବୋଲି ସ୍ୱୀକାର କରିଥାନ୍ତି । ଋଗ୍‌ବେଦର ପୁରୁଷସୂକ୍ତରେ ପ୍ରୋକ୍ତମନ୍ତ୍ରଟି ଦେଖାଯାଇଥାଏ ଯଥା :—"ବ୍ରାହ୍ମଣୋଽସ୍ୟମୁଖମାସୀତ୍ ବାହୂରାଜନ୍ୟକୃତଃ" ।

ବ୍ରହ୍ମାଙ୍କର ମୁଖ, ହାତ, ଉର, ପାଦରୁ ଜାତିଗୁଡ଼ିକ ଜନ୍ମହୋଇଛନ୍ତି କହିବା ଅପ୍ରାସଙ୍ଗିକ କାରଣ ଅଯୁକ୍ତିକର ବାକ୍ୟ ବେଦରେ ନାହିଁ ଏହାରଅର୍ଥ :— ଜ୍ଞାନ ଯଜ୍ଞାଦି ବ୍ରହ୍ମକର୍ମ, ସଂଧ୍ୟା, ଯୋଗସାଧନକରି ବ୍ରହ୍ମଦର୍ଶନ ଲାଭକରିଥିବା ବ୍ୟକ୍ତିଙ୍କୁ ବ୍ରାହ୍ମଣ, ଧର୍ମ ଜ୍ଞାନ ମୂଳକ ସମଗ୍ର ଯୁଦ୍ଧବିଦ୍ୟା ବିଶାରଦମାନଙ୍କୁ କ୍ଷତ୍ରିୟ, ଯଜ୍ଞାଦିକର୍ମ ସହିତ ବାଣିଜ୍ୟ କରୁଥିବା ବ୍ୟକ୍ତିଙ୍କୁ ବୈଶ୍ୟ ଓ ସେବାଦିକର୍ମ

କରୁଥିବା ବ୍ୟକ୍ତିମାନଙ୍କୁ ଶୂଦ୍ରବୋଲି ବେଦରେ ବର୍ଣ୍ଣନାକରାଯାଇଛି । ସମାଜକୁ ଶୃଙ୍ଖଳିତ କରିବାପାଇଁ ଏହି ଜାତିବିଭାଗ ବେଦରେ ବର୍ଣ୍ଣନା କରାଯାଇଛି । ବେଦର- ମନ୍ତ୍ରଗୁଡ଼ିକୁ ପୌରାଣିକ ଅର୍ଥକରି ବ୍ରହ୍ମାଙ୍କ ମୁଖ, ହାତ, ଉର, ପାଦରୁ ଜାତିବିଭାଗ ସୃଷ୍ଟି ହୋଇଛି କହିବା ଭ୍ରମାତ୍ମକ ।

## ଋଗ୍‌ବେଦୀୟ କାଳର ନିଶ୍ଚିତ ସଂଗୀତ କାବ୍ୟ :—

ଏହାର କିଛି ଅଂଶ ଧାର୍ମିକଭାବନା ଓ ଅନ୍ୟ କିଛି ଅଂଶ ଲୌକିକ କାମନା ପ୍ରଧାନ । କେଉଁ କେଉଁ ସ୍ଥାନରେ ବୀରରସର ବ୍ୟବହାର ଦେଖାଯାଏ । ଋଗ୍‌ବେଦର ଉଷାସୂକ୍ତ, ବିପାଶା ଏବଂ ଶତଦ୍ରୁ ନଦୀମାନଙ୍କର ସ୍ତୁତି ବୀରରସରେ ବର୍ଣ୍ଣିତ ହୋଇଅଛି । ନିଶ୍ଚିତ ସଙ୍ଗୀତର ଅର୍ଥ ଅଲୌକିକ ଶକ୍ତିର ପ୍ରେରକ (Inspired) । ଏହି କାବ୍ୟ ଋଷିମାନଙ୍କର (Seers) ନିର୍ବାକ୍ ଉଦ୍‌ଗାରରେ ପୂର୍ଣ୍ଣ । ଏହି ବୈଦିକ ମନ୍ତ୍ରଗୁଡ଼ିକ ନାନାପ୍ରକାର ମଧୁର ଛନ୍ଦରେ ରଚିତ ହୋଇଅଛି । ଏହିଛନ୍ଦରେ ଅନ୍ତ୍ୟାନୁପ୍ରାସର ବ୍ୟବହାର ବହୁଳଭାବରେ ଦେଖାଯାଏ । ଋଗ୍‌ବେଦର ଗୃହ୍ୟସୂତ୍ରକ ଆଶ୍ୱଲାୟନ ଓ ଶାଂଖାୟନ ।

## ଋଗ୍‌ବେଦରେ ନାଟ୍ୟଶାସ୍ତ୍ର :

ମହର୍ଷି ଭରତ ନାଟକକୁ ସୁନ୍ଦରଭାବରେ ବଖାନ କରିଛନ୍ତି । ସେ ବେଦ ସହିତ ତୁଳନାତ୍ମକ ଚିନ୍ତା ଉପସ୍ଥାପିତକରି ନିଜର ନାଟ୍ୟ ଶାସ୍ତ୍ରରେ ଲେଖିଛନ୍ତି ।

"ସର୍ବବର୍ଣ୍ଣିକୋ ବେଦଃ"

ବେଦର ଉପଯୋଗ ବେଦର ବ୍ରାହ୍ମଣମାନଙ୍କ ଦ୍ୱାରା କରିହୁଏ; କିନ୍ତୁ ନାଟକ ସର୍ବସାଧାରଣଙ୍କ ଦ୍ୱାରା କରାଯାଇଥାଏ । ବେଦର ସାରତତ୍ତ୍ୱକୁ ଗ୍ରହଣ କରି ବ୍ରହ୍ମା "ନାଟ୍ୟବେଦ" ଧ୍ୟାନାବସ୍ଥାରେ ପ୍ରକଟ କଲେ । ଋଗ୍‌ବେଦରୁ ନୃତ୍ୟ, ସାମବେଦରୁ ସଙ୍ଗୀତ, ଯଜୁର୍ବେଦରୁ ଅଭିନୟ ଓ ଅଥର୍ବବେଦରୁ ରସ ସଂଗ୍ରହକରି ନାଟ୍ୟବେଦ ପ୍ରକାଶ ପାଇଲା । କ୍ରମେ ସେହି ରସରୁ ଶିବଙ୍କ ତାଣ୍ଡବନୃତ୍ୟ, ପାର୍ବତୀଙ୍କର ଲାସ୍ୟ, ବିଷ୍ଣୁଙ୍କର ନାଟକର ଚାରିବୃତ୍ତି ନୃତ୍ୟ, ସଙ୍ଗୀତ, ଅଭିନୟ, ରସ ସୃଷ୍ଟିହୋଇ ଏହାକୁ ରସାଳିତ କଲା । ଋଗ୍‌ବେଦ ସମୟର ନାଟକ ମୁଖ୍ୟତଃ ଧାର୍ମିକ ଚିନ୍ତାଧାରାରେ ଆଧାରିତ ଥିଲା ।

**ସମ୍ବାଦସୂକ୍ତବାଦ :**

ଋଗ୍‌ବେଦରେ ପନ୍ଦରଠାରୁ ଅଧିକ ସମ୍ବାଦସୂକ୍ତ ଦେଖିବାକୁ ମିଳେ । ଏହି ସୂକ୍ତ ନିଶ୍ଚିତ ଭାବରେ ଧର୍ମନିରପେକ୍ଷ, ଲୋକବ୍ୟବହାର ପରକ (Secular) ଅଟେ । ଖ୍ରୀ ୧୮୬୯ରେ ପ୍ରଫେସର (Maxmuller) ଏକ ପ୍ରସ୍ତାବ ଏହି ସମ୍ବାଦ୍ ସୂକ୍ତ ଉପରେ ବ୍ୟକ୍ତ କରିଅଛନ୍ତି । ପାଶ୍ଚାତ୍ ବିଦ୍ୱାନ Livi ଏହାକୁ ଅନୁମୋଦନକରି କହିଥିଲେ—ଏହି ବୈଦିକସୂକ୍ତଗୁଡ଼ିକ ଧର୍ମ ଓ ଚେତନାରେ ପୂର୍ଣ୍ଣ ଅଟେ । ଅଧ୍ୟାପକ Vonschroeder ଏହି ଅଧ୍ୟାୟ ଉପରେ ବିଚାରକରି କହିଥିଲେ—ଏହି ସୂକ୍ତଗୁଡ଼ିକରେ ରହସ୍ୟପୂର୍ଣ୍ଣ ନାଟକ (Mystery Plays)ର ସୂଚନା ମିଳେ । ଡକ୍‌ଟର ହର୍ଟେଲ୍ କହିଥିଲେ ବୈଦିକ ନାଟକର ମୂଳ "ସୁପର୍ଣ୍ଣାଧ୍ୟାୟ"ରେ ଦେଖିବାକୁ ମିଳେ । ଋଗ୍‌ବେଦର କେତେକ ସୂକ୍ତ ବାର୍ତ୍ତାଲାପଯୁକ୍ତ ଅଟେ । ସରମା, ପଣିଲୋକ ବ୍ୟାଖ୍ୟା ନାଟକୀୟ ଦୃଶ୍ୟବାଦ ଉପରେ ଆଧାରିତ ।

(କ) ଯଜ୍ଞୋପବୀତ (Sacrificial Sessions) ଯଜ୍ଞମଣ୍ଡପରେ ବସିରହି ଯଜମାନ ଓ ଯାଜକ ମନବିନୋଦନାର୍ଥେ ବାର୍ତ୍ତାଲାପମୟ ସୂକ୍ତ ପାଠ କରୁଥିଲେ । ଏହା ନାଟର ସୂଚନା ଦିଏ । ବିଶେଷ ବିବରଣୀ ଲେଖକଙ୍କର "ବେଦର ବାସ୍ତବ ରୂପରେଖ" ପୁସ୍ତକରେ ମିଳିବ ।

**ଋଗ୍‌ବେଦର ମନ୍ତ୍ର ସଂଖ୍ୟା .—**

ଋଗ୍‌ବେଦରେ ୧୦୨୮ ସୂକ୍ତ ଦେଖାଯାଏ । ଏହି ବେଦର ମନ୍ତ୍ରସଂଖ୍ୟା ୧୦୫୫୨ ଅଟେ । ଏହି ମନ୍ତ୍ରଗୁଡ଼ିକ ଚଉଦଗୋଟି ଛନ୍ଦରେ ରଚିତ ହୋଇଅଛି । ଏହାର ବହୁମନ୍ତ୍ର ପ୍ରାୟ ଗଦ୍ୟରୀତିରେ ରଚନା କରାଯାଇଅଛି । ଏହି ବେଦର ବର୍ଣ୍ଣର ସଂଖ୍ୟା ୨୦୨୪ ଅଟେ । ଦ୍ୱିତୀୟ ବିଭାଜନାନୁଯାୟୀ ଏହା ଦଶଭାଗରେ ବିଭକ୍ତ ।

**ଋଗବେଦର ମୂଳମନ୍ତ୍ର :—**

ଅଗ୍ନିମିଡ଼େ ପୁରୋହିତମ୍ ଯଜ୍ଞସ୍ୟ ଦେବମୃତ୍ୱିଜମ୍
ହୋତାରଂ ରତ୍ନ ଧାତମମ୍

ଏଠାରେ ଅଗ୍ନି ଶବ୍ଦର ଅର୍ଥ "ପରମାତ୍ମା" ।

## ସାମବେଦର ସଂକ୍ଷିପ୍ତ ପରିଚୟ

ସାମବେଦ ମୁଖ୍ୟତଃ ସଙ୍ଗୀତ ଉପରେ ଆଧାରିତ । ସ୍ୱର, ଲହରୀ ଛନ୍ଦ ହିଁ ସାମବେଦର ଅଙ୍ଗ । ଏଗୁଡ଼ିକ ଉଦାତ୍ତ, ଅନୁଦାତ୍ତ, ସ୍ୱରିତ, ସ୍ୱର ଉପରେ ଆଧାରିତ ବେଦରେ ଏକପାଦ, ଦୁଇପାଦ ଓ ତିନପାଦ ବିଶିଷ୍ଟ ଛନ୍ଦ ଦେଖିବାକୁ ମିଳେ କିନ୍ତୁ ତିନପାଦବିଶିଷ୍ଟ ଛନ୍ଦ ବହୁଳ ଭାବରେ ଦେଖାଯାଇଥାଏ । ସାମବେଦରେ ଛନ୍ଦ ମୁଖ୍ୟତଃ ସାତଭାଗରେ ବିଭକ୍ତ । (୧) ଗାୟତ୍ରୀ, (୨) ଉଷ୍ଣିକ, (୩) ଅନୁଷ୍ଟୁପ (୪) ବୃହତି (୫) ପଙ୍‌କ୍ତି, (୬) ତ୍ରିଷ୍ଟୁପ (୭) ଜଗତି । ଗାନ ଶବ୍ଦ "ଗୈ, ଧାତୁରୁ ନିଷ୍ପନ୍ନ ହୋଇଛି । ସାମବିକାର ଛଅ ଭାଗରେ ବିଭକ୍ତ । ଯଥା (୧) ବିକାର (୨) ବିଶ୍ଳେଷଣ (୩) ବିକର୍ଷଣ (୪) ଅଭ୍ୟାସ (୫) ବିରାମ (୬) ସ୍ତୋଭ । ବେଦର ମୌଳିକତାକୁ ସୁରକ୍ଷିତ କରି ରଖିବାପାଇଁ ଅନେକ ପଦ୍ଧତି ପ୍ରଣୟନ କରାଯାଇଛି । ନିରୁକ୍ତକାର ଯାସ୍କ ଓ ଆରଣ୍ୟକକାର ଶାକଲ୍ୟଙ୍କର ବହୁପୂର୍ବରୁ ଏହି ବେଦ-ପାଠର ପ୍ରଚଳନ ଦେଖାଯାଏ । ସାମଗାନ ଚାରିଭାଗରେ ବିଭକ୍ତ ଯଥା-

(୧) ବେୟଗାନ (୨) ଊହଗାନ (୩) ଅରଣ୍ୟଗାନ (୪) ଊହ୍ୟଗାନ ।

ସାମବେଦର କେତେକ ମନ୍ତ୍ର ଋଗ୍‌ବେଦରେ ଦେଖିବାକୁ ମିଳେ । ଏହି ବେଦ ପାଞ୍ଚଗୋଟି ବିଭାଗରେ ବିଭକ୍ତ ହୋଇଛି ।

ଯଥା: —ପ୍ରସ୍ତାବ, ଉଦ୍‌ଗୀଥ, ପ୍ରତିହାର, ଉପଦ୍ରବ ଓ ନିଧନ ।

**ସାମବେଦର** କଳ୍ପସୂତ୍ର କୌଥୁମ ଶାଖା ନାମରେ ବିଦିତ ଓ ଏହାର ଅନ୍ୟ ନାମ 'ମଶକ ଲାଟ୍ୟାୟନ୍ । 'ଗୋଭିଲ୍' ଏହାର ପ୍ରଧାନଶାଖା । ଏହି ସମସ୍ତ ଶାଖାରେ ସାମବେଦର ସ୍ୱର ଉପରେ ବହୁ ଗୁରୁତ୍ୱ ଆରୋପ କରାଯାଇଛି । ସାମବେଦର ଅର୍ଥ ସସ୍ୱର ବେଦପାଠ ଦ୍ୱାରା ବୁଝିବା ସମ୍ଭବ ହୋଇଥାଏ ।

**ଖାଦିରଗୃହ୍ୟସୂତ୍ର** ରାଣାୟନୀୟ ଶାଖା ସହିତ ସଂପୃକ୍ତ । 'ଖାଦିର' ମହୀଶୂରରୁ ଓ କୈମିନୀୟ ଗୃହ୍ୟସୂତ୍ର ଲାହୋରରୁ ଖ୍ରୀ: ୧୯୨୨ରେ ପ୍ରକାଶିତ ହୋଇଛି । ଏହିପରି **ଆପସ୍ତମ୍ବଧର୍ମ ସୂତ୍ର, ହିରଣ୍ୟକେଶି ଧର୍ମସୂତ୍ର ବୌଧାୟନଧର୍ମସୂତ୍ର ଓ ବଶିଷ୍ଠଧର୍ମସୂତ୍ର** ଦେଖାଯାଏ । ଏଗୁଡ଼ିକପ୍ରାୟ ଜର୍ମାନୀ ଓ ଇଂରାଜୀ ଭାଷାରେ ପ୍ରକାଶ ପାଇଛି । ସାମବେଦର ମନ୍ତ୍ରସଂଖ୍ୟା ଅଠରଶହ ପଞ୍ଚସ୍ତରି (୧୮୭୫), ଏହି ମନ୍ତ୍ରଗୁଡ଼ିକ, ଦଶଟି ଅନ୍ତର୍ଭୁକ୍ତ । ଏହି ବେଦରେ

ପବମାନ ପର୍ବ ଓ ଆରଣ୍ୟକ ପର୍ବର ବର୍ଣ୍ଣନା ରହିଛି । ପବମାନ ପର୍ବରେ ଅନାଦି ବ୍ରହ୍ମଙ୍କର ଅସୀମ କରୁଣାରୁ ଆମ୍ଭେ କିପରି ଅନ୍ନ, ଯଶ, ସୁଖ ଓ ମୋକ୍ଷଲାଭ କରି ବ୍ରହ୍ମାନନ୍ଦରେ ବିଚରଣ କରୁଛେ, ପବିତ୍ର ସୋମ କାମନା କରି ତପସ୍ୱୀ ଓ ଦୀର୍ଘଜୀବୀ ହେବାକୁ ଇଚ୍ଛା କରୁଛେ । ପାପପ୍ରବୃତ୍ତି ଓ ଦସ୍ୟୁମାନଙ୍କୁ ଦମନପୂର୍ବକ କରୁଣାମୟ ପ୍ରଭୁ ନିକଟରେ ଆତ୍ମସମର୍ପଣପାଇଁ ଜିଜ୍ଞାସୁ ହୋଇ ଅଗ୍ନିମୟ ପରମାତ୍ମାଙ୍କର ସାନ୍ନିଧ୍ୟ ପୂର୍ବକ ବ୍ରହ୍ମଯଜ୍ଞ, ଅନ୍ନଯଜ୍ଞ ଓ ଜ୍ଞାନଯଜ୍ଞର ଆୟୋଜନ କରି ସମସ୍ତ ଅସୂୟାକୁ ସେହି ଜାଜ୍ୱଲ୍ୟମାନ ହିରଣ୍ୟମୟ ଅଗ୍ନିକୁଣ୍ଡରେ ଆହୁତି ପ୍ରଦାନକରି ଐଶ୍ୱର୍ଯ୍ୟ-ଶାଳୀ ଚେତନ ବ୍ରହ୍ମରେ ଲୀନ ହେବାକୁ ଉକ୍ତ ପବମାନ ପର୍ବରେ ପ୍ରେରଣା ଦାନ କରାଯାଇଛି । ଯଥା-

ବୃଷାହ୍ୟସି ଭାନୁନା ଦ୍ୟୁମନ୍ତଂ ତ୍ୱା ହବାମହେ
ପବମାନ ସ୍ୱର୍ଦୃଶମ୍ । ୪୮୦ ମନ୍ତ୍ର

ଆରଣ୍ୟକ ପର୍ବରେ ରାଜା, ରାଷ୍ଟ୍ର, କୀର୍ତ୍ତି, ଯଜ୍ଞ ଓ ଧେନୁ, ଔଷଧିର ବର୍ଣ୍ଣନା ସୁନ୍ଦର ଭାବରେ ଦେଖାଯାଏ । ସାମବେଦ ଦୁଇଭାଗରେ ବିଭକ୍ତ (୧) ଆର୍ଚ୍ଚିକ ଓ ଗାନ । ଆର୍ଚ୍ଚିକ ଦୁଇ ଭାଗରେ ବିଭକ୍ତ, ଯଥା— ପୂର୍ବାର୍ଚ୍ଚିକ ଓ ଉତ୍ତରାର୍ଚ୍ଚିକ । ପୂର୍ବାର୍ଚ୍ଚିକରେ ପ୍ରପାଠକ ବା ଅଧ୍ୟାୟ ଅଛି । ପ୍ରତ୍ୟେକ ଅଧ୍ୟାୟରେ ଦୁଇଟି ଖଣ୍ଡ ଓ ପ୍ରତ୍ୟେକ ଖଣ୍ଡରେ ଏକ ଦଶତି ବିଦ୍ୟମାନ । ଦଶତି ମନ୍ତ୍ରର ସଂକଳନ ଛନ୍ଦ ଓ ଦେବତାର ଏକତା ଉପରେ ଆଧାରିତ ୬୫୦ ମନ୍ତ୍ର ପୂର୍ବାର୍ଚ୍ଚିକରେ ଅଛି ଯାହାକୁ ବେଦପାଠୀମାନେ ବିଭିନ୍ନ ସ୍ୱରରେ ଗାନ କରିଥାନ୍ତି । ପୂର୍ବାଚିକର ପ୍ରଥମ ଅଧ୍ୟାୟରେ ଅଗ୍ନିବିଷୟକ ମନ୍ତ୍ର ଦେଖାଯାଇଥାଏ । ଏଣୁ ଏହାକୁ ଆଗ୍ନେୟକାଣ୍ଡ କହନ୍ତି । ଦ୍ୱିତୀୟରୁ ଚତୁର୍ଥ ଅଧ୍ୟାୟ ପର୍ଯ୍ୟନ୍ତ ଇନ୍ଦ୍ର ବିଷୟକ ମନ୍ତ୍ର ମିଳୁଥିବାରୁ ଏହାକୁ ଐନ୍ଦ୍ରପର୍ବ କହନ୍ତି । ପଞ୍ଚମ ଅଧ୍ୟାୟରେ ସୋମପରକ ମନ୍ତ୍ର ଥିବାରୁ ତାହାକୁ "ପବମାନ" ପର୍ବ କୁହାଯାଏ । ଏହି ପବମାନପର୍ବର ବିଶେଷତ୍ୱ ସାମବେଦରେ ଗୁରୁତ୍ୱପୂର୍ଣ୍ଣ । ବେୟଗାନର ସ୍ୱରଲହରୀ ଋହ୍ୟଗାନ ଉପରେ ନିର୍ଭରକରେ । ବେୟଗାନ ଗ୍ରାମରେ ଗାନ କରାଯାଏ ଏଣୁ ଏହା ଗ୍ରାମଗୀତି । ଏହାକୁ ସର୍ବସାଧାରଣଙ୍କ ଉପସ୍ଥିତିରେ ଗାନ କରାଯାଏ । ଏହି ଗାନକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି; ଯଥା :—ପ୍ରସ୍ତାବ, ଉଦ୍‌ଗୀଥ, ପ୍ରତିହାର, ଉପଦ୍ରବ ଓ ନିଧନ । ସାମବେଦର ଷଷ୍ଠ ଅଧ୍ୟାୟଟି ଆରଣ୍ୟକପର୍ବ ।

ଏହା ବ୍ୟତୀତ ବେଦମନ୍ତ୍ରରେ ଘନପାଠ, ଜଟାପାଠ, ପଦପାଠ ଓ କ୍ରମପାଠ ଥାଏ । ଗୋଭିଲ ସାମକୌଥୁମ ଶାଖାର ଗୃହ୍ୟସୂତ୍ର । "ଗୋଭିଲ"

ଗ୍ରାଚି ଗ୍ରନ୍ଥମାଳାର ୭୦ ଗୋଟି ଖଣ୍ଡରେ ପ୍ରକାଶିତ ହୋଇଛି । ଏହା ଦୁଇଗୋଟି ଅଧ୍ୟାୟରେ ବିଭକ୍ତ :—ସାଧାରଣ, ବିଧିବିଧାନ, ଗର୍ଭ ଧାନ, ବିବାହ, ପୁଂସବନ, ଜାତକର୍ମ, ନାମକରଣ, ଚୂଡ଼ାକର୍ମ, ବ୍ରହ୍ମଯଜ୍ଞ, ଗୋପାଳନ, ଗୃହନିର୍ମାଣ ବିଧିରେ ଏହାର ଅଧ୍ୟାୟଗୁଡ଼ିକ ବିଭକ୍ତ ।

ସାମବେଦର 'ବାମଦେବ ସ୍ୱରଶିକ୍ଷା' ପଦ୍ଧତି ଅତି ଜଟିଳ । ସସ୍ୱରପାଠରେ ଏହାର ବ୍ୟବହାର ବହୁଳଭାବରେ ଦେଖାଯାଏ । ସ୍ୱରଶାସ୍ତ୍ର ବିଶାରଦ ଭେଙ୍କଟ ମାଧବ ଲେଖିଛନ୍ତି —ଅନ୍ଧକାରରେ ପ୍ରଦୀପ ଧରି ଯାଉଥିବା ପଥିକ ଯେପରି ଝୁଣ୍ଟି ପଡ଼େନାହିଁ ତଦ୍ରୂପ ସ୍ୱରଜ୍ଞାନ ଥାଇ ଅର୍ଥକଲେ ପାଠକର ଭ୍ରାନ୍ତି ଦୂର ହୁଏ ।

ଅନ୍ଧକାରେ ଦୀପିକାଭିର୍ଗଚ୍ଛନ୍ନସ୍ଖଲତି କ୍ୱଚିତ୍
ଏବଂସ୍ୱରୈଃ ପ୍ରଣୀତାନାଂ ଭବନ୍ତ୍ୟାର୍ଥାଃ ସ୍ଫୁଟା ଇତି
(ସ୍ୱରାନୁକ୍ରମଣୀ)

**ବେଦପାଠ ପଦ୍ଧତି (ପଦପାଠ) :—**

ବେଦର ମୌଳିକତାକୁ ସୁରକ୍ଷିତ କରିରଖିବାପାଇଁ ଅନେକ ପଦ୍ଧତି ପ୍ରଣୟନ କରାଯାଇଛି । ନିରୁକ୍ତାକାର 'ଯାସ୍କ' ବହୁ ପଦ୍ଧତି ଆବିଷ୍କାର କରିଛନ୍ତି । ବେଦର ପଦପାଠର ପ୍ରଚଳନ ମୂଳମନ୍ତ୍ର ପରିଚ୍ଛେଦ ଦ୍ୱାରା ପାଠ କରାଯାଇଥାଏ । ବେଦପାଠର ବିକୃତି ଆଠ ପ୍ରକାର ଅଟେ ।

ଜଟାମାଳାଶିଖାଧ୍ୱଜୋ ରଣ୍ଡୋରଥୋ ଘନ
ଅଷ୍ଟୌ, ବିକୃତୟଃ ପ୍ରୋକ୍ତାଃ କ୍ରମପୂର୍ବାଃ ମହର୍ଷିଭିଃ ।

ବେଦପାଠରେ ବେଦମନ୍ତ୍ରରେ ଥିବା ଶବ୍ଦଗୁଡ଼ିକୁ ପୃଥକ ପୃଥକ ପଦ କରି ପାଠ କରାଯାଇଥାଏ । ମନ୍ତ୍ରଗୁଡ଼ିକ ସନ୍ଧିହେତୁ ସେମାନଙ୍କ ସ୍ୱର ଓ ରୂପ ପରିବର୍ତ୍ତିତ ହୁଏ; କିନ୍ତୁ ପଦପାଠ ବେଳେ ପାରସ୍ପରିକ ପ୍ରଭାବ ଦୂର ହୁଏ ଯାହାଫଳରେ ମନ୍ତ୍ରଗୁଡ଼ିକ ବୁଝି ହୁଏ । ଆରଣ୍ୟକକାର 'ଶାକଲ୍ୟ' ପ୍ରଥମ ପଦପାଠ କର୍ତ୍ତାରୂପେ ପ୍ରସିଦ୍ଧ ।

**କ୍ରମପାଠ :—**

ଏହା ପଦପାଠର ପ୍ରତ୍ୟେକ ଶବ୍ଦକୁ ପୂର୍ବଶବ୍ଦ ସହିତ ଯୋଗକରି ଗାନ କରିବାକୁ ପଡ଼ିଥାଏ ।

**ଜଟାପାଠ :—**

ଜଟାପାଠ ଓ ଘନପାଠର ଉଚ୍ଚାରଣ ପରସ୍ପର ଛନ୍ଦାଛନ୍ଦ ହୋଇ କରାଯାଏ । ଏହି ଦୁଇପାଠର କ୍ରମ ଏକପ୍ରକାର; କିନ୍ତୁ ମନ୍ତ୍ରସ୍ଥାନରେ ଛନ୍ଦାଛନ୍ଦ ହୋଇ ଉଚ୍ଚାରିତ ହୁଅନ୍ତି ଯାହାକି ଅତି ଜଟିଳ; ଯଥା :—କ, ଖ, ଗ, ଶବ୍ଦକୁ କଖ, ଖକ, କଖ, ଖଗ, ଗଖ, ଖଗ ପରି ଗାନ କରାଯାଇଥାଏ ।

**ଘନପାଠ :—**

ଏହି ପାଠ ଜଟାପାଠ ସହିତ ଛନ୍ଦାଛନ୍ଦ ହୋଇ ଉଚ୍ଚାରଣ ପୂର୍ବକ ପାଠ କରାଯାଇଥାଏ । ଏହି ପାଠ ଅତ୍ୟନ୍ତ ଜଟିଳ । ଯଥା :—କଖ, ଖକ, କଖଗ, ଗଖକ, କଖଗ, ଖଗ, ଗଖ, ଖଗଘ ଅଛେ । ଯେଉଁ ବେଦପାଠୀ ବେଦମନ୍ତ୍ରକୁ ସସ୍ୱର ପାଠକରି ଗାନ କରିପାରେ ନାହିଁ ତା ନିକଟରେ ମନ୍ତ୍ର ଫଳଶୂନ୍ୟ ହୁଏ । ଯେ ବେଦମନ୍ତ୍ରକୁ ସସ୍ୱର ପାଠକରି ତାର ଭାବକୁ ହୃଦୟଙ୍ଗମ କରିଥାଏ ସେ ବ୍ରହ୍ମଙ୍କର ଆଶୀର୍ବାଦର ପାତ୍ର ହୁଏ ।

**ସାମବେଦର ସ୍ୱରୂପ ଧାର୍ମିକ ତତ୍ତ୍ୱ ଉପରେ ଆଧାରିତ :—**

ସାମବେଦର ସବୁମନ୍ତ୍ରଗୁଡ଼ିକ କେବଳ ଧାର୍ମିକ ତତ୍ତ୍ୱ ଉପରେ ଆଧାରିତ ଅଛେ । ଯଥା :—

ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ
ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନ ସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ
ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ । ସାମ ୧୮୭୫

**ସାମବେଦର ମୂଳମନ୍ତ୍ର :—**

ଅଗ୍ନ ଆ ଯାହି ବୀତୟେ ଗୃଣାନୋହବ୍ୟଦାତୟେ
ନି ହୋତାସତ୍ସି ବର୍ହିଷି ॥ ୧ ପୂର୍ବାର୍ଚ୍ଚିକ

## ଯଜୁର୍ବେଦର ସଂକ୍ଷିପ୍ତ ପରିଚୟ

ଯେଉଁଥିରେ 'ଯୁଜୁଷ' ମନ୍ତ୍ର ସଙ୍କଳିତ ହୋଇଛି ତାହା ଯଜୁର୍ବେଦ । ଏହି ବେଦରେ ବୈଦିକ କର୍ମକାଣ୍ଡ, ଆଶ୍ରମଜୀବନ, ବ୍ରହ୍ମଜ୍ଞାନ, କଳା ଓ ମୋକ୍ଷାଦିର

ବର୍ଣ୍ଣନା ଦେଖାଯାଏ ଏହି ବେଦର ଚାଳିଶ ଗୋଟି ଅଧ୍ୟାୟ ଅଛି । ଈଶାବାସ୍ୟ ଉପନିଷଦ ଏହି ବେଦର ଅନ୍ତିମ ଅଧ୍ୟାୟ । ଏହି ଉପନିଷଦ ତ୍ୟାଗ, ଜ୍ଞାନ ଓ ବ୍ରହ୍ମଜ୍ଞାନର ଦ୍ୟୋତକ । ଏହା ଶୁକ୍ଳ ଯଜୁର୍ବେଦ ଓ କୃଷ୍ଣ ଯଜୁର୍ବେଦ ନାମରେ ବିଭକ୍ତ ହୋଇଛି । ଶୁକ୍ଳ ଯଜୁର୍ବେଦର ସଂହିତାକୁ "ବାଜସନେୟୀ ସଂହିତା" କହନ୍ତି । କେତେକ ପଣ୍ଡିତମାନଙ୍କରମତ ସୂର୍ଯ୍ୟ ବାଜୀ ବା ଅଶ୍ୱରୂପ ଧାରଣାକରି ଏହାକୁ ଉପଦେଶ ଦେଇଥିଲେ; କିନ୍ତୁ ଏହି ପୌରାଣିକ ଯୁକ୍ତିକୁ ବୈଦିକ ପଣ୍ଡିତମାନ ସମର୍ଥନ କରନ୍ତି ନାହିଁ । ସେମାନେ ଯୁକ୍ତି ଦେଖାଇ କହନ୍ତି ସୂର୍ଯ୍ୟ ଏକ ନିର୍ଜୀବ ପଦାର୍ଥ । ସେ କିପରି ଘୋଡ଼ାରୂପ ଧାରଣ କରିପାରିଲେ ? ସୂର୍ଯ୍ୟ ଘୋଡାରୂପ ଧାରଣକରି ବେଦ ଉପଦେଶ ଦେବା ବଡ ବିଚିତ୍ର କଥା । ଘୋଡ଼ା, କିମ୍ବା ସୂର୍ଯ୍ୟର କଥା କହିବା ଶକ୍ତି ନାହିଁ ଏ ଯୁକ୍ତି କପୋଳକଳ୍ପିତ । ଯଜୁର୍ବେଦର ପ୍ରଧାନ ଶାଖାଦ୍ୱୟ—

(୧) ମଧ୍ୟନ୍ଦିନ ଓ କାଣ୍ୱ । କୃଷ୍ଣ ଯଜୁର୍ବେଦର ଅନେକଗୁଡ଼ିଏ ଶାଖା ଅଛି । ଯଥା :—ତୈତ୍ତିରୀୟ ସଂହିତା, ମୈତ୍ରାୟଣୀ ସଂହିତା, କାଠକ ସଂହିତା, କଠକାପିଠକ ସଂହିତା । ଗର୍ଭାଧାନ, ଜାତକର୍ମ, ଚୂଡ଼ାକର୍ମ, ଉପନୟନ, ବିଦ୍ୟାଧ୍ୟୟନ ଠାରୁ ଅନ୍ତ୍ୟେଷ୍ଟି ସଂସ୍କାର ପର୍ଯ୍ୟନ୍ତ ଏହି ବେଦରେ ସନ୍ନିହିତ । ବୈଦିକ ଆର୍ଯ୍ୟକୁଣ୍ଡ, ଅଗ୍ନିକୁଣ୍ଡ, ହବନମନ୍ତ୍ର ଓ ଦେବତା ଙ୍କର ରହସ୍ୟ ଏହି ବେଦରେ ଦେଖାଯାଏ । ଯଜ୍ଞ କେବଳ ଘୃତ ପ୍ରକ୍ଷେପ ମାତ୍ର ନୁହେଁ । ଏହାର ଭାବନା ବିଶ୍ୱର ପରମ ଶାନ୍ତି ଓ ସୌଖ୍ୟର ପ୍ରତିପାଦକ । ବିଭିନ୍ନ ସୁଗନ୍ଧ ପଦାର୍ଥକୁ ଘୃତ ସହିତ ଏକତ୍ର ସଂଯୋଗ କରି ଆସାଧ୍ୟ ରୋଗ ନଷ୍ଟପୂର୍ବକ ବାୟୁମଣ୍ଡଳକୁ ବିଶୁଦ୍ଧରୁ 'ବିଶୁଦ୍ଧତର କରିବାକୁ ଏହି ବେଦର ମନ୍ତ୍ରଗୁଡ଼ିକ ସୂଚନାଦିଏ । ଯଜୁର୍ବେଦ ମାଂସଭକ୍ଷଣକୁ ଅସ୍ୱୀକାର କରେ । ତ୍ୟାଗ ଓ ଆସକ୍ତି ରହିତହୋଇ ବିଶ୍ୱସ୍ରଷ୍ଟା ପରଂବ୍ରହ୍ମ ପରମାତ୍ମାଙ୍କର ଗୁଣକୀର୍ତ୍ତନ ପୂର୍ବକ ଆତ୍ମାକୁ ବ୍ରହ୍ମଯଜ୍ଞରେ ସମର୍ପଣକରି ପରମାତ୍ମାଙ୍କର ସାନ୍ନିଧ୍ୟ ହେବାପାଇଁ ବେଦମନ୍ତ୍ରରେ ସର୍ବତ୍ର ବର୍ଣ୍ଣନା କରାଯାଇଅଛି । ଯଜୁର୍ବେଦର ଉପବେଦ ଧନୁର୍ବେଦ । ଏହା ଏକେଶ୍ୱରବାଦ ଉପରେ ଆଧାରିତ ।

The vedas teach nothing but Monotheism of the purest kind, the belief that this universe manifests the love, might, wisdom and glory of God who eternally evolves and dissolvesralterná tely innumresable systsms of worlds, for the benefit, discipline and well-teing of Jecvatmas

according to the eternal laws of nature (called Ritain the Vedas) and also according to the law of karma "as implied in it".

**ବେଦରେ ପଶୁବଳୀ ବା ଗୋହତ୍ୟାନିଷେଧ :**

କେତେକ ବୈଦେଶିକ ପଣ୍ଡିତ ଓ କେତେକ ପୌରାଣିକ ପଣ୍ଡିତ ବେଦରେ ପଶୁବଳୀ ଓ ମାଂସଭକ୍ଷଣ ଅଛି ବୋଲି ସ୍ୱୀକାର କରନ୍ତି । ଏହି ଭ୍ରମପୂର୍ଣ୍ଣ ଯୁକ୍ତି ଭ୍ରମାତ୍ମକ । ଋକ୍, ସାମ, ଯଜୁଃ ଓ ଅଥର୍ବବେଦର ବହୁମନ୍ତ୍ରରେ ଗୋହତ୍ୟା, "ବଳି" ବିଷୟକୁ ଅସ୍ୱୀକାର କରାଯାଇଛି । ଯଥା :—

ଅଜୈର୍ୟଜ୍ଞେଷୁ ଯଷ୍ଟବ୍ୟମିତି ବା ବୈଦିକୀ ଶ୍ରୁତିଃ
ଅଜସଂଜ୍ଞାନି ବୀଜାନି, ଛାଗାନ୍ ନୋ ହନ୍ତୁମର୍ହଥ ॥

It means that sacrifices should be performed with the aja. But aja according to this vedic injunction never means the goats but cereals like Wheat, Birhi etc.

the word yajna is synonymised as ଅଧ୍ୱର of, ଯଜ୍ଞମଧ୍ୱରମ୍ଧ୍ୱର stands for Hinsa (killing, violence) So ଅଧ୍ୱର is non-violence and therefore no slaughter can be part of the true sacrifice.

ବୈଦିକ ଯଜ୍ଞଧର୍ମ ପଶୁହିଂସାତ୍ମକ ଯଜ୍ଞର ସମର୍ଥକ ନୁହେଁ । ଛାନ୍ଦୋଗ୍ୟ ଉପନିଷଦ୍ ( ନ ବୈ ଦେବା ଅଶ୍ନନ୍ତି ନ ପିବନ୍ତି ଏତଦେବାମୃତଂ ଦୃଷ୍ଟ୍ୱା ତୃପ୍ୟନ୍ତି) ଇତ୍ୟାଦି ସ୍ଥାନରେ ଗୋହତ୍ୟାକୁ ବିରୋଧ କରାଯାଇଛି । ଭାରତର ସୁପ୍ରସିଦ୍ଧ ଇତିହାସ ପଣ୍ଡିତ ଡକ୍ଟର ରାଧାକୁମୁଦ ମୁଖାର୍ଜି ତାଙ୍କ Education in Ancient India" ପୁସ୍ତକରେ ଲେଖିଛନ୍ତି :—

The gods whodo not rat or drink should not be offered meat tainted with violence.

Thus swerifice at a yajan meant Self-sacrifice : the yajnas were evolved as modes of invocation of the Infinite and Possessed of profound spiritual significance and educational value as aids to self. realisation.

ବେଦରେ ଗୋମାଂସଭକ୍ଷଣ ବିଷୟରେ କୌଣସି ସ୍ଥାନରେ ଲେଖା ଯାଇନାହିଁ । କେତେକ ଅର୍ବାଚୀନ ପଣ୍ଡିତ ବେଦରେ ମାଂସଭକ୍ଷଣ ଅଛି କହି ଅଯଥା ଯୁକ୍ତି ବାଢିଥାନ୍ତି । ସେମାନେ ବେଦ ଅଧ୍ୟୟନ ନ କରି ପୁରାଣର ପ୍ରକ୍ଷିପ୍ତ ଉଦାହରଣ ଦେଇ ବେଦ ନାମରେ ଅପପ୍ରଚାର କରୁଥାନ୍ତି । ଆଦିମ ପବିତ୍ର ସନାତନଗ୍ରନ୍ଥ ବେଦରେ ଗୋମାଂସଭକ୍ଷଣ ଦୂରେଥାଉ, ପର୍ଯ୍ୟୁଷିତ ଖାଦ୍ୟ ବା ବାସି ସଡାଖାଦ୍ୟ ଭୋଜନବିରୁଦ୍ଧ କରାଯାଇଛି । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତି-କାରକ । କେତେକ ପଣ୍ଡିତ ମତବ୍ୟକ୍ତକରି କହନ୍ତି ବଶିଷ୍ଠ ବଛୁରୀ (ବ୍ରେଷ୍ଟ ବାଛୁରୀ ବ୍ୟଞ୍ଜନକରି ଅତିଥିଙ୍କୁ ଭୋଜନପାଇଁ ଦେଇଥିଲେ । ରନ୍ତିଦେବ ଗୋମାଂସ ଭକ୍ଷଣ କରୁଥିଲେ । ସେ ଏତେ ଗୋରୁ କାଟୁଥିଲେ ଯେ ଗୋରୁରକ୍ତରେ ଗୋଟିଏ ନଦୀ ସୃଷ୍ଟି ହୋଇଥିଲା) ଏଗୁଡିକସବୁ ମିଥ୍ୟା କପୋଳକଳ୍ପିତ । ଏହା ବେଦରେ ନାହିଁ କାରଣ ବଶିଷ୍ଠ ଓ ରନ୍ତିଦେବଙ୍କ ବହୁପୂର୍ବରୁ ପବିତ୍ର ବେଦଗ୍ରନ୍ଥ ରଚନା କରାଯାଇ-ଥିଲା । ଏମାନଙ୍କ ନାମ ବେଦରେ ଆସିବ କିପରି ! ବହୁପରେ ଏମାନଙ୍କ ଜନ୍ମ ଓ ଏମାନେ ପିଲାଦିନେ ଋଷିମୁନୀଙ୍କ ଆଶ୍ରମରେ ରହି ବେଦପାଠ କରୁଥିଲେ । ପରବର୍ତ୍ତୀ ଯୁଗରେ ମାଂସଖିଆ କେତେକ ପୌରାଣୀକ ପଣ୍ଡିତଙ୍କର ଏହା ମନଗଢା କଥା ଏଣୁ ପୁରାଣରେ କେତୋଟି ପ୍ରକ୍ଷେପଶ୍ଳୋକ ଦେଖାଯାଏ କିନ୍ତୁ ବେଦରେ ନୁହେଁ । ବେଦରେ ଏପରି ଅର୍ବାଚୀନ ସିଦ୍ଧାନ୍ତ ନାହିଁ ।

ଗୋ କୃଷ୍ୟାଦି ଦ୍ୱାରା ପ୍ରସ୍ତୁତ ଖାଦ୍ୟକୁ ପୁଷ୍ଟିକର ବୋଲି ବେଦବିଦ୍ ଆର୍ଯ୍ୟ-ମାନେ ଘୋଷଣାକରିଛନ୍ତି । ଗୋଜାତିର ଉନ୍ନତି ଦ୍ୱାରା ଉପଯୁକ୍ତ ପରିମାଣରେ ଦୁଗ୍ଧ ଉତ୍ପାଦନ କରିବା, କୃଷିର ଉନ୍ନତିଦ୍ୱାରା ସୁଷମ ଖାଦ୍ୟ ଯୋଗାଇବା ପାଇଁ ବେଦରେ ନିର୍ଦ୍ଦେଶଅଛି । ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାର କୃଷି କରିବା ଏହାର ଲକ୍ଷ ।

କୃଷିର ଉନ୍ନତିହେଲେ ଜାତିର, ସମାଜର ଉନ୍ନତି ହୋଇଥାଏ । ଗୋଜାତି ବିଶ୍ୱର ଉନ୍ନତିର ଆଧାର । ସେଥିପାଇଁ ମହର୍ଷିମାନେ ତାଙ୍କ ସ୍ମୃତିଶାସ୍ତ୍ରରେ

ଲେଖିଛନ୍ତି – "ହେ ମନୁଷ୍ୟ !" ତୁମ ଆଗରେ ଗୋରୁମାନେ ରୁହନ୍ତୁ । ତୁମ୍ଭ ପଛରେ ଗୋରୁମାନେ ରୁହନ୍ତୁ । ତୁମ୍ଭେ ଏ ବିଶ୍ୱକୁ ଗୋ-କେନ୍ଦ୍ରକରି ତା'ମଧ୍ୟରେ ବାସକର । ଗୋ-ଜାତିର ଉନ୍ନତିକାମନା ତୁମ ହୃଦୟରେ ସ୍ଥାନପାଉ । ଏହି ଅବସ୍ଥା ରାଷ୍ଟ୍ରନାଗରୀକର ଆସିଲେ ରାଷ୍ଟ୍ର ଲକ୍ଷ୍ମୀଯୁକ୍ତ ଓ ଯଶସ୍ୱୀ ହୁଏ । ତୀର୍ଥ-ପର୍ଯ୍ୟଟନ ଦ୍ୱାରା, ସାଧୁସନ୍ଥଙ୍କ ସେବା ଦ୍ୱାରା, ଦାନ, ଯଜ୍ଞ ଦ୍ୱାରା ଯେଉଁ ଯଶ ଅର୍ଜନ କରାଯାଏ ଏ ସବୁ ପୂଣ୍ୟ କେବଳ ଗୋସେବାରେ ପ୍ରାପ୍ତହୁଏ । ସେଥିପାଇଁ କୁହାଯାଇଛି 'ଗୋ ବ୍ରାହ୍ମଣହିତାୟଚ' ଅର୍ଥାତ୍ ଗୋମାତାର ସେବା କୃଷି ଦ୍ୱାରା ଏବଂ ରାଷ୍ଟ୍ରର ପ୍ରତ୍ୟେକ ନାଗରୀକଙ୍କୁ ନିର୍ମଳ-ଜ୍ଞାନୀ କରାଇଲେ ଜୀବଜଗତର କଲ୍ୟାଣ ହୁଏ ୟ । "

## "ଗାବୋ ବିଶ୍ୱସ୍ୟମାତରଃ"

ଗାଈ ବିଶ୍ୱର ମାତାଅଟେ, ଦୀର୍ଘାୟୁ, ପ୍ରାଣଶକ୍ତି, ସୁସନ୍ତାନ ନିମିତ୍ତ ଗୋସେବାର ଯଥେଷ୍ଟ ଆବଶ୍ୟକତା ରହିଛି । ବେଦମାତାର ଉପାସକ ଗୃହରେ ଗୋଧନର କାମନାକରି ପରମାତ୍ମାଙ୍କଠାରେ ପ୍ରାର୍ଥନାକରେ ।

> ଉପହୂତୋଽଇ ହ ଗାବଃ । ଯଜୁର୍ବେଦ ୩।୪୩
> ମାତରଃ ସର୍ବଭୂତାନାଂ ଗାବଃ ସର୍ବ ସୁଖପ୍ରଦାଃ

ଅର୍ଥାତ ଗାଈ ପ୍ରାଣୀଜଗତର ମାତା ସ୍ୱରୂପ ଏବଂ ସର୍ବ ସୁଖଦାୟୀ ଅଟେ । ପାଶ୍ଚାତ୍ୟ ବିଦ୍ୱାନ୍ Macdonell ତାଙ୍କ ପୁସ୍ତକ Vedic Mythology ରେ ଲେଖିଛନ୍ତି :—

"Nothing pleased the eye of a vedic Indian more than the cow returning home from the pasture and no Sound more musical than the lowing of milch cow."

ଅର୍ଥାତ— ବୈଦିକ କାଳରେ ଆର୍ଯ୍ୟର ଗୃହକୁ ଯେତେବେଳେ ଗାଈ ଚରିକରି ଫେରିଯାଉଥିଲା, ସେତେବେଳେ ସେ ଅତି ଆନନ୍ଦ ଉପଭୋଗ କରୁଥିଲେ ଏବଂ ଗାଈ ହୁମ୍ବା ହେଉଥିବେଳେ ଯେଉଁ ସ୍ୱର ସୃଷ୍ଟି ହେଉଥିଲା ତାହା ସଙ୍ଗୀତ-ଠାରୁ ଆହୁରି ମଧୁରଥିଲା ।

ବେଦରେ ଗୋସେବା, ଗୋ-ଜାତିର ସଂରକ୍ଷଣ, ପଶୁହତ୍ୟା ନ କରିବାକୁ ବହୁତ ମନ୍ତ୍ର ଦେଖାଯାଏ । ଏହି ବୈଦିକମନ୍ତ୍ରକୁ ବୁଝିନପାରି କେତେକ ଅର୍ବାଚୀନ ପଣ୍ଡିତ ପଶୁହତ୍ୟା ବେଦରେ ଅଛିବୋଲି କହିଥାନ୍ତି । ଋଗ୍‌ବେଦରେ ଲେଖାଅଛି ।

ଯଃ ପୌରୁଷେୟେଣ କ୍ରବିଷା ସମଂକ୍ତେ
ଯୋ ଅଶ୍ୱେନ ପଶୁନା ଯାତୁଧାନଃ ।। ଋଗ୍‌ବେଦ
ଯୋ ଅଘ୍ୟାୟା ଭରତି କ୍ଷୀରମଗ୍ନେ ତେଷାଂ
ଶୀର୍ଷାଣି ହରସାପି ବୃଶ୍ଚ ।। ଋଗ୍ । ୧୦ ୮୭।୧୬

ଅର୍ଥାତ୍—ଯେଉଁ ଦାନବ ଦୁଷ୍ଟସ୍ୱଭାବାପନ୍ନପୁରୁଷ ମାଂସ ଦ୍ୱାରା ନିଜ ଶରୀରକୁ ପୁଷ୍ଟି କରେ, ଯେଉଁ କ୍ରୂରଲୋକ ଘୋଡ଼ା କିମ୍ବା ଅନ୍ୟାନ୍ୟ ପଶୁମାନଙ୍କର ମାଂସ ଦ୍ୱାରା ନିଜର ଉଦର ପୂରଣକରେ, ଯେ ଅଂହିସନୀୟ ଗାଈର ଦୁଗ୍ଧକୁ ହରଣକରେ ହେ ରାଜନ୍ ! ନିଜର ତୀକ୍ଷ୍ଣ ଶସ୍ତ୍ର ଦ୍ୱାରା ସେହି ଦୁଷ୍ଟ ବ୍ୟକ୍ତିର ଶିରଚ୍ଛେଦନ କର । ମହର୍ଷିମନୁ ତାଙ୍କ ସଂହିତାରେ ଲେଖିଛନ୍ତି :—

ଅନୁମନ୍ତା ବିଶସିତା ନିହନ୍ତା କ୍ରୟ ବିକ୍ରୟୀ
ସଂସ୍କର୍ତ୍ତା ଚୋପହର୍ତ୍ତା ଚ ଖାଦକଶ୍ଚେତି ଘାତକାଃ

ଜୀବହତ୍ୟା ପାଇଁ ଅନୁମତି ଦେଇଥିବା ବ୍ୟକ୍ତି ହତଜୀବର ମାଂସ କାଟିବା-ବ୍ୟକ୍ତି, ହତ୍ୟାକାରୀ, କ୍ରେତା, ବିକ୍ରେତା, ରନ୍ଧନକାରୀ, ପରିବେଷଣକାରୀ ଓ ଭକ୍ଷଣକାରୀ ଏହି ଆଠଜଣ ପାପଯୁକ୍ତ ହୁଅନ୍ତି ଏଣୁ ମାଂସ ଭକ୍ଷଣ ବେଦବିରୁଦ୍ଧ ସିଦ୍ଧାନ୍ତ ଅଟେ ।

ଯୋ ଯସ୍ୟ ମାଂସମଶ୍ନାତି ସ ତନ୍ମାଂସାଦଉଚ୍ୟତେ
ମତ୍ସ୍ୟାଦଃ ସର୍ବମାଂସା ଦସ୍ତସ୍ମାନ୍ମତ୍ସ୍ୟାନ୍ ବିବର୍ଜୟେତ୍
ଯାବନ୍ତି ପଶୁରୋମାଣି ତାବତ୍କୃତ୍ୱୋ ହମାରଣମ୍
ବୃଥା ପଶୁଘ୍ନଃପ୍ରାପ୍ନୋତି ପ୍ରେତ୍ୟ ଜନ୍ମନି ଜନ୍ମନି ।। ମନୁ

ଯେ ଯାହାର ମାଂସଖାଏ ତାକୁ ସେହି ମାଂସଖିଆ ବୋଲାଯାଏ । ମାଛ ସମସ୍ତଙ୍କ ମାଂସଭକ୍ଷଣ କରୁଥିବାରୁ ଏହା ଅଖାଦ୍ୟ । ପଶୁଦେହରେ ଯେତିକି ଲୋମଥାଏ ପଶୁହତ୍ୟାକାରୀ ସେତିକି ଦୁଃଖଭୋଗେ । ବେଦରେ ମାଂସ ଭକ୍ଷଣ ନାହିଁ ଏହା ମିଥ୍ୟା କପୋଳକଳ୍ପିତ ଯୁକ୍ତି । ସେଥିପାଇଁ କୁହାଯାଇଛି Vedic

**religion is the most sublime conception of the great highways of humanity.** ଋଗ୍‌ବେଦରେ ଲେଖାଅଛି—

ହବ୍ୟାଦମର୍ଗ୍ନିଂ ପ୍ରହିଣୋମି ଦୂରଂ ଯମରାଜ୍ଞୋ ଗଚ୍ଛତୁ
ରିପ୍ରବାହଃ ।। ଇହୈବାୟମିତରୋ ଜାତବେଦା
ଦେବେଭ୍ୟଃ ହବ୍ୟଂବହତୁ ପ୍ରଜାନନ୍ ।। ୧୦।୧୬
ଯୋ ଅଗ୍ନିଃ କ୍ରବ୍ୟାତ୍ ପ୍ରବିବେଶ ବୋ ଗୃହମିମଂ
ପଶ୍ୟନ୍ନିତରଂ ଜାତବେଦସମ୍ ।।
ତଂହରାମି ପିତୃଯଜ୍ଞାୟ ଦେବଂ ସଧର୍ମମିନ୍ଧାତ୍
ପରମେ ସଧସ୍ଥେ ।। ୧୦ । ୧୮ (ଋଗ୍‌ବେଦ)

## ବେଦ ଗୁଣପ୍ରଧାନକୁ ସ୍ୱୀକୃତିଦିଏ

ବେଦରେ ଯେ ଯେଉଁ ଗୁଣସଂମ୍ପନ୍ନ ସେ ସେହି ସ୍ତରର ବ୍ୟକ୍ତି ବୋଲି ସ୍ୱୀକାର କରାଯାଇଛି । ଯେଉଁମାନେ ପଢିବା-ପଢ଼ାଇବା, ଯଜ୍ଞକରିବା-କରାଇବା, ଦାନଦେବା ଦାନଗ୍ରହଣ କରିବା, ଓ ବ୍ରହ୍ମ ସାକ୍ଷାତକାର ବ୍ୟକ୍ତିଙ୍କୁ ବ୍ରାହ୍ମଣ କୁହାଯାଇଛି । ମନୁ ତାଙ୍କ ଶାସ୍ତ୍ରରେ ଲେଖିଛନ୍ତି :—

ଅଧ୍ୟାପନ ମଧ୍ୟୟନଂ ଯଜନଂ ଯାଜନଂ ତଥା
ଦାନପ୍ରତିଗ୍ରହଂ ଚୈବ ବ୍ରାହ୍ମଣାନାମକଳ୍ପୟତ୍ ।। ୧।୮୮
ପ୍ରଜାନାଂରକ୍ଷଣଂ ଦାନ ଯଜ୍ଞାଧ୍ୟୟନ ମେ ବଚ
ବିଷୟେଷ୍ୱପ୍ରସକ୍ତିଶ୍ଚ ବୈଶ୍ୟସ୍ୟକ୍ଷିପିମେ ବଚ ।। ୧ । ୯୦ ମନୁ

ପ୍ରଜାମାନଙ୍କର ରକ୍ଷା, ଦାନଦେବା, ଯଜ୍ଞକରିବା, ଅଧ୍ୟୟନକରିବା ଓ ବିଷୟମାନଙ୍କରେ ଅନାଶକ୍ତ ରହି ସମାଜକୁ ସୃଙ୍ଖଳିତ କରି ଧର୍ମର ପ୍ରତିଷ୍ଠା କରିବା କ୍ଷତ୍ରିୟ ମାନଙ୍କର କର୍ତ୍ତବ୍ୟ ଅଟେ । ସେହିପରି ପଶୁରକ୍ଷା, ଦାନଦେବା, ଯଜ୍ଞକରିବା ବ୍ୟବସାୟକରିବା, ସୁଧ ନେବା ଓ କୃଷିକରି ସମାଜକୁ ବଳଶାଳୀ କରିବା ବୈଶ୍ୟର କର୍ତ୍ତବ୍ୟ ଅଟେ ।

## ଯଜୁର୍ବେଦର ପ୍ରତିପାଦ୍ୟ ବିଷୟ :

ଏହି ବେଦ ମୁଖ୍ୟତଃ ଯଜ୍ଞାନୁଷ୍ଠାନ ସମ୍ବନ୍ଧରେ ସୂଚନାଦିଏ ।

**ଅଧ୍ୟାୟ :—**

| | |
|---|---|
| ପ୍ରଥମ, ଦ୍ୱିତୀୟ, | ଦର୍ଶପୂର୍ଣ୍ଣିମାସ ଯଜ୍ଞ |
| ତୃତୀୟ— | ପ୍ରାତଃ, ସାୟଂ, ଅଗ୍ନିଯଜ୍ଞ, |
| ଚତୁର୍ଥ ଠାରୁ ପଞ୍ଚମ। | ସୋମଯଜ୍ଞ |
| ନବମଠାରୁ ଦଶମ | ଯୂପ (ବ୍ରହ୍ମଯଜ୍ଞ) |
| ଏଗାର ଠାରୁ ଅଠର | ହୋମାଗ୍ନି ପାଇଁ ବେଦୀର ନିର୍ଦ୍ଦେଶ |
| ଉଣେଇଶ ଠାରୁ ଏକୋଇଶ, | ସୌତ୍ରାମଣୀ, |
| ବାଇଶ୍ ଠାରୁ ପଚିଶ, | ଅଶ୍ୱମେଧ ବା (ରାଷ୍ଟ୍ର), ଅଗ୍ନିମେଧ ଯଜ୍ଞ |
| ଛବିଶ୍ ଠାରୁ ଅଣତିରିଶ, | ଯଜ୍ଞୀୟ ମନ୍ତ୍ରର ଆବୃତ୍ତି |
| ତିରିଶଠାରୁ ଅଣଚାଳିଶ ଅଧ୍ୟାୟ, | ଦୃତକଯଜ୍ଞର ବର୍ଣ୍ଣନା, ପୁରୁଷମେଧ, ସର୍ବମେଧ, ପିତୃମେଧ, ଓ ପ୍ରବର୍ଗ୍ୟ, |
| **ଚାଳିଶ ଅଧ୍ୟାୟ :** | ଈଶାବାସ୍ୟୋପନିଷଦ। |

**ପ୍ରାତିଶାଖ୍ୟ ସୂତ୍ର :**

ଶୁକ୍ଳଯଜୁର୍ବେଦ—( ମାଧ୍ୟନ୍ଦିନ ଶାଖା)ର ପ୍ରାତିଶାଖ୍ୟର ନାମ

ବାଜସେନେୟୀ ପ୍ରାତିଶାଖ୍ୟ ସୂତ୍ର ଅଟେ। ଏହାକୁ କାତ୍ୟାୟନ ରଚନା କରିଛନ୍ତି।

କୃଷ୍ଣଯଜୁର୍ବେଦ—( ତୈତ୍ତିରୀୟ ଶାଖା )ର ପ୍ରାତିଶାଖ୍ୟର ନାମ ତୈତ୍ତିରୀୟ ପ୍ରାତିଶାଖ୍ୟ ସୂତ୍ର।

ଶୁକ୍ଳଯଜୁର୍ବେଦ :—କାତ୍ୟାୟନ କଳ୍ପସୂତ୍ର (ଅଧ୍ୱର୍ଯ୍ୟୁପୁରୋହିତର ଉପଯୋଗ)।

କୃଷ୍ଣ ଯଜୁର୍ବେଦ :—ବୋଧାୟନ, ଆପସ୍ତମ୍ବ, ହିରଣ୍ୟକେଶ, ମାନବ, ଭରଦ୍ୱାଜ, କଳ୍ପସୂତ୍ର ( ଅଧ୍ୱର୍ଯ୍ୟୁପୁରୋହିତର ଉପଯୋଗପାଇଁ)।

ଶୁକ୍ଳଯଜୁର୍ବେଦ :—(ମାଧ୍ୟନ୍ଦିନ ଶାଖା) ପାରସ୍କର ଗୃହ୍ୟସୂତ୍ର।

କୃଷ୍ଣ ଯଜୁର୍ବେଦ :—ଆପସ୍ତମ୍ବ, ଓ ମାନବ ଗୃହ୍ୟସୂତ୍ର।

**ସଂହିତା ଗ୍ରନ୍ଥ :**

କୃଷ୍ଣ ଯଜୁର୍ବେଦ—(ତୈତ୍ତିରୀୟ ସଂହିତା) ଆତ୍ରେୟସ୍ୟ ଶିକ୍ଷା, ସ୍ୱୈରାୟୁର୍ଣ୍ଣସ୍ୟ
(ଏହାର ଅନ୍ୟନାମ "ମନ୍ତ୍ର ରହସ୍ୟାଖ୍ୟାସ୍ତୁ")

ଶୁକ୍ଳ ଯଜୁର୍ବେଦ :—(ବାଜସନେୟୀ ସଂହିତା, ମାଧ୍ୟନ୍ଦିକ ଶାଖା )
ଯଜୁର୍ବେଦାନୁକ୍ରମଣୀ ( କାତ୍ୟାୟନ ରଚିତ)

ଯଜୁର୍ବେଦରେ ବ୍ରହ୍ମଙ୍କର ବ୍ୟାପକତା :—

ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ
ଭୂତସ୍ୟଜାତଃ ପତିରେକ ଆସୀତ୍
ସଦାଧାର ପୃଥିବୀଂଦ୍ୟାମୁତେମାଂ କସ୍ମୈ
ଦେବାୟ ହବିଷା ବିଧେମ ।। ଯଜୁ

God who possesses all the luminous worlds within Himself and exists from the very eternity, is the onlv one manifest lord of the created objects. He is supporting this earth and the heaven to that All-blissful Divinity, we offer our humble worship.

ଯ ଆତ୍ମଦାବଲଦା ଯସ୍ୟ ବିଶ୍ୱ ଉପାସତେ
ପ୍ରଶିଷଂ ଯସ୍ୟ ଦେବାଃ । ଯଜୁ

He who is the giver of physical vigour and spiritual force he whose order is carried out by all the luminous objects and by the enlightened persons, whose shelter is immortality and turning away from whom is death, to that All-blissful Divinity, me offer our humble worship.

**ଯଜୁର୍ବେଦର ଅଧ୍ୟାୟ ଓ ମନ୍ତ୍ର ସଂଖ୍ୟା :—**

ଯଜୁର୍ବେଦର ଚାଳିଶଗୋଟି ଅଧ୍ୟାୟ । ଏହି ମନ୍ତ୍ରଗୁଡ଼ିକ ଗଦ୍ୟ ଓ ପଦ୍ୟ । ଗଦ୍ୟର ସଂଖ୍ୟା ବହୁଳଭାବରେ ଦେଖାଯାଏ । ଯଜୁର୍ବେଦର ମନ୍ତ୍ରର ସଂଖ୍ୟା ୧୯୭୭ ଅଟେ ।

**ଯଜୁର୍ବେଦର ମୂଳ ମନ୍ତ୍ର :—**

ଇଷେତ୍ୱୋର୍ଜ୍ଜେତ୍ୱା ବାୟବସ୍ଥ ଦେବୋବଃ
ସବିତା ପ୍ରାର୍ପୟତୁ । ଇତ୍ୟାଦି ॥ ଯ ୧।୧

**ବେଦ ଓ ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ବଶିଷ୍ଠାଦି ଶବ୍ଦର ଅର୍ଥ :**

ବେଦରେ ଯେଉଁ ବଶିଷ୍ଠଶବ୍ଦ, ଭରଦ୍ୱାଜଶବ୍ଦ, ବିଶ୍ୱାମିତ୍ରଶବ୍ଦ, ଜମଦଗ୍ନି-ଶବ୍ଦ, ଅଙ୍ଗୀରାଶବ୍ଦ, ବିଶ୍ୱକର୍ମାଶବ୍ଦ ଆଦି ଏହି ଶବ୍ଦଗୁଡ଼ିକ ନାମବାଚକ ଋଷିଶବ୍ଦ ଭ୍ରମାତ୍ମକ ବୋଲି କେତେକ ପଣ୍ଡିତ ମତବ୍ୟକ୍ତ କରିଥାନ୍ତି କିନ୍ତୁ ଏହି ବେଦ-ମନ୍ତ୍ରରେ କୌଣସି ବ୍ୟକ୍ତିବାଚକ ଋଷିଶବ୍ଦ ନାହିଁ । ଏଗୁଡ଼ିକର ଅର୍ଥ, ମନ୍ତ୍ର ପର୍ଯ୍ୟାୟ କ୍ରମରେ ଭିନ୍ନ । କାରଣ ଏହି ନାମଧାରୀ ଋଷିମାନଙ୍କ ବହୁପୂର୍ବରୁ ବେଦରଚନା କରାଯାଇଥିଲା ଓ ଏମାନେ ଗୁରୁକୁଳାଶ୍ରମରେ ବେଦପାଠ କରୁଥିଲେ । ଏହି ଶବ୍ଦକୁ ନେଇ ବେଦ ଅର୍ଥକରିବା ତ୍ରୁଟିପୂର୍ଣ୍ଣ । କ୍ରମରେ କେତେକ ଋଷିବାଚକ ଶବ୍ଦର ଅର୍ଥପ୍ରଦତ୍ତ କରାଗଲା ଯଥା :—

(କ) ପ୍ରାଣୋବୈ ବଶିଷ୍ଠ ଋଷିଃ । ଶତ, ୮,୧,୧,୬
(ଖ) ମନୋବୈ ଭରଦ୍ୱାଜ ଋଷିଃ । ଶତ ୮, ୧,୧,୯
(ଗ) ଶ୍ରୋତ୍ରଂବୈ ବିଶ୍ୱାମିତ୍ର ଋଷିଃ । ଶତ ୯,୧,୨,୬
(ଘ) ଚକ୍ଷୁର୍ବୈ ଜମଦଗ୍ନିଃ । ଶତ, ୯,୧,୨,୩ ।
(ଙ) ପ୍ରଜାପତିର୍ବୈ ଜମଦଗ୍ନିଃ ଶତ, ୧୩,୨,୨,୪ ।
(ଚ) ପ୍ରାଣୋ ବା ଅଙ୍ଗୀରାଃ ଶତ, ୬,୧,୨,୨୮ ।
(ଛ) ବାଗ୍‌ବୈ ବିଶ୍ୱକର୍ମା ଋଷିଃ । ଶତ,୮,୧,୨୯

ଅର୍ଥାତ୍ :—ବଶିଷ୍ଠର ଅର୍ଥ ପ୍ରାଣ, ଭରଦ୍ୱାଜର ଅର୍ଥ ମନ, ବିଶ୍ୱାମିତ୍ରର ଅର୍ଥ ଶ୍ରୋତ୍ର, ଅଙ୍ଗିରାର ଅର୍ଥ ପ୍ରାଣ, ଯମଦଗ୍ନିର ଅର୍ଥ ଚକ୍ଷୁ, ଯମଦଗ୍ନିରଅର୍ଥ ପ୍ରଜାପତି, ବିଶ୍ୱକର୍ମାର ଅର୍ଥ ବାଣୀ ଅଟେ । ଏହି ଶବ୍ଦଗୁଡ଼ିକୁ ଋଷିବାଚକ କରି-

ବ୍ୟବହାର କଲେ ମନ୍ତ୍ର କଦର୍ଥ ହୋଇଥାଏ । ଏଣୁ ବେଦର ଏହି ଶବ୍ଦଗୁଡ଼ିକ ହୃଦୟଙ୍ଗମ କରିବାକୁ ଗଲେ ନିରୁକ୍ତ ଶାସ୍ତ୍ର ଦରକାର ଏତଦ୍ ବ୍ୟତୀତ ଶତପଥ-ବ୍ରାହ୍ମଣାନ୍ତର୍ଗତ ବୃହଦାରଣ୍ୟକୋପନିଷଦ୍‌ରେ ଗୌତମ, ଭରଦ୍ୱାଜାଦି ଶବ୍ଦ, ମନ୍ତ୍ରସ୍ଥଳରେ ଇନ୍ଦ୍ରିୟବାଚକରୂପେ ବ୍ୟବହାର କରାଯାଇଛି । ଯଥା :—

ଇମାବେବ ଗୌତମ ଭରଦ୍ୱାଜୌ ।। ବୃହଦାରଣ୍ୟ ।୨।୨ ।

ଋଗ୍‌ବେଦରେ ଶ୍ୱେତ ଶବ୍ଦ ଦେଖାଯାଏ । କେତେକ ଅର୍ବାଚୀନ ପଣ୍ଡିତ ଏହି ଶବ୍ଦକୁ ଶ୍ୱେତଦେବରାଜାଙ୍କ ନାମ ବୋଲି ସ୍ୱୀକାର କରି ବେଦରେ ବଂଶାନୁଚରିତ ବର୍ଣ୍ଣନା ହୋଇଅଛି ବୋଲି ମତବ୍ୟକ୍ତ କରିଥାନ୍ତି କିନ୍ତୁ ଏହା ଭ୍ରମାତ୍ମକ । ନିମ୍ନରେ ଏହିମନ୍ତ୍ରର ଭାବାର୍ଥ ଦେଲି :—

ଶ୍ୱେତାଯାଶ୍ୱଂ ସଂ ମୃଜନତ୍ୟାଶୁଂ ଶ୍ୱେତାଯାସ୍ତେ କନ୍ୟା ଶୁମ୍ଭମାନା
ଶ୍ୱେତସ୍ୟେଦଂ ପୁଷ୍କରିଣୀବ
ବେଶ୍ମ ପରିଷ୍କୃତଂ ଦେବମାନେବଚିତ୍ରମ ।। ଋ, ୧୦,୧୦୭,୧

କେତେକ ପଣ୍ଡିତ ଏହି ମନ୍ତ୍ରରେ ଥିବା ଶ୍ୱେତଶବ୍ଦକୁ ଶ୍ୱେତରାଜାବୋଲି ସ୍ୱୀକାର କରନ୍ତି କିନ୍ତୁ ଏହା ଭ୍ରମାତ୍ମକ । "ଭୁଜ :—ପାଲନାଦ୍ୟବହାରଯୋଃ" ଏହି ଧାତୁର ନିଷ୍ପନ୍ନାର୍ଥ, ପ୍ରଜାପାଳନପାଇଁ 'ଭୁଜ୍'ଧାତୁର ବ୍ୟବହାର ହୋଇଛି । ଏହି ଭୁଜ୍ ଧାତୁକୁ ପାଳନାର୍ଥେ ବ୍ୟବହାର କରାଗଲେ ମନ୍ତ୍ରାର୍ଥ ହୋଇପାରେ । ବେଦକୁ ଅର୍ଥକରିବାକୁ ଯାଇ କେତେକ ପଣ୍ଡିତ ଅମରକୋଷ ଓ ପାଣିନି-ବ୍ୟାକରଣର ସାହାଯ୍ୟ ନେଇଥାନ୍ତି । ଯାହାଫଳରେ ବେଦମନ୍ତ୍ରଗୁଡ଼ିକ କଦର୍ଥ ହୁଏ । ବୈଦିକ ଧାତୁର ଅର୍ଥ ପୁରାଣରେ ବା ଲୌକିକ ସଂସ୍କୃତରେ କିପରି ଭିନ୍ନ ହୋଇଯାଏ ତାର କେତେଗୋଟି ଉଦାହରଣ ନିମ୍ନରେ ପ୍ରଦତ୍ତ କରାଗଲା ।

| ଧାତୁ | ବୈଦିକ | ଲୌକିକ |
|---|---|---|
| କ୍ରୁଧ୍ | ହଲିବା | କ୍ରୋଧହେବା |
| ରମ୍ | ରୋକିବା | ଆନନ୍ଦଦେବା |
| ଶ୍ରମ୍ | ପରିଶ୍ରମକରିବା | ଆରାମଦେବା |

**ବେଦରେ ସୋମରସ ଓ ସୋମଶବ୍ଦ :—**

କେତେକ ପଣ୍ଡିତ ମତବ୍ୟକ୍ତକରି କହନ୍ତି ଋଷିମାନେ ସୋମରସ (ବା) ମଦ୍ୟପାନ କରୁଥିଲେ କିନ୍ତୁ ଏହି ଯୁକ୍ତିରେ ମୁଁ ଏକମତ ହୋଇନପାରେ । ସୋମ-

ମଦ୍ୟଶବ୍ଦର ଅର୍ଥ ମଦ୍ୟନୁହେଁ । ଋଷିମାନେ ଯେଉଁ ସୋମପାନ କରୁଥିଲେ ତାହା ଅମୃତ ତୁଲ୍ୟ ଏହି ସୋମ ବାର୍ଦ୍ଧକ୍ୟକୁ ନାଶକରି ନବଯୌବନ ଦାନ କରେ । ବେଦରେ ଯେଉଁ 'ସୋମ'ଶବ୍ଦ ଆସେ ତାହାର ଅର୍ଥ ବ୍ୟାପକ । ସୋମବୃକ୍ଷ ବିଶେଷ,ଏହାର ଚନ୍ଦ୍ରଙ୍କ ସହିତ ସମ୍ପର୍କଥିବାରୁ ଏହି ବୃକ୍ଷର ନାମ ସୋମଅଟେ । ଏହାର ଦୁଇଟି ପକ୍ଷହୁଏ । ଚନ୍ଦ୍ର ପୂର୍ଣ୍ଣିମାଯାଏ କ୍ରମେ କ୍ରମେ ବଢିଲାବେଳେ ସୋମବୃକ୍ଷର ଦୁଇପକ୍ଷ ଚନ୍ଦ୍ରଙ୍କ ସହିତ ତାଳ ଦେଇ ବଢେ । ଚନ୍ଦ୍ର ଅମାବାସ୍ୟାରେ ଅଦୃଶ୍ୟହୁଏ, ଚନ୍ଦ୍ରଙ୍କର ଏହି ଅବସ୍ଥାରେ ସୋମର ବିଲୀନ ହୁଏ । ଏହା ଶୈବାଳଜାତୀୟ ଉଦ୍ଭିଦ । ଉତ୍ତମ ତତ୍ତ୍ୱଦର୍ଶୀଙ୍କୁ ଏହି ସୋମ ଦୃଶ୍ୟହୁଏ । ଏହି ସୋମକୁ ମଦ୍ୟବୋଲି ସ୍ୱୀକାର କରିବା ଭ୍ରମାତ୍ମକ ।

> ତ୍ୱମିମା ଔଷଧୀଃ ସୋମ ।। ଋଗ୍
> ସୋମଃ ପବେତ ଜନିତା ମତିନାଂ । ଋଗ୍ ୯,୯୬
> ଅସ୍ମଂ ପ୍ରଷ୍ଠା ରଶ୍ମି ଭର୍ଗଃ ସୋମଃ । ଋଗ, ୯,୧୦୧, ୭
> ପବସ୍ୱ ସୋମ ମହାନ୍ ସମୁଦ୍ରଃ । ଋଗ୍ ୧୦୯,୪
> ପବସ୍ୱ ମଧୁମତ୍ତମ ଇନ୍ଦ୍ରାୟ ସୋମ । ଋଗ୍, ୯,୧୦୮,୧
> ଶୁଚିଃପାବକ ଉଚ୍ୟତେ ସୋମଃ । ଋଗ୍, ୯,୨୪

ବେଦରେ ସୋମଶବ୍ଦକୁ, ଋଷି, ପରାମାତ୍ମା, ବାୟୁ, ଅଗ୍ନି, ଜଳ, ସର୍ବ-ଶକ୍ତିବାନ ବ୍ରହ୍ମ ରୂପରେ ଓ ଔଷଧୀରୂପରେ ବର୍ଣ୍ଣନା କରାଯାଇଛି ଏହାର ବିଶଦ ବିବରଣୀ ଜାଣିବାକୁ ଗଲେ ଋଗ୍‌ବେଦ ଦେଖନ୍ତୁ ।

# ଅଥର୍ବ-ବେଦର ସଂକ୍ଷିପ୍ତ ପରିଚୟ

ଅଥର୍ବବେଦ ଧାର୍ମିକତନ୍ତ୍ର ଓ ବୈଜ୍ଞାନିକ ଯୁକ୍ତିରେ ପୂର୍ଣ୍ଣ। ଋଗ୍‌ବେଦ ସାମବେଦ, ଯଜୁର୍ବେଦର କେତେକମନ୍ତ୍ର ଅଥର୍ବବେଦରେ ଦେଖାଯାଏ । ଅଥର୍ବ ଶବ୍ଦର ଅର୍ଥ ସ୍ଥିର ଅର୍ଥାତ୍ ସ୍ଥିରବେଦ । ଜ୍ଞାନର ସ୍ଥିରତା କେବଳ ଦୃଷ୍ଟିସ୍ଥିତ ଅବସ୍ଥାରେ ହୋଇଥାଏ । ଦୃଷ୍ଟିସ୍ଥିତ ଅବସ୍ଥା ପ୍ରାପ୍ତ ହୋଇ ପରମାନନ୍ଦ ଲାଭପାଇଁ ଅଥର୍ବବେଦର ମନ୍ତ୍ରଗୁଡ଼ିକରେ ସୂଚୀତ କରାଯାଇଛି । ଅଥର୍ବବେଦର ଉପବେଦ ଆୟୁର୍ବେଦ । ଜ୍ୟୋତିର୍ବେଦ, ତନ୍ତ୍ରବେଦ ଏହାର ଅଧିନ । ଅଦ୍ୟାବଧି ଔଷଧି ବିଜ୍ଞାନର ପ୍ରସାର ଯେତେ ଘଟିଛି ତାହା କେବଳ ଅଥର୍ବ ବେଦରୁ ସଂଗ୍ରହ କରାଯାଉଛି

ଏଣୁ ଅଥର୍ବବେଦ ଅନ୍ୟବେଦଠାରୁ ଲୋକପ୍ରିୟ । ବ୍ରହ୍ମଜ୍ଞାନ, ଯୋଗ, ରୋଗର ଚିକିତ୍ସା, ଦୂରସ୍ଥାନରୁ ରୋଗୀର ଚିକିତ୍ସା (Post Hypnotism), ପ୍ରାଣୀର ବିଦ୍ୟୁତ୍ (Animal Magnetism), ପ୍ରାକୃତିକ ଚିକିତ୍ସା, ସୂର୍ଯ୍ୟବିଜ୍ଞାନ, ସୂର୍ଯ୍ୟଚିକିତ୍ସା, ଜଳଚିକିତ୍ସା "Hipbath" ତପ, ସ୍ୱାଧ୍ୟାୟ ଈଶ୍ୱର ପ୍ରଣିଧାନ ଇତ୍ୟାଦି ବହୁ ବୈଜ୍ଞାନିକ ତଥ୍ୟର ଆଲୋଚନା କରାଯାଇଛି । କେତେକ ପଣ୍ଡିତ ଅଥର୍ବବେଦକୁ ବେଦବୋଲି ସ୍ୱୀକାରକରନ୍ତିନାହିଁ ସେମାନଙ୍କ ମତରେ ଅଥର୍ବ-ବେଦରେ ବହୁ ପ୍ରକ୍ଷେପମନ୍ତ୍ର ରହିଛି । ଅଥର୍ବବେଦ ଉପରେ ଏହିପ୍ରକାର ମତବ୍ୟକ୍ତ କରିଛନ୍ତି କେତକ ପାଶ୍ଚାତ୍ୟ ବିଦ୍ୱାନ୍‌ମାନେ । ପାଶ୍ଚତ୍ୟ ବିଦ୍ୱାନମାନଙ୍କର କେତେକ ଅର୍ବାଚିନ ସ୍ତାବକଗୋଷ୍ଠି ଅଥର୍ବବେଦକୁ ପରବର୍ତ୍ତିକାଳୀନ ପ୍ରକ୍ଷେପ ମନ୍ତ୍ରବୋଲି ସ୍ୱୀକାର କରିଛନ୍ତି ଓ ବେଦ ନାମରେ ବହୁଅବାଂଛିତ ମତବ୍ୟକ୍ତ କରିଛନ୍ତି । ବେଦରେ ଗୋମାଂସ ଭୋଜନ ଓ ଯଜ୍ଞରେ ପଶୁବଳୀ, ଗାଲନଦୀର ଆର୍ଯ୍ୟସଭ୍ୟତା ସମସ୍ତରେ ବେଦର ସୃଷ୍ଟି, ଉର୍ବଶୀ, ପୁରୁରବା, ବଶିଷ୍ଠାଦି ଶବ୍ଦ ବ୍ୟକ୍ତିବାଚକ ବୋଲି (କୌଣସି ବ୍ୟକ୍ତିର ନାମ) ପାଶ୍ଚାତ୍ୟ ବିଦ୍ୱାନଙ୍କ ମତକୁ ସ୍ତାବକ ଗୋଷ୍ଠିର ବ୍ୟକ୍ତି ମାନେ ସ୍ୱୀକାର କରନ୍ତି । ଏହି ମତବାଦ ଓ ଏପରି ଅର୍ଥ ଭ୍ରମାତ୍ମକ । ଏହି ମତକୁ ବିଚାରଶୂନ୍ୟ ଭାବରେ ଗ୍ରହଣ କରି ବେଦରଚନା ପ୍ରାୟ ୫୦୦୦ ବର୍ଷବୋଲି ସ୍ୱୀକାର କରାଯାଏ । ଏହି ଭ୍ରମାତ୍ମକ ବିଚାରକୁ ବୈଦିକ ପଣ୍ଡିତମାନେ ଗ୍ରହଣ କରନ୍ତି ନାହିଁ । ଅଥର୍ବବେଦ ବ୍ରହ୍ମଚର୍ଯ୍ୟ, ଅହିଂସା, ସତ୍ୟ, ଅସ୍ତେୟ, ଶୌଚର, ଦ୍ୟୋତକ, ଏହି ବେଦର ଅନ୍ୟନାମ ବ୍ରହ୍ମବେଦ ।

## ଅଥର୍ବବେଦ ପରବର୍ତ୍ତିକାଳୀନ କି ?

ଅଥର୍ବବେଦ ବିଷୟରେ (The Atharva Veda) ନାମକ ପୁସ୍ତକରେ (M. Bloomfieldtrubner 1899) ଲେଖିଛନ୍ତି ଯଥା :— Bloomfield's excellent modogrph on the Atharva veda like which unfortunately there is as yet nothing on any of the other Samhitas-offers Practically everything that a student of the vedic litrature might wish to know about the Atharva veda. The section on the Atharva Veda in this chapter is mainly based on Bloomfield's moongaaph- (Vedic Age P. 239 )

ଏହାର ସାରାଂଶ ହେଲା :—ଅଥର୍ବବେଦ ପ୍ରଥମେ ନଥିଲା, ଏହା ପରବର୍ତ୍ତୀ କାଳୀନ ବୋଲି କେତେକଙ୍କ ମତ କିନ୍ତୁ ଏହି ଉକ୍ତିଟି ଭ୍ରମପୂର୍ଣ୍ଣ । ପାଶ୍ଚାତ୍ୟ ବିଦ୍ୱାନମାନେ କହନ୍ତି ଋକ, ସାମ, ଯଜୁର୍ବେଦରେ ଅଥର୍ବଶବ୍ଦ ଆସେ ନାହିଁ । ଏଣୁ ଅଥର୍ବ ଋଗବେଦାଦିର ସମକାଳୀନ ନୁହେଁ ଏହି ମତବାଦକୁ ବୈଦିକ ପଣ୍ଡିତମାନେ ଅସ୍ୱୀକାର କରନ୍ତି । "ବେଦୋକା ଯଥାର୍ଥ ସ୍ୱରୂପ" ପୁସ୍ତକରେ ବେଦ ବିଦ୍ୱାନ ପଣ୍ଡିତ ଧର୍ମଦେବ ବିଦ୍ୟାମାର୍ତ୍ତଣ୍ଡ ଏହି ମତକୁ ଖଣ୍ଡନ କରି ପ୍ରମାଣ ଦେଇ କହନ୍ତି ଋଗବେଦାଦିରେ ଅଥର୍ବଶବ୍ଦ ଦେଖାଯାଏ । ଏଣୁ ଏହା ପରବର୍ତ୍ତୀ କାଳୀନ ନୁହେଁ । ମନ୍ତ୍ର ଯଦି ପ୍ରାଚୀନ କିନ୍ତୁ ଅଥର୍ବବେଦର ସଂକଳନ ପରବର୍ତ୍ତୀ କାଳୀନ ।

**ଯଜ୍ଞୈରଥର୍ବା** ପ୍ରଥମଃ ପଥସ୍ତତେ ॥ ଋ ୧।୯୩।୫
ତ୍ୱାମଗ୍ନେ ପୁଷ୍କରାଦ**ଧ୍ୟଥର୍ବା** ନିରମନ୍ଥତ ।
ମୂର୍ଧ୍ନୋ ବିଶ୍ୱସ୍ୟ ବାଘତଃ । ଋ ୬।୧୬।୧୩
ଅଗ୍ନିର୍ଜାତୋ ଅଥର୍ବଣ । ଋ ୧୦।୨୧।୫

ଏତଦ୍‌ବ୍ୟତୀତ ବୈଦିକ ସାହିତ୍ୟରେ ଅଥର୍ବଶବ୍ଦ ଆସିଥାଏ ଯଥା :—

ଋଗ୍‌ବେଦବିଦମେବ ହୋତାରଂ ବୃଣୀଷ୍ୱ, ଯଜୁର୍ବିଦଂ ଧ୍ୱର୍ଯୁଂ
ସାମବିଦମୁଦ୍‌ଗାତାରମ୍, ଅଥର୍ବାଙ୍ଗିରୋବିଦଂ ବ୍ରାହ୍ମଣମ୍‌ତଥାହ୍ୟାସ୍ୟ
ଯଜ୍ଞସ୍ତତୁଷ୍ପାତ୍ ପ୍ରତିଷ୍ଠତି ॥ ଗୋପଥ ବ୍ରାହ୍ମଣ ୨।୨୪।
ଅଥର୍ବା ଭର୍ଜାପନ୍ତି । ମୁଣ୍ଡକୋପନିଷଦ । ୪୦।୭

ତତ୍ରାପରା ଋଗ୍‌ବେଦୋ ଯଜୁର୍ବେଦଃ ସାମବେଦୋଽଥର୍ବବେଦୋ ॥ ମୁ ୧।୧।୫
ଏବଂ ବା ଅରେ ଅସ୍ୟ ମହତୋ ଭୂତସ୍ୟ ନିଃଶ୍ୱସିତମେତଦ୍ ଯଦ୍ ଋଗ୍‌ବେଦୋ
ଯଜୁର୍ବେଦଃ ସାମବେଦୋଽଥର୍ବବେଦଃ । ବୃ: ଉପନିଷଦ ।୪।୫।୧୧।
ଋଗ୍‌ବେଦଂ ଭଗବୋଽଧ୍ୟେମି ଯଜୁର୍ବେଦଂ ସାମବେଦମାଥର୍ବଣଂ
ଚତୁର୍ଥମ୍ । ଛାନ୍ଦୋଗ୍ୟ ।୭।୧।୨।

ପୁଣି ଏତରେୟ ବ୍ରାହ୍ମଣର ଅଧ୍ୟାୟ ୫।୮ ମନ୍ତ୍ରରେ ଲେଖାଅଛି :—

ଅଥର୍ବଣ୍ୟେବବାନ୍ ବ୍ରହ୍ମା, ବେଦେଷ୍ୱନ୍ୟେଷୁ ଭଗବାନ
ତସ୍ମାଦ୍ ବ୍ରାହ୍ମଣଂ ଧର୍ମିଷ୍ଠମିତି ହ୍ୟାରଣ୍ୟେହେ ଶ୍ରୁତମ୍ ॥

**ଅଥର୍ବବେଦ ଓ ତନ୍ତ୍ର :—**

ଅଥର୍ବବେଦରେ ବହୁ ତନ୍ତ୍ରର ସୂଚନା ମିଳେ । ସମ୍ମୋହନ, ଉଚ୍ଚାଟନ, ବଶ ଇତ୍ୟାଦିର ସୁଗମପଥ ଏହି ବେଦରୁ ମିଳିଥାଏ । ଏହିବେଦକୁ ଯୌଗିକ

ନିସ୍କାମ ଦ୍ୱାରା ଅନୁସଂଧାନକଲେ ଦୂରଶ୍ରବଣ, ଦୂରଗ୍ରହଣ, ଇତ୍ୟାଦି ବହୁ ଅଲୌକିକ ବିଦ୍ୟା ପ୍ରାପ୍ତହୋଇ ସାଧକ ନିର୍ବାଣ ପ୍ରାପ୍ତହୋଇଥାଏ ।

**ପରସ୍ପର ବିରୋଧମତ :—**

**Bloomfield** ଅଥର୍ବବେଦ ବିଷୟରେ ଲେଖିବାକୁ ଯାଇକହିଛନ୍ତି **Vedic Age** ଲେଖକ ଅନେକ ପରସ୍ପର ବିରୋଧ ଘଟଣା ଉଲ୍ଲେଖକରିଛନ୍ତି । ସେ **Vedic Age** ପୁସ୍ତକରେ ଅଥର୍ବବେଦ ସଂମ୍ପୂର୍ଣ୍ଣ ନବୀନ ଓ ଋଗବେଦାଦି-ଠାରୁ ପରବର୍ତ୍ତିକାଳୀନ ବୋଲି ସ୍ୱୀକାର କରିବା ସତ୍ତ୍ୱେ ପୁଣିଲେଖିଛନ୍ତି ଅଥର୍ବ-ବେଦର କେତେକାଂଶ ଋଗ୍‌ବେଦାଦି ପରି ପ୍ରାଚୀନ ଅଟେ ।

In its Present from the Atharvaveda is certainly the latest of the four Samhitas, but in contents, it is by no means so, for there can be no doubt that Bloomfield was perfectly right in characterising the Atharvaveda as follows-"on the" whole, Atharva is the bearer of tde old tradition not only in the line of the popular charms, but also to some extent, albeit slight', Its hieratic (Sacred Pertaining to priests) materials are likely to be the products of independent tradition that has cluded the collectors of the other vedas, the RigVeda not excepted." (Vedic Age P. 232)

**Bloomfield** ଅଥର୍ବବେଦ ବିଷୟରେ ଲେଖିବାକୁ ଯାଇ କହିଛନ୍ତି :— ଅଥର୍ବବେଦ ସ୍ୱରସହିତାର ଅନ୍ତର୍ଗତ ଓ ଏହା ଅନ୍ୟାନ୍ୟବେଦ ଭଳି ବହୁପୁରାତନ । ଏମିତିକି ଅଥର୍ବବେଦର ଶ୍ଳୋକ ସୂକ୍ତସମୂହ ଅତ୍ୟନ୍ତ ସୁନ୍ଦର ଓ ଗୁଣଯୁକ୍ତ ଏବଂ ଏହାରବର୍ଣ୍ଣନା ଅନାଦିକାଳର ତତ୍ତ୍ୱ ତଥା ବ୍ରହ୍ମ ବିଷୟକୁ ଅନ୍ୟାନ୍ୟ ବେଦ ଅପେକ୍ଷା ଅଧିକ ବ୍ୟାପକକରି ଗଢିତୋଳିଛି । ଏଣୁ ବେଦଗୁଡ଼ିକ ବହୁପ୍ରାଚୀନ ଓ ଏକ ସମସ୍ୱରସୃଷ୍ଟି । ମୋଟାମୋଟି ସବୁବେଦରୁ ବିଚାରକଲେ ଅଥର୍ବବେଦ ସବୁବେଦର ସାର ଓ ସମଷ୍ଟି ସ୍ୱରୂପ ଜଣାପଡ଼େ । ଏହାର ପ୍ରତ୍ୟେକ ପର୍ଯ୍ୟାୟରେ ଏକଥାର ସତ୍ୟତା ସ୍ପଷ୍ଟ ପ୍ରମାଣିତ । ଅଥର୍ବବେଦର ମନ୍ତ୍ରଗୁଡ଼ିକ ଋଗ୍‌ବେଦାଦି

ଋଗ୍‌ବେଦରେ ପରିଦୃଷ୍ଟ ହୋଇଥାଏ । ଅଥର୍ବବେଦର ମନ୍ତ୍ରଗୁଡ଼ିକ ପ୍ରାଚୀନ ବେଦରୁ କେତେକ ମନ୍ତ୍ର ସଂଗ୍ରହକରାଯାଇ ଯେଉଁ ସଂକଳନ କରାଯାଇଛି ତାହା ପରବର୍ତ୍ତି-କାଳୀନ—(ଅଥର୍ବବେଦ) । ଅଥର୍ବବେଦର ମନ୍ତ୍ରଗୁଡ଼ିକ ନୂତନବୋଲି କହିବା ଭ୍ରମାତ୍ମକ ।

**ବେଦମନ୍ତ୍ରର ଚତୁର୍ବିଧ ଅର୍ଥ :—**

ମହର୍ଷି ଦୟାନନ୍ଦ ସରସ୍ୱତୀ ବେଦମନ୍ତ୍ରର ଚତୁର୍ବିଧ ଅର୍ଥକୁ ସ୍ୱୀକାରକରିଛନ୍ତି :—

ଋଗ୍‌ବେଦେ ସର୍ବେଷାଂ ପଦାର୍ଥାନାଂ ଗୁଣପ୍ରକାଶଃକୃତୋଽସ୍ତି ।
ଯଜୁର୍ବେଦେ ବିଦିତ ଗୁଣାନାଂ ପଦାର୍ଥାନଂ ପ୍ରକାଶାତ୍ କ୍ରିୟାସ୍ୱାଽନେକା
ବିଦ୍ୟୋପକାର ଗ୍ରହଣାୟ ବିଧାନଂ କୃତମସ୍ତି ।।
ସାମବେଦେ ଜ୍ଞାନକ୍ରିୟା ବିଦ୍ୟୟୋ ଦୀର୍ଘବିଚାରେଣ ଫଲାବଧିପର୍ଯ୍ୟନ୍ତଂ
ବିଦ୍ୟାବିଗ୍ରଃଶୋ ଅନ୍ତକର୍ମଣି ।।

ଅଥର୍ବବେଦେଽପି ତ୍ରୟାଣାଂ ବେଦାନାଂ ମଧ୍ୟେ ଯୋବିଦ୍ୟା ଫଳ ବିଚୁରେ ବିହିତୋଽସ୍ତି ତସ୍ୟ ପୂର୍ତ୍ତିକରଣେନ ରକ୍ଷଣୋନ୍ନତୀ ବିହିତେ ସ୍ତଃ

(ଋଗବେଦାଦି ଭାଷ୍ୟଭୂମିକା—ପ୍ରଶ୍ନୋତ୍ତର ବିଷୟଃ)

ଅର୍ଥାତ୍ —ବେଦମନ୍ତ୍ରର ଅର୍ଥଗୁଡ଼ିକ ଋଗ୍‌ବେଦରେ ପଦାର୍ଥବିଦ୍ୟା, ଯଜୁର୍ବେଦରେ ଯଜ୍ଞପରକରୂପେ, ସାମବେଦରେ ଜ୍ଞାନ ଓ କ୍ରିୟା (କର୍ମଯୋଗ ଓ ଜ୍ଞାନଯୋଗ) ଓ ଅଥର୍ବ ବେଦରେ ଫଳସିଦ୍ଧି ରୂପେ (ଶାନ୍ତବିଦ୍ୟାଦିତନ୍ତ୍ରେ) ରୂପେ ବ୍ୟବହାର କରାଯାଇଥାଏ । ଏହି ମନ୍ତ୍ରଗୁଡ଼ିକର ପ୍ରୟୋଗ ବୈଦେଶିକ ବିଦ୍ୱାନମାନେ ନଜାଣି ବେଦଉପରେ ବିଭିନ୍ନ ଭ୍ରମାତ୍ମକମତ ବ୍ୟକ୍ତ କରିଛନ୍ତି । ଯଥା :—

ଶଂନୋଦେବୀରଭିଷ୍ଟୟ ଆପୋ ଭବନ୍ତୁ ପୀତୟେ ।।
ଶଂୟୋରଭିସ୍ରବନ୍ତୁ ନଃ ।।

ଏହିମନ୍ତ୍ରଟି ଋଗବେଦରେ **ଗୁଣାରପ୍ରତିପାଦନ**, ଯଜୁର୍ବେଦରେ **ଆଚମନାଦି କ୍ରିୟା** ଓ ଏହାର ଉପଯୋଗ, ସାମବେଦରେ **ଉପାସନା** ବିଷୟ (ପରମାତ୍ମାପରକ), ଅଥର୍ବ ବେଦରେ ଶିଳ୍ପଶାସ୍ତ୍ର, ଜଳରଉପଯୋଗ ବିଷୟରେ ଗ୍ରହଣ କରାଯାଇଥାଏ । ଏହାକୁ ନବୁଝି ଏହା ପ୍ରକ୍ଷେପବୋଲି ପାଶ୍ଚାତ୍ୟ ବିଦ୍ୱାନ୍‌ମାନେ ସ୍ୱୀକାର କରିଛନ୍ତି ।

**ପ୍ରତିପାଦ୍ୟ ବିଷୟ :—**

ଅଥର୍ବବେଦରେ ୨୦ଗୋଟି-କାଣ୍ଡ ଯେ କି ୩୮ ପ୍ରପାଠକରେ ବିଭକ୍ତ ଏହି ବେଦରେ ୭୩୧ସୂକ୍ତ ଦେଖାଯାଏ । ଏହାର ଅନୁବାକ୍ ସଂଖ୍ୟା-୧୧୧ । ବ୍ରାହ୍ମଣ କାଳରେ ହୋମାଗ୍ନି ଯାଗଯଜ୍ଞକରୁଥିବା ବ୍ରାହ୍ମଣଙ୍କୁ "ଅଥର୍ବନ୍" କୁହାଯାଉଥିଲା । ୧୪ଶତାବ୍ଦୀରେ ସାୟଣ ଏହାର ଭାଷ୍ୟକରିଥିଲେ । ଏହାରମନ୍ତ୍ର ସଂଖ୍ୟା-୫୯୭୭ ଅଟେ ।

**ଅଥର୍ବବେଦର ମୂଳମନ୍ତ୍ର :—**

ଯେ ତ୍ରିଷପ୍ତାଃ ପରିଯନ୍ତି ବିଶ୍ବରୂପାଣି ବିଭ୍ରତଃ
ବାଚସ୍ପତିର୍ବଳା ତେଷାଂ ତନ୍ୱୋ ଅଦ୍ୟଦଧାତୁମେ ॥ ଅଥର୍ବ ୧ ॥

**ବେଦର ଭାଷ୍ୟକାର**

ବହୁପ୍ରାଚୀନ ଯୁଗରୁ ବହୁ ଋଷି ବେଦର ଭାଷ୍ୟ ରଚନା କରିଛନ୍ତି । କେତେକ ଋଷି ଏକେଶ୍ବର ଓ ଅନ୍ୟକେତେକ ବହୁଦେବତାଙ୍କୁ ସ୍ୱୀକାରକରି ସେମାନଙ୍କ ଭାଷ୍ୟ ରଚନା କରିଯାଇଛନ୍ତି । ସେମାନେ ବୈଦିକ ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, ନିରୁକ୍ତ ଶାସ୍ତ୍ରଉପରେ ଭାଷ୍ୟରଚନାକରି ବୈଦିକ ଚିନ୍ତାର ପ୍ରସାର ଓ ପ୍ରଗ୍ରତ କରିଛନ୍ତି । ଅନେକ ବେଦଭାଷ୍ୟକାରଙ୍କ ବେଦଭାଷ୍ୟ ସଠିକ ମିଳନାହିଁ । ଯେଉଁମାନଙ୍କର ମିଳୁଛି ସେମାନଙ୍କ ପରିଚୟ ନିମ୍ନରେ ପ୍ରଦତ୍ତ କରାଗଲା ।

**ନାରାୟଣ :—**

ନାରାୟଣ ଋକ୍-ବେଦଭାଷ୍ୟ କରିଥିଲେ । ଋଗବେଦର ପଞ୍ଚମ ଓ ସପ୍ତମ ଅଷ୍ଟକ ଉପରେ ନାରାୟଣଙ୍କ ଭାଷ୍ୟମିଳେ । ସେ ଅଶ୍ବଲାୟନ ଶ୍ରୌତସୂତ୍ର ଉପରେ ଏକ ବୃତ୍ତି ରଚନାକରିଛନ୍ତି ତାହା ଦେଖିବାକୁ ମିଳେ ।

**ହସ୍ତାମଲକ :—**

ହସ୍ତାମଲକ ଖ୍ରୀ ୭୦୦ରେ ଋଗବେଦ ଉପରେ ଏକ ଭାଷ୍ୟ ରଚନା କରିଥିଲେ । ସେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟ ଥିଲେ । ତାଙ୍କରଭାଷ୍ୟ ଅପ୍ରକାଶିତ ହୋଇ ରହିଛି ।

**ଭେଙ୍କଟ ମାଧବ :—**

ଭେଙ୍କଟ ମାଧବ ଚୋଲଦେଶର ନିବାସୀଥିଲେ । ତାଙ୍କର 'ଋଗର୍ଥଦୀପିକା' ଭାଷ୍ୟର ପାଣ୍ଡୁଲିପି ପ୍ରାୟ ସମ୍ପୂର୍ଣ୍ଣ ଭାବରେ ମିଳିଛି । ଲାହୋରରୁ ତାହା ସ୍ୱଳ୍ପ-ପ୍ରକାଶପାଇଛି ।

**ଉଦ୍‌ଗୀଥ :—**

ସ୍କନ୍ଦ ସ୍ୱାମୀଙ୍କର ସହାୟକ ବ୍ୟାଖ୍ୟାକାର ଉଦ୍‌ଗୀଥ ଅଟନ୍ତି ! ସେ କର୍ଣ୍ଣାଟକ (ମହୀଶୂର)ର ଲୋକ ଅଟନ୍ତି, ଋଗ୍‌ବେଦର ଅନ୍ତମଣ୍ଡଳ ଉପରେ ଭାଷ୍ୟରଚନା କରିଥିଲେ ।

**ଲକ୍ଷ୍ମଣ :—**

ଲକ୍ଷ୍ମଣ ବେଦଭୂଷଣ ନାମକ ଏକ ଭାଷ୍ୟ ରଚନା କରିଥିଲେ । ଯାହା ଏପର୍ଯ୍ୟନ୍ତ ମିଳିନାହିଁ ।

**ଆତ୍ମାନନ୍ଦ :—**

ଏ ମହାଶୟ ତ୍ରୟୋଦଶ ଶତାବ୍ଦୀରେ ଋଗ୍‌ବେଦର ପ୍ରଥମମଣ୍ଡଳର ୧୬୪ ସୂକ୍ତ ଉପରେ ଭାଷ୍ୟରଚନା କରିଥିଲେ ।

**ଧାନୁଷ୍କ ଯଜ୍ୱା :—**

ଏ ମହାଶୟ ତ୍ରୟୋଦଶ ଶତାବ୍ଦୀର ବ୍ୟକ୍ତି । ସେ ଋକ୍, ସାମ, ଯଜୁଃ ଓ ସାମବେଦଉପରେ ଭାଷ୍ୟ ରଚନା କରିଥିଲେ କିନ୍ତୁ ଏପର୍ଯ୍ୟନ୍ତ ତାହା ମିଳିନାହିଁ ।

**ଆନନ୍ଦତୀର୍ଥ :—**

ଆନନ୍ଦତୀର୍ଥ ଦ୍ୱୈତବାଦୀ ମଧ୍ୱସମ୍ପ୍ରଦାୟର ବ୍ୟକ୍ତି । ଋଗ୍‌ବେଦର ପ୍ରଥମ ମଣ୍ଡଳ ୪୦ ସୂକ୍ତ ଉପରେ ସେ ଉପାଦେୟ ଭାଷ୍ୟ ରଚନା କରିଥିଲେ । ଖ୍ରୀ ୧୦୯୮ ରୁ ୧୧୬୮ ଭିତରେ ସେ ଜୀବିତ ଥିଲେ ବୋଲି ଅନୁମାନ କରାଯାଏ ।

**ଚତୁର୍ବେଦସ୍ୱାମୀ :—**

ଋଗ୍‌ବେଦର କେତେକାଂଶ ଉପରେ ସେ ଭାଷ୍ୟରଚନା କରିଛନ୍ତି, ସେ କୃଷ୍ଣ ଭକ୍ତ ଥିବାରୁ ତାଙ୍କର ସକଳଭାଷ୍ୟ କୃଷ୍ଣପରକ । ଚତୁର୍ବେଦସ୍ୱାମୀ ଷୋଳଶ ଶତାବ୍ଦୀର ବ୍ୟକ୍ତି ଥିଲେ । ତାଙ୍କ ଭାଷ୍ୟରେ କୃଷ୍ଣଙ୍କର ଗୋବର୍ଦ୍ଧନ ପର୍ବତ ଧାରଣ, କୌରବ ପାଣ୍ଡବ ଯୁଦ୍ଧ, ଏକଥା ବେଦରେ ଅଛି ବୋଲି ସେ ପ୍ରମାଣ କରି ଦେଇଛନ୍ତି । ଏହା ତାଙ୍କର ସ୍ୱତନ୍ତ୍ର କଳ୍ପନା ।

**ସାୟଣାଚାର୍ଯ୍ୟ :—**

ସାୟଣାଚାର୍ଯ୍ୟ ବିଜୟନଗରର ରାଜା ବୁକକଙ୍କର ମନ୍ତ୍ରୀଥିଲେ ସେ ବଡ଼ବିଦ୍ୱାନ ଓ ପରୋପକାରୀ ଥିଲେ । ତାଙ୍କର ସମୟ ଚତୁର୍ଦ୍ଦଶ ଶତାବ୍ଦୀ ବୋଲି ଅନୁମେୟ । ତାଙ୍କର ଋଗ୍‌ବେଦ ଭାଷ୍ୟ ଯାଜ୍ଞିକ । କେତେକ ସ୍ଥାନରେ ତାଙ୍କ ଭାଷ୍ୟରେ ସ୍କନ୍ଦ ସ୍ୱାମୀ ନାରାୟଣ ଓ ଉଦ୍‌ଗୀଥଙ୍କର ଯାଜ୍ଞିକଭାଷ୍ୟର ଆଭାସ ମିଳେ । ସାୟଣାଚାର୍ଯ୍ୟଙ୍କ ବେଦଭାଷ୍ୟ ଲୋକପ୍ରିୟ କିନ୍ତୁ ସାୟଣଙ୍କ ଭାଷ୍ୟରେ କେତେକ ବୈଦିକ ଅର୍ଥର କଦର୍ଥ ଉପାଖ୍ୟାନ ଦେଖାଯାଏ । ଏହା ତାଙ୍କ ଦ୍ୱାରା ସୃଷ୍ଟି କିମ୍ବା ଅନ୍ୟ କେଉଁ ସମୟରେ ଏହିପ୍ରକାର ଅର୍ଥକରି ତାଙ୍କ ନାମରେ ଭରି ଦିଆ ଯାଇଛି ତାହା ଏଯାଏ ଜଣାଯାଇ ନାହିଁ ।

**ରାବଣ :—**

ଅନେକ ବିଦ୍ୱାନଙ୍କ ମତ ଯେ ସାୟଣ ଭାଷ୍ୟ ହିଁ ରାବଣ ଭାଷ୍ୟ । ସେମାନେ କହନ୍ତି ଅକ୍ଷର ବିପର୍ଯ୍ୟୟ ହେତୁ ନାମର ପରିବର୍ତ୍ତନ ଘଟିଛି । ମଲ୍ଲିନାଙ୍କ ଲେଖାରୁ ଜଣାଯାଏ ରାବଣ କୃତ ବେଦଭାଷ୍ୟ ଅତିଉପାଦେୟ । ରାବଣ ଯଜୁର୍ବେଦ ଉପରେ ଭାଷ୍ୟ ରଚନା କରିଥିଲେ ବୋଲି ପ୍ରମାଣ ମିଳେ । ସେ ଋଗ୍‌ବେଦର ପଦପାଠ ବି କରିଛନ୍ତି । ବାଲ୍ମୀକି ରାମାୟଣରୁ ଜଣାଯାଏ ରାବଣ ଜଣେ ବେଦ ବିଦ୍ୱାନ ଥିଲେ । ସେ ବେଦ, ଦର୍ଶନଶାସ୍ତ୍ର ଉପରେ ପାରଙ୍ଗମ ଥିଲେ । ସାୟଣ ଓ ରାବଣ ବାସ୍ତବରେ ଏକବ୍ୟକ୍ତି ନୁହଁନ୍ତି ।

**ଭବସ୍ୱାମୀ :—**

ଭଟ୍ଟଭାସ୍କର ମିଶ୍ରଙ୍କ ଭାଷ୍ୟରୁ ଜଣାପଡ଼େ ଭବସ୍ୱାମୀ କୃଷ୍ଣଯଜୁର୍ବେଦଉପରେ ଭାଷ୍ୟ କରିଥିଲେ ।

**ଭଟଭାସ୍କର :—**

ସାୟଣ ଏବଂ ଦେବରାଜ ଯଜ୍ୱା ଭଟ୍ଟଭାସ୍କରଙ୍କୁ ବାରମ୍ବାର ଉଦ୍ଧାର କରିଛନ୍ତି ତାଙ୍କ ଭାଷ୍ୟର ନାମ ଜ୍ଞାନଯଜ୍ଞ । ସେ ୧୧ଶ ଶତାବ୍ଦୀର ବ୍ୟକ୍ତିଥିଲେ ।

**ଗୁହଦେବ :—**

ଦେବରାଜ ଯଜ୍ୱା ନିଘଣ୍ଟୁରେ ଗୁହଦେବ କୃତ ବେଦଭାଷ୍ୟର ଉଲ୍ଲେଖ କରିଛନ୍ତି । ଏହା ବ୍ୟତିତ କୃଷ୍ଣ ଯଜୁର୍ବେଦ ଉପରେ, କ୍ଷୁର, ସାୟଣ, ବେଙ୍କଟେଶ, ବାଲକୃଷ୍ଣ, ଶତ୍ରୁଘ୍ନଙ୍କର ଭାଷ୍ୟଦେଖାଯାଏ । ଏଥିରୁ କେତେ ପ୍ରକାଶିତ ଓ ଅନ୍ୟ କେତେ ଅପ୍ରକାଶିତ ।

**ଶୁକ୍ଳ ଯଜୁର୍ବେଦ :— (ମାଧ୍ୟନ୍ଦିନ ଶାଖା)**

ମାଧ୍ୟନ୍ଦିନ ସଂହିତା ୩୧ ଅଧ୍ୟାୟ ଉପରେ ଶୌନକ ଭାଷ୍ୟ ରଚନା କରିଥିଲେ । ସେଥିରେ ବୈଷ୍ଣବମତ ଦେଖାଯାଏ । ଉଭଟ ଓ ମହୀଧର ଶୁକ୍ଳ ଯଜୁର୍ବେଦ ଉପରେ ଚମତ୍କାର ଭାଷ୍ୟ ରଚନା କରିଥିଲେ ତାହା ଅତି ଲୋକପ୍ରିୟ ।

**ମହୀଧର :—**

ମହୀଧର ୧୬ଶ ଶତାବ୍ଦୀର ବ୍ୟକ୍ତି ତାଙ୍କର ଭାଷ୍ୟର ନାମ "ବେଦଦୀପ" । ତାଙ୍କର ଭାଷ୍ୟ ଯଜ୍ଞପରକ । ଏହା ବ୍ୟତୀତ ମାଧ୍ୟନ୍ଦିନ ସଂହିତା ଉପରେ ରାବଣ ଓ ସ୍ୱାମୀ ଦୟାନନ୍ଦଙ୍କ ଭାଷ୍ୟ ଦେଖାଯାଏ ।

**ଉଭଟ, :—**

ଉଭଟ ୧୧ଶ ଶତାବ୍ଦୀର ବ୍ୟକ୍ତି । ଋକ୍ ପ୍ରାତିଶାଖ୍ୟ ଏବଂ ଯଜୁଃପ୍ରାତିଶାଖ୍ୟ ଭାଷ୍ୟ ବ୍ୟତୀତ ଉଭଟଙ୍କର ମାଧ୍ୟନ୍ଦିନ ଭାଷ୍ୟ ଅତି ଚମତ୍କାର । ଉଭଟ ଅଧିଦୈବିକ । ମହୀଧର ଓ ଶତ୍ରୁଘ୍ନଙ୍କୁ ମଧ୍ୟ ଉଭଟ ଭାଷ୍ୟ ପ୍ରଭାବିତ କରିଛି ।

**ଗୋବିନ୍ଦ ସ୍ୱାମୀ :—**

ଦେବରାଜ, ଯଜ୍ୟାନ, ଇତ୍ୟାଦି ବିଦ୍ୱାନମାନେ ଋଗ୍‌ବେଦଉପରେ ଭାଷ୍ୟ-ରଚନା କରିଥିଲେ ଶୁକ୍ଳଯଜୁର୍ବେଦ (କାଣ୍ୱସଂହିତା)

ହାସ୍ତଣ-କାଣ୍ୱ ସଂହିତାର ୨୦ ଅଧ୍ୟାୟ ଯାଏ ହାସ୍ତଣାଚାର୍ଯ୍ୟ ଭାଷ୍ୟରଚନା କରିଛନ୍ତି । ତାଙ୍କର ଭାଷ୍ୟ ଅତି ଚମତ୍କାର ଓ ଜନପ୍ରିୟ ।

**ଅନନ୍ତାଚାର୍ଯ୍ୟ :—**

ଅନନ୍ତାଚାର୍ଯ୍ୟ କାଶୀରେ ରହୁଥିଲେ । ସେ କାଣ୍ୱସଂହିତାର ୨୧ଶରୁ ୪୦ ଅଧ୍ୟାୟ ଉପରେ "**ଭାବାର୍ଥ ଦୀପିକା**" ନାମକ ଏକ ବେଦଭାଷ୍ୟ ରଚନା କରିଛନ୍ତି । ସେ ଶତପଥ ବ୍ରାହ୍ମଣ ଓ ଯଜୁଃପ୍ରାତିଶାଖ୍ୟ ଉପରେ ଭାଷ୍ୟରଚନା କରିଛନ୍ତି ।

**ହଲାୟୁଧ :—**

ବ୍ରାହ୍ମଣ ସର୍ବସ୍ୱ ନାମକ ଏକ ଭାଷ୍ୟ ହଲାୟୁଧ କରିଥିଲେ କିନ୍ତୁ ଏହା ସମ୍ପୂର୍ଣ୍ଣ ମିଳନାହିଁ । ଭାଷ୍ୟକାରଙ୍କ ଅନ୍ୟପୁସ୍ତକ ଟୀକାଗୁଡ଼ିକ ।

**ଆନନ୍ଦବୋଧ :—**

କାଣ୍ୱସଂହିତା ଉପରେ ଆନନ୍ଦବୋଧ ଭାଷ୍ୟରଚନା କରିଛନ୍ତି ଏହି ଗ୍ରନ୍ଥର ନାମ "କାଣ୍ୱବେଦମନ୍ତ୍ର ଭାଷ୍ୟ ସଂଗ୍ରହ "ଏହି ଗ୍ରନ୍ଥଟି ଏଯାଏ ମିଳନାହିଁ ।

**—ସାମବେଦ—**

**ଭରତସ୍ୱାମୀ :—**

ତ୍ରୟୋଦଶ ଶତକରେ ଭରତସ୍ୱାମୀ ସାମବେଦ ଉପରେ "ସାମଭାଷ୍ୟ" କରିଥିଲେ । ମାଧବଙ୍କଭାଷ୍ୟ ଭରତସ୍ୱାମୀଙ୍କର ଭାଷ୍ୟ ଉପରେ ପ୍ରଭାବ ପକାଇଛିବୋଲି ପ୍ରତିସ୍ତମାନ ହୁଏ ।

**ମାଧବ :—**

ସ୍କନ୍ଦସ୍ୱାମୀଙ୍କର ସହକାରୀ ଭାଷ୍ୟକାରବୋଲି ଅନେକ ବେଦବିଦ୍ୱାନଙ୍କ ମତ । ସ୍କନ୍ଦସ୍ୱାମୀ ଭାଷ୍ୟ ଓ ମାଧବଙ୍କ ଭାଷ୍ୟରେ ସମାନତା ଦେଖାଯାଏ । "ସାମବିବରଣ" ତାଙ୍କର ଟୀକାର ନାମ ସେ ସପ୍ତମ ଶତକର ବ୍ୟକ୍ତିଥିଲେ ।

**ଅଥର୍ବବେଦ (ଶୌନକ ସଂହିତା)**

**ସାୟଣାଚାର୍ଯ୍ୟ :—**

ଆଚାର୍ଯ୍ୟ ସାୟଣାଚାର୍ଯ୍ୟ ଅଥର୍ବବେଦ ଉପରେ ଭାଷ୍ୟରଚନା କରିଛନ୍ତି । ତଟିଟି ବେଦଭାଷ୍ୟପରେ ସେ ଏହି ବେଦଭାଷ୍ୟ କରିଥିଲେ ।

**ଆଧୁନିକ ଭାଷ୍ୟକାର :—**

**ସ୍ୱାମୀ ଦୟାନନ୍ଦ ସରସ୍ୱତୀ :—**

ଅଧୁନିକ ବେଦଭାଷ୍ୟକାର ସ୍ୱାମୀ ଦୟାନନ୍ଦ ଖ୍ରୀ ୧୮୭୭ରେ ଋଗ୍‌ବେଦ ଉପରେ ଭାଷ୍ୟ ରଚନା କରିଥିଲେ ।

ଏକେଶ୍ୱର ବାଦଉପରେ ତାଙ୍କର ବିଶ୍ୱାସଥିଲା । ବେଦନାମରେ ପ୍ରଚ୍ଛନ୍ନ କୁସଂସ୍କାର ସେ ଗ୍ରହଣ ନକରି ତାର ବାସ୍ତବଅର୍ଥକୁ ସମାଜରେ ପ୍ରତିପାଦନ କରିବାକୁ ସେ ଚେଷ୍ଟାକରିଥିଲେ । ସେ ବୈଦିକ ସାହିତ୍ୟ ଓ ଭାରତୀୟ ସଂସ୍କୃତିକୁ ବଞ୍ଚାଇରଖିବାପାଇଁ 'ଆର୍ଯ୍ୟସମାଜ' ନାମରେ ଏକବେଦାନୁକୂଳବୁଦ୍ଧିଜୀବୀ ସମାଜ ଗଠନ କରିଥିଲେ । ସେ ଋଗ୍‌ବେଦାଦି ଭାଷ୍ୟଭୂମିକା ଓ ସତ୍ୟାର୍ଥପ୍ରକାଶ ପୁସ୍ତକରେ ବେଦବିଶ୍ୱର ଶ୍ରେଷ୍ଠ ପ୍ରାଚୀନତମ ଗ୍ରନ୍ଥବୋଲି ପ୍ରତିପାଦନ କରିଛନ୍ତି । ସ୍ୱାମିଜୀଙ୍କର ଚମତ୍କାର ଭାଷ୍ୟକୁ ପଢି ସ୍ୱାମୀ ଅରବିନ୍ଦ କହିଥିଲେ :—

**I will add my own conviction that veda conviction other truths of science which the modern world doesnot possest at all.**

**ବେଦରେ ହାସ୍ୟରସ :—**

ବେଦରେ ହାସ୍ୟରସର ସୂଚନାମିଳେ । ମୁଖ୍ୟତଃ କର୍ମଫଳ ଭୋଗୁଥିବା ଆତ୍ମା (ବାସୁର୍ଯ୍ୟ) କର୍ମଫଳ ଭୋଗକରୁନଥିବା ପରମାତ୍ମାଙ୍କୁ ପ୍ରଫୁଲ୍ଲତାସହ ସୂର୍ଯ୍ୟରୂପି ଆତ୍ମା ପରମାତ୍ମାଙ୍କସହ ଅପ୍ରାକୃତ ପ୍ରେମମୟଆନନ୍ଦରେ ମଗ୍ନହୋଇ ପ୍ରଫୁଲ୍ଲତା ଅନୁଭବକରେ । ଏହା ବ୍ୟତୀତ ଅସାଧୁମାନଙ୍କପ୍ରତି (କୌତୁକପୂରିତ ହସରେ) ସେମାନଙ୍କଠାରୁ ଦୂରରେ ରହିବାକୁ ଓ ତାଙ୍କର କୁକର୍ମକୁ ନିନ୍ଦାକରି କୌତୁକ ହସର ସୂତ୍ରପାତ ଅଥର୍ବବେଦରେ ଦେଖିବାକୁ ମିଳେ । ଏହାବ୍ୟତୀତ ଦନ୍ତ, ଉନ୍ମିଳିତ, ହସର ସୂଚନା ବ୍ରାହ୍ମଣଗ୍ରନ୍ଥରେ ଦେଖାଯାଏ ।

# ପୃଥିବୀର ଆୟୁ ଓ ବେଦର ବୟସ ନିରୂପଣ

ବେଦର ସ୍ୱରୂପ ଅତି ଗମ୍ଭୀର । ଏହା ଜ୍ଞାନ, କର୍ମ, ଉପାସନା ଏହି ତିନୋଟି ସଂଜ୍ଞା ଉପରେ ଆଧାରିତ । କେହି ବେଦର ବୟସ ଓ ପୃଥିବୀର ଆୟୁ ସଠିକ ଭାବରେ ନିର୍ଣ୍ଣୟ କରିପାରି ନାହାଁନ୍ତି । ଯେଉଁ ବିଦ୍ୱାନମାନେ ସେମାନଙ୍କ ମତ ବ୍ୟକ୍ତ କରିଛନ୍ତି ସେମାନଙ୍କର ମତଗୁଡ଼ିକ ପରସ୍ପର ବିରୋଧ । ଆନୁମାନିକ ଭାବରେ ସେମାନେ ସେମାନଙ୍କର ମତ ବ୍ୟକ୍ତ କରିଛନ୍ତି । ଯାହାର ସତ୍ୟତା ଆଦ୍ୟାବଧି ଯାଏ ଆବିଷ୍କାର କରାଯାଇ ପାରିନାହିଁ । ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡକ୍ଟର H.G. Wellsଙ୍କ ମତରେ ଦୁଇଶହ ମିଲିୟନ ବର୍ଷ ପୂର୍ବେ ପୃଥିବୀ ସୂର୍ଯ୍ୟଠାରୁ ଜନ୍ମଲାଭ କରିଥିଲା । ସେ ଗଣିତ ବିଦ୍ୟାକୁ ଆଶ୍ରୟକରି ସ୍ୱରଚିତ ପୁସ୍ତକ "The out line History" ରେ ଲେଖିଛନ୍ତି :—

"Astoronomers and Mathematicans give us 200 Million years as the age of the body separate from the sun.

ଏହା ବ୍ୟତୀତ Science Past and Preient" ପୁସ୍ତକରେ Sher Wood taylor ଲେଖିଛନ୍ତି :—

Seme good evidence that the realage of the earth is two or three thousand Milion years has been supplied by the study of the Proportions of Vranium and an isotope of lead (in to which it slowly changes) in the various rocks.

The weight of scientific evidence is againest an in finitely extended past, But the part which we formerly reckoned as six 1800 Million and may be far longer.

ଡକ୍ଟର william Rose ନାମକ ଜଣେ ବିଦ୍ୱାନ ତାଙ୍କ ସୁପ୍ରସିଦ୍ଧ ପୁସ୍ତକ "An out line of Modern knowledge" ରେ ଲେଖିଛନ୍ତି :—

The age of the earth is about two thousand Million year.

ଅତ୍ୟାଧୁନିକ ବୈଜ୍ଞାନିକ ତଥା ବିଦ୍ୱାନ "Lecomte Dunouy, ତାଙ୍କ Human Destiny ପୁସ୍ତକରେ ଲେଖିଛନ୍ତି

"Our globe must be about two thousand Million years old and can in no case be much oldet.

# ବେଦରେ ରାଜନୀତି ବିଜ୍ଞାନ

ରାଜଧର୍ମାନ୍ ପ୍ରବକ୍ଷ୍ୟାମି ଯଥାବୃତ୍ତୋ ଭବେନ୍ନୃପ
ସମ୍ଭବଶ୍ଚ ଯଥା ତସ୍ୟ ସିଦ୍ଧିଶ୍ଚ ପରମା ଯଥା । ୧
ବ୍ରାହ୍ମଂ ପ୍ରାପ୍ତେନ ସଂସ୍କାରଂ କ୍ଷତ୍ରିୟେଣ ଯଥାବିଧି
ସର୍ବସ୍ୟାସ୍ୟ ଯଥାନ୍ୟାୟଂ କର୍ତ୍ତବ୍ୟଂ ପରିରକ୍ଷଣମ୍ ।
ମନୁ । ୭ । ୧ । ୨ ।

ମନୁ ମହର୍ଷି ଋଷିମାନଙ୍କ ଆଗରେ ଏହି କଥା କହିଅଛନ୍ତି—

ଚାରିବର୍ଣ୍ଣ ଚାରିଆଶ୍ରମର କଥା କହିବା ପରେ ବର୍ତ୍ତମାନ ରାଜଧର୍ମ କଥା କହିବି । କିଏ ରାଜା ହେବା ଉଚିତ, ସେ କିପରି ନିର୍ବାଚିତ ହେବେ, ପୁଣି ରାଜନୀତିରେ ସେ କିପରି ସିଦ୍ଧିଲାଭ କରିବେ ଏହି ସମସ୍ତ ବିଷୟ କହିବି । ବ୍ରାହ୍ମଣ ପରି ଯେଉଁ କ୍ଷତ୍ରିୟ ବିଦ୍ୱାନ ଅଟନ୍ତି ପୁଣି ଶିକ୍ଷା ସଭ୍ୟତା ଓ ଧର୍ମାଚରଣରେ ବ୍ରାହ୍ମଣ ସମାନ ହୁଅନ୍ତି, ସେହି କ୍ଷତ୍ରିୟ ରାଜା ହୋଇ ନ୍ୟାୟରେ ରାଜ୍ୟ ପାଳନ କରନ୍ତୁ ।

ତଂ ସଭା ଚ ସମିତିଶ୍ଚ ସେନା ଚ ।
ଅଥର୍ବ କା । ଅନୁ ୨ । ବଂ ୯ । ମ ୨ ।
ସଭ୍ୟ ସଭାଂ ମେ ପାହି ଯେ ଚ ସଭ୍ୟା ସଭାସଦଃ ।
ଅଥର୍ବ କାଂ ୧୯। ଅନୁ ୭ । ବଂ ୫୫ । ମ ୬ ।

ତିନି ପ୍ରକାର ସଭା-ଅର୍ଥାତ୍-ବିଦ୍ୟାର୍ଯ୍ୟ ସଭା, ଧର୍ମାର୍ଯ୍ୟ ସଭା ଓ ରାଜାର୍ଯ୍ୟ

ସଭା ! ଏହି ପ୍ରତ୍ୟେକ ସଭା-ପ୍ରଜାମାନଙ୍କୁ ସୁଶିକ୍ଷା, ଧର୍ମ, ଧନ, ସ୍ୱାତନ୍ତ୍ର୍ୟ ଆଦି ଦାନକରି ପ୍ରଜାମାନଙ୍କର ପ୍ରୀତିଭାଜନ ହୋଇପାରିବ । ପ୍ରଜାମାନଙ୍କଠାରୁ ଯଦି ରାଜବର୍ଗ ସ୍ୱତନ୍ତ୍ର ସ୍ୱାଧୀନ ରହନ୍ତି ତେବେ ସେ ରାଜ୍ୟରେ ନାନା ଅତ୍ୟାଚାର କରନ୍ତି । ତେଣୁ ରାଜ୍ୟରେ କୌଣସି ଲୋକକୁ ସ୍ୱେଚ୍ଛାଚାରୀ ବା ସ୍ୱତନ୍ତ୍ର ଅଧିକାରୀ ହେବାକୁ ଦେବା ଉଚିତ ନୁହେଁ ।

ଆହୁରି ମଧ୍ୟ ତିନପ୍ରକାର ସଭା ସମ୍ବନ୍ଧରେ ବେଦରେ ଏହି ପ୍ରକାର ଉଲ୍ଲେଖ ଅଛି—

'ତ୍ରୀଣି ରାଜାନା ବିଦଥେ ପୁରୂଣି ପରି ବିଶ୍ୱାନି ଭୂଷଥଃ ସଦାଂସି' । (ଋ° ମ° । ୩ । ସୂ° ୩୮ । ମ°)

ଉଲ୍ଲେଖିତ ତିନପ୍ରକାର ସଭା ମଧ୍ୟରେ ସଂଗ୍ରାମ ବ୍ୟବସ୍ଥାପକ ସଭାଟି ରାଜାର୍ଯ୍ୟ ସଭାର ଅନ୍ତର୍ଗତ । ଏହି ବ୍ୟବସ୍ଥାପକ ସଭାରେ ସମସ୍ତ ସେନା ଏକତ୍ରୀତ ହୋଇ ଏକମନରେ ରାଜ୍ୟପାଳନ କରିବେ । ରାଜା ସଭାସଦ୍‌ମାନଙ୍କୁ କହିବେ କିମ୍ବା ଶପଥ ପାଠ କରାଇ କହିବେ—"ହେ ମୁଖ୍ୟ ; ତୁମ୍ଭେ ଆମ୍ଭ ସଭାର ଧର୍ମଯୁକ୍ତ ବ୍ୟବସ୍ଥାକୁ ପାଳନ କରିବ, ହେ ସଭ୍ୟମାନେ ! ଏହାର ଅଭିପ୍ରାୟ ଏହିଯେ କୌଣସି ଏକ ବ୍ୟକ୍ତିକୁ ସ୍ୱତନ୍ତ୍ର ରାଜ୍ୟପାଳନ ଅଧିକାର ଦିଆଯିବ ନାହିଁ । ସଭାପତି, ରାଜା ଓ ସଭା ପରସ୍ପର ଅଧୀନରେ ରହିବେ । ରାଜା ଓ ସଭା ପ୍ରଜାମାନଙ୍କର ଅଧୀନ ହୋଇରହିବେ । ରାଜା ସଭାର ଅଧୀନ ହୋଇ ରାଜ୍ୟ ଶାସନ କରିବେ । ପ୍ରଜାବର୍ଗର ପ୍ରତିନିଧିମାନେ ରାଜକାର୍ଯ୍ୟରେ ରାଜାଙ୍କୁ ସାହାଯ୍ୟ କରିବେ ।

ଇନ୍ଦ୍ରୋ ଜୟାତି ନ ପରା ଜୟାତା ଅଧିରାଜୋ
ରାଜସୁ ରାଜୟାତୈ
ଚ କୃତ୍ୟ ଇଡ୍ୟୋ ବନ୍ଦ୍ୟଶ୍ଚୋପ,
ସଦ୍ୟୋ ନମସ୍ୟୋ ଭବେହ୍ୟାଃ (ଅଥର୍ବ ବେଦ)

ଯେଉଁ ନେତା ବା ବିଦ୍ୱାନ ଅତି ଐଶ୍ୱର୍ଯ୍ୟବାନ୍, ପ୍ରଭାବଶାଳୀ, ଶତ୍ରୁମାନଙ୍କୁ ସହଜରେ ଜ୍ଞାନ ଓ ବାସ୍ତବ ରାଜନୀତିବଳରେ ପରାସ୍ତ କରେ ସେ ଧର୍ମବନ୍ତ ରାଜା ମାନଙ୍କ ଉପରେ ପ୍ରଧାନ ରାଜା ଅଟେ । ସେ ସଭାପତି ହେବାକୁ ଯୋଗ୍ୟ ମଧ୍ୟ ଅଟେ । ଯେଉଁ ବ୍ୟକ୍ତି ବିଦ୍ୱାନ ଓ ସମଦର୍ଶୀ, ଧର୍ମପରାୟଣ ସେହି ବ୍ୟକ୍ତିକୁ ସଭାପତି କିମ୍ବା ଚକ୍ରବର୍ତ୍ତୀରୂପେ ମନୋନୟନ କଲେ ପ୍ରଜାମାନଙ୍କର ରାଜକାର୍ଯ୍ୟ ବଳିଷ୍ଠ

ହୁଏ । ସେ ପ୍ରଜାମାନଙ୍କର ସ୍ୱାର୍ଥ ଓ ରାଜ୍ୟରକ୍ଷା ପାଇଁ ସାମରିକ ବାହିନୀ ନିଯୁକ୍ତ କରି ପ୍ରଜା ଓ ରାଜକୋଷକୁ ସୁରକ୍ଷିତ କରି ରଖନ୍ତି । ଅର୍ଥ ଓ ଜ୍ଞାନ ରାଜ୍ୟ ଓ ସମାଜର ଚିର ସହାୟକ । ଏଣୁ ଏହାକୁ ରକ୍ଷଣାବେକ୍ଷଣ କରିବା ପାଇଁ ଓ ଶତ୍ରୁମାନଙ୍କୁ ଦମନ କରି ନିଜର ରାଜ୍ୟ, ରାଜକୋଷ ଓ ସ୍ୱାଧୀନତା ଅକ୍ଷୁର୍ଣ୍ଣ ରଖିବା ପାଇଁ ଧନୁର୍ବେଦର ସାହାଯ୍ୟ ଅତ୍ୟାବଶ୍ୟକ । ଏଣୁ ସେମାନେ

ସ୍ଥିରା ବଃ ସନ୍ତ୍ୱାୟୁଧା ପରାଣୁଦେ ବୀଳୁ ଉତ ପ୍ରତିଷ୍କଭେ
ଯୁଷ୍ମାକମସ୍ତୁ ତବିଷୀ ପନୀୟସୀ ମା ମର୍ତ୍ତ୍ୟସ୍ୟ ମାୟିନଃ
(ଋଗ୍ ୧ । ସୂ ୩୯ । ମ ୧ ।

ବେଦରେ ଅଛି ହେ ରାଜପୁରୁଷମାନେ ! ତୁମ୍ଭମାନଙ୍କର ଆଗ୍ନେୟାଦି ଅସ୍ତ୍ର, ଶତଘ୍ନୀ, ଅର୍ଥାତ୍ ତୋପ ଭୁଷଣ୍ଡୀ ଅର୍ଥାତ (ବନ୍ଧୁକ) ଧନୁର୍ବାଣ, ଖଣ୍ଡା ଇତ୍ୟାଦି ଶସ୍ତ୍ରମାନ ଶତ୍ରୁମାନଙ୍କୁ ନାଶ କରିବାରେ ଦରକାର ହେବ । ତୁମ୍ଭର ସେନା ଏହାକୁ ଧାରଣ କରି ପ୍ରଶଂସିତ ଓ ବିଜୟୀ ହେବେ । ଯେଉଁମାନେ ନିନ୍ଦିତ କର୍ମ କରନ୍ତି ସେମାନେ ପ୍ରଶଂସିତ ହୁଅନ୍ତି ନାହିଁ । ରାଜ୍ୟଶାସନ ପାଇଁ ତିନୋଟି ସଭା ପ୍ରତିଷ୍ଠିତ ହୁଏ ଯଥା:—ବିଦ୍ୟାସଭା, ଧର୍ମସଭା ଓ ରାଜସଭା । ଅତିଜ୍ଞାନୀ-ମହିତ ବିଦ୍ୱାନ୍ ଲୋକଙ୍କୁ ବିଦ୍ୟାସଭା ଓ ଧର୍ମଯୁକ୍ତ ଜ୍ଞାନୀ ଲୋକଙ୍କୁ ଧର୍ମସଭା ଓ ଜ୍ଞାନୀ ଧାର୍ମିକ ଓ ପ୍ରଶଂସିତ ସମଦର୍ଶୀ ଲୋକଙ୍କୁ ରାଜସଭାର ସଦସ୍ୟ କରିବାକୁ ହେବେ । ଯେଉଁ ବ୍ୟକ୍ତି ସବୁଥିରେ ଦକ୍ଷ ସେହି ବ୍ୟକ୍ତିଙ୍କୁ ସଭାପତି ରୂପେ ମାନିବାକୁ ହେବ । ଏହି ତିନୋଟି ସଭା ଏକମନରେ ସମସ୍ତ ରାଜ୍ୟ ଶାସନ କରିବେ । ରାଜା, ପ୍ରଜା ସମସ୍ତେ ଉକ୍ତ ବ୍ୟବସ୍ଥାନୁସାରେ ଚାଲିବେ । ସର୍ବଲୋକ ହିତକର କାର୍ଯ୍ୟରେ ପ୍ରତ୍ୟେକ ଲୋକ ସମ୍ମତ ହେବେ । ବହୁ ଲୋକଙ୍କର ଉପକାର ପାଇଁ ଯେଉଁ ବ୍ୟବସ୍ଥା କରାଯାଏ ତାହା ପ୍ରତ୍ୟେକ ବ୍ୟକ୍ତି ଗ୍ରହଣ କରିବା ଉଚିତ । କିନ୍ତୁ ବ୍ୟକ୍ତିଗତ ବିଷୟରେ ଯେଉଁ ଯେଉଁ ଇଚ୍ଛାନୁସାରେ ପ୍ରତ୍ୟେକ ଲୋକ ସ୍ୱତନ୍ତ୍ର ରହିବେ ।

ଯେ ବିଦ୍ୟୁତ୍ ସମାନ ସକଳ ଐଶ୍ୱର୍ଯ୍ୟ-ଦାତା, ବାୟୁ ସମାନ ଲୋକଙ୍କର ପ୍ରାଣପରି ପ୍ରିୟ ଲୋକମାନଙ୍କର ହୃଦୟ କଥା ଜାଣିପାରନ୍ତି, ଯମ ସମାନ ନିଷ୍ପକ୍ଷପାତ ବ୍ୟବହାର କରନ୍ତି, ସୂର୍ଯ୍ୟ ସମାନ ନ୍ୟାୟ, ଧର୍ମ ଓ ବିଦ୍ୟାରୂପ ଆଲୋକ ପ୍ରକାଶ କରନ୍ତି ଏବଂ ଅବିଦ୍ୟା ଓ ଅନ୍ୟାୟରୂପ ଅନ୍ଧକାରକୁ ଦୂରକରନ୍ତି, ଅଗ୍ନି ସମାନ ଦୁଷ୍ଟଙ୍କୁ ଧ୍ୱଂସ କରନ୍ତି, ବରୁଣ ସମାନ ଦୁଷ୍ଟ ଜୀବକୁ ଆବଦ୍ଧ କରି ରଖନ୍ତି, ଶ୍ରେଷ୍ଠ ଲୋକମାନଙ୍କୁ ଚନ୍ଦ୍ର ସମାନ ଆନନ୍ଦ ଦିଅନ୍ତି, ଧନାଧ୍ୟକ୍ଷ ପରି ଧନରେ ଭଣ୍ଡାର ପୂର୍ଣ୍ଣ

ରଖନ୍ତି ସେହି କେବଳ ରାଜ୍ୟର ରାଜା ବା ରାଜସଭାର ସଭାପତି ହୋଇପାରନ୍ତି । ଯେ କି ସୂର୍ଯ୍ୟପରି ପ୍ରତାପୀ ଅର୍ଥାତ୍ ନିଜର ପ୍ରଭାବ ଦ୍ୱାରା ଲୋକଙ୍କର ବାହାର ଭିତର ଉତ୍ତମ କରିପାରନ୍ତି । ଯାହାକୁ ଜଗତରେ କେହି ହେଲେ ତୀବ୍ର ଦୃଷ୍ଟିରେ ଚାହିଁ ପାରନ୍ତି ନାହିଁ ପୁଣି ଯେ କି ଅଗ୍ନି, ବାୟୁ, ସୋମ, ସୂର୍ଯ୍ୟ ସମାନ ପ୍ରକାଶକ, ଧନ ଓ ଧର୍ମବର୍ଦ୍ଧକ ଦୁଷ୍ଟ ସଂହାରକ ଓ ଅତ୍ୟନ୍ତ ଐଶ୍ୱର୍ଯ୍ୟଶାଳୀ ହେବେ ସେହି ବ୍ୟକ୍ତି କେବଳ ସଭାଧକ୍ଷ, ସଦସ୍ୟ ହେବାକୁ ଯୋଗ୍ୟ ଅଟନ୍ତି । କୌଣସି ଏକ ରାଜଦଣ୍ଡ ଧାରଣ କଲେ ଅତି ନିଷ୍ଠାପର ସହିତ ନ୍ୟାୟପୂର୍ଣ୍ଣ କାର୍ଯ୍ୟ କରିବାକୁ ପଡ଼େ । ଏଣୁ ଦୁଷ୍ଟଲୋକଙ୍କ ପାଇଁ ଦଣ୍ଡବିଧାନ କରି ସାଧୁ ପୁରୁଷମାନଙ୍କ ଜୀବନଯାତ୍ରା ଶୃଙ୍ଖଳିତ କରିବାକୁ ପଡ଼ିଥାଏ ।

**ସ ରାଜା ପୁରୁଷୋ ଦଣ୍ଡଃ ସ ନେତା ଶାସିତା ଚ ସଃ**
**ଚତୁର୍ଣ୍ଣା ମାଶ୍ରମାଣାଂ ଚ ଧର୍ମସ୍ୟ ପ୍ରତିଭୂଃ ସ୍ମୃତଃ ।୧**
**ଦଣ୍ଡଃଶାସ୍ତି ପ୍ରଜାଃସର୍ବା ଦଣ୍ଡ ଏବାଭିରକ୍ଷତି**
**ଦଣ୍ଡଃ ସୁପ୍ତେଷୁ ଜାଗର୍ତ୍ତି ଦଣ୍ଡଂ ଧର୍ମଂ ବଦୁର୍ବୁଧାଃ । ମନୁ ୭**

ଯେ ଦଣ୍ଡ ସେହି ପୁରୁଷ, ସେହି ରାଜା, ସେହି ନ୍ୟାୟକର୍ତ୍ତା ନେତା, ଶାସନକର୍ତ୍ତା ଅଟେ । ସେହି କେବଳ ଚାରିବର୍ଣ୍ଣ ଓ ଚାରି ଆଶ୍ରମ ଧର୍ମର ପ୍ରତିଭୂ (ଜାମିନ୍) ସ୍ୱରୂପ ଅଟେ । ଦଣ୍ଡହିଁ ପ୍ରଜାମାନଙ୍କର ଶାସନ କର୍ତ୍ତା, ପ୍ରଜାମାନଙ୍କର ରକ୍ଷକ, ପ୍ରଜାମାନେ ଶୋଇଥା'ନ୍ତି ଦଣ୍ଡ କେବଳ ଜାଗ୍ରତ ଥାଏ । ଏହିହେତୁ ବୁଦ୍ଧିମାନ ଲୋକ ଦଣ୍ଡକୁ ଧର୍ମ କହନ୍ତି । ଉତ୍ତମ ବିଚାର ପୂର୍ଣ୍ଣ ପୂର୍ବକ ଯେଉଁ ଦଣ୍ଡ ବିଧାନ କରାଯାଏ ତାହା ପ୍ରଜାମାନଙ୍କର ମଙ୍ଗଳ ବର୍ଦ୍ଧକ ହୁଏ । ପୁଣି ଅବିଚାରରେ ତାହା ପ୍ରଜାଙ୍କୁ ରାଜା ସହ ବିନଷ୍ଟ କରିଥାଏ । ମନୁ କହିଛନ୍ତି ଯେଉଁ ସ୍ଥାନରେ କୃଷ୍ଣବର୍ଣ୍ଣ ରକ୍ତ ନେତ୍ର ଭୟଙ୍କର ଦଣ୍ଡ ବିରାଜମାନ ଥାଏ ପୁଣି 'ଦଣ୍ଡଧାରୀ ବ୍ୟକ୍ତି ନିଷ୍ପକ୍ଷପାତ ରହନ୍ତି ସେହି ସ୍ଥାନରେ ଲୋକମାନେ ପାପକର୍ମରୁ ନିବୃତ୍ତ ରୁହନ୍ତି ଏବଂ ସୁଖଶାନ୍ତି ଲାଭ କରନ୍ତି ।

**ଯତ୍ର ଶ୍ୟାମୋ ଲୋହିତାକ୍ଷୋ ଦଣ୍ଡଶ୍ଚରତି ପାପହା**
**ପ୍ରଜାସ୍ତତ୍ର ନ ମୁହ୍ୟନ୍ତି ନେତାଚେତ୍ସାଧୁ ପଶ୍ୟତି । ମନୁ ୭**

ପ୍ରଧାନ ସେନାଧକ୍ଷ, ପ୍ରଧାନ ରାଜ୍ୟାଧିକାରୀ, ଦଣ୍ଡ ବିଧାନର ପ୍ରଧାନ ବ୍ୟବସ୍ଥାପକ ଏବଂ ସମସ୍ତଙ୍କ ଉପରେ ସର୍ବାଧିଶ ରାଜା:—ଏହି ଚାରି ଅଧିକାରୀ ଚାରି

ବେଦରେ ପ୍ରବୀଣ ଧାର୍ମିକ ଜିତେନ୍ଦ୍ରିୟ ଏବଂ ସୁଶୀଳ ହେବା ଉଚିତ୍ । ଅର୍ଥାତ୍ ପ୍ରଧାନ ସେନାପତି, ମୁଖ୍ୟ ରାଜ୍ୟାଧିକାରୀ, ମୁଖ୍ୟ ନ୍ୟାୟାଧୀଶ ଓ ରାଜା ଏହି ଚାରିଜଣ ସକଳ ବିଦ୍ୟାରେ ପୂର୍ଣ୍ଣ ବିଦ୍ୱାନ ହେବେ । ଏହି ଧର୍ମସଭା, ବିଦ୍ୟାସଭା ଓ ରାଜସଭାରେ ମୂର୍ଖ ଲୋକଙ୍କୁ କଦାପି ଉଚ୍ଚସ୍ଥାନ ଦିଆ ଯିବନାହିଁ । ସର୍ବଦା ବିଦ୍ୱାନ୍ ଓ ଧାର୍ମିକ ବ୍ୟକ୍ତିମାନେ କେବଳ ସଭାରେ ସଦସ୍ୟ ହେବେ । ଶାସନ ମୁଖ୍ୟ (ନେତା) ଲୋକମାନଙ୍କ ମଙ୍ଗଳ ପାଇଁ ଲୋକମାନଙ୍କ ଦ୍ୱାରାହିଁ ନିର୍ବାଚିତ ହେବେ ।

"The Government of people by the people and for the people."

ସୈନାପତ୍ୟଂ ଚ ରାଜ୍ୟଂ ଚ ଦଣ୍ଡନେତୃତ୍ୱ ମେବଚ
ସର୍ବଲୋକାଧିପତ୍ୟଂ ଚ ବେଦଶାସ୍ତ୍ର ବିଦର୍ହତି । ୧ ।
ଯଂ ବଦନ୍ତି ତମୋଭୂତା ମୂର୍ଖା ଧର୍ମମତଦ୍ୱିଦଃ
ତତ୍ପାପଂ ଶତଧା ଭୂତ୍ୱା ତଦ୍ବକ୍ତୃନନୁ ଗଚ୍ଛତି । ୨
ମୃଗୟାକ୍ଷୋ ଦିବାସ୍ୱପ୍ନଃ ପରିବାଦଃ ସ୍ତ୍ରିୟୋ ମଦଃ
ତୌର୍ଯ୍ୟତ୍ରିକଂ ବୃଥାଟ୍ୟାଚ କାମଜୋ ଦଶକୋ ଗଣଃ । ୩
ପୈଶୂନ୍ୟଂ ସାହସଂ ଦ୍ରୋହ ଈର୍ଷ୍ୟା ସୂୟାର୍ଥ ଦୂଷଣଂ
ବାଗ୍‌ଦଣ୍ଡଂଜଂଚ ପାରୁଷ୍ୟଂ କ୍ରୋଧଜୋଽପି ଗଣୋଷ୍ଟକଃ । ମନୁ ୭

ରାଜନୀତିଜ୍ଞ ସବୁବେଳେ ଚରିତ୍ରବାନ୍ ଓ ଜିତେନ୍ଦ୍ରିୟ ମାନଙ୍କୁ ଆପଣାର ବଶୀଭୂତ କରି ରଖିବେ । ଧର୍ମ ମାର୍ଗରେ ଚାଲିବେ ଏବଂ ଅଧର୍ମ ମାର୍ଗ ତ୍ୟାଗ କରିବେ । ମନ, ପ୍ରାଣ ଓ ବାକ୍ୟକୁ ଠିକ୍ ଭାବରେ ବ୍ୟବହାର କରି ସଦସ୍ୟ ଓ ସମାଜ ସହିତ ପବିତ୍ର, ନିରହଙ୍କାର ଭାବରେ ଚଳିବେ । ପଶା, ଜୁଆ, ଦିବାନିଦ୍ରା, ଅନ୍ୟର ନିନ୍ଦା ରଚନା, ଅତିଶୟ ସ୍ତ୍ରୀ ସଙ୍ଗ, ମାଦକଦ୍ରବ୍ୟ ଅର୍ଥାତ୍ ମଦାଦି ପଦାର୍ଥର ବ୍ୟବହାର, ଗୀତ, ବାଦ୍ୟ, ନୃତ୍ୟ କରିବା, ବୃଥା ଭ୍ରମଣ, ଅନ୍ୟାୟ, ଅଧର୍ମ, କାର୍ଯ୍ୟରେ ଧନବ୍ୟୟ କରିବା, ବିନା ଦୋଷରେ ଦଣ୍ଡ, ଅପ୍ରିୟକର ବଚନ କହିବା, ଏବଂ ସ୍ତ୍ରୀର କଥା ସବୁବେଳେ ମାନିବା ଉଚିତ୍ ନୁହେଁ । ଉତ୍ତମ ଧାର୍ମିକ ଚରିତ୍ରର ଲୋକଙ୍କୁ ମନ୍ତ୍ରୀ ପଦରେ ନିଯୁକ୍ତ କରିବା ଉଚିତ୍ । ରାଜା ବା ସଦସ୍ୟ ପତିଙ୍କର ଉଚିତ୍ ଯେ ସଦାସର୍ବଦା ମନ୍ତ୍ରୀଙ୍କ ସହ ରାଜକାର୍ଯ୍ୟ ବିଷୟରେ ଆଲୋଚନା କରିବେ ।

ପ୍ରତ୍ୟେକ ସଭାସଦ୍ ଓ ମନ୍ତ୍ରୀମାନଙ୍କର ପୃଥକ୍ ବିଚାର ଓ ଅଭିପ୍ରାୟ ଶୁଣି ବହୁ ସଂଖ୍ୟକ ସଭ୍ୟମାନଙ୍କ ମତ ଗ୍ରହଣ ପୂର୍ବକ ଯାହାକି ଦେଶ ଓ ଆପଣାର ମଙ୍ଗଳକାରକ ହେବ ତାହାହିଁ ରାଜାଙ୍କର କରିବା କର୍ତ୍ତବ୍ୟ ।

**ତେଷାଂ ସ୍ୱଂ ସ୍ୱମଭିପ୍ରାୟ ମୁପଲଭ୍ୟ ପୃଥକ୍ ପୃଥକ୍**
**ସମସ୍ତାନାଂ ଚ କାର୍ଯ୍ୟେଷୁ ବିଦଧ୍ୟାଦ୍ଧିତ ମାତ୍ମନଃ । ୪**
**ଅନ୍ୟାନପି ପ୍ରକୁର୍ବୀତ ଶୁଚୀନ୍ ପ୍ରାଜ୍ଞାନବସ୍ଥିତାନ୍**
**ସମ୍ୟଗର୍ଥ ସମାହର୍ତ୍ତୃ ନମାତ୍ୟାନ୍ ସୁପରୀକ୍ଷିତାନ୍ । ୫**
**ନିବର୍ତ୍ତେତାସ୍ୟ ଯାବଦ୍ଭି ରିତି କର୍ତ୍ତବ୍ୟତାନୃଭିଃ**
**ତାବତୋଽତନ୍ଦ୍ରିତାନ୍ ଦକ୍ଷାନ୍ ପ୍ରକୁର୍ବୀତ ବିଚକ୍ଷଣାନ୍ । ୬ ମନୁ ୭**

ରାଜନୀତିରେ କାହାକୁ କି ଅଧିକାର ଦେବା ଉଚିତ୍ ? ବର୍ଣ୍ଣିତ ହୋଇଛି ଯଥା:—

**ଅମାତ୍ୟେ ଦଣ୍ଡ ଆୟତ୍ତୋ ଦଣ୍ଡେ ବୈନୟିକୀ କ୍ରିୟା**
**ନୃପତୌ କୋଷରାଷ୍ଟ୍ରେ ଚ ଦୂତେ ସନ୍ଧି ବିପର୍ଯ୍ୟୟୌ ।**

ଯେଉଁ ବ୍ୟକ୍ତି ବିନୟ ସହକାରରେ ଦଣ୍ଡ ବିଧାନ କରନ୍ତି ଅର୍ଥାତ୍ ଅନ୍ୟାୟରେ କଦାପି ଦଣ୍ଡ ଦିଅନ୍ତି ନାହିଁ ସେହି ଅମାତ୍ୟଙ୍କୁ ଦଣ୍ଡାଧିକାର ଦେବାକୁ ହେବ । ଲୋକ ଭେଦ ମଧ୍ୟରେ ମିଳନ ଏବଂ ସମ୍ମିଳିତ ଶତ୍ରୁମାନଙ୍କ ମଧ୍ୟରେ ଭେଦ ଘଟାଇ ପାରନ୍ତି ତାହାଙ୍କୁ ଦୂତ କରିବ । ଶତ୍ରୁ ପକ୍ଷରେ ବଳ କଳ ଜାଣି ଦୂତ ଓ ସଭାସଦମାନଙ୍କ ସହିତ ବିଚାର କରି ସଭାପତି, ରାଜା ଏପରି ସତର୍କ ଓ ଯତ୍ନବାନ୍ ରହିବେ ଯେପରି ରାଜ୍ୟରେ କୌଣସି ଉପଦ୍ରବ ନଘଟେ । ସୈନ୍ୟମାନେ ରାଜାଙ୍କୁ ଘେରି ଓ ରାଜ୍ୟକୁ ଘେରି ରହିଥିବେ । ରାଜ୍ୟର ଚାରିପାଖରେ ନଦୀ ବା ପରିଖା ଖୋଳିବେ । ରାଜାମାନେ ଏହିପରି ଦୁର୍ଗନିର୍ମାଣ କରିବା ଦରକାର ଯାହା ଭିତରେ ତୋପ, ବନ୍ଧୁକ, ବୋମା ଇତ୍ୟାଦି ସୁସଜ୍ଜିତ ହୋଇ ରହିଥିବ । ଯେ ଯେଉଁଥିରେ ପାରଙ୍ଗମ ସେ ସେହି କାର୍ଯ୍ୟ ବହନ କରିବ । ଏହା ରାଜନୀତିର ବଳିଷ୍ଠ ଚିନ୍ତା ଅଟେ । ମନୁ ଶାସ୍ତ୍ର ୭ମ ଅଧ୍ୟାୟରେ ଅନେକ କଥା ଅଛି ସଂକ୍ଷେପରେ ଏହା କୁହାଗଲା ।

**ସାମ୍ପରାୟିକମାପ୍ତୈଶ୍ଚ ରାଷ୍ଟ୍ରାଦାହାରୟେଦ୍ ବଳିଂ**
**ସ୍ୟାଚ୍ଚାମ୍ନାୟପରୋ ଲୋକେ ବର୍ତ୍ତେତ ପିତୃବନ୍ନୃଷୁ । ମନୁ**

ପ୍ରଜାମାନଙ୍କ ଠାରୁ ଆର୍ଥିକ କର ଆୟସ୍ୱରୂପ ଅର୍ଥାତ ସମ୍ଭ୍ରାନ୍ତ ସଚ୍ଚରିତ୍ର, ବିଶ୍ୱାସୀ ଲୋକଦ୍ୱାରା ଆଦାୟ କରିବାକୁ ହେବ । ସଭାପତି ଓ ସଦସ୍ୟବୃନ୍ଦ ବେଦାନୁଗତ ନିୟମରେ ଚଳି ପ୍ରଜାମାନଙ୍କ ପ୍ରତି ପିତାପରି ବ୍ୟବହାର କରିବେ । ଯଦି କେହି ଶତ୍ରୁ ପକ୍ଷ ବଳରେ ସମାନ ହେଉ, ଅଧିକ ହେଉ ବା ନ୍ୟୂନହେଉ, ପ୍ରଜାପାଳନ-ତତ୍ପର କୌଣସି ରାଜାଙ୍କୁ ଯୁଦ୍ଧ ସକାଶେ ଆହ୍ୱାନ କରେ, ତେବେ କ୍ଷତ୍ରିୟ ଧର୍ମ ସ୍ମରଣ କରି ଅବଶ୍ୟ ଯୁଦ୍ଧରେ ପ୍ରବୃତ୍ତ ହେବେ ଏବଂ ବିବିଧ କୌଶଳ ଓ ନୈପୁଣ୍ୟ ଦେଖାଇ ଯୁଦ୍ଧରେ ଜୟଲାଭ କରିବାକୁ ଯତ୍ନ କରିବେ । ଯେଉଁମାନେ ସଂଗ୍ରାମରେ ଶତ୍ରୁଜୟ ଲାଭ କରିବା ଇଚ୍ଛାରେ ଘୋର ଯୁଦ୍ଧ କରନ୍ତି; କଦାପି ଯୁଦ୍ଧ କ୍ଷେତ୍ରରୁ ପଳାୟନ କରନ୍ତି ନାହିଁ; ସେମାନେ ପରିଣାମରେ ସୁଖଲାଭ କରନ୍ତି । ନିଜ ପ୍ରାଣରକ୍ଷା ପାଇଁ ଶତ୍ରୁକୁ ଭୟ କରି ପଳାୟନ କରିବା ଉଚିତ ନୁହେଁ । ଯେଉଁ ସୈନ୍ୟ ପଳାୟନ କଲାବେଳେ ଶତ୍ରୁ ମୁଖରେ ପଡ଼ି ମୃତ୍ୟୁ ବରଣ କରନ୍ତି, ସେହି ଦଣ୍ଡ ତା ପକ୍ଷରେ ଉପଯୁକ୍ତ ଦଣ୍ଡଅଟେ ।

ରାଜା ଓ ରାଜସଭା ଲବ୍ଧ ପଦାର୍ଥ ପାଇବାକୁ ଯତ୍ନ କରିବେ । ଆପଣାର କୌଣସି ଦୁର୍ବଳତା ବା ଛିଦ୍ର ଶତ୍ରୁକୁ ଜାଣିବାକୁ ଦେବେ ନାହିଁ । କଚ୍ଛପ ଯେପରି ଆପଣା ଅଙ୍ଗକୁ ଆବୃତ କରିରଖେ, ସେହିପରି ନିଜର ଛିଦ୍ର ସବୁ ଶତ୍ରୁ ଦୃଷ୍ଟିରୁ ଲୁଗାଇ ରଖିବେ । ବକ ଯେପରି ମାଛପାଇଁ ଧ୍ୟାନମଗ୍ନ ସେହିପରି ନିବିଷ୍ଟ ଚିତ୍ତରେ ଅର୍ଥ ସଞ୍ଚୟ କରିବେ । ବିବିଧ ପଦାର୍ଥ ଓ ବଳ ସଂଗ୍ରହ କରିସାରି ସିଂହପରି ପରାକ୍ରମ ଦେଖାଇ ଶତ୍ରୁକୁ ଜୟ କରିବେ । ରାଜା ବିଜୟ ଲାଭ କରିସାରି ରାଜ୍ୟ ଭିତରେ ଯେଉଁ ଚୋର, ଡକାୟତ, ମେଲିଆ, ଲୁଟିଆ, ଲୋକଥାନ୍ତି ସେମାନଙ୍କୁ ଆୟତ୍ତ କରନ୍ତି । ତା ନହେଲେ କଠୋର ଦଣ୍ଡଦ୍ୱାରା ସେମାନଙ୍କୁ ଆୟତ୍ତ କରାଯାଏ । ଯେପରି କୃଷକ ଧାନରୁ ତୁଷ ବାହାର କରିଦିଏ, ଗୁହିଲର କିଛି ହୁଏନାହିଁ, ସେହିପରି ରାଜା ଡକାୟତ ମାନଙ୍କୁ ଦୂରକରି ପ୍ରଜାପାଳନ କରିବେ ।

ଅଲବ୍ଧଂ ଚୈବ ଲିପ୍ସେତ ଲବ୍ଧଂ ରକ୍ଷେତ୍ ପ୍ରଯତ୍ନତଃ
ରକ୍ଷିତଂ ବର୍ଦ୍ଧୟେଚ୍ଚୈବ ବୃଦ୍ଧଂ ପାତ୍ରେଷୁ ନିକ୍ଷିପେତ୍ । ୧
ଯଥୋଦ୍ଧରତି ନିର୍ଦାତାଃ କକ୍ଷଂ ଧାନ୍ୟଂ ଚ ରକ୍ଷତି
ତଥା ରକ୍ଷେନ୍ନୃପୋ ରାଷ୍ଟ୍ରଂ ହନ୍ୟାଚ୍ଚ ପରିପନ୍ଥିନଃ । ୨
ନାସ୍ୟଚ୍ଛିଦ୍ରଂ ପରୋ ବିଦ୍ୟାଚ୍ଛିଦ୍ରଂ ବିଦ୍ୟାତ୍ପରସ୍ୟ ତୁ
ଗୁହେତ୍କୂର୍ମ ଇବାଙ୍ଗାନି ରକ୍ଷେଦ୍ ବିବରମାତ୍ମନଃ । ୪

ମନୁ ୭ (ଅଧ୍ୟାୟ)

ପ୍ରଶ୍ନ—ସଦସ୍ୟମାନେ ଅପରାଧ କଲେ ରାଜା ଦଣ୍ଡ ଦିଅନ୍ତି । ଯଦି ରାଜା ଅପରାଧ କରନ୍ତି ତା ହେଲେ ତାଙ୍କୁ କିଏ ଦଣ୍ଡଦେବ ?

ଉତ୍ତର:—ସଭାର ସଭ୍ୟମାନେ; ସାଧାରଣ ଲୋକଙ୍କ ଅପେକ୍ଷା ତାଙ୍କୁ ଅଧିକ ଦଣ୍ଡ ଦେବେ ।

ପ୍ରଶ୍ନ:—ଏକେ ରାଜା ନ୍ୟାୟାଧୀଶ ହୋଇ କାହିଁକି ଦଣ୍ଡ ସହ୍ୟ କରିବେ ?

ଉତ୍ତର:—ରାଜା ହେଲେ ମଧ୍ୟ ସେ ଜଣେ ମନୁଷ୍ୟ ଯଦି ତାଙ୍କୁ ଦଣ୍ଡ ଦିଆ ନଯିବ ତାହେଲେ ଅନ୍ୟ ଲୋକ କାହିଁକି ଦଣ୍ଡକୁ ମାନିବେ । ଯଦି ପ୍ରଜା ସମୂହ; ରାଜ୍ୟାଧିକାରୀମାନେ ଏହି ପରାଧର୍ମ ବଗୃର ଜମେ ଦଣ୍ଡ ଦେବାକୁ ଚାହାଁନ୍ତି, ତେବେ ଏକାକି ରାଜା କଣ କରିପାରିବେ । ଯଦି ଏପରି ବ୍ୟବସ୍ଥା ନହୁଏ, ତେବେ ରାଜା ପୂର୍ଣ୍ଣ ପ୍ରଧାନ ଓ ସମର୍ଥ ପୁରୁଷମାନେ ଅନ୍ୟାୟ ଅଧର୍ମରେ ମାତି ସବୁ ପ୍ରଜାକୁଳଙ୍କୁ ନଷ୍ଟକରି ନିଜେ ନଷ୍ଟହେବେ । ମନେରଖିବାକୁ ହେବ ଯେ ନ୍ୟାୟଯୁକ୍ତ ଦଣ୍ଡର ନାମ ଅଟେ ରାଜା ଓ ଧର୍ମ; ଯେଉଁମାନେ ଏହି ଦଣ୍ଡକୁ ଅମାନ୍ୟ କରନ୍ତି ସେମାନେ ଜାତି ମଧ୍ୟରେ ନୀଚତମ ଅଟନ୍ତି ।

ପ୍ରଶ୍ନ:—ଏପରି କଠୋର ବିଧାନ କରିବା ମନୁଷ୍ୟର ଉଚିତ ନୁହେଁ; ଯେହେତୁ ମନୁଷ୍ୟ କୌଣସି ଅବୟବ ନିର୍ମାଣ କରିପାରିନାହିଁ କିମ୍ବା ମୃତଲୋକକୁ ଜୀବିତ କରିପାରେ ନାହିଁ ।

ଉତ୍ତର:—ଯେଉଁମାନେ କଠୋର ଦଣ୍ଡର ଫଳ ବୁଝନ୍ତି ନାହିଁ; ସେମାନେ ରାଜ୍ୟ ଶାସନ ନୀତି ଜାଣନ୍ତି ନାହିଁ । କୌଣସି ଏକ ଲୋକକୁ ଏପରି ଦଣ୍ଡ ଦିଆଗଲେ ଅନ୍ୟ ଲୋକ ମନ୍ଦକର୍ମରୁ କ୍ଷାନ୍ତ ହୋଇ ଧର୍ମଯୁକ୍ତ କାର୍ଯ୍ୟରେ ପ୍ରବୃତ୍ତ ହେବେ ।

ପ୍ରଶ୍ନ:—ତାହେଲେ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ଗଲେ ଆମକୁ ମୁଖ୍ୟତଃ କଣ କରିବାକୁ ହେବ ?

ଉତ୍ତର.—ସଦ୍ ବିଚାର, ସଦ୍‌ଚିନ୍ତା, ସମଦର୍ଶୀ ଓ କର ନିୟନ୍ତ୍ରଣ; ରାଜ୍ୟ କୋଷରେ ବୃଦ୍ଧି ଓ ରାଜସଦସ୍ୟମାନଙ୍କର ଚିନ୍ତାକୁ ପରଖ କରିବାକୁ ହେବ ।

# ବେଦରେ କେତେକ ଲୌକିକ ନାମର ମୂଳଅର୍ଥ

କେତେକ ପୌରାଣିକ ପଣ୍ଡିତ ବେଦରେଥିବା, ଅଗ୍ନି, ଇନ୍ଦ୍ର, ବିଷ୍ଣୁ, ସବିତା ସୂର୍ଯ୍ୟ, ଉଷା, ଅଶ୍ୱିନୌ, ସୋମ ଶାନ୍ତନୁ, ପୁରୁରବା, ଉର୍ବଶୀ, ବଶିଷ୍ଠ ଓ କୃଷ୍ଣ ଶବ୍ଦକୁ ବ୍ୟକ୍ତିବାଚକ ବୋଲି ନିଜର ଭ୍ରମଯୁକ୍ତ ମତକୁ ପ୍ରଚାର କରିଛନ୍ତି ଓ ବେଦରେ ବିଭିନ୍ନ ରାଜ୍ୟ ଓ ରଜାଙ୍କ ବର୍ଣ୍ଣନା ଅଛିବୋଲି କହିଥାନ୍ତି ଏହି ମତଗୁଡ଼ିକ ସବୁ ମିଥ୍ୟା କପୋଳକଳ୍ପିତ । ବେଦରଚନାର ବହୁପରେ ଏହି ନାମବାଚକ ବ୍ୟକ୍ତିମାନେ ସୃଷ୍ଟି । ବେଦରେ ଏହି ଶବ୍ଦଗୁଡ଼ିକର ଯେଉଁ, ଅର୍ଥଭାଷ୍ୟ ନିମ୍ନରେ ପ୍ରକାଶକଲୁ । ଏଣେ ବିବରଣୀ ପାଇବାକୁ ଚାହିଁଲେ ନିରୁକ୍ତ କିମ୍ବା ଲେଖକଙ୍କର ବେଦର ବାସ୍ତବ ରୂପରେଖ, ପୁସ୍ତକ ଅନୁଧ୍ୟାନ ଯୋଗ୍ୟ ।

ଅଗ୍ନି—ପ୍ରକାଶପୂର୍ଣ୍ଣଦିବ୍ୟ ସଂକଳ୍ପ (Divine will Force)

ଇନ୍ଦ୍ର—ଦିବ୍ୟମନର ଅଧିପତି ବା ଦିବ୍ୟପ୍ରକାଶଦାତା (ସୂର୍ଯ୍ୟ)

ବିଷ୍ଣୁ—ବ୍ୟାପକବ୍ରହ୍ମ

ସବିତା—ସର୍ବୋତ୍ପାଦକ ପରମେଶ୍ୱର

ସୂର୍ଯ୍ୟ—ଦିବ୍ୟପ୍ରକାଶକ (the source of Divine Light)

ଉଷା—ଦିବ୍ୟଜ୍ୟୋତିର ପ୍ରାରମ୍ଭିକ ଅବସ୍ଥା (Divine Dawn of ilumination)

ଅଶ୍ୱିନୌ—ଆନନ୍ଦ ଅଧିପତି (Lords of Bliss)

ସୋମ—ଆନନ୍ଦ ଓ ଅମରତାର ଅଧିପତି (Lord of Delight and Immortality.

ଗୌ—ଇନ୍ଦ୍ରିୟ (ଗତି)

ଅଶ୍ୱ—ଚଞ୍ଚଳ, କ୍ଷିପ୍ର,

ପୁରୁରବା—ବହୁଧାରୋରୂୟତେ ।। ନିରୁକ୍ତ ୫।୪୬

ଉର୍ବଶୀ—ଉରୁବଶେଯସ୍ୟା ।। ନିରୁକ୍ତ ।।

ଅଯୋଧ୍ୟା—ଶରୀର (ଅଷ୍ଟଚକ୍ରନବଦ୍ୱାରା ମନ୍ତ୍ରରେ ଲକ୍ଷିତ ଅଥର୍ବ ବେଦ ୧୦ ।

ଗଙ୍ଗା—ଗମନାତ୍ ।

ଯମୁନା—ପ୍ରଯୁବତୀ ଗଚ୍ଛତିବା । ପ୍ରବିଯୁତ ଗଚ୍ଛତୀତିବା ।। ନିରୁକ୍ତ ।।

ସରସ୍ୱତୀ—ଇତ୍ୟାଦିଙ୍କ ନାମଃ ।
ଶୁଭ୍ରୁଦ୍ରୀ—ଶୁଦ୍ଧାଚାରୀ,
ଶତଦ୍ରୁ, ସ୍ୱଦସ୍ଥ ବିଦୁଷା ମନ୍ତ୍ରାକୂଳା
ବର୍ଶିଷ୍ଠଃ—ପ୍ରାଣଃ (ନିରୁକ୍ତ)
ଗୌତମ—ତମେନ ଗଚ୍ଛତି ଯଃ—ଯୋଗାର୍ଥିରେ ଗମନକରେ
ଅହଲ୍ୟା—ଅହ୍ନ (ଦିନକୁ ଯେଲୟକରେ)
ବ୍ରହ୍ମା—ସର୍ବଶକ୍ତିମାନ ଓ (ବାୟୁ)
ଦୁହିତା—ଜୀବନ ଓ ମୃତ୍ୟୁ ଏହି ଦୁଇକୂଳକୁ ଯେ ଅମୃତମୟ କରେ
ଯମ—ଯମ ନିୟମ ଧ୍ୟାନ ଧାରଣା ଇତ୍ୟାଦି
ଶମ୍ବର—ମେଘ, ଅହ୍ନ, ନମୁଚି,
ଶାନ୍ତନୁ—ଶାନ୍ତି,
ସରମା—(ଲୋକଙ୍କ ମଧ୍ୟରେ ଯେ ଶରଣ କରିପାରେ)
ସମୁଦ୍ର—ଆକାଶ, (ସମୁଦ୍ୟନ୍ତି ଅସ୍ମିନ୍ ଆପଃ) (ନିରୁକ୍ତ)
ଉଚ୍ଚୈଃଶ୍ରବା—ବାୟୁଃ (ଉଚ୍ଚେ ପ୍ରବହତି ଯଃ (ନିରୁକ୍ତ)
ବୃଷଭ—ମେଘ, (ବୃଷଧାତୁ)
ରାମ—ରମଣଯେ କରେ
ଲକ୍ଷ୍ମୀ—ଶୋଭା, ସମ୍ପତ୍ତି, ଶାଶ୍ୱତଧନ,
ଶିବ—ସତ୍ୟ
ରୁଦ୍ର—ଅଗ୍ନି, ବ୍ରହ୍ମା, ପରମାତ୍ମା
ବିଶ୍ୱାମିତ୍ର—ବିଶ୍ୱରମିତ୍ର ଆଚରଣକାରୀ
ସୁପର୍ଣ୍ଣା—କିରଣ
ତ୍ୱଷ୍ଟା—ଆକାଶ
ବୃତ୍ର—ମେଘ, (ରେବତୀ, ଶମ୍ବର, ରୌହିଣୀ, ବକ୍ରଚରୁ, ପର୍ବତ; ଅଶ୍ମା, ପୁରୁଷୋକ, ନିଘଣ୍ଟୁ ୫।୬)
ଦଧୀଚି—କିରଣ,
ଅର୍ଯ୍ୟମା—ସୂର୍ଯ୍ୟ
ଧାତା—ସୂର୍ଯ୍ୟ, ଈଶ୍ୱର
ମିତ୍ର—ସୂର୍ଯ୍ୟ
କୃଷ୍ଣ—ଆକର୍ଷଣ ଶକ୍ତିର ଅଧିକାରୀ
ଶ୍ରାଦ୍ଧ—ଶ୍ରଦ୍ଧାରେ ଯାହା ଦିଆଯାଏ

ଅର୍ଜୁନ—ଧନ, ଅହଶ୍ଚ କୃଷ୍ଣମହରର୍ଜୁନଂଚ (ଶତପଥ) ଋଗ୍‌ବେଦ ୬।୯।୧,

କୃଷ୍ଣ—ରାତ୍ରି

ଅର୍ଜୁନ—ଅର୍ଜୁନୋହ ବୈନାମେନ୍ଦ୍ରଃ (ଶତପଥ ବ୍ରାହ୍ମଣ) ୨।୧।୨।୧୧

ଅର୍ଥ, ଇନ୍ଦ୍ର, ବିଦ୍ୟୁତ ସମ୍ବନ୍ଧୀୟ

ରାଧା—ଧନ (ଆରାଧନା)

ରାଧାପତି—ଧନପତି, (ସ୍ତୋତ୍ରଂରାଧଂ, ନପତେ)

## ରାଷ୍ଟ୍ରଧର୍ମ ଓ ରାଜନୀତିପାଇଁ ବେଦର ଉପଦେଶ

**ଯାନ୍ୟନ୍ୱୈଚ୍ଛଦ୍ଧବିଷା ବିଶ୍ୱକର୍ମାନ୍ତରର୍ଣ୍ଣବେ ରଜସି ପ୍ରବିଷ୍ଟାମ୍ ।**
**ଭୁଜିଷ୍ୟଂ ପାତ୍ରଂ ନିହିତଂ ଗୁହା ଯଦାବିର୍ଭୋଗେ ଅଭବନ୍ମା**
**ତୃମଦ୍‌ଭ୍ୟଃ ।** (ଅ. ବେ ୧୨।୧।୬୦)

ଅର୍ଥ—ସ୍ଥୂଳ ଦୃଷ୍ଟିରେ ପୃଥିବୀର ଜଳ ଓ ଧୂଳିରେ ଭୌତିକ ରୂପ ଦେଖାଯାଏ । ପରନ୍ତୁ ପୃଥିବୀରେ ବାସ କରୁଥିବା ପ୍ରାଣୀଙ୍କ ସହ ନିଜର ମାନସିକ ଭାବନା ସଂଯୋଗ କଲେ ଏବଂ ସାମୂହିକ କଲ୍ୟାଣ ନିମିତ୍ତ ବ୍ୟକ୍ତିଗତ ସ୍ୱାର୍ଥତ୍ୟାଗ ପୂର୍ବକ ପୃଥିବୀରୁ ଉତ୍ପନ୍ନ ଭୋଜ୍ୟପେୟ ପଦାର୍ଥ ବ୍ୟବହାର କଲେ ସେ ମାତୃବତ୍ ପରିଦୃଷ୍ଟ ହୁଏ ।

**ଯତ୍ତେ ଭୂମେ ବିଖନାମି କ୍ଷିପ୍ରଂ ତଦପି ରୋହତୁ ।**
**ମା ତେ ମର୍ମ ବିମୃଗ୍ୱରି ମା ତେ ହୃଦୟମର୍ପିପମ୍ ।**

(ଅ. ବେ ୧୨.୧.୩୫)

ଅର୍ଥ—ହେ ମାତୃଭୂମି ! କୃଷି ଓ ଭୂଗର୍ଭ ବିଦ୍ୟାରେ ଜ୍ଞାନଲାଭ କରି କର୍ଷଣ ବା ଖୋଦନ କରିବ । ତୁମର ମର୍ମସ୍ଥଳ—ହୃଦୟସ୍ଥଳର ରୋହଣ ବା ଉର୍ବରାଶକ୍ତି ନଷ୍ଟ ହେବାଭଳି କର୍ଷଣ ବା ଖୋଦନ କର୍ମ କରିବି ନାହିଁ । କୃଷି କର୍ମରେ, ଭୂମି କର୍ଷଣ ସମୟରେ ବା ଖଣିଜ ପଦାର୍ଥର ଉତ୍ତୋଳନବେଳେ, ଯେଉଁ ପ୍ରଣାଳୀରେ ଭୂମିର କ୍ଷତଯୁକ୍ତ ଅଂଶ ପୁନରୁଦ୍ଧାର ହେବ, ସେହି ପ୍ରଣାଳୀ ଅନୁସରଣ କରିବି ।

ସତ୍ୟଂ ବୃହଦୃତମୁଗ୍ରଂ ଦୀକ୍ଷା ତପୋ ବ୍ରହ୍ମଯଜ୍ଞଃ ପୃଥିବୀଂ ଧାରୟନ୍ତି ।
ସା ନୋ ଭୂତସ୍ୟ ଭବ୍ୟସ୍ୟ ପତ୍ନ୍ୟୁରୁଂ ଲୋକଂ ପୃଥିବୀ ନଃ
କୃଣୋତୁ ॥ (ଅ.ବେ ୧୨.୧.୧

ଅର୍ଥ—ବୃହତ୍ ସତ୍ୟ, ବୃହତ୍ ଋତ, ସଙ୍କଳ୍ପ, ଦୀକ୍ଷା, ତପ, ବ୍ରହ୍ମଶକ୍ତି ଓ ଯଜ୍ଞ—ଏହି ସାତ ମହାଶକ୍ତିର ଆଧାର ଉପରେ ରାଷ୍ଟ୍ର ଦଣ୍ଡାୟମାନ । ଏହି ସପ୍ତ-ତତ୍ତ୍ୱର ସଂବର୍ଦ୍ଧନ ଦ୍ୱାରାହିଁ ରାଷ୍ଟ୍ରାନ୍ତର୍ଭୁକ୍ତ ଅତୀତ କାଳର ସଂବନ୍ଧ ଷେଣ ବସ୍ଥିତ ହୁଏ ।

ଯେ ଗ୍ରାମା ଯଦରଣ୍ୟଂ ଯାଃ ସଭା ଅଧି ଭୂମ୍ୟାମ୍ ।
ଯେ ସଂଗ୍ରାମାଃ ସମିତୟସ୍ତେଷୁ ଚାରୁ ବଦେମ ତେ ।
(ଅ. ବେ. ୧୨.୧. ୫୬

ଅର୍ଥ—ହେ ମାତୃଭୂମି; ଗ୍ରାମ ବା ନଗରରେ, ପଞ୍ଚାୟତ ସ୍ତରରେ, ରାଜ୍ୟ ପ୍ରବନ୍ଧକ ସଭା ଓ ସମିତିରେ, ଅରଣ୍ୟରେ, ଯୁଦ୍ଧଭୂମିରେ ତୁମର ହିତ ବିଷୟ ଚିନ୍ତା କରିବୁ, ଯଶଗାନ କରିବ ।

ଅଶ୍ୱଇବ ରଜୋ ଦୁଧୁବେ ବି ତାନ ଜନନ ଅକ୍ଷିପନ ପୃଥିବୀ
ଯାଦଜାମୃତେ
ମନ୍ଦ୍ରାଗ୍ରେତ୍ୱରୀ ଭୁବନସ୍ୟ ଗୋପା ବନସ୍ପତୀନା ଗୃଭିରୋଷଧୀନାମ
(ଅ: ବେ ୧୨, ୧. ୫୭)

ଅର୍ଥ—ଦେହ ଉପରେ ପଡ଼ିଥିବା ଧୂଳିକୁ ଘୋଡ଼ା ଯେଉଁରୂପେ ଝାଡ଼ି ଫୋପାଡ଼ି ଦିଏ, ରାଷ୍ଟ୍ର ସେହିରୂପେ ଦେଶଦ୍ରୋହୀମାନଙ୍କୁ ନିର୍ବାସନ କରୁ । ଦସ୍ୟୁ ପ୍ରକୃତି ଲୋକଙ୍କୁ ଉଚିତ ଦଣ୍ଡ ଦିଆଯାଉ । ରାଷ୍ଟ୍ରହିତ ପାଇଁ ଯେଉଁମାନେ କାର୍ଯ୍ୟ କରନ୍ତି ଶାସନସଂସ୍ଥା ସେମାନଙ୍କ ପୃଷ୍ଠପୋଷକ ହେଉ । କଲ୍ୟାଣପ୍ରଦ ବନସ୍ପତି, ଔଷଧିକୁ ଧାରଣ କରି ରାଷ୍ଟ୍ର ରକ୍ଷାକାରୀ ଓ ଅଗ୍ରଗାମୀ ହେଉ ।

ଯଦ୍ୱଦାମି ମଧୁମତ୍ତଦ୍ୱଦାମି ଯଦୀକ୍ଷେ ତଦ୍ୱନନ୍ତି ମା ।
ତ୍ୱିଷୀମାନସ୍ମି ଜୂତିମାନବାନ୍ୟାନ ହନ୍ମି ଦୋଧତଃ ।
(ଅ. ବେ. ୧୨.୧. ୫୮)

ଅର୍ଥ—ହେ ମାତୃଭୂମି ! ମୋ ବାଣୀ ମଧୁବତ୍ ହେଉ । ମୋ ପର୍ଯ୍ୟବେକ୍ଷଣ ଶକ୍ତି ସତର୍କ ଓ ଜାଗରୂକ ରହୁ । ମୁଁ ତେଜସ୍ୱୀ ଓ ପ୍ରତାପୀ ହେବି । ବେଗବାନ ଓ ଉତ୍କର୍ଷଶୀଳ ହେବି । ଶତ୍ରୁମାନଙ୍କୁ ପରାଜୟ କରିବି । ଉପରୋକ୍ତ ପଞ୍ଚ-ଗୁଣାବଳୀ ମୋଠାରେ ସନ୍ନିବିଷ୍ଟ ହେଉ ।

**ତ୍ୱମସ୍ୟାବପନୀ ଜନାନାମଦିତିଃ କାମଦୁଘା ପପ୍ରଥାନା ।**
**ଯତ୍ତ ଊନଂ ତତ୍ତ ଆ ପୂରୟାତି ପ୍ରଜାପତିଃ ପ୍ରଥମଜା ଋତସ୍ୟ ।**

ହେ ମାତୃଭୂମି ; ତୁମେ ବିବିଧ ପ୍ରକାର ଶସ୍ୟୋତ୍ପାଦନର ସ୍ଥଳ ଅଟ । ତୁମେ ଅଦିତି, ଅଖଣ୍ଡନୀୟା । ତୁମେ କାମଦୁଘା—ଅସ୍ମମାନଙ୍କର କାମନା ପୂରଣ କର । ତୁମେ ପପ୍ରଥାନା, ବିସ୍ତୀର୍ଣ୍ଣରୂପା । ରାଷ୍ଟ୍ରକର୍ତ୍ତା, ଶାସକ ଉତ୍ପନ୍ନ ହୁଅନ୍ତୁ । ପ୍ରଜାପତି ପରମାତ୍ମାଙ୍କ କୃପାରୁ ତୁମର ସର୍ବପ୍ରକାର ଅଭାବ, ଅନାଟନ ପୂର୍ଣ୍ଣ ହେଉ ।

**ଉପସ୍ଥାସ୍ତେ ଅନମୀବା ଅଯକ୍ଷ୍ମା ଅସ୍ମଭ୍ୟଂ ସନ୍ତୁ ପୃଥିବୀ ପ୍ରସୂତାଃ ।**
**ଦୀର୍ଘଂ ନ ଆୟୁ ପ୍ରତିବୁଧ୍ୟମାନା ବୟଂ ତୁଭ୍ୟଂ ବଳିହୃତଃ ସ୍ୟାମ ।**
(ଅ. ବେ. ୧୨.୧.୬୨)

ଅର୍ଥ—ହେ ମାତୃଭୂମି ! ଆମ୍ଭମାନଙ୍କର ରାଜ୍ୟ ବ୍ୟବସ୍ଥା ଏହିରୂପ ହେଉ ଯଦ୍ୱାରା ଆମ୍ଭର ସନ୍ତାନ ସନ୍ତତି ରୋଗମୁକ୍ତ ବଳବାନ ହେବେ । ଆମ୍ଭେମାନେ ସୁସ୍ଥ ଓ ଆୟୁଷ୍ମାନ ହେବୁ । ଦୀର୍ଘ ଆୟୁର ପ୍ରତ୍ୟେକ ମୁହୂର୍ତ୍ତରେ ଆମ୍ଭେମାନେ ନୂତନ ନୂତନ ଜ୍ଞାନାହରଣ କରିବୁ । ହେ ମାତୃଭୂମି, ରାଜ୍ୟର ପ୍ରାପ୍ୟ ଅଂଶ—ବଳି ବା କର—ନିୟମିତ ରୂପେ ପ୍ରଦାନ କରୁଥିବୁ ।

**ଜନଂ ବିଭ୍ରତୀ ବହୁଧା ବିବାଚସଂ ନାନାଧର୍ମାଣଂ ପୃଥିବୀ ଯଥୌକସମ୍**
**ସହସ୍ରଂ ଧାରା ଦ୍ରବିଣସ୍ୟ ମେ ଦୁହାଂ ଧ୍ରୁବେବ ଧେନୁରନପସ୍ଫୁରନ୍ତୀ**
(ଅ. ବେ ୧୨. ୧. ୪୫)

ଅର୍ଥ—ଦେଶରେ ବିବିଧ ବାଣୀଯୁକ୍ତ, ଭାଷାଭାଷୀ ଲୋକ ରହନ୍ତି । ଭିନ୍ନ ଭିନ୍ନ ଧର୍ମାବଲମ୍ବୀ—କର୍ତ୍ତବ୍ୟାରୂଢ଼—ବ୍ରାହ୍ମଣାଦି ବର୍ଣ୍ଣ ଥାଆନ୍ତି । ଭାଷା ଓ

ଧର୍ମରେ ଭିନ୍ନତା ଥିଲେ ସୁଦ୍ଧା ସମସ୍ତେ ମିଳିମିଶି ପ୍ରେମପୂର୍ବକ ବାସ କରିବା ଉଚିତ । ଯେପରି ଗୋଟିଏ ପରିବାରର ଲୋକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହି, ବିଭିନ୍ନ ସ୍ୱରଯୁକ୍ତ ବାଣୀ ବ୍ୟବହାର କରି ସୁଦ୍ଧା ନିର୍ଦ୍ୱନ୍ଦ୍ୱ ପୂର୍ବକ ବାସ କରନ୍ତି, ସେହି ରୂପେ ରାଷ୍ଟ୍ରର ବହୁଭାଷୀ ଓ ବହୁଧର୍ମୀ ଜନ ପୂର୍ବକ ବାସ କରନ୍ତୁ । ତଦ୍ୱାରା ରାଷ୍ଟ୍ରର ସର୍ବବିଧ ଉନ୍ନତି ସାଧିତ ହେବ । ଯେଉଁରୂପେ ଦୁଧିଆଳୀ ଗାଈ ଅମୃତରୂପୀ ଦୁଗ୍ଧଧାରା ପ୍ରଦାନ କରିବା-ବେଳେ ନିଶ୍ଚଳ ନୀରବ ରହିଥାଏ, ସେହିରୂପେ ଶାନ୍ତ ନିରୁପଦ୍ରବ ରାଷ୍ଟ୍ରରେ ସୁଖ ସମୃଦ୍ଧିର ସହସ୍ର ଧାରା ପ୍ରବାହିତ ହୁଏ ।

**ବ୍ରହ୍ମଚର୍ଯ୍ୟେଣ ତପସା ରାଜା ରାଷ୍ଟ୍ରଂ ବିରକ୍ଷତି ।**
**ଆଚାର୍ଯ୍ୟୋ ବ୍ରହ୍ମଚର୍ଯ୍ୟେଣ ବ୍ରହ୍ମଚାରିଣି ମିଚ୍ଛତେ ।**

(ଅ. ବେ. ୧୧. ୫. ୧୭)

ଅର୍ଥ—ବେଦ ବିଧିର ଓ ଜିତେନ୍ଦ୍ରିୟତା ରୂପୀ ତପଦ୍ୱାରା ଶାସକ ରାଷ୍ଟ୍ରରକ୍ଷା କରନ୍ତି । ବ୍ରହ୍ମଚର୍ଯ୍ୟ କାରଣରୁ ଆଚାର୍ଯ୍ୟ, ବ୍ରହ୍ମଚାରୀ—ବିଦ୍ୟାର୍ଥୀଙ୍କୁ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ କରନ୍ତି ।

ଯତ୍ର ବ୍ରହ୍ମ ଚ କ୍ଷତ୍ର ଚ ସମ୍ୟଞ୍ଚୌ ଚରତଃ ସହ ।
ତଂଲୋକଂ ପୁଣ୍ୟଂ ପ୍ରଜ୍ଞେଷଂ ଯତ୍ର ଦେବାଃ ସହାଗ୍ନିନା ।

(ଯ. ବେ. ୨୦.୨୫)

ଅର୍ଥ—ଯେଉଁଠାରେ ବ୍ରହ୍ମଶକ୍ତି ସହ କ୍ଷତ୍ରଶକ୍ତି ଏକତ୍ରିତ ହୁଏ ବା ଯେଉଁଠାରେ ଶାସକ ଓ ପଣ୍ଡିତଙ୍କ ମଧ୍ୟରେ ପ୍ରୀତିଯୁକ୍ତ ବ୍ୟବହାର ଥାଏ, ସେହି ରାଷ୍ଟ୍ରକୁ ମୁଁ ପୁଣ୍ୟଲୋକ କହେ ।

ନାସ୍ୟ ଜାୟା ଶତବାହୀ କଲ୍ୟାଣୀ ତଳ୍ପମା ଶୟେ ।
ଯସ୍ମିନ୍ ରାଷ୍ଟ୍ରେ ନିରୁଧ୍ୟତେ ବ୍ରହ୍ମଜାୟାଚିତ୍ତ୍ୟା ।। (ଅ: ବେ: ୫. ୧୭, ୧)

ଅର୍ଥ—ଯେଉଁ ରାଷ୍ଟ୍ରରେ ଶିକ୍ଷାର ପ୍ରସ୍ତର ସଙ୍କୁଚିତ—ବ୍ରାହ୍ମଣ ପ୍ରଭୃତି ପାଇଁ ଉତ୍ସାହ ମିଳେନାହିଁ ସେଠାରେ ଦୁରାଚାର, ବ୍ୟଭିଚାର ସୃଷ୍ଟି ହୁଏ ।
"ନାସ୍ୟ ଧେନୁଃ କଲ୍ୟାଣୀ ନାନଡ୍‌ବାନ୍ ସହତେ ଧୁରମ୍ ।
ବିଜାନିର୍ଯତ୍ର ବ୍ରାହ୍ମଣୋ ରାତ୍ରିଂ ବସତି ପାପୟା ।।"

(ଅ:ବେ ୫. ୧୭.୧୮)

ଅର୍ଥ—ଯେଉଁ ରାଷ୍ଟ୍ରରେ ତ୍ୟାଗୀ, ତପସ୍ୱୀଗଣ ରାଜିସାରା କ୍ଷୁଧାରେ କାଳାତିପାତ ଅର୍ଥାତ୍ ଯେଉଁଠାରେ ବିଦ୍ୟାର ଆଦର ଥାଏ, ସେଠାରେ ଗାଈ ଦୁଧ ଦିଏନାହିଁ କି ବଳଦ ଗାଡ଼ି ଟାଣେ ନାହିଁ ଅର୍ଥାତ୍ ସେହି ଦେଶର ସର୍ବନାଶ ଘଟେ ।

ଆ ବ୍ରହ୍ମନ୍ ବ୍ରାହ୍ମଣୋ ବ୍ରହ୍ମବର୍ଚସୀ ଜାୟତାମ୍
ଆରାଷ୍ଟ୍ରେ ରାଜନ୍ୟଃ ଶୂର ଇଷବ୍ୟୋଽତି ବ୍ୟାଧି
ମହାରଥୋ ଜାୟତାମ୍ ।

ଦୋଗ୍ଧ୍ରୀ ଧେନୁର୍ବୋଢ଼ାଽନଡ୍ ବାନାଶୁଃ ସପ୍ତିଃ
ପୁରନ୍ଧିର୍ଯୋଷା ଜିଷ୍ଣୁ ରଥେଷ୍ଠା ସଭେୟୋ ଯୁବାଽସ୍ୟ
ଯଜମାନସ୍ୟ ବୀରୋ ଜାୟତାମ୍ ।
ନିକାମେ ନିକାମେ ନଃ ପର୍ଜନ୍ୟୋ ବର୍ଷତୁ
ଫଲବତ୍ୟୋ ନ ଓଷଧୟଃ ପଚ୍ୟନ୍ତାମ୍ ।
ଯୋଗକ୍ଷେମୋ ନଃ କଳ୍ପତାମ୍ ।। (ଯଜୁ ୨୨.୨୨)

ଅର୍ଥ—ହେ ପ୍ରଭୁ, ଏକ ଆଦର୍ଶ ରାଷ୍ଟ୍ରର ଯୋଜନା କରୁଛୁ । ଏହି ରାଷ୍ଟ୍ରରେ ଉଚ୍ଚ-କୋଟିର ବ୍ରାହ୍ମଣ ବା ତ୍ୟାଗୀତପସ୍ୱୀ ଜନ୍ମ ହୁଅନ୍ତୁ । ଉଚ୍ଚକୋଟିର କ୍ଷତ୍ରିୟ ବୀରାଦି ଉତ୍ପନ୍ନ ହୁଅନ୍ତୁ । ଗାଈ, ଘୋଡା ଆଦି ଉପକାରୀ ପ୍ରାଣୀ ସୁସ୍ଥ ସବଳ ରହନ୍ତୁ । ଉଚିତ ସମୟରେ ବୃଷ୍ଟି ହେଉ । ଅପ୍ରାପ୍ତ ଧନ ପ୍ରାପ୍ତ ହେଉ ଓ ପ୍ରାପ୍ତି ପରେ ସଂରକ୍ଷଣ ଶକ୍ତିବୃଦ୍ଧି ହେଉ ।

**ଉପରୋକ୍ତ ମନ୍ତ୍ର ବୈଦିକ ରାଷ୍ଟ୍ରର ରାଷ୍ଟ୍ରୀୟ ସଙ୍ଗୀତ ଅଟେ ।**

ଆ ତ୍ୱାହାର୍ଷମନ୍ତରେଧି ଧ୍ରୁବାସ୍ତିଷ୍ଠାବି ଚା ଚଳିଃ ।
ବିଶ୍ୱସ୍ତା ବାଂଛନ୍ତୁ ମା ତ୍ୱଦ୍ରାଷ୍ଟ୍ରମଧିଭ୍ରଶତ୍ ।।
ଇହୈବେଧି ମାପ ଚ୍ୟୋଷ୍ଠାଃ ପର୍ବତ ଇବାବିଚାଚଳିଃ ।
ଇନ୍ଦ୍ର ଇବେହ ଧ୍ରୁବସ୍ତିଷ୍ଠେହ ରାଷ୍ଟ୍ରମୁ ଧାରୟ ।।
(ଋ.ବେ ୧୦:୧୭୩.୧-୨)

ଅର୍ଥ—ରାଷ୍ଟ୍ରନେତାଙ୍କ ଶପଥ ଗ୍ରହଣ ଉତ୍ସବରେ ରାଷ୍ଟ୍ରୀୟ ପୁରୋହିତ ଅଥବା ପ୍ରଧାନ ନ୍ୟାୟାଧୀଶ କହନ୍ତି—ହେ ରାଷ୍ଟ୍ରନାୟକ ! ଏହି ଦାୟିତ୍ୱପୂର୍ଣ୍ଣ ଆସନ ଉପରକୁ ଆସ । ଏଥିପାଇଁ ଆସୀନ ହୁଅ । ଧ୍ରୁବ ଓ ଅବିଚଳିତ

ଭାବରେ ଶାସନକାର୍ଯ୍ୟ କର । ସମସ୍ତ ରାଷ୍ଟ୍ରବାସୀ ତୁମଠାରେ ଶ୍ରଦ୍ଧା ଓ ବିଶ୍ବାସ ରଖନ୍ତୁ । ସେମାନେ ବିଶ୍ୱାସ ହରାଇଲେ ତୁମେ ମଧ୍ୟ ଏହି ଆସନ ହରାଇବ । ସାବଧାନ, ତୁମର ହସ୍ତରେ ରାଷ୍ଟ୍ରର ପତନ ନ ହେଉ । ନିଜ କର୍ତ୍ତବ୍ୟରେ ଦୃଢ଼ ରୁହ । ସେଥିରୁ ବିଚ୍ୟୁତ ହୁଅନାହିଁ । ପର୍ବତ ସମାନ ଅବିଚଳ, ସୂର୍ଯ୍ୟସମାନ ଦୃଢ଼ହୋଇ ନିଜ ବ୍ରତରେ ସ୍ଥିରରହି ରାଷ୍ଟ୍ରକୁ ଯଥାବିଧିରେ ଧାରଣ କର ।

ମା ନୋ ରକ୍ଷ ଆ ବେଶୀଦାଘୃଣୀ ବସୋ ମା ଯାତୁର୍ଯାତୁମାବତାମ୍
ପରୋ ଗବ୍ୟୂତ୍ୟନିରାମପ କ୍ଷୁଧମଗ୍ନେ ସେଧ ରକ୍ଷସ୍ବି ନଃ ॥
(ଋ.ବେ ୮. ୬୦. ୨୦)

ଅର୍ଥ—ହେ ଦୀପ୍ତିମାନ ନେତା ! ଆପଣଙ୍କ ଶାସନଶୀଳ ଏହିପରି ହେଉ ଯେ ରାଷ୍ଟ୍ରବାସୀଙ୍କ ମଧ୍ୟରେ ରାକ୍ଷସୀ, ଉପଦ୍ରବ କରନ୍ତୁ ନାହିଁ । ପ ଡାଦାୟକ ଦୁଷ୍ଟ ରୋଗ ପ୍ରବେଶ ନକରୁ, କ୍ଲେଶ ଯାତନା ସୃଷ୍ଟି ନ ହେଉ । ଦୁର୍ବଳତା, ଦୀନତା ନ ଆସୁ । ନିରାହାରଜନିତ ମୃତ୍ୟୁ ଦୂର ହେଉ । ପ୍ରସ୍ତୁତ ମନ୍ତ୍ରରେ ରାଷ୍ଟ୍ରନୀତିର ମୁଖ୍ୟ ଲକ୍ଷଣଗୁଡ଼ିକ ନିର୍ଦ୍ଦେଶିତ ହୋଇଛି—ଭଷ୍କାଗର, ରୋଗ, ନିର୍ଯ୍ୟାତନା, ଦୀନତା, ଓ ଅନାହାର କବଳରୁ ରକ୍ଷାପାଇଁ ବିସ୍ତୃତ ପଦକ୍ଷେପ ନେବା ସୁନୀତିକ ଲକ୍ଷଣ ଅଟେ ।

ବିଦର୍ମାଣଂ କୃଣୁହି ଦାସମେଷାଂ
ଯେ ଭୁଂକତେ ଅପୃଣନ୍ତୋ ନ ଉକ୍‌ଥୈଃ ।
ଅପବ୍ରତାନ୍ ପ୍ରସବେ ବାବୃଧାନାନ୍
ବ୍ରହ୍ମଦ୍ବିଷଃ ସୂର୍ଯ୍ୟାଦ ଯାବୟସ୍ୱ ॥ (ଋ: ବେ ୫. ୪. ୨. ୯)

ଅର୍ଥ—ହେ ରାଷ୍ଟ୍ରନାୟକ ! ଯେଉଁମାନେ ବେଦବାଣୀ ତଥା ରାଷ୍ଟ୍ରୀୟ ସମ୍ବିଧାନ ଶୁଣି ସୁଦ୍ଧା ତାହାକୁ କାର୍ଯ୍ୟକାରୀ କରନ୍ତି ନାହିଁ, ନିଜର ଭୌତିକ ଭୋଗରେ ବ୍ୟାପୃତ ରହି ସାମାଜିକ କ୍ଷେତ୍ର ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ, ସମାଜ ରଚନାରେ ଅଂଶ ଗ୍ରହଣ ନକରି ଅନୁଚିତ ଉପାୟରେ ଧନସଂଗ୍ରହ କରି ଦୁର୍ଭିକ୍ଷ, ଦୁର୍ଭିକ୍ଷ ସୃଷ୍ଟି କରନ୍ତି ସେମାନଙ୍କଠାରୁ ଧନ ବାଜ୍ୟାପ୍ତ କରନ୍ତୁ । ରାଷ୍ଟ୍ର ମଧ୍ୟରେ ରହି ସୁଦ୍ଧା ନାଗରିକ ବ୍ରତ ଉଲ୍ଲଂଘନରେ ବ୍ୟାପୃତ ରହୁଥିବା ନାସ୍ତିକ ମୂର୍ଖମାନଙ୍କୁ ସୂର୍ଯ୍ୟଙ୍କ ପ୍ରକାଶରୁ ପୃଥକ୍ କର ଅର୍ଥାତ୍ ସେମାନଙ୍କୁ ବନ୍ଦୀକର ।

ସନ୍ତୌ ରାଜାଽଭିଧାନଂ ଚରୂଣାମୂର୍ଜୋ ବଳଂ ସହ ଓଜୋ ନ ଆଗନ୍ ।
ଆୟୁର୍ଜୀବେଭ୍ୟୋ ବିଦଧଦ୍ ଦୀର୍ଘାୟୁତ୍ୱାୟ ଶତ ଶାରଦାୟ ॥
(ଅ: ବେ ୧୮. ୪. ୫୩)

ଅର୍ଥ—ଅନ୍ନପାତ୍ରକୁ ପରିଦ୍ୱାରା ଘୋଡ଼ାଇ ରଖିବାପରି ଶାସକ ରାଷ୍ଟ୍ରକୁ ଆବରଣ କରି ରଖେ । ଏହି ଶାସକ ରାଷ୍ଟ୍ରୀୟ ବଳ-ପରାକ୍ରମକୁ ସଂରକ୍ଷିତ ଓ ବର୍ଦ୍ଧିତ କରେ । ପ୍ରତ୍ୟେକ ରାଷ୍ଟ୍ରବାସୀଙ୍କ ଆୟୁ ସମ୍ବନ୍ଧୀୟ ଦାୟିତ୍ୱ ଗ୍ରହଣ କରେ ଏବଂ ପ୍ରତ୍ୟେକଙ୍କୁ ଶତାୟୁଷ୍ମାନ୍ ହେବାପାଇଁ ଯୋଜନା କରେ ।

ଉଗ୍ରୋ ରାଜା ମନ୍ୟମାନୋ ବ୍ରାହ୍ମଣଂ ଯୋ ଜିଘତ୍ସତି
ପରା ତତ୍ ସିଚ୍ୟତେ ରାଷ୍ଟ୍ରଂ ବ୍ରାହ୍ମଣୋ ଯତ୍ର ଜୀୟତେ ॥
(ଅ. ବେ. ୫. ୧୯. ୬)

ଅର୍ଥ—ଯେଉଁ ଶାସକ ଅଭିମାନୀ ହୋଇ ରାଷ୍ଟ୍ରର ଯୋଗ୍ୟପୁରୁଷଙ୍କ ଉପଦେଶ ଶୁଣେ ନାହିଁ, ଶଠତା ପୂର୍ବକ ସେମାନଙ୍କୁ ପ୍ରବଞ୍ଚନା କରେ, ସେହି ରାଷ୍ଟ୍ର ଶ୍ରୀହୀନ ହୋଇଯାଏ । ବ୍ରହ୍ମଶକ୍ତିକୁ ହତାଦର କରୁଥିବା ରାଷ୍ଟ୍ର କାଳଗତରେ ଜନେ ପରାଭୂତ ହୁଏ ।

ସଂଶିତଂ ମେ ବ୍ରହ୍ମ ସଂଶିତଂ ବୀର୍ଯ୍ୟଂ ବଳମ୍ ।
ସଂଶିତଂ କ୍ଷତ୍ରଂ ଜିଷ୍ଣୁ ଯସ୍ୟାହମସ୍ମି ପୁରୋହିତଃ (ଯ.ବେ. ୧୧. ୮୧)

ଅର୍ଥ—ରାଷ୍ଟ୍ରୀୟ ପୁରୋହିତ କହନ୍ତି—ମୁଁ ଯେଉଁ ରାଷ୍ଟ୍ରର ପୁରୋହିତ, ମାର୍ଗଦର୍ଶୀ ଅଟେ ତାହାର ବ୍ରହ୍ମବଳ, କ୍ଷାତ୍ରବଳ ସୁପୁଷ୍ଟ ତଥା ଜୟଶୀଳ ହେଉ । ମୋର ବ୍ରହ୍ମଜ୍ଞାନ, ବୀର୍ଯ୍ୟ-ପରାକ୍ରମ ତୀକ୍ଷ୍ଣ ଓ ପ୍ରଚଣ୍ଡ ରହୁ ।

ଆଯ୍ୟଦ୍ ବାମୀସ୍ୟ ଚକ୍ଷସା ମିତ୍ର ବୟଂ ସୂରୟଃ ।
ବ୍ୟଚିଷ୍ଠେ ବହୁପାଯ୍ୟେ ଯତେମହି ସ୍ୱରାଜେ । (ଋ.ବେ. ୫.୬୬. ୬)

ଅର୍ଥ—ହେ ବିରୋଧରହିତ ପରସ୍ପର ସ୍ନେହବାନ ସ୍ତ୍ରୀ ପୁରୁଷ ! ଦୀର୍ଘଦୃଷ୍ଟି ସମ୍ପନ୍ନ ସମାଜନେତାଗଣ ! ଆମ୍ଭେମାନେ ସମସ୍ତେ ମିଳିମିଶି ସ୍ୱରାଜ୍ୟ ପ୍ରତିଷ୍ଠା କରିବା । ସ୍ୱରାଜ୍ୟର ସିଦ୍ଧି ବା ସଂରକ୍ଷଣ ନିମିତ୍ତ ବହୁଜନ—ଜନତାର ସହଯୋଗ ଆବଶ୍ୟକ । ସ୍ୱରାଜ୍ୟ ବହୁମୁଖୀ ଅଭ୍ୟୁଦୟର ଆଧାର ଅଟେ । ସ୍ୱରାଜ୍ୟ ପ୍ରତିଷ୍ଠା ନିମିତ୍ତ ରାଷ୍ଟ୍ରବାସୀଙ୍କ ମଧ୍ୟରେ ମିତ୍ରତା ଓ ଦୀର୍ଘଦୃଷ୍ଟି ରହିବା ଆବଶ୍ୟକ ।

# ବେଦରେ ଅର୍ଥଶାସ୍ତ୍ରର ସୂଚନା

ବେଦରେ ଅର୍ଥଶାସ୍ତ୍ର (**Economics**) ସମ୍ବନ୍ଧରେ ଅନେକ ମନ୍ତ୍ର ଦେଖିବାକୁ ମିଳେ । ବେଦ ଜ୍ଞାନ ଅଟେ । ସମାଜର ମାନଦଣ୍ଡକୁ ସଂଗଠିତକରି ରଖିବାରେ ଅର୍ଥହିଁ ଲୋଡା ଏଣୁ ଅର୍ଥ ଓ ସମାଜ ପରସ୍ପର ପରିପୂରକ । ବିନା ଅର୍ଥରେ ବଳିଷ୍ଠ ସମାଜ ଓ ବିନା ପଦ୍ଧତ ସମାଜର ବହୁଳ ଅର୍ଥ ଅସମ୍ଭବ । ଅର୍ଥ କେବଳ ଜୀବନର ମାନଦଣ୍ଡ ନୁହେଁ । ଅର୍ଥ ସହିତ ସତ୍ୟ ଭାବନା; ସତ୍ୟ ସଂରକ୍ଷଣ; ସତତତାକୁ ବଳିଷ୍ଠ ମାନବିକତା ଓ ଏହାର ବ୍ୟବହାର ଅର୍ଥଶାସ୍ତ୍ରର ଧ୍ୟେୟ ଅଟେ । ଅର୍ଥହିଁ ଅନର୍ଥର ମୂଳକାରଣ ହୋଇପଡେ । କାରଣ ଅର୍ଥ ନାସ୍ତିକଜନ କ୍ଷେତ୍ରରେ ସାମ୍ୟଭାବରେ ରହିପାରେ ନାହିଁ । ଜ୍ଞାନୀ, ବିଦ୍ୱାନବ୍ୟକ୍ତି ନିକଟରେ ଅର୍ଥ ରହି ଜନକଲ୍ୟାଣରେ ଲାଗେ କିନ୍ତୁ ଦୁଷ୍ଟ ଅହଂକାରୀ ବ୍ୟକ୍ତି ନିକଟରେ ଏହା ପୀଡା ଦାୟକ ଅଟେ । ଏଣୁ ଅର୍ଥବଣ୍ଟନ କରଣର ସାମ୍ୟାବସ୍ଥାହିଁ ଦେଶର ବିକାଶର ଚିହ୍ନ । ଏ ଯୁକ୍ତି ସର୍ବସ୍ଥାନରେ ପ୍ରଯୁଜ୍ୟ ନୁହେଁ ବୋଲି କେତେକ ଅର୍ଥଶାସ୍ତ୍ରବିଦ ମତଦେଇ ଅଛନ୍ତି । କାରଣ ବିଶ୍ୱବ୍ରହ୍ମାଣ୍ଡର ପ୍ରାରମ୍ଭରୁ ଏହି ମନୁଷ୍ୟ ସମାଜ ଦୁଇଟି ଶ୍ରେଣୀରେ ବିଭକ୍ତ 'ପୁଞ୍ଜିପତି ଗୋଷ୍ଠୀ ଓ କର୍ମଶ୍ରମୀ ଗୋଷ୍ଠୀ' । ତର୍କବିଦ୍ୟା କହେ, "ସମସ୍ତ ଅର୍ଥଜୀବୀ (ପୁଞ୍ଜିପତି) ସମାଜ ଦରିଦ୍ର ନୁହଁନ୍ତି କିମ୍ବା ସେମାନେ କେବେହେଲେ ଦରିଦ୍ର ହେବେନାହିଁ କି କର୍ମଶ୍ରମୀ ମଧ୍ୟବିତ୍ତ ମଜଦୁରିଆ ଗୋଷ୍ଠୀ ସମସ୍ତେ ପୁଞ୍ଜିପତି ହେବେନାହିଁ । ଏହି ସମାଜରେ ମଜଦୁରିଆ, ପୁଞ୍ଜିପତି ଓ ପୁଞ୍ଜିପତି ମଜଦୁରିଆ ହୋଇପାରନ୍ତି କିନ୍ତୁ ସୃଷ୍ଟି ହେଉ କିମ୍ବା ପୂର୍ଣ୍ଣ ସମାଜ ହେଉ ସବୁବେଳେ ଏହି ଦୁଇଟି ଗୋଷ୍ଠୀ ଏ ସମାଜରେ ରହିବ, ରହିଛି ଏବଂ ରହୁଛି ମଧ୍ୟ । ବସ୍ତୁବାଦୀ ଦାର୍ଶନିକ ଓ ଭାବବାଦୀ ଦାର୍ଶନିକମାନେ ଶେଷରେ ଏହି ଯୁକ୍ତି ବାଢିଅଛନ୍ତି । ଏଣୁ ଜ୍ଞାନୀ, ବିଦ୍ୱାନମାନେ ନିର୍ଣ୍ଣୟ କରିଥାନ୍ତି ଯେ ରାଷ୍ଟ୍ରର ଅର୍ଥ ଉପଯୁକ୍ତ କ୍ଷେତ୍ରରେ ନିୟୋଜିତ ହେଲେ ନିରପେକ୍ଷ, ନିରହଂକାର ଶୂନ୍ୟଭାବରେ ଜନକଲ୍ୟାଣରେ ଏହା ଲାଗିପାରିବ । କିନ୍ତୁ ରାଜକୋଷକୁ ଶୂନ୍ୟକରି ଦେଶର ପ୍ରଗତି ଦିଗରେ ଅର୍ଥବଣ୍ଟନ କରିବାପାଇଁ ଅର୍ଥଶାସ୍ତ୍ରରେ ଆଦେଶନାହିଁ । ଯେଉଁ ଦେଶର ଅର୍ଥକୋଷ ପୂର୍ଣ୍ଣ, ସେହିଦେଶର ଜ୍ଞାନକୋଷ ପୂର୍ଣ୍ଣ । ଯେଉଁ ଦେଶର ଜ୍ଞାନକୋଷ ପୂର୍ଣ୍ଣ ସେହି ଦେଶର ଅର୍ଥକୋଷ ପୂର୍ଣ୍ଣ ଅଟେ । ଏଣୁ ଦେଶର ବିକାଶପାଇଁ ଅର୍ଥ ଓ ଜ୍ଞାନ ଅତ୍ୟାବଶ୍ୟକ । ବେଦ କହେ, "ସମସ୍ତ ଅର୍ଥର ୪ ଭାଗରୁ ଏକଭାଗ ସୈନ୍ୟ ଓ ଜ୍ଞାନର ବିକାଶପାଇଁ ନିୟୋଜିତ କରିବ, ଦୁଇଭାଗ ରାଜକୋଷରେ ସଂରକ୍ଷିତ ହୋଇ ସର୍ବଦା ରହିଥିବ । ଆକସ୍ମିକ ବାତ୍ୟା, ବନ୍ୟା, ଦୁର୍ଭିକ୍ଷ କାଳରେ ଏହି

କୂଇଭାଗରୁ ଏକଭାଗ ବଣ୍ଟନ କରିବ । ଅନ୍ୟ ଏକଭାଗ କରରୂପ ଆକାରରେ ଦେବ, କିନ୍ତୁ ଅତ୍ୟଧିକ କର ନେବନାହିଁ ।

ପଞ୍ଚାଶଦ୍ଭାଗ ଆଦେୟୋ ରାଜ୍ଞା ପଶୁହିରଣ୍ୟୟୋଃ
ଧାନ୍ୟାନାମଷ୍ଟମୋ ଭାଗ ଷଷ୍ଠୋ ଦ୍ୱାଦଶ ଏବବା ।

ମନୁ ୭ । ୧୩୦ ।।

ସୁନାରୁପାର ବଣିକ ଓ ଶିଳ୍ପୀମାନଙ୍କ ଠାରୁ ଲାଭରୁ ଲାଭର ପଚାଶ ଭାଗ ରାଜା କର ରୂପେ ଗ୍ରହଣ କରିବେ । ଧାନ୍ୟାଦି କୃଷିଜାତପଦାର୍ଥ ଆୟ ଉପରେ ୬ ଭାଗ, ଆଠ ଭାଗ, କିମ୍ବା ବାରଭାଗ ହିସାବରେ ନେବେ । ଯଦି ଶସ୍ୟ ସ୍ୱରୂପରେ ନନେଇ ନଗଦ ଟଙ୍କା ରୂପରେ ନିଅନ୍ତି ତଥାପି ଉକ୍ତ ଅଂଶ ପରିମାଣରେ ନେବାକୁ ହେବ । ସେପରିକି ପ୍ରଜାକୂଳ କର ଦେବାଲାଗି ଅସୁବିଧାଯୁକ୍ତ ନହୁଅନ୍ତି, କାରଣ ପ୍ରଜାମାନେ ଧନାଢ୍ୟ; ଆରୋଗ୍ୟବାନ ହେଲେ ରାଜ୍ୟ ଓ ରାଜାର ଅନେକ ଉପକାର ହୁଏ ।

ସମସ୍ତଙ୍କୁ ସତ୍କାର୍ଯ୍ୟ କରିବାପାଇଁ ସୁବିଧା ଦେବନାହିଁ । ସେ ଯେଉଁ କାର୍ଯ୍ୟରେ ପାରଙ୍ଗମ ତାକୁ ସେହି କାର୍ଯ୍ୟଦେଲେ ସେ ସହଜରେ ତାହା କରିଦିଏ ଏଣୁ ରାଜା ନିଯୁକ୍ତ ବିଷୟରେ ଚିନ୍ତା କରିବେ ।

କୌଟିଲ୍ୟ ତାଙ୍କର ଅର୍ଥଶାସ୍ତ୍ରରେ ବର୍ଣ୍ଣନା କରିଅଛନ୍ତି ଭାରତବର୍ଷର ଉତ୍ତରରେ ଶ୍ରେଷ୍ଠ ଶ୍ରେଷ୍ଠ ରାଜ୍ୟମାନେ ରାଜତନ୍ତ୍ରର ଗଡବନ୍ଧରେ ସେହି ରାଷ୍ଟ୍ରମାନଙ୍କୁ ଶାସନ କରୁଥିଲେ । କିନ୍ତୁ ଯେତେବେଳେ, ମହାପୁରୁଷ ବୁଦ୍ଧଙ୍କର ଆବିର୍ଭାବ ହେଲା, ସେହି ସମୟରେ ଅବନ୍ତୀ, କୋଶଳ, ବତ୍ସ ଓ ମଗଧ ରାଷ୍ଟ୍ରରେ ଗଣତନ୍ତ୍ରର ଆଦର ବଢିଲା । ସମସ୍ତେ ସମାନ, ସମସ୍ତ ପଦାର୍ଥ ଈଶ୍ୱରକୃତ, ଏଣୁ ସମସ୍ତେ ଈଶ୍ୱରଙ୍କ ପୁତ୍ର ଅଟନ୍ତି । ଏହା ବୁଦ୍ଧଦେବ ପ୍ରଚାର କରୁଥିବାରୁ ଏହି ଗଣତନ୍ତ୍ରର ଆଦର ବଢିଥିଲା । ପାଲି ଭାଷାରେ ଗଣତନ୍ତ୍ର ବିଷୟରେ ନାନାପ୍ରକାର ପୁସ୍ତକ ରଚନା କରିଲେ । ଏଣୁ ପାଲି-ଭାଷାରେ କେତେକ ଗଣତନ୍ତ୍ର ରାଷ୍ଟ୍ରର ନାମ ମିଳେ । ଲିଚ୍ଛବୀ, ମଲ୍ଲ, କମ୍ବୋଜ, କୁରୁ, ପାଞ୍ଚାଳ ଆଦି ଏଗାରଟି ରାଜ୍ୟ ଗଣତନ୍ତ୍ରରାଷ୍ଟ୍ର ଥିଲେବୋଲି ମିଳେ । ଏଣୁ ବର୍ତ୍ତମାନ ଆମେ ଗଣତନ୍ତ୍ରକୁ ଜନ୍ମ ଦେଲେବୋଲି କହିବା ମିଥ୍ୟା ଅଟେ । ବେଦରେ ଗଣତନ୍ତ୍ର ଓ ରାଜତନ୍ତ୍ରର ବର୍ଣ୍ଣନା ଅଛି । ଗଣତନ୍ତ୍ର ରାଜ୍ୟଗଠନ କରିବାପାଇଁ କପରି ଅର୍ଥ-ସମାନତା, ଖାଦ୍ୟ, ବସ୍ତ୍ରଚିନ୍ତା; ଗତିର ସମାନତା

ଆବଶ୍ୟକ, ତାକୁ ଜଣେ ଜର୍ମାନ ଅର୍ଥଶାସ୍ତ୍ରବିତ୍ ବେଦରୁ ଉଦ୍ଧାରକରି ଲେଖିଛନ୍ତି "Uniform be your deliberation and uniform be the result you achieve, uniform be your mind and uniform be your thought, A common prayer do, I ulter forth for you and common oblation do I offer for you"

ଏବଂ ଅନ୍ୟ ଏକ ଅର୍ଥଶାସ୍ତ୍ରବିତ୍ ବେଦରୁ ଉଦ୍ଧାର କରି କହିଛନ୍ତି :—

Come together, speak in harmony and may your minds see agreement took their offering-

ସମାନୋ ମନ୍ତ୍ରଃ ସମିତିଃ ସମାନୀ
ସମାନଂ ମନଃ ସହ ଚିତ୍ତମେଷାମ୍
ସମାନଂ ମନ୍ତ୍ରମଭିମନ୍ତ୍ରୟେ ବଃ
ସମାନେବ ବୋ ହବିଷା ଜୁହୋମି

ସମାନୀବ ଆକୂତିଃ ସମାନୋ ହୃଦୟାନି ବଃ
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି
ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍
ଦେବାଭାଗଂ ଯଥାପୂର୍ବେ ସଂଜାନାନା ଉପାସତେ ।
—ଋଗ୍ବେଦ

ମନ ଆକୂତି ହୃଦୟ, ସବୁ ସମାନ କରିବା ଦରକାର । ସମାନ ମନ ବା ଏକାଗ୍ରତା ସମାନ ହୃଦୟ ବା ସମସ୍ତଙ୍କୁ ସମାନ ଭାବରେ ଦେଖିବା ଓ ସମସ୍ତେ ଏକତ୍ରିତ ହୋଇ ସ୍ଥିରବୁଦ୍ଧି ଦ୍ୱାରା ସବୁ ପଦାର୍ଥକୁ ସମାନ ଭାବରେ ଗ୍ରହଣ କରିବା ଉଚିତ୍ ଅଟେ । ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତେ ସମାନ ଅଧିକାର ପାଇବେ ।

କୌଟିଲ୍ୟ; ରାଜକୋଷର ବର୍ଣ୍ଣନା କରି ତାଙ୍କର ଅର୍ଥଶାସ୍ତ୍ରରେ ଲେଖିଛନ୍ତି; ରାଜକୋଷକୁ ରକ୍ଷା କରିବା ପାଇଁ ଅତ୍ୟନ୍ତ ନିରହଙ୍କାର ଧର୍ମିଷ୍ଠ; ସମଦର୍ଶୀ, ଶକ୍ତିଶାଳୀ ବ୍ୟକ୍ତି ଦରକାର, କାରଣ ଏହି ପ୍ରକାର ଗୁଣରହିତ ବ୍ୟକ୍ତି ରାଜକୋଷର ସଞ୍ଚିତ ଅର୍ଥକୁ ଯଥା କାର୍ଯ୍ୟରେ ଲଗାଇ ପାରେନାହିଁ । ଗଣତନ୍ତ୍ରର ଏହା ସତ୍ୟ

ବିଦୁର ଅଟେ । ରାଜକୋଷ ଉପରେ ରାଜ୍ୟର ଚିନ୍ତା, ପ୍ରଗତି, ସୈନ୍ୟମାନଙ୍କର ଶକ୍ତି ଓ ରାଜନୀତି ନିର୍ଭର କରେ । ଏଣୁ ରାଜକୋଷକୁ ବଞ୍ଚାଇ ରଖିଲେ ରାଜ୍ୟ ବଞ୍ଚେ ।

ରାଜକୋଷ ପାଇଁ ରାଜ୍ୟର ଶୃଙ୍ଖଳାପାଇଁ ନିମ୍ନକର୍ମଚାରୀଙ୍କୁ ମୁଖ୍ୟତଃ ରାଜା ନିଯୁକ୍ତ କରନ୍ତି:—

(୧) ବିନୟାଧିକାରିକ:—ରାଜାଙ୍କର ବିନୟ ପାଠ ଓ ବିଦ୍ୟାଦି ଶିକ୍ଷାର ପ୍ରସ୍ତାବକ ।

(୨) ଅଧ୍ୟକ୍ଷ ପ୍ରଚାର:—ବିଭିନ୍ନ ଶାସନ ବିଭାଗ ଅଧ୍ୟକ୍ଷଙ୍କର କର୍ତ୍ତବ୍ୟ ନିର୍ଣ୍ଣୟକ ।

(୩) ଧର୍ମସ୍ଥୀୟ:—ଦିୱାନୀ ଅଦାଲତ ସମ୍ବନ୍ଧୀୟ ଓ ଏହାର ବ୍ୟବହାର ନିର୍ଦ୍ଦେଶକ ।

(୪) କଣ୍ଟକଶୋଧନ:—ଫୌଜଦାରୀ ଅଦାଲତ ସମ୍ବନ୍ଧୀୟ ଓ ଦଣ୍ଡବିଚାରକ ।

(୫) ଯୋଗବୃତ୍ତ ।

(୬) ମଣ୍ଡଳଯୋନି ।

(୭) ଷାଡ଼ଗୁଣ୍ୟ—ସନ୍ଧି—ବିଗ୍ରହ ପରାମର୍ଶକ ।

(୮) ବ୍ୟସନାଧିକାରିକ (ରାଜ୍ୟ ସଙ୍କଟ ପର୍ଯ୍ୟାଲୋଚକ)

(୯) ଅଭିଯାସ୍ୟତକର୍ମ ।

(୧୦) ସାଂଗ୍ରାମିକ ।

(୧୧) ସଂଘବୃତ୍ତ

(୧୨) ଆବଳୀୟସ ।

(୧୩) ଦୁର୍ଗଲମ୍ଭୋପାୟ ।

(୧୪) ଔପନିଷଦିକ:—ଯୁଦ୍ଧପାଇଁ ପଥନିର୍ଦ୍ଦେଶକ ।

(୧୫) ତନ୍ତ୍ରଯୁକ୍ତି:—ନ୍ୟାୟାଧୀଶ ।

ଏହା ବ୍ୟତୀତ ରାଜ୍ୟର ଖବର ରଖିବା ପାଇଁ ରାଜା ଗୁପ୍ତଚରମାନଙ୍କୁ ଅତି ଗୁପ୍ତଭାବରେ ନିଯୁକ୍ତି ଦେବେ । ସେମାନେ କଣ କରୁଛନ୍ତି ତାହା ମଧ୍ୟ ଗୁପ୍ତଭାବରେ ରହି ଦେଖିବାକୁ ହେବ ।

ଏବଂ ଶତ୍ରୌଚ ମିତ୍ରେଚ ମଧ୍ୟମେ ଚାବପେଚ୍ଚରାନ୍
ଉଦାସୀନେଚ ତେଷାଂଚ ତୀର୍ଥେ ଷ୍ୱଷ୍ଟାଦଶସ୍ୱପି । ୨
ଅନ୍ତର୍ଗୃହଚରାସ୍ତେଷାଂ କୁବ୍ଜବାମନଷାଂ ଢକାଃ
ଶିଳ୍ପବତ୍ୟଃ ସ୍ତ୍ରିୟୋ ମୂକାଶ୍ଚିତ୍ରାଶ୍ଚ ମ୍ଳେଚ୍ଛଜାତୟଃ । ୩
ଦୁର୍ଗେଷୁ ବଣିଜଃ ସଂସ୍ଥା ଦୁର୍ଗା ଚ ସିଦ୍ଧତାପସାଃ
କର୍ଷକୋଦାସତା ରାଷ୍ଟ୍ରେ ରାଷ୍ଟ୍ରାନ୍ତେ ବ୍ରଜବାସିନଃ । ୪
(କୌଟିଲ୍ୟ ଅର୍ଥଶାସ୍ତ୍ର)

ଏହିପରିକି ରାଜା ଶତ୍ରୁ, ମିତ୍ର, ମଧ୍ୟମ ଓ ଉଦାସୀନ ରାଜାମାନଙ୍କ ଉପରେ ମନ୍ତ୍ରୀ ସେନାପତି ଆଦି ଅଷ୍ଟାଦଶ ତୀର୍ଥ ଏବଂ ପ୍ରଧାନମନ୍ତ୍ରୀଙ୍କ ପଛରେ ଗୁପ୍ତଚର ନିଯୁକ୍ତ କରିବେ । ସେମାନଙ୍କ ଗୃହରେ ଚାକର ଓ କର୍ମଚାରୀ ଭାବରେ ମୂର୍ଖଲୋକମାନଙ୍କୁ ରଖି ଓ ସ୍ତ୍ରୀମାନଙ୍କୁ ରଖି ସମସ୍ତ ଗୁପ୍ତକଥା ସଂଗ୍ରହ କରିବେ । ଶତ୍ରୁମାନଙ୍କର କଥା ଜାଣିବା ପାଇଁ ବଣିକ ରାଜ୍ୟର ବାହାରେ, ଦୁର୍ଗର ସୀମାରେ ତାପସରୂପଧାରୀ ବ୍ୟକ୍ତି, ଏବଂ ଜନପଦରେ ଗୋପାଳ (ବ୍ରଜବାସୀ) ମାନଙ୍କୁ ନିଯୁକ୍ତ କରିବେ । ରାଜା ଶତ୍ରୁର କାର୍ଯ୍ୟାଳୟ ଜାଣିବା ପାଇଁ ବନରେ ମଧ୍ୟ ଗୁପ୍ତଚରଙ୍କୁ ନିଯୁକ୍ତ କରିବେ । ଯେଉଁମାନେ ବନରେ ଗୁପ୍ତଚର ଭାବରେ ରହିପାରିବେ ସେହିମାନଙ୍କୁ ନିଯୁକ୍ତ ନ କଲେ ଗୁପ୍ତକଥା ମିଳେନାହିଁ । ଏଣୁ ସେମାନଙ୍କୁ ପରୀକ୍ଷାକରି ନିଯୁକ୍ତ ଦେବାକୁ ହେବ ।

ଆକୃତ୍ୟା କୃତ୍ୟା ପଶ୍ୟ ସୈଦର୍ଶିତାନ୍ କାର୍ଯ୍ୟହେତୁଭିଃ
ପରିପସର୍ପ ଜ୍ଞାନାର୍ଥ ମୁଖ୍ୟାନନ୍ତେଷୁ ବାସୟେତ ।
(କୌଟିଲ୍ୟ ଅର୍ଥଶାସ୍ତ୍ର)

ଗୁପ୍ତଚରମାନଙ୍କୁ ପ୍ରଲୋଭନ ଦେଖାଇଲେ ମଧ୍ୟ ସେ ଯେପରି କାହାର ବଶରେ ନପଡ଼ନ୍ତି । ଏଣୁକରି ଗୁପ୍ତଚର ଯେପରି ସାଧୁ, ନିର୍ଲୋଭ ହେବେ, ସେଥିପାଇଁ ଦୃଷ୍ଟି ଦେବାକୁ ପଡ଼ିବ ।

**ରାଜା ଭବତ୍ୟନେନାସ୍ତୁ ମୁଚ୍ୟନ୍ତେ ଚ ସଭାସଦଃ**
**ଏନୋ ଗଚ୍ଛତି କର୍ତ୍ତାରଂ ନିନ୍ଦାର୍ହୋ ଯତ୍ର ନିନ୍ଦ୍ୟତେ । ମନୁ ।**

ରାଜା, ସଭ୍ୟ ଓ ରାଜପୁରୁଷମାନେ ଦେଶାଚାର ଓ ଶାସ୍ତ୍ର ବ୍ୟବସ୍ଥାନୁସାରେ ନିମ୍ନଲିଖିତ ୧୮ ପ୍ରକାର ବିବାଦମାନ ନିଷ୍ପତ୍ତି କରିବେ । ଯଥା ଯେଉଁ

ବିବାଦ ସକାଶେ ଶାସ୍ତ୍ରୋକ୍ତ ବ୍ୟବସ୍ଥାନାହିଁ ସେଥିପାଇଁ ଆବଶ୍ୟକ ହେଲା ନୂତନ ନିୟମମାନ ବିଧିବଦ୍ଧ କରିବେ, ଯାହାଦ୍ୱାରା ରାଜା ଓ ପ୍ରଜାର ଉନ୍ନତି ହେବ ।

୧ । ଋଣଦାନ—ଋଣ ଦେବାନେବା ବିଷୟକ ବିବାଦ ।

୨ । ନିକ୍ଷେପ—କୌଣସି ବ୍ୟକ୍ତି ପାଖରେ ରଖାଯାଇଥିବା ପଦାର୍ଥ ଫେରନ୍ତ ଦିଆନଯିବା ବିଷୟ ।

୩ । ଅସ୍ୱାମୀ ବିକ୍ରୟ—ଅନଧିକାର ବିକ୍ରୟ; ଅର୍ଥାତ୍ ଜଣଙ୍କର ପଦାର୍ଥ ଅନ୍ୟଜଣେ ବିକ୍ରୟ କରିଦେବା ।

୪ । ବହୁ ଲୋକ ମିଶି କୌଣସି ଏକ ବ୍ୟକ୍ତି ଉପରେ ଅତ୍ୟାଚାର କରିବା ।

୫ । ଋଣ ପରିଶୋଧ ନ କରିବା ।

୬ । ବେତନ ନ ଦେବା ବା ଊଣା କରି ଦେବା ।

୭ । ପ୍ରତିଜ୍ଞା ଭଙ୍ଗ କରିବା ।

୮ । କ୍ରୟ ବିକ୍ରୟ ବିଷୟକ ବିବାଦ ।

୯ । ପଶୁପାଳନ ଓ ପଶୁସ୍ୱାମୀ ମଧ୍ୟରେ ବିବାଦ ।

୧୦ । ସୀମାବିବାଦ ।

୧୧ । କୌଣସି ଲୋକ ଅନ୍ୟ କୌଣସି ଲୋକକୁ କଠୋର ଦଣ୍ଡ ଦେବା ।

୧୨ । କଠୋର ବାଣୀ କହିବା ।

୧୩ । ଚୋରି ବା ଡକାୟତି ।

୧୪ । କୌଣସି କାମ ବଳତ୍କାର ପୂର୍ବକ କରିବା ।

୧୫ । ବ୍ୟଭିଚାର କରିବା ।

୧୬ । ସ୍ତ୍ରୀ ଓ ପୁରୁଷ ଧର୍ମର ବ୍ୟତିକ୍ରମ କରିବା ।

୧୭ । ଦାୟ ଭାଗ ବିବାଦ ।

୧୮ । ଦ୍ୟୂତ କ୍ରୀଡ଼ା ।

ପରସ୍ପର ମଧ୍ୟରେ ବିବାଦ ଏହିପରି ୧୮ ଭାଗରେ ମନୁ ସଂହିତାରେ ବିଭକ୍ତ କରାଯାଇଛି । ଉତ୍ତରପତ ନ୍ୟାୟ, ଶାସ୍ତ୍ର ଧର୍ମଶାସ୍ତ୍ରାନୁସାରେ ବିବାଦମାନ ନିଷ୍ପତ୍ତି

କରିବେ । ଏହାକୁ ନିରପେକ୍ଷ ନିରହଙ୍କାର ଭାବରେ ବିଗ୍ଭର କରିବାକୁହିଁ ପଡ଼ିବ ।

ମୋଘ ମନ୍ନଂ ବିନ୍ଦତେ ଅପ୍ରଚେତାଃ
ସତ୍ୟଂ ବ୍ରବୀମି ବଧଇତ୍ ସତସ୍ୟ
ନାର୍ଯ୍ୟମଣଂ ପୁଷ୍ୟତି ନୋ ସଖାୟଂ
କେବଳାଘୋ ଭବତି କେବଳାଦୀ । ଋଗ୍‌ବେଦ ୧ ।୧୧୭।୬ ।।

ଅଜ୍ଞ ଅନୁଦାର ବ୍ୟକ୍ତି ବୃଥା ଅନ୍ନ ଭକ୍ଷଣ କରେ । ଯେ ଏକାକୀ ଅନ୍ନ ଭୋଜନ କରେ ସେ ପାପ ଭକ୍ଷଣ କରେ । ମୁଁ ସତ୍ୟ କହୁଅଛି ସେ ଅନ୍ନ ଭକ୍ଷଣରେ ତା’ ପକ୍ଷରେ ବଧ କାରଣ, ଯେହେତୁ ସେ ଅନ୍ନ ବନ୍ଧୁର ମଙ୍ଗଳ କରେ ନାହିଁ । ଏଠାରୁ ଜଣା ପଡ଼ନ୍ତି ଯେ ସମାଜରେ ଅନ୍ନବଣ୍ଟନ ସମାନ ଭାବରେ କରିବ । ଏକାକୀ ଅନ୍ନ ଭୋଜନ କରିବ ନାହିଁ । ଏସ୍ତ୍ର ପାପ ଅନ୍ନ ଭକ୍ଷଣ କରିବା ପାଇଁ ଶାସ୍ତ୍ରରେ ମନା କରାଯାଇ ଅଛି । ନିଜର କର୍ତ୍ତବ୍ୟ ସମାପନ କରି ଅନ୍ନ ଭକ୍ଷଣ କରିବ ।

ତସ୍ମ୍ୟାଦସ୍ଥଧ ସମ୍ପନ୍ନଂ ଧନଧାନ୍ୟେନ ବାହନୈଃ
ବ୍ରାହ୍ମଣୈଃ ଶିଲ୍ପିଭିର୍ଯନ୍ତ୍ରୈ ର୍ଯବସେ ନୋଦକେନଚ ।
ତସ୍ୟ ମଧ୍ୟେ ସୁପର୍ଯ୍ୟାପ୍ତଂ କାରୟେଦ୍ ଗୃହମାତ୍ମନଃ
ଗୁପ୍ତଂ ସର୍ବର୍ତୁକଂ ଶୁଭ୍ରଂ ଜଳବୃକ୍ଷ ସମନ୍ୱିତମ୍ ।

ଦୁର୍ଗରେ ନାନାବିଧ ଶସ୍ତ୍ର ସୁରକ୍ଷିତ ରଖାଯିବ; ଧନ, ଧାନ୍ୟ, ଯାନ, ବାହନ, ପଣ୍ଡିତ, ଉପଦେଶକ, ଶିକ୍ଷକ; କାରିଗର ଯନ୍ତ୍ରୀ; ନାନା ପ୍ରକାର କଳା କୌଶଳ, ପଶୁମାନଙ୍କ ଖାଦ୍ୟ ସକାଶେ ଘାସ, ପୁଣି ଜଳ ଇତ୍ୟାଦିର ଆୟୋଜନ ରାଜା କରିବେ । ନଗର ମଧ୍ୟରେ ରାଜାଙ୍କର ନିଜ ଭବନ ଓ ରାଜକୀୟ କାର୍ଯ୍ୟାଳୟ ସ୍ଥାପିତ ହେବ । ତାହା ଜଳ, ପୁଷ୍ପବଗିଚ୍ଚ ଓ ନାନା ପ୍ରକାର ସ୍ୱାସ୍ଥ୍ୟକର ଫଳ ଦ୍ୱାରା ସବୁ ଋତୁରେ ସୁଖପ୍ରଦ ହୋଇଥିବ ଏବଂ ତହିଁରେ ସକଳ ପ୍ରକାର ରାଜକାର୍ଯ୍ୟ ସ୍ୱଚ୍ଛନ୍ଦରୂପେ ନିର୍ବାହ ରାଜା କରିବେ । ରାଜା ଅତି ସ୍ଥିର, ପଣ୍ଡିତ, ଅକ୍ରୋଧୀ ହେବେ । ରାଜକାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ପ୍ରଜା ବା ଜନତା ପ୍ରତି ସ୍ନେହ, ସେବା, ନିରହଙ୍କାର, ନିରପେକ୍ଷ ଭାବରେ ପ୍ରଦର୍ଶନ କରାଇଥିବେ ଏହା ବ୍ୟତୀତ ସହନଶୀଳତା ଗୁଣ ଦେଖାଇ ରାଜା ସମସ୍ତଙ୍କର ସ୍ନେହ ପାତ୍ର ହେବା ଉଚିତ୍ । ରାଜା ବ୍ରହ୍ମଚର୍ଯ୍ୟ ପାଳନ କରିବେ ଓ ପ୍ରଜାମାନଙ୍କର ବ୍ୟକ୍ତିଗତ ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବେ ନାହିଁ । ରାଜା ଓ ସଦସ୍ୟମାନେ ଦେବତା, ବ୍ରାହ୍ମଣ, ଯୋଗୀ, ଜ୍ଞାନୀ, ପଣ୍ଡିତମାନଙ୍କୁ ଡ଼ାକି ରାଜଭବନରେ ଶାସ୍ତ୍ର ଆଲୋଚନା

କରାଇବେ ବିଦ୍ୟାଳୟ ଗୁଡ଼ିକରେ ଚରିତ୍ରବାନ୍ ଶିକ୍ଷକ ରଖାଇବେ ଓ ବିଦ୍ୟାଳୟର କାର୍ଯ୍ୟଗୁଡ଼ିକ ବୈଦିକ ରୀତିରେ ଦେବ । ତା'ହେଲେ ରଜା ଏକ ସୁସ୍ଥ ସମାଜ ଗଢ଼ିପାରିବେ ଯାହାକି ରାମରାଜ୍ୟପରି ରାଜ୍ୟ ହେବ ।

—o—

# ବେଦରେ ବ୍ରହ୍ମଚର୍ଯ୍ୟ ଶିକ୍ଷା

**ଅଦ୍‌ଭି ର୍ଗାତ୍ରାଣି ଶୁଧ୍ୟନ୍ତି ମନଃସତ୍ୟେନ ଶୁଧ୍ୟତି**
**ବିଦ୍ୟାତପୋଭ୍ୟାଂ ଭୂତାତ୍ମା ବୁଦ୍ଧି ର୍ଜ୍ଞାନେନ ଶୁଧ୍ୟତି । ମନୁ ।।**

ଜଳରେ ଦେହର ବାହ୍ୟାଂଶ ଶୁଦ୍ଧ ହୁଏ । ସତ୍ୟ କହିବା ଦ୍ୱାରା ମନ ଶୁଦ୍ଧ ହୁଏ । ବିଦ୍ୟାଦ୍ୱାରା ଆତ୍ମୋନ୍ନତି ଲାଭହୁଏ ଓ ଜ୍ଞାନ ଦ୍ୱାରା ବୁଦ୍ଧି ବିକଶିତ ହୁଏ । ସବଳ ଜୀବନ, ବୁଦ୍ଧିର ଉଦୟ କେବଳ ବ୍ରହ୍ମଚର୍ଯ୍ୟ ଦ୍ୱାରାହିଁ ହୋଇଥାଏ । ବ୍ରହ୍ମଚର୍ଯ୍ୟ ଦ୍ୱାରା ମନୁଷ୍ୟର ଅନେକ କାର୍ଯ୍ୟ ସାଧିତ ହୁଏ । ବାଉଁଶ ଗଣ୍ଠି ଗୁଡ଼ିକ ଯେପରି ବାଉଁଶକୁ ଶକ୍ତିଶାଳୀ କରି ରଖିଥାଏ ସେହିପରି ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ମନୁଷ୍ୟର ବାହ୍ୟ ଓ ଆଭ୍ୟନ୍ତର ଶକ୍ତିଶାଳୀ ହୁଏ । ମନୁଷ୍ୟ ଜ୍ଞାନୀ ଓ ଦୀର୍ଘାୟୁ ହୁଏ । ଜୀବନକୁ ସତ୍ୟ, ପବିତ୍ର, ନିର୍ଲିପ୍ତ କରିବାକୁ ଗଲେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ ପଡ଼େ । ଏଥିପାଇଁ ପବିତ୍ର ପରିବେଶ, ଶୁଦ୍ଧ ଆହାର ଆବଶ୍ୟକ । ଶୁଦ୍ଧ ଆହାର, ଶୁଦ୍ଧ ଈଶ୍ୱର-ଚିନ୍ତା ବିନା ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ହୋଇ ନପାରେ । ମହର୍ଷି କପିଳ ତାଙ୍କ ସାଂଖ୍ୟ ଦର୍ଶନରେ ପ୍ରତିପାଦନ କରି ଅଛନ୍ତି ଯେ, ବ୍ରହ୍ମଚର୍ଯ୍ୟ-ବ୍ରତ ପାଳନ ଶ୍ରେଷ୍ଠ ସାଧନ ଅଟେ । ଏହାଦ୍ୱାରା ସମସ୍ତ ସାଧନା ସହଜରେ ସିଦ୍ଧି ହୁଏ । ପୂର୍ବେ ଗୁରୁକୁଳରେ ସନ୍ତାନସନ୍ତତିମାନେ ରହି ଅଧ୍ୟୟନ, ପ୍ରାଣାୟାମ, ସାନ୍ଧ୍ୟୋପାସନା କରୁଥିଲେ । ଏହା ମୂଳରେ ବ୍ରହ୍ମଚର୍ଯ୍ୟ ସାଧନା ଶ୍ରେଷ୍ଠଥିଲା । କାରଣ ସେମାନେ ଗୁରୁଗୃହରେ ଏପରି ପବିତ୍ର ପରିବେଶ ମଧ୍ୟରେ ରହୁଥିଲେ ଯେ ତାଙ୍କୁ ଏହି ବ୍ରତ ପାଳନ କରିବା ପାଇଁ ବଡ଼ ସହଜ ହେଉଥିଲା । ଏଣୁ ସେମାନେ ବୃହସ୍ପତି, ଶୁକ୍ର, ଯାଜ୍ଞବଲ୍କ୍ୟ ପରି ବ୍ରହ୍ମଜ୍ଞାନୀ,ପଣ୍ଡିତ, ବ୍ରହ୍ମର୍ଷି, କବି ଓ ଯୋଗୀ ହୋଇ ପାରୁଥିଲେ । ଫଳରେ ସେମାନେ ସମାଜରେ ପୂଜ୍ୟ, ନମସ୍ୟ ଥିଲେ । ବ୍ରହ୍ମଚର୍ଯ୍ୟ-ସାଧନା ତାଙ୍କୁ ସାଧନାର ଅନେକ ଦୂରକୁ ଅଗ୍ରସର କରିପାରିଥିଲା । ଶିଷ୍ୟମାନେ ଗୁରୁଗୃହରେ ରହି ଶେଷରେ ନିଜ

ଘରକୁ ଫେରୁଥିଲେ ଓ ଶାସ୍ତ୍ରାନୁମତେ ଗାର୍ହସ୍ଥ୍ୟ-ଜୀବନ ଅତିବାହିତ କରି ବାନ-ପ୍ରସ୍ଥାଶ୍ରମ ଗ୍ରହଣ କରି ତପସ୍ୟା କରୁଥିଲେ । ଇତର ମନୁଷ୍ୟମାନଙ୍କୁ ସତ୍ୟଉପଦେଶ ଦାନକରି ସେମାନଙ୍କୁ ପବିତ୍ର ଧର୍ମ ପଥକୁ ଆକର୍ଷଣ କରାଉଥିଲେ, ଫଳରେ ସମାଜରେ ଚିଲଚରିତ୍ର ପବିତ୍ର ମାର୍ଜିତ ହେଉଥିଲା । ମୋଟ ରୂପରେ କହିବାକୁ ଗଲେ ସକଳ ଜ୍ଞାନ-ବିଜ୍ଞାନର ବିକାଶ କେବଳ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ଦ୍ୱାରା ସମ୍ଭବ ହେଉଥିଲା । ଯେପରି କୌଣସି ଧାତବ ପଦାର୍ଥ ସୁନା, ରୁପା, ଇତ୍ୟାଦି ଅଗ୍ନିରେ ପୋଡ଼ିଲେ ସେଗୁଡ଼ିକ ଅତି ଶୁଦ୍ଧମଧ୍ୟ ହୋଇ ଉଠେ ତାର ଉଜ୍ଜ୍ୱଳତା କ୍ରମେ କ୍ରମେ ପ୍ରକାଶ ପାଏ ସେହିପରି ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ଦ୍ୱାରା ଶରୀରରୁ ଦୂଷିତ ବସ୍ତୁ ଦୂରହୋଇ ଶରୀରର ଜ୍ୟୋତି ପ୍ରକାଶ ହୁଏ । ବ୍ରହ୍ମଚାରୀ ଅତି ବଳିଷ୍ଠ ହୁଏ ତା ହୃଦୟରେ କର୍ମ ପ୍ରେରଣା ଆସେ । ଯେ ବ୍ରହ୍ମଚର୍ଯ୍ୟ-ବ୍ରତ ପାଳନ କରେ ନାହିଁ, ସେ ପୂର୍ଣ୍ଣ ମୂର୍ଖ ଭାବରେ ଜୀବନକୁ ଅତିବାହିତ କରେ । ତାର ବୀର୍ଯ୍ୟରୁ ଯେଉଁ ସନ୍ତାନସନ୍ତତି ଜନ୍ମ ହୁଅନ୍ତି ସେମାନେ ପଶୁତୁଲ୍ୟ କାମାନ୍ଧ, ମୂର୍ଖ ଓ ଅବିଦ୍ୱାନ ହୁଅନ୍ତି । ଫଳରେ ସମାଜର ଅନିଷ୍ଟ ଘଟେ । ବ୍ରହ୍ମଚର୍ଯ୍ୟ-ବ୍ରତ ପାଳନ କରି ଗାର୍ହସ୍ଥ୍ୟାଶ୍ରମରେ ପଦାର୍ପଣ କରିବାଦ୍ୱାରା ବ୍ରହ୍ମଚାରୀ ଉତ୍ତମ ସନ୍ତାନସନ୍ତତି ଲାଭକରେ ଯେଉଁମାନେକି ବ୍ୟାସ, ପତଞ୍ଜଳିପରି ଜ୍ଞାନୀ ହୁଅନ୍ତି । ଏଣୁ ଶାସ୍ତ୍ରରେ ଉଲ୍ଲେଖ ଅଛି, ବ୍ରହ୍ମଚର୍ଯ୍ୟ ବ୍ରତ ପାଳନରେ ସକଳ ପ୍ରକାର ସିଦ୍ଧି ସ୍ୱତଃ ଜନ୍ମେ । ଯାହାକୁ ଆଧାରିତ କରି ଶିକ୍ଷା, ସଂସ୍କୃତିର ବିକାଶ ଘଟେ ।

ଏଣୁ ବ୍ରହ୍ମଚର୍ଯ୍ୟ-ବ୍ରତ ପାଳନକରିବା ସମସ୍ତଙ୍କର ଅତ୍ୟାବଶ୍ୟକ । ଉପନିଷଦରେ ବର୍ଣ୍ଣିତ ହୋଇଅଛି ବିନା ବ୍ରହ୍ମଚର୍ଯ୍ୟ ସାଧନାରେ ମନୁଷ୍ୟର ଜ୍ଞାନ, ଶରୀର ଓ ସଂସ୍କାରର ବିକାଶ ହୁଏ ନାହିଁ ।

ପ୍ରଶ୍ନ—ଆଜ୍ଞା ଯେଉଁମାନେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରନ୍ତି ନାହିଁ ସେମାନେ କଣ ଅଜ୍ଞାନୀ ?

ଉତ୍ତର—ହଁ ଅଜ୍ଞାନୀ, କାରଣ ସେମାନେ ଇନ୍ଦ୍ରିୟ ଆସକ୍ତିରେ ସଦାସର୍ବଦା ନିମଜ୍ଜିତରହି ସେମାନଙ୍କ ଜ୍ଞାନକୁ ହରାଇ ଥାନ୍ତି, ଯେଉଁ ବ୍ୟକ୍ତି ଦୁରାଗ୍ରହୀ ଓ ଅଜିତେନ୍ଦ୍ରିୟ ତାହାର ଜ୍ଞାନ, ତପ ଅନ୍ୟାନ୍ୟ ସତକର୍ମ ସିଦ୍ଧ ହୁଏନାହିଁ, ତେଣୁ ମନୁ କହିଛନ୍ତି :—

"ବେଦାସ୍ତ୍ୟାଗଶ୍ଚ ଯଜ୍ଞାଶ୍ଚ ନିୟମାଶ୍ଚ ତପାଂସିଚ
ନ ବିପ୍ରଦୁଷ୍ଟଭାବସ୍ୟ ସିଦ୍ଧିଂ ଗଚ୍ଛନ୍ତି କର୍ହିଚିତ ।"

ପ୍ରଶ୍ନ—ମନୁଷ୍ୟ ଖାଇବାକୁ ଜନ୍ମ, ତପ-ଜ୍ଞାନର ଦରକାର କଣ ? ଯେଉଁମାନେ ତପସ୍ୟା କରନ୍ତି ସେମାନେତ ମରନ୍ତି ଏଣୁ ତପସ୍ୟାରେ ପ୍ରୟୋଜନ ନାହିଁ । ଜୀବନକୁ ମଦ୍ୟ, ମାଂସ, ନାରୀସହିତ ଉପଭୋଗ ନକରି ତପସ୍ୟା କରିବା ଓ ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରିବା କେବଳ ମୂର୍ଖମାନଙ୍କର କର୍ତ୍ତବ୍ୟ ।

ଉତ୍ତର—ତୁମ ଯୁକ୍ତିଗୁଡ଼ାକ କେବଳ ବାମମାର୍ଗୀଙ୍କପରି । ତୁମ୍ଭେ ମୂର୍ଖତାର ଏତେ ଅନ୍ଧକାର ଭିତରେ ଅଛ ଯାହାଫଳରେ ଏପରି ଯୁକ୍ତି ବାଢ଼ୁଛ, ତୁମ୍ଭ ଯୁକ୍ତିରେ ତୁମ୍ଭ ଜ୍ଞାନର ପରିଚୟ ମିଳୁଛି । ତୁମ୍ଭ କଥାରୁ ଜଣା ଯାଉଛି ଗୋଟିଏ ପଶୁ ସହିତ ତୁମ୍ଭର କିଛି ପାର୍ଥକ୍ୟ ନାହିଁ । କାରଣ ଗାଈ, ଛେଳି, କୁକୁର, ମାଙ୍କଡ଼, କୁକୁଡ଼ା, ଇତ୍ୟାଦି ପଶୁ ପକ୍ଷୀମାନେ ଭୋଜନ ଏବଂ ବିହାରରେ ଯେପରି ସଦା ସର୍ବଦା ମଗ୍ନ ଥାଆନ୍ତି, ତୁମ୍ଭେ ସେହିପରି ଅଛ । ସମସ୍ତେତ ମରନ୍ତି କିନ୍ତୁ ଜଣେ ତପସ୍ୟାକରି ମରିବା ଓ ଅନ୍ୟଜଣେ ପାପ କର୍ମରେ ଲିପ୍ତ ହୋଇ ପୋକମାଛି ପରି ହୋଇ ମରିବା ନିଶ୍ଚୟ ସ୍ୱତନ୍ତ୍ର ଅଟେ । ଏଣୁ ବ୍ରହ୍ମଚର୍ଯ୍ୟ ତପସ୍ୟାରେ ମନଦିଅ ।

ପ୍ରଶ୍ନ—ତା'ହେଲେ କେତେବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବ ?

ଷଟ୍ତ୍ରିଂଶଦାବ୍ଦିକଂ ଚର୍ଯ୍ୟଂ ଗୁରୌ ତ୍ରୈବେଦିକଂ ବ୍ରତମ୍
ତଦର୍ଦ୍ଧିକଂ ପାଦିକଂ ବା ଗ୍ରହଣାନ୍ତିକମେବ ବା । ମନୁ ୩।୧ ।।

ଉତ୍ତର—ଆଠବର୍ଷଠାରୁ ୩୬, ୧୮ ବା ୯ ବର୍ଷକାଳ ତଥା ପୂର୍ଣ୍ଣ ତିନି-ବେଦାଧ୍ୟୟନ ଶେଷ କରିବା ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପୂର୍ବକ ଗୁରୁକୁଳରେ ରହି ବିଦ୍ୟାଶିକ୍ଷା କରିବେ ।

ପ୍ରଶ୍ନ—ତାହେଲେ ବ୍ରହ୍ମଚର୍ଯ୍ୟ କେତେ ପ୍ରକାର ।

ଉତ୍ତର—ବ୍ରହ୍ମଚର୍ଯ୍ୟ ତିନିପ୍ରକାର । ଉତ୍ତମ, ମଧ୍ୟମ ଓ ନିମ୍ନ । ନିମ୍ନ ୧୬ ବର୍ଷ ପର୍ଯ୍ୟନ୍ତ, ମଧ୍ୟମ ୨୬ ବର୍ଷ ପର୍ଯ୍ୟନ୍ତ ଓ ଉତ୍ତମ ୪୮ ବର୍ଷ ପର୍ଯ୍ୟନ୍ତ । ଏହି ନିୟମାନୁସାରେ ବ୍ରହ୍ମଜିଜ୍ଞାସୁ ବ୍ରହ୍ମଚର୍ଯ୍ୟ ବ୍ରତ ଆଚରଣ କରିବେ । ଯେଉଁ ସ୍ତ୍ରୀମାନେ ବିବାହ କରନ୍ତି ସେମାନେ ୧୬ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବା ଉଚିତ ।

ପ୍ରଶ୍ନ—ବ୍ରହ୍ମଚର୍ଯ୍ୟ ବ୍ରତ ପାଳନରେ ସବୁଜ୍ଞାନ ତ ହୋଇ ଯିବ ତାହେଲେ ବେଦପାଠ, ହୋମର ଦରକାର କଣ ?

ଉତ୍ତର—ବ୍ରହ୍ମଚର୍ଯ୍ୟ ବ୍ରତକୁ ଦୃଢ଼ରୁ ଦୃଢ଼ତମ କରିବାକୁ ହେଲେ, ହୋମ ଅତି ଦରକାର ।

ପ୍ରଶ୍ନ—ତେବେ ହୋମଦ୍ୱାରା କି ଉପକାର ହୁଏ ?

ଉତ୍ତର—ନାନା ପ୍ରକାର ବିଜାଣୁ, ରୋଗ ନଷ୍ଟ ହୋଇ ଜଳବାୟୁ ଶୁଦ୍ଧ ହୁଏ । ଠିକ୍ ସମୟରେ ବର୍ଷା ହୁଏ । ଏହା ବ୍ୟତୀତ ହୋମ ସୁଗନ୍ଧରେ ମନ ନିର୍ମଳ ହୁଏ । ଉତ୍ତମ କାର୍ଯ୍ୟ କରିବାକୁ ମନରେ ପବିତ୍ରତା ଭାବ ଆସେ ।

ପ୍ରଶ୍ନ—ତେବେ ମନ୍ତ୍ରପାଠି ହୋମ କରିବା ଦରକାର କି ?

ଉତ୍ତର—ମନ୍ତ୍ର ଉଚ୍ଚାରଣ ଦ୍ୱାରା ମନ୍ତ୍ର କଣ୍ଠସ୍ଥ ହୁଏ । ମନ୍ତ୍ର ପାଠ ଦ୍ୱାରା ଶବ୍ଦର ପରିଚୟ ହୁଏ ଓ ଏହାକୁ ଅର୍ଥ କରିବାକୁ ଅତି ସହଜ ହୁଏ ।

# ଶିଖା ଓ ଯଜ୍ଞୋପବୀତ ଧାରଣ

## ଆର୍ଯ୍ୟ-ସଂସ୍କୃତିର ବିଶିଷ୍ଟ-ବିଜ୍ଞାନ

ଶିଖା ଓ ଯଜ୍ଞୋପବୀତ ଧାରଣ ଆର୍ଯ୍ୟ-ସଂସ୍କୃତିର ବିଶିଷ୍ଟ ବିଜ୍ଞାନ ଅଟେ । ଆର୍ଯ୍ୟ-ମନୀଷୀଗଣ ଯେଉଁ ପଦ୍ଧତିଗୁଡ଼ିକ ହିନ୍ଦୁ-ସଂସ୍କୃତିରେ ରଖିଛନ୍ତି ତାହା ସମସ୍ତ ବିଜ୍ଞାନ ସମ୍ମତ । ଏଣୁ ଆର୍ଯ୍ୟସଂସ୍କୃତି ସର୍ବଶ୍ରେଷ୍ଠ ସଂସ୍କୃତି ଅଟେ । ଆର୍ଯ୍ୟମାନଙ୍କର ବେଦ ହେଉଛି ମୂଳଗ୍ରନ୍ଥ । ବେଦରେ ବିଭିନ୍ନ ସଂସ୍କାର ବିଷୟରେ ବିଶଦ ବର୍ଣ୍ଣନା କରାଯାଇଛି । ମୁଣ୍ଡନ ହୋଇ ଶିଖା ଧାରଣ କରିବା ଏହା ବେଦର ବଚନ ଅଟେ । ସମାଜକୁ ଶୃଙ୍ଖଳିତକରି ରଖିବାପାଇଁ ବେଦ ଗୁଣ, କର୍ମାନୁସାରେ ଚାରୋଟି ବର୍ଣ୍ଣ ସୃଷ୍ଟି କରିଅଛି ; ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଓ ଶୂଦ୍ର । ଗୁଣକର୍ମ ସ୍ୱଭାବ ନଥିବା ବ୍ୟକ୍ତିକୁ କଦାପି ବ୍ରାହ୍ମଣ କୁହାଯାଇ ପାରିବ ନାହିଁ । କାରଣ ଗୀତାରେ ଭଗବାନ କୃଷ୍ଣ ଅର୍ଜ୍ଜୁନଙ୍କୁ କହିଅଛନ୍ତି ହେ ଅର୍ଜ୍ଜୁନ ମୁଁ ଗୁଣକର୍ମାନୁସାରେ ଚାରିଗୋଟି ବର୍ଣ୍ଣ ସୃଷ୍ଟି କରିଅଛି ଦେଖ :—

ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ । ଗୀତା ।।

**ଆହୁରି ମଧ୍ୟ ମନୁ କହିଛନ୍ତି** :—

"ଶୂଦ୍ରୋ ବ୍ରାହ୍ମଣତାମେତି ବ୍ରାହ୍ମଣଶ୍ଚୈତି ଶୂଦ୍ରତାଂ
କ୍ଷତ୍ରିୟାଜ୍ଜାତମେବନ୍ତୁ ବିଦ୍ୟାଦ୍ୱୈଶ୍ୟା ତଥୈବଚ ।" ମନୁ ୧୦।୬୫ ॥

ମହାଭାରତ ଶାନ୍ତିପର୍ବର ୧୮୮ ଅଧ୍ୟାୟରେ ଆହୁରି ପ୍ରମାଣ ଅଛି ଦେଖ:—

ନ ବିଶେଷୋଽସ୍ତି ବର୍ଣ୍ଣାନା ସର୍ବେ ବ୍ରାହ୍ମଣମିଦଂ ଜଗତ
ବ୍ରାହ୍ମଣାପୂର୍ବସୃଷ୍ଟଂହି କର୍ମଭି ବର୍ଣ୍ଣତାଂ ଗତଂ । ୧୦

ଏହି ପ୍ରମାଣ ଯୋଗ୍ୟ ଶାସ୍ତ୍ରମାନଙ୍କରୁ ଜଣାଯାଏ ଯେ ଗୁଣ, କର୍ମାନୁସାର ବର୍ଣ୍ଣ ବ୍ୟବସ୍ଥା ହୋଇଅଛି ।

ପୂର୍ବକାଳରେ ପିତା, ମାତା ନିଜର ସନ୍ତାନମାନଙ୍କୁ ଗୁରୁ ଗୃହରେ ଛାଡ଼ିଦେଇ ଆସୁଥିଲେ । ଗୁରୁଗୃହରେ ସନ୍ତାନସନ୍ତତିମାନେ ଅଧ୍ୟୟନ, ବ୍ରହ୍ମଚର୍ଯ୍ୟ-ପାଳନପୂର୍ବକ ଯଜ୍ଞାଦିକାର୍ଯ୍ୟ କରୁଥିଲେ । ସେମାନେ ସରଳ, ଜ୍ଞାନୀ ଓ ନମ୍ରଥିଲେ । ସେମାନଙ୍କର-ଜାତକର୍ମ ସଂସ୍କାର ଠାରୁ ଆରମ୍ଭ କରି ଉପନୟନ ସଂସ୍କାର, ବେଦାଧ୍ୟୟନ, ସମାବର୍ତ୍ତନ ଇତ୍ୟାଦି ନିଷ୍ପନ୍ନ ଭବନରେ ହେଉଥିଲା । ଏହି ଗୁରୁକୁଳର ଛାତ୍ରମାନେ କର୍ତ୍ତବ୍ୟନିଷ୍ଠ, ନିରହଙ୍କାର ଭାବରେ ପବିତ୍ର ଜୀବନଯାପନ କରୁଥିଲେ । କର୍ତ୍ତବ୍ୟ ପାଳନକରିବା ସକାଶେ ସେମାନଙ୍କୁ ପ୍ରତିଜ୍ଞାପୂର୍ଣ, କାଳରେ ଓ ମୁଣ୍ଡର କେଶହିନ ବ୍ରହ୍ମଚର୍ଯ୍ୟ ଠାରେ ଶିଖା ବା ଚୁଟି ରଖାଇ ପ୍ରତିଜ୍ଞାସହ ସ୍ୱଗୃହକୁ ଛାଡ଼ୁଥିଲେ । ଶିଷ୍ୟଗଣ ନିଜଗୃହରେ ଗୁରୁଦେବ କରାଇଥିବା ପ୍ରତିଜ୍ଞାକୁ ପାଳନ କରିବା ସକାଶେ ଧନ, ମନ, ଜୀବନକୁ ପରିତ୍ୟାଗ କରିବାକୁ ପ୍ରସ୍ତୁତ ହେଉଥିଲେ । ମୁଁ ଅସତ୍ୟ ମାର୍ଗରେ ଗମନ କରିବ ନାହିଁ, ମୋ ଠାରେ ପ୍ରତିଜ୍ଞାସୂଚ, ଶିଖା ଅଛି । ଯଦି ଗୁରୁବାକ୍ୟ ପାଳନ ନକରେ ତାହେଲେ ମୁଁ ପାପୀ ହୋଇଯିବି । ସଂସ୍କାରିତ ଶିଖା ସୂକ୍ଷ୍ମ ଆତ୍ମଶକ୍ତିକୁ ବୃଦ୍ଧି କରେ । ଚୁଟିର ଶକ୍ତି ହିମାଳୟପରି ବିଶାଳ, ସମୁଦ୍ର ପରି ଗମ୍ଭୀର, ବୃଷ୍ଟି ଜଳପରି ପବିତ୍ର । ଏହି ଆର୍ଯ୍ୟମାନଙ୍କର ଶୁଦ୍ଧ ବୈଜ୍ଞାନିକ ଗୌରବର ଚିହ୍ନ ଏହି ଶିଖା, ଜୀବର ଗମନ ସମୟରେ ମୁକ୍ତିର ମାର୍ଗ ଓ ଜ୍ଞାନବୃଦ୍ଧିର ଉତ୍ପତ୍ତିସ୍ଥାନ ଅଟେ । ଯେପରି ବାଉଁଶଗଛର ଗଣ୍ଠି ଗୁଡ଼ିକ ବାଉଁଶକୁ ଶକ୍ତି ଦେଇ ଶକ୍ତିଶାଳୀ କରି ରଖେ ସେହିପରି ଷୋଡ଼ଶ ସଂସ୍କାର ସ୍ତ୍ରୀ ଓ ପୁରୁଷଙ୍କ ଜୀବନଯାତ୍ରାକୁ ସାଫଲ୍ୟମଣ୍ଡିତ କରାଏ ।

## ନିମ୍ନରେ କେତେକ ପ୍ରଶ୍ନୋତ୍ତର ମାଧ୍ୟମରେ ଏହାର ମୀମାଂସା କରାଗଲା ।

ପ୍ରଶ୍ନ—ଆମେ କାହିଁକି ଚୂଟୀ ରଖିବା ?

ଉତ୍ତର—ଲଘୁ ମସ୍ତିଷ୍କ ସୁଷୁମ୍ନା ନାଡ଼ି ଓ ଜ୍ଞାନ କେନ୍ଦ୍ରର ରକ୍ଷା ପାଇଁ ଚୂଟି ରଖିବା ଦରକାର ।

ପ୍ରଶ୍ନ—ଅନ୍ୟଦେଶମାନଙ୍କରେ ଚୂଟୀ ରଖନ୍ତି ନାହିଁ, ତାଙ୍କର କଣ ଜ୍ଞାନଶକ୍ତି ନାହିଁ ?

ଉତ୍ତର—ସେମାନେ ଶୀତପ୍ରଧାନ ଦେଶର ଲୋକ । ତାଙ୍କର ମୁଣ୍ଡରେ ବଡ଼ ବଡ଼ ବାଳ ରଖିବା ଉଚିତ କିନ୍ତୁ ଗରମ ଦେଶ ଲୋକଙ୍କ ପକ୍ଷରେ ଅତ୍ୟଧିକ ବାଳ ରଖିବା କ୍ଷତିକାରକ । କାରଣ କଳାରଙ୍ଗ ସୂର୍ଯ୍ୟ କିରଣକୁ ଧରିରଖେ ।

ପ୍ରଶ୍ନ—ମୁସଲମାନମାନେ ଚୂଟୀ ରଖନ୍ତିନାହିଁ, ତାଙ୍କର କଣ କ୍ଷତି ହେଉଅଛି ?

ଉତ୍ତର—ମୁସଲମାନମାନଙ୍କର ସ୍ମରଣଶକ୍ତି ଦାକ୍ଷିଣାତ୍ୟ ପଣ୍ଡିତମାନଙ୍କ ସ୍ମରଣଶକ୍ତି ଠାରୁ ବହୁତ କମ୍ ଅଟେ । ଖାଲି ଚୂଟୀ ରଖିଲେ ଜ୍ଞାନ ହୋଇଯିବ ତାହାନୁହେଁ, ଚୂଟୀ ଧାରଣ କରି ତାହାର କର୍ମ କରିଲେ ଜ୍ଞାନର ବିକାଶ ହୁଏ ।

ପ୍ରଶ୍ନ—ଚୂଟୀ କଅଁଳାବାଛୁରି ଖୁରାପରି ହେବା ଉଚିତ କିନ୍ତୁ ଅଳ୍ପାଧିକ ହେବା ଉଚିତ ନୁହେଁ, ଏହାର କାରଣ କ'ଣ ?

ଉତ୍ତର—ଚୂଟୀ ଅଧିକ ରଖିଲେ ମୁଣ୍ଡ ଗରମ ହୁଏ, ଏଣୁ ଲଘୁ ମସ୍ତିଷ୍କ, ସୁଷୁମ୍ନା, ଜ୍ଞାନକେନ୍ଦ୍ର ରକ୍ଷା ନିମିତ୍ତ ଶିଶୁ-ଗୋରୁ-ଖୁରା ତୁଲ୍ୟ ଚୂଟୀ ରଖିବା ଉଚିତ । (ପାରସ୍କର ଗୃହ୍ୟସୂତ୍ର)

ପ୍ରଶ୍ନ—ସନ୍ୟାସୀମାନେ ଚୂଟୀ ରଖନ୍ତି ନାହିଁ, ତେବେ ସେମାନଙ୍କର ଜ୍ଞାନ-କେନ୍ଦ୍ର କିପରି ରକ୍ଷିତ ହେବ ?

ଉତ୍ତର—ଶାସ୍ତ୍ରାନୁସାରେ ୭୫ ବର୍ଷ ପଶ୍ଚାତ୍ ସନ୍ୟାସ ଆଶ୍ରମ ଗ୍ରହଣ କରିବା ଉଚିତ । ଅତଏବ ୭୫ ବର୍ଷର ମନୁଷ୍ୟଠାରେ ଲସୁମସ୍ତିଷ୍କ, ସୁଷୁମ୍ନା ଓ ଜ୍ଞାନକେନ୍ଦ୍ର ପରିପକ୍ୱ ଅବସ୍ଥାକୁ ଆସିଯାଇଥାଏ । ଏଣୁ ସନ୍ୟାସୀମାନେ ଶୀତ ଓ ଗ୍ରୀଷ୍ମକୁ ସହି ପାରନ୍ତି । ଏଣୁ ସନ୍ୟାସୀମାନଙ୍କର ଚୂଟୀର ଆବଶ୍ୟକତା ନାହିଁ ।

ପ୍ରଶ୍ନ—ଆଚ୍ଛା ମହର୍ଷି ଦୟାନନ୍ଦସରସ୍ୱତୀ ଲେଖିଛନ୍ତି—"ଜଟିଲୋ ବା ମୁଣ୍ଡୋବା" ମହର୍ଷି ଜଟାଧାରୀ ରହିପାରେ କିମ୍ବା ମୁଣ୍ଡନ କରିପାରେ ?

ଉତ୍ତର—ଏହାର ତାତ୍ପର୍ଯ୍ୟ ଏହି ଯେ ଋତୁ ଅନୁସାରେ ବ୍ରହ୍ମଚାରୀ ବାଲ ରଖିବ ଓ କର୍ତ୍ତନ କରିବ ।

ପ୍ରଶ୍ନ—ଆଚ୍ଛା ଗ୍ରୀଷ୍ମକାଳରେ ମୁଣ୍ଡନ ହୋଇ ବର୍ଷାକାଳରେ ବାଲ ରଖିଲେ କ୍ଷତି କଣ ?

ଉତ୍ତର—ଏପରି କଲେ ଦୋଷ ନାହିଁ କିନ୍ତୁ ଆମ୍ଭେମାନେ ଠିକ୍ ଭାବରେ ଅଭ୍ୟସ୍ତ ହୋଇପାରିବା ନାହିଁ । ଏଣୁ ଏ ପ୍ରକାରର ଶୃଙ୍ଖଳା କରାଯାଇଅଛି ।

ପ୍ରଶ୍ନ—ମସ୍ତିଷ୍କରେ ଆଘାତ ଲାଗିଲେ ଏହି ଚୂଟୀ ରକ୍ଷାକରି ପାରୁଛିକି ?

ଉତ୍ତର—ବହୁକ୍ଷେତ୍ରରେ ଲୋକେ ରକ୍ଷାପାଇଛନ୍ତି । ଜଳରେ ବୁଡ଼ି ଯାଇଥିବା ବ୍ୟକ୍ତିକୁ ଚୂଟୀଧରି ଉଦ୍ଧାର କରାଯାଏ । ଯେଉଁଠାରେ ଜ୍ଞାନ, ବୁଦ୍ଧି ଓ ସମସ୍ତ ଶରୀରର ଅଙ୍ଗ ସଞ୍ଚାଳନ ହେଉଅଛି ସେହି ଅଙ୍ଗକୁ ଚୂଟୀ ବହୁତ ସାହାଯ୍ୟ କରୁଅଛି । ସୁଷୁମ୍ନାର କେନ୍ଦ୍ରକୁ ରକ୍ଷା କରିବା ପାଇଁ ଏହି ଶିଖାବନ୍ଧନ ବେଦର ନିର୍ଦ୍ଦେଶ ଅଟେ । ଏହି ଚୂଟୀ ସ୍ଥାନରେ ସମସ୍ତ ନାଡ଼ିଗୁଡ଼ିକ ସମ୍ପୃକ୍ତ ହୋଇଅଛି । ଏହିଠାରୁ ଦେଖିବା ଶୁଣିବା ଇତ୍ୟାଦି ନାନାପ୍ରକାର ଗତି ଉତ୍ପନ୍ନ ହେଉଅଛି । ଯଦି ସୁଷୁମ୍ନା ନାଡ଼ି ଲୋପ ହୋଇଯାଏ, ତେବେ ଅଙ୍ଗ ପ୍ରତ୍ୟଙ୍ଗର ସମସ୍ତ କ୍ରିୟାର ଅନୁଭବ ଇନ୍ଦ୍ରିୟମାନଙ୍କର ଅନୁଭୂତି ଇତ୍ୟାଦିରେ ବାଧାପଡ଼ିଯିବ । ଏଣୁ ଅଥର୍ବ ବେଦରେ ବର୍ଣ୍ଣିତ ହୋଇଅଛି "ଶିଖିଭ୍ୟଃସ୍ୱାହା" ଅର୍ଥାତ୍ ଚୂଟୀ ରଖିବା ବ୍ୟକ୍ତିର କଲ୍ୟାଣ ହେଉ ।

ଯଜ୍ଞୋପବୀତର ରହସ୍ୟ, ବେଦରେ ଦେଖିବାକୁ ମିଳେ । ଉପନୟନ ସଂସ୍କାର ସମୟରେ ଯଜ୍ଞୋପବୀତ ଧାରଣ କରିବାକୁ ହୁଏ । ଯଜ୍ଞୋପବୀତ ଧାରଣର ରହସ୍ୟ ବଡ଼ ବିଜ୍ଞାନ ସମ୍ମତ । ଏହାକୁ ଏକ ପରମ୍ପରା ସାମାଜିକ ବ୍ୟବସ୍ଥା କହିବା

ଯୁକ୍ତି ସମ୍ମତ ନୁହେ । ବାଲ୍ୟ ସମୟରେ ଯଜ୍ଞୋପବୀତ ଧାରଣ କରାଯାଇ ନପାରେ । ଏଥିପାଇଁ ବେଦରେ ବର୍ଣ୍ଣନା ଅଛି :—ବ୍ରାହ୍ମଣମାନେ ବସନ୍ତଋତୁରେ, କ୍ଷତ୍ରିୟ ଗ୍ରୀଷ୍ମ ସମୟରେ, ବୈଶ୍ୟ ଶରଦ ସମୟରେ ଯଜ୍ଞୋପବୀତ ଧାରଣ କରିବେ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଗୁଣକର୍ମ ଅନୁସାରେ ସମାଜରେ ଅଧିକାର ପାଇବେ । ବ୍ରାହ୍ମଣପୁତ୍ର ଶୂଦ୍ରର, ବୈଶ୍ୟପୁତ୍ର କ୍ଷତ୍ରିୟର ଓ କ୍ଷତ୍ରିୟପୁତ୍ର ବୈଶ୍ୟର କାର୍ଯ୍ୟ କଲେ ସେମାନଙ୍କୁ ବ୍ରାହ୍ମଣ, ବୈଶ୍ୟ, କ୍ଷତ୍ରିୟ କୁହାଯାଇ ପାରିବ ନାହିଁ, କାରଣ ଗୁଣ-କର୍ମାନୁସାରେ ବର୍ଣ୍ଣ ବ୍ୟବସ୍ଥା ବେଦରେ ବର୍ଣ୍ଣିତ ହୋଇଅଛି । ଯେଉଁ ବାଳକ, ବାଳିକା ଯଜ୍ଞୋପବୀତ ଧାରଣ କରି ନାହାଁନ୍ତି ସେମାନେ ଯଜ୍ଞର ଅଧିକାରୀ ହୋଇ ପାରିବେ ନାହିଁ, ପୁରୁଷମାନଙ୍କପରି ସ୍ତ୍ରୀମାନେ ଯଜ୍ଞୋପବୀତ ଧାରଣକରି ପାରିବେ । ଯଜ୍ଞୋପବୀତକୁ ବେଦରେ ବ୍ରତଜ୍ଞାସୂତ୍ର, ବ୍ରତବନ୍ଧ, ସୌତ୍ରମଣି, ଉପନୟନ ସୂତ୍ର, ଜନେଉ-ପଇତା ଇତ୍ୟାଦି କହନ୍ତି । ଜଗତ ମଧ୍ୟରେ ଯେତେ ପରଉପକାର ଧର୍ମକାର୍ଯ୍ୟ, ଶିଳ୍ପ ଇତ୍ୟାଦି ବିଦ୍ୟାମାନ ଅଛି ସେ ସମସ୍ତକୁ ଯଜ୍ଞ କୁହାଯାଏ । ବ୍ରାହ୍ମଣ ୮ ବର୍ଷ, କ୍ଷତ୍ରିୟ ବାଳକର ୧୧ ବର୍ଷ, ବୈଶ୍ୟ ୧୨ ବର୍ଷରେ ଯଜ୍ଞୋପବୀତ ଗ୍ରହଣ କରିବେ । (ବଶିଷ୍ଠ ସୂତ୍ର ୪) ଆହୁରି ମଧ୍ୟ ପ୍ରମାଣ ଅଛି ଯେ ଗାୟତ୍ରୀ ଏକ ପାଦ ଆଠ ଅକ୍ଷରରେ ହେବା ହେତୁ ବ୍ରାହ୍ମଣ ବାଳକ ଓ ବାଳିକା ୮ ବର୍ଷରେ ଯଜ୍ଞୋପବୀତ ଧାରଣ କରିବେ । ତ୍ରିଷ୍ଟୁପ୍‌ର ଏକପାଦ ୧୧ ଅକ୍ଷରରେ ହୁଏ ଏଣୁ କ୍ଷତ୍ରିୟମାନେ ୧୧ ବର୍ଷରେ ଜଗତୀର ଏକପାଦ ବାର ଅକ୍ଷରରେ ହେଉ ଥିବାରୁ ବୈଶ୍ୟ ପୁତ୍ର ବାର ବର୍ଷରେ ଯଜ୍ଞୋପବୀତ ଧାରଣ କରିବେ । ଏତଦ୍‌ବ୍ୟତୀତ ଅଷ୍ଟ-ବସୁ ହେତୁ ବ୍ରାହ୍ମଣ ୮ ବର୍ଷ, ୧୧ ରୁଦ୍ର ଯୋଗୁ କ୍ଷତ୍ରିୟ ୧୧ ବର୍ଷ, ୧୨ ଆଦିତ୍ୟ ହୋଇ ଥିବାରୁ ବୈଶ୍ୟ ୧୨ ବର୍ଷରେ ଯଜ୍ଞୋପବୀତ ଧାରଣ କରିବେ । ଏହି ପ୍ରକାର ଅନେକ ପଦ୍ଧତି ବୈଦିକ ଶାସ୍ତ୍ରରେ ଦେଖିବାକୁ ମିଳେ ।

ପ୍ରଶ୍ନ—ସ୍ତ୍ରୀମାନଙ୍କର ବେଦ ପଢ଼ିବା ଅଧିକାର ନାହିଁ, ସେମାନେ କିପରି ଯଜ୍ଞୋପବୀତ ଧାରଣ କରିପାରିବେ ?

ଉତ୍ତର—ଏ ଯୁକ୍ତି ମିଥ୍ୟା ଅଟେ, ସ୍ତ୍ରୀମାନଙ୍କର ବେଦପଢ଼ିବା ଅଧିକାର ଅଛି । ବେଦରେ କୌଣସି ସ୍ଥାନରେ ଏପ୍ରକାର ପ୍ରମାଣ ନାହିଁ, ଏ କେବଳ ମୂର୍ଖ ପୌରାଣିକ ମାନଙ୍କର କପୋଳକଳ୍ପିତ ଘଟଣା ଛଡ଼ା କିଛି ନୁହେଁ ।

ଜନ୍ମନା ଜାୟତେ ଶୂଦ୍ରଃ ସଂସ୍କାରାଦ୍ ଦ୍ୱିଜ ଉଚ୍ୟତେ । ମନୁ

ମନୁଷ୍ୟ ମାତ୍ରେ ଜନ୍ମ ସମୟରେ ଶୂଦ୍ର ରୂପରେ ରହିଥାନ୍ତି ଓ ସଂସ୍କାର ଦ୍ୱାରା

ଦ୍ୱିଜ, ବେଦ ଅଭ୍ୟାସ ଦ୍ୱାରା ବିପ୍ର ଏବଂ ବ୍ରହ୍ମକୁ ନିରୂପଣ କଲେ ବ୍ରାହ୍ମଣ ହୁଅନ୍ତି । ସେହିପରି ସ୍ତ୍ରୀମାନେ ପୁରୁଷ ମାନଙ୍କର ବ୍ୟବସ୍ଥାନ୍ତର୍ଗତ ଏଣୁ ଗୁଣକର୍ମାନୁସାରେ ସେମାନେ ଯଜ୍ଞୋପବୀତ ଧାରଣ ଓ ବେଦପାଠ କରି ପାରିବେ ।

ଯଥେମାଂ ବାଚଂ କଲ୍ୟାଣୀମାବଦାନି ଜନେଭ୍ୟଃ
ବ୍ରହ୍ମ ରାଜନ୍ୟାଭ୍ୟାଂ ଶୂଦ୍ରାୟ ଚାର୍ଯ୍ୟାୟ ଚ ସ୍ୱାୟ ଚାରଣାୟ ।
ଯ୨୬।ମଂ ୨ ॥

ପରମେଶ୍ୱର କହନ୍ତି ଯେପରି ଆମ୍ଭେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଓ ଶୂଦ୍ର ମାନଙ୍କ ପାଇଁ ବେଦାଦି ଚାରିବେଦ ବାଣୀରେ ଉପଦେଶ ଦେଉଅଛୁ ସେହିପରି ଆପଣଙ୍କର ଭୃତ୍ୟ ବା ସ୍ତ୍ରୀ ଏବଂ ଅତି-ଶୂଦ୍ରାଦି ମାନଙ୍କ ନିମନ୍ତେ ମଧ୍ୟ ବେଦ ପ୍ରକାଶ କଲୁ । ଯାଜ୍ଞବଲ୍‌କ୍ୟଙ୍କ ସ୍ତ୍ରୀ ବ୍ରହ୍ମବାଦିନୀ ଥିଲେ, ଜନକ ମହର୍ଷିଙ୍କ ଗୁରୁ ବ୍ରହ୍ମଚାରିଣୀ ସୁଲଭା ଦେବୀ ବେଦ-ବିଦ୍ୟାରେ ପଣ୍ଡିତା ଥିଲେ । ଗାର୍ଗୀ, ଦୁର୍ଗା, ରୁକ୍ମିଣୀ, ସୁଭଦ୍ରା, ଲୀଳାବତୀ, ପଦ୍ମିନୀ ଇତ୍ୟାଦି ସ୍ତ୍ରୀ ହୋଇ ବେଦରେ ପ୍ରକାଣ୍ଡ ବିଦୁଷୀ ଥିଲେ । ଏଣୁ ଏହି ପ୍ରମାଣ ଦ୍ୱାରା ସିଦ୍ଧ ହେଲା ଯେ ସ୍ତ୍ରୀଲୋକ ବେଦପାଠ ଓ ଯଜ୍ଞୋପବୀତ ଧାରଣକରି ପାରିବେ ।

ପ୍ରଶ୍ନ— ସ୍ତ୍ରୀମାନେ ପ୍ରତିମାସରେ ରଜସ୍ୱଳା ହୁଅନ୍ତି, ଅତଏବ ସେମାନେ ଯଜ୍ଞୋପବୀତର ପବିତ୍ରତା ରକ୍ଷାକରି ପାରିବେ ନାହିଁ । ଏଣୁ ସ୍ତ୍ରୀମାନେ ପଇତା ଧାରଣ କିପରି କରିପାରିବେ ?

ଉତ୍ତର—ସ୍ତ୍ରୀ ରଜସ୍ୱଳା ହେଲେ ମଧ୍ୟ ଯଜ୍ଞୋପବୀତ ଅପବିତ୍ର ହୁଏନାହିଁ । କାରଣ ପୁରୁଷ ଶୌଚ ଇତ୍ୟାଦି କେତେକ କାର୍ଯ୍ୟକରେ ଯଦ୍‌ଦ୍ୱାରା ତାହାର ଯଜ୍ଞୋପବୀତ ଅପବିତ୍ର ହୁଏନାହିଁ ।

ପ୍ରଶ୍ନ—ଆଚ୍ଛା ତାହେଲେ ପଇତା କିପରି କରାଯିବ ?

ଉତ୍ତର—ସୂତ୍ରକୁ ବ୍ରହ୍ମଜ୍ଞାନୀ କିମ୍ବା ବ୍ରହ୍ମଚାରିଣୀ କାଟି ପାରିବେ । ତୁଳା ଭଣିବା ସମୟରେ ବ୍ୟାହୃତି ମନ୍ତ୍ର ପାଠକରିବେ ଓ କାଟିବା ସମୟରେ ପୁରୁଷସୂକ୍ତ ପାଠକରିବାକୁ ହୁଏ । ସୂତାକୁ ଡାହାଣହାତ ଅଙ୍ଗୁଳି ଉପରେ ଗୁଡ଼ାଇବେ । ଏହି ସମୟରେ ଓଁ ଭୂଃ ଭୁବଃ ଇତ୍ୟାଦି ବ୍ୟାହୃତି ଜପକରିବାକୁ ପଡ଼ିବ ।

**ଓଁ ଆପୋ ହିଷ୍ଠା** ଇତ୍ୟାଦି—ନିଟମନ୍ତ୍ର **ଓଁ ଶନ୍ନୋଦେବୀ** କମ୍ବା ଗାୟତ୍ରୀ ମନ୍ତ୍ର ଦ୍ୱାରା ଜଳ ଛିଟା ଦେଇ କୌଣସି ଶୁଦ୍ଧପୂତସ୍ଥାନରେ ବସି ପଇତା ନିର୍ମାଣ କରିବାକୁ ହେବ । ପୂର୍ଣ୍ଣିମା, ଅମାବାସ୍ୟାକୁ ଛାଡ଼ି ଅନ୍ୟାଦିନମାନଙ୍କରେ ସ୍ନାନ ପୂର୍ବକ ହବିଷ୍ୟାନ୍ନ ଭୋଜନକରି ୧୦ ବାର ଗାୟତ୍ରୀ ଜପ କରିବେ । ବ୍ରାହ୍ମଣମାନେ (୧୦୦) ଏକଶହ ବାର ଜପକରି ପାରିବେ । ଯଜ୍ଞୋପବୀତ ଧାରଣପରେ ଦକ୍ଷିଣା ଦାନ ଓ ହବିଷ୍ୟାନ୍ନ ଭୋଜନ କରିବେ ।

ପ୍ରଶ୍ନ—ଯଜ୍ଞସୂତ୍ର କେତେ ଖିଅ ହେବା ଉଚିତ ?

ଉତ୍ତର—ତିନଖିଅ ସୂତ୍ରକୁ ବଳି ଗୋଟିଏ ସୂତାରେ ପରିଣତ କରିବାକୁ ହେବ । ଆଧ୍ୟାତ୍ମିକ, ଅଧିଭୌତିକ ଓ ଅଧିଦୈବିକ ଏହି ତିନଟି ତତ୍ତ୍ୱ ତିନିଖିଅ ସୂତା ନାମରେ ବର୍ଣ୍ଣିତ । ପଇତାଟି ଚୂଟିଠାରୁ ନାଭି ପର୍ଯ୍ୟନ୍ତ ତିନିଖିଅରେ ଗୋଟିଏ ପଇତା ନିର୍ମାଣ କରିବାକୁ ହେବ ।

ପ୍ରଶ୍ନ—ବ୍ରାହ୍ମଣ ପରି ବୈଶ୍ୟ, କ୍ଷତ୍ରିୟ ଯଜ୍ଞୋପବୀତ ଧାରଣ କରିପାରିବେ କି ?

ଉତ୍ତର—ହଁ ପାରିବେ, ଦେଖ ଶ୍ରୁତି କହୁଛନ୍ତି—

ବ୍ରାହ୍ମଣସ୍ୟେଷ୍ୱଣାଂ ବର୍ଣ୍ଣାନାମୁପନୟନଂ କର୍ତ୍ତୁମର୍ହତି ।
ରାଜନ୍ୟୋ ଦ୍ୱୟସ୍ୟ, ବୈଶ୍ୟୋ ବୈଶ୍ୟସ୍ୟୈବେତି ।
ଶୂଦ୍ରମପି କୁଳଗୁଣ ସମ୍ପନ୍ନଂ ମନ୍ତ୍ରବର୍ଜମନୁପନୀତ ।
ମଧ୍ୟାପୟେ-ଦିତ୍ୟେକେ ।

ପ୍ରଶ୍ନ—ପଇତାରେ ଗଣ୍ଠି କାହିଁକି ଦିଆଯାଏ ?

ଉତ୍ତର—ବ୍ରହ୍ମଗଣ୍ଠିର ଅର୍ଥ ସୃଷ୍ଟିର ଆଦିକର୍ତ୍ତା ଈଶ୍ୱର, ୨ୟ ଗଣ୍ଠି ହେଉଛି ଧ୍ରୁବ (ମୋକ୍ଷ), ଶେଷଗଣ୍ଠି ହେଉଛି ଧର୍ମ, ଅର୍ଥ, କାମ, ମୋକ୍ଷ ଫଳପ୍ରାପ୍ତି ନିମିତ୍ତ ଧ୍ୟାନ ।

ପ୍ରଶ୍ନ—ପଟେ ପଇତାରେ ନଅଖିଅ ସୂତ୍ର ରହିବାର କାରଣ କଣ ?

ଉତ୍ତର—(୧) ଓଙ୍କାର ଦେବତା ଗୁଣ, (୨) ଅଗ୍ନିର ଗୁଣ ତେଜ (୩) ଧୈର୍ଯ୍ୟ, (୪) ଚନ୍ଦ୍ରର ଗୁଣ ସର୍ବପ୍ରିୟତା, (୫) ପିତୃଗଣଙ୍କର ଗୁଣ ସ୍ନେହ, (୬) ପ୍ରଜାପତିଙ୍କର ଗୁଣ ପ୍ରଜାପାଳନ, (୭) ବାୟୁର ଗୁଣ ସ୍ୱଚ୍ଛ, (୮) ସୂର୍ଯ୍ୟଙ୍କର ଗୁଣ ଅପରିମିତ-ପ୍ରତାପ, (୯) ସର୍ବଦେବବୋଲି ଛାନ୍ଦୋଗ୍ୟସୂତ୍ରାନୁସାରେ ଜାଣିବା ଏହା ନଅଖିଅ ପଇତାରେ ପ୍ରତି ଖିଅରେ ଏ ପ୍ରକାର ଗୁଣ ସନ୍ନିହିତ। ବ୍ରହ୍ମଚାରୀ ଏହି ଗୁଣଗୁଡ଼ିକୁ ପାଳନ କରିବେ।

ପ୍ରଶ୍ନ—ପଇତାକୁ ଦକ୍ଷିଣ କାନ୍ଧରେ ନ ପକାଇ ବାମ କାନ୍ଧରେ ପକାଇବ କାହିଁକି ?

ଉତ୍ତର—କାନ୍ଧର ଦୁଇଟି ନାମ—ଦେବଯାନ, ପିତୃଯାନ, (ନିବୃତ୍ତିମାର୍ଗ ଓ ପ୍ରବୃତ୍ତିମାର୍ଗ) ଏଣୁ ବ୍ରାହ୍ମଣମାନେ ଦେବଯାନ (ଉତ୍ତରାୟଣ) କାନ୍ଧକୁ ଧ୍ୟାନ ରଖିବା ଉଚିତ। ଉତ୍ତରାୟଣ ଧ୍ୟାନରେ-ଶାରୀରିକ ବଳ, ମାନସିକ-ବଳ, ବୃଦ୍ଧି ହୁଏ। ପ୍ରାଣାୟାମ ସହିତ ଉତ୍ତରାୟଣ ଧ୍ୟାନକରିବା ବେଦରେ ନିର୍ଦ୍ଦେଶ ଅଛି।

ପ୍ରଶ୍ନ—ବ୍ରହ୍ମଚାରୀମାନେ ଡାହାଣ କାନରେ ପଇତା ଗୁଡ଼ାଇ ପରିସ୍ରା ଓ ଝାଡ଼ା ଯାଆନ୍ତି କାହିଁକି ? କାନରେ ପଇତା ନ ଗୁଡ଼ାଇଲେ କଣ ଦୋଷ ହୁଏ ?

ଉତ୍ତର—ହଁ ଦୋଷ ହୁଏ।

ପ୍ରଶ୍ନ—ପୌରାଣିକମାନେ କହନ୍ତି କାନରେ ଗଙ୍ଗାଦେବୀ ଅଛନ୍ତି। ଗଙ୍ଗା ସବୁବେଳେ ପବିତ୍ର, ଏଣୁ ଅଶୌଚରେ କାନରେ ପଇତାକୁ ଗୁଡ଼ାଇଦେଲେ ପଇତା ଅପବିତ୍ର ହୁଏନାହିଁ ଏହାକଣ ସତ୍ୟ ଅଟେ ?

ଉତ୍ତର—ଏହି ଯୁକ୍ତି କେବଳ ଅଧମ ମୂର୍ଖମାନେ କରିଥାନ୍ତି। କାନରେ ଗଙ୍ଗା ଅଛି କହିବା ବେଦବିରୁଦ୍ଧ ପ୍ରମାଣ ଅଟେ। ଗଙ୍ଗାଭଳି ନଦୀ, କାନ ଭିତରେ ରହିବା ଅସମ୍ଭବ। ଗଙ୍ଗାନଦୀ ଗଙ୍ଗୋତ୍ରୀରୁ ବାହାରି ଉତ୍ତରାଞ୍ଚଳରେ ବ୍ୟାପିଅଛି। କାନ ସହିତ ଗଙ୍ଗାର କିଛି ସମ୍ପର୍କ ନାହିଁ। ବେଦରେ ବାସ୍ତବ ମନ୍ତ୍ରାର୍ଥ ନ ବୁଝି ପୌରାଣିକମାନେ ଏପରି ଭକ୍ତିହୀନ ଯୁକ୍ତି କରିଥାନ୍ତି।

ପ୍ରଶ୍ନ—ତାହେଲେ ଏହାର ଅର୍ଥକଣ ?

ଉତ୍ତର—କାନ ତିନିଭାଗରେ ବିଭକ୍ତ। କର୍ଣ୍ଣପଥ, ମଧ୍ୟକର୍ଣ୍ଣ, ଅନ୍ତଃକର୍ଣ୍ଣ।

ପଇତାକୁ କର୍ଣ୍ଣ ପକ୍ଷରେ ଗୁଡ଼ାଇ ପରିଶ୍ରାବ କରିବାପାଇଁ ଶାସ୍ତ୍ରରେ ଆଦେଶ ଅଛି କର୍ଣ୍ଣପକ୍ଷ (ଉପାସ୍ଥି)ରେ ନିର୍ମିତ । ଏହା ଭିତରେ ବା ଚର୍ମତଳେ ସ୍ନାୟୁଗୁଡ଼ିକ ରହିଅଛି, ଏଠାରୁ ସ୍ନାୟୁ ମସ୍ତିଷ୍କପର୍ଯ୍ୟନ୍ତ ବ୍ୟାପୀଅଛି । କେତେ କ୍ଷୁଦ୍ର ସ୍ନାୟୁତନ୍ତୁ ମୂତ୍ରକୋଷ ପର୍ଯ୍ୟନ୍ତ ବ୍ୟାପିଅଛି । ପରିଶ୍ରା ସମୟରେ ଲିଙ୍ଗଚକ୍ରରେ ସ୍ପନ୍ଦନ ସୃଷ୍ଟି ହୁଏ । କାନରେ ପଇତାକୁ ଗୁଡ଼ାଇ ଦାନ୍ତକୁ ଚିପି ଏବଂ କୋଷକୁ ଚିପିଧରି ପରିଶ୍ରାବ କରିବା ପାଇଁ ବୈଦିକଶାସ୍ତ୍ରରେ ପ୍ରମାଣ ଅଛି । ଏହି ପଇତାକୁ କାନରେ ଗୁଡ଼ାଇ ଅନ୍ୟ କର୍ମଗୁଡ଼ିକ କଲେ ପରିଶ୍ରାରେ ଧାତୁ ଇତ୍ୟାଦି କ୍ଷୟ ହୁଏନାହିଁ ଏଣୁ ପ୍ରମେହ ମେହାଦିରୋଗରୁ ମନୁଷ୍ୟ ବଂଚିତ ହୁଏ । ଏହି ବୈଜ୍ଞାନିକ ତତ୍ତ୍ୱ ଏହା ଭିତରେ ନିହିତ । ଏଣୁ ଏହାକୁ ଯଜ୍ଞୋପବୀତଧାରୀ ପାଳନ କରିବେ ।

# ଋଗ୍ ବେଦରେ ପ୍ରଭାତ ବର୍ଣ୍ଣନା

ଅହଲ୍ୟା ଓ ଇନ୍ଦ୍ରଙ୍କ କଥା ଶାସ୍ତ୍ରରେ ରଚନା କରାଯାଇଅଛି । ଏହି କଥା ସମାଜରେ ଲୋକପ୍ରିୟ ଅଟେ । ଇନ୍ଦ୍ର ଅହଲ୍ୟାଙ୍କ ସହିତ ରତି କରିବା ଉଦ୍ଦେଶ୍ୟରେ ସ୍ୱର୍ଗରୁ ଆସିଲେ । ସେ ଗୌତମ ମୁନିଙ୍କ ଆଶ୍ରମରେ ପହଞ୍ଚି କପଟରେ ଅହଲ୍ୟାଙ୍କ ସହିତ ପ୍ରେମାଚରଣ କରିବେ ସେଥିପାଇଁ ଗୋଟିଏ ଉପାୟ ସ୍ଥିରକଲେ । ସେହି ସମୟରେ ମହର୍ଷି ଗୌତମ ଆଶ୍ରମରେ ଅନୁପସ୍ଥିତ ଥିଲେ । ଏହି ସୁବିଧା ପାଇ ଧର୍ମରାଜ ଇନ୍ଦ୍ର ନିଜେ ଗୌତମମୁନିଙ୍କ ବେଶ ଧାରଣକରି ଅହଲ୍ୟାଙ୍କ ସହିତ ପ୍ରେମାଚରଣ କରିଥିଲେ । ଗୌତମ ତପସ୍ୟାରୁ ଫେରି ଏହି ଦୃଶ୍ୟକୁ ଦେଖି ରାଗିଯାଇ ଅଭିଶାପ ଦେଲେ-ରେ ଇନ୍ଦ୍ର! "ତୋ ର ଏହି ଦୁରାଚାର କାର୍ଯ୍ୟଯୋଗୁ ତୁ ଏହି ବ୍ରହ୍ମ ଅଭିଶାପ ଗ୍ରହଣ କର । ଏହି ମନ୍ଦ କାର୍ଯ୍ୟରେ ଲିପ୍ତ ରହିଥିବାରୁ ତୋ ଶରୀରରେ ସହସ୍ର ଯୋନି ହୋଇଯାଉ । ଋଷିଙ୍କର ଏହି ଅଭିଶାପରେ ଇନ୍ଦ୍ର ସହସ୍ର ଯୋନିଧାରୀ ହୋଇଗଲେ ।" ତାପରେ ମହର୍ଷି ଗୌତମ ଅହଲ୍ୟାକୁ ଅଭିଶାପ ଦେଲେ ଅହଲ୍ୟା ତୁମ୍ଭେ ପ୍ରେମାତୁରା ହୋଇ ଇନ୍ଦ୍ରଙ୍କ ସହିତ ଯେଉଁ ପ୍ରେମାଚରଣ କଲ ତାହା ଅତି ନିନ୍ଦନୀୟ ଅଟେ । ତୁମ୍ଭର ଏହି କୁକାର୍ଯ୍ୟ ଯୋଗୁ ତୁମ୍ଭେ ଏହି ଅଭିଶାପ ଗ୍ରହଣ କର ଅହଲ୍ୟା, ତୁମ୍ଭେ ପଥର ହୋଇଯାଅ ! ରାମଙ୍କ ପଦସ୍ପର୍ଶରେ ପୁଣି ପୁନର୍ଜୀବନ ଲାଭକରିବ । ମହର୍ଷି ଗୌତମଙ୍କର ବ୍ରହ୍ମ ଅଭିଶାପ ପାଇ ଇନ୍ଦ୍ର ଲଜ୍ଜିତ ହେଲେ ।

ଇନ୍ଦ୍ର ଗୌତମଙ୍କର ପଦ ବନ୍ଦନାକରି କହିଲେ, ମହର୍ଷି ! ମୋତେ କ୍ଷମାକର ଏହି ଉତ୍କଟ ଅଭିଶାପରୁ ମୋତେ ମୁକ୍ତକର । ଗୌତମ ଇନ୍ଦ୍ରଙ୍କ ପ୍ରାର୍ଥନାରେ ମୁଗ୍ଧ ହୋଇ କହିଲେ ହେଉ-ଇନ୍ଦ୍ର ତୁମ୍ଭଙ୍କୁ ମୁଁ କ୍ଷମା ଦେଲି । ତୁମ୍ଭର ସହସ୍ର ଯୋନି ବଦଳରେ ସହସ୍ର ନେତ୍ର ହୋଇଯାଉ । ଏହି କଥା ପୁରାଣରେ ଲେଖା ହୋଇ ଅଛି । ଏହାର ତତ୍ତ୍ୱକୁ ବୁଝିନପାରି ପୌରାଣିକମାନେ ଏହାକୁ ଗୋଟିଏ କେବଳ ଭକ୍ତିଶୂନ୍ୟ ଗଳ୍ପରେ ପରିଣତ କରିଅଛନ୍ତି କିନ୍ତୁ ସତ୍ୟାଦି ଶାସ୍ତ୍ରମାନଙ୍କରେ ଏହାର ପ୍ରମାଣ ଅତି ବଳିଷ୍ଠ ଓ ଯୁକ୍ତି ସମ୍ମତ ଅଟେ ।

ବର୍ତ୍ତମାନ ବୈଦିକ ଅର୍ଥ ଦେଖିବା । ବେଦରେ ସୂର୍ଯ୍ୟଙ୍କର ନାମ ଇନ୍ଦ୍ର, ରାତ୍ରିର ନାମ ଅହଲ୍ୟା ଓ ଚନ୍ଦ୍ରଙ୍କର ନାମ ଗୌତମ ଅଟେ । ଏମାନେ କୌଣସି ବ୍ୟକ୍ତିବିଶେଷ ନୁହଁନ୍ତି, ଏଠାରେ ରାତ୍ରି (ରୂପି ଅହଲ୍ୟା) (ଗୌତମ ରୂପି) ଚନ୍ଦ୍ରଙ୍କର ସ୍ତ୍ରୀ ଅଟେ । ଏହା ବେଦର ରୂପକ ଅଲଙ୍କାର ଅଟେ । ଚନ୍ଦ୍ରମା ନିଜର ସ୍ତ୍ରୀ ରାତ୍ରୀର ସହିତ ସବୁବେଳେ ବାସକରେ । ଏବଂ ରାତ୍ରିକୋଳରେ ବିଚରଣ କରି ସମସ୍ତଙ୍କୁ ଆନନ୍ଦ ଦାନ କରିଥାଏ । କିନ୍ତୁ ରାତ୍ରିର ଜାର ପୁରୁଷ ସୂର୍ଯ୍ୟ ଅଟେ । ଅର୍ଥାତ୍ ଯାହାର ଉଦୟରେ ରାତ୍ରି ଅନ୍ତରଧାନ ହୋଇଯାଏ । ସେ ରାତ୍ରିକୁ ନିଜର କୋଳରେ ଲୁଚାଇ ରଖିଥାଏ । ଜାରପୁରୁଷ ରୂପୀ ଏହି ସୂର୍ଯ୍ୟ, ରାତ୍ରିର ରୂପ ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ । ଏଣୁ ରାତ୍ରି ରୂପି ଅହଲ୍ୟା ଓ ଇନ୍ଦ୍ରରୂପି ସୂର୍ଯ୍ୟଙ୍କର ପ୍ରେମାଚରଣ କଥା ବେଦରେ ବର୍ଣ୍ଣିତ ଅଟେ । ଏହା ରୂପକ ଅଲଙ୍କାର ମାତ୍ର । ଚନ୍ଦ୍ରଙ୍କର ନାମ ଗୌତମ ଅଟେ କାରଣ ଏହା ଅତ୍ୟନ୍ତ ବେଗବାନ ଅଟେ । (ଗୌ,ତମେନ ଗଚ୍ଛତି ଇତି ଗୌତମ) ନିରୁକ୍ତ ଶାସ୍ତ୍ରରେ ଗୌ ଅର୍ଥ ଚନ୍ଦ୍ର ଅଟେ । ଓ ତମ ଅର୍ଥ ରାତ୍ରି ଅଟେ ଯେ ରାତ୍ରିରେ ଅତିଆନନ୍ଦରେ ବିଚରଣ କରେ ତାର ନାମ ଗୌତମ ଅଟେ । ରାତ୍ରିରଅନ୍ୟନାମ ଅହଲ୍ୟା ଅଟେ କାରଣ ସେ (ଅହ) ଦିନକୁ ସଦାସର୍ବଦା ଲୟ କରୁଥାଏ । ଏହା କହିବାର ତାତ୍ପର୍ଯ୍ୟ ଏହି ଯେ ସୂର୍ଯ୍ୟ ରାତ୍ରିରୂପି ଅହଲ୍ୟାକୁ କୋଳରେ ଆବୃତ କରି ରଖେ । ଏଣୁ ଏହାକୁ ଜାରପୁରୁଷ ବୋଲି ବର୍ଣ୍ଣନା କରାଯାଇ ଅଛି । ଚନ୍ଦ୍ରମା ରାତ୍ରିର ସଙ୍ଗରେ ସବୁବେଳେ ରହୁଥିବାରୁ ଚନ୍ଦ୍ରମା ଓ ରାତ୍ରିକୁ ସ୍ତ୍ରୀ ପୁରୁଷ ଭାବରେ ବେଦ ଗ୍ରହଣ କରିଥାଏ ଏହା ବେଦରେ ପଲ୍ଲବିତ ବର୍ଣ୍ଣନା ଅଟେ ।

ଇନ୍ଦ୍ରସ୍ୟନୁ ବୀର୍ଯ୍ୟାଣି ପ୍ରବୋଚ ଯାନି ଚକାର ପ୍ରଥମାନି ବଜ୍ରୀ
ଅହନ୍ନହିମନ୍ୱପସ୍ତତର୍ଦ୍ଦପ୍ରବକ୍ଷଣା ଅଭିନତ୍ପର୍ବତାନାମ ।

ଋଗମଂ।ସୂ୩୨।ମ୦୧।୨।।

—୦—

# ବେଦରେ ସନ୍ନ୍ୟାସ ନିରୂପଣ

**ଷଟ୍‌ତ୍ରିଂଶଦାବ୍ଦିକଂ ଚର୍ଯ୍ୟଂ ଗୁରୌ ତ୍ରୈବେଦିକଂ ବ୍ରତଂ**
**ତଦର୍ଦ୍ଧିକଂ ପାଦିକଂ ବା ଗ୍ରହଣାନ୍ତିକମେବ ବା ମନୁ ୩ । ୧ ।**

ଆଠବର୍ଷ ଠାରୁ ୩୬, ୧୮ ବା ୯ ବର୍ଷକାଳ ତଥା ତିନି ବେଦାଧ୍ୟୟନ ଶେଷ କରିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରିବ ଓ ଗୁରୁକୁଳରେ ରହି ବିଦ୍ୟାଶିକ୍ଷା କରିବ । ବ୍ରହ୍ମଚର୍ଯ୍ୟ ସମସ୍ତ ପ୍ରାଣୀମାନଙ୍କର ପାଳନ କରିବା ଉଚିତ ଅଟେ । ବ୍ରହ୍ମଚର୍ଯ୍ୟ ପାଳନ କରିବା ଦ୍ୱାରା ବହୁତ ଉପକାର ହୁଏ । ଦେହରେ ବ୍ୟାଧି ଦୁଃଖାଦି କ୍ଳେଶଜନ୍ମେନାହିଁ । ଏଣୁ ଋଷି ମହାପୁରୁଷମାନେ ସେମାନଙ୍କ ଶାସ୍ତ୍ରରେ ବ୍ରହ୍ମଚର୍ଯ୍ୟ ରକ୍ଷାପାଇଁ ବିଭିନ୍ନ ପ୍ରଣାଳୀ ପ୍ରଦର୍ଶନ କରିଅଛନ୍ତି । ମନୁଷ୍ୟର କର୍ତ୍ତବ୍ୟ ଏହି ଯେ ସେ ପ୍ରଥମେ ବ୍ରହ୍ମଚର୍ଯ୍ୟ ପାଳନ କରିବେ । ବ୍ରହ୍ମଚର୍ଯ୍ୟର ସମାପ୍ତି ପରେ ଗୃହସ୍ଥାଶ୍ରମ ଓ ବାନପ୍ରସ୍ଥାଶ୍ରମ ଗ୍ରହଣ କରିବେ । ବାନପ୍ରସ୍ଥାଶ୍ରମ ସରିଗଲେ ଅନ୍ତ ପଞ୍ଚବିଂଶବରେ ସନ୍ନ୍ୟାସବ୍ରତ ଗ୍ରହଣ କରିବା ଉଚିତ । ଏହିକାର୍ଯ୍ୟକୁ ପ୍ରତ୍ୟେକ ମନୁଷ୍ୟ ପାଳନ କରିବା ବାଧ୍ୟତାମୂଳକ ବୋଲି ବେଦ ମୁକ୍ତକଣ୍ଠରେ ଘୋଷଣା କରିଛି ।

ବ୍ରହ୍ମଚର୍ଯ୍ୟାଶ୍ରମଂ ସମାପ୍ୟ ଗୃହୀ ଭବେତ୍ ଗୃହୀଭୂତ୍ୱା
ବନୀ ଭବେଦ୍ ବନୀ ଭୂତ୍ୱା ପ୍ରବ୍ରଜେତ୍ । ଶତଃ-କାଃ । ୧୪ ।

ଆହୁରି ମଧ୍ୟ ଉଲ୍ଲେଖ ଅଛି—

ଏବଂ ଗୃହାଶ୍ରମେ ସ୍ଥିତ୍ୱା ବିଧିବତ୍ସ୍ନାତକୋ ଦ୍ୱିଜଃ
ବନେ ବସେତ୍ତୁ ନିୟତୋ ଯଥା ବଦ୍ ବିଜିତେନ୍ଦ୍ରିୟଃ । ୧ ।
ଅପତ୍ୟସ୍ୟୈବ ଚାପତ୍ୟଂ ତଦାରଣ୍ୟଂ ସମାଶ୍ରୟେତ୍ । ୨ ।
ସନ୍ତ୍ୟଜ୍ୟ ଗ୍ରାମ୍ୟମାହାରଂ ସର୍ବଂ ଚୈବ ପରିଚ୍ଛଦଂ
ପୁତ୍ରେଷୁ ଭାର୍ଯ୍ୟାଂ ନିକ୍ଷିପ୍ୟ ବନଂ ଗଚ୍ଛେତ୍ସହୈବ ବା । ୩ ।

ବ୍ରହ୍ମଚର୍ଯ୍ୟ ପୂର୍ବକ ଗୃହସ୍ଥାଶ୍ରମ ଶେଷକରି ଦ୍ୱିଜମାନଙ୍କର ବାନପ୍ରସ୍ଥି ହେବା ଉଚିତ । ଅର୍ଥାତ୍ ଦୃଢ଼ବିଶ୍ୱାସରେ ସେ ଇନ୍ଦ୍ରିୟମାନଙ୍କୁ ଜୟକରି ବନରେ ବାସ କରିବେ । ଯେତେବେଳେ ଗୃହସ୍ଥ ବାର୍ଦ୍ଧକ୍ୟ ଅବସ୍ଥାରେ ପଦାର୍ପଣ କରନ୍ତି, ମୁଣ୍ଡର ବାଳ ପାଚିଯାଏ, ଗଳିତ ମାଂସ ହୋଇଯାଏ, ନିଜର ସନ୍ତାନର ସନ୍ତାନ

ଜନ୍ମ ଦେବେନ୍ତି, ସେତେବେଳେ ଗୃହସ୍ଥ ବିଷୟସ୍ପୃହାଭାବ ଆସକ୍ତିକୁ ପରିତ୍ୟାଗ କରି ବନସ୍ଥାଶ୍ରମୀ ହେବା ଉଚିତ ।

'ପୁତ୍ର କରେଣି ପତ୍ନୀପାଶ
ଅଥବା ଚଳିବ ସନ୍ନ୍ୟାସ' ।

ଶ୍ରୀମଦ୍ ଭାଗବତ

ଗ୍ରାମ୍ୟ ଜୀବନରେ ନାନାପ୍ରକାର ଆହାରବିହାର, ମୂଲ୍ୟବାନବସ୍ତୁ ବିଳାସରେ ଗାର୍ହସ୍ଥ ଲିପ୍ତ ହୋଇଥାଏ । ଏଣୁ ସମସ୍ତ ପଦାର୍ଥକୁ ତ୍ୟାଗକରି ନିଜର ସ୍ତ୍ରୀକୁ ପୁତ୍ର ନିକଟରେ ଛାଡ଼ିଦେଇ ନତୁବା ନିଜ ସଙ୍ଗରେ ନେଇ ବନରେ ଅତି ନିଷ୍ଠାର ସହିତ ବାସ କରିବାକୁ ହେବ । ଅଗ୍ନିହୋତ୍ରର ସମସ୍ତ ଉପକରଣ ନେଇ ବନକୁ ଯିବାକୁହେବ । ବନରେ ଅତି ନିଷ୍ଠାର ସହିତ ରହି ପଞ୍ଚ ମହାଯଜ୍ଞ କରିବାକୁ ହେବ । ବନଜାତ ଫଳମୂଳ ଇତ୍ୟାଦିରେ ଅତିଥି ସତ୍କାର କରିବାକୁ ହେବ । ବାନପ୍ରସ୍ଥି ନିଜେ ସାତ୍ତ୍ୱିକ ଆହାର କରିବେ । ଅଧ୍ୟୟନ ଅଧ୍ୟାପନାରେ ଦିନ କଟାଇବାକୁ ହେବ । ରାଗଦ୍ୱେଷାଦି ସବୁ ଆଶ୍ରମଜୀବନକୁ କଳୁଷିତ କରେ ଏଣୁ ଏହି ମନ୍ଦସ୍ୱଭାବ ତ୍ୟାଗକରି ସର୍ବଦା ଈଶ୍ୱରଙ୍କ ନିକଟରେ ମନସମର୍ପଣ କରିବା ବାନପ୍ରସ୍ଥିର ପ୍ରଧାନ ଧର୍ମ ଅଟେ । ସବୁ ପ୍ରାଣୀମାନଙ୍କ ଠାରେ ମିତ୍ରତା-ଚରଣ କରିବାକୁ ହେବ । ସମସ୍ତଙ୍କୁ ଜ୍ଞାନ ଦାନ କରିବ, କିନ୍ତୁ କାହାରିଠାରୁ ପାରିତୋଷିକ ଗ୍ରହଣ କରିବ ନାହିଁ । ଶାରୀରିକ ସୁଖାଭିଳାଷୀ ହେବ ନାହିଁ । ଅର୍ଥାତ୍ ସ୍ତ୍ରୀ ସଙ୍ଗରୁ ବିରତ ହେବ । ଭୂମିରେ ଶୋଇବ । ଅପଣାର କୌଣସି ଅନୁଗତ ଲୋକ ସହିତ ମମତା ତ୍ୟାଗକରିବ । ବୃକ୍ଷତଳେ ବାସକରି ଅତିନିଷ୍ଠାର ସହିତ ଜୀବନ ଯାପନ କରିବ ।

"ତପଃଶ୍ରଦ୍ଧେ ଯେହ୍ୟୁପ ବସନ୍ତ୍ୟରଣ୍ୟେ ଶାନ୍ତା ବିଦ୍ୱାଂସୋ
ଭୈକ୍ଷଚର୍ଯାଂ ଚରନ୍ତଃ
ସୂର୍ଯଦ୍ୱାରେଣ ତେବିରଜାଃ ପ୍ରଯାନ୍ତି ଯତ୍ରାମୃତଃ
ସଃ ପୁରୁଷୋହ୍ୟବ୍ୟୟାତ୍ମା ।"
(ମୁଣ୍ଡକ ଉପନିଷଦ, ମ: ମ: )

ବିଦ୍ୱାନ; ସତ୍ୟଧର୍ମନିଷ୍ଠ ଓ ପବିତ୍ର ହୃଦୟ । ସେମାନେ ଭିକ୍ଷା ଦ୍ୱାରା ଜୀବନଯାତ୍ରା ନିର୍ବାହକରି ସତ୍ୟ, ଜ୍ଞାନଲାଭ ଇଚ୍ଛାକରି ପବିତ୍ର ଭାବରେ ଯୋଗ

ସାଧନାଦ୍ୱାରା, ନିତ୍ୟ ସର୍ବବ୍ୟାପି ଅବିନଶ୍ୱର ଈଶ୍ୱରଙ୍କୁ ନିଜ ଆତ୍ମାରେ ଅନୁଭବକରି ସୁଖଶାନ୍ତି ଭୋଗ କରନ୍ତି । ବାନପ୍ରସ୍ଥି ଏହି ପ୍ରାର୍ଥନାକରେ ଯେ, ହେ ଈଶ୍ୱର ! ମୁଁ ଅଗ୍ନିରେ ହବନକରି ମୋର ବ୍ରତକୁ ପାଳନ କରିବି । ସତ୍ୟ ଓ ଧର୍ମକୁ ଆଚରଣ କରିବି । ଯୋଗାଭ୍ୟାସ ଓ ଉତ୍ତମ କର୍ମର ଦ୍ୱାରା ହେ ଭଗବାନ୍ ! ମୁଁ ଉତ୍ତମ ଜ୍ଞାନକୁ ଲାଭକରେ । ବାନପ୍ରସ୍ଥାଶ୍ରମପରେ ମୁଁ ନିଶ୍ଚୟ ସନ୍ନ୍ୟାସ ବା ତ୍ୟାଗ ଜୀବନ ପାଳନ କରିବି । ପଚିଶ ଠାରୁ ସତୁରି ପର୍ଯ୍ୟନ୍ତ ସନ୍ନ୍ୟାସ ଜୀବନ ଯାପନ କରିବା ଉଚିତ ଅଟେ । ଗୃହସ୍ଥାଶ୍ରମ ଓ ବାନପ୍ରସ୍ଥାଶ୍ରମ ନକରିମଧ୍ୟ ସନ୍ନ୍ୟାସ ଜୀବନ ଅତିବାହିତ କରିହୁଏ । ଯଦି କେହିବ୍ୟକ୍ତି ବାଲ୍ୟାବସ୍ଥାରେ ବିରକ୍ତ ହୋଇ ବିଷୟୀ କାମାଦି ରହିତ ହୋଇଥାଏ ସେ ସନ୍ନ୍ୟାସ ଧର୍ମ ଗ୍ରହଣ କରିପାରିବ । ଜଣାଯାଏ ଯେ ତା'ର ପୂର୍ବ ଜନ୍ମର ସୁ-ସଂସ୍କାର ଥିବାରୁ ଏହି ବୈରାଗ୍ୟ ଜନ୍ମ ହେଲା । ବୈରାଗ୍ୟ ସମସ୍ତଙ୍କର ଆସେନାହିଁ । କାରଣ ଜନ୍ମଜନ୍ମାନ୍ତର ସଂସ୍କାର ପରେ ବୈରାଗ୍ୟ ଆସେ ଯେଉଁ ଏହି ବୈରାଗ୍ୟ-ବଳରୁ ଈଶ୍ୱରଙ୍କର ସତ୍ତା ମନୁଷ୍ୟ ଅନୁଭବ କରିଥାଏ । କିନ୍ତୁ ଯେଉଁ ବ୍ୟକ୍ତି ସନ୍ନ୍ୟାସ ଗ୍ରହଣକରି ପାପାଦି କର୍ମରେ ଲିପ୍ତ ହୋଇ ରହେ ସେ ଇହଲୋକ ଓ ପରଲୋକ-ସଂସ୍କାରକୁ ତ୍ୟାଗ କରିଥାଏ । ବ୍ରହ୍ମଚାରୀ, ଗୃହସ୍ଥ ଓ ବାନପ୍ରସ୍ଥ ଯେଉଁ ଯେଉଁ ଆଶ୍ରମରେ ଥିଲେ ସୁଦ୍ଧା ଯେଉଁଦିନ ବୈରାଗ୍ୟ ଜାତହୁଏ ସେହିଦିନ ସନ୍ନ୍ୟାସ ଗ୍ରହଣ କରାଯାଇ ପାରେ । ଏଣୁ ବେଦରେ **ସନ୍ନ୍ୟାସ ଗ୍ରହଣର ବିଧି** ତିନି ପ୍ରକାର ଅଛି । ପ୍ରଥମତଃ ତିନି ଆଶ୍ରମପରେ ସନ୍ନ୍ୟାସ ଧର୍ମ ଗ୍ରହଣ କରିବା । ଦ୍ୱିତୀୟ ହେଲା ବ୍ରହ୍ମଚର୍ଯ୍ୟାବସ୍ଥାରୁ ସନ୍ନ୍ୟାସ ଗ୍ରହଣ କରିବା । ଯେ ପୂର୍ଣ୍ଣ ବିଦ୍ୱାନ, ଜିତେନ୍ଦ୍ରିୟ, ବିଷୟ-ଭୋଗ କାମ ରହିତ ଏବଂ ସର୍ବଦା ଏକାନ୍ତ ପର ଉପକାରୀ ସେହି ବ୍ୟକ୍ତି କେବଳ ତୃତୀୟ ପ୍ରକାର ସନ୍ନ୍ୟାସ ଗ୍ରହଣ କରିପାରନ୍ତି ।

"ଯତୟଃ ବ୍ରାହ୍ମଣସ୍ୟ ବିଜାନତଃ" ଏହି ବେଦ-ବଚନରେ କୁହାଯାଇ ଅଛି ଯେ—ଯେ କୌଣସି ବ୍ରାହ୍ମଣ ସନ୍ନ୍ୟାସୀ ହୋଇ ପାରିବ ।

ନାବିରତୋ ଦୁଶ୍ଚରିତାନ୍ନାଶାନ୍ତୋ ନା ସମାହିତଃ
ନାଶାନ୍ତ ମାନସୋ ବାପି ପ୍ରଜ୍ଞାନେ ନୈନ ମାପ୍ନୁୟାତ୍ ।

(କଠର ବଲ୍ଲୀ ୨ ମଂ ୨୩)

ଯେ ଦୁରାଚାରରୁ ପୃଥକ୍ ନୁହେଁ, ଯାହାର ମନରେ ଶାନ୍ତି ନାହିଁ, ଯେ ଯୋଗୀ ନୁହେଁ, ସେ ସନ୍ନ୍ୟାସ ଗ୍ରହଣ କଲେମଧ୍ୟ ଅଜ୍ଞାନତା ପାଇଁ ଈଶ୍ୱରଙ୍କୁ ଉପଲବ୍ଧି କରି ପାରେ ନାହିଁ । ବୁଦ୍ଧିମାନ ସନ୍ନ୍ୟାସୀ ନିଜର ମନ ଓ ବଚନକୁ

ଅଧର୍ମରୁ ନିବୃତ୍ତ ରଖିଥାନ୍ତି । ତାହାକୁ ଜ୍ଞାନ ଓ ଆତ୍ମ ସମ୍ପାଦନରେ ପ୍ରୟୋଗ କରନ୍ତି ଏବଂ ସେହି ଜ୍ଞାନ ଓ ଆପଣାର ବିଶୁଦ୍ଧ ଆତ୍ମାକୁ ଈଶ୍ୱରଙ୍କଠାରେ ଲଗାନ୍ତି । ପୁଣି ସେହି ଈଶ୍ୱରଙ୍କ ଶାନ୍ତିମୟ କୋଡ଼ରେ ଶାନ୍ତି ଲଭ କରନ୍ତି ।

ପରୀକ୍ଷ୍ୟ ଲୋକାନ୍ କର୍ମଚିତାନ୍ ବ୍ରାହ୍ମଣୋ ନିର୍ବେଦ ମାୟା
ନାସ୍ତ୍ୟକୃତଃ କୃତେନ
ତଦ୍ୱିଜ୍ଞାନାର୍ଥଂ ସ ଗୁରୁମେବାଭିଗଚ୍ଛେତ୍
ସମିତ୍ପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠଂ ।

ମୁଣ୍ଡକ ଖ ୨ ମଂ ୧୨ ।

ଏହି ସଂସାରରେ ସମସ୍ତ ଲୌକିକ ଭୋଗ କେବଳ କର୍ମର ଫଳ ଅଟେ । ପୁଣି କର୍ମଦ୍ୱାରା ଈଶ୍ୱର ପ୍ରାପ୍ତି ହୁଅନ୍ତି ନାହିଁ । ସୁତରାଂ ସନ୍ନ୍ୟାସୀ ଲୋକ ସକଳ କର୍ମଫଳ ତ୍ୟାଗକରି ବେଦବିତ୍ ଆଧ୍ୟାତ୍ମଜ୍ଞାନୀ ଗୁରୁଙ୍କ ନିକଟକୁ ଯାଇ ତାହାଙ୍କୁ କିଛି ଗୁରୁଦକ୍ଷିଣା ଅର୍ପଣ କରି ତାହାଙ୍କ କୃପାରୁ ଜ୍ଞାନଲାଭ କରି ସମସ୍ତ ସନ୍ଦେହ ଦୂରକରି ପାରିବେ । ଯେଉଁମାନେ ଅବିଦ୍ୟା ସାଗରରେ ବୁଡ଼ିରହି ଆପଣାକୁ ଧୀର ଓ ପଣ୍ଡିତ ଜ୍ଞାନ କରନ୍ତି, ସେହି ଲୋକମାନେ ମୂର୍ଖ ଅଟନ୍ତି । ପୁଣି ଯେଉଁ ଅଜ୍ଞାନୀ କର୍ମକାଣ୍ଡରେ ମାତ୍ର କୋଧରେ ମୋହି ହୋଇ ଆପଣାକୁ କୃତାର୍ଥଜ୍ଞାନ କରେ ସେ ଅତୁର ଲୋକ ଜନ୍ମମରଣାଦି ଦୁଃଖରେ ପଡ଼ିଥାନ୍ତି । ଏଣୁ ସନ୍ନ୍ୟାସଧର୍ମ ଗ୍ରହଣକରିବାକୁ ଗଲେ ଏହି ସବୁ ମନ୍ଦଆଚରଣଗୁଡ଼ିକ ତ୍ୟାଗକରିବାକୁ ହେବ ।

ଯେଉଁମାନେ ବେଦାନ୍ତ ଅର୍ଥାତ୍ ପରମେଶ୍ୱର ପ୍ରତିପାଦକ ବେଦମନ୍ତ୍ରର ଅର୍ଥ ଜ୍ଞାନ ଓ ସଦାଚରଣ ପୂର୍ବକ ସନ୍ନ୍ୟାସଯୋଗଦ୍ୱାରା ଶୁଦ୍ଧନ୍ତକରଣ ସନ୍ନ୍ୟାସୀ ହୁଅନ୍ତି ସେହିମାନେ କେବଳ ମୁକ୍ତି ସୁଖଭୋଗ କରନ୍ତି । ଏହି ମୁକ୍ତ ଜୀବମାନେ ମୁକ୍ତି-ଜନିତ ସୁଖଭୋଗ ପରେ ପୁଣି ଏହି ସଂସାରରେ ଜନ୍ମଗ୍ରହଣ କରନ୍ତି । ବିନା ମୁକ୍ତିରେ ସୁଖଶାନ୍ତି ଲଭ ହୁଏ ନାହିଁ ।

"ନବୈ ଶରୀରସ୍ୟ ସତଃ ପ୍ରିୟାପ୍ରିୟୋରପହତିରସ୍ତ୍ୟ ଶରୀରଂ
ବା ବସନ୍ତଂ ନ ପ୍ରିୟାପ୍ରିୟେ ସ୍ପୃଶତଃ ।
ଛାନ୍ଦୋଗ୍ୟ । ପ୍ର ୮ । ଖଂ ୧୨ ॥

ଯେ ଦେହଧାରୀ ଅଟନ୍ତି ସେହିମାନେ ସୁଖ ଦୁଃଖରୁ କଦାପି ଅଲଗା ହୋଇ-ରହି ପାରନ୍ତି ନାହିଁ । ଯେ ଶରୀର ରହିତ ଜୀବାତ୍ମା ମୁକ୍ତି ଲଭକରି ଈଶ୍ୱରଙ୍କ ସହିତ ମିଳିତ ରହନ୍ତି, ସେମାନଙ୍କୁ ସାଂସାରିକ ସୁଖଦୁଃଖ ଲାଗେ ନାହିଁ ।

ପୁତ୍ରୈଷଣାୟାଶ୍ଚ ବିତ୍ତୈଷଣାୟାଶ୍ଚ ଲୋକୈଷଣାୟାଶ୍ଚ
ବ୍ୟୁତ୍ଥାୟାଥ ଭିକ୍ଷାଚର୍ଯ୍ୟଂ ଚରନ୍ତି ।

ଶତାଂକାଂ୧୪।ଖଂ୫।ବ୍ରାଂ୨।କଂ୧।

ଲୋକେ ପ୍ରତିଷ୍ଠା, ଧନଲାଭ, ଅପତ୍ୟସ୍ନେହ ପରିତ୍ୟାଗ କରି; ସନ୍ନ୍ୟାସୀ ଲୋକ ଭିକ୍ଷାକରି ସେଥିରେ ଜୀବିକା ନିର୍ବାହ କରିବା ଆବଶ୍ୟକ । ତା'ପରେ ବିଭିନ୍ନ ସାଧନାପଥାନୁସରଣକରି ମୋକ୍ଷ ସାଧନା କରନ୍ତି ।

ପ୍ରଜାପତି ଅର୍ଥାତ୍ ଈଶ୍ବରପ୍ରାପ୍ତି ସକାଶେ ଯଜ୍ଞକରିବା ଓ ଏହି ଯଜ୍ଞଭୂମି ଦେବତାଙ୍କ ନିକଟରେ ଯଜ୍ଞୋପବୀତ ଧାରଣ, ଅନ୍ୟ ଶିଖାଦି ଚିହ୍ନମାନ ରଖି ସର୍ବପ୍ରଥମେ ପଞ୍ଚାଗ୍ନିକୁ ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ, ଏହି ପଞ୍ଚ ପ୍ରାଣରେ ଆରୋପଣକରି ବେଦଜ୍ଞ-ବ୍ରାହ୍ମଣମାନେ ସନ୍ନ୍ୟାସ ଗ୍ରହଣକରିବେ । ଯେଉଁ-ମାନେ ପ୍ରାଣୀମାନଙ୍କୁ ଅଭୟଦାନ କରନ୍ତି ଏବଂ ଗୃହତ୍ୟାଗକରି ସନ୍ନ୍ୟାସ ଗ୍ରହଣ କରନ୍ତି ସେମାନେ ପୂଜ୍ୟ ଅଟନ୍ତି । ସନ୍ନ୍ୟାସ ଗ୍ରହଣ ପରେ ବେଦବିଦ୍ୟା ଶିକ୍ଷା ଦିଅନ୍ତି ଏବଂ ସମାଜରେ ବେଦୋକ୍ତ ଧର୍ମ ପ୍ରଚାର କରନ୍ତି ସେହି ମହାତ୍ମାମାନେ ସାଧୁ ସନ୍ନ୍ୟାସୀ-ମାନେ ମୁକ୍ତି ଲାଭକରି ଆନନ୍ଦମୟ ଲୋକରେ ବାସ କରନ୍ତି । ସନ୍ନ୍ୟାସ ମାର୍ଗରେ ଚାଲୁଥିବେଳେ ଏଣେତେଣେ ଦୃଷ୍ଟି ନଦେଇ ଭୂମି ଉପରେ ଦୃଷ୍ଟି ରଖି ଚାଲିବାକୁ ହୁଏ । କାରଣ ଅନ୍ୟଆଡେ ଦୃଷ୍ଟି ପଡିଲେ ମନରେ ଚାଞ୍ଚଲ୍ୟଭାବ ଜାତହେବ ସେଥିପାଇଁ ଶାସ୍ତ୍ରରେ ମନାଅଛି, ସର୍ବଦା ଜଳକୁ ବସ୍ତ୍ର ସାହାଯ୍ୟରେ ଛାଣି ପିଇବାକୁ ହୁଏ । ସର୍ବଦା ସତ୍ୟ କହିବା ଉଚିତ ଓ ମନରେ ବିଚାର ପୂର୍ବକ ମତ ଗ୍ରହଣ ଓ ମିଥ୍ୟା ତ୍ୟାଗ କରିବାକୁ ହୁଏ ।

ଦୃଷ୍ଟିପୂତଂ ନ୍ୟସେତ୍ ପାଦଂ ବସ୍ତ୍ରପୂତଂ ଜଳଂ ପିବେତ୍
ସତ୍ୟପୂତଂ ବଦେଦ୍ ବାଚଂ ମନଃପୂତଂ ସମାଚରେତ୍ । ମନୁ ।

ସନ୍ନ୍ୟାସୀ ଉପଦେଶ ଦେଲାବେଳେ ଯଦି କେହିଲୋକ ସନ୍ନ୍ୟାସୀଙ୍କ ଉପରେ ରାଗକରେ, ତାଙ୍କର ନିନ୍ଦାକରେ ସେତେବେଳେ ସନ୍ନ୍ୟାସୀ ସେହି ଲୋକଠାରେ କ୍ରୋଧ କରିବ ନାହିଁ । ବରଂ ତାହାର କଲ୍ୟାଣ ଚିନ୍ତା କରିବେ । ସନ୍ନ୍ୟାସୀମାନେ ଈଶ୍ବରଙ୍କ ଠାରେ ମନପ୍ରାଣ ଇନ୍ଦ୍ରିୟାଦି ସକଳ ପଦାର୍ଥକୁ ସମର୍ପଣ କରିବେ ଓ ଈଶ୍ବରଙ୍କଠାରେ ନିଜର ଆତ୍ମାକୁ ସ୍ଥିର ରଖି ଦୁଃଖସୁଖାଦିର ଅପେକ୍ଷା ନକରି ମଦ୍ୟ ମାଂସ ମାଦକ ପଦାର୍ଥାଦି ବର୍ଜନକରି ଆଧ୍ୟାତ୍ମ ସୁଖାଭିଳାଷୀ ହୋଇ ଏହି ସଂସାରରେ ବିଦ୍ୟା ଓ ସତ୍‌ଧର୍ମ ବଢାଇବା ସକାଶେ ସର୍ବଦା ଭ୍ରମଣ କରିବାକୁ ହେବ । କେଣ,

ନଖ, ଦାଢ଼ି, କେଶ ସର୍ବଦା ଛେଦନ କରିବାକୁ ହେବ । ଏକ ଜଳପାତ୍ର ଓ ଦଣ୍ଡ ଧାରଣକରି ଗୈରିକ ବସ୍ତ୍ର ପରିଧାନକରି କୌଣସି ପ୍ରାଣୀକୁ ହିଂସା ନକରି ଶାନ୍ତ ଓ ସ୍ଥିର ମନରେ ଗ୍ରାମେ ଗ୍ରାମେ ଭ୍ରମଣକରି ଲୋକମାନଙ୍କ ମନରେ ଧର୍ମ ଓ ଜ୍ଞାନବଳ ଆଣିବାକୁ ହେବ ଓ ଦୂଷିତଖାଦ୍ୟ ପରିତ୍ୟାଗ କରି ସାତ୍ତ୍ୱିକ ଭୋଜନ କରିବାକୁ ହେବ । ସନ୍ନ୍ୟାସୀ ନିଜେ ଧର୍ମାତ୍ମା ହୋଇ ଅନ୍ୟକୁ ସେହିପରି ଧର୍ମାତ୍ମା ହେବାକୁ ଚେଷ୍ଟା କରିବେ ଏହା କରିବା ସନ୍ନ୍ୟାସୀଙ୍କର ପରମ ଧର୍ମ ଅଟେ । ଦଣ୍ଡ, କମଣ୍ଡଳୁ ଓ ଗୈରିକବସ୍ତ୍ର ଧାରଣ କଲେ ସନ୍ନ୍ୟାସ ହୁଏନାହିଁ । ମନୁଷ୍ୟାଦି ସମସ୍ତ ପ୍ରାଣୀମାନଙ୍କୁ ସତ୍ୟ ଉପଦେଶ ଜ୍ଞାନ ଓ ଧର୍ମ ଆଚରଣ ପ୍ରଦାନ କଲେ ସନ୍ନ୍ୟାସ ବ୍ରତ ସିଦ୍ଧ ହୁଏ । ନିର୍ମଳୀଫଳ କିମ୍ବା ଫିଟିକିରିକୁ ଜଳରେ ପକାଇଲେ ଜଳ ନିର୍ମଳ ହୋଇଯାଏ କିନ୍ତୁ ଫିଟିକିରି କିମ୍ବା ନିର୍ମଳୀ ଫଳକୁ ମନେ ପକାଇଲେ କିମ୍ବା ତା'ର ନାମ ଉଚ୍ଚାରଣ କଲେ ଜଳ ନିର୍ମଳ ହୁଏ ନାହିଁ । ଏହି କାରଣରୁ ବ୍ରାହ୍ମଣ ବା ବ୍ରହ୍ମବିତ୍ ସନ୍ନ୍ୟାସୀର କର୍ତ୍ତବ୍ୟ ଏହିଯେ ଓଁକାର ସପ୍ତବ୍ୟାହୃତି ବିଧିପୂର୍ବକ ଯଥାଶକ୍ତି ସମ୍ଭବ ପ୍ରାଣାୟାମ କରିବା ଉଚିତ—କିନ୍ତୁ ପ୍ରାଣାୟାମର ସଂଖ୍ୟା ତିନିରୁ ଊଣା ହେବା ଉଚିତ ନୁହେଁ । ଏହାହିଁ ସନ୍ନ୍ୟାସୀମାନଙ୍କର ପରମତପ । ଯେପରି ଅଗ୍ନିର ତାପରେ ଧାତୁର ମଳ ଭସ୍ମୀଭୂତ ହୁଏ ଅତଏବ ସନ୍ନ୍ୟାସୀଲୋକ ନିତ୍ୟ ପ୍ରାଣାୟାମ କରିବା ଦ୍ୱାରା ନିଜର ଆତ୍ମା ଅନ୍ତଃକରଣ ଶୁଦ୍ଧ ଓ ପବିତ୍ରପୂର୍ଣ୍ଣ ହୁଏ । ଇନ୍ଦ୍ରିୟ ମାନଙ୍କର କଳଙ୍କ କ୍ଷାଳନ ହୁଏ । ଧାରଣା ଦ୍ୱାରା ପାପ, ପ୍ରତ୍ୟାହାର ଦ୍ୱାରା ସଙ୍ଗଦୋଷ ଏବଂ ଧ୍ୟାନ ଦ୍ୱାରା ଅନୀଶ୍ୱରଗୁଣ ଅର୍ଥାତ୍ ହର୍ଷ, ଶୋକ, ଅବିଦ୍ୟାଦି ଜୀବର ଦୋଷ ସମୁହକୁ ଭସ୍ମୀଭୂତ କରିହୁଏ ; ଯୋଗ ଅଭ୍ୟାସ ଦ୍ୱାରା ସନ୍ନ୍ୟାସୀମାନେ ଉଚ୍ଚ ନିଚ ସକଳ ପଦାର୍ଥରେ ଏବଂ ନିଜ ଆତ୍ମାରେ ଈଶ୍ୱରଙ୍କ ସତ୍ତା ଅନୁଭବ କରନ୍ତି । ଯେତେବେଳେ ସନ୍ନ୍ୟାସ ସକଳ ପାର୍ଥିବ ପଦାର୍ଥ ପ୍ରତି ନିଃସ୍ପୃହ ରହନ୍ତି; ଆକାଂକ୍ଷା ରହିତ ହୁଅନ୍ତି ସ୍ୱୀୟ ସ୍ୱଭାବରେ ବାହାର ଭିତର ସବୁବେଳେ ନିର୍ମଳ ରହନ୍ତି ସେତେବେଳେ ସେ ଏହି ଦେହରେ ଓ ପରକାଳରେ ମୁକ୍ତି ଅନୁଭବ କରନ୍ତି । ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ ସନ୍ନ୍ୟାସୀର କର୍ତ୍ତବ୍ୟ ଏହି ଯେ ସେମାନେ ଧୈର୍ଯ୍ୟ, କ୍ଷମା, ଅସ୍ତେୟ, ଶୌଚ, ଇନ୍ଦ୍ରିୟ ନିଗ୍ରହ, ଧୀ, ବିଦ୍ୟା, ସତ୍ୟ, ଅକ୍ରୋଧ ଗୁଣ ଧାରଣ କରିବେ ।

୧—ଧୈର୍ଯ୍ୟ—ସର୍ବଦା ଧୈର୍ଯ୍ୟ ଏବଂ ସନ୍ତୋଷ ରଖିବା ।

୨—କ୍ଷମା—ନିନ୍ଦା, ସ୍ତୁତି, ହାନି, ଲାଭରେ ସହନଶୀଳ ରହି ଈଶ୍ୱରଙ୍କୁ ପ୍ରାର୍ଥନା କରିବା ।

୩—ଧର୍ମ—ମନକୁ ସବୁବେଳେ ଧର୍ମରେ ନିଯୁକ୍ତ କରିବା ଏବଂ ଅଧର୍ମରୁ

ନିବୃତ୍ତ ରଖିବା ଅର୍ଥାତ୍ ମୁହୂର୍ତ୍ତେ ମାତ୍ର ଅଧର୍ମ କରିବାକୁ; ଅଣୁମାତ୍ର ସୁଦ୍ଧା ଇଚ୍ଛା ନକରିବା ।

୪—ଅସ୍ତେୟ—ଅର୍ଥାତ୍ ଚୋରି ନକରିବା, କପଟ ଓ ଅବିଶ୍ୱାସ ନକରିବା ତଥା ବେଦ-ବିରୁଦ୍ଧରେ ଉପଦେଶ ନଦେବା ଏବଂ ବିନା ଅନୁମତିରେ ପର ପଦାର୍ଥ ଗ୍ରହଣ ନକରିବା ।

୫—ଶୌଚ—ମାନସିକ ବା ଶାରୀରିକ ରାଗ, ଦ୍ୱେଷ, ପକ୍ଷପାତ ତ୍ୟାଗ କରିବା, ଜଳ, ମୃତ୍ତିକା ଓ ମାର୍ଜ୍ଜନାଦି ଦ୍ୱାରା ବାହାର ପବିତ୍ର ରଖିବା ।

୬—ଇନ୍ଦ୍ରିୟନିଗ୍ରହ—ପ୍ରତ୍ୟେକ ଇନ୍ଦ୍ରିୟ ମାନଙ୍କୁ ଖରାପ କାର୍ଯ୍ୟରୁ ନିବର୍ତ୍ତାଇବା ଅର୍ଥାତ୍ ଖରାପକଥା ଦେଖିବ ନାହିଁ, ଶୁଣିବ ନାହିଁ, କହିବ ନାହିଁ କି କରିବ ନାହିଁ ।

୭—ଧୀ'—ମାଦକ ଦ୍ରବ୍ୟ ଓ ଅନ୍ୟାନ୍ୟ ବୁଦ୍ଧିନାଶକ ପଦାର୍ଥ, ଦୁଷ୍ଟ ଅବିବେକୀ ସଙ୍ଗ, ଆଳସ୍ୟ, ପ୍ରମାଦାଦି ପରିତ୍ୟାଗ କରିବା ସତ୍‌ପୁରୁଷଙ୍କ । ସାଧୁସଙ୍ଗ କରି ଯୋଗାଭ୍ୟାସ କରିବା ଦ୍ୱାରା ଜ୍ଞାନର ବିକାଶ ହୁଏ ।

୮—ବିଦ୍ୟା—ପୃଥିବୀଠାରୁ ଆରମ୍ଭକରି ଈଶ୍ୱର ପର୍ଯ୍ୟନ୍ତ ସମସ୍ତ ପଦାର୍ଥର ଯଥାର୍ଥ ଜ୍ଞାନ ଏହି ଜ୍ଞାନର ଯଥାଯୋଗ୍ୟ ପ୍ରୟୋଗ ଆତ୍ମାରେ ଯାହା ସତ୍ୟ ମନରେ ତାହାକୁ ସତ୍ୟଜ୍ଞାନ କରିବା । ମନରେ ଯାହା ବଚନରେ ତାହା, ବଚନରେ ଯାହା କର୍ମରେ ତାହା ଆଚରଣ କରିବାହିଁ ବିଦ୍ୟା । ଗୋଟିଏ ପଦାର୍ଥକୁ ସେହି ପଦାର୍ଥ କହିବାହିଁ ବିଦ୍ୟା ଏହାକୁ ବିପରୀତ କହିବା ଅବିଦ୍ୟା ଓ ଅଜ୍ଞାନ ଅଟେ । ଯେପରି ପୁସ୍ତକକୁ କହିବା ଜ୍ଞାନ ବା ବିଦ୍ୟା । କିନ୍ତୁ ପୁସ୍ତକକୁ ଆଲମିରା ବା ଆଲମିରାକୁ ଗଛ କହିବା, ଗଛକୁ ମୃତ୍ତିକା କହିବା ସମ୍ପୂର୍ଣ୍ଣ ଅବିଦ୍ୟା ବା ଅଜ୍ଞାନ ଅଟେ ।

୯—ସତ୍ୟ—ଯେଉଁ ପଦାର୍ଥ ଯାହା ଅର୍ଥାତ୍ ଯେଉଁ କଥା ଯାହା ତାହାକୁ ତାହାହିଁ କହିବା ଓ ବୁଝିବାକୁ ସତ୍ୟ କୁହାଯାଏ ।

୧୦—ଅକ୍ରୋଧ—କ୍ରୋଧାଦି ଦୋଷ ଛାଡ଼ି ଶାନ୍ତ ଆଦି ଗୁଣ ଗ୍ରହଣ କରିବା । ଏହି ଦଶ ଲକ୍ଷଣ ଯୁକ୍ତ ପକ୍ଷପାତ ରହିତ ନ୍ୟାୟ ଆଚରଣ ଓ ଧର୍ମାନୁଷ୍ଠାନ ଚାରି-ଆଶ୍ରମ । (ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ୟାସ) ଗ୍ରହଣ କରିବା କର୍ତ୍ତବ୍ୟ । ବୈଦିକ ଧର୍ମରେ ନିଜେ ଚାଲିବା ଓ ଅନ୍ୟ ଲୋକକୁ ଏହି ପ୍ରକାର ସମ୍ପୂର୍ଣ୍ଣ ବୈଦିକ ପ୍ରବଚନ ଦେଇ ଚଳାଇବା ସନ୍ୟାସୀ ମାନଙ୍କର ପ୍ରଧାନ କର୍ତ୍ତବ୍ୟ ଅଟେ । ସେମାନ-

ଛେଦନ କରିବା ଏବଂ ସତପଥରେ ଅଗ୍ରସର କରାଇବା, ସନ୍ୟାସି
ମୁଖ୍ୟଧର୍ମ ଅଟେ ।

ଧୃତିଃ କ୍ଷମାଦମୋଽସ୍ତେୟଂ
ଶୌଚମିନ୍ଦ୍ରିୟ ନିଗ୍ରହଃ,
ଧୀର୍ବିଦ୍ୟା ସତ୍ୟମକ୍ରୋଧ
ଦଶକଂ ଧର୍ମ୍ମ ଲକ୍ଷଣ । ମନୁ ୧୬ ।

ନେକ ବିଧିନା ସର୍ବାଂସ୍ତ୍ୟକ୍ତ୍ୱା ସଙ୍ଗାଞ୍ଛନୈଂ ଶନୈଃ
ର୍ବଦ୍ୱନ୍ଦ୍ୱ ବିନିର୍ମୁକ୍ତୋ ବ୍ରାହ୍ମଣ୍ୟେ ବାବତିଷ୍ଠତେ ।
ମନୁ ୬।୮୧

ଶ୍ନ—ସନ୍ୟାସର ଅର୍ଥ କଣ ?

ଉର—ହଁ ସନ୍ୟାସର ଅର୍ଥ ତ୍ୟାଗ ।

ଶ୍ନ—ତା'ହେଲେ ସନ୍ୟାସର ପ୍ରୟୋଜନ କଣ ?

ଉର—ଦେହରେ ଯେପରି ମୁଣ୍ଡର ଆବଶ୍ୟକତା ଅଛି ସେହିପରି ଆର୍ଯ୍ୟ- ।। ମନୁଷ୍ୟମାନଙ୍କର ସମାଜ ଧର୍ମରେ ବିଭିନ୍ନ ଆଶ୍ରମର ଆବଶ୍ୟକତା ହିପରି ଗୃହଆଶ୍ରମ ମଧ୍ୟରେ ସନ୍ୟାସର ପ୍ରୟୋଜନ ଅଛି । ଅନ୍ୟମାନେ , ଗୃହକର୍ମରେ ବ୍ୟାପୃତ ଥିବାରୁ ସମାଜରେ ବିଦ୍ୟା, ଧର୍ମ ପ୍ରଚାର ପାଇଁ ର ଯଥେଷ୍ଟ ଅବକାଶ ନଥାଏ । ସମାନଭାବରେ ପକ୍ଷପାତ ଛାଡ଼ି ଚଳିବା ମବାସିଙ୍କ ପକ୍ଷରେ ସମ୍ଭବ ହୋଇନଥାଏ । ସନ୍ୟାସୀମାନେ ସତ୍ୟ-ବିଦ୍ୟା ର୍ବିଜ୍ଞାନ ସମ୍ପାଦନ କରୁଥିବାଦ୍ୱାରା ସମାଜର ବିକାଶ ଓ ଉନ୍ନତି କରିବା- ନକ ସମୟ ଓ ସୁବିଧା ପାଇଥାନ୍ତି । ଏଣୁ ସମାଜରେ ସତ୍ୟ, ଶାନ୍ତି, ରକ୍ଷା କରିବାପାଇଁ ସନ୍ୟାସଧର୍ମର ପ୍ରୟୋଜନ ଅଟେ ।

ଶ୍ନ—ସନ୍ୟାସୀମାନେ କର୍ମତ୍ୟାଗ କରିଥାନ୍ତି—ଏହା ସତ୍ୟ କି ?

'ସମ୍ୟକ ନିତ୍ୟମାସ୍ତେ ଯସ୍ମିନ୍ ଯଦବା ସମ୍ୟକ ନ୍ୟସ୍ୟନ୍ତି ।'

ାଦି କର୍ମାଣି ଯେନ ସ ସନ୍ୟାସଃ ପ୍ରଶସ୍ତୋ ବିଦ୍ୟତେ ଯସ୍ୟ ସଃ ସନ୍ନ୍ୟାସୀ ।''

ଯେ ଓଁକାର-ରୂପୀ ବ୍ରହ୍ମଙ୍କୁ ଚିନ୍ତା କରନ୍ତି; ସତ୍ୟ ପଥଯୁକ୍ତ ଅଟନ୍ତି ସାଧୁଙ୍କଦ୍ୱାରା ଦୁଷ୍ଟ-କର୍ମଗୁଡ଼ିକ ପରିତ୍ୟକ୍ତ ହୁଏ ସେ ସନ୍ୟାସୀ ବା ତ୍ୟାଗୀ ଅଟେ । ଗୋଡ଼ିଠାରୁ ଆରମ୍ଭ କରି କୁକୁର, ହସ୍ତୀ, ବ୍ରାହ୍ମଣଙ୍କ ହୃଦୟରେ ଯେ ଈଶ୍ୱରଙ୍କୁ ଦେଖି ପାରନ୍ତି ସେ ମହାତ୍ମା, ସନ୍ନ୍ୟାସୀଶ୍ରେଷ୍ଠ ଅଟନ୍ତି ।

ପ୍ରଶ୍ନ—ସନ୍ୟାସୀମାନେ ଗୋଟିଏ ସ୍ଥାନରେ ବା ଗୋଟିଏ ଗ୍ରାମରେ ଗୋଟିଏ ଦିନ ରହନ୍ତି କାହିଁକି ? ଏହାକଣ ବେଦ ବିରୁଦ୍ଧ ନୁହେଁକି ?

ଉତ୍ତର—ନାଁ, କମାନୁହେଁ । ଏହା ବେଦର ନିର୍ଦ୍ଦେଶ ଅଟେ—ଗୋଟିଏ ସ୍ଥାନରେ ବାସକଲେ ଜଗତର ଉପକାର ହୁଏନାହିଁ । ଜ୍ଞାନ, ବିଦ୍ୟା, ଧର୍ମର ପ୍ରଚାର ହୁଏନାହିଁ । ଏଣୁ ସନ୍ନ୍ୟାସୀମାନେ ଗୋଟିଏସ୍ଥାନରେ ବାସ ନକରି ପରିଭ୍ରମଣ କରି ସମାଜକୁ ସତ୍‌ଶିକ୍ଷା ଦେଇ ସମାଜର ସଂସ୍କାର କରନ୍ତି, ଏହାବୋଲି ଗୋଟିଏ ଗ୍ରାମରେ ଗୋଟିଏ ଦିନ ରହିବା ଏପରି କିଛି ବେଦରେ ନାହିଁ । ଏହା କପୋଲ-କଳ୍ପିତ ମାତ୍ର । ଏହା ମୂର୍ଖ ବାମବର୍ଗୀମାନଙ୍କର ମତ ଅଟେ । ଯଦି କୌଣସିସାଧୁ ଗୋଟିଏ ଗ୍ରାମରେ ଅନେକଦିନ ରହିବେ ତାହେଲେ କୁସଂସ୍କାରପୂର୍ଣ୍ଣ ବ୍ୟକ୍ତିମାନଙ୍କ କଥା ପଦାରେ ପଡ଼ିଯିବ । ଏଣୁ ସେହି ସାଧୁମାନେ ଗୋଟିଏ ସ୍ଥାନରେ ଗୋଟିଏ ଦିନ ରହିବା ଉଚିତ ବୋଲି ଲେଖିଛନ୍ତି । କିନ୍ତୁ ବେଦରେ ଅଛି ସାଧୁ ଗୋଟିଏ ଯାଗାରେ କିଛିଦିନ ରହିବା ପରେ ଅନ୍ୟସ୍ଥାନମାନଙ୍କୁ ଯାଇ ସତ୍ୟ, ଧର୍ମ ପ୍ରଚାର କରିବେ । ଏଣୁ ସନ୍ନ୍ୟାସୀ ଗୋଟିଏସ୍ଥାନରେ ଅନେକଦିନ ରହି ପାରିବେ ନାହିଁ ।

ପ୍ରଶ୍ନ—ଆମେ ଦେଖୁଛୁ ଆଜିକାଲି କେତେପ୍ରକାର ସନ୍ୟାସୀ ଅଛନ୍ତି । କମ୍ପିପନ୍ଥୀ, ଅବଧୂତ, ଅଲେଖ, ଜଗଦ୍‌ଗୁରୁ ଇତ୍ୟାଦି । ବେଦରେ କଣ ସନ୍ୟାସୀମାନଙ୍କର ଜାତି ବିଭକ୍ତ ଅଛି, ନହେଲେ ଏମାନେ ଏପରି ନାମଧାରୀ କାହିଁକି ?

ଉତ୍ତର—ବେଦରେ ଏପରି ଜାତି ବିଭାଗ ନାହିଁ । କାରଣ ଏଗୁଡ଼ିକ ସମ୍ପ୍ରଦାୟର ଚିହ୍ନମାନ । ଏଗୁଡ଼ିକ ପ୍ରାୟ ଦୁଇହଜାର ବର୍ଷ ଭିତରେ ସୃଷ୍ଟି ହୋଇଛି । ଏଣୁ ବେଦ ତ ଅନାଦି, ତା'ମଧ୍ୟରେ ଏଗୁଡ଼ିକ ଆସିବ କପରି ? ବିଭିନ୍ନ ଜାତି ବର୍ଣ୍ଣ ଓ ଧର୍ମ ସବୁ ଏକ ଅଟେ । ଗୁଣ-କର୍ମାନୁଯାଇ ଏହାର ନିର୍ଣ୍ଣୟ ବେଦରେ ଅଛି—

ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ ବାହୁ ରାଜନ୍ୟଃ କୃତଃ
ଉରୁ ତଦସ୍ୟ ଯଦ୍ ବୈଶ୍ୟଃ ପଦ୍‌ଭ୍ୟାଂ ଶୂଦ୍ରୋଅଜାୟତ ।

ଯଜୁ ୩୧ ॥

ଜଗତରେ ଗୋଟିଏ ଧର୍ମ ହେଲା ସନାତନ ବୈଦିକଧର୍ମ ଅନ୍ୟକିଛୁ ନୁହେଁ ।

**In God's creation, the Brahman is body Politic is like the head in the body as Kshyatriya is like arms and Vayshya is like the leg and a Shudra is considered as feet.**

ପ୍ରଶ୍ନ—ତାହେଲେ ଗୃହସ୍ଥ ସନ୍ୟାସଧର୍ମ ଗ୍ରହଣକରିବେ କିପରି ? ସେ'ତ ବ୍ରହ୍ମଚାରୀ ନୁହଁନ୍ତି କାରଣ ତାଙ୍କର ବୀର୍ଯ୍ୟ ସ୍ଖଳନ ହୋଇଛି । କିପରି ଆମେ କହିବା ଯେ ସାଧୁ ଓ ସନ୍ୟାସୀବୋଲି ? ସନ୍ୟାସୀମାନଙ୍କର ବୀର୍ଯ୍ୟ ସ୍ଖଳନ ପରି ହୁଏନାହିଁ ?

ଉତ୍ତର—

ଋତୁକାଲାଭିଗାମୀ ସ୍ୟାତ୍ ସ୍ୱଦାର ନିରତଃ ସଦା
ପର୍ବବର୍ଜଂ ବ୍ରଜେଚ୍ଚୈନାଂ ତଦ୍ ବ୍ରତୋରତିକାମ୍ୟୟା ।
ମନୁ ୩ । ୪୫ ।

ନିନ୍ଦ୍ୟାସ୍ୱଷ୍ଟାସୁ ଚାନ୍ୟାସୁ ସ୍ତ୍ରିୟୋ ରାତ୍ରିଷୁ ବର୍ଜୟନ୍
ବ୍ରହ୍ମଚାର୍ଯ୍ୟେବ ଭବତି ଯତ୍ର ତତ୍ରାଶ୍ରମେ ବସନ୍ ।
ମନୁ ୩ । ୫୦

ଯେଉଁଲୋକ ଆପଣା ସ୍ତ୍ରୀଠାରେ ପ୍ରସନ୍ନ ରହେ, ନିଷିଦ୍ଧ ରାତ୍ରିମାନଙ୍କରେ ସ୍ତ୍ରୀଠାରୁ ପୃଥକ ରୁହେ ଏବଂ ଋତୁକାଲରେ କେବଳ ସ୍ତ୍ରୀସଙ୍ଗ କରେ ସେହିଲୋକ ଗୃହସ୍ଥ ହେଲେ ମଧ୍ୟ ବ୍ରହ୍ମଚାରୀ ଅଟେ । ସେ ଗୃହସ୍ଥ ଧର୍ମ ପରେ ସତ୍ୟ-ସ୍ୱଭାବଯୁକ୍ତ ହୋଇ ସନ୍ୟାସଧର୍ମ ଯଦି ଗ୍ରହଣକରେ ସେ ସନ୍ୟାସୀ ହୋଇପାରିବ ଏହା ବେଦର ବଚନ ଅଟେ ।

ପ୍ରଶ୍ନ—ଯେଉଁମାନେ ସନ୍ୟାସୀ ହୁଅନ୍ତି ସେମାନେ କଣ ସମାଜରେ ଆଦର ପା'ନ୍ତି ? କାହିଁ ? ଅଧିକାଂଶ ସନ୍ୟାସୀ ହାଡ଼, ମୁଣ୍ଡଧରି ଖପୁରିରେ ଭାତ ରାନ୍ଧି ଖାଆନ୍ତି । ଶ୍ମଶାନରେ ଘର କରି ରହନ୍ତି, ମଦ୍ୟ, ମାଂସ, ମୀନ, ମୁଦ୍ରା, ମୈଥୁନାଦି ପଞ୍ଚ 'ମ' କାର ସେବନ କରନ୍ତି ସେମାନଙ୍କୁ କିପରି ସନ୍ୟାସୀ କୁହାଯିବ ?

ଉତ୍ତର—ସେଗୁଡ଼ିକ ସନ୍ୟାସୀ ନୁହନ୍ତି ସେମାନେ ବାମାମାର୍ଗୀ । ସନ୍ୟାସର ଅର୍ଥ ତ୍ୟାଗୀ, ଜ୍ଞାନୀ ଧାର୍ମିକ ଏବଂ ବ୍ରହ୍ମବିତ୍ । ସନ୍ୟାସୀମାନେ ସବୁଠାରେ ଆଦର ପାଆନ୍ତି କାରଣ ସେମାନେ ଜ୍ଞାନୀ, ଧାର୍ମିକ, ବିଦ୍ୱାନ୍ ଅଟନ୍ତି । ଦେଖ ଗୁଣଜ୍ଞ କଣ କହୁଛନ୍ତି—

> ବିଦ୍ୱତ୍ତ୍ୱଂଚ ନୃପତ୍ତ୍ୱଂଚ ନୈବ ତୁଲ୍ୟ କଦାଚନ
> ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ ସର୍ବତ୍ର ପୂଜ୍ୟତେ ।

—※—

# ବେଦରେ ଇନ୍ଦ୍ର ଓ ବୃତ୍ରାସୁର କଥା

ବେଦ ଶାସ୍ତ୍ରରେ ଏହି କଥାର ବର୍ଣ୍ଣନା ଦେଖିବାକୁ ମିଳେ । ବୃତ୍ରାସୁରର ଅର୍ଥ ଓ ଇନ୍ଦ୍ରଙ୍କର ଅର୍ଥ ବୁଝିନପାରି ପୌରାଣିକମାନେ ଏହାକୁ ଗୋଟିଏ କଥାରେ ପରିଣତକରି ପୁରାଣରେ ସ୍ଥାନ ଦେଇଛନ୍ତି । ଯାହାକି ଅଧୁନା ଲୋକାଦୃତ । କିନ୍ତୁ ବେଦରେ ଯେଉଁ ଇନ୍ଦ୍ର ଓ ବୃତ୍ରାସୁର କଥା ଆସେ, ତାହା ବିଜ୍ଞାନସମ୍ମତ । ଦେଖ ପୁରାଣରେ ଅଛି—ତ୍ୱଷ୍ଟାର ପୁତ୍ର ବୃତ୍ରାସୁର ଅତି ବଳଶାଳୀ ଥିବାରୁ ଇନ୍ଦ୍ରଙ୍କ ସହ ଯୁଦ୍ଧ କଲା । ତା'ର ପରାକ୍ରମରେ ଦେବତାଗଣ ଭୟାତୁର ହୋଇ ଭଗବାନ ବିଷ୍ଣୁଙ୍କ ନିକଟରେ ପ୍ରାର୍ଥନା କଲେ । "ହେ ସର୍ବଶକ୍ତିମାନ ବିଷ୍ଣୁ ! ଆପଣ ବୃତ୍ରାସୁରକୁ ହତ୍ୟା କରି ଆମ୍ଭମାନଙ୍କୁ ସଂହାରରୁ ରକ୍ଷାକରନ୍ତୁ ।" ବିଷ୍ଣୁ ଦେବତାମାନଙ୍କର ଅନୁରୋଧକୁ ରକ୍ଷାକରି କହିଲେ, "ଦେବତାମାନେ ! ମୁଁ ସମୁଦ୍ରର ଫେଣ ମଧ୍ୟରେ ପ୍ରବେଶ କରୁଅଛି । ତୁମ୍ଭେମାନେ ଏହି ଫେଣକୁ ବୃତ୍ରାସୁର ଉପରେ ପକାଇଲେ ସେ ଇହଲୀଳା ପରିତ୍ୟାଗ କରିବ ।" ଏହି ବର୍ଣ୍ଣନା ପୁରାଣ ବିଦିତ । କିନ୍ତୁ ବେଦରେ ଏହାକୁ ତତ୍ତ୍ୱ କିପରି ଜଡ଼ିତ, ତାହା ନିମ୍ନରେ ବର୍ଣ୍ଣନା କରାଗଲା । ଋଗ୍‌ବେଦରେ ଏହି ମନ୍ତ୍ର ଆସେ,—(ଇନ୍ଦ୍ରସ୍ୟନୁଂ) ଏଠାରେ ଇନ୍ଦ୍ରଙ୍କର ନାମ ସୂର୍ଯ୍ୟ ଅଟେ ଓ ବୃତ୍ରାସୁରର ନାମ ମେଘ ଅଟେ । (ଅସୁର) ଆସୁ ପ୍ରାଣ ଦଦାତି ଇତି ଅସୁର । ବୃତ୍ର ଆକାରରେ ଏହି ମେଘ ଆକାଶରେ ପୂର୍ଣ୍ଣନ କରୁଥାଏ ବୋଲି

ଏହାକୁ ବୃତ୍ରାସୁର କହନ୍ତି । ଇନ୍ଦ୍ରରୂପୀ ସୂର୍ଯ୍ୟଙ୍କ ସହିତ ବୃତ୍ରାସୁର ରୂପୀ ମେଘର ବର୍ଣ୍ଣନା ସତ୍ୟାଦି ଶାସ୍ତ୍ରରେ ବର୍ଣ୍ଣିତ ଅଛି । ବୃତ୍ରାସୁର ବା ମେଘ ସୂର୍ଯ୍ୟଙ୍କ ସଙ୍ଗରେ ଯୁଦ୍ଧ କରେ । ଏହାର ଅର୍ଥ ଏହିଯେ, ସୂର୍ଯ୍ୟ ଜଳକୁ ବାଷ୍ପିଭୂତ କରାଇ ଆକାଶକୁ ନେବାପରେ ମେଘମାଳା ସୂର୍ଯ୍ୟଙ୍କ ସହିତ ସଂଗ୍ରାମକରି ଶେଷରେ ଛିନ୍ନ ବିଛିନ୍ନ ହୋଇ ସୂର୍ଯ୍ୟଙ୍କର ଶକ୍ତିରେ ଧରାଶାୟୀ ହୁଅନ୍ତି । ଏହାକୁ ଆମ୍ଭେ ବର୍ଷା ବୋଲି କହୁଁ । ଏହି ବର୍ଷା ହେବା ଦ୍ୱାରା ନଦୀ, ସମୁଦ୍ର ଓ ଜଳାଶୟରେ ବୃତ୍ରାସୁର ରୂପୀ ମେଘମାନେ ଶୟନ କରିଥାନ୍ତି । ପୁନର୍ବାର ସୂର୍ଯ୍ୟଙ୍କ କିରଣରେ ତପ୍ତ ହୋଇ ଆକାଶକୁ ପ୍ରତ୍ୟାବର୍ତ୍ତନ କରନ୍ତି ଓ ସୂର୍ଯ୍ୟଙ୍କ ସହିତ ଯୁଦ୍ଧକରି ପୁଣି ଧରାଶାୟୀ ହୁଅନ୍ତି । ବିଷ୍ଣୁ ଦେବତାମାନଙ୍କୁ କହିଲେ, "ମୁଁ ସମୁଦ୍ରର ଫେଣ ମଧ୍ୟରେ ପ୍ରବେଶ କରିବି"—ଏହାର ଅର୍ଥ ଏହିଯେ ବିଷ୍ଣୁରୂପୀ ସୂର୍ଯ୍ୟଙ୍କ କିରଣ ଜଳରାଶିର ପ୍ରତ୍ୟେକ କୋଣ ଭିତରେ ରହି ଏହାକୁ ବାଷ୍ପିଭୂତକରି ଉପରକୁ ଉଠାଏ । ସୂର୍ଯ୍ୟଙ୍କର ଅନ୍ୟ ନାମ 'ତ୍ୱଷ୍ଟା' ଅଟେ । ବୃତ୍ରାସୁରର ଇନ୍ଦ୍ରଙ୍କ ସହିତ ଯେଉଁ ଦେବ-ସଂଗ୍ରାମ, ତାହା ପରସ୍ପର ବାଦଲର ସଂଘର୍ଷ ଛଡ଼ା ଅନ୍ୟ କିଛି ନୁହେଁ । ଏହା ବେଦରେ ଜଳଚକ୍ରର ବର୍ଣ୍ଣନା ଅଟେ । ବିଷ୍ଣୁଙ୍କର ବୃତ୍ରାସୁର ସହିତ ସଙ୍ଘର୍ଷ ହେବା କଥା ଏହିପରି ବେଦୋକ୍ତ ।

—o—

## ବେଦର ସମୟ ନିରୂପଣ ଓ ବିଦ୍ୱାନ୍‌ମାନଙ୍କର ପରସ୍ପର ବିରୁଦ୍ଧ ମତବାଦ :—

ବେଦର ସମୟ ନିରୂପଣ କରିବାକୁ ଯାଇ ଯେଉଁ ମତବାଦ ପରିଦୃଷ୍ଟ ହୁଏ ସେଗୁଡ଼ିକ ପରସ୍ପର ବିରୁଦ୍ଧ । ଏପର୍ଯ୍ୟନ୍ତ ବେଦର ବୟସ ଉପରେ କୌଣସି ସଠିକ ମତବାଦ କରିନାହାଁନ୍ତି । ପ୍ରାୟ କେହି ବ୍ୟକ୍ତ ଦେଇ ବ୍ୟବହାର କରି Weber, Maxmuller jacofi, ଅଧ୍ୟାପକ Winternitz ଇତ୍ୟାଦି ଯେଉଁ ମତବ୍ୟକ୍ତ କରିଛନ୍ତି ତାହା ସମ୍ପୂର୍ଣ୍ଣ ଠିକ୍ ବୋଲି କୁହାଯାଇ ନପାରେ । ସେମାନଙ୍କ ମତ କ୍ରମରେ ପ୍ରଦତ୍ତ କରାଗଲା ।

### ଅଧ୍ୟାପକ Maxmuller ଙ୍କ ମତ :—

ସେ History of Ancient Sanskrit literature ପୁସ୍ତକ ଖ୍ରୀ ୧୮୫୯ରେ ରଚନା କରିଥିଲେ । ବୌଦ୍ଧଯୁଗ ପୂର୍ବରୁ ବା (ବୌଦ୍ଧଧର୍ମ

ପୂର୍ବରୁ ବେଦ ରଚନା କରାଯାଇଥିଲା କାରଣ ବୌଦ୍ଧଗ୍ରନ୍ଥରେ ବେଦର ପ୍ରସ୍ତାବ ଦେଖାଯାଏ । ଅଧ୍ୟାପକ Maxmuller ପୁଣି ମତଦେଇ କହନ୍ତି ଖ୍ରୀପୂର୍ବ ୬୦୦-୨୦୦ ଅବ୍ଦ ମଧ୍ୟରେ ସୂତ୍ର ସାହିତ୍ୟ ରଚନା କରାଯାଇଥିଲା । ଏହି ସୂତ୍ରସାହିତ୍ୟ ପୂର୍ବରୁ ବ୍ରାହ୍ମଣ-ସାହିତ୍ୟର ସ୍ଥିତିକାଳବୋଲି ଲକ୍ଷ କରାଯାଏ । ଏହାର ସମୟ ଖ୍ରୀପୂର୍ବ ୮୦୦-୬୦୦ ଅବ୍ଦ ବୋଲି ଅନୁମେୟ । ବୈଦିକ ସାହିତ୍ୟର କ୍ରମବିବର୍ତ୍ତନ ପ୍ରତ୍ୟେକଟି ପ୍ରାୟ ୨୦୦ ବର୍ଷ । ବେଦର ରଚନାକାଳ ଖ୍ରୀପୂର୍ବ ୧୨୦୦-୧୦୦୦ ଅବ୍ଦ । କିନ୍ତୁ ଅଧ୍ୟାପକ Maxmullerଙ୍କ ମତ ଭ୍ରମାତ୍ମକ ବୋଲି ବହୁ ବିଦ୍ୱାନ ସ୍ୱୀକାର କରନ୍ତି । ଖ୍ରୀ ୧୮୯୦ରେ ପୁଣି ଏକ ପୁସ୍ତକ ଅଧ୍ୟାପକ Maxmuller ରଚନା କରି ପ୍ରକାଶ କଲେ । ସେ ତାଙ୍କ ଏହି ପ୍ରକାଶିତ "Physical Religion Gifford lectures" ପୁସ୍ତକରେ ଲେଖିଛନ୍ତି :—

"We could not hope to be able to laydown any terminus a quo. Whether the vedic hymns were composed in 1000, or 1500, or 2000, or 3000, years B C. no power on earth could ever fix.

ଅଧ୍ୟାପକ Maxmuller ତାଙ୍କର "History of Ancient Sanskrit literature" ପୁସ୍ତକରେ ଲେଖିଛନ୍ତି :—

"Buddhism is nothing else than a reaction against Brahmanism, and it Pre-Supposes the existence of the entire veda ie. of the literature embodied in the hymns, the Brahmans, Aranyakas and the Upanishads, the whole of this literature must have therefor been pre-Buddhistic i.e. It must have arisen before 500 B.C. the vedangs and the Sutra literatur could be approximately Simultancous with the origin and the expansion of Buddhism in its initial stages, these Sutra works. Whose origin might be attributed to the period from 600 to 200 B.C., are however so constructed that they of necessity presuppose the Brahman literature.

arbitrary determination of the vedic epochs, in the course of years, received more and more the dignity and the character of a scientifically proved fact, without any new arguments of actual proofs having been added".

**ବେଦରୁ ବେଦକାଳ :—**

ସ୍ୱାୟଂଭୁବମନୁର ସତାଇଶ ଚତୁର୍ଯୁଗ ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅତିବାହିତ ହୋଇଛି । ଅଠାଇଶ ଚତୁର୍ଯୁଗର ତିନିଯୁଗସାଙ୍ଗ ଚତୁର୍ଥ କଳିଯୁଗ ବର୍ତ୍ତମାନ ଚାଲୁଅଛି । ଏହି କଳ୍ପର ମନୁଷ୍ୟଉତ୍ପତ୍ତି କାଳର ହିସାବ ନିମ୍ନରେ ପ୍ରଦତ୍ତହେଲା ।

| | | |
|---|---|---|
| ସତାଇଶ ଚତୁର୍ଯୁଗୀସ୍ଥ ସମୟ | ୧୧,୬୬,୪୦,୦୦୦ | ବର୍ଷ |
| ଅଷ୍ଟବିଂଶତି ଚତୁର୍ଯୁଗର ସତ୍ୟଯୁଗ | ୧୭,୨୮ ୦୦୦ | ,, |
| ତ୍ରେତାଯୁଗ— | ୧୨,୯୬୦୦୦ | ,, |
| ଦ୍ୱାପର ଯୁଗ— | ୮,୬୪୦୦୦ | ,, |
| କଳିଯୁଗ ଆଜକୁଭୋଗ | ୫,୦୮୫ | ,, |
| ବେଦୋତ୍ପତ୍ତି ଓ ମନୁଷ୍ୟର ସୃଷ୍ଟି, | ୧୨,୦୫,୩୩,୦୮୦ | ବର୍ଷ |

**ଶଙ୍କରବାଳକୃଷ୍ଣଦୀକ୍ଷିତ ଙ୍କ ମତ :—**

ଶଙ୍କର ବାଳକୃଷ୍ଣ ଦୀକ୍ଷିତ ବେଦର ରଚନା କାଳ ନିର୍ଣ୍ଣୟ କରିବାକୁ ଯାଇ ଏହି ମତ ଦିଅନ୍ତି ବେଦ ବିଶ୍ୱର ପ୍ରାଚୀନତମଗ୍ରନ୍ଥ । ସେ ଶତପଥବ୍ରାହ୍ମଣର ଏକ ଉଦାହରଣ ଉଲ୍ଲେଖ କରିଥିଲେ, ଯାହାଭିତରେ ନକ୍ଷତ୍ର ଓ କୃତ୍ତିକାର ସ୍ଥିତି ନିରୂପଣ କରାଯାଇଛି । ଏହି ସ୍ଥିତିକୁ ବର୍ତ୍ତମାନ ସ୍ଥିତି ଉପରେ ତୁଳନାକରି ସେ କହନ୍ତି—ଶତପଥବ୍ରାହ୍ମଣ ଖ୍ରୀ.ପୂର୍ବ ୩୦୦୦ ବର୍ଷ ପୂର୍ବେ ରଚନା କରାଯାଇଥିଲା ଏଣୁ ଋଗ୍‌ବେଦସଂହିତା ଏହି ଶତପଥବ୍ରାହ୍ମଣ ଠାରୁ ବହୁ ପ୍ରାଚୀନତମ ଅଟେ । ଏଣୁ ବେଦର ରଚନାକାଳ ପ୍ରାୟ ୫୦୦୦ ବର୍ଷ । ଏହି ଯୁକ୍ତିଟି ଭ୍ରମାତ୍ମକ ବୋଲି କେତେକ ବୈଦିକ ପଣ୍ଡିତ ମତବ୍ୟକ୍ତ କରିଛନ୍ତି । ନୋବେଲ ପୁରସ୍କାର ବିଜେତା ତଥା ବେଦବିଦ୍ୱାନ୍ **Materlink** ତାଙ୍କ **Great Secret** ପୁସ୍ତକରେ ଏହି ମତକୁ ଖଣ୍ଡନ କରିଦେଇଛନ୍ତି । ତାଙ୍କମତରେ ବେଦ ଏକ ପ୍ରାଚୀନଗ୍ରନ୍ଥ ଏଣୁ ଅନୁମାନିକ ଭାବରେ ଏହାର ବୟସ ନିର୍ଣ୍ଣୟ କରିବା ଅଯୌକ୍ତିକ ।

"As for the sources of the primary source, it is almost impossible to re-discover them, Here we have only the assertions of the occultist tradition, which seem, here and there, to be confirmed by historical discoveries, this tradition attributes to the vast reservoir of the wisdom that somewhere took shape simultaneously with the Origin of man……, to more spiritual, entities, to beings less entangled in matter.

**ନୋବେଲ ପୁରସ୍କାର ବିଜେତା Materlink ଙ୍କ ମତ :—**

ବେଦର ସମସ୍ତ ନିର୍ଣ୍ଣୟ କରିବାକୁ ଯାଇ "Materlink," ଜର୍ମାନର ପୁରାତତ୍ତ୍ୱବେତ୍ତା ଅଧ୍ୟାପକ Halled ଙ୍କ ଗାଣିତିକମତକୁ ଉଲ୍ଲେଖ କରିଛନ୍ତି । ସେ ଅଧ୍ୟାପକ Halled ଙ୍କ ମତରେ ଏକମତ ହୋଇ କହିଛନ୍ତି ଯେ :—

ବେଦ ରଚନାକାଳ ସତୁରିଲକ୍ଷ (୭୦ ଲକ୍ଷବର୍ଷ) ବର୍ଷ ଅଟେ । ଏହା ସନ୍ଦେହହୀନ ଭାବରେ କୁହାଯାଇ ପାରେ । ମାନବ ସୃଷ୍ଟିର ସମସ୍ତ ହିଁ ବେଦର ରଚନା କାଳ ।

**ଡକ୍ଟର ମୋକ୍ଷମୁଲ୍ଲର ଫିଲଡ୍ ଙ୍କ ମତ :—**

ଡକ୍ଟର ମୋକ୍ଷମୁଲ୍ଲର୍ ଫିଲଡ୍ ନାମକ ପ୍ରତିଷ୍ଠିତ ଭାଷାକୋଷବିତ୍ ତାଙ୍କ Vedic Concordance ନାମକ ପୁସ୍ତକରେ ବେଦର ରଚନାକାଳ ବିଷୟରେ ଉଲ୍ଲେଖ କରିଛନ୍ତି ।

"I for my part, and I think, I voice many Scholars now much more inclined to listen to an early date. Say 2000 B.C. for the beginning of vedic literaty Production, and to a much earlier date for the beginning of the institution, and

religious concepts which the Veda has derived from those pre-historic times which cast their shadows forward in to the records that are in our hands. Anyhow, we must not be beguiled by that kind of conservativism which merely salves the conscience in to thinking that there is better proof for any later date, Such as 1500, 1200 or 1000 B. C. rather than the earlier date of 2000 B. C. "once more frankly" we do not know."

(Bloomfield's religion of the Vedas P. 191)

ଅନେକେ ଯେଉଁମତ ପୋଷଣ କରନ୍ତି ଯେ :—ବେଦଗ୍ରନ୍ଥ ଦୁଇହଜାର ଖ୍ରୀ: ପୂର୍ବରେ ସୃଷ୍ଟି ତାହା କେବଳ ଅନୁମାନ ଉପରେ ଆଧାରିତ । ଅନ୍ୟ କେତେକ ମତରେ ଖ୍ରୀପୂର୍ବ ୧୨୦୦ରୁ ୨୦୦୦ର ଅନ୍ତର୍ଗତ। ତାହାମଧ୍ୟ ଅନୁମାନ ଉପରେ ଆଧାରିତ ମୋ'ମତରେ ଆମ୍ଭେ ଏଯାବତ୍ ବେଦର ବୟସ ଜାଣିନାହୁଁ ।

ଡକ୍ଟର ବ୍ଲୁମଫିଲ୍‌ଡଙ୍କ ମତ :—

"From what has already been said, It will be evident that no dates can be assigned to the origion of the humans that make up the vedas. Indeed it is necessary to go further and to say that there is not sufficent evidence to show with any Precision when the humnys of the four Vedas were collected together and the vedas themselves as we have them formed.

(the Rigveds and Vedic Religion by A. C. clayton. P. 45)

ବିଭିନ୍ନ ମତବାଦ ଯେଉଁଭଳି ବେଦର ବୟସ ନିରୂପଣରେ ଦୀର୍ଘ

କରାଯାଇଛି ତାହା କିଛି ପ୍ରାମାଣିକ ସତ୍ୟନୁହେଁ । ଅନୁମାନକୁ ଏଆଡ଼ର ଉଚ୍ଚସ୍ତରକୁ ଗମନ କରାଇ ଗବେଷଣାକଲେ ମଧ୍ୟ ନିର୍ଦ୍ଦିଷ୍ଟଭାବରେ ଜଣାଯିବନାହିଁ ଯେ ଋଣ୍ଟରୋଟିବେଦ କେବେ ସୃଷ୍ଟି ହେଲା ବା ସମ୍ମିଳିତ ହେଲା ଏବଂ ବେଦଗୁଡ଼ିକ ସତେ ସେପରି କାହିଁ ନିଜର ସୃଷ୍ଟି ।

**ଡକ୍ଟର ବିନ୍ଟର୍ନିଜଙ୍କ ମତ :—**

ସେ ବେଦବୟସ ନିର୍ଣ୍ଣୟ କରିବାକୁଯାଇ କହିଛନ୍ତି, ବେଦରେ କୌଣସି ଦିନ; ନକ୍ଷତ୍ର ଓ ରଚନା ସମୟ ଲିପିବଦ୍ଧ ହୋଇନଥିବାରୁ ଆନୁମାନିକ ଭାବରେ ବ୍ୟକ୍ତ କରାଯାଇଥିବା ମତଗୁଡ଼ିକ କୌଣସି ସଠିକ ଯୁକ୍ତି ଉପରେ ଆଧାରିତ ନୁହେଁ ।

"In reality, nothing more has been known than that Vedic period extends from an altagether undefined past to the fifth century before christ. Neither the figures 1200 to 500, nor 1500 to 500, nor 2000 to 500, which are aften to be met with in the Popular account about the age of the Vedic Literature have any Justification. The only date Justificble is X to 500 B. C. And as the result of the investigation of the last ten years, it could be said that it is probable that in place of 500 B. C. will have to be substituted the date 800 B.C...., we must however, guard aginst giving any definite figures, where such a possibility is, by the nature of the case, excluded

**ଶ୍ରୀରାମକାଳଯୁଗାନୁସାରେ ଗଣନା :—**

ରାମ-କାଳଯୁଗାନୁସାରେ ଏହି ପ୍ରକାର ଯୁଗର ବର୍ଣ୍ଣନା ଦେଖାଯାଏ ।

| | |
|---|---|
| ସତ୍ୟଯୁଗ ବା କୃତଯୁଗ | ୧୭୨୮ ବର୍ଷ |
| ତ୍ରେତା ଯୁଗ - - - - | ୧୨୯୬ ,, |

| | |
|---|---|
| ଦ୍ୱାପର ଯୁଗ - - - - | ୮୬୪ ବର୍ଷ |
| କଳି ଯୁଗ - - - - - | ୪୩୨ ,, |

କିନ୍ତୁ ଏପ୍ରକାର ଯୁଗର ନିର୍ଣ୍ଣୟ ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଏହି ମତକୁ ବିଶ୍ୱାସ କରାଯାଇ ନପାରେ । ପଣ୍ଡିତ ଧର୍ମଦେବ ବିଦ୍ୟାମାର୍ତ୍ତଣ୍ଡ ତାଙ୍କର "ବେଦୋଙ୍କା ଯଥାର୍ଥସ୍ୱରୂପ" ପୁସ୍ତକରେ ଏହି ମତବାଦକୁ ଉଲ୍ଲେଖ କରି ଏହା ଭ୍ରମାତ୍ମକ ବୋଲି ସ୍ୱୀକାର କରିଛନ୍ତି ।

**ଜ୍ୟୋତିଷତତ୍ତ୍ୱ :—**

ପାଶ୍ଚାତ୍ୟଦେଶର ବେଦ-ବିଦ୍ୱାନ୍ Dr. Jacobi ଜଣେ ସୁପ୍ରସିଦ୍ଧ ଜ୍ୟୋତିଷଜ୍ଞ ଥିଲେ । ସେ ତାଙ୍କ ଗଣନାକୁ ଜ୍ୟୋତିଷ ମତାନୁସାରେ ବ୍ୟକ୍ତ କରିଥିଲେ । ସେହିପରି ଭାରତୀୟ ବେଦ ବିଦ୍ୱାନ ଲୋକମାନ୍ୟତିଳକ ତାଙ୍କ ମତକୁ ଗଣିତ ଜ୍ୟୋତିଷାନୁଯାୟୀ ନିରୂପଣ କରି ବେଦରଚନାକାଳ ବିଷୟରେ ଏକ ସୁନ୍ଦରଯୁକ୍ତି ବାଢ଼ିଛନ୍ତି ।

**ଅଧ୍ୟାପକ Dr Jacobi ଙ୍କ ମତ :—**

ଅଧ୍ୟାପକ **Jacobi** ଙ୍କ ମତ ଏକ ଗଣିତ-ଜ୍ୟୋତିଷସିଦ୍ଧାନ୍ତ ଉପରେ ଆଧାରିତ । ବର୍ଷକ ମଧ୍ୟରେ ଛଅଗୋଟି ଋତୁର ଆଗମନ ହୋଇଥାଏ । ଯଥା :— ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ ଓ ଶିଶିର । ସୂର୍ଯ୍ୟଙ୍କର ଗତି ଅନୁସାରେ ଏହି ଋତୁମାନଙ୍କର ଆବିର୍ଭାବ ସମ୍ଭବ ହୋଇଥାଏ । ପ୍ରାଚୀନକାଳରେ ଯେଉଁ ନକ୍ଷତ୍ର ସହିତ ଋତୁର ସମ୍ପର୍କ ରହିଥିଲା ଆଜିକାଲି ତାର ସ୍ୱଳ୍ପ ପରିବର୍ତ୍ତନ ଲକ୍ଷ୍ୟକରାଯାଏ । ବର୍ତ୍ତମାନ ସେହି ଋତୁ ତତ୍‌ପୂର୍ବବର୍ତ୍ତୀ ନକ୍ଷତ୍ର ସହିତ ଉପସ୍ଥିତ ହେଉଅଛି । ଏହି-ଥିରୁ ଜଣାଯାଏ ନକ୍ଷତ୍ର ଗୁଡ଼ିକ କ୍ରମଶଃ ପୂର୍ବ ପୂର୍ବ ଯାଉଛନ୍ତି । ପୂର୍ବେ ବର୍ଷର ଆରମ୍ଭ ବସନ୍ତଋତୁ ଥିଲା ଏଣୁ ଏହାକୁ **ବସନ୍ତ ସମ୍ପାତ** କହନ୍ତି । ଏକଦା ବସନ୍ତ ସମ୍ପାତ ଉତ୍ତର ଭାଦ୍ରପଦ, ରେବତୀ, ଅଶ୍ୱିନୀ, ଭରଣୀ, କୃତ୍ତିକା, ରୋହିଣୀ, ମୃଗଶିରା, ନକ୍ଷତ୍ର ସଂଯୋଗରେ ଉପସ୍ଥିତ ହେଉଥିଲା । କିନ୍ତୁ ବର୍ତ୍ତମାନ ତାହା ପଛକୁ କ୍ରମଶଃ ପୂର୍ବ ପୂର୍ବ ଯାଉଛି ।

ଭାରତୀୟଜ୍ୟୋତିଷମାନଙ୍କ ମତରେ ଯେଉଁମାନେ ମାନିଥାଆନ୍ତି ସେମାନଙ୍କ ମଧ୍ୟରେ ନକ୍ଷତ୍ର-ବୃତ୍ତ ୨୭ ଭାଗରେ ବିଭକ୍ତ ତେଣୁ ପ୍ରତ୍ୟେକ

ନକ୍ଷତ୍ର $360 \div 27 = 13\frac{1}{2}$ ଅଂଶ ସ୍ତୂପ ସୃଷ୍ଟି କରିଥାନ୍ତି । ସଂକ୍ରମଣ ବିନ୍ଦୁର ଗୋଟିଏ ଅଂଶପଛକୁ ଫେରିଯିବାକୁ ୭୨ ବର୍ଷ ଲାଗେ । ଗୋଟିଏ ନକ୍ଷତ୍ର ପଛକୁ ଘୁରିବା ନିମିତ୍ତ $72 \times 13\frac{1}{2} = 972$ ବର୍ଷ ଲାଗିବ । ଆଜିକାଲି ବସନ୍ତ ସମ୍ପାତ ସେ କାଳଠାରୁ ଆରମ୍ଭ କରି ସାଢ଼େଚାରିଗୋଟି ନକ୍ଷତ୍ର ପଛକୁ ଘୁଞ୍ଚିଯାଇଛି । ଏଣୁ କରି କୃତ୍ତିକା ନକ୍ଷତ୍ରର ବସନ୍ତ ସମ୍ପାତ ଅଙ୍କଠାରୁ $972 \times 4\frac{1}{2} = 4374$ ବର୍ଷ ତଳର ଘଟଣା । ମହାରାଷ୍ଟ୍ରର ବିଖ୍ୟାତ ଜ୍ୟୋତିର୍ବିଦ ପଣ୍ଡିତ ଶଙ୍କର ବାଳକୃଷ୍ଣ ଦୀକ୍ଷିତ ଶତପଥବ୍ରାହ୍ମଣର ଗୋଟିଏ ଜ୍ୟୋତିଷତଥ୍ୟ ଉପରେ ଆଲୋଚନାକରି ବେଦର ରଚନାକାଳ ଉପରେ ମତଦେଇ ଅଧ୍ୟାପକ Jacobi ଙ୍କୁ ଆଧାର ଦେଇ ପରି ଅନୁମାନ କରାଯାଏ । ତାଙ୍କ ମତରେ କୃତ୍ତିକାନକ୍ଷତ୍ର ଗୁଚ୍ଛକ ଠିକ୍ ପୂର୍ବାସ୍ତ ବିନ୍ଦୁରେ ଉଦୟ ହୁଅନ୍ତି କିନ୍ତୁ ସେମାନଙ୍କ ଚ୍ୟୁତ ପରିଲକ୍ଷିତ କରାଯାଇ ନଥାଏ । ଶଙ୍କରଙ୍କ ଗଣନାନୁଯାଇ ଏହି ପ୍ରକାର ଗ୍ରହସ୍ଥିତି ଖ୍ରୀ: ପୂ: ୩୦୦୦ ବର୍ଷତଳର ଘଟଣା । ଏହା ବ୍ୟତୀତ ତୈତ୍ତିରୀୟ ସଂହିତାରେ କୃତ୍ତିକା ଓ ଅନ୍ୟନକ୍ଷତ୍ରର ସୂଚନା ଦେଖିବାକୁ ମିଳେ । ତୈତ୍ତିରୀୟସଂହିତା ବ୍ରାହ୍ମଣଗ୍ରନ୍ଥର ୧୦୦୦ ବର୍ଷ ପୂର୍ବବର୍ତ୍ତୀ । ମୋଟଉପରେ କହିବାକୁ ଗଲେ ବାଳକୃଷ୍ଣଦୀକ୍ଷିତଙ୍କ ମତରେ ବେଦ ୪୫୦୦ ବର୍ଷ ପୂର୍ବେ ରଚନା କରାଯାଇଥିଲା । ଅଧ୍ୟାପକ Jacobi ଙ୍କ ମତରେ :—

"The Rigveda has come down to us at about 4.500 B. C. this period of civilisation stretches, according to him, roughlty from 4500-2500 B. C. and he is inclined to ascribe the collection of humns which has comedown to us, to the second half of this period"

ଏହି ମତଟିକୁ କେତେକ ପଣ୍ଡିତମାନେ ଅସ୍ୱୀକାର କରନ୍ତି । ସେମାନେ ମନ୍ୱନ୍ତରର ଗଣନାକରି ଏହି ମତ କପୋଳକଳ୍ପିତ ବୋଲି ମତବ୍ୟକ୍ତ କରିଛନ୍ତି । ସେମାନେ ସୂର୍ଯ୍ୟସିଦ୍ଧାନ୍ତ ଓ ମନୁସ୍ମୃତି ଅନୁସାରେ ଯୁଗ ଗଣନାକରନ୍ତି ଯାହାର ଆଲୋଚନା ଆଗରେ କରାଯିବ ।

**ଅଧ୍ୟାପକ Winternitz ଙ୍କ ମତ :—**

We can not, who ever, explain the development of the whole of this great literature, if we

assume as late a date as round about 1200 or 1500 B. C. as its starting point, we shall probably have to date the beginning of this development about 2000 or 2500 B. C. and the end of it between 750 and 500 B. C. the more prudent course how ever, is to teer clear of any fixed dates, and to guard against the extremes of a stupendously ancient period or a ludicrbusly modern.

( A History of Indian literature—Vol-I )

ଆମ୍ଭେମାନେ, ବେଦଭଳି ଗ୍ରନ୍ଥର ବୟସ ନିର୍ଦ୍ଧାରଣ କରିବାକୁ ଯାଇ ଦେଖିବାକୁ ପାଉ ଯେ କେତେକଙ୍କ ମତରେ ବେଦଗ୍ରନ୍ଥ ଖ୍ରୀ.ପୂର୍ବ୧୨୦୦ ରୁ ଖ୍ରୀ:ପୂର୍ବ ୧୫୦୦ ର ସୃଷ୍ଟି । ଆଉ କେତେକଙ୍କ ମତରେ ବେଦ ଖ୍ରୀ: ପୂର୍ବ-୨୦୦୦ ବା ଖ୍ରୀ: ପୂର୍ବେ ୨୫୦୦ସମୟର ସୃଷ୍ଟି । କିନ୍ତୁ ଏକ ଅପରପକ୍ଷମତବାଦ ଜ୍ଞାପନ କରିବାକୁ ହେଲେ ବହୁ ଅତୀତର ସୀମାବାଡ଼ ଲଙ୍ଘନ କରି ବେଦର ପ୍ରାରମ୍ଭିକ ଓ ଅନ୍ତିମ ସମୟର ନିର୍ଦ୍ଧାରଣ ଆବଶ୍ୟକ ।

**ଶିଳାଲିପିଅନ୍ୱେଷଣ:—**

ଶିଳାଲିପିରୁ ପ୍ରାପ୍ତ ଅନେକ ସଭ୍ୟତା ଓସଂସ୍କୃତିର ପ୍ରମାଣ ମିଳିଥାଏ । ଖ୍ରୀ. ପୂର୍ବ ୩ୟ ଶତକରେ ଦାକ୍ଷିଣାତ୍ୟ ଆର୍ଯ୍ୟମାନଙ୍କ ଦ୍ୱାରା ଜୟ ହୋଇଥିଲା । ଏହି ପ୍ରମାଣଟି ଶିଳାଲେଖରୁ ହିଁ ମିଳିଥାଏ । ସେଠାରେ ବ୍ରାହ୍ମଣ୍ୟସଭ୍ୟତା ବିସ୍ତାର ଲାଭ କରିଥିଲା । ଆର୍ଯ୍ୟ ସଭ୍ୟତା ଖ୍ରୀ:ପୂର୍ବ ୭ମ କିମ୍ବା ୮ମ ଶତାବ୍ଦୀ ପୂର୍ବରୁ ଏଠାରେ ବିସ୍ତୃତ ଲାଭ କରିଥିଲା । ଏହି କଥାଟି ଏଇଥିପାଇଁ ଜଣାପଡ଼େ ଯେ ଦାକ୍ଷିଣାତ୍ୟରେ ବୌଧାୟନ ଓ ଆପସ୍ତମ୍ବ ପ୍ରଭୃତି ବୈଦିକ ଶାଖାଗୁଡ଼ିକର ବିକାଶ ହୋଇ ପାରି-ଥିବାରୁ ଆର୍ଯ୍ୟସଭ୍ୟତାର ବିସ୍ତୃତ ସମ୍ଭବ ହୋଇଥିଲା । ଖ୍ରୀ. ପୂର୍ବ ୧୫୦୦ ରୁ ୧୨୦୦ ଶତାବ୍ଦୀମଧ୍ୟରେ ବେଦ ରଚିତ ହୋଇଥିବ ବୋଲି ଅନୁମେୟ କିନ୍ତୁ ଏହା କଦାଚ ସତ୍ୟ ଏକଥା ଠିକ୍ ନୁହେଁ । ଅଧ୍ୟାପକ Bulher ଏହି ମତକୁ ଖଣ୍ଡନ କରି ଦେଇଛନ୍ତି ।

**ଅଧ୍ୟାପକ Buhler ଙ୍କ ମତ :—**

ଅଧ୍ୟାପକ **Buhler** ଙ୍କ ମତରେ ଖ୍ରୀ: ପୂର୍ବ ୧୭୦୦ ରୁ ୧୨୦୦ ଶତାବ୍ଦୀ ମଧ୍ୟରେ ବେଦ ରଚିତ ହୋଇଥିଲା ବୋଲି ଯେଉଁମାନେ ମତବ୍ୟକ୍ତ କରିଛନ୍ତି ତାହା ଭ୍ରମାତ୍ମକ କାରଣ ଛଅ ଶତାବ୍ଦୀ ଭିତରେ ଉତ୍ତର ଭାରତରୁ ଦକ୍ଷିଣଭାରତକୁ ସଭ୍ୟତାର ବିକାଶ ସମ୍ଭବ ନୁହେଁ । ଅନୁମାନ ବେଦ ପାଞ୍ଚହଜାର ବର୍ଷ ପୂର୍ବେ ରଚନା କରାଯାଇଥିଲା । ଏହି ମତଟିକୁ ଅଧ୍ୟାପକ Oldenbery ସ୍ୱୀକାର କରି କହନ୍ତି :—

"Now it could be said that seven hundred years are a good span of time, in wich much can happen."

କେତେକ ବୁଦ୍ଧ ଶିଳାଲିପିରେ ବେଦର ଖଣ୍ଡ ଆମକୁ ପାଲି ଭାଷାରେ ଦେଖାଯାଏ ଏବଂ **ଏହା ଜଣାଯାଏ ଯେ** ବୌଦ୍ଧମାନଙ୍କର ବହୁପୂର୍ବରୁ ବେଦର ସୃଷ୍ଟି ।

**ଅଧ୍ୟାପକ Haug ଙ୍କ ମତ :—**

ଅଧ୍ୟାପକ **Haug** ବେଦରଚନାକାଳ ଖ୍ରୀପୂର୍ବ ୨୪୦୦-୧୨୦୦ ବୋଲି ସ୍ୱୀକାରକରିଛନ୍ତି । ବୈଦିକସୂକ୍ତ-ରଚନାର ସମସ୍ତ ହିଟନ୍ ଓ ଅଧ୍ୟାପକ **Haug** ଖ୍ରୀପୂର୍ବ ୨୦୦୦-୧୫୦୦ ବୋଲି ସ୍ୱୀକାର କରିଛନ୍ତି ।

**ଜ୍ୟୋତିଷ ପଣ୍ଡିତ ଦୀନନାଥ ଶାସ୍ତ୍ରୀ ଚୁଲେଟଙ୍କ ମତ :—**

ପ୍ରଖ୍ୟାତ ଗାଣିତିକ ଓ ଜ୍ୟୋତିଷ-ବିଦ୍ୱାନ ଦୀନନାଥ ଶାସ୍ତ୍ରୀ ତାଙ୍କର "ବେଦ-କାଳନିର୍ଣ୍ଣୟ" ପୁସ୍ତକରେ ପ୍ରମାଣକରି ଦେଇଛନ୍ତି ବେଦର ରଚନାରମ୍ଭ ତିନିଲକ୍ଷବର୍ଷ । ସେ ପ୍ରମାଣଦେଇ କହନ୍ତି ବସନ୍ତସମ୍ପାତ ସମସ୍ତ ନକ୍ଷତ୍ରକୁ ୨୫୮୦୦ ବର୍ଷ ପରିକ୍ରମାକରି କକରକେନ୍ଦ୍ରବିନ୍ଦୁରେ ଆସି ପହଞ୍ଚିଥାଏ । କାତ୍ୟାୟନ ଶ୍ରୌତ-ସୂତ୍ରର ଭାଷ୍ୟକାର କର୍କାଚାର୍ଯ୍ୟଙ୍କ ସମୟ ବସନ୍ତସମ୍ପାତ ସୂର୍ଯ୍ୟର ତୁଲାସଂକ୍ରମଣ ଆର୍ଦ୍ରି ନମାସ ଅଟେ । ଏହା ଆଜକୁ ପନ୍ଦରହଜାର ବର୍ଷ ତଳର ଘଟଣା ଏବଂ ମୂଳବସନ୍ତ ସମ୍ପାତର ବର୍ଷ ଆଜକୁ ୨୯ ହଜାର ବର୍ଷ । ବେଦାଙ୍ଗ ଜ୍ୟୋତିଷର ସମସ୍ତ ଧନିଷ୍ଠାନକ୍ଷତ୍ରର ଶିଶିରର ଆରମ୍ଭଠାରୁ ବସନ୍ତସମ୍ପାତ ୨୩୯୫୦ ବର୍ଷ ତଳର ଘଟଣା ଏବଂ ବେଦ ରଚନାକାଳ ତିନିଲକ୍ଷ ବର୍ଷ ଅଟେ ।

**ଲୋକମାନ୍ୟତିଳକଙ୍କ ମତ:—**

ଲୋକମାନ୍ୟ ବାଲଗଙ୍ଗାଧର ତିଳକ ବେଦର ରଚନାକାଳ ସ୍ୱୀକାର କରିବାକୁ ଯାଇ ନିଜର ମତବ୍ୟକ୍ତ କରିଛନ୍ତି:— ତୈତ୍ତିରୀୟସଂହିତାର ମତ ଅନୁସାରେ "ଫାଲ୍‌ଗୁନ ପୂର୍ଣ୍ଣିମା" ରେ ବସନ୍ତ ସମ୍ପାତର ଆରମ୍ଭ ହୋଇଥାଏ । ଯଦି ପୂର୍ଣ୍ଣଚନ୍ଦ୍ର ଫାଲ୍‌ଗୁନି ନକ୍ଷତ୍ରରେ ଥାଏ ତେବେ ସୂର୍ଯ୍ୟ ନିଶ୍ଚୟ ମୃଗଶିରାରେ ରହିବେ । ଏହି ସ୍ଥିତିର ବର୍ଣ୍ଣନା ଋଗ୍‌ବେଦରେ ଦେଖିବାକୁ ମିଳେ । କୃତ୍ତିକାନକ୍ଷତ୍ରରେ ବସନ୍ତସମ୍ପାତ ସମୟଠାରୁ ମୃଗଶିରାରେ ବସନ୍ତସମ୍ପାତ-ସମୟ ନିଶ୍ଚୟ ଦୁଇହଜାର ବର୍ଷ ପୂର୍ବରୁ ହେବ କାରଣ ମୃଗଶିରାରୁ କୃତ୍ତିକା ପର୍ଯ୍ୟନ୍ତ ଆସିବାକୁ ମଝିରେ ଦୁଇଟି ନକ୍ଷତ୍ର ପାରହେବାକୁ ହେବ (୯୭×୨=୧୯୪) ସୁତରାଂ ଯେଉଁ ମନ୍ତ୍ରରେ ମୃଗଶିରାରେ ବସନ୍ତସମ୍ପାତ ସମୟ ଲେଖାଅଛି ତାହା (୨୫୦୦-|-୧୯୪)

**"From the calculation of the value of the precission, however, it appears that about 2500 B. C. the vernal equinox law in the pleiades (କୃତ୍ତିକା) and at about 4.500 B. C. in origon".**

ଲୋକମାନ୍ୟ ତିଳକ ନିଜମତକୁ ପୁଣି ଦୃଢ଼ କରିବାକୁ ଯାଇ ଲେଖିଛନ୍ତି:— (ଋଗ୍‌ବେଦ ମନ୍ତ୍ରରୁ) ମୃଗଶିରା ପୂର୍ବରୁ ପୁନର୍ବସୁ ନକ୍ଷତ୍ରରେ ବସନ୍ତ ସମ୍ପାତ ହେବାର ପ୍ରମାଣ ମିଳୁଅଛି । ପୁନର୍ବସୁନକ୍ଷତ୍ରର ଦେବତା ଅଦିତି ଅଟନ୍ତି । ଅଦିତିଙ୍କୁ ଦେବମାତା କହିବାରେ ହିଁ ଏକ ରହସ୍ୟ ନିହିତ ହୋଇ ଅଛି । ପୁନର୍ବସୁ ନକ୍ଷତ୍ରରେ ସୂର୍ଯ୍ୟଙ୍କର ସଙ୍କ୍ରମଣ ସମୟ ମୃଗଶିରାରେ ବସନ୍ତ ସମ୍ପାତ ସମୟ ଠାରୁ ପ୍ରାୟ ଦୁଇହଜାର ବର୍ଷ ଅଧିକ ହେବ ସୁତରାଂ :—

ବେଦର ରଚନାକାଳ ପ୍ରାୟ ଖ୍ରୀ: ପୂର୍ବ ୬୦୦୦ ବର୍ଷ ହେବ । ଅଧ୍ୟାପକ Jacobi ଙ୍କ ମତକୁ ଲୋକମାନ୍ୟ ତିଳକ ଖଣ୍ଡନ କରିଦେଇଛନ୍ତି ।

**ବେଦ ବିଦ୍ୱାନ୍ ଅବିନାଶଚନ୍ଦ୍ର ଦାଶଙ୍କ ମତ:—**

ବେଦବିଦ୍ୱାନ୍ ଅବିନାଶଚନ୍ଦ୍ର ଦାଶ ତାଙ୍କ ସୁପ୍ରସିଦ୍ଧ "Rigvedic India" ପୁସ୍ତକରେ ବେଦର ସମୟ ନିର୍ଣ୍ଣୟ କରି ଲେଖିଛନ୍ତି:—

**The Rigveds must be held to be as old as the Miocene or the pliocene Epoch whose**

age is to be computed by some hundreds of thousands, if not millions of years. This at first sight would seem to be extremely incredible, But it may be mentioned here in passing that the Indo-Aryans believe the Rigveda to be as old as the creation of man, in other words, to have emanated from Brahma, the creator Himself, and is regarded as Apaurusheya i. e. not ascribable to any human agency though the Rishis or seers might have clothed the revealed truths and eternal verities in language of their own from time to time. This-bereft of all exaggerations, would mean that the Rigveda existed from time immemorial. to this belief of the Indo- Aryans, how ever absurd it might seem, ihe results of geological investigations, undoubtedly lend sometrong colour,

**ଅଧ୍ୟାପକ Keith ଙ୍କ ମତ:—**

ଅଧ୍ୟାପକ **Keith** ବେଦରଚନା କାଳ ନିର୍ଣ୍ଣୟ କରିବାକୁ ଯାଇ ତାଙ୍କ **History of Sanskrit Literture** ପୁସ୍ତକରେ ଲେଖିଛନ୍ତି—ବେଦ ଖ୍ରୀ: ପୂର୍ବ ୧୨୦୦ ପୂର୍ବରୁ ରଚନାକରାଯାଇଥିଲା; କିନ୍ତୁ ତାଙ୍କର ଏହି ଯୁକ୍ତି ବିଦ୍ୱାନମାନେ ଅସ୍ୱୀକାର କରନ୍ତି ।

**ପଞ୍ଜିକାନୁଯାୟୀ ସୃଷ୍ଟି ଓ ବେଦ ସମୟ ନିର୍ଣ୍ଣୟ:—**

ସତ୍ୟଯୁଗ ଆକଳୁ ୧୭୨୮୦୦୦ ବର୍ଷ, ତ୍ରେତାଯୁଗ ୧୨୯୬୦୦୦ ବର୍ଷ, ଦ୍ୱାପରଯୁଗ ୮୬୪୦୦୦ ବର୍ଷ ଓ କଳିଯୁଗ ୪୩୨୦୦୦ ବର୍ଷ । ବେଦ ସତ୍ୟଯୁଗର ପୂର୍ବରୁ ଥିଲା କାରଣ ସତ୍ୟଯୁଗଠାରୁ ଆରମ୍ଭକରି ତ୍ରେତା, ଦ୍ୱାପର ଓ ବର୍ତ୍ତମାନ କଳିରେ ବେଦ ରହିଛି । ଏଣୁ ବେଦ ବହୁ ପ୍ରାଚୀନ । ଏହିକଥା ମନ୍ୱନ୍ତରର କଳ୍ପକୁ ଗଣନାକରି କରାଯାଇଛି । ଅଥର୍ବ ବେଦରେ ଏ ସମ୍ବନ୍ଧୀୟ ଏକମନ୍ତ୍ର ଦେଖାଯାଏ ଯଥା:—

ଶତଂ ତେଽଯୁତଂ ହାୟନାନ୍‌ଦ୍ୱେ ଯୁଗେ ତ୍ରୀଣି ଚତ୍ୱାରି କୃଣ୍ମଃ
(ଅଥର୍ବ, ୮ । ୨ । ୨୧)

ଚତୁର୍ଯୁଗୀ ୭୧ ଥର ଅତିକ୍ରମ ହେବାପରେ ଏକ ମନ୍ୱନ୍ତର ହୁଏ । ଏହି ପ୍ରକାର ୧୪ ମନ୍ୱନ୍ତରରେ ପୃଥିବୀର ଆୟୁ ଗଣନା କରାଯାଏ । ଏହାପରେ ଏକ ପ୍ରଳୟ ହୋଇ ପୁନର୍ବାର ସୃଷ୍ଟି ରଚନା ହୋଇଥାଏ । ଏହି ଚତୁର୍ଯୁଗୀୟ ମନ୍ୱନ୍ତର ହିସାବ ଅନୁଯାୟୀ ବେଦରେ ପ୍ରାଚୀନତା ସ୍ୱୀକାର କରାଯାଇଥାଏ ।

ସତ୍ୟଯୁଗ ୧୭୨୮୦୦୦ -।- ତ୍ରେତାଯୁଗ ୧୨୯୬୦୦୦ -।- ଦ୍ୱାପର ୮୬୪୦୦୦ ବର୍ଷ -।- କଳିଯୁଗ ୫୦୭୩=୧୯୭୨୯୪୯୦୭୩ ବର୍ଷ ବେଦର ରଚନା କାଳ । ବେଦବିଦ୍ୱାନ ମହର୍ଷି ଦୟାନନ୍ଦ ସରସ୍ୱତୀ ଏ ବିଷୟ ସତ୍ୟାର୍ଥ ପ୍ରକାଶ ପୁସ୍ତକରେ ଲେଖିଛନ୍ତି, ସେ ଜନ୍ମ ମନ୍ତ୍ରକୁ ଉଦ୍ଧାରକରି ତାଙ୍କ ପ୍ରମାଣ ହିଁ ଅଟଳ, ତାହା ପ୍ରତିପାଦନ କରିଛନ୍ତି ।ଓଁ ତତ୍‌ସତ୍ ଶ୍ରୀ ବ୍ରାହ୍ମଣୋ, ଦ୍ୱିତୀୟପରାର୍ଦ୍ଧେ ବୈବସ୍ୱତମନ୍ୱନ୍ତରେଽଷ୍ଟାବିଂଶତିତମେ କଳିଯୁଗେ କଳି ପ୍ରଥମ ଚରଣେ ଆର୍ଯ୍ୟାବର୍ତ୍ତାନ୍ତର୍ଗତୈକଦେଶେଽମୁକନଗରେ...... ଅମୁକ ସଂବତ୍ସରାୟନର୍ତୁମାସେ ଇଦଂ କାର୍ଯ୍ୟଂ ମୟାକରିଷ୍ୟତେ ।

**ରାମାୟଣର ବହୁପୂର୍ବରୁ ବେଦର ସୃଷ୍ଟି:—**

ବାଲ୍ମୀକି ରାମାୟଣର ଅଯୋଧ୍ୟାକାଣ୍ଡରେ ବେଦର ସୂଚନା ମିଳେ ।
ସର୍ବବିଦ୍ୟାବ୍ରତସ୍ନାତଃ ଯଥାବତ୍ସାଙ୍ଗ ବେଦବିତ୍ ।
ଇଷ୍ୱସ୍ତ୍ରେ ଚ ପିତୁଃ ଶ୍ରେଷ୍ଠୋ ବଭୂବ ଭରତାଗ୍ରଜଃ ।।

ରାମାୟଣରେ ବେଦର ବର୍ଣ୍ଣନା ଦେଖାଯାଏ; ଏଣୁ ବେଦ ରାମାୟଣର ପୂର୍ବବର୍ତ୍ତୀ ।

**In the Ramayana the Vedas in general are mentioned very frequently; Special Vedic names appear to be rare, The Sama Veda (ସାମଗା) being mentioned at IV. 27. 10, the Taittiriya (ଆଗୃର୍ଯ୍ୟ-ତୈତ୍ତିରୀୟ) at 11. 32. 7, the Atharva Veda (ମନ୍ତ୍ରାଷ୍ଟାଅର୍ବଣା) occurs at 11. 26. 21.**

**ମହାଭାରତ ପୂର୍ବରୁ ବେଦର ବ୍ୟାପକତା:—**

ମହାଭାରତର ସର୍ବାପର୍ବରେ ବେଦର ବ୍ୟାପକତା ଓ ସନାତନତ୍ୱକୁ ବର୍ଣ୍ଣନା କରାଯାଇଛି । ଏଣୁ ବେଦ ମହାଭାରତ ବହୁ ପୂର୍ବରୁ ରଚିତ ।

ଋଗ୍‌ବେଦଃ ସାମବେଦଶ୍ଚ, ଯଜୁର୍ବେଦଶ୍ଚ ପାଣ୍ଡବ ।
ଅଥର୍ବ ବେଦଶ୍ଚ ତଥା ସର୍ବଶାସ୍ତ୍ରାଣିଚୈବହିଂ"

ବେଦ ଅନାଦି ଓ ନିତ୍ୟବୋଲି ମହାଭାରତରେ ସ୍ୱୀକାର କରାଯାଇଛି । ଏଣୁ ଏହା କାଳାତୀତ (ଅନାଦିନିଧନାନିତ୍ୟା, ବାଗୁତ୍ୟା ଯା ସ୍ୱୟଂମ୍ଭୁବା)

**ବରାହମିହିରଙ୍କ ଦ୍ୱାରା ବେଦକାଳ ନିର୍ଣ୍ଣୟ:—**

ବରାହମିହିର **ବୃହତ୍‌ସଂହିତାରେ** ଲେଖିଛନ୍ତି ଯୁଧିଷ୍ଠିର ଙ୍କ ରାଜ୍ୟକାଳ ସମୟରେ ସପ୍ତର୍ଷି ମଘା ନକ୍ଷତ୍ରରେ ଅବସ୍ଥାନ କରିଥିଲେ । ଯୁଧିଷ୍ଠିରଙ୍କଠାରୁ ଆରମ୍ଭ-କରି **ଶକକାଳ** ର ଆରମ୍ଭ ୧୫୨୬ ବର୍ଷ ।

| | |
|---|---|
| ଗର୍ଗସଂହିତା ଅନୁସାରେ ଶକକାଳ | ୧୫୨୬ ବର୍ଷ |
| ଗୌତମଙ୍କ ଠାରୁ ଯୀଶୁଙ୍କ ପର୍ଯ୍ୟନ୍ତ | ୫୭୪ ,, |
| ଖ୍ରୀଷ୍ଟାବ୍ଦ ଆରମ୍ଭରୁ ଅଦ୍ୟାବଧି ଯାଏ | ୧୯୮୧ ,, |
| ମୋଟ | ୪୦୮୧ ବର୍ଷ |

ବରାହମିହିର ବେଦକାଳ ନିର୍ଣ୍ଣୟ କରିବାକୁ ଯାଇ କହିଛନ୍ତି ବେଦ—ଖ୍ରୀଷ୍ଟଜନ୍ମର ଏକାଅଣୀବର୍ଷ ପୂର୍ବେ ରଚନା କରାଯାଇଥିଲା ।

**ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ସିଂହନାଦ:—**

ସ୍ୱାମୀଦୟାନନ୍ଦ ସରସ୍ୱତୀ ତଥା ଆଧୁନିକ ବେଦବ୍ୟାଖ୍ୟାକାର ବେଦକାଳ ନିରୂପଣ କରିବାକୁ ଯାଇ ପାଶ୍ଚାତ୍ୟ ବିଦ୍ୱାନମାନଙ୍କର ମତକୁ ତୀବ୍ରଭାବରେ ଖଣ୍ଡନ କରିଦେଇଛନ୍ତି । ସେ ତାଙ୍କ ମନ୍ତବ୍ୟକୁ କରି କହିଛନ୍ତି:—

The Vedic Religion can tell us how old the world, (Veda) is The Aryas know from the verses, bearing on the creation and dissolution of the world, in the shastra, that a thousand chatur yugas constitute one day of Brahma, and as many yugas one night of Brahma. A Brahma day covers the time from the criation of the universe to its dissolution, and a Brahama-ratri from the dissolu-

tion of the world to its next creation after a thousand chaturyuga. There are fourteen Manvantaras in one kalpa and one Manvantara as is equal to 91 chaturyugas. The present is the seventh Manvantaras, the swaymbhuva, svarochish, auttami ' tamasa, raivata and chakshusha having already expired; in other words, 1960852976 years of the world's age have passed a way, and 2333227024 still rimaen, [Life and teaching of Swami Dayananda. P.- 132 by Bawa Chhajju Singh.]

ପୃଥିବୀ ସୃଷ୍ଟିର ସମୟ ହିଁ ବେଦର ରଚନାକାଳ ବୋଲି ସ୍ୱାମୀ ଦୟାନନ୍ଦ ମନ୍ୱନ୍ତର ଓ କଳ୍ପ ଗଣନାଦ୍ୱାରା ମତବ୍ୟକ୍ତ କରି କହନ୍ତି, ବେଦ ଆଜିଠାରୁ ୧୯୬୦।୮୫୨୯୭୬ ବର୍ଷ ହେଲା ରଚନା କରାଯାଇଥିଲା ।

**ପରିବ୍ରାଜକ Megasthenesଙ୍କ ମତ:—**

ସେ ଉପନିଷଦ ରଚନାକାଳ ଖ୍ରୀପୂର୍ବ ୩୦୦ ବର୍ଷବୋଲି ସ୍ୱୀକାର କରିଛନ୍ତି । ଶ୍ରୀକୃଷ୍ଣଙ୍କ ଜନ୍ମ ଓ ମହାଭାରତର ସମୟ ୬୦୪୨ ବର୍ଷ ବୋଲି ମତବ୍ୟକ୍ତ କରିଛନ୍ତି । ବେଦ ୬୦୪୨ ବର୍ଷପୂର୍ବେ ରଚନା କରାଯାଇଥିଲା । ମେଘାସ୍ଥିନିସ୍‌ଙ୍କର ଏହି ମତଟିକୁ କେତେକ ପଣ୍ଡିତ ଖଣ୍ଡନକରି ଅସ୍ୱୀକାର କରନ୍ତି । ସେ ଗୁପ୍ତଯୁଗ ଚନ୍ଦ୍ରଗୁପ୍ତଙ୍କ ସମୟରେ ଭାରତ ଭ୍ରମଣରେ ଆସିଥିଲେ । କେତେକ ବୈଦେଶିକ ପଣ୍ଡିତ ମଧ୍ୟ ସ୍ୱାମୀ ଦୟାନନ୍ଦଙ୍କର ବେଦ ରଚନାକାଳ ନିର୍ଣ୍ଣୟକୁ ସ୍ୱୀକାର କରନ୍ତି । ସେମାନେ ବେଦର ଅନାଦିତ୍ୱକୁ ଗ୍ରହଣ କରିଥାନ୍ତି ।

**ଋଗ୍‌ବେଦର ଦଶମମଣ୍ଡଳ ପ୍ରକ୍ଷେପ କି :—**

ଏହି ମଣ୍ଡଳ ବହୁପଛରେ ରଚନା କରାଯାଇଥିଲା ବୋଲି କେତେକ ପାଶ୍ଚାତ୍ୟ ବିଦ୍ୱାନ ମତବ୍ୟକ୍ତ କରିଛନ୍ତି । ପାଶ୍ଚାତ୍ୟ ବିଦ୍ୱାନମାନଙ୍କର ମତକୁ ଅନ୍ଧ ଓ ମୂର୍ଖତା ଭାବରେ କେତେକ ବିଦ୍ୱାନ ସେମାନଙ୍କ ସହ ଏକମତ ହୋଇଛନ୍ତି । କିନ୍ତୁ ଏହି ଯୁକ୍ତିଟି ସମ୍ପୂର୍ଣ୍ଣ ମିଥ୍ୟା । ଋଗ୍‌ବେଦର ବାଲଖିଲ୍ୟ ସୂକ୍ତ ଓ ଦଶମମଣ୍ଡଳ ମୋଘ, ବିସର୍ଗ, କ୍ଷୁପ୍ ଶବ୍ଦକୁ ବୁଝିନ ପାରି **Vedic age** ପୁସ୍ତକର ଲେଖକ ଭ୍ରମପୂର୍ଣ୍ଣ ମତବ୍ୟକ୍ତ କରିଛନ୍ତି ।

The tenth Mandala is manifestly a later addition, often Atharvanic in character.

( Vedic Age. P 228)

That the tenth Mandala is later in origin than the first nine is however, perfectly certain from the evidence of the language.

(Vedic Age, P. 229)

Vedic Ageରେ ଲେଖକ, ଲୋକ, ମୋଘ, ସ୍ୱର୍ଗ, ଗୁପ୍ ଶବ୍ଦର ପ୍ରଚଳନ ଦଶମମଣ୍ଡଳକୁ ବାଦଦେଲେ ଅନ୍ୟତ୍ର ନାହିଁ ବୋଲି ଯାହା ବ୍ୟକ୍ତ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା । ଋଗ୍‌ବେଦର ୧,୯୩,୭,୮,୫୦ ଇତ୍ୟାଦି ମଣ୍ଡଳର ବହୁସ୍ଥାନରେ ଏହି ଶବ୍ଦଗୁଡ଼ିକ ପରିଦୃଷ୍ଟହୁଏ ।

ଯଦି ବାହମନୃତଦେବ ଆସ ମୋଘଂ ବା ଦେବାଂ ଅପ୍ୟୂହେ ଅଗ୍ନେ ଋ. ୭,୧୦୪ । ୧୪ ଋଗ୍ ବେଦର ସପ୍ତମ ମଣ୍ଡଳରେ ସ୍ୱର୍ଗ ଶବ୍ଦ ବହୁଳ ଭାବରେ ଦେଖାଯାଏ ଯଥା—୧୦୩ ସୂକ୍ତ ଦଶମମଣ୍ଡଳ ନବୀନ ନୁହେଁ ବୋଲି ସ୍ୱୀକାର କରି Macdonel ଙ୍କ History of Sanskrit Literature ପୁସ୍ତକରେ ଲେଖିଛନ୍ତି—Nevertheless the supplements collected in it (Tenth Mandal) appear for the most part to be older than the additions which occur in the earlier books. ଏଣୁ ଏହା ଠିକ୍ ଯେ ଦଶମମଣ୍ଡଳକୁ ପରବର୍ତ୍ତୀ କହିବା ସମ୍ପୂର୍ଣ୍ଣ କପୋଳକଳ୍ପିତ ।

**ବାଳଖିଲ୍ୟ ସୂକ୍ତ ପ୍ରକ୍ଷେପ କି ?**

ବାଲଖିଲ୍ୟ ସୂକ୍ତର ପ୍ରବର୍ତ୍ତକ ବାଲଖିଲ୍ୟ ଋଷି ବୋଲି କେତେକ ମତ ଦିଅନ୍ତି ଓ ଏହା ପରବର୍ତ୍ତୀକାଳୀନ ବୋଲି ସ୍ୱୀକାର କରନ୍ତି । ଏହି ଦୁଇଗୋଟି ଚିନ୍ତା କପୋଳକଳ୍ପିତ । ଋଗ୍‌ବେଦର ମନ୍ତ୍ରଗୁଡ଼ିକ ସହିତ ଏହା ସମତା ସୃଷ୍ଟି କରି ରଚିତ ହୋଇଛି । ଏଣୁ ଏହା ପ୍ରକ୍ଷେପ ନୁହେଁ । ଏହି ସୂକ୍ତର ପ୍ରାଚୀନତାକୁ ସ୍ୱୀକାର କରି କେତେକ ପଣ୍ଡିତ କହନ୍ତି :—

Since that time, nearly 3000 years ago, it (the text of the veda) has suffered no changes whatsoever, with a care such that the hostory of other literatures has nothing similar to compare with it (Kaegis Rigveda P. 22)

ଏହିପରି ଅନେକ ପ୍ରମାଣ ରହିଛି ଯାହାକୁ ଅଧ୍ୟୟନକଲେ ବାଲଖିଲ୍ୟ ସୂକ୍ତ ପ୍ରକ୍ଷିପ୍ତ ନୁହେଁ ବୋଲି ଜଣାଯାଏ । ବିଶେଷ ବିବରଣୀପାଇଁ "ବେଦୋଂକା ଯଥାର୍ଥ ସ୍ୱରୂପ" ପୁସ୍ତକ (ପଣ୍ଡିତ ଧର୍ମଦେବ ବିଦ୍ୟାମାର୍ତ୍ତଣ୍ଡଙ୍କର) ଦେଖନ୍ତୁ ।

## Vedic Age ଲେଖକଙ୍କର ଭ୍ରମ :—

ବେଦମନ୍ତ୍ରକୁ ବ୍ୟାଖ୍ୟା କରିବାକୁ ଯାଇ ବହୁସ୍ଥାନରେ **vedic age** ର ଲେଖକ ତ୍ରୁଟିପୂର୍ଣ୍ଣ ଅର୍ଥ ରଚନା କରିଛନ୍ତି ଏବଂ ବେଦକୁ ସମ୍ପୂର୍ଣ୍ଣ ଭାବରେ ଅଧ୍ୟୟନ ନ କରି ଯେଉଁ ମତ ଦେଇଛନ୍ତି, ଯଥା—ଲୋକ, ମୋଘ, ବିସର୍ଗ ଶବ୍ଦ ଦଶମ ମଣ୍ଡଳରେ ଆସେ ଏଗୁଡ଼ିକ ନୂତନ ଶବ୍ଦ ଯାହାକି ବେଦରେ ନାହିଁ; କିନ୍ତୁ ଋକ୍ ବେଦର ସପ୍ତମ ମଣ୍ଡଳ ଇତ୍ୟାଦିରେ ଏହି ଶବ୍ଦଗୁଡ଼ିକର ପ୍ରଚଳନ ଦେଖାଯାଏ । ଯାହାକୁ ଅନୁଧ୍ୟାନ ନ କରି Vedic Ageର ଲେଖକ ବ୍ୟକ୍ତ କରିଛନ୍ତି ତାହା ତ୍ରୁଟିପୂର୍ଣ୍ଣ । ଏହାର ବିଶେଷ ବିବରଣୀ ପାଇଁ (ପଣ୍ଡିତ ଧର୍ମଦେବ ବିଦ୍ୟାମାର୍ତ୍ତଣ୍ଡଙ୍କର ବେଦୋଂକା ଯଥାର୍ଥ ସ୍ୱରୂପ" ପୁସ୍ତକର ଷଷ୍ଠ ଅଧ୍ୟାୟ ୬୨୭ ପୃଷ୍ଠା ପଠନଯୋଗ୍ୟ)

## ବେଦ ସମୟ ନିର୍ଣ୍ଣୟ ଉପରେ Vedic Ageର ମତ—

Vedic Age ପୁସ୍ତକରେ ବେଦ ଖ୍ରୀ:ପୂର୍ବ ଏକ ହଜାର ବର୍ଷ ପୂର୍ବେ ରଚନା କରାଯାଇ ଥିଲା ବୋଲି ମତବ୍ୟକ୍ତ କରାଯାଇଛି; କିନ୍ତୁ ଏହା ଭ୍ରମପୂର୍ଣ୍ଣ । ଏହି ଉକ୍ତିଟି ପରିବର୍ତ୍ତନ କରି ପରେ ଲେଖକ ଖ୍ରୀ:ପୂର୍ବ ୧୫୦୦ ବର୍ଷ ବୋଲି ବେଦର ରଚନା କାଳ ନିର୍ଣ୍ଣୟ କରିଛନ୍ତି । ଏହି ଦୁଇଟି ପ୍ରମାଣ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଅଟେ; ଯାହା ନିମ୍ନରେ ଦିଆଗଲା ।

"From a purely linguistic point of view the Rigveda in its present form can not be dated much earlier than 1000 B.C. the language of the

Rigveda is certainly no more different from that of the Avestan Gathas than is old English form old High German and therefore they must be assigned to approximately the same age..., thus from general linguistic consideration, we get for the Rigvedic language, as known to us, an approximate date of 1000 B. C. Although the culture represented by it must be considerably order. It can hardly be pushed back considerably before 1500 B. C. (Vedic Age P. 204)

# ବେଦାଙ୍ଗ ସାହିତ୍ୟ

ବେଦାଙ୍ଗ ସାହିତ୍ୟ ବୈଦିକ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ସଂହିତା, ଆରଣ୍ୟକ, ବ୍ରାହ୍ମଣ ଓ ଉପନିଷଦର ସମସ୍ତ ପ୍ରାପ୍ତ ବେଦାଙ୍ଗ ସାହିତ୍ୟ ସଙ୍ଗେ ସମାନ । ଏହା ବୈଜ୍ଞାନିକ ଓ ଯୁକ୍ତିସଙ୍ଗତ । ବୈଦିକ ଶବ୍ଦ ଯୋଜନା ସହିତ ପରିଚିତ ନ ହେଲେ ବୈଦିକ ସାହିତ୍ୟ ଓ ବେଦକୁ ବୁଝିହୁଏ ନାହିଁ । ବେଦର ସଂଖ୍ୟା ଚାରିଗୋଟି ଓ ବେଦାଙ୍ଗର ସଂଖ୍ୟା ଛଅଗୋଟି ଅଟେ ।

(୧) ଶିକ୍ଷା (୨) ଛନ୍ଦ (୩) ନିରୁକ୍ତ (୪) ବ୍ୟାକରଣ (୫) ଜ୍ୟୋତିଷ (୬) କଳ୍ପସୂତ୍ର ।

ଛନ୍ଦଃ ପାଦୌ ତୁ ବେଦସ୍ୟ, ହସ୍ତୌ କଳ୍ପୋଽଥ ପଠ୍ୟତେ
ଜ୍ୟୋତିଷାମୟନଂ ଚକ୍ଷୁ, ର୍ନିରୁକ୍ତଂ ଶ୍ରୋତ୍ର ମୁଚ୍ୟତେ
ଶିକ୍ଷାଘ୍ରାଣଂ ତୁ ବେଦସ୍ୟ, ମୁଖଂ ବ୍ୟାକରଣଂ ସ୍ମୃତମ୍
ତସ୍ମାତ୍ ସାଙ୍ଗମଧୀତ୍ୟୈବ, ବ୍ରହ୍ମଲୋକେ ମହୀୟତେ ॥

**ଶିକ୍ଷା:—**

ବେଦର ଯଥୋଚିତ ଉଚ୍ଚାରଣ ପାଇଁ ଶିକ୍ଷା ଆବଶ୍ୟକ । ବେଦ ମନ୍ତ୍ରରେ ଅନେକଗୁଡ଼ିଏ ଶିକ୍ଷା ଦେଖାଯାଏ—ସେଗୁଡ଼ିକ ସ୍ୱର ଓ ଉଚ୍ଚାରଣ ପ୍ରଣାଳୀ । ଯଥୋଚିତ ଉଚ୍ଚାରଣ ନ କଲେ ବେଦ ମନ୍ତ୍ରକୁ ବୁଝିହୁଏନା । ଏଥିପାଇଁ ଶିକ୍ଷାର ଆବଶ୍ୟକତା ରହିଛି । ଶିକ୍ଷାକୁ ବେଦର ପ୍ରାଣ ବୋଲି କୁହାଯାଏ । ବେଦ ବୁଝିବା

ପାଇଁ ନିଘଣ୍ଟୁ ଓ ନିରୁକ୍ତ ଶାସ୍ତ୍ରର ଆବଶ୍ୟକତା ପଡ଼ିଥାଏ; କାରଣ ଏ ଦୁଇଟି ବେଦର କୋଷ ଓ ବ୍ୟାକରଣ ଅଟେ । ତୈତ୍ତିରୀୟ ଉପନିଷଦ୍‌ରେ ଛଅଗୋଟି ଶିକ୍ଷା ବିଷୟରେ ଉଲ୍ଲେଖ ଅଛି । (୧) ବର୍ଣ୍ଣ (୨) ସ୍ୱର (୩) ମାତ୍ରା (୪) ବଳ (୫) ସାମ (୬) ସନ୍ତାନ । ମହର୍ଷି ପାଣିନି ବେଦର ଅକ୍ଷରଗୁଡ଼ିକ ଉପରେ ମଧୁର ଓ ଏହାର ଉଚ୍ଚାରଣ ବିଧି ଉଲ୍ଲେଖ କରିଛନ୍ତି । ଯାହାର ନାମ ପାଣିନୀୟ ଶିକ୍ଷା ଅଟେ । ଯାଜ୍ଞବଲ୍‌କ୍ୟ ବେଦର ସ୍ୱର ପଦ୍ଧତି ବିଷୟରେ "ଯାଜ୍ଞବଲ୍‌କ୍ୟ ଶିକ୍ଷା" ବୋଲି ଏକ ଶିକ୍ଷା ଗ୍ରନ୍ଥ ଲେଖିଛନ୍ତି । ଏତଦ୍‌ବ୍ୟତୀତ ପରାଶର, କାତ୍ୟାୟନୀ, ବାଶିଷ୍ଠୀ, ମାଣ୍ଡବ୍ୟ, ଅମୋଘାନନ୍ଦୀ ଇତ୍ୟାଦି ଅନେକ ଋଷି ଶିକ୍ଷାଗ୍ରନ୍ଥ ଲେଖିଛନ୍ତି । ଏହା ବ୍ୟତୀତ (ପ୍ରାତିଶାଖ୍ୟ) ଅନେକ ଦେଖାଯାଏ । ସେମାନଙ୍କ ମଧ୍ୟରେ ଋକ୍‌ପ୍ରାତିଶାଖ୍ୟ (ବାଜସନେୟୀପ୍ରାତିଶାଖ୍ୟ) ଶୁକ୍ଳ ଯଜୁଃପ୍ରାତିଶାଖ୍ୟ, ତୈତ୍ତିରୀୟ ପ୍ରାତିଶାଖ୍ୟ, ସାମବେଦର ପ୍ରାତିଶାଖ୍ୟ ଇତ୍ୟାଦି ଅନେକ ଗ୍ରନ୍ଥ ଦେଖାଯାଏ । ସାମବେଦର ପ୍ରାତିଶାଖ୍ୟ ଦୁଇଗୋଟି, ଯଥା :— ପୁଷ୍ପସୂତ୍ର, ଋକ୍‌ମନ୍ତ୍ର ।

**ପୁଷ୍ପସୂତ୍ର :—**

ପୁଷ୍ପମହର୍ଷିଙ୍କ ଦ୍ୱାରା ରଚିତ । ଏହାର ଦଶଗୋଟି ପ୍ରପାଠକ, ଏହା ସମାଗାନ ସହିତ ସମ୍ପୃକ୍ତ । ଜର୍ମାନ୍ ବିଦ୍ୱାନ୍ **ଆର୍ ସାଇମନ** ଖ୍ରୀ ୧୯୦୯ ରେ ଏହାକୁ ପ୍ରକାଶ କରିଛନ୍ତି; କିନ୍ତୁ ଋକ୍ ମନ୍ତ୍ର ସାମବେଦର କୌଥୁମ ଶାଖାର ପ୍ରାତିଶାଖ୍ୟ । ଏହାର ରଚୟିତା **ଶାକଟାୟନ** ।

ଏହା ୧୯୩୪ରେ ଲାହୋରର ବିଶିଷ୍ଟ ବିଦ୍ୱାନ୍ ପଣ୍ଡିତ ଡଃ ସୂର୍ଯ୍ୟକାନ୍ତ ଶାସ୍ତ୍ରୀ ଟୀକା ସହିତ ପ୍ରକାଶ କରିଛନ୍ତି । ଏହାବ୍ୟତୀତ ଅଥର୍ବ ବେଦରେ ତିନିଗୋଟି ପ୍ରାତିଶାଖ୍ୟ ଦେଖାଯାଏ ।

(୧) ଅଥର୍ବ ବେଦର ପ୍ରାତିଶାଖ୍ୟ ସୂତ୍ର—ପଣ୍ଡିତ **ବିଶ୍ୱବନ୍ଧୁ** ଶାସ୍ତ୍ରୀ ଏହାକୁ ପଞ୍ଜାବ ବିଶ୍ୱବିଦ୍ୟାଳୟ ଗ୍ରନ୍ଥମାଳାରେ ପ୍ରକାଶ କରିଛନ୍ତି ।

(୨) ଚତୁରଧ୍ୟାୟିକା— ହ୍ୱିଟନି ଇଂରାଜୀ ଅନୁବାଦ ସହିତ ଏହାକୁ ପ୍ରକାଶ କରିଛନ୍ତି । ଲାହୋରର ବେଦବିଦ୍ୱାନ୍ ଡକ୍‌ଟର ସୂର୍ଯ୍ୟକାନ୍ତ ଶାସ୍ତ୍ରୀ ଖ୍ରୀ:୧୯୪୪ରେ **ଅଥର୍ବ ପ୍ରାତିଶାଖ୍ୟ** ଗ୍ରନ୍ଥକୁ ପ୍ରକାଶ କରିଛନ୍ତି ।

**ଛନ୍ଦ:—**

ବୈଦିକ ସାହିତ୍ୟର ଅନ୍ୟତମ ଅଙ୍ଗ ଛନ୍ଦ ଅଟେ । ହୃଦୟର ଭାବ, ସଙ୍ଗୀତର ମୂର୍ଚ୍ଛନା କେବଳ ଛନ୍ଦ ମାଧ୍ୟମରେ ପ୍ରକାଶିତ ହୁଏ । ଏଣୁ ବେଦ ମନ୍ତ୍ରର ପଦ-

ପ୍ରକାଶ ପାଇଁ ଛନ୍ଦ ଦରକାର । ପିଙ୍ଗଳାଚାର୍ଯ୍ୟ ଛନ୍ଦଶାସ୍ତ୍ରର ରଚୟିତା । ବୈଦିକ ଛନ୍ଦରେ ଗୁରୁଲଘୁର ପ୍ରୟୋଗ ଦେଖାଯାଏ ନାହିଁ । କାତ୍ୟାୟନଙ୍କ ଚଣ୍ଡୀରେ ଲୌକିକ ସଂସ୍କୃତ ଶ୍ଳୋକ ଚରଣରେ ବିଭକ୍ତ । ବେଦରେ ଏକପାଦ ଦୁଇପାଦ ବିଶିଷ୍ଟ ଛନ୍ଦ ଦେଖାଯାଏ, କିନ୍ତୁ ତିନପାଦ ବିଶିଷ୍ଟ ଛନ୍ଦର ସଂଖ୍ୟା ଅନେକ, ଯଥା—ଗାୟତ୍ରୀ, ଉଷ୍ଣିକ, ଅନୁଷ୍ଟୁପ୍, ବୃହତୀ, ପଙ୍କ୍ତି, ତ୍ରିଷ୍ଟୁପ୍, ଜଗତୀ କିନ୍ତୁ ଶୌନକ ମୁନି କୃତ **ଋକ୍‌ପ୍ରାତିଶାଖ୍ୟ** ଓ ପିଙ୍ଗଳ ମୁନି ରଚିତ **ପିଙ୍ଗଳ ସୂତ୍ର** ଗ୍ରନ୍ଥ ସର୍ବଶ୍ରେଷ୍ଠ ଗ୍ରନ୍ଥ ବୋଲି ବିବେଚନା କରାଯାଏ ।

**ନିରୁକ୍ତ :—**

ଯାସ୍କାଚାର୍ଯ୍ୟ ନିରୁକ୍ତ ଶାସ୍ତ୍ରର ରଚୟିତା । ବେଦର ଅର୍ଥ ବୁଝିବା ପାଇଁ ଏହି ଶାସ୍ତ୍ରର ଆବଶ୍ୟକତା ଦରକାର ହୁଏ । । ଏହି ଶାସ୍ତ୍ରର ସମସ୍ତ ନିରୂପଣ ସଠିକ୍ ଭାବରେ କେହି ବ୍ୟକ୍ତ କରିବାକୁ ନାହାଁନ୍ତି । କେତେକ ବିଦ୍ୱାନ୍ ମତବ୍ୟକ୍ତ କରି କହନ୍ତି ଖ୍ରୀ:ପୂ ୭୦୦ ପୂର୍ବରୁ ଏହି ଗ୍ରନ୍ଥ ରଚନା କରାଯାଇ ଥିଲା । ନିରୁକ୍ତ ଶାସ୍ତ୍ର ରଚନା କରାଯାଇ ନ ଥିଲେ ଏପର୍ଯ୍ୟନ୍ତ ଆମ୍ଭେ ବେଦର ଅର୍ଥକୁ ଭ୍ରମର ସହିତ ଗ୍ରହଣ କରୁଥାନ୍ତେ । ନିର୍ଘଣ୍ଟୁ ଶାସ୍ତ୍ରର ଏକ ଟୀକା ନିରୁକ୍ତ ଶାସ୍ତ୍ର ଅଟେ । ଏଠାରେ ଶବ୍ଦର ବ୍ୟୁତ୍ପତ୍ତି ଅତି ସୁନ୍ଦର ଭାବରେ କରାଯାଇଛି । ଭାଷା ବିଜ୍ଞାନ ଦୃଷ୍ଟିରୁ ନିରୁକ୍ତ ଏକ ଅମୂଲ୍ୟ ସୃଷ୍ଟି ।

**ବ୍ୟାକରଣ :—**

ବ୍ୟାକରଣ ବେଦର ମୁଖକାଠି । ଏହା ବେଦର ମୁଖ ସ୍ୱରୂପ । ବେଦମନ୍ତ୍ରକୁ ବୁଝିବା ପାଇଁ ଏହି ଶାସ୍ତ୍ରର ଅତ୍ୟାବଶ୍ୟକତା ପରିଲକ୍ଷିତ ହୁଏ । ଗାର୍ଗ୍ୟ, ସ୍ଫୋଟାୟନ, ଶାକଟାୟନ, ଭରଦ୍ୱାଜ, ଇନ୍ଦ୍ର ଇତ୍ୟାଦି ବୈଦିକ ବ୍ୟାକରଣ ରଚୟିତା ଅଟନ୍ତି । ବ୍ୟାକରଣରେ ଚାରୋଟି ସଙ୍ଗତ ପରିଲକ୍ଷିତ ହୁଏ ।

(୧) ନାମ, (୨) ଆଖ୍ୟାତ (୩) ଉପସର୍ଗ (୪) ନିପାତ । ବୈୟାକରଣଙ୍କ ବରରୁଚଙ୍କ ମତରେ ସଂସ୍କୃତର ପ୍ରୟୋଗ ଓ ଶୃଙ୍ଖଳା ପାଇଁ ଏହି ଶାସ୍ତ୍ର ଦରକାର । ବେଦର ରକ୍ଷା ପାଇଁ ପାଞ୍ଚଗୋଟି ପ୍ରଣାଳୀର ସାହାଯ୍ୟ ଆବଶ୍ୟକ । ଯଥା— (୧) ରକ୍ଷା (୨) ଊହ (୩) ଆଗମ (୪) ଲଘୁ (୫) ଅସନ୍ଦେହ । ମହାଭାଷ୍ୟ ପାତଞ୍ଜଳି ବ୍ୟାକରଣ ପଠନର ତେର ପ୍ରକାର ପ୍ରୟୋଜନର ଉଲ୍ଲେଖ କରିଛନ୍ତି । ଅପଭ୍ରଂଶ, ଦୁଷ୍ଟଶବ୍ଦ, ଅର୍ଥଜ୍ଞାନ, ଧର୍ମଜ୍ଞାନ, ନାମକରଣ ଇତ୍ୟାଦି ।

**ମହର୍ଷି ପାଣିନୀଙ୍କ ବ୍ୟାକରଣ :—**

ମହର୍ଷି ପାଣିନିଙ୍କୁ ବ୍ୟାକରଣର ସୂର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଗ୍ରନ୍ଥ ଖ୍ରୀ:ପୂ ୬୦୦ ପୂର୍ବରୁ ରଚନା କରାଯାଇଥିଲା । ପାଣିନିଙ୍କ ପରେ କାତ୍ୟାୟନ ଅଷ୍ଟାଧ୍ୟାୟୀ ଉପରେ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତିକ ରଚନା କରିଥିଲେ । ସ୍ୱାମୀ ଦୟାନନ୍ଦଙ୍କ ବେଦ ବ୍ୟାକରଣଗୁରୁ ସ୍ୱାମୀ ବିରଜା ନନ୍ଦ ବୈଦିକ ବ୍ୟାକରଣର ଅଦ୍ୱିତୀୟ ବିଦ୍ୱାନ୍ ଥିଲେ ।

**ଜ୍ୟୋତିଷ :—**

ଜ୍ୟୋତିଷ ବେଦର ଅନ୍ତିମ ଅଙ୍ଗ । ଏହି ଶାସ୍ତ୍ରରେ ଗଣିତ, ବିଜ୍ଞାନ, ଗ୍ରହ, ଗ୍ରହାନ୍ତର ନିରୂପଣ କରାଯାଇଛି । ଲଗଧ ଜ୍ୟୋତିଷ ଶାସ୍ତ୍ରର ରଚୟିତା । ବେଦାଙ୍ଗ ଜ୍ୟୋତିଷ ଖ୍ରୀ:ପୂ ୧୪୦୦ ପୂର୍ବରୁ ରଚିତ ହୋଇଛି ବୋଲି ଅନୁମାନ କରାଯାଏ । ପୁରୀ ଗୋବର୍ଦ୍ଧନ ମଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ(Vedic Mathematics) ବେଦର କେତେକ ମନ୍ତ୍ର ଉପରେ ଆଧାରିତ, ଯେଉଁ ସୂତ୍ର ଦ୍ୱାରା ବିଶ୍ୱର ସମସ୍ତ ଗଣିତ ସହଜରେ ସମାଧାନ ହୋଇପାରେ ।

**କଳ୍ପସୂତ୍ର :—**

କଳ୍ପସୂତ୍ର ଦୁଇଗୋଟି । ଶ୍ରୌତସୂତ୍ର ଓ ସ୍ମାର୍ତ୍ତସୂତ୍ର । ସ୍ମାର୍ତ୍ତସୂତ୍ରର ଦୁଇଗୋଟି ବିଭାଗ ଅଛି ଯଥା — ଗୃହ୍ୟସୂତ୍ର ଓ ଧର୍ମସୂତ୍ର । ଧର୍ମସୂତ୍ରରେ ଚାରିଗୋଟି ଆଶ୍ରମର ବର୍ଣ୍ଣନା କରାଯାଇଅଛି । ମୋଟ ଉପରେ କହିବାକୁ ଗଲେ ଏହା ଚାରି ଭାଗରେ ବିଭକ୍ତ । ଯଥା— ଶ୍ରୌତସୂତ୍ର, ଗୃହ୍ୟସୂତ୍ର, ଧର୍ମସୂତ୍ର ଓ ଶୁଲ୍ୱସୂତ୍ର । ଶ୍ରୌତସୂତ୍ରରେ ବେଦର ଯଜ୍ଞାନୁଷ୍ଠାନ, ଗୃହ୍ୟସୂତ୍ରରେ ଯଜ୍ଞ, ନିତ୍ୟକର୍ମ, ଆବଶ୍ୟକୀୟ କର୍ତ୍ତବ୍ୟ ବର୍ଣ୍ଣିତ ହୋଇଛି । ଧର୍ମସୂତ୍ର ଧାର୍ମିକ ଚେତନା ଉପରେ ଆଧାରିତ । ଏହା ବ୍ୟତୀତ ଶୁଲ୍ୱ ସୂତ୍ରରେ କେବଳ ବେଦୀ ମାପ (ପ୍ଲାନ ଏଷ୍ଟିମେଟ), ସ୍ଥାନ ନିରୂପଣ, ବୈଦିକ ଜ୍ୟାମିତି ଗଣିତ ବିଦ୍ୟା ଇତ୍ୟାଦି ଦେଖିବାକୁ ମିଳେ । ଋଗ୍ ବେଦର ଶ୍ରୌତସୂତ୍ରର ଦୁଇଟି ଶାଖା ଅଛି, ଯଥା— (୧) ଅଶ୍ୱଲାୟଣ, (୨) ସାଂଖ୍ୟାୟନ । ଖ୍ରୀ: ୧୮୬୪-୧୮୭୪ରେ ରାଜେନ୍ଦ୍ର ଲାଲ ମିଶ୍ର ଏହାକୁ (Biblothica Indica)ରେ ପ୍ରକାଶ କରିଥିଲେ । ଶାଖାୟନ ଶ୍ରୌତସୂତ୍ର (Brata) ବ୍ରାଁଟଙ୍କ ଦ୍ୱାରା ଖ୍ରୀ:୧୮୮୮ରେ ସମ୍ପାଦିତ ହୋଇଥିଲା । ଶୁଲ୍ୱସୂତ୍ରରେ ରେଖା ଗଣିତର ସଙ୍କେତ ଦେଖିବାକୁ ମିଳେ । ଋଗ୍ ବେଦର ଗୃହ୍ୟସୂତ୍ର ଚାରିଗୋଟି ଅଧ୍ୟାୟରେ ବିଭକ୍ତ । ପଶୁଯଜ୍ଞ ଅର୍ଥାତ୍—ପାଶବିକ କାର୍ଯ୍ୟ ନଷ୍ଟପାଇଁ ଆବଶ୍ୟକତ

ଯଜ୍ଞ (ସଙ୍ଗଠନ) ଚୈତଯଜ୍ଞ, ବିବାହ, ଗର୍ଭାଧାନ, ଜାତକର୍ମ, ବ୍ରହ୍ମଚର୍ଯ୍ୟାଶ୍ରମର ବର୍ଣ୍ଣନା ଦେଖିବାକୁ ମିଳେ । ତର୍ପଣ ପ୍ରସଙ୍ଗରେ ପ୍ରାଚୀନ ବୈଦିକ ଋଷିମାନଙ୍କର ତୃପ୍ତି ପାଇଁ ଯେଉଁ ପବିତ୍ର କାର୍ଯ୍ୟ କରାଯାଏ ତାହାକୁ ତର୍ପଣ କହନ୍ତି । ଯଥା—

“ତୃପ୍ୟନ୍ତୁ ପିତୃନ୍ ଯେନ ତତ୍ତର୍ପଣମ୍”

ଏହା ସ୍ୱାମୀ ଦୟାନନ୍ଦ ତାଙ୍କର ବେଦଭାଷ୍ୟରେ ଲେଖିଛନ୍ତି । 'ଅନନ୍ତ ଶୟନ' ଗ୍ରନ୍ଥମାଳାରେ 'ହରଦତ୍ତଙ୍କ ବ୍ୟାଖ୍ୟା ସହିତ ଖ୍ରୀ ୧୯୬୩ରେ ଗ୍ରନ୍ଥାଙ୍କ ୭୮ରେ ପ୍ରକାଶ ହୋଇଛି । ଶାଙ୍ଖାୟନ ଗୃହ୍ୟସୂତ୍ର ଛଅଗୋଟି ଅଧ୍ୟାୟରେ ବିଭକ୍ତ । ଗର୍ଭାଧାନ, ଗର୍ଭକ୍ଷଣ, ଚୂଡ଼ାକର୍ମ, ଗୋଦାନ ଇତ୍ୟାଦି ଅନେକ ସଂସ୍କାର ଏଥିରେ ରହିଛି । **ଓଲ୍ଡେନ ବର୍ଗ** ଏହି ଦୁଇଟି ଗ୍ରନ୍ଥକୁ ଇଂରାଜୀରେ ଅନୁବାଦ କରିଛନ୍ତି । କୌଷିତକ ଗୃହ୍ୟସୂତ୍ର ମାନ୍ଦ୍ରାଜରୁ ପ୍ରକାଶିତ ହୋଇଛି । ଏହି ଗ୍ରନ୍ଥରେ ଭିନ୍ନତ ଧରଣର କିଛି ବର୍ଣ୍ଣନା ଦେଖାଯାଏ । **ଯଜୁର୍ବେଦୀୟ ଶ୍ରୌତସୂତ୍ର,** କାତ୍ୟାୟନ ଶ୍ରୌତସୂତ୍ର ନାମରେ ବିଦିତ । ଶକଟାଗ୍ନିଙ୍କର ସଂସ୍କୃତ ବ୍ୟାଖ୍ୟା ଏହା ଉପରେ ରହିଛି । ଖ୍ରୀ: ୧୯୪୪ରେ ପ୍ରକାଶିତ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ସଂସ୍କୃତ ଗ୍ରନ୍ଥମାଳାରେ ତାହା ଦେଖିବାକୁ ମିଳେ । ଯଜୁର୍ବେଦୀୟ ଗୃହ୍ୟସୂତ୍ରର ଅନ୍ୟନାମ “ପାରସ୍କର ଗୃହ୍ୟସୂତ୍ର” । ଏଥିରେ ଗୃହ ନିର୍ମାଣ (ପ୍ଲାନ) ରେଖାଗଣିତ ଦେଖିବାକୁ ମିଳେ । ଏହା ଚୌଖମ୍ବା ସଂସ୍କୃତ ମାଳାରୁ ପ୍ରକାଶିତ । ଏହାବ୍ୟତୀତ **କୃଷ୍ଣଯଜୁର୍ବେଦୀୟ** କଳ୍ପସୂତ୍ର, ବୋଧାୟନ, ଆପସ୍ତମ୍ବ, ହିରଣ୍ୟକେଶୀ, ବୈଖାନସ, ଭାରଦ୍ୱାଜ ଓ **ମାନବ ଶ୍ରୌତସୂତ୍ର** ଇତ୍ୟାଦି ଦେଖାଯାଏ । ବୋଧାୟନ ଶ୍ରୌତସୂତ୍ରର ଚଉଦଗୋଟି ବିଭାଗ ଅଛି । ତେଲିଙ୍ଗ ବ୍ରାହ୍ମଣମାନେ ନିଜକୁ **ଆପସ୍ତମ୍ବବ୍ରାହ୍ମଣ** ବୋଲି ସ୍ୱୀକାର କରନ୍ତି । ଡବ୍ଲ୍ୟୁ କାଲଡ୍ଲେନ (W. Caldane) ଟୀକାର ଜର୍ମାନ ଅନୁବାଦ ହୋଇଛି । ଅପସ୍ତମ୍ବ ଗୃହ୍ୟସୂତ୍ରକୁ **ଓଣ୍ଟରନିଜ୍** ଏହାର ଏକ ସୁନ୍ଦର ସଂସ୍କରଣ କରିଛନ୍ତି । **ହିରଣ୍ୟକେଶୀ** ଶ୍ରୌତସୂତ୍ରକୁ ଆନନ୍ଦଶ୍ରମୀ ସଂସ୍କୃତବ୍ୟାଖ୍ୟା କରିଛନ୍ତି । ଏହାକୁ J. Cast ଇଂରାଜୀରେ ପ୍ରକାଶ କରିଛନ୍ତି । ଭାରଦ୍ୱାଜ ଗୃହ୍ୟସୂତ୍ରକୁ (J. N. Salmana) ଜେ. ଏନ୍. ସଲମନ୍ ଇଂରାଜୀ ଭାଷାରେ ପ୍ରକାଶ କରିଛନ୍ତି ।

**ଶ୍ରାଦ୍ଧ :—**

“ଶ୍ରଦ୍ଧୟା ଯତ୍ କ୍ରିୟତେ ତତ୍ ଶ୍ରାଦ୍ଧମ୍” ଶ୍ରଦ୍ଧାରେ ପିତୃମାତୃଙ୍କ ପାଇଁ ଯାହା ନିର୍ଦ୍ଦିଷ୍ଟ ସମୟରେ କରାଯାଏ ତାହା ଶ୍ରାଦ୍ଧ ଅଟେ । ଉଦାହରଣ—

ପିତମାତୃଙ୍କୁ ସନ୍ତୋଷ କରିବା ପାଇଁ ସେବା ବା ଭୋଜନ ପୂର୍ବକ ଯାହା ଶ୍ରଦ୍ଧାରେ ଅର୍ପଣ କରାଯାଏ ।

**ଗୋମେଧ ଯଜ୍ଞ —**

ବେଦରେ 'ଗୋ' ଶବ୍ଦଟିକୁ ବିଭିନ୍ନ ସ୍ଥାନରେ ବିଭିନ୍ନ ଅର୍ଥରେ ବ୍ୟବହାର କରାଯାଇଛି । ଗୋ ଶବ୍ଦକୁ ଗତି, ଇନ୍ଦ୍ରିୟ, ଅଗ୍ନି, ପରମାତ୍ମା, ବାଣୀ, ଭୂମି ରୂପରେ ଗ୍ରହଣ କରାଯାଇଛି । "ଗୋଘ୍ନ" ଶବ୍ଦକୁ ଗୋହତ୍ୟାବାଚକ ଶବ୍ଦରୂପେ ବ୍ୟବହାର କରାଯାଇ ନାହିଁ । ଯେଉଁମାନେ ବେଦରେ ଗୋହତ୍ୟା ବିଷୟରେ ଲେଖାଅଛି ବୋଲି କହନ୍ତି ସେମାନଙ୍କ ମତ ଭ୍ରମାତ୍ମକ । ଗୋମେଧ ଶବ୍ଦର ଅର୍ଥ ଇନ୍ଦ୍ରିୟର ପଶୁତ୍ୱକୁ ନଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଯଜ୍ଞ ।

**ଅଶ୍ୱମେଧ ଯଜ୍ଞ—**

ଅଶ୍ୱଶବ୍ଦର ଅର୍ଥ ଶତପଥ ବ୍ରାହ୍ମଣ ଗ୍ରନ୍ଥରେ **ଅଗ୍ନି ର୍ବୈ-ରାଷ୍ଟ୍ରଃ ଅଶ୍ୱ-ର୍ବୈ ଅଗ୍ନିଃ** ଏହି ଦୁଇଗୋଟି ଶବ୍ଦ ଦେଖିବାକୁ ମିଳେ । ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ଅଶ୍ୱ ଶବ୍ଦକୁ ରାଷ୍ଟ୍ରସେବା ଓ ଅଗ୍ନି ବା ଯଜ୍ଞାଦି କର୍ମରେ ବ୍ୟବହାର କରାଯାଇଛି, କିନ୍ତୁ ପରବର୍ତ୍ତୀ କାଳରେ ଅଶ୍ୱ ଶବ୍ଦଟି ଅଶ୍ୱମେଧ ବା ଅଶ୍ୱର ବଳୀ କାମନା) କରାଗଲା ଅଶ୍ୱମେଧ ଯଜ୍ଞରେ, ଅଶ୍ୱକୁ ବଳୀଦେବା ବେଦ ବିରୁଦ୍ଧ ସିଦ୍ଧାନ୍ତ । ଏହାର ବିଶେଷ ବିବରଣୀ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ସତ୍ୟାର୍ଥ ପ୍ରକାଶରୁ ମିଳିପାରିବ ।

**ବେଦରେ ଗୋବଧ ନିଷେଧ ଓ ମାଂସ ଭକ୍ଷଣ ନାହିଁ**

ବେଦରେ "ଗୋବଧ ନିଷେଧ" ବିଷୟରେ ବହୁ ଆଲୋଚନା କରାଯାଇଛି । ବେଦରେ ପଶୁହତ୍ୟାର ସୂଚନା ନାହିଁ । ଯଜୁର୍ବେଦର ତିରିଶ ଅଧ୍ୟାୟରେ ସ୍ପଷ୍ଟ ଲେଖାଅଛି ଗୋମେଧକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ; ଯଥା—"ଅନ୍ତକାୟ ଗୋଘାତକମ" । ଅଥର୍ବ ବେଦରେ ଗୋଜାତିର ସୁରକ୍ଷା କରି ରାଷ୍ଟ୍ରକୁ ବିକାଶମୁଖୀ କରିବାପାଇଁ ନିର୍ଦ୍ଦେଶ ଅଛି—

ସହୃଦୟଂ ସାଂମନସ୍ୟମବିଦ୍ୱେଷଂ କୃଣୋମିବଃ
ଅନ୍ୟୋ ଅନ୍ୟମଭିହର୍ଯତ ବତ୍ସଂ ଜାତମିବାଘ୍ନ୍ୟା । ଅ. ୩,୩୦ । ୧

ଈଶ୍ୱରଙ୍କ ପବିତ୍ର ଚିନ୍ତାଧାରା ସହିତ ନିଜର ପ୍ରାଣକୁ ମିଶାଇ ପବିତ୍ର କର । ଗୋ ଜାତିର ବିକାଶ କରି ରାଷ୍ଟ୍ରକୁ ପବିତ୍ର କରାଅ । ଇନ୍ଦ୍ରିୟମାନଙ୍କୁ ପବିତ୍ର ଯଜ୍ଞରେ ବିକାଶ କରି ପରମ ଆନନ୍ଦ ଲାଭକର ।

ଯଦି ନୋ ଗାଂ ହଂସି ଯଦ୍ୟଶ୍ୱଂ ଯଦି ପୂରୁଷମ୍
ତଂ ତ୍ୱା ସୀସେନ ବିଧ୍ୟାମୋ ଯଥା ନୋଽସୋ ଅବୀରହା । ଅ. ୧. ୧. ୬୪.

ଅର୍ଥାତ୍— ହେ ଦୁଷ୍ଟ ! ଯଦି ତୁମେ ମୋର ଗାଈ, ଘୋଡ଼ା ଆଦି ପଶୁମାନଙ୍କୁ ହତ୍ୟା କରିବ, ତାହେଲେ ଆମ୍ଭେ ତୁମ୍ଭଙ୍କୁ (ସୀସାନିର୍ମିତ ଗୁଳିରେ) ପ୍ରାଣଦଣ୍ଡ ଦେବୁ । ବେଦରେ ଗୋହତ୍ୟା ନିଷେଧ ବିଷୟରେ ଏହି ପ୍ରକାର ବହୁ ଉପଦେଶ ଦିଆଯାଇଛି । ଏହାର ବିଶେଷ ବିବରଣୀ ପାଇଁ ବେଦ ଦେଖନ୍ତୁ ।

**ଅଧ୍ୟାପକMaxmullerଙ୍କ ଭ୍ରମ—**

ବେଦ ଭାଷ୍ୟ କରିବାକୁ ଯାଇ ଅଧ୍ୟାପକ **Maxmuller** ବହୁ ମନ୍ତ୍ରର ଠିକ୍ ଅର୍ଥ ପ୍ରକାଶରେ ଅସମର୍ଥ ହୋଇ ପଡ଼ିଛନ୍ତି । ସେ **"ଗଣାନାଂ ଗଣପତେ ହବାମହେ"ଅଗ୍ନି ବାୟୁରବିଭ୍ୟସ୍ତୁ, ଅକର୍ମାଦସ୍ୟୁରଭି, ସଂବତ୍ସରପ୍ରତ୍ୟନ୍ତାଂ, ତ୍ରେଧ୍ନୁଯୀଅଗ୍ନି** ଇତ୍ୟାଦି ମନ୍ତ୍ରଗୁଡ଼ିକର ଅର୍ଥ ଯାହା କରିଛନ୍ତି ସେଥିରେ ବହୁ ତ୍ରୁଟି ପରିଲକ୍ଷିତ ହୁଏ । ସ୍ୱାମୀ ଦୟାନନ୍ଦ ସରସ୍ୱତୀ, **Maxmuller** ଓ ସାୟଣଙ୍କ ଭାଷାରେ ବହୁ ତ୍ରୁଟି ଦେଖାଇ ପ୍ରମାଣ କରି ଦେଇଛନ୍ତି ଯେ ଅଧ୍ୟାପକ **Maxmuller** ଓ ସାୟଣାଚାର୍ଯ୍ୟଙ୍କ ଭାଷ୍ୟରେ ଅନେକ ତ୍ରୁଟି ରହିଛି । ଏମାନେ କେଉଁଠାରେ ବହୁ ଦେବତା ଓ ଅନ୍ୟ କେଉଁଠାରେ ଏକେଶ୍ୱରବାଦକୁ ସ୍ୱୀକାର କରିଛନ୍ତି ।

**ବେଦ ସମସ୍ତେ ପାଠ କରିପାରିବେ କି ? :—**

ବେଦକୁ ସ୍ୱାଧ୍ୟାୟ କରିବା ପାଇଁ ସମସ୍ତେ ଅଧିକାରୀ । ବେଦସତ୍ୟବିଦ୍ୟାର ପୁସ୍ତକ—ଏହାକୁ ପଢ଼ିବା ପଢ଼ାଇବା ପ୍ରତ୍ୟେକ ଆର୍ଯ୍ୟର କର୍ତ୍ତବ୍ୟ ଅଟେ । ଯଜୁର୍ବେଦରେ ସମସ୍ତେ ବେଦପାଠ କରିପାରିବେ ବୋଲି ଲେଖାଅଛି, ଯଥା— ଯଥେମାଂ ବାଚଂ କଲ୍ୟାଣୀମାବଦାନି ଜନେଭ୍ୟଃ ।। ଯ ୨୬ । ୨

**ବେଦରେ ବହୁ ବିବାହର ସୂଚନା ନାହିଁ—**

ବେଦରେ ବହୁ ବିବାହର ସୂଚନା ନାହିଁ । ଏକ ପତି ଗ୍ରହଣ ଓ ଏକ ପତ୍ନୀ ଗ୍ରହଣ ବେଦରେ ଦେଖାଯାଏ । କେତେକ ଇତିହାସ-ପଣ୍ଡିତ ନିମ୍ନଲିଖିତ କଥାକୁ ସ୍ୱୀକାର କରିଥାନ୍ତି ।

**The Rigveda certainly permits polygamy though monogamy may have been the rule. Whe-**

ther monogamy developed from polygamy in the Rigvedic Age as Zimmer thinks in "Altindische Leben"or whether polygamy is secondary as Weber believes in "Indis he studiern" cannot be decided. Probably polygamy, though allowed, was practically confined to the Rajanya class. Polyandry is not referred to any where in the Rigved. (Vedic Age P. 390)

ଋଗ ବେଦର ୧. ୧୨୪, ୭, ୪, ୩, ମଣ୍ଡଳରେ ଏକ ପତି ଓ ଏକ ପତ୍ନୀ ବିବାହର ସୂଚନା ମିଳିଥାଏ ।

ଦେବୋ ନ ଯଃ ପୃଥିବୀ ବିଶ୍ୱଧାୟା
ଉପକ୍ଷେତି ହିତମିତ୍ରୋ ନ ରାଜା
ପୁରଃ ସଦଃ ଶର୍ମସଦୋ ନ ବୀରା ଅନବଦ୍ୟା
ପତିଜୁଷ୍ଟେବ ନାରୀ । ଋ ୧ । ୩ । ୩

He who is like the Sun, the supporter of the universe : who abides on earth like a king with good friends, who is like heroes at home that sit in front. And who is like the irreproachable wife beloved of her husband.

(The call of the Vedas by, Dr. A. C. Eose)

ଏହି ମନ୍ତ୍ରରେ ପ୍ରେମମୟ ପରମେଶ୍ୱରଙ୍କୁ ପତି ଓ ପତିବ୍ରତା ପତ୍ନୀର ଉପମା ଦିଆଯାଇ ଅଛି । ଏହା ଏକ ବଚନ ଓ ଏକ ପତ୍ନୀ ଏକ ପତିର ସୂଚନା । ନିମ୍ନଲିଖିତ ମନ୍ତ୍ର ବହୁ ବିବାହକୁ ଅସ୍ୱୀକାର କରେ, ଯଥା—

ଗାବଂ ଇବ ଗ୍ରାମଂ ଯୁଯୁଧିର ବାଶ୍ୱାନ୍ ପାଶ୍ୱେବ
ବତ୍ସଂ ସୁମନା ଦୁହାନା
ପତିରିବ ଜାୟାମ୍ ଅଭିନୋ ନ୍ୟେତୁ ଧର୍ତ୍ତା ଦିବଃ
ସବିତା ବିଶ୍ୱବାରଃ । ଋ·୧୦ । ୧୪୯ । ୪

# ବେଦ ମନ୍ତ୍ରର ପ୍ରତିପାଦ୍ୟ ବସ୍ତୁକୁ ଦେବତା କୁହାଯାଏ

ଋଷି ସଙ୍ଗେ ସଙ୍ଗେ ଦେବତା ଶବ୍ଦଟି ବିଚାର କରିବା ଉଚିତ । ବେଦର ଗାୟତ୍ରୀ ଦେବତା, ରୁଦ୍ର ଦେବତା ବୋଲି ବହୁ ସ୍ଥାନରେ ପୁରୁଷ ସ୍ତ୍ରୀ ବିଭାଗ କରଣ କରି ନ ଯାଇ ବର୍ଣ୍ଣିତ ହୋଇଛି । ଏହାର ଅର୍ଥ ଏହି ଯେ ବେଦରେ ଦେବତା ସ୍ତ୍ରୀଲିଙ୍ଗ କିମ୍ବା ପୁଲିଙ୍ଗ ନୁହେଁ । ଏହା ଦିବ୍ୟ ଶକ୍ତିର ପରିପ୍ରକାଶ ମାତ୍ର । ଯାସ୍କମୁନି ନିରୁକ୍ତରେ ଲେଖିଛନ୍ତି "ଋଷିଗଣ ମନ୍ତ୍ରରୁ ଯେଉଁ ଅର୍ଥ ପ୍ରକାଶ କରିବା ପାଇଁ କାମନା ରଖନ୍ତି ତାହା ସେହି ମନ୍ତ୍ରର ଦେବତା" ଅର୍ଥାତ୍ ଦେବତା ମନ୍ତ୍ରର ପ୍ରତିପାଦ୍ୟ ବସ୍ତୁ । କୌଣସି ମନ୍ତ୍ରରେ ଅଗ୍ନି, ବରୁଣ, ଶବ୍ଦ ବ୍ୟବହାର କରାଗଲେ ତାହା ସେହି ମନ୍ତ୍ରର ଦେବତା ହୁଅନ୍ତି । ଏହି ଦେବତୁଳ୍ୟ ପରମାତ୍ମା ବାଚକ । ଯୌଗିକ ଅର୍ଥରେ ଏହାର ବ୍ୟବହାର ଭିନ୍ନ କରାଯାଇଥାଏ । ସର୍ବାନୁକ୍ରମଣୀରେ ଲେଖାଅଛି—

ଯା ତେନୋଚ୍ୟତେ ସା ଦେବତାଃ ।

ମନ୍ତ୍ରରେ ଯେଉଁ ବିଷୟ ବର୍ଣ୍ଣିତ ହୁଏ ତାହା ସେହି ମନ୍ତ୍ରର ଦେବତା । ମନ୍ତ୍ରର ଦେବତାରୁ ତାହାର ନିର୍ବାଚନ ବିଷୟ ଅତିରିକ୍ତ ଅନ୍ୟ କୌଣସି ଅଭିପ୍ରାୟ ପ୍ରକାଶିତ ହୁଏ ନାହିଁ ।

ମନ୍ତ୍ରର ଦେବତା ନିର୍ବାଚନ ଓ ଏହାକୁ ବୁଝିବା ସାଧାରଣ ନୁହେଁ । ଏହା ଏକ ଜଟିଳ ସମସ୍ୟା । ମନ୍ତ୍ରର ଅନ୍ତଃଦ୍ରଷ୍ଟା ଋଷିଗଣ ହିଁ ଏହି କାର୍ଯ୍ୟ କରି ପାରନ୍ତି । ଋଷି ଶବ୍ଦକୁ ନିରୁକ୍ତକାର ଅର୍ଥ କରି କହନ୍ତି ଯେଉଁମାନେ ସ୍ଥିର (ଋଟ୍-ଦେ) ମନ୍ତ୍ରା ମନନାତ୍ । ମନନ ବା ଅନୁଶୀଳନ କରିବା ହେତୁ ତାର ନାମ ମନ୍ତ୍ର । ଋଷିମନ୍ତ୍ରର ଚିନ୍ତନ କରନ୍ତି ଦର୍ଶନ କରନ୍ତି । କିନ୍ତୁ ଋଷି ମନ୍ତ୍ରର ସ୍ରଷ୍ଟା କିମ୍ବା ରଚୟିତା ନୁହନ୍ତି ।

## ବେଦରେ ଗୃହନିର୍ମାଣ ଓ ଯାନନିର୍ମାଣର ସୂଚନା

ବୈଦିକ ଧର୍ମ ଓ ସାହିତ୍ୟର ଆଦିସ୍ରୋତ ବେଦ । ବୈଦିକ ଧର୍ମ ଓ ବୈଦିକ ଦର୍ଶନ ବିଦେଶରେ ପ୍ରଚୁର ପ୍ରଚାର ହେବା ଦ୍ୱାରା ଭାରତବର୍ଷକୁ ଜ୍ଞାନ

ଓ ଧର୍ମର ଆଦିସ୍ରୋତ ସ୍ୱୀକାର କରି ଅଧ୍ୟାପକ Heeren ଲେଖିଛନ୍ତି । ଭାରତବର୍ଷ ଏକ ଏପରି ସ୍ରୋତ ଯାହା ଦ୍ୱାରା କେବଳ ଏସିଆ କାହିଁକି ସମଗ୍ର ପାଶ୍ଚାତ୍ୟ ଜଗତ ଏହାର ବିଦ୍ୟା ଏବଂ ଧର୍ମକୁ ଲାଭ କରିଛି । ସେ ପୁଣି କହିଛନ୍ତି ଆମେ ବିଜ୍ଞାନର ଯେଉଁ ଉନ୍ନତି ଦେଖିବାକୁ ପାଉ ତାହା ମୂଳରେ ବେଦ ବିଦ୍ୟା ଅନ୍ତର୍ନିହିତ । ମହର୍ଷି ଦୟାନନ୍ଦ ସରସ୍ୱତୀ ମଧ୍ୟ ବେଦ ଭାଷ୍ୟକାର ସାୟଣଙ୍କ ସମସ୍ତଙ୍କୁ ଲକ୍ଷ କରି କହିଛନ୍ତି, ଯେତେବେଳେ ଫଟୋଗ୍ରାଫି, ଫୋନୋଗ୍ରାଫି, ଗ୍ୟାସ୍ ଲାଇଟ, ଟେଲିଗ୍ରାଫି, ଟେଲିଫୋନର ପ୍ରଚୁର ଭାରତରେ ନ ଥିଲା ସେତେବେଳେ ବେଦଭାଷ୍ୟକାର ଏପରି ରହସ୍ୟର ଯଥାର୍ଥତା ବୁଝିପାରୁଥିଲେ ଯେଉଁଥିରେ ଉପରୋକ୍ତ ମନ୍ତ୍ରଗୁଡ଼ିକ ପ୍ରତି ବହୁ ନିର୍ଦ୍ଦେଶ ରହିଥିଲା । ବୈଦିକ କାଳରେ ଭାରତରେ ଭୂଗର୍ଭ ବିଦ୍ୟା, ଜ୍ୟୋତିଷ ଏବଂ ରସାୟନ ବିଦ୍ୟାକୁ ଆଧିଦୈବିକ ବିଦ୍ୟା କୁହାଯାଉଥିଲା । ଶରୀରବିଦ୍ୟା ମନବିଜ୍ଞାନ ତଥା ବ୍ରହ୍ମବିଦ୍ୟାକୁ ଆଧ୍ୟାତ୍ମ୍ୟ ବିଦ୍ୟା କୁହାଯାଉଥିଲା । ସେଥିପାଇଁ ବୈଜ୍ଞାନିକମାନେ କହନ୍ତି !

The Vedas are an encyclopaedia of all knowledge. All the learnings are embeded in the Vedas alone. There are different kinds of learnings just as (1) Science of Mathematics. (2) Science of Astronomy (3) Science of Astrology (4) Science of Geology (5) Science of Medicine. (6) Science of music, (7) Science of Anotomy (8) Science oi Zoology (9) Science of Botany etc.

ଅର୍ଥାତ୍, ବେଦ ସମସ୍ତ ବିଦ୍ୟାର ଜ୍ଞାନକୋଷ । ଗଣିତ ବିଜ୍ଞାନ, ଜ୍ୟୋତିଷ ବିଜ୍ଞାନ, ଗଗନବିଜ୍ଞାନ, ଭୂତତ୍ତ୍ୱବିଦ୍ୟା ଭେଷଜ, ସଙ୍ଗୀତ, ଶରୀର ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ଆଦି ବିଭିନ୍ନ ପ୍ରକାର ବିଦ୍ୟା ବେଦରେ ଆଲୋଚନା ହୋଇଛି । ଯାନବାହାନର ବର୍ଣ୍ଣନା ମଧ୍ୟ ବେଦରେ ଦେଖାଯାଏ ଋଗ୍‌ବେଦରେ ରହିଛି ।

ବି ଯେ ଭ୍ରାଜନ୍ତେ ସୁମଖାସ ଋଷ୍ଟିଭିଃ ପ୍ରଚ୍ୟାବୟନ୍ତୋ
ଅଚ୍ୟୁତା ଚିଦୋଜସା
ମନୋଜୁବୋ ଯନ୍ମରୁତୋ ରଥେଷ୍ୱା ବୃଷବ୍ରାତାସଃ
ପୃଷତୀରଯୁଗ୍‌ଧ୍ୱମ୍ ।। ଋ ଅ ୧ । ଅ୬।ବ ୧ । ମ ୪ ମନ୍ତ୍ର ।

ଅର୍ଥାତ୍ ହେ ମନୁଷ୍ୟଗଣ ! ମନର ବେଗସଦୃଶ ଯାନ ନିର୍ମାଣ କର । ଉକ୍ତ ଯାନରେ ମରୁତ ଅର୍ଥାତ୍ ବାୟୁ ଓ ଅଗ୍ନିକୁ ସଂଯୋଗକରି ମନର ବେଗ ପରି ଚଳାଅ । ଏହାର ଯୋଗ ଦ୍ୱାରା ଜଳ ମଧ୍ୟ ସ୍ଥାପନ କର, ଯେପରି ଜଳର ବାଷ୍ପ ଘୂର୍ଣ୍ଣନ ଶୀଳ କଳାକୁ ବେଗଯୁକ୍ତ କରେ, ସେହିପରି ତୁମେ ମଧ୍ୟ ତାହାକୁ ସେହି ସକୃରେ ଯୁକ୍ତ କର । ଯେଉଁମାନେ ଏହି ପ୍ରକାର ସଂଯୋଗରେ ଯାନ ନିର୍ମାଣ କରନ୍ତି ସେମାନେ ନାନା ପ୍ରକାର ଭୋଗ ଦ୍ୱାରା ପ୍ରକାଶମାନ ହୁଅନ୍ତି ଏବଂ ଯେଉଁମାନେ ଏପରି ଶିଳ୍ପ ବିଦ୍ୟାରୂପୀ ଶ୍ରେଷ୍ଠଯଜ୍ଞ କରୁଥିବା ସମସ୍ତ କାର୍ଯ୍ୟରେ ଯୁକ୍ତ ହୁଅନ୍ତି, ସେମାନେ କେବେ ଦୁଃଖ ଭୋଗ କରନ୍ତି ନାହିଁ । ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଋଗ୍ ବେଦାଦି ଭାଷ୍ୟ ଭୂମିକାରେ ଲେଖିଛନ୍ତି—ବେଦ ବିଜ୍ଞାନ ଓ ଅଧ୍ୟାତ୍ମ-ଜ୍ଞାନର ଆଦିସ୍ରୋତ

ଅହସ୍ତା ଯଦପଦୀ ବର୍ଦ୍ଧତ କ୍ଷାଃ ଶଚୀଭିର୍ବେଦ୍ୟାନାମ୍
ଶୁଷ୍ଣଂ ପରି ପ୍ରଦକ୍ଷିଣିଦ୍ ବିଶ୍ୱାଯବେ ନି ଶିଶ୍ନଥଃ । ଋ. ୧୦।୨୨।୧୪ ।

ଅର୍ଥାତ୍ ହେ ଈଶ୍ୱର ! ଆପଣ ବିଶ୍ୱର ଉପକାର ପାଇଁ ଏପରି ସୃଷ୍ଟି କରିଛନ୍ତି ଯଦ୍ଦ୍ୱାରା ଏହି ପୃଥିବୀ ହସ୍ତହୀନ ଓ ପାଦଶୂନ୍ୟ ହୋଇଥିଲେ ମଧ୍ୟ ସୂର୍ଯ୍ୟଙ୍କ ଚତୁର୍ପାର୍ଶ୍ୱ ପ୍ରଦକ୍ଷିଣ କରି ଜ୍ଞାତଯୋଗ୍ୟ ପରମାଣୁ ବା ପଞ୍ଚମୂଳ ତତ୍ତ୍ୱର କ୍ରିୟାଦ୍ୱାରା ପ୍ରେରିତ ହୋଇ ନିଜ କକ୍ଷରେ ଆଗେଇ ଚାଲିଛି । ବୀଜଗଣିତ ଏବଂ ଜ୍ୟାମିତିର ଆବିଷ୍କାର ବିଦ୍ୟା ବା ଖଗୋଳ ବିଦ୍ୟାର ବର୍ଣ୍ଣନା ବେଦରେ ଦେଖାଯାଏ, ଯାହାର ପ୍ରୟୋଗ ଭାରତୀୟମାନେ ପ୍ରଥମେ କରିଥିଲେ । ଗଣିତ ଶାସ୍ତ୍ର ଭାରତରୁ ଯାଇ ବିଭିନ୍ନ ଦେଶ-ମାନଙ୍କରେ ପହଞ୍ଚି ପାରିଥିଲା । Mr. Bilyamza ଲେଖିଛନ୍ତି—"To the Hindus is due the invention of Algebra and Geometry and their application to Astronomy. ଆର୍ଯ୍ୟମାନଙ୍କର ଚିକିତ୍ସା ସମ୍ବନ୍ଧୀୟ ଶାସ୍ତ୍ର ଏପରି ତୀକ୍ଷ୍ଣ ଥିଲା ଯଦ୍ଦ୍ୱାରା ଗୋଟିଏ ବାଳକୁ ମଧ୍ୟ ଲମ୍ବ ଭାବରେ ଚିରି କରି ଦୁଇଖଣ୍ଡ କରିଯାଇପାରୁଥିଲା । "Ancient and Modern India ପୁସ୍ତକ V. II. P. 345 ଲେଖାଅଛି—

"The surgical instruments of the Hindus were sufficiently sharp, indeed, as to be capable of dividing a hair longitudinally.

ବେଦରେ ଗୃହ ନିର୍ମାଣ ପ୍ରଣାଳୀ ବିଷୟରେ ଗଭୀର ଆଲୋକପାତ କରାଯାଇଛି । ଋଗ୍‌ବେଦରେ ଏହି ଗୃହ ନିର୍ମାଣ କଥା ଅନେକ ମନ୍ତ୍ରରେ ପରିସ୍ଫୁଟ

ହୋଇଛି । ବେଦରେ କୁହାଯାଇଛି ଯେଉଁଠାରେ ଗୋଟି ଘରୁ ପକ୍ଷେ ଅନୁକୂଳ, ଧନଧାନ୍ୟ ଯୁକ୍ତ, ବୃକ୍ଷ, ଫଳ,ପୁଷ୍ପ ଦ୍ୱାରା ଶୁଦ୍ଧ ବାୟୁ ଓ ଜଳାଦି ରହିଥିବା ରୋଗମୁକ୍ତ ସ୍ଥାନ ଗୃହ ନିର୍ମାଣ ପାଇଁ ଉପଯୁକ୍ତ । ହେ ମନୁଷ୍ୟ, ତୁମ୍ଭେ ଏହିପରି ସ୍ଥାନରେ ଗୃହ-ନିର୍ମାଣ କରି ଆନନ୍ଦ ଲାଭକର । British History of India ପୁସ୍ତକରେ ଲେଖାଅଛି—

"the ancient Indian erected buildings, the solidarity of which has not been over come by the evolution of thousand of years."

ପ୍ରାଚୀନ କାଳରେ ଆମ ଭାରତବର୍ଷରେ ଗୃହନିର୍ମାଣ ଏପରି ଭାବରେ କରାଯାଉଥିଲା ତାହା ହଜାର ବର୍ଷ ପର୍ଯ୍ୟନ୍ତ ବ୍ୟବହୃତ ହେଉଥିଲେ ମଧ୍ୟ ତା'ର ସୌନ୍ଦର୍ଯ୍ୟ ନଷ୍ଟ ହେଉ ନ ଥିଲା । ସେଥିପାଇଁ ବେଦରେ ଅଛି—

ଇନ୍ଦ୍ର ତ୍ରିଧାତୁ ଶରଣଂ ତ୍ରିବରୁଥଂ ସ୍ୱସ୍ତିମତ୍
ଛର୍ଦିର୍ୟଚ୍ଛ ମଘବଦ୍‌ଭ୍ୟଶ୍ଚ ମହ୍ୟଂ ଚ ଯବୟା ଦିଦ୍ୟୁମେଭ୍ୟଃ ॥ ଋ ୬।୪୬।୯

## ବେଦ ଧ୍ୱନି ଉଚ୍ଚାରଣରେ ରୋଗ ଚିକିତ୍ସା—

ବେଦର ଧ୍ୱନିତତ୍ତ୍ୱ ଅତି ଗମ୍ଭୀର ! କେତେଗୁଡ଼ିଏ ଅକ୍ଷର ରହିଛି, ଯଥା (ଅ-।-ଉ-।-ମ) ଇତ୍ୟାଦି ଏଗୁଡ଼ିକ ଠିକ୍ ଭାବରେ ଠିକ ଉଚ୍ଚ ଗତ ସ୍ଥାନରୁ ଉଚ୍ଚାରଣ କରାଗଲେ ଯେଉଁ ସ୍ଥାନରେ ଏହି ଅକ୍ଷର ଶବ୍ଦବ୍ରହ୍ମର ଧ୍ୱନି ନିନାଦିତ ହୁଏ ସେହି ସ୍ଥାନରେ ବିଦ୍ୟୁତ୍ ଗତିରେ 'ଭାଇବ୍ରେସନ' ସୃଷ୍ଟି ହୁଏ । ବାୟୁର ପାର୍ଶ୍ୱ'ଗୁପ, ଗତିଯୋଗୁ ଉକ୍ତସ୍ଥାନରୁ ଦୂଷିତତା ଦୂରହୁଏ । ବେଦରେ ଲେଖାଅଛି—ମୁଖ୍ୟତଃ ଗଣ୍ଠିଗୁଡ଼ିକରେ ବାୟୁର ଅବରୋଧ ଯୋଗୁଁ ବାତଜନିତ ବ୍ୟାଧି ଜନ୍ମେ । ବାୟୁକୁ ଆସୁତ୍ତ କରି ଉଦାନ, ବ୍ୟାନ ଓ ସମାନକୁ ସମଅବସ୍ଥାରେ ଶରୀରରେ ପ୍ରବେଶ ନକରାଇଲେ ଶରୀରର ପଞ୍ଚାନ୍ନ ଓ ମଳଶୂନ୍ୟ ହୁଏ । ଫଳରେ ଶରୀରର ଅବୟବ, ତଥା ଚକ୍ଷୁ, ନାସା, ମୁଖ ଓ କାନ କ୍ରିୟାଶୀଳ ହୁଏ । ଧ୍ୱନି ଉଚ୍ଚାରଣ ଦ୍ୱାରା ବାୟୁର ଆଘାତ ସ୍ଥିର ଓ ସାମ୍ୟ ହେବା ଫଳରେ ସେହିସ୍ଥାନରେ ଜାଗ୍ରତ ହୁଏ । ଧ୍ୱନି ଉଚ୍ଚାରଣ ଠିକ୍ ସ୍ଥାନରୁ କରିପାରିଲେ ମସ୍ତିଷ୍କ ସବଳ ଓ କ୍ରିୟାଶୀଳ ହୁଏ, ଅଥବା ବେଦରେ ଯେଉଁ ବ୍ରହ୍ମଜ୍ଞାନ ଓ ମସ୍ତିଷ୍କ ଚେଷ୍ଟା କଥା ଲେଖା ଅଛି ସେ ସବୁ ଧ୍ୱନିତତ୍ତ୍ୱ ଦ୍ୱାରା ସଂଭବ ହୋଇଥାଏ । ଉଦାହରଣ ସ୍ୱରୂପ—ଗୋଟିଏ କେଳା ସର୍ପକୁ ଖେଳାଉଛି । କେଳାର ସଙ୍ଗୀତର ଧ୍ୱନି ମୂର୍ଚ୍ଛନା ସର୍ପମନରେ ଏକ ଶିହରଣ ସୃଷ୍ଟି କରୁଛି । ସେ ସଙ୍ଗୀତ ଧ୍ୱନିରେ ତା'ର ଶିରପ୍ରଶିରା ପ୍ରସାରିତ ହେଉଛି; ପୁଣି ସେହି

ଧ୍ୱନିରେ ସେ ଦଂଶନ କରୁଛି । ଏଣୁ ଜଣାଯାଉଛି ଶବ୍ଦ ଦ୍ୱାରା ଏହି ପ୍ରକାର ଅବସ୍ଥା, ମାନସିକଗତ ଧ୍ୱନିଦ୍ୱାରା ଉଦ୍ଭାବିତ ହେଉଛି । ଯଦି ଧ୍ୱନିର ମୂଲ୍ୟ ନ ଥାନ୍ତା ତାହେଲେ ବିଷଧର ସର୍ପ କେଳାର ସଙ୍ଗୀତ ମୂର୍ଚ୍ଛନାରେ ବିଚଳିତ ହୋଇ ନ ଥାନ୍ତା । ଅନ୍ୟ ଏକ ଉଦାହରଣ ଏଠାରେ ପ୍ରଦତ୍ତ କରାଗଲା । ପୃଥିବୀର ଶ୍ରେଷ୍ଠ ମନସ୍ତତ୍ତ୍ୱବିତ୍ ଅଧ୍ୟାପକ ବିଟେରିଜେମସନ୍ଙ୍କ ମତରେ ଯେଉଁଠାରେ ସଙ୍ଗୀତର ସୁମଧୁର ସ୍ୱର ଆବୃତ୍ତି କରାଯାଏ ସେହିଠାରେ ମନୁଷ୍ୟ କଳେବରର ବିକାଶ ହେବା ଓ ସେହି ବିକାଶ ରୋଗ-ମୁକ୍ତ ଅତି ମାନସସ୍ତରର ଅଟେ । ଏହି ଧ୍ୱନି ଠିକ୍ ସ୍ଥାନରୁ ଉଚ୍ଚାରିତ କରାଗଲେ ବୃଷ ଲକ୍ଷ୍ମୀ ଇତ୍ୟାଦିଙ୍କର ବୃଦ୍ଧି ଶକ୍ତିର ବିକାଶ ସହଜରେ ହୋଇପାରିବ । ଯେଉଁଠାରେ ଅକାର, ଉକାର ଓ ମକାର ଧ୍ୱନିର ପରିବେଷଣ ପିଣ୍ଡ ମଧ୍ୟରେ ହୋଇଥାଏ । ସେ ଦୀର୍ଘାୟୁ ଓ ଧନ୍ୟମାନବ ହୁଏ । ବେଦରେ ପୁଣି ଅଛି, ମଳଦ୍ୱାର ଲିଙ୍ଗ, ନାଭି, ହୃଦୟ, କଣ୍ଠ, ଲଲାଟ ଓ କୁଣ୍ଡଳିନୀ ଶକ୍ତିକୁ କେବଳ ଏହି ବ୍ରହ୍ମ ଉଚ୍ଚାରଣରେ ଜାଗରିତ କରିହୁଏ । ଋକ୍, ସାମ, ଯଜୁର୍ବେଦ, ଓ ଅଥର୍ବ ବେଦରେ ଶବ୍ଦ ଉଚ୍ଚାରଣ ଦ୍ୱାରା କିପରି ରୋଗ ଦୂରହୁଏ ସେ ବିଷୟରେ ବହୁ ସୂଚନା ରହିଛି, ଯାହାକି ଲେଖକଙ୍କର 'ବେଦର ବାସ୍ତବିକ ରୂପରେଖ' ପୁସ୍ତକରେ ମିଳିପାରିବ ।

## ବେଦର ଚତୁର୍ମୁଖ ବିଭାଜନ

**ସଂହିତା :**

ବେଦମନ୍ତ୍ର ଥିବା ବେଦଗ୍ରନ୍ଥକୁ ସଂହିତା କୁହାଯାଏ । ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ୍ ଏହି ଚାରିଗୋଟି ବେଦର ସଂଜ୍ଞା ।

**ବ୍ରାହ୍ମଣଗ୍ରନ୍ଥ—**

ସଂହିତା ପରେ ବ୍ରାହ୍ମଣଗ୍ରନ୍ଥର ଉଦୟ ହେଲା । ଏହି ଗ୍ରନ୍ଥରେ ଯଜ୍ଞାନୁଷ୍ଠାନ, କ୍ରିୟାର ବର୍ଣ୍ଣନା କରାଯାଇଛି । ବ୍ରାହ୍ମଣଗ୍ରନ୍ଥର ଉଦ୍ଦେଶ୍ୟ ହେଲା, ଯଜ୍ଞାନୁଷ୍ଠାନର କ୍ରିୟାକର୍ମ ତାତ୍ପର୍ଯ୍ୟକୁ ସମ୍ୟକ୍ ଭାବରେ ବୋଧଗମ୍ୟ କରାଇବା । ପ୍ରତ୍ୟେକ ବେଦର ଶାଖାକୁ ଅବଲମ୍ବନ କରି ବ୍ରାହ୍ମଣଗ୍ରନ୍ଥ ରଚିତ ହୋଇଅଛି ।

(୧) ଋଗ୍‌ବେଦର ବ୍ରାହ୍ମଣ— ଐତରେୟ ଓ କୌଷୀତକୀ

(୨) ସାମବେଦର ବ୍ରାହ୍ମଣ— ତାଣ୍ଡ୍ୟ ବ୍ରାହ୍ମଣଗ୍ରନ୍ଥ

(୩) କୃଷ୍ଣ ଯଜୁର୍ବେଦର ବ୍ରାହ୍ମଣ— ତୈତ୍ତିରୀୟ ବ୍ରାହ୍ମଣଗ୍ରନ୍ଥ

(୪) ଶୁକ୍ଳ ଯଜୁର୍ବେଦର ବ୍ରାହ୍ମଣ— ଶତପଥ ବ୍ରାହ୍ମଣ ଗ୍ରନ୍ଥ
(୫) ଅଥର୍ବ ବେଦର ବ୍ରାହ୍ମଣ— ଗୋପଥ ବ୍ରାହ୍ମଣ ଗ୍ରନ୍ଥ

## ଆରଣ୍ୟକ :

### ଆରଣ୍ୟକ ଶବ୍ଦର ବ୍ୟୁତ୍ପତ୍ତି :

"ଆରଣ୍ୟେ ଭବ" ଅର୍ଥାତ୍ ଯାହା ଅରଣ୍ୟରେ ପାଠ କରାଯାଏ । ବେଦର ଶାଖା ଅନୁସାରେ **ଆରଣ୍ୟକ** ରଚନା କରାଯାଇଅଛି । ଏଥି ମଧ୍ୟରୁ ଋଗ୍ ବେଦରୁ ଦୁଇଗୋଟି ଆରଣ୍ୟକ:— ଐତରେୟ ଓ ଶାଙ୍ଖ୍ୟାୟନ, ସାମବେଦର ତୈତ୍ତିରୀୟ ଆରଣ୍ୟକ ପ୍ରଧାନ । ଏହି ଗ୍ରନ୍ଥମାନଙ୍କରେ ଜୀବନ ଗଠନର ଆଇନ୍ କାନୁନ୍, ଯଜ୍ଞାନୁଷ୍ଠାନ, ବ୍ରହ୍ମବିଦ୍ୟାର ବର୍ଣ୍ଣନା ଦେଖାଯାଏ ।

## ଉପନିଷଦ:—

ଉପନିଷଦ୍ ଭାରତୀୟ ଅଧ୍ୟାତ୍ମଶାସ୍ତ୍ରର ଦେଦୀପ୍ୟମାନ ରତ୍ନ ମୁକ୍ତିକୋପନିଷଦ୍‌ରେ ମୋଟ ୧୦୮ ଗୋଟି ଉପନିଷଦ୍‌ର ବର୍ଣ୍ଣନା ଦିଆଯାଏ । ଦଶଗୋଟି ଉପନିଷଦ୍ ଋଗ୍‌ବେଦକୁ ଆଶ୍ରାକରି, ୧୯ ଗୋଟି ଶୁକ୍ଳ ଯଜୁର୍ବେଦ, ୩୨ ଗୋଟି କୃଷ୍ଣ ଯଜୁର୍ବେଦ, ୧୬ ଗୋଟି ସାମବେଦ ତଥା ୩୧ ଗୋଟି ଅଥର୍ବ ବେଦକୁ ଆଶ୍ରୟ କରି ଗଠିତ ହୋଇଅଛି । ଉକ୍ତ ଉପନିଷଦ୍‌ଗୁଡିକରୁ ଦଶଗୋଟି ଉପନିଷଦ ଶ୍ରେଷ୍ଠ ଅଟେ । ଏହାର ବିଶଦ ବିବରଣୀ ଉପନିଷଦ ଅଧ୍ୟାୟରେ ଦିଆଯିବ ।

## ବେଦ ଏକେଶ୍ୱରବାଦ ଉପରେ ଆଧାରିତ:—

ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନି ମାହୁରଥୋ
ଦିବ୍ୟଃ ସ ସୁପର୍ଣ୍ଣୋ ଗରୁତ୍ମାନ୍
ଏକଂ ସଦ୍ ବିପ୍ରା ବହୁଧା ବଦନ୍ତ୍ୟଗ୍ନିଂ ଯମଂ
ମାତରିଶ୍ୱାନ ମାହୁ ।। ଋଗ୍‌ବେଦ

They call Him Indra-God of supreme power, Mitra, the friend of all, Varuna-the most desirable Being, Agni-the All knowing, Divya-the shining one and Garutman-the Mighty soul, the sages

describe the one being in various ways, calling Him Agni—self-refulgent one. Yama the ordainer of the world and Matarishwan-the life energy of the universe.

ଅଧ୍ୟାପକ Maxmuller ଋଗ୍ବେଦର ଏକେଶ୍ୱରବାଦକୁ ସ୍ୱୀକାର କରି ଋଗ୍ବେଦର ମନ୍ତ୍ର ଉଦ୍ଧାର ପୂର୍ବକ ଲେଖିଛନ୍ତି—

ଯ ଏକ ଇତ୍ ତମୁଷ୍ଟୁହି କୃଷ୍ଟିନାଂ ବିଚର୍ଷଣିଃ ।। ପତିର୍ଜଜ୍ଞେ ବୃଷକ୍ରତୁଃ

O man ! Praise Him who is one and one only, being the Almighty and omniscient lord of all beings.

Whatever may be the age when the collection of our Rigveda Samhita was finished, it was before that age, that the conception had been formed that thare is but one Being, neither male nor female, a Being raised high above all the conditions and limitations of personality and of human nature and nevertheless the Being that was really meant by all-such names as Indra, Agni, Matarishwan and by the name of Prajapati, lord of creatures.

ଅଧ୍ୟାପକ Maxmuller ତାଙ୍କର History of Ancient Sanskrit Literature ପୁସ୍ତକରେ ବେଦର ଏକେଶ୍ୱରବାଦ ଉପରେ ଋଗ୍ବେଦର ମନ୍ତ୍ରକୁ ବାଖ୍ୟା କରି ଲେଖିଛନ୍ତି —

"I add only one more Hymn (Rig-10-12) in which the idea of one God is expressed with such power and decision, that it will make us hesitate

before we deny to the aryans an instinctive moño-theism".

ବେଦର ଏକେଶ୍ୱରବାଦକୁ ସମର୍ଥନ ଜଣାଇ ପାଶ୍ଚାତ୍ୟ ବିଦ୍ୱାନ୍ ଅଧ୍ୟାପକ Count Biornstierna ତାଙ୍କ Theology of the Hindus ନାମକ ପୁସ୍ତକରେ ଲେଖିଛନ୍ତି:—

these truly sublime ideas can not fail to convince us that the Vedas recognise only one God who is Almighty, Infinite, Eternal, Self-existent, the light and lord of the universe.

ସମେତ ବିଶ୍ୱ ଓଜସା ପତିଂ ଦିବୋ
ଯ ଏକ ଇଦ୍‌ଭୂରତିଥିର୍ଜନାନାମ୍
ସ ପୂର୍ବ୍ୟୋ ନୂତନମ୍ ଅଜିଗୀଷନ୍ତଂ
ବର୍ତ୍ତନୀରନୁ ବାବୃତ ଏକ ଇତ୍ ॥ ସାମ୍ ।୨।୧।୧

ହେ ମନୁଷ୍ୟ, ତୁମ୍ଭେମାନେ ତେଜ ଓ ଆତ୍ମିକ ବଳରେ ବିଭୂଷିତ ହୋଇ ପ୍ରଭୁଙ୍କର ଉପାସନା କର ଯେପରି ଅତିଥିମାନଙ୍କୁ ଭକ୍ତିର ସହିତ ପୂଜାକରାଯାଏ ସେହି ଏକବ୍ରହ୍ମଙ୍କ ହିରଣ୍ୟଗର୍ଭରେ ଜ୍ଞାନ, କର୍ମ, ଭକ୍ତି ସକଳ ପଦାର୍ଥ ଅବସ୍ଥିତ ହୁଏ ॥ ଜୀବନକୁ ଧନ୍ୟ କରିବାପାଇଁ ସେହି ସର୍ବ ବ୍ୟାପକ ବ୍ରହ୍ମଙ୍କର ଉପାସନା କର । ଏହି ମନ୍ତ୍ର ଉପରେ ସୁପ୍ରସିଦ୍ଧ ଜର୍ମନ୍ ବିଦ୍ୱାନ୍ Schlegel ତାଙ୍କ wisdom of the Ancient Indians ପୁସ୍ତକରେ ଲେଖିଛନ୍ତି :—

Come together, Ye all with power of spirit, to the lord of light, who is only one, the guest of the people. He the ancient, desires to come to the new, to Him all pathways turn verily. He is one.

ସ୍ୱାମୀ ଦୟାନନ୍ଦ ସରସ୍ୱତୀ ତାଙ୍କର ବେଦଭାଷ୍ୟରେ କେବଳ ଏକେଶ୍ୱରବାଦକୁ ସ୍ୱୀକାର କରିଛନ୍ତି । ସେ ତାଙ୍କ ସୂକ୍ଷ୍ମ ଦୃଷ୍ଟିରେ ବେଦମନ୍ତ୍ରଗୁଡ଼ିକରେ ଥିବା ଅଗ୍ନି, ବରୁଣ, ବଶିଷ୍ଠ, ଶଚୀନ୍ଦ୍ରାଦିକ ପରଂବ୍ରହ୍ମ ପରମାତ୍ମାଙ୍କର ନାମ ବୋଲି ଯୁକ୍ତି ବାଢ଼ି ପ୍ରମାଣିତ

ଦେଇଛନ୍ତି—ବେଦଭଳି ପ୍ରାଚୀନ ଗ୍ରନ୍ଥରେ କୌଣସି ବ୍ୟକ୍ତି କିମ୍ବା କେଉଁ ପରିବାରର ଇତିହାସ ନାହିଁ, କେବଳ ଦିବ୍ୟମାନବ ଗଠନ ହେବାର ମାର୍ଗ ବେଦର ମନ୍ତ୍ର-ସ୍ତବକରେ ସନ୍ନିହିତ ହୋଇଛି । ବେଦରେ ଈଶ୍ୱରଙ୍କୁ ସର୍ବ ଶକ୍ତିମାନ୍, ସର୍ବଜ୍ଞ, ଅନନ୍ତ, ନିତ୍ୟ, ସର୍ବଦ୍ରଷ୍ଟା, ଜଗତକର୍ତ୍ତା, ଅଜର, ଅମର, ସନାତନ, ଚିନ୍ମୟ ରୂପେ ଗ୍ରହଣ କରାଯାଇଅଛି । ଏହି ଯୁକ୍ତିକୁ ସ୍ୱୀକାରକରି ବେଦବିଦ୍ୱାନ Charles Cole-man ତାଙ୍କ ସ୍ୱରଚିତ ପୁସ୍ତକରେ (Mythology of the Hindus) ଲେଖିଛନ୍ତି:—

The Almighty, Infinite, Eternal, Incomprehensible, Self existent Being, He who sees everything, though never seen, is Brahma—the one unknown true Being, the creator, preserver and destroyer of the universe. Under such and innumerable other definitions in the deity acknowledged in the Vedas. ବେଦର ଏକେଶ୍ୱରବାଦକୁ ସ୍ୱୀକାର କରି ଅଧ୍ୟାପକ W. D. Brown ଓ ଜର୍ମାନ ବେଦପଣ୍ଡିତ Schlegel ଇତ୍ୟାଦି ନିଜର ମତବ୍ୟକ୍ତ କରି କହନ୍ତି—It can not be denied that the early Indians possessed a knowlege of the true God. All their writings are replete with sentiments and expressions, noble, clear, lovely, grand, as in any human language in wich man have spoken of their God,

It (Vedic Religion) recognises but one God. (by W. D. Brown)

ପୁଣି ବେଦରେ ଅଛି—

ସୋଽର୍ଯ୍ୟମା ସବରୁଣଃ ସ ରୁଦ୍ର ସ ମହାଦେବଃ ॥ ଅଥର୍ବ
ସୋଽଅଗ୍ନି ସ ଉ ସୂର୍ଯ୍ୟଃ ସ ଉ ମହାଯମଃ ॥ ଅଥର୍ବ

He is the administrator of justice. He is the only object of our choice, He is the chastiser of

evil-doers and He is the supreme divinity. He Is Agni (the self-refulgent God), He is verily Surya (the Impeller of all). Verily He is the Mahayama (the greatert administrator of justice).

—※—

## ବେଦ ଅଦ୍ୱୈତବାଦର ପ୍ରତିପାଦକ

ବେଦର ଏକେଶ୍ୱରବାଦ ଉପରେ ଆଧାରିତ ଜନ୍ମ ପ୍ରଦତ୍ତ ମନ୍ତ୍ରଗୁଡ଼ିକ ଏକେଶ୍ୱରବାଦକୁ ସ୍ୱୀକାର କରେ ।

ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା ॥ ଋଗ୍- ୧ । ୧୬୪ । ୨୦ ।
ସମାନେ ବୃକ୍ଷେ ପୁରୁଷୋ ॥ ମୁ, ଉପନିଷଦ, ୩ । ୧ । ୨
ଯ ଅନ୍ନେ ତସ୍ମିନ୍ ସନ୍ନୋଽନ୍ତରେ । ଶତ° ୧୪ । ୭ । ୭ ।
(ଅଚ୍ୟୁତାଶ୍ରମ ସଂସ୍କରଣ, ଦ୍ୱିତୀୟ ଖଣ୍ଡ)

ଯୁଞ୍ଜତେ ମନ ଉତ ଯୁଞ୍ଜତେ ଧିୟୋ ବିପ୍ରା ॥ ଯଜୁ, ୧୧ । ୪ ।

### ନାସଦୀୟ ସୂକ୍ତ ଅଦ୍ୱୈତବାଦର ସମର୍ଥକ କି ?

ଅଦ୍ୱୈତବାଦର ସମର୍ଥକମାନେ ନାସଦୀୟ ସୂକ୍ତ ଏହି ବାଦକୁ ସମର୍ଥନ କରେ ବୋଲି ସ୍ୱୀକାର କରନ୍ତି— ଅଧ୍ୟାପକ Maxmulley ତାଙ୍କ Six Systems of Philosophyରେ ଏହି ସୂକ୍ତ ବିଷୟରେ ଲେଖିଛନ୍ତି ।

Monotheism and Monism—All these tendencies worked together in one direction and made some of the vedic poets see more or less distinctly that the idea of God if once clearly perceived, included the ideas of being one and without an equal. They thus arrived at the conviction that above the great multitude of gods, there must be one supreme personality and after a time they

declared that there was behind all the gods the one (tad Ekam) of which the gods were but various names.

ଅଧ୍ୟାପକ **Maxmuller** ତାଙ୍କ ବେଦଭାଷ୍ୟରେ ଲେଖିଛନ୍ତି:— ଜ୍ଞାନୀ-ଲୋକମାନେ ଏହି ଏକ-ବ୍ରହ୍ମଙ୍କୁ ଅଗ୍ନି, ଯମ, ମାତରିଶ୍ୱା ଏପରି ବହୁ ନାମରେ ନାମିତ କରିଅଛନ୍ତି କିନ୍ତୁ ବ୍ରହ୍ମ ଏକ ଅଟେ:—

the sages call that one in many ways, they call it Agni, Yama, Matarishva.

—※—

## ପୁନର୍ଜନ୍ମ ସିଦ୍ଧାନ୍ତ ବେଦରେ ଅଛି କି ?

ବେଦରେ ପୁନର୍ଜନ୍ମର ସୂଚନା ପରିଦୃଷ୍ଟ ହୁଏ । ଆତ୍ମା ଶରୀରକୁ ତ୍ୟାଗକରି କର୍ମାନୁଯାଇ ନୂତନ ଶରୀର ଧାରଣ କରିବାର ପ୍ରମାଣ ବେଦରେ ବର୍ଣ୍ଣିତ ହୋଇଛି ।

ଅପଶ୍ୟଂ ଗୋପାମନି ପଦ୍ୟମାନମା ଚ
ପରା ଚ ପଥିଭିଶ୍ଚରନ୍ତମ୍
ସ ସଧ୍ରୀଚୀଃ ସଃ ବିଷୂଚୀର୍ବସାନ ଆ
ବରୀବର୍ତ୍ତି ଭୁବନେଷ୍ୱନ୍ତଃ । ଋଗ୍ ୧୦ । ୧୭୦ । ୩

ଆତ୍ମାର ଗତି ଓ ଶରୀର ପ୍ରବେଶକୁ ବେଦ ସ୍ୱୀକାର କରେ । ଅଥର୍ବବେଦରେ ଲେଖାଅଛି—

ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି ତ୍ୱ କୁମାର ଉତବା କୁମାରୀ
ତ୍ୱଂ ଜୀର୍ଣ୍ଣୋ ଦଣ୍ଡେନ ବନ୍ଚସି ତ୍ୱଂ ଜାତୋ ଭବସି ବିଶ୍ୱତୋମୁଖଃ
ଉତୈଷାଂ ପିତୋତ ବା ପୁତ୍ର ଏଷାମୁତେଷାଂ ଜେ ଷ୍ଠଃ ଉତ ବା କନିଷ୍ଠଃ
ଏକୋହ ଦେବୋ ମନସି ପ୍ରବିଷ୍ଟଃ ପ୍ରଥମେ ଜାତଃ
ସ ଉ ଗର୍ଭେଅନ୍ତଃ । ଅଥର୍ବ– ୧୦ । ୯ । ୨୭ । ୨୯

ଅତ୍ମାକୁ ସମ୍ବୋଧନ କରି କୁହାଯାଇଅଛି–"ହେ ଆତ୍ମା ତୁମେ କେତେବେଳେ ସ୍ତ୍ରୀ ରୂପେ ଓ କେତେବେଳେ ପୁରୁଷ ରୂପ ଧାରଣ କରୁଅଛ ଓ ଅନ୍ୟ କେତେବେଳେ ମାତାଗର୍ଭରେ ସଂଗ୍ରହ ହୁଅ କେତେବେଳେ ଶରୀର ତ୍ୟାଗକରି ଥାଅ ।"

O individual soul I in accordance with thine actions. thru assumest the form of a woman and that of a man. Sometimes thou be comest a virgin, thou walkest with help of a staff when thy body becomes old and frail, thou takest birth again and again as thy face is turned "towards all directions (in accordance with thy actions).

—Atharva

this Individual some times It becomes their father and sometimes their son too, and sometimes becomes their elder brother and some times it even becomes their younger brother. Verily the one self or luminout soul dwelling within the mind has taken birth before and verily it again enters the womb of the mother. (Atharv X.8.28)

ଅପ୍ସ୍ୱଗ୍ନେ ସଧିଷ୍ଟବ ସୌଷଧୀରନୁ ରୁଧ୍ୟସେ ।
ଗର୍ଭେସନ୍ ଜାୟସେ ପୁନଃ ।। ଯଜୁ- ୧୨ । ୩୬

ଜୀବନ ଶରୀର ତ୍ୟାଗକରି ବାୟୁ, ଔଷଧି ଆଦି ପଦାର୍ଥରେ ଭ୍ରମଣ ପୂର୍ବକ ଗର୍ଭାଶୟରେ ପ୍ରବେଶ କରେ ଓ ସେଠାରେ ଶରୀର ଧାରଣ କରେ ।

O self-luminous soul ! thou art the endurer of sufferings, thou attainest to the plants within the waters, thou takest birth again and again in the womb of the mother.

ପୁଣି ଯଜୁର୍ବେଦରେ ଲେଖାଅଛି:—

ପ୍ରସଦ୍ୟ ଭସ୍ମନା ଯୋନିମ୍ ପଶ୍ଚ ପୃଥିବୀ ମଗ୍ନେ ।

O Self-luminous soul ! thou art full of light, after thy body becomes ashes, thou reachest water and earth, the source of birth, and dwelling

within the womb of the mother, thou takest birth again and again. (Yaj XII.38)

ବେଦର ପୁନର୍ଜନ୍ମ ସିଦ୍ଧାନ୍ତ ଉପରେ ଅଧ୍ୟାପକ Vol କହନ୍ତି ଅଥର୍ବବେଦରେ ପୁନର୍ଜନ୍ମ ଜନିତ ବହୁମନ୍ତ୍ର ପରିଦୃଷ୍ଟ ହୁଏ ।

the individual soul wanders within the womb of mother and takes birth again and again in the bodies of enlightened Pensons. It exists in Past, present and future, when It becomes a father, It again enters into the body of a son witn the powers of his action, ଏହି ସିଦ୍ଧାନ୍ତରେ ଏକମତ ହୋଇ ଅଧ୍ୟାପକ weber କହନ୍ତି :—the soul of tha dead one moves by its own power; beiug immortal, It remains in the body which is mortal.

## ଉପନିଷଦର କାଳ ନିରୂପଣ

**ଈଶ-କେନ-କଠ-ପ୍ରଶ୍ନ-ମୁଣ୍ଡ-ମାଣ୍ଡୁକ୍ୟ-ତିତ୍ତିରିଃ**
**ଐତରେୟଂ ଚ ଛାନ୍ଦୋଗ୍ୟଂ ବୃହଦାରଣ୍ୟକଂ ଦଶ ॥**

ଉପନିଷଦ ବୈଦିକ-ସାହିତ୍ୟର ଏକ ଅପରିହାର୍ଯ୍ୟ ଅଙ୍ଗ । ବିଭିନ୍ନ ଉପାଖ୍ୟାନ ମାଧ୍ୟମରେ ବେଦର ନିଗୁଢ ତଥ୍ୟକୁ ଉପନିଷଦ ଜରିଆରେ ପ୍ରକାଶ କରିବା ପାଇଁ ଚେଷ୍ଟା କରାଯାଇଛି । ଏହି ପୃଥିବୀ କ'ଣ, ଏହା କିପରି ସୃଷ୍ଟି ହେଲା ଏହାର ରହସ୍ୟ ଉପନିଷଦରେ ଦେଖିବାକୁ ମିଳେ । ଏହା ବ୍ୟତୀତ ବ୍ରହ୍ମଦର୍ଶନ, ଅବିଦ୍ୟା ଓ ବିଦ୍ୟା, ସୁସୁପ୍ତି, ଜାଗ୍ରତ, ତୁରୀୟ ଅବସ୍ଥା, ବ୍ରହ୍ମଚର୍ଯ୍ୟ, ଗୁରୁକୁଳ ଶିକ୍ଷା, ଛାତ୍ରମାନଙ୍କର ଗୁରୁଙ୍କ ପ୍ରତି କର୍ତ୍ତବ୍ୟ ଓ କୃଷି, ଶିଳ୍ପ, ବୈଶେଷିକ, ରାଜନୀତି, ସାମାଜିକନୀତି, ଅର୍ଥନୀତି, ବାଣିଜ୍ୟ, ଜ୍ଞାନବିଜ୍ଞାନ ଓ ଯଜ୍ଞାଦିର ବର୍ଣ୍ଣନା ବିଭିନ୍ନ ଉପାଖ୍ୟାନ ଜରିଆରେ ପ୍ରକାଶ କରାଯାଇଅଛି । ଉପନିଷଦ ଗୁଡ଼ିକ ଏତେ ସମାଜ ଉପଯୋଗୀ ହୋଇଛି ଯାହାକି ଏହା ବିଭିନ୍ନ ଭାଷାରେ ଅନୁବାଦ ହୋଇ ସମାଜକୁ ସଂସ୍କାର ମୁଖୀ କରୁଛି । ବିଖ୍ୟାତ ଜର୍ମାନ ବିଦ୍ୱାନ୍ ଅଧ୍ୟାପକ Maxmuller କହନ୍ତି ବ୍ରାହ୍ମଣ ଗ୍ରନ୍ଥର ଦୁଇଶହ ବର୍ଷପରେ ଉପନିଷଦ ଗୁଡ଼ିକ ରଚନା କରାଯାଇ-

ଥିଲା । ଅନ୍ୟ କେତେ ଏହି ମତକୁ ଖଣ୍ଡନକରି କହନ୍ତି କେତେକ ଉପନିଷଦ ବ୍ରାହ୍ମଣ ଗ୍ରନ୍ଥର ବହୁ ପୂର୍ବରୁ ସୃଷ୍ଟି ହୋଇଥିଲା । ଏହିପରି ଅନେକ ମତ ମତାନ୍ତର ଦେଖାଯାଏ । ଏହା ସତ୍ୟ ଯେ ଇଶ, କେନ, କଠ, ପ୍ରଶ୍ନ, ମୁଣ୍ଡ, ମାଣ୍ଡୁକ୍ୟ ଇତ୍ୟାଦି ଦଶଗୋଟି ଉପନିଷଦ ବୁଦ୍ଧଯୁଗର ପୂର୍ବରୁ ରଚନା କରାଯାଇ ଥିଲା । ଲୋକମାନ୍ୟ ତିଲକ କହନ୍ତି ବୃହଦାରଣ୍ୟକ, ମୈତ୍ରେୟୀପନିଷଦ୍, ତୈତ୍ତିରିୟୋପନିଷଦ ଓ ଛାନ୍ଦୋଗ୍ୟ ଆଦି ଉପନିଷଦ୍ ଗୁଡିକ ଖ୍ରୀ ପୂର୍ବ ୧୬୦୦ ପୂର୍ବରୁ ରଚିତ ହୋଇ ସାରିଥିଲା । ଆଉକେତେ ପାଶ୍ଚାତ୍ୟ ବିଦ୍ୱାନମାନେ ମତଦେଇ କହନ୍ତି ଉପନିଷଦ ଖ୍ରୀ: ପୂର୍ବ ୬୦୦ କିମ୍ବା ଖ୍ରୀ ପୂର୍ବ ୪୦୦ ଭିତରେ ରଚିତ ହୋଇଥିବ । ଉପନିଷଦର ବ୍ୟୁତ୍ପତ୍ତି ଓ ଅର୍ଥ ଏହି ପ୍ରକାର (ଉପ -|- ନି -|- ସଦ ) ଏହା ସଦ୍ ଧାତୁରୁ କ୍ୱିପ୍ ପ୍ରତ୍ୟୟ ହୋଇ ସିଦ୍ଧ ହୋଇଥାଏ । ଏହାର ଅର୍ଥ ପରମେଶ୍ୱର ପରମାତ୍ମାଙ୍କର ନିକଟତମ ହେବା ।

**ମହାଭାରତ ଓ ରାମାୟଣାଦି ପୁରାଣ—**

ରାମାୟଣ ଓ ମହାଭାରତ ଗ୍ରନ୍ଥରେ ଉପନିଷଦର ପ୍ରଭାବ ଦେଖାଯାଏ । ଏଣୁ ଉପନିଷଦ୍, ରାମାୟଣ ଓ ମହାଭାରତର ପୂର୍ବରୁ ରଚିତ ।

**ଇଶୋପନିଷଦ୍ :—**

ଏହି ଉପନିଷଦଟି ଯଜୁର୍ବେଦର ଶୁକ୍ଳଶ ଅଧ୍ୟାୟ । ଇଶୋପନିଷଦ ମାଧ୍ୟନ୍ଦିନ ଶାଖାଅନ୍ତର୍ଗତ । ଏହି ଉପନିଷଦଟି "ଇଶାବାସ୍ୟମିଦଂସର୍ବଂ"ଠାରୁ ଆରମ୍ଭକରାଯାଇଛି ଓ "ଅଗ୍ନେନୟସୁପଥା" ମନ୍ତ୍ର ଏହାର ଅନ୍ତିମମନ୍ତ୍ର ଅଟେ । ଏହାର ପ୍ରଥମ ମନ୍ତ୍ର ଇଶାଠାରୁ ଆରମ୍ଭ ହୋଇଥିବାରୁ ଏହି ଶ୍ରେଷ୍ଠ ଉପନିଷଦର ନାମ ଇଶାବାସ୍ୟ ଉପନିଷଦ୍ । ଜ୍ଞାନବିଜ୍ଞାନ ଦୃଷ୍ଟିରେ ଏହା ଶ୍ରେଷ୍ଠ । ବିଦ୍ୟା, ଅବିଦ୍ୟାର ନିର୍ଣ୍ଣୟ; ତ୍ୟାଗ, ସେବାର ଗମ୍ଭୀର ବର୍ଣ୍ଣନା ପ୍ରୋକ୍ତଗ୍ରନ୍ଥରେ କରାଯାଇଛି । ଏହା ଯଜୁର୍ବେଦର ଶୁକ୍ଳଶଅଧ୍ୟାୟ ହୋଇଥିବାରୁ ଏହାର ସୃଷ୍ଟି ବେଦରଚନା କାଳସହିତ ସମାନ । ମଧ୍ୟଯୁଗୀୟ କେତେକ ନବୀନ ବିଦ୍ୱାନ ଏହି ମତରେ ଏକମତ ନହେଲେ ସୁଦ୍ଧା ସେମାନଙ୍କ ମତ ଭ୍ରମାତ୍ମକ ବୋଲିଗ୍ରହଣ କରାଯାଏ । ଏହି ଉପନିଷଦରେ ଅତ୍ମା, ପରମାତ୍ମାଙ୍କସହ ସମ୍ପର୍କ, ଅବିଦ୍ୟା, ବିଦ୍ୟା ଓ ମନୁଷ୍ୟ ସୁକର୍ମକରି ଏକଶତବର୍ଷ ବଞ୍ଚିରହୁ ବୋଲି କଳ୍ପନା, ବ୍ରହ୍ମଜ୍ଞାନ, ଶାନ୍ତିପ୍ରାପ୍ତିର ଉପାୟ ବିଷୟରେ ଆଲୋଚନା କରାଯାଇଛି । ଏହି ଉପନିଷଦ୍ଟି ୧୮ ଗୋଟିମନ୍ତ୍ରରେ ପୂର୍ଣ୍ଣ । ଏହି ଉପନିଷଦର ମୂଳମନ୍ତ୍ର ତ୍ୟାଗବାଦ ଓ ପବିତ୍ର ଉପରେ ଆଧାରିତ ।

ଈଶାବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍
ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ଧନମ୍ । ୧

Whatever there is change ful in this ephemeral worlo. all that must be enveldped by lord. By this renunciation (of the world) Support your self. Do not covet the wealth of any one.

**କେନୋପନିଷଦ :**

ଏହି ଉପନିଷଦର ପ୍ରଥମ ମନ୍ତ୍ର ଅନୁସାରେ (କେନେଷିତଂ ପତତି) ଏହି ଉପନିଷଦର ନାମ କେନୋପନିଷଦ । ବ୍ରହ୍ମ ଓ ନିର୍ଗୁଣବ୍ରହ୍ମ ଭିତରେ ପାର୍ଥକ୍ୟ, ଈଶ୍ୱର ନିରୂପଣ, ଉମାହୈମବତୀଙ୍କର ଉପାଖ୍ୟାନ, ବ୍ରହ୍ମ ସର୍ବବ୍ୟାପକ, ସତ, ଚିତ ଆନନ୍ଦ ଏହି କଥା ଏହି ଉପନିଷଦର ମୁଖ୍ୟତଃ ବିଷୟବସ୍ତୁ । ଏହା ଖ୍ରୀଷ୍ଟପୂର୍ବ ୧୨୦୦ ପୂର୍ବରୁ ରଚନା କରାଯାଇଥିଲା ବୋଲି କେତେକ ବିଦ୍ୱାନମତ ଦିଅନ୍ତି କିନ୍ତୁ ଏହି ମତଗୁଡ଼ିକ କୌଣସି ପ୍ରମାଣ, ଅଙ୍କ, ଦୃଷ୍ଟାନ୍ତ ଉପରେ ଆଧାରିତ ହୋଇନଥିବାରୁ ଏହିମତ ଯୁକ୍ତିକ ଠିକମତ ନୁହେଁ । ଏଯାଏ ଏହାର ରଚନାକାଳ ଠିକ୍ ଭାବରେ ନିର୍ଣ୍ଣୟହୋଇ ପାରିନି ।

**କଠଉପନିଷଦ୍ :**

କୃଷ୍ଣଯଜୁର୍ବେଦ କଠକ ଶାଖାର ଏହି ଉପନିଷଦ ଅଟେ । ଏହି ଉପନିଷଦରେ ନଚିକେତା ଯମଦେବଙ୍କଠାରୁ ବ୍ରହ୍ମଜ୍ଞାନ ବିଷୟ ଶିକ୍ଷା କରିଛି । କେତେକ ବ୍ରହ୍ମ ସମ୍ପର୍କୀୟ ପ୍ରଶ୍ନର ଏହିଠାରେହିଁ ମୀମାଂସା ହୋଇଥିବାର ଦେଖାଯାଏ । ମୃତ୍ୟୁର ରହସ୍ୟ, ଭୌତିକ ଶରୀର ବିଷୟରୁ ପ୍ରାଣବାୟୁ ଚାଲିଗଲେ କିପରି ଓ କେଉଁଠିକି ଯାଏ । ଆତ୍ମା ଓ ଶରୀର ସମ୍ବନ୍ଧରେ ଅନେକ ପ୍ରଶ୍ନର ମୀମାଂସା ଏହି ଉପନିଷଦରେ ଜ୍ଞେୟ ଅଟେ ।

ଏହାର ରଚନାକାଳ ଅଦ୍ୟାବଧି ସ୍ଥିରୀକୃତ ହୋଇ ପାରିନି । କେତେକ ପଣ୍ଡିତ ଏହାର ରଚନାକାଳ ଖ୍ରୀ. ପୂ. ୧୨୦୦ ପୂର୍ବରୁ ରଚନା କରାଯାଇଥିଲା ବୋଲି କହନ୍ତି । ଅନ୍ୟକେତେକ କଠୋପନିଷଦ୍‌ର ରଚନାକାଳ ଖ୍ରୀ: ପୂର୍ବ ୬୮୦ ବୋଲି ସ୍ୱୀକାର କରିଛନ୍ତି କିନ୍ତୁ ଏହି ଯୁକ୍ତିମାନ ଅମୀମାଂସିତ । ଏଯାଏ କୌଣସି ଠିକ ମତ କୌଣସି ବିଦ୍ୱାନ୍ ବାହାର କରିପାରି ନାହାନ୍ତି ।

**ପ୍ରଶ୍ନୋପନିଷଦ୍:—**

ଏହି ଉପନିଷଦଟି ବିଜ୍ଞାନ ସମ୍ମତ ଅଟେ କାରଣ ଅଥର୍ବବେଦର ପିପ୍ପଲାଦ ଶାଖାର ଏହି ଉପନିଷଦଟି ଅନ୍ତର୍ଭୁକ୍ତ । ଶିଷ୍ୟମାନଙ୍କର ସକଳ ଭ୍ରମ (ପ୍ରଶ୍ନ) ର ଏହିଠାରେହିଁ ମୀମାଂସା କରାଯାଇଛି ।

(୧) ପ୍ରଜାର ଉତ୍ପତ୍ତିସ୍ଥଳ କିଏ ? (୨) ଦେବତାମାନଙ୍କୁ କିଏ ପ୍ରକାଶିତ କରେ ଓ ସେମାନଙ୍କର ସଂଖ୍ୟା କେତେ ଓ ସେମାନଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ଅଟେ ?

(୩) ଶରୀରରେ ପ୍ରାଣର ପ୍ରବେଶ ଓ ଏହାର ଉତ୍ପତ୍ତି କିପରି ହୋଇଛି ?

(୪) ସ୍ୱପ୍ନ, ସୁଷୁପ୍ତି, ଜାଗ୍ରତ, ତୁରୀୟର ବିଜ୍ଞାନ ସମ୍ମତ ମୀମାଂସା ।

(୫) ଓମ୍କାର ତତ୍ତ୍ୱନିରୂପଣ ଓ ଶବ୍ଦବ୍ରହ୍ମର ଶକ୍ତି ବିଷୟରେ ଆଲୋଚନା ମାଧ୍ୟମରେ ଅନେକ ପ୍ରଶ୍ନୋତ୍ତରର ମୀମାଂସା ।

(୬) ପୁରୁଷ ଶବ୍ଦ କିପରି ସାଂଖ୍ୟବାଚକ ହୋଇ ଷୋଡ଼ଶ-କଳା ନିଷ୍ପନ୍ନ ଓ ଅକ୍ଷର ବ୍ରହ୍ମର ଶକ୍ତି ବିଷୟ ନିରୂପଣ ଏଠାରେ କରାଯାଇଛି ।

ଏହାର ରଚନାକାଳ ବିଷୟରେ କୌଣସି ନିର୍ଦ୍ଦିଷ୍ଟମତ ପରିଦୃଷ୍ଟ ହୁଏ ନାହିଁ । କେତେକ ବିଦ୍ୱାନ ଖ୍ରୀ. ପୂର୍ବ ୬୦୦ ପୂର୍ବରୁ ରଚନା କରାଯାଇଥିଲି ବୋଲି ସ୍ୱୀକାର କରନ୍ତି । ଏହି ବି ଅମୀମାଂସିତ ।

**ମୁଣ୍ଡକ ଉପନିଷଦ:—**

ମୁଣ୍ଡକ ଉପନିଷଦ ଅଥର୍ବ ବେଦୀୟ ଉପନିଷଦ ଅଟେ । ମୁଣ୍ଡକ ଉପନିଷଦରେ ବ୍ରହ୍ମଜ୍ଞାନ, ସମାଜିକ ପ୍ରଥା ଓ ଜୀବନକୁ ଶୃଙ୍ଖଳିତ କରିବାପାଇଁ କେତେକ ପ୍ରଥା (ଆଇନ୍) ବିଷୟରେ ଆଲୋଚନା କରାଯାଇଛି । ବ୍ରହ୍ମବିଦ୍ୟାକୁ ବ୍ରହ୍ମା ତାଙ୍କର ପୁତ୍ର ଅଥର୍ବାଙ୍କୁ, ଅଥର୍ବା ଅଙ୍ଗିରଙ୍କୁ, ଅଙ୍ଗିର ଭରଦ୍ୱାଜ ଅଙ୍ଗିରସଙ୍କୁ କିପରି ବୁଝାଇଥିଲେ ତାହା ଏହି ଉପନିଷଦର ବିଷୟବସ୍ତୁ ।

ଏହି ଉପନିଷଦରେ ବ୍ରହ୍ମାଙ୍କର ସର୍ବବ୍ୟାପକତାକୁ ସୁନ୍ଦର ଉଦାହରଣ ଜରିଆରେ ବୁଝାଇ ଦିଆଯାଇଛି । ବ୍ରହ୍ମ (ଈଶ୍ୱର ସର୍ବବ୍ୟାପକ) ଏହି ଉପନିଷଦ ବୈଦିକଯୁଗର ପୂର୍ବରୁ ରଚନା କରାଯାଇଥିଲା ଏହାର ରଚନା କାଳ ଅଦ୍ୟାବଧି ସ୍ଥିରୀକୃତ ହୋଇ ପାରିନାହିଁ ।

**ମାଣ୍ଡୁକ୍ୟ ଉପନିଷଦ୍—**

ଏହା ଅଥର୍ବ ବେଦୀୟ ଉପନିଷଦ୍ ଅଟେ । ଏହା କ୍ଷୁଦ୍ର ହେଲେ ହେଁ ଶ ହେବ ଛନ୍ଦ ଏହାର ସ୍ଥାନ ଅତି ଉଚ୍ଚରେ । ଈଶ୍ୱରଙ୍କ ସତ୍ତା, ଆତ୍ମାର ସ ଧର୍ମ ଏହି ଶାସ୍ତ୍ରରେ ସନ୍ଧପାଦନ କରାଯାଇଛି । ଏହି ଶାସ୍ତ୍ର ଅଦ୍ୱୈତମତବାଦୀ ଅଟେ । ମ'ଣ୍ଡଗାଳ ଶିଳା-ଲେଖରେ ମଣ୍ଡ କ୍ୟ ଉପନିଷଦ୍ର କେତେଗୋଟି ସୁନ୍ଦର ସୂଚନା ମିଳେ ଏବଂ ଏହା ଆଜକୁ ୩୦୦୦ ବର୍ଷ ପୂର୍ବେ ରଚନା କରାଯାଇ ଥିଲା ବୋଲି ଅନୁମେୟ ।

**ତୈତ୍ତିରୀୟ ଉପନିଷଦ୍—**

ଏହା କୃଷ୍ଣ-ଯଜୁର୍ବେଦୀୟ ଉପନିଷଦ । ଏହା ତିନି ପ୍ରପାଠକରେ ବିଭକ୍ତ ଏଥିରେ ବ୍ରହ୍ମର ସ୍ୱରୂପ ନିରୂପଣ କରାଯାଇଛି । (ଏହି ସତ୍ୟାଚରଣ, ଧର୍ମାଚରଣ ଦେବ ପିତୃକାର୍ଯ୍ୟାଭ୍ୟାଂନ ପ୍ରମଦିତବ୍ୟମ୍) ମାତୃଦେବ ଭବ, ପିତୃଦେବ ଭବ, ଆଚାର୍ଯ୍ୟ ଦେବୋ ଭବ, ଅତିଥି ଦେବୋଭବ ଇତ୍ୟାଦି ଅନେକ ବଳିଷ୍ଠ ଉପଦେଶ ଏହି ଉପନିଷଦ୍ରେ ଦେଖିବାକୁ ମିଳେ । ଲୋକମାନ୍ୟ ତିଲକଙ୍କର ମତରେ ଏହି ଉପନିଷଦ୍ ଖ୍ରୀ:ପୂର୍ବ ୧୬୦୦ ପୂର୍ବରୁ ରଚନା କରାଯାଇଥିଲା । Weber, Msxmuller ଓ ଅଧ୍ୟାପକ Winteanitz ଏକ ମତକୁ ସ୍ୱୀକାର କରନ୍ତି ।

**ଛାନ୍ଦୋଗ୍ୟ ଉପନିଷଦ୍—**

ଏହି ଉପନିଷଦ ସାମବେଦୀୟ ଉପନିଷଦ ଅଟେ । ଭୌତିକ ଉନ୍ନତି ପର୍ଯ୍ୟନ୍ତ ଯଜ୍ଞାନୁଷ୍ଠାନ, ଓ ନାନା ପ୍ରକାର ରସାୟନ ମିଶ୍ରଣ ବିଷୟରେ ଲେଖାଅଛି । ଏହାର ଚତୁର୍ଥ ଅଧ୍ୟାୟ ସତ୍ୟକାମ ଓ ଜାବାଲ ଉପାଖ୍ୟାନ ଅଟେ । ପଞ୍ଚମ ଅଧ୍ୟାୟଟି ଦାର୍ଶନିକ ସିଦ୍ଧାନ୍ତ, ଷଷ୍ଠ ଅଧ୍ୟାୟଟି ଶ୍ୱେତକେତୁଙ୍କ ପ୍ରତି ମହର୍ଷି ଉଦ୍ଦାଳକ, ଆରୁଣି ଉପାଖ୍ୟାନ । ଜିତେନ୍ଦ୍ରିୟ ପୂର୍ବକ ପବିତ୍ର କାର୍ଯ୍ୟ କରିବାପାଇଁ ପ୍ରୋକ୍ତ ଗ୍ରନ୍ଥରେ ଉଲ୍ଲେଖ ଅଛି । ଏହା ଖ୍ରୀପୂର୍ବ ୬୦୦ ପୂର୍ବରୁ ରଚନା କରାଯାଇଛି ବୋଲି କେତେକ ପଣ୍ଡିତ ମତବ୍ୟକ୍ତ କରନ୍ତି କିନ୍ତୁ ଏହା ଅମୀମାଂସିତ ।

**ବୃହଦାରଣ୍ୟକ ଉପନିଷଦ୍—**

ଏହି ଦର୍ଶନର ଗୌରବପୂର୍ଣ୍ଣ ଉଦାହରଣ ପ୍ରାୟ ଅନେକ ଉପନିଷଦରେ ଦେଖା ଯାଏ । ଉପନିଷଦ୍ର ମୂଳଅର୍ଥ:— ସଦ୍ ଧାତୁରୁ କ୍ୱିପ୍ ପ୍ରତ୍ୟେୟ ଅର୍ଥାତ୍:—ଗୁରୁ ନିକଟରେ ଶିଷ୍ୟର ଅବସ୍ଥାନ ପ୍ରଜ୍ଞାଶୀଳ ହୋଇ ଜ୍ଞାନଲାଭ କରିବା ସଂସାରର ଦୁଇଟି

ମାର୍ଗ ଶ୍ରେଷ୍ଠ ପେଷ୍ଟ ଓ ଏହି ଉପନିଷଦ୍ ଖ୍ରୀ. ପୂର୍ବ ୧୨୦୦ ପୂର୍ବେ ରଚନା କରା ଯାଇଥିଲା ବୋଲି ଲୋକମାନ୍ୟ ତିଲକ ମନ୍ତବ୍ୟକ୍ତ କରିଛନ୍ତି ବାସ୍ତବିକ ଆଜକୁ ପ୍ରାୟ ୪୦୦୦ ବର୍ଷ ପୂର୍ବେ ଏହା ରଚନା କରାଯାଇଥିଲା ।

**ଅନ୍ୟ ଉପନିଷଦ୍:—**

ମୁକ୍ତିକୋପନିଷଦ୍‌ରେ ୧୦୮ ଗୋଟି ଉପନିଷଦର ଉଲ୍ଲେଖ କରାଯାଇଛି । ଊଣାଇଶି ଗୋଟି ଉପନିଷଦ ଶୁକ୍ଳ ଯଜୁର୍ବେଦକୁ, ବତିଶିଟି କୃଷ୍ଣ ଯଜୁର୍ବେଦକୁ ଷୋଳଗୋଟି ସାମବେଦକୁ ଓ ଏକତିରିଶ ଗୋଟି ଅଥର୍ବ ବେଦକୁ ଆଧାରକରି ରଚନା କରାଯାଇଛି । ଏମାନଙ୍କ ମଧ୍ୟରୁ ଇଶ, କେନ ଆଦି ଦଶଗୋଟି ଉପନିଷଦ ମୁଖ୍ୟ ଅଟେ । କେତେକ ଶ୍ୱେତାଶ୍ୱେତ ଉପନିଷଦକୁ ଏହି ଦଶଗୋଟି ଉପନିଷଦ ପରି ମୁଖ୍ୟସ୍ଥାନ ଦେଇଥାନ୍ତି । ଏଗୁଡ଼ିକ ଗଦ୍ୟ, ପଦ୍ୟ ଉଭୟରେ ରଚିତ । ଏଗୁଡ଼ିକ ବୁଦ୍ଧଦେବଙ୍କ ପୂର୍ବରୁ ରଚନା କରାଯାଇଥିଲା ବୋଲି ପଣ୍ଡିତମାନେ ମନ୍ତବ୍ୟକ୍ତ କରିଥାନ୍ତି । ଯଜ୍ଞ, ବର୍ଣ୍ଣାଶ୍ରମ, ଭୌତିକପଞ୍ଚ, ଆୟୁର୍ବେଦ ଇତ୍ୟାଦି ବହୁ ସତ୍ୟତଥ୍ୟର ବର୍ଣ୍ଣନା ଏହି ଉପନିଷଦ ଗୁଡ଼ିକର ବିଷୟବସ୍ତୁ । ୧୦୮ ଗୋଟି ଉପନିଷଦର ବିଷୟ ପ୍ରଦତ୍ତ କରାଗଲା ।

(୧) ବେଦାନ୍ତ ବିଷୟକ ୨୪ ଗୋଟି ଉପନିଷଦ ।

(୨) ସାଂଖ୍ୟ ଅଥବା ସନ୍ୟାସ ବିଷୟକ ୧୭ ଗୋଟି ଉପନିଷଦ ।

(୩) ଯୋଗ ବିଷୟକ ୨୦ ଗୋଟି ଉପନିଷଦ ।

(୪) ବୈଷ୍ଣବ ବିଷୟକ ୧୪ ଗୋଟି ଉପନିଷଦ ।

(୫) ଶୈବ ବିଷୟକ ୧୫ ଗୋଟି ଉପନିଷଦ ।

(୬) ଶାକ୍ତ ଓ ଅନ୍ୟାନ୍ୟ ୧୮ ଗୋଟି ଉପନିଷଦ ।

**ମୋର ବ୍ୟକ୍ତିଗତ ମତ:—**

ମୋ ମତରେ ୧୦ ଗୋଟି ଉପନିଷଦ ରାମାୟଣ ରଚନାର ପୂର୍ବରୁ ରଚିତ ହୋଇଥିଲା କାରଣ ରାମାୟଣ ଓ ମହାଭାରତରେ ଉପନିଷଦର ପ୍ରଭାବ ଦେଖାଯାଏ । ୧୦୮ ଉପନିଷଦ ଭିତରୁ କେତେକ ବୁଦ୍ଧଦେବଙ୍କ ପୂର୍ବରୁ ରଚନା କରାଯାଇଥିଲା ।

—※—

# ଦର୍ଶନ ଶାସ୍ତ୍ରର ରଚନାକାଳ ନିରୂପଣ

ଦର୍ଶନ କହିଲେ ଜ୍ଞାନବିଜ୍ଞାନ ତନ୍ତ୍ରକୁ ହିଁ ବୁଝାଏ । ଦର୍ଶନ ଶବ୍ଦର ବ୍ୟୁତ୍ପତ୍ତି ଲବ୍ଧ ଅର୍ଥ ହେଉଛି" **ଦୃଶ୍ୟତେ ଅନେନ ଇତି ଦର୍ଶନମ୍**; ଅର୍ଥାତ୍, ଯେଉଁ ସତ୍ୟ ଯୁକ୍ତିଦ୍ୱାରା ବସ୍ତୁର ସ୍ୱରୂପକୁ ଦେଖାଯାଏ ତାହା ହିଁ ଦର୍ଶନ ନାମରେ ଅଭିହିତ । ଶାସ୍ତ୍ର ଶବ୍ଦର ମୌଳିକ ଅର୍ଥ **ଶାସନାତ୍ ଶଂସନାତ୍ ଶାସ୍ତ୍ରମ୍ ।** କର୍ତ୍ତବ୍ୟାକର୍ତ୍ତବ୍ୟର ବିଧି ନିର୍ଦ୍ଦେଶ ଏବଂ ଜୀବନର ସ୍ୱରୂପ ପ୍ରକାଶ, ଏହି ଉଭୟ ତଥ୍ୟ ଥିବାରୁ ଏହାକୁ ଦର୍ଶନ ଶାସ୍ତ୍ର କହନ୍ତି । ଦର୍ଶନଶାସ୍ତ୍ର ବେଦର ଚକ୍ଷୁ । ଦର୍ଶନଶାସ୍ତ୍ର-ବିତ୍ ନହେଲେ ବେଦର ମନ୍ତ୍ରଗୁଡ଼ିକୁ ବୁଝିବା ବଡ଼ କଷ୍ଟକର, କାରଣ ବେଦର ସମସ୍ତ ମନ୍ତ୍ର ଦର୍ଶନାଭିମୁଖୀ ଅଟେ । ଏହି ଦର୍ଶନ ଶାସ୍ତ୍ରର ରଚନାକାଳ ଅଦ୍ୟାବଧି ଅମୀମାଂସିତ । ଦର୍ଶନ ଶାସ୍ତ୍ର ମଧ୍ୟରୁ ଛଅଗୋଟି ଦର୍ଶନ ମୁଖ୍ୟ ଅଟେ, ଯଥା— ସାଂଖ୍ୟଦର୍ଶନ, ନ୍ୟାୟଦର୍ଶନ, ବୈଶେଷିକ ଦର୍ଶନ, ବେଦାନ୍ତଦର୍ଶନ, ମୀମାଂସା-ଦର୍ଶନ, ଯୋଗଦର୍ଶନ । ଦର୍ଶନ ଶାସ୍ତ୍ରରେ ଚାରିଗୋଟି ପ୍ରତିପାଦ୍ୟ ବିଷୟ ପରିଦୃଷ୍ଟ ହୁଏ । 'ହେୟ, ହେୟହେତୁ, ହାନ, ହାନୋପାୟ ।"

(୧) ହେୟ : ଦୁଃଖର ବାସ୍ତବିକ ସ୍ୱରୂପ କ'ଣ ଯାହାକି ହେୟ ଅର୍ଥାତ୍ ତ୍ୟାଜ୍ୟ ଅଟେ ।

(୨) ହେୟ ହେତୁ : ଦୁଃଖ କେଉଁଠାରୁ ଉତ୍ପନ୍ନ ହୋଇଥାଏ, ଏହାର ବାସ୍ତବିକ କାରଣ କ'ଣ ? ଯାହା '**ହେୟ**' ଅର୍ଥାତ୍ ତ୍ୟାଜ୍ୟ ଦୁଃଖର ବାସ୍ତବିକ ହେତୁ ଅଟେ ।

(୩) ହାନ : ଦୁଃଖର ଅଭାବ କ'ଣ ଅଟେ, ଅର୍ଥାତ୍ **ହାନ** ଯେଉଁ ଅବସ୍ଥାର ନାମ ଅଟେ ।

(୪) ହାନୋପାୟ : **ହାନୋପାୟ** ଅର୍ଥାତ୍ ଦୁଃଖ ନିବୃତ୍ତିର ସାଧନ କ'ଣ ? ଏତଦ୍‌ବ୍ୟତୀତ୍ ଏହି ପ୍ରଶ୍ନ ଉପରେ ବିଚାର୍ କରିବାକୁ ଗଲେ ଆଉ ତିନିଗୋଟି କଥାର ଆଲୋଚନା ଦରକାର ।

**(୧) ଚେତନତତ୍ତ୍ୱ ଃ—**

ଆତ୍ମା, ପୁରୁଷ (ଜୀବ) ଦୁଃଖ କାହାକୁ ହୁଏ, ଯାହାକୁ ଦୁଃଖ ହୋଇଥାଏ ତାହାର ସ୍ୱରୂପ କ'ଣ ? ଯଦି ଦୁଃଖ ତାହାର ସ୍ୱାଭାବିକ ଧର୍ମ ହୋଇଥାନ୍ତା ତେବେ ଦୁଃଖ କବଳରୁ ବଞ୍ଚିବାପାଇଁ ଆଦୌ ଯତ୍ନ କରନ୍ତା ନାହିଁ । ଏଥିରୁ ପ୍ରତୀତ ହେଉଅଛି କି ତାହା ଏପରି କୌଣସି ତତ୍ତ୍ୱ ଅଟେ ଯାହାର ଦୁଃଖ ଓ ଜଡ଼ତା ସ୍ୱାଭାବିକ ଧର୍ମ ନୁହେଁ । ତାହା ଏପରି ଏକ ତତ୍ତ୍ୱ ଅଟେ ଯାହାର ଦୁଃଖ ଓ ଜଡ଼ତା ସ୍ୱାଭାବିକ ଧର୍ମ ନୁହେଁ; ତାହାର ଚେତନତତ୍ତ୍ୱ ଅଟେ । ଏହି ଚେତନ—ଆତ୍ମା (ପୁରୁଷ) ପୂର୍ଣ୍ଣ ଜ୍ଞାନଦ୍ୱାରା ତୃତୀୟ ପ୍ରଶ୍ନ ହାନର ସମାଧାନ ହୋଇଯାଇଅଛି, ଅର୍ଥାତ୍ ଆତ୍ମାର ଯଥାର୍ଥ ରୂପର ସାକ୍ଷାତ୍କାର—"ସ୍ୱରୂପସ୍ଥିତି" ଦ୍ୱାରା ଦୁଃଖର ନିତାନ୍ତ ଅଭାବ ହୋଇଥାଏ ।

**(୨) ଜଡ଼ତତ୍ତ୍ୱ, ପ୍ରକୃତି —**

ଚେତନ ଓ ଜଡ଼ତତ୍ତ୍ୱର ବିବେକପୂର୍ଣ୍ଣଜ୍ଞାନ "ହାନୋପାୟ" ଦୁଃଖନିବୃତ୍ତିର ମୁଖ୍ୟ ସାଧନ । ଦୁଃଖ ଜଡ଼ତତ୍ତ୍ୱର ସ୍ୱାଭାବିକ ଗୁଣ, କିନ୍ତୁ ଆତ୍ମାର ନୁହେଁ । ଜଡ଼ ଓ ଚେତନତତ୍ତ୍ୱ ମଧ୍ୟରେ ଆସକ୍ତି ତଥା ଅବିବେକପୂର୍ଣ୍ଣ ସଂଯୋଗ ହିଁ "ହେୟ" ଅର୍ଥାତ୍ ତ୍ୟାଜ୍ୟ, ଦୁଃଖର ବାସ୍ତବିକ ସ୍ୱରୂପ । ଚେତନ ତଥା ଜଡ଼ତତ୍ତ୍ୱର ଅବିବେକ ଅର୍ଥାତ୍ ମିଥ୍ୟାଜ୍ଞାନ ବା ଅବିଦ୍ୟା "ହେୟହେତୁ" ଦୁଃଖର କାରଣ । ହାନୋପାୟ ଦୁଃଖ ନିବୃତ୍ତିର ମୁଖ୍ୟ ସାଧନ ।

**(୩) ଚେତନତତ୍ତ୍ୱ, ପରମାତ୍ମା, ପୁରୁଷ ବିଶେଷ (ଈଶ୍ୱର ବ୍ରହ୍ମ)—**

ଈଶ୍ୱର ସର୍ବବ୍ୟାପକ, ସର୍ବଜ୍ଞାତା ଓ ସର୍ବଜ୍ଞ । ଦୁଃଖ ଓ କର୍ମଫଳରୁ ବଞ୍ଚିତ ଓ କର୍ମଫଳ ପ୍ରଦାୟକ । ଅବିଦ୍ୟା ଅନ୍ଧକାରକୁ ଛିନ୍ନ କରିବାର ଯୋଗ୍ୟ ଓ ମୁକ୍ତି ପ୍ରଦାୟକ ।

## ମୁଖ୍ୟ ଷଡ଼ଦର୍ଶନ

**ସାଂଖ୍ୟଦର୍ଶନ—**

ଏହି ଦର୍ଶନର ରଚୟିତା ମହର୍ଷି କପିଳ । ଏହି ମତରେ ମୂଳ ପ୍ରକୃତି (୧) ମହତ୍ ଅହଂକାର, ପଞ୍ଚତନ୍ମାତ୍ରା (୨) ଏକାଦଶ ଇନ୍ଦ୍ରିୟ, ପଞ୍ଚ ମହାଭୂତ (୩) ପୁରୁଷ, ପଚିଶଗୋଟି ତତ୍ତ୍ୱ । ଚେତନ ସାକ୍ଷୀ, କିନ୍ତୁ ଶରୀର ଭେଦରେ ବହୁବିଧ । ଅନ୍ଧ ପଙ୍ଗୁ ସାହାଯ୍ୟ ନ୍ୟାୟରେ ପ୍ରକୃତି ପୁରୁଷାପେକ୍ଷ ଏବଂ ପୁରୁଷ ପ୍ରକୃତି ସାପେକ୍ଷରେ

କାର୍ଯ୍ୟକ୍ରମ ହୁଏ । ସାଂଖ୍ୟଦର୍ଶନ ଈଶ୍ୱରଙ୍କୁ ପୁରୁଷ ରୂପରେ ଗ୍ରହଣ କରେ । ସାଂଖ୍ୟ ଦର୍ଶନକୁ ସାର୍ବଭୌମିକ ତଥା ପ୍ରାଚୀନତମ ରୂପରେ ସ୍ୱୀକାର କରାଯାଏ । ସାଂଖ୍ୟ ଦର୍ଶନର ପ୍ରଭାବ ଉପନିଷଦ, ରାମାୟଣ, ମହାଭାରତ ଇତ୍ୟାଦିରେ ଦେଖାଯାଏ । ଏଣୁ ଏହା ଉପନିଷଦ ରଚନାର ପୂର୍ବରୁ ରଚିତ ହୋଇଥିଲା । ପ୍ରଫେସର **ଗାର୍ବେ** କହନ୍ତି (୧୦୦ ଠାରୁ ୩୦୦ ଶତାବ୍ଦୀରେ) ଏହା ରଚନା କରାଯାଇଥିଲା । ସାଂଖ୍ୟର ବହୁ ପ୍ରାଚୀନ ଗ୍ରନ୍ଥ ଲୁପ୍ତ ହୋଇଛି । ସେମାନଙ୍କ ମଧ୍ୟରୁ କେତେକଙ୍କ ନାମ ନିମ୍ନରେ ପ୍ରଦତ୍ତ କରାଗଲା-(୧) କପିଳମୁନି କୃତ ତତ୍ତ୍ୱସମାସ (୨) ପଞ୍ଚଶିଖାଚାର୍ଯ୍ୟଙ୍କର ସୂତ୍ର (୩) ବର୍ଷଗଣ୍ୟାଚାର୍ଯ୍ୟଙ୍କ କୃତ ଷଷ୍ଠୀତନ୍ତ୍ର (୪) ସାଂଖ୍ୟସପ୍ତତି ବା ସାଂଖ୍ୟକାରିକା (୫) ସାଂଖ୍ୟ ସୂତ୍ର । କେତେକ ବିଦ୍ୱାନଙ୍କ ମତରେ ଷଷ୍ଠୀତନ୍ତ୍ରର ରଚୟିତା ପଞ୍ଚଶିଖାଚାର୍ଯ୍ୟ ।

**ନ୍ୟାୟଦର୍ଶନ—**

ଏହି ଦର୍ଶନର ରଚୟିତା ମହର୍ଷି ଗୌତମ । ତର୍କଶାସ୍ତ୍ର, ଅକ୍ଷପାଦ ଦର୍ଶନ, ହେତୁବିଦ୍ୟା, ବାଦବିଦ୍ୟା, ଅନ୍ୱୀକ୍ଷିକୀ ଇତ୍ୟାଦି ନ୍ୟାୟଦର୍ଶନର ଅନେକ ନାମ ଅଛି । ଏହାକୁ ଶାସ୍ତ୍ରଦ୍ୱାର ମଧ୍ୟ କୁହାଯାଏ । ଏହି ଶାସ୍ତ୍ରରେ ପ୍ରମାଣ ପ୍ରମେୟାଦି ଷୋହଳଟି ପଦାର୍ଥ ଏବଂ ପ୍ରତ୍ୟକ୍ଷ, ଅନୁମାନ, ଉପମାନ—ଏହି ଗୁଟିଏଟି ପ୍ରମାଣ ସ୍ୱୀକୃତ । ନ୍ୟାୟ ଏବଂ ବୈଶେଷିକ ଦର୍ଶନ ଉଭୟ ପରମାଣୁବାଦୀ । ବାତ୍ସାୟନଙ୍କର ନ୍ୟାୟଭାଷ୍ୟ, ଗୌତମଙ୍କର ନ୍ୟାୟସୂତ୍ରର ପ୍ରଥମ ଦେଖାଯାଏ । ବାତ୍ସାୟନଙ୍କର ଶାସ୍ତ୍ରରେ ବୌଦ୍ଧ-ନୈୟାୟିକଙ୍କ ନ୍ୟାୟକୁ ତୀବ୍ର ପ୍ରତିବାଦ କରାଯାଇଅଛି । କେତେକ କହନ୍ତି ଏହି ଭାଷ୍ୟ ଖ୍ରୀ. ପୂର୍ବ ୪୦୦ ପୂର୍ବେ ରଚନା କରାଯାଇଥିଲା । ଅନ୍ୟ କେତେକ ବିଦ୍ୱାନ କହନ୍ତି ବୌଦ୍ଧଧର୍ମର ପୂର୍ବରୁ ଏହି ଶାସ୍ତ୍ର ରଚନା କରାଯାଇଥିଲା । ଏହାର ରଚନା ବିଷୟରେ ଅନେକ ବିଦ୍ୱାନ ଭିନ୍ନ ମତ ପୋଷଣ କରନ୍ତି । ଡକ୍ଟର **ଏସ୍. ସି. ବିଦ୍ୟାଭୂଷଣ** କହନ୍ତି ଷଷ୍ଠଶତାବ୍ଦୀରେ ଏହି ଶାସ୍ତ୍ର ମିଥିଳାରେ ରଚନା କରାଯାଇଥିଲା । **ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ**ଙ୍କ ମତରେ ଏହାର ରଚନା କାଳ ଖ୍ରୀ. ପୂର୍ବ ପଞ୍ଚମଶତାବ୍ଦୀ । ଡକ୍ଟର ରାଧାକୃଷ୍ଣନଙ୍କ ମତରେ ନ୍ୟାୟ ଦର୍ଶନ ଖ୍ରୀ. ପୂର୍ବ ଚତୁର୍ଥ ଶତାବ୍ଦୀପୂର୍ବରୁ ରଚିତ ହୋଇଥିଲା ।

**ବୈଶେଷିକ ଦର୍ଶନ—**

ଏହି ଦର୍ଶନର ରଚୟିତା ମହର୍ଷି କଣାଦ । ଏଥିରେ **ବିଶେଷକୁ ଗୋଟିଏ ପଦାର୍ଥ** ରୂପରେ ସ୍ୱୀକାର କରାଯାଇଥିବାରୁ ଏହାକୁ ବୈଶେଷିକ ଦର୍ଶନ କହନ୍ତି ।

ଚୀନ ଦାର୍ଶନିକ **ଶଙ୍ଖ୍ୟାନ** ତଥା **କ୍ୱେଇଚୀ**ଙ୍କ ମତରେ ଏହି ଦର୍ଶନ ଅନ୍ୟ ଦର୍ଶନ ଅପେକ୍ଷା ଯୁକ୍ତିଯୁକ୍ତ । ଏଣୁ ଏହାକୁ ବୈଶେଷିକ ଦର୍ଶନ କୁହାଯାଏ । ଏହି ମତରେ ପ୍ରତ୍ୟକ୍ଷ ଓ ଅନୁମାନ ଦୁଇଟି ପ୍ରମାଣ ଅଛି । ଭାବ, ଅଭାବ ଭେଦରେ ପଦାର୍ଥ ଦୁଇ ପ୍ରକାର । ଜାତି, ଗୁଣ, ଦ୍ରବ୍ୟ, କର୍ମ, ବିଶେଷ ଓ ସମବାୟ--ଏହି ଛଅ ଗୋଟି ଭାବ ପଦାର୍ଥ ଏବଂ ଗୋଟିଏ ଅଭାବ ପଦାର୍ଥ । ରୂପ, ରସ ଓ ଗନ୍ଧ,ଏହି ଗୁଣଗୁଡ଼ିକ ଆକାଶରେ ନାହିଁ । ଶବ୍ଦ ହିଁ ଏହାର ସ୍ୱାଭାବିକ ଗୁଣ । ଆନୁମାନିକ ଭାବରେ ଏହାର ରଚନାକାଳ ନିର୍ଣ୍ଣୟ କରି ଏହା ଖ୍ରୀ: ପୂର୍ବ ଚତୁର୍ଥ ଶତାବ୍ଦୀରେ ରଚନା କରାଯାଇଥିଲା ବୋଲି କେତେକ ବିଦ୍ୱାନ ମତବ୍ୟକ୍ତ କରିଆନ୍ତି । ଏହାର ସମୟ ନିରୂପଣ ଅମୀମାଂସିତ ।

## ବେଦାନ୍ତ-ଦର୍ଶନର ତାତ୍ପର୍ଯ୍ୟ ଓ ଚରମ ପ୍ରଭାବ

ଯେଉଁମାନଙ୍କ ଦୃଷ୍ଟିରେ ସ୍ଥୂଳପଦାର୍ଥ ବହିଃରଙ୍ଗରେ ଆବଦ୍ଧ ସେମାନେ ଅବିଦ୍ୟାରେ ପଡ଼ିଥାନ୍ତି । ଯେଉଁମାନେ ସ୍ଥୂଳ ଓ ସୂକ୍ଷ୍ମ ପଦାର୍ଥ ଉଭୟଙ୍କୁ ଜାଣିଥାନ୍ତି ସେହି ତତ୍ତ୍ୱଦର୍ଶୀମାନେ ବେଦାନ୍ତବାଦୀ । ଜ୍ଞାନ, କର୍ମ ଓ ଉପାସନା ବଳରେ ପାର୍ଥିବ ଜ୍ଞାନର ବିଲୀନ ଘଟେ । ବେଦରେ ଓ ଦର୍ଶନ ସାହିତ୍ୟରେ ଈଶ୍ୱର ଅନୁସନ୍ଧାନର ପ୍ରୟାସ ଦେଖିବାକୁ ମିଳେ । ଈଶ୍ୱରାନୁସନ୍ଧାନରେ ବ୍ରତୀହୋଇ ସେମାନେ ଧର୍ମର ବିଭିନ୍ନ ସ୍ତରକୁ ଯାଇଥାନ୍ତି । ଯେଉଁମାନେ ବେଦାନ୍ତବାଦୀ ସେମାନଙ୍କର ଏହି ଜିଜ୍ଞାସା ହୁଏ । ସମସ୍ତ ସ୍ଥାନରେ ବ୍ରହ୍ମଙ୍କର ସତ୍ତା ବିଦ୍ୟମାନ । ଇନ୍ଦ୍ରିୟଗ୍ରାହ୍ୟ ବହିର୍ଜଗତ ଓ ଜଡ଼ବସ୍ତୁ ମଧ୍ୟରେ ଈଶ୍ୱର ଅନୁସନ୍ଧାନ କରୁଥିବା ବ୍ୟକ୍ତି ବ୍ରହ୍ମଦର୍ଶନରୁ ବଞ୍ଚିତ ହୋଇଥାଏ । ତା'ର ଆତ୍ମା ନିର୍ବିଶେଷ ଓ ସର୍ବବ୍ୟାପୀ ବୋଲି ଆତ୍ମବିଶ୍ୱାସ ଆସେ ନାହିଁ । ଏହି ଜାତୀୟ ବସ୍ତୁବାଦୀ-ବ୍ୟକ୍ତି ଇନ୍ଦ୍ରିୟ ପ୍ରଭାବର ବିକେନ୍ଦ୍ରୀକରଣ ଯୋଗୁଁ ଆତ୍ମଜ୍ଞାନରୁ ବଞ୍ଚିତ ହୋଇଥାଏ । ବେଦାନ୍ତ ଗୋଟିଏ ମୌଳିକ ତତ୍ତ୍ୱ । ତାହା ପୃଥିବୀର ସବୁ ଧର୍ମମତ ମଧ୍ୟରେ ନିହିତ ରହିଛି । ଏହି ତତ୍ତ୍ୱଟି ହେଲା ମନୁଷ୍ୟ ବ୍ରହ୍ମ ସହିତ ଅଭିନ୍ନ । ଆମେ ଆମର ଚତୁଃପାର୍ଶ୍ୱରେ ଯାହା ଦେଖୁଅଛୁ ତାହା ସବୁ ସେହି ଐଶୀ ଚେତନାର ସୃଷ୍ଟି । ମାନବ ପ୍ରକୃତି ମଧ୍ୟରେ ଯାହା କିଛି ଶକ୍ତିଶାଳୀ, ମଙ୍ଗଳମୟ ବା ଐଶ୍ୱର୍ଯ୍ୟବାନ୍ ତାହାସବୁ ସେହି ବ୍ରହ୍ମସତ୍ତାରୁ ଉଦ୍ଭୂତ ଏବଂ ଯଦିଓ ତାହା ଅନେକଙ୍କ ମଧ୍ୟରେ ସୁପ୍ତଭାବରେ ବିରାଜମାନ, ତଥାପି ପ୍ରକୃତ ପକ୍ଷରେ ମନୁଷ୍ୟ ଭିତରେ କୌଣସି ପ୍ରଭେଦ ନାହିଁ । କାରଣ ସମସ୍ତେ ହିଁ ବ୍ରହ୍ମଙ୍କ ସହିତ ଅଭିନ୍ନ । ଯେପରି ଏକ ଅନନ୍ତ ମହାସମୁଦ୍ର ବିଦ୍ୟମାନ ରହିଛି ଏବଂ ସମସ୍ତେ ସେହି ଅନନ୍ତ ମହାସମୁଦ୍ରର ତରଙ୍ଗରୂପେ ଉତ୍ଥିତ ହୋଇଅଛନ୍ତି ।

ଆମେ ପ୍ରତ୍ୟେକେ ସେହି ଅନନ୍ତର ବାହାରେ ପ୍ରକାଶ କରିବା ପାଇଁ ଆପ୍ରାଣ ଚେଷ୍ଟା କରୁଅଛୁ । ବେଦାନ୍ତ ମଧ୍ୟ ଏ କଥା ମଧ୍ୟ ସ୍ୱୀକାର କରେ ଯେ, ଆମ ସମାଜ-ଜୀବନରେ ପ୍ରତ୍ୟେକ କର୍ମକ୍ଷେତ୍ରରେ ଆମେ ଯେଉଁ ବିଶାଳ ଶକ୍ତିର ଅଭିବ୍ୟକ୍ତି ଦେଖିବାକୁ ପାଉଁ, ତାହା ପ୍ରକୃତରେ ଆମ ଅନ୍ତରରୁ ହିଁ ବାହାରକୁ ପ୍ରକାଶିତ ହୋଇଥାଏ । ଅତଏବ ଅନ୍ୟ ଧର୍ମ ସମ୍ପ୍ରଦାୟ ଯାହାକୁ ଅନୁପ୍ରେରଣା ବା ଐଶୀଶକ୍ତିର ଅନ୍ତଃପ୍ରବେଶ-ବୋଲି ମନେକରିଥାନ୍ତି, ବେଦାନ୍ତବାଦୀ ତାହାକୁ ହିଁ ମାନବର ଐଶୀଶକ୍ତିର ବହିର୍ବିକାଶ ନାମରେ ଅଭିହିତ କରିବାକୁ ଚାହାନ୍ତି, ଅଥଚ ସେ ଅପର ଧର୍ମସମ୍ପ୍ରଦାୟ ସହିତ ବିବାଦ କରିବାକୁ ଚାହାନ୍ତି ନାହିଁ । ଯେଉଁମାନେ ମନୁଷ୍ୟର ଏହି ବ୍ରହ୍ମତ୍ୱ ଉପଲବ୍ଧି କରିପାରନ୍ତି ନାହିଁ ସେମାନଙ୍କ ସହିତ ବେଦାନ୍ତବାଦୀମାନଙ୍କର କୌଣସି ବିରୋଧ ନାହିଁ, କାରଣ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ପ୍ରତ୍ୟେକ ବ୍ୟକ୍ତି ସେହି ବ୍ରହ୍ମଶକ୍ତିର ଉନ୍ମେଷ ପାଇଁ ଯତ୍ନଶୀଳ ।

ବେଦାନ୍ତବାଦୀମାନେ ବ୍ରହ୍ମ ଓ ଜଗତର ଭିନ୍ନତାକୁ ଚେତନ ଓ ଜଡ଼ ମାଧ୍ୟମରେ ବିଶ୍ୱାସ କରନ୍ତି । ନିର୍ଦ୍ଦିଷ୍ଟ ପଦାର୍ଥକୁ ସେହି ପଦାର୍ଥବୋଲି ଯୁକ୍ତି ବାଢ଼ିବା ଜ୍ଞାନ, ନିର୍ଦ୍ଦିଷ୍ଟ ପଦାର୍ଥକୁ ଅନିର୍ଦ୍ଦିଷ୍ଟ ଭାବେ ଭାବିବା ଅଜ୍ଞାନବୋଲି ବେଦାନ୍ତିମାନେ ମତବ୍ୟକ୍ତ କରିଥାନ୍ତି । ସାଂଖ୍ୟର ପୁରୁଷ ପ୍ରକୃତି ତତ୍ତ୍ୱ ବୈଶେଷିକ-ଦର୍ଶନର ମିଶ୍ରଣ ବା ଦ୍ରବ୍ୟତତ୍ତ୍ୱ, ନ୍ୟାୟଦର୍ଶନର ମୁକ୍ତିତତ୍ତ୍ୱ ଓ ମୀମାଂସା-ଦର୍ଶନର ସମାଧାନ-ତତ୍ତ୍ୱକୁ ବେଦାନ୍ତିମାନେ ଏକତତ୍ତ୍ୱର ସନ୍ନିବେଶ ବୋଲି ସ୍ୱୀକାର କରିଥାନ୍ତି । ବ୍ରହ୍ମାଣ୍ଡର ବାହାର ଓ ଅଭ୍ୟନ୍ତରରେ ଗୋଟିଏ ତତ୍ତ୍ୱ ରହିଛି, ଯେଉଁ ତତ୍ତ୍ୱକୁ ବିଜ୍ଞାନୀମାନେ ବିଭିନ୍ନ ଦୃଷ୍ଟିରେ ବିଚାର କଲେ ମଧ୍ୟ ଏହାର ମୂଳକାରଣ ଏକ ଓ ଅଭିନ୍ନ, ତାହା ବେଦାନ୍ତଦର୍ଶନବାଦୀମାନେ ଅସ୍ୱୀକାର କରିପାରନ୍ତି ନାହିଁ । ଜଡ଼-ବାଦ ଓ ଚେତନବାଦର ଭିନ୍ନତା ଚାର୍ବାକ୍-ଦର୍ଶନବାଦୀମାନଙ୍କ ପକ୍ଷରେ ସନ୍ଦେହ ସୃଷ୍ଟି କରିଥାଏ, କିନ୍ତୁ ପୂର୍ଣ୍ଣ ଜ୍ଞାନପ୍ରାପ୍ତ ବେଦାନ୍ତବାଦୀମାନେ ଜଡ଼ବାଦକୁ ଅବ-ଚେତନ-ବାଦ ବା ଅବିଦ୍ୟା-ବାଦ ବୋଲି ବେଦାନ୍ତ ଦର୍ଶନରେ ପ୍ରତିପାଦନ କରିଛନ୍ତି । ଚେତନ ବାଦକୁ ବିଶ୍ଳେଷଣ କରି ସେମାନେ କହନ୍ତି—"ଚୈତ-ଶକ୍ତିର ଅଭାବରେ ବ୍ରହ୍ମଙ୍କର ଚେତନଶକ୍ତିକୁ ବୁଝିହୁଏ ନାହିଁ । ବର୍ଣ୍ଣାଶ୍ରମ ମାଧ୍ୟମରେ ଏହି ଚେତନତ୍ୱର ସାନ୍ନିଧ୍ୟ ଲାଭକରିଥାନ୍ତି କେବଳ ଧୀ-ଶକ୍ତି-ସମ୍ପନ୍ନ ଅତିମାନସ-ବ୍ୟକ୍ତିମାନେ ।"

## ବେଦାନ୍ତ କ'ଣ ଭାରତୀୟ ଧର୍ମସଂସ୍କୃତିର ଆଧାର ?

ବୈଦିକ ସାହିତ୍ୟ ଓ ବେଦାନ୍ତ, ବିଶ୍ୱ-ସାହିତ୍ୟର ଆଦିସ୍ରୋତ । ଭାରତୀୟ ଧର୍ମ, ସଂସ୍କୃତି ଭାରତୀୟମାନଙ୍କ ମଧ୍ୟରୁ ଆବଦ୍ଧ କହିବା ଅସମୀଚୀନ । 'ବେଦ'

ବିଶ୍ୱ ସାହିତ୍ୟର ଅମ୍ଳାନ ଧର୍ମଗ୍ରନ୍ଥ । ସେଥିରେ ବିଜ୍ଞାନଙ୍କର ସୂତ୍ରପାତ କରା-ଯାଇଛି । ପାଶ୍ଚାତ୍ୟ ପଣ୍ଡିତ ଅଧ୍ୟାପକ **Maxmuller** ଙ୍କ ଭାଷାରେ ବେଦର ସଂସ୍କୃତ, ଧର୍ମ କେବଳ ଚେତନ-ବାଦକୁ ବିଶ୍ୱାସ କରେ । ଜଡ଼-ବାଦର ବିଜ୍ଞାନ ନ ହେଲେ ଚୈତନ୍ୟତ୍ୱ (ଜ୍ଞାନ ବା ପ୍ରଜ୍ଞା) ର ବିକାଶ ହୁଏ ନାହିଁ ବୋଲି ଅଧ୍ୟାପକ **Hereen** ବେଦାନ୍ତଶାସ୍ତ୍ର ଉପରେ ମନ୍ତବ୍ୟ କରିଛନ୍ତି ।

## ବ୍ୟାସଦେବ ଓ ବେଦାନ୍ତ-ଦର୍ଶନ—

କେତେକ ଅର୍ବାଚୀନ ପଣ୍ଡିତ ଭାରତୀୟ ସଂସ୍କୃତି ଓ ଶିଳାଲେଖ ଉପରେ ଅନୁଧ୍ୟାନ ନ କରି ପ୍ରବଳ ପାଶ୍ଚାତ୍ୟମୁଖୀ ଭାବରେ ମନ୍ତବ୍ୟ କରି କହନ୍ତି, ବ୍ୟାସଦେବ ବୋଲି କେହି ଜଣେ ବ୍ୟକ୍ତି ନ ଥିଲେ । ବ୍ୟାସ ଶବ୍ଦର ଅର୍ଥ ବିଭାଜ୍ୟ ବା ଖଣ୍ଡ ଖଣ୍ଡ । ଏଣୁ ବ୍ୟାସଦେବ ବେଦାନ୍ତଦର୍ଶନ ରଚନା କରିଥିବା କପୋଳକଳ୍ପିତ ଓ ମିଥ୍ୟାବୋଲି ସେମାନେ ମନ୍ତବ୍ୟ କରିଆନ୍ତି । ମହାଭାରତର ଲେଖକ ବ୍ୟାସଦେବ ଓ ବେଦର ବିଭାଜନକରଣ କରିଥିବା ବାକ୍ତି ବ୍ୟାସଦେବ ନୁହନ୍ତି । ଏହା ଏକ ସମୟର ରଚନା ନୁହେଁ । ପରବର୍ତ୍ତୀ ଅବସ୍ଥାରେ ବିଭିନ୍ନ ଋଷିଙ୍କଦ୍ୱାରା ମହାଭାରତ ରଚନା କରାଯାଇଛି । ଏହି ମତକୁ ବୈଦିକ ପଣ୍ଡିତମାନେ ଅସ୍ୱୀକାର କରନ୍ତି । ମହାଭାରତର ଲେଖକ ବ୍ୟାସଦେବ ଯେ କି ବେଦବ୍ୟାସ, ତାଙ୍କଦ୍ୱାରା ବେଦାନ୍ତଦର୍ଶନ ସୃଷ୍ଟି; ଏଣୁ ବେଦାନ୍ତଦର୍ଶନ ମହାଭାରତର ସମସାମୟିକ ବୋଲି ପ୍ରତୀୟମାନ ହୁଏ ।

## ବେଦାନ୍ତ ଦର୍ଶନ—

ମହର୍ଷି ବ୍ୟାସଦେବ ଏହି ଦର୍ଶନର ରଚୟିତା । ଜଗତ, ଜୀବ, ତଥା ଈଶ୍ୱରଙ୍କ ସ୍ୱରୂପ ତଥା ସମ୍ବନ୍ଧ ନିରୂପିତ ଏହି ଜ୍ଞାନକାଣ୍ଡ ବେଦର ଉତ୍ତରକାଣ୍ଡ ଅଟେ । ଏହି ଶାସ୍ତ୍ରରେ ସମସ୍ତ ବାଧାର ସମାଧାନ ଦେଖାଯାଏ । ଏହି ଦର୍ଶନ ମହାଭାରତର ସମସାମୟିକ । ଏହି ଶାସ୍ତ୍ରରେ କର୍ମକାଣ୍ଡ, ଜ୍ଞାନକାଣ୍ଡ, ନିତ୍ୟକର୍ମ, ନମିତ୍ତ କର୍ମ, ନୈମିତ୍ତିକ କର୍ମ, ପ୍ରାୟଶ୍ଚିତ୍ତ କର୍ମ, ଉପାସନାକାଣ୍ଡ, ମୀମାଂସାର ବିଚାର କରାଯାଇଛି । ପୂର୍ବ ମୀମାଂସାରେ କର୍ମକାଣ୍ଡ ଓ ଉତ୍ତର ମୀମାଂସାରେ ଜ୍ଞାନ-କାଣ୍ଡ ଉପରେ ବିଚାର କରାଯାଇଛି ।

## ମୀମାଂସା ଦର୍ଶନ—

ମହର୍ଷି **ଜୈମିନି** ଏହି ଦର୍ଶନର ରଚୟିତା । ଏହାର ପୂର୍ବରୁ ଆତ୍ରେୟ, ଆଶ୍ମରଥ, ଆଦି ନଅଜଣ ମୀମାଂସା ଆଚାର୍ଯ୍ୟ ଥିବାର ଜଣାଯାଏ । ଅନ୍ୟାନ୍ୟ

ଜୈମିନିଙ୍କୁ ଏହି ଗ୍ରନ୍ଥର ମୂଳ ପ୍ରବର୍ତ୍ତକ ଭାବରେ ଗ୍ରହଣ କରାଯାଏ । ଏହି ଦର୍ଶନର ବାରଗୋଟି ଅଧ୍ୟାୟ, ୯୦୯ ଅଧିକରଣ । ପ୍ରତି ଅଧିକରଣରେ ବିଷୟ, ସଂଶୟ, ପୂର୍ବପକ୍ଷ, ଉତ୍ତରପକ୍ଷ ଓ ନିର୍ଣ୍ଣୟ ଭେଦରେ ପାଞ୍ଚଗୋଟି ଲେଖାଏଁ ଅଙ୍ଗ ରହି ଗୋଟିଏ ଗୋଟିଏ ବିରୋଧର ମୀମାଂସା କରାଯାଇଛି । ଏହି ଦର୍ଶନ ମତରେ ବେଦ ଅପୌରୁଷେୟ । ଏହାକୁ ପୂର୍ବମୀମାଂସା କହନ୍ତି । ଏହା ଖ୍ରୀ: ପୂର୍ବ ଚତୁର୍ଥ ଶତାବ୍ଦୀ ପୂର୍ବରୁ ରଚନା କରାଯାଇଥିଲା ବୋଲି ଅନୁମେୟ । କେତେକ କହନ୍ତି **ଜୈମିନି** ବ୍ୟାସଦେବଙ୍କ ଶିଷ୍ୟ ଥିଲେ । ଏଣୁ ଏହି ଦର୍ଶନ ବ୍ୟାସଦେବଙ୍କର ସମ-ସାମୟିକ । ଶବର ମୀମାଂସା ସୂତ୍ର ଖ୍ରୀ: ପୂର୍ବ ପ୍ରଥମ ଶତାବ୍ଦୀରେ ରଚିତ ହୋଇଥିବ ବୋଲି କେତେକ ଅନୁମାନ କରନ୍ତି । ଅଧ୍ୟାପକ Jacobi ଙ୍କ ମତରେ ଏହା ଖ୍ରୀ: ପୂର୍ବ ୨୦୦ରୁ ୫୦୦ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିଲା । ଅଧ୍ୟାପକ Keith ଙ୍କ ମତରେ ଏହା ଖ୍ରୀ: ପୂର୍ବ ୪୦୦ ଶତାବ୍ଦୀ ମଧ୍ୟରେ ରଚିତ । କିନ୍ତୁ ଏହାର ସଠିକ୍ ରଚନାକାଳ ଅଦ୍ୟାବଧି ଯାଏ ନିର୍ଣ୍ଣୟ କରାଯାଇ ନାହିଁ ।

**ଯୋଗ ଦର୍ଶନ—**

ଏହି ଦର୍ଶନ ମହର୍ଷି ପତଞ୍ଜଳିଙ୍କ ଦ୍ୱାରା ରଚିତ । ଏହି ଦର୍ଶନରେ ତର୍କର ସ୍ଥାନ ନାହିଁ । ଯୋଗ, ଭକ୍ତି ଓ ଜ୍ଞାନ ଏହି ଦର୍ଶନର ଆଭିମୁଖ୍ୟ । ଋଗବେଦ ଐତରେୟ ବ୍ରାହ୍ମଣଙ୍କ ଶ୍ୱେତାଶ୍ୱତର ଆଦି ଉପନିଷଦରେ ଆସନ, ପ୍ରାଣାୟମ, ଧ୍ୟାନ ଧାରଣା ସମାଧିର ପୂର୍ଣ୍ଣ ବିବରଣ ଉପଲବ୍ଧ ହୁଏ । ପଦାର୍ଥ ନିର୍ଣ୍ଣୟ ଅଂଶରେ ଏହାର ମତ ସାଂଖ୍ୟମତ ସହିତ ଏକ ଥିବାରୁ ଏହାକୁ ସାଂଖ୍ୟପ୍ରବଚନ ମଧ୍ୟ କୁହନ୍ତି । ପ୍ରତ୍ୟକ୍ଷ, ଅନୁମାନ, ଆଗମ ଏହି ତିନୋଟି ପ୍ରମାଣ ସ୍ୱୀକୃତ । ପ୍ରକୃତ ପୁରୁଷର ସଂଯୋଗରେ ଏହି ସଂସାର ଏହି ଦର୍ଶନ ଗ୍ରହଣ କରିଥାଏ । **ଋଜମାର୍ତ୍ତଣ୍ଡ** ତାଙ୍କ ପ୍ରାରମ୍ଭିକ ଶ୍ଳୋକରେ ଲେଖିଛନ୍ତି : ମହାଭାଷ୍ୟର ଲେଖକ, ଯୋଗସୂତ୍ରର ଲେଖକ, ଚରକ ସଂହିତାର ଲେଖକ ଜଣେ ଅଟନ୍ତି, ସେ କି **ମହର୍ଷି ପତଞ୍ଜଳି** । ଖ୍ରୀ. ପୂର୍ବ ଚତୁର୍ଥ ଶତାବ୍ଦୀରେ ଏହା ରଚନା କରାଯାଇଛି ବୋଲି କେତେକ ବିଦ୍ୱାନ କହନ୍ତି । ଅଧ୍ୟାପକ Winternitz ଓ ଅଧ୍ୟାପକ Jacobi କହନ୍ତି ଏହି ଶାସ୍ତ୍ର ଖ୍ରୀ: ପୂର୍ବ ତୃତୀୟ ଶତାବ୍ଦୀରେ ରଚିତ ହୋଇଛି । ଅଧ୍ୟାପକ Macdonell ଓ ପଣ୍ଡିତ Maxmullerଙ୍କ ମତରେ ଯୋଗଦର୍ଶନ ଖ୍ରୀ: ପୂର୍ବ ଦ୍ୱିତୀୟ ଶତାବ୍ଦୀରେ ରଚନା କରାଯାଇଥିଲା । କିନ୍ତୁ ଏହି ମତଗୁଡ଼ିକ ସଠିକ ବୋଲି ଭାବିବା ଠିକ୍ ନୁହେଁ । ଅଦ୍ୟାବଧି ଏହାର ରଚନାକାଳ ସଠିକ୍ ଭାବରେ ମିଳି ନାହିଁ ।

ଯୋଗଦର୍ଶନ ଉପରେ ଅଲୋଚନାକରି Dr. Borror କହନ୍ତି—

Yogo is a system of discipline where by the union of the individual soul with God (or the Absolute, or Supreme Reality) is made possible. Its central aim being the contact of the finite individual self with the Infinite God.

Yoga is not different from religion, for the aim of both is the transformation of life in all its aspects. Both are concerned with the building of character. The supreme end and aim of yoga as well as religion is the attainment of God-realisation that is why both wish to lead man along the path of righteousness which takes him to God.

The aspirant must place implicit trust in the guiding light of Providence or God.

**ଅନ୍ୟାନ୍ୟ ଦର୍ଶନ ବୈଦିକ ଯୁଗର ପରବର୍ତ୍ତୀ—**

ବୈଦିକ ଯୁଗପରେ କେତେଗୁଡ଼ିଏ ଦର୍ଶନ ମଧ୍ୟ ରଚନା ହୋଇଥିଲା । ଯଥା:— ଚାର୍ବାକ, ବୌଦ୍ଧ, ଜୈନ ବା ଆର୍ହତ, ନକୁଲୀଶ, ପାଶୁପତ, ଶୈବ, ପୂର୍ଣ୍ଣପ୍ରଜ୍ଞ, ରାମାନୁଜ, ରସେଶ୍ୱର, ପାଣିନି । ଏହି ଦର୍ଶନଗୁଡ଼ିକ ପରସ୍ପର ବିରୋଧ ଏବଂ ଏଗୁଡ଼ିକ ସାଂପ୍ରଦାୟିକ ଭିତ୍ତିରେ ରଚନା କରାଯାଇଛି । ଚାର୍ବାକ ମତକୁ ବାଦ ଦେଲେ ଅନ୍ୟ ଦର୍ଶନଗୁଡ଼ିକ ପରମାତ୍ମାଙ୍କୁ ସ୍ୱୀକାର କରୁଥାଏ । ଏହି ଦର୍ଶନଶାସ୍ତ୍ରଗୁଡ଼ିକ ଏକ ସମୟରେ ଲେଖା ହୋଇନାହିଁ । ବିଭିନ୍ନ ସମୟରେ ଏହା ରଚନା କରାଯାଇଛି । ଏହାର ବିଶେଷ ବ୍ୟାଖ୍ୟା ବିଶେଷଜ୍ଞଙ୍କର ସଂସ୍କୃତ ସାହିତ୍ୟ ଇତିହାସରେ ମିଳିପାରିବ ।

## ଦର୍ଶନ ଓ ଉପନିଷଦରେ ବେଦବିରୁଦ୍ଧ ମତ ଅଛି କି ?

କେତେକ ପଣ୍ଡିତ ମୁଣ୍ଡକୋପନିଷଦର "ଅଗ୍ନିର୍ମୂର୍ଦ୍ଧା ଚକ୍ଷୁଷୀ" ମନ୍ତ୍ରଟି ଅର୍ଥ କଦର୍ଥ କରି କହନ୍ତି ଏହି ମନ୍ତ୍ରଟି ବେଦ ବିରୁଦ୍ଧ । କିନ୍ତୁ ଏହି ଉପନିଷଦ ବେଦକୁ

ପରମେଶ୍ବରଙ୍କର ବାଣୀ ବୋଲି ସ୍ବୀକାର କରିଥାଏ । ମୁଣ୍ଡକୋପନିଷଦର ପ୍ରଥମ ଖଣ୍ଡରେ ଯେଉଁମନ୍ତ୍ର ଦେଖାଯାଏ ତାହା ଦୁଇଟି ବିଦ୍ୟାର ସୂଚନା ଦିଏ ।

**ଦ୍ବେ ବିଦ୍ୟେ ବେଦିତବ୍ୟେ ଇତିସ୍ମ ଯଦ୍ ବ୍ରହ୍ମ ବିଦୋ ବଦନ୍ତି ପରା ଚୈବାପରା ଚ** ।। ମୁଣ୍ଡକ ୧ । ୧ । ୪ ।

ଏହାର ଅର୍ଥକୁ କେତେକ ପଣ୍ଡିତଙ୍କର ବୁଝିବାରେ ଭ୍ରମ ଦେଖାଯାଏ । ଏହାର ଅର୍ଥ-ବ୍ରହ୍ମବେତ୍ତା କହନ୍ତି ଯେ ଦୁଇପ୍ରକାର ବିଦ୍ୟାର ଜ୍ଞାନଲାଭ କରିବା ଉଚିତ ଅଟେ । (ପରା ଓ ଅପରା) **ଅପରା ବିଦ୍ୟାର** ଅର୍ଥ ଜଗତର ସମସ୍ତ ବିଦ୍ୟା ଧର୍ମକର୍ମର ଭ୍ରମସ୍ଥାନ ଓ ସତ୍ୟାସତ୍ୟ ଜ୍ଞାନଲାଭ । **ଅର୍ଥାତ୍** ବେଦ, ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷର ସମାବେଶ, କାରଣ ଏହା ଦ୍ବାରା ଧର୍ମ କର୍ମ ଓ ସମସ୍ତ ବିଦ୍ୟାର ସତ୍ୟାସତ୍ୟ ଜ୍ଞାନଲାଭ କରିହୁଏ । **ପରାବିଦ୍ୟା** ଅର୍ଥାତ୍— ଅବିନାଶୀ ବ୍ରହ୍ମ ବିଷୟରେ ଜ୍ଞାନଲାଭ କରିବା ବା ବ୍ରହ୍ମଙ୍କୁ ଜାଣିବା । **ବ୍ରାହ୍ମଧର୍ମ ପୁସ୍ତକ** (କଲିକତା ମୁଦ୍ରିତ) ଗ୍ରନ୍ଥରେ ଅପରା ଶବ୍ଦର ଅର୍ଥ ତୁଚ୍ଛ (ଅଶ୍ରେଷ୍ଠ) ବୋଲି ସ୍ବୀକାର କରାଯାଇଛି ଓ କୁହାଯାଇଛି ବେଦରେ ବ୍ରହ୍ମଜ୍ଞାନ ପ୍ରାପ୍ତିର ସୂଚନା ନାହିଁ । ଏହି ଭ୍ରାନ୍ତ ମତବାଦକୁ ବୈଦିକ ପଣ୍ଡିତମାନେ ଖଣ୍ଡନକରି ବେଦ ବ୍ରହ୍ମଜ୍ଞାନର ଆଧାର ବୋଲି ବହୁ ପ୍ରମାଣ ଦେଇ ପ୍ରମାଣିତ କରିଛନ୍ତି ଯଥା.—

ସର୍ବେବେଦାଯତ୍ପଦମାମନନ୍ତି ।। କଠ । ୨ । ୧୫

"ତମେତଂ ବେଦାନୁବଚନେନ ବ୍ରାହ୍ମଣା ବିବିଦିଷନ୍ତି ।। ବୃହଦାରଣ୍ୟକ, ୪।୪।୨୨

ବେଦ ବ୍ରହ୍ମଜ୍ଞାନର ମୂଳ ଆଧାର । ଅପରାବିଦ୍ୟାର ଅର୍ଥ :—ବେଦକୁ ଅର୍ଥସହିତ ଶୁଣିବା ଓ ପରା ବିଦ୍ୟାର ଅର୍ଥ:— ଯେଉଁ ମନୁଷ୍ୟ ବ୍ରହ୍ମବିଦ୍ୟାକୁ ମନନକରି ନିଦିଧ୍ୟାସନ ଦ୍ବାରା ବ୍ରହ୍ମଙ୍କୁ ସାକ୍ଷାତ କରି ବ୍ରହ୍ମ ବିଷୟକ ସତ୍ୟାସତ୍ୟ ଜ୍ଞାନ ଲଭନ୍ତି **ପରାବିଦ୍ୟା** କୁହାଯାଏ । ଏହାକୁ **ବ୍ରାହ୍ମଧର୍ମ ମତାବଲମ୍ବୀ**ଙ୍କର ଭ୍ରମାତ୍ମକ ମତକୁ ଗ୍ରହଣ କରିବା ଅଯୌକ୍ତିକ । ମୋଟ ଉପରେ କହିବାକୁ ଗଲେ ଦର୍ଶନ ଓ ଉପନିଷଦରେ ବେଦବିରୁଦ୍ଧ ମତ ଦେଖାଯାଏ ନାହିଁ ।

## ବେଦ ସମ୍ବନ୍ଧରେ ମହର୍ଷି ଦୟାନନ୍ଦଙ୍କ ଦୃଷ୍ଟିକୋଣ—

ବେଦ ଈଶ୍ବରୀୟଜ୍ଞାନ ଓ ନିତ୍ୟ ଅଟେ । ପରମାତ୍ମା ସର୍ବଜ୍ଞ, ସର୍ବଶକ୍ତିମାନ୍ ଓ ନିରାକାର ଅଟନ୍ତି, କିନ୍ତୁ ଜୀବ ସର୍ବଜ୍ଞ ନୁହେଁ । ଜୀବାତ୍ମା କର୍ମ ଫଳ ଭୋଗୀ

କରେ । ବେଦ ସତ୍ୟବିଦ୍ୟାର ପୁସ୍ତକ ଅଟେ । ଏହାକୁ ପଢାଇବା ପଢିବା ସମସ୍ତ ଆର୍ଯ୍ୟର ପରମ କର୍ତ୍ତବ୍ୟ ।

**ବେଦ କାହାକୁ କହନ୍ତି :—**

ବିଦ୍ ଧାତୁରୁ ବେଦ ଶବ୍ଦ ନିଷ୍ପନ୍ନ । କର୍ମ, ଜ୍ଞାନ, ଉପାସନା ଏହି ତିନୋଟି ଏକତ୍ର କଲେ ବିଦ୍ ଧାତୁକୁ ବୁଝାଏ । ଯେ ଈଶ୍ୱରୀୟ ସତ୍ୟବିଦ୍ୟାଯୁକ୍ତ ଋଗ୍‌ସଂହିତା (ଋକ, ସାମ, ଯଜୁ, ଅଥର୍ବ ବେଦ) ସତ୍ୟାସତ୍ୟ ଜ୍ଞାନ ଯାହାଦ୍ୱାରା ଉଦସ୍ଥ ହୁଏ ସେ ବେଦ ଅଟେ । ବେଦର ଜ୍ଞାନ ନିତ୍ୟ ଅଟେ । କାରଣ ବେଦଜ୍ଞାନର ବିଲୀନ ହୁଏ ନାହିଁ । ଏହା ସନାତନ ଈଶ୍ୱରୀୟ ବାଣୀ ଯୋଗୁଁ ବେଦକୁ ଓ ଏହାର ଜ୍ଞାନକୁ ନିତ୍ୟ ବୋଲି ସ୍ୱୀକାର କରାଯାଉଛି । ବେଦରେ ଇତିହାସର ଅଭାବ ଦେଖାଯାଏ । ଏହାର ଅନ୍ୟନାମ ଶ୍ରୁତି; କାରଣ ଏହି ଈଶ୍ୱରୀୟଜ୍ଞାନ (ମନ୍ତ୍ର)କୁ ପ୍ରଥମେ ଶୁଣି ମନେ ରଖାଯାଉଥିଲା ।

**ପ୍ରତ୍ୟେକ ମନ୍ତ୍ର ଓ ଋଷି —**

ବେଦମନ୍ତ୍ରଗୁଡିକୁ ଯେଉଁ ଋଷିମାନେ ତା'ର ବାସ୍ତବ ଅର୍ଥ ପ୍ରକାଶ କରିଛନ୍ତି ପ୍ରତି ମନ୍ତ୍ରରେ ସେମାନଙ୍କୁ ସ୍ମରଣ କରିବାପାଇଁ ମନ୍ତ୍ର ନିକଟରେ ଋଷି-ମାନଙ୍କ ନାମ ରଖାଯାଇଛି । ମନ୍ତ୍ର ନିକଟରେ ଯେଉଁ ଋଷିଙ୍କ ନାମ ମିଳେ ସେହି ଋଷି ହିଁ ସେହି ମନ୍ତ୍ରର ତତ୍ତ୍ୱାର୍ଥ ପ୍ରକାଶ କରିଛନ୍ତି । ସମାଧି ଅବସ୍ଥାରେ ଋତମ୍ଭରା ଋଷିମାନେ ମନ୍ତ୍ରର ଅର୍ଥ ଓ ଏହାର ସ୍ୱରୂପ ଦିବ୍ୟଦୃଷ୍ଟିରେ ଦେଖି ପ୍ରଭୁଙ୍କ ନିର୍ଦ୍ଦେଶ କ୍ରମେ ବେଦ ମନ୍ତ୍ରର ସତ୍ୟାସତ୍ୟ ରହସ୍ୟ ପ୍ରକାଶ କରିଥିବାରୁ ମନ୍ତ୍ର ନିକଟରେ ଋଷିଙ୍କ ନାମ ଦେଖିବାକୁ ମିଳେ ।

●

## ଲେଖକଙ୍କର ଅନ୍ୟାନ୍ୟ ରଚନା

୧—ସଂସ୍କୃତ ସାହିତ୍ୟର ଇତିହାସ    ୨—ବୈଦିକ ସାହିତ୍ୟର ଇତିହାସ
୩—ଭାରତୀୟ ଲିପିବିଜ୍ଞାନର ଇତିହାସ    ୪—ବୈଷ୍ଣବ ସାହିତ୍ୟର ଇତିହାସ
୫—ବାଳବ୍ରତ (୧୩ଗୋଟି ଭାଷାରେ ଅନୁବାଦ)
୬—ପ୍ରସୂନ ମଞ୍ଜରୀ (ପୁରସ୍କୃତ କାବ୍ୟ)
୭—ନବ୍ୟ ଶ୍ରୀ ରାମାୟଣ ଗୀତିନାଟ୍ୟ (କ୍ୟାସେଟ୍)
୮—ସତୀଅନସୂୟା ଗୀତିନାଟ୍ୟ (କ୍ୟାସେଟ୍)
୯—ସଂସ୍କୃତର ଅପ୍ରୋକ୍ତ ବେଦ,(ସାହିତ୍ୟଏକାଡେମୀ ଗ୍ରନ୍ଥାଳୟରେ ପ୍ରକାଶିତ)
୧୦—ଅମୃତର ନାଦସ୍ପର୍ଶ (ଆଧ୍ୟାତ୍ମିକ କାବ୍ୟ)
୧୧—ଜୀବନ ଓ ପ୍ରେମ (କବିତା)    ୧୨—ନୂଆଁ ଜଳଦ (କବିତା)
୧୩—ବେଦର ବାସ୍ତବ ରୂପରେଖ (ଅପ୍ରକାଶିତ)